# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ନଭେମ୍ବର ୧୧/୨୦୧୯ (୧୬ ପୃଷ୍ଠା) Sambalpur, Monday, November 11 / 2019 ★★

୧୫ଶ ଭାଗ ୩୨୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-




**ଶେଫାଳୀଙ୍କ ବିରଳ କୃତିତ୍ୱ**

ଦେଶର ସର୍ବକନିଷ୍ଠ ଖେଳାଳି ଭାବେ ୧୫ ବର୍ଷୀୟା ଶେଫାଳୀ ବର୍ମା ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଅର୍ଦ୍ଧଶତକ ହାସଲ କରିଛନ୍ତି। ସେ ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇ ଦେଇଛନ୍ତି।

୧୪

୦୨

**ପୁଣି ବଡ଼ ପରଦାରେ ଶିଳ୍ପା ସେଟ୍ଟୀ**

ଦୀର୍ଘ ୧୩ ବର୍ଷ ପରେ ପୁଣି ବଡ଼ ପରଦାରେ ଶିଳ୍ପାଙ୍କୁ ଦେଖିବାକୁ ମିଳିବ। ଶବୀର ଖାନ୍‌ଙ୍କ ଆକ୍ସନ ଫିଲ୍ମ 'ନିକମ୍ମା'ରୁ ସେ ବଲିଉଡ୍ କମ୍‌ବ୍ୟାକ୍ କରିବେ।



# ଅପେକ୍ଷାରତ

ଦୀର୍ଘ ବର୍ଷ ଧରି ଲାଗି ରହିଥିବା ଅଯୋଧ୍ୟା ବିବାଦର ଚୂଡ଼ାନ୍ତ ରାୟ ୯ ନଭେମ୍ବର ୨୦୧୯ରେ ସୁପ୍ରିମକୋର୍ଟ ପ୍ରକାଶ କରିଛନ୍ତି। ୨.୭୭ ଏକର ବିଶିଷ୍ଟ ବିବାଦୀୟ ଭୂମିରେ ରାମ ମନ୍ଦିର ପ୍ରତିଷ୍ଠା ହେବା ନେଇ ରାୟରେ କୁହାଯାଇଛି। ଏଥିସହିତ ନିର୍ଦ୍ଦେଶ ଦିଆଯାଇଛି ଯେ, ଅଯୋଧ୍ୟାର ଏକ ପ୍ରମୁଖ ସ୍ଥାନରେ ୫ ଏକର ପରିମିତ ଉପଯୁକ୍ତ ଜମି ସୁନ୍ନି ୱାକଫ୍ ବୋର୍ଡକୁ ହସ୍ତାନ୍ତର କରାଯାଉ। ବିଧ୍ୱସ୍ତ ମସ୍‌ଜିଦ ଢାଞ୍ଚା ତଳେ ଏକ ମନ୍ଦିର ଥିବା ନେଇ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା ସର୍ଭେ କରିଛି। ଅନ୍ୟପକ୍ଷରେ ବାବ୍ରୀ ମସ୍‌ଜିଦ ଭଙ୍ଗାଯିବା ଆଇନର ଉଲ୍ଲଂଘନ ଥିଲା ବୋଲି ସୁପ୍ରିମକୋର୍ଟଙ୍କ ପୀଠ ରାୟ ଦେଇଛନ୍ତି।

ଆଇନଗତ ଦିଗକୁ ତର୍ଜମା କରିଚାଲିଲେ ଅନେକ କିଛି ବିଷୟ ଆଲୋଚନା ପରିସରକୁ ଆସିବ। କିନ୍ତୁ ଆଜିର ସାମାଜିକ ଓ ଅର୍ଥନୈତିକ ସ୍ଥିତି ଦେଖିଲେ ଅଯୋଧ୍ୟା ପ୍ରସଙ୍ଗକୁ ନେଇ ଭାରତର ଯୁବପିଢ଼ି ଚିନ୍ତିତ ନାହାନ୍ତି। ସେମାନଙ୍କୁ ଏବେ ଯେଉଁ ବିଷୟ ବ୍ୟଥିତ କରିଚାଲିଛି, ତାହା ହେଉଛି ବେକାର ସମସ୍ୟା। କଥାରେ ଅଛି ଭୋକିଲା ପେଟରେ ଧର୍ମଚିନ୍ତା ଆସେ ନାହିଁ। କେବଳ ଇତିହାସକୁ ରୋମନ୍ଥନ କଲେ ବଞ୍ଚିବା କଷ୍ଟକର। ବରଂ ଇତିହାସରୁ ଶିକ୍ଷା ଗ୍ରହଣ କରି ଭବିଷ୍ୟତରେ କିଭଳି ଜୀବନକୁ ବିକାଶୋନ୍ମୁଖୀ କରିହେବ ତାହା ହେବା କଥା ମୁଖ୍ୟ ପ୍ରସଙ୍ଗ। ଏବର ପରିସ୍ଥିତିକୁ ଦେଖିଲେ ସବୁଆଡ଼େ ବିକାଶ ବିଷୟ ଉଲ୍ଲେଖ କରାଯାଉଛି। ମାତ୍ର ବାସ୍ତବତା ଭିନ୍ନ ଚିତ୍ର ଆଙ୍କୁଛି। ଅର୍ଥନୈତିକ ମାନ୍ଦାବସ୍ଥା ବର୍ତ୍ତମାନ ଦେଶର ମେରୁଦଣ୍ଡକୁ ଦୋହଲାଇ ଦେଇଛି। ବ୍ୟକ୍ତି ପାଖରେ ଅର୍ଥ ନ ରହିଲେ ତା'ର ବଜାରଯିବା ବନ୍ଦ। ଏହି ପରିପ୍ରେକ୍ଷୀରେ ଭାରତୀୟ ବଜାର ଅର୍ଥନୀତିକୁ ଦେଖିଲେ ଏହା ଏକ ଉପଭୋକ୍ତା ଦେଶ ଭାବେ ଜଣାଶୁଣା। ଏଠାରେ ଭାରତୀୟମାନେ ପ୍ରଯୁକ୍ତିବିଦ୍ୟା (ଆଇଟି)ରେ ଉତ୍କର୍ଷଲାଭ କରିଛନ୍ତି ବୋଲି ଡିଣ୍ଡିମ ପିଟା ଯାଉଛି। ପ୍ରକୃତରେ ଦେଖିଲେ ଏ ଦେଶର ଗବେଷକ ଗୁଗଲ୍, ଫେସ୍‌ବୁକ୍, ଟୁଇଟର ଭଳି ପ୍ରଯୁକ୍ତିବିଦ୍ୟାଭିତ୍ତିକ ଆପ୍ଲିକେଶନ ଦୁନିଆକୁ ଭେଟି ଦେଇପାରି ନାହାନ୍ତି। ଚାଇନା କଥା ଦେଖିଲେ ମେସେଜିଂ ଆପ୍ 'ୱିଇଚାଟ୍' ଏବଂ ଗୁଗଲ୍ ଭଳି ସର୍ଚ୍ଚଇଞ୍ଜିନ୍ 'ବାଇଡୁ' ଉଦ୍ଭାବନ କରି ତା'ର ପ୍ରଯୁକ୍ତିବିଦ୍ୟାକୁ ସଶକ୍ତ କରିପାରିଛି। କେବଳ ଚାଇନା ନୁହେଁ, ପୃଥିବୀର ଖୁବ୍ ଛୋଟ ଦେଶ ଯେଉଁ କ୍ଷେତ୍ରରେ ଅଗ୍ରଗତି କରିପାରିଛନ୍ତି ଭାରତ ସେଥିରେ ସାମର୍ଥ୍ୟ ରଖିପାରି ନ ଥିବାର ଦୃଷ୍ଟାନ୍ତ ଖୋଜିଲେ ବାରମ୍ବାର ମିଳୁଛି। ମହାକାଶକୁ ଭାରତ ପଠାଉଥିବା ଅନେକ ରକେଟର ଯନ୍ତ୍ରପାତି ଦେଖିଲେ ବାହାର ଦେଶରୁ ଆମଦାନୀ ହେଉଛି। ସେଗୁଡ଼ିକୁ ଯୋଡ଼ାଯୋଡ଼ି କରି ବାହାବା ନିଆଯାଉଛି। ଏହିଭଳି ଅନେକ କ୍ଷେତ୍ରକୁ ବାଛିବାଛି ଦେଖିଲେ ଏବେ ଭାରତ ବିଶ୍ୱ ସମୁଦାୟ ସମ୍ମୁଖରେ ନୂଆ ଚିନ୍ତାଧାରା ଛାଡ଼ିପାରୁ ନାହିଁ। ପଡ଼ୋଶୀ ଦେଶ ସହ ସୁସମ୍ପର୍କ ନ ଥିବାରୁ ବାଣିଜ୍ୟିକ କାରବାର ଆଖିଦୃଶିଆ ହୋଇପାରୁ ନାହିଁ। ବହିର୍ବ୍ୟାପାର ସମ୍ପର୍କ ଦୃଢ଼ୀଭୂତ ହୋଇପାରୁ ନ ଥିବାରୁ ବାଂଲାଦେଶ ଭଳି ବନ୍ଧୁ ରାଷ୍ଟ୍ର ମନ ଉଣା କଲେଣି।

ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ବିବାଦ ଯୋଗୁ ଅତୀତରେ ଅନେକ ହିଂସାକାଣ୍ଡ ଓ ଦଙ୍ଗା ହୋଇଛି। ଏହି ଭୂମି ପାଇଁ ବହୁ ଲୋକଙ୍କ ଜୀବନ ଯାଇଛି। ହୁଏତ ଭାରତୀୟ ଯୁବପିଢ଼ି ଅନୁଭବ କଲାଣି ଯେ, ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧିରେ ସାମ୍ପ୍ରଦାୟିକ ବିବାଦରେ ଲିପ୍ତ ରହିଲେ କୌଣସି ସମ୍ପ୍ରଦାୟ ବା ବର୍ଗକୁ ଲାଭ ମିଳିବ ନାହିଁ। ଜନସଂଖ୍ୟା, ଅଶିକ୍ଷା, ଗରିବୀ, ଅନ୍ଧବିଶ୍ୱାସ, ବେକାରି, ଦୁର୍ନୀତି, ଜଳାଭାବ ଓ ପ୍ରଦୂଷଣ ଭଳି ସମସ୍ୟାର ତାଲିକା ପ୍ରସ୍ତୁତ କଲେ ତାହା ଲମ୍ବିଚାଲିବ।

ଆମେ ସମସ୍ତେ ଜାଣୁ ଯେ ପୃଥିବୀ ଇତିହାସରେ ଶାସକମାନେ ସବୁବେଳେ ଧର୍ମ ଆଢୁଆଳରେ ରହି କୁଶାସନ ବିଛାଇବାକୁ ଚେଷ୍ଟା କରନ୍ତି। ଧର୍ମ ନାମରେ ସାଧାରଣ ନାଗରିକଙ୍କୁ ଅନ୍ଧ କରିବା ନୂଆ ଚିନ୍ତାଧାରା ନୁହେଁ। ସେହି ଅନ୍ଧ ନାଗରିକ କେବେହେଲେ ବାସ୍ତବ ଚିତ୍ର ଦେଖିବାରେ ସଫଳ ହୁଏନାହିଁ। ସେଥିପାଇଁ ଆଜିର ଉତ୍କଟ ପରିସ୍ଥିତିରେ ଶାନ୍ତି ପ୍ରତିଷ୍ଠା କରିବାକୁ ଯାଇ ସର୍ବୋଚ୍ଚ ନ୍ୟାୟାଳୟର ସାମ୍ବିଧାନିକ ପୀଠ ଦେଇଥିବା ନିଷ୍ପତ୍ତିକୁ ଖୁଣି ହେବ ନାହିଁ। ଏହା ଏକ ଭିନ୍ନ ପ୍ରଶ୍ନ ହୋଇପାରେ ଯେ, ଶାନ୍ତି ସ୍ଥାପନର ଦ୍ୱାହି ଦେଇ 'ଜୋର ଯା'ର ମୁଲକ ତାର' ଚିନ୍ତାଧାରାକୁ ବଳବତ୍ତର କରାଯାଇଛି। ନ୍ୟାୟ ବ୍ୟବସ୍ଥାରେ ଶାନ୍ତି ପ୍ରତିଷ୍ଠା କରିବାର ଉଦ୍ୟମ ଭାରତୀୟ ବ୍ୟବସ୍ଥାର ବିରାଟବଡ଼ ଦୁର୍ବଳତା ଦର୍ଶାଉଛି। ସତେଯେମିତି ସରକାର ନିଜ ମୁଣ୍ଡରେ ଦାୟିତ୍ୱ ନେବା ପରିବର୍ତ୍ତେ ଅଦାଲତର ୫ ଜଣ ବିଚାରପତିଙ୍କ ଦ୍ୱାରା ନିଜର କର୍ତ୍ତବ୍ୟକୁ ସମ୍ପାଦନ କରୁଛି। ଅବଶ୍ୟ ଏଠାରେ ଅବସର ନେବାକୁ ଯାଉଥିବା ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା କରିବାକୁ ପଡ଼ିବ।

**ତଥାଗତ ସତପଥୀ**

ଗୋଗୋଇଙ୍କ ନିକଟ ଅତୀତର ପ୍ରାୟ ସବୁ କାର୍ଯ୍ୟ ସାମାଜିକ ସ୍ତରରେ ତୀବ୍ର ସମାଲୋଚନାର ଶିକାର ହୋଇଛି। ପ୍ରଧାନ ବିଚାରପତିଙ୍କ କାର୍ଯ୍ୟାଳୟର କାର୍ଯ୍ୟରତା ଜଣେ ଯୁବତୀ ଗୋଗୋଇଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ଆଣିବାଠାରୁ ଆରମ୍ଭ କରି ନିଜ ରାଜ୍ୟ ଆସାମରେ ଜୋରଜବରଦସ୍ତ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) କରାଇ ଅନେକ ଲକ୍ଷ ଲୋକଙ୍କୁ ନାଗରିକତ୍ୱରୁ ବିଦା କରିଦେବା ଭଳି ବିବାଦୀୟ କାର୍ଯ୍ୟ ତାଙ୍କ ଭାବମୂର୍ତ୍ତିକୁ ପ୍ରବଳ ଭାବେ ଆଘାତ ପହଞ୍ଚାଇଥିଲା। ଏହି ଗୋଟିଏ ହିନ୍ଦୁତ୍ୱ ସପକ୍ଷବାଦୀ ରାୟ ମାଧ୍ୟମରେ ନିଜର ଭାବମୂର୍ତ୍ତି ଉଦ୍ଧାର କରିପାରିଛନ୍ତି ଗୋଗୋଇ।

ଏବେ ଶାନ୍ତି ପ୍ରତିଷ୍ଠା ହୋଇଛି। ସବୁ ରାଜନୈତିକ ଦଳର ଗୁଣ୍ଡମାନେ ଭବିଷ୍ୟତରେ କ'ଣ କରିବେ, ସେଥିପାଇଁ ନେତାଙ୍କୁ ଅନାଇ ବସିଛନ୍ତି। ଝଡ଼ ପୂର୍ବର ନୀରବତା ଭଳି ଏବେ ସବୁ ପ୍ରଶାନ୍ତ ମନେହେଉଛି। ଅନ୍ୟପଟେ ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ, ହିନ୍ଦୁ ଓ ମୁସଲମାନ କେହି ବିବାଦୀୟ ଜମି ଉପରେ ନିଜର ମାଲିକାନା ପ୍ରମାଣ କରିପାରି ନାହାନ୍ତି। ସେଥିପାଇଁ କୌଣସି ଧର୍ମ ପରିବର୍ତ୍ତେ କେନ୍ଦ୍ର ସରକାରଙ୍କୁ ଜମି ହସ୍ତାନ୍ତର କରିବାକୁ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ମନ୍ଦିର ଗଢ଼ିବା ସହିତ ମସ୍‌ଜିଦ ଗଢ଼ିବା ଦାୟିତ୍ୱ କେନ୍ଦ୍ରକୁ ଦିଆଗଲା। ଉଭୟ ମନ୍ଦିର ଓ ମସ୍‌ଜିଦର ପରିଚାଳନା ଟ୍ରଷ୍ଟ ବୋର୍ଡ଼ ଗଠନ କରିବ କେନ୍ଦ୍ର ସରକାର। ଏହା ନିଶ୍ଚିତଭାବେ ଭାଜପା ପାଇଁ ଏକ ବିରାଟ ବିଜୟ। ମଙ୍ଗ ହରାଇ ବସିଛନ୍ତି ବିରୋଧୀ।

କିନ୍ତୁ ଭାରତ କୁଆଡ଼େ ଯିବ ? ଆମ ଦେଶର ଅର୍ଥନୈତିକ ପରିସ୍ଥିତି ସମ୍ପର୍କରେ ସମସ୍ତେ ଜାଣିଛନ୍ତି। ଏକବିଂଶ ଶତାବ୍ଦୀରେ ଧର୍ମପୀଠ ଦ୍ୱାରା କେତେ ଯୁବତୀଯୁବକଙ୍କ ପେଟ ପୂରିବ, ତାହା ଦେଖିବାକୁ, ଆମେ ଯଦି ବଞ୍ଚିଥିବୁ, ଅପେକ୍ଷାରତ।

# ୩ ଲକ୍ଷ ହେକ୍ଟର ଫସଲ ନଷ୍ଟ

**ଭୁବନେଶ୍ୱର,୧୦।୧୧(ବ୍ୟୁରୋ)**

**ବୁଲ୍‌ବୁଲ୍: ପ୍ରାଥମିକ କ୍ଷୟକ୍ଷତି ଆକଳନ**

- ୫୫୦୦ ଘର ଆଂଶିକ କ୍ଷତିଗ୍ରସ୍ତ
- ଆଜି ଆକାଶମାର୍ଗରୁ କ୍ଷୟକ୍ଷତି ଦେଖିବେ ମୁଖ୍ୟମନ୍ତ୍ରୀ



ବାତ୍ୟା 'ବୁଲ୍‌ବୁଲ୍' ଦ୍ୱାରା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର ଏବଂ ମୟୂରଭଞ୍ଜ ଆଦି ୬ ଜିଲା ପ୍ରଭାବିତ ହୋଇଛି। ପ୍ରାଥମିକ ଆକଳନ ଅନୁଯାୟୀ ଏହିସବୁ ଜିଲାର ପ୍ରାୟ ୩ ଲକ୍ଷ ହେକ୍ଟର ଚାଷଜମି ପ୍ରଭାବିତ ହୋଇଛି। ତନ୍ମଧ୍ୟରୁ ୨ ଲକ୍ଷ ହେକ୍ଟରରୁ ସାମାନ୍ୟ ଅଧିକ ଜମି ୩୩%ରୁ ଊର୍ଦ୍ଧ୍ୱ ପ୍ରଭାବିତ ହୋଇଛି। ସେହିପରି ବିଭିନ୍ନ ଗଣମାଧ୍ୟମରେ ୩ ମୃତ୍ୟୁ ସମ୍ପର୍କିତ ଖବର ପ୍ରକାଶ ପାଇଥିଲା। ହେଲେ ତନ୍ମଧ୍ୟରୁ ୨ ମୃତ୍ୟୁ ବୁଲ୍‌ବୁଲ୍ ଦ୍ୱାରା ନୁହେଁ, ଅନ୍ୟ ଗୋଟିଏ ମୃତ୍ୟୁ ସମ୍ପର୍କିତ ତଦନ୍ତ ଜାରି ରହିଥିବା ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି) ପ୍ରଦୀପ ଜେନା ସୂଚନା ଦେଇଛନ୍ତି। କ୍ଷୟକ୍ଷତି ସମ୍ପର୍କରେ ୬ ଜିଲାର ଜିଲାପାଳ ଏବଂ କୃଷି ଅଧିକାରୀଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ ଆଲୋଚନା କରାଯାଇଛି। ଜିଲାପାଳଙ୍କୁ ୫ ଦିନ ମଧ୍ୟରେ କ୍ଷୟକ୍ଷତି ସମ୍ପୂର୍ଣ୍ଣ ରିପୋର୍ଟ ପ୍ରସ୍ତୁତ କରି ଦେବା ପାଇଁ କୁହାଯାଇଥିବା

ଅନ୍ୟପକ୍ଷରେ ସୋମବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆକାଶମାର୍ଗରୁ 'ବୁଲ୍‌ବୁଲ୍' ପ୍ରଭାବିତ ଅଞ୍ଚଳକୁ ଅନୁଧ୍ୟାନ କରି କ୍ଷୟକ୍ଷତି ଦେଖିବେ। ଏହାପରେ ସନ୍ଧ୍ୟାରେ ଲୋକସେବା ଭବନରେ 'ବୁଲ୍‌ବୁଲ୍' ପରବର୍ତ୍ତୀ ପୁନରୁଦ୍ଧାର ଏବଂ ସହାୟତା ସମ୍ପର୍କିତ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେବେ। ବୈଠକ ପରେ କ୍ଷୟକ୍ଷତି ସହାୟତା ସମ୍ପର୍କିତ ବିଶେଷ ଘୋଷଣା ହୋଇପାରେ ବୋଲି ଜଣାପଡ଼ିଛି।

ବୁଲ୍‌ବୁଲ୍ ପ୍ରଭାବ କମିବା ପରେ ପ୍ରଭାବିତ ଜିଲାରେ ସ୍ଥାନୀୟ ପ୍ରଶାସନ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଦେଇଛି। କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର(ଆର୍‌ଡିସି), ଜିଲାପାଳ, ଉପଜିଲାପାଳ, ତହସିଲଦାର ପ୍ରମୁଖ ତୃଣମୂଳ ଅଞ୍ଚଳ ଗସ୍ତ କରିଥିବା ଜଣାପଡ଼ିଛି। ସେହିଭଳି ଭୁବନେଶ୍ୱରରେ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ, ଏସ୍‌ଆର୍‌ସି ଜେନା ଏବଂ ଅନ୍ୟ ଅଧିକାରୀମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାତ୍ୟା/ବର୍ଷା କାରଣରୁ ୮୬୬୦ଜଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରଣ କରାଯାଇଥିଲା। ଶେଷ ଖବର ସୁଦ୍ଧା ସମସ୍ତେ ନିଜ ନିଜ ବାସସ୍ଥଳୀକୁ ଫେରିଛନ୍ତି। ବାତ୍ୟାରେ ବିଭ୍ରାଟ ହୋଇଥିବା ବିଜୁଳି ବ୍ୟବସ୍ଥାକୁ ୧୨ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ଭାବେ ସଜଡ଼ାଯିବ। ପ୍ରଭାବିତ ୧୬ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତାଙ୍କ ମଧ୍ୟରୁ ପ୍ରାୟ ୧୫ ଲକ୍ଷଙ୍କୁ ବିଜୁଳି ଯୋଗାଇ ଦିଆଯାଇଛି। ୫୫୦୦ ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଥିବାବେଳେ କମ୍‌ସଂଖ୍ୟକ ଘର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ଏସ୍‌ଆରସି ଜେନା କହିଛନ୍ତି। ପ୍ରାଥମିକ ଭାବେ ଏସ୍‌ଆର୍‌ସି ଘରଭଙ୍ଗା ସହାୟତା ପ୍ରଦାନ କରିବେ, ଯଦି ପଞ୍ଚାୟତିରାଜ ବିଭାଗ ଅନ୍ତର୍ଗତ କୌଣସି ବିଷୟ ଉପୁଜେ, ତେବେ ବିଚାର କରାଯାଇ କ୍ଷୟକ୍ଷତି ସହାୟତା ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। କେନ୍ଦ୍ରାପଡ଼ା ଜିଲାର କେତେକ ବୋଟ୍ ଏବଂ ଜଗତ୍‌ସିଂହପୁର ଜିଲାର ୮ଟି ବୋଟ୍ ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ଏସ୍‌ଆର୍‌ସି ସୂଚନା ଦେଇଛନ୍ତି। ସମସ୍ତ ସ୍ଥାନରେ ପାନୀୟ ଜଳ ଯୋଗାଣ ଅବ୍ୟାହତ ରହିଛି। ପ୍ରଭାବିତ ୪୬ ବ୍ଲକ ଓ ୧୨ ପୌରାଞ୍ଚଳରେ ଗମନାଗମନ ପୂର୍ବ ସ୍ଥିତିକୁ ଫେରିଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ସଚିବ ଆର୍. ରଘୁପ୍ରସାଦ କହିଛନ୍ତି ଯେ, ୬୫ ପ୍ରାଣୀସମ୍ପଦ ନଷ୍ଟ ହୋଇଛି। ଏହା ମଧ୍ୟରେ ୧୧ ଗୋରୁ ଏବଂ ମଇଁଷି ଆଦି ବଡ଼ ଗୃହପାଳିତ ପଶୁ, ୪ଟି ଛେଳି, ମେଣ୍ଢା ଏବଂ ୫୦ କୁକୁଡ଼ା ଜାତୀୟ ଜୀବ ମରିଛନ୍ତି। ସର୍ବୋପରି ଚାଷଜନିତ କ୍ଷୟକ୍ଷତି ଆକଳନର ସ୍ୱଚ୍ଛତାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହିସବୁ କ୍ଷୟକ୍ଷତି ଆକଳନ ସମୟରେ ଭିଡିଓଗ୍ରାଫି ଓ ଚିତ୍ରୋତ୍ତୋଳନକୁ ଗୁରୁତ୍ୱ ଦିଆଯାଇଛି।

## ପଶ୍ଚିମବଙ୍ଗରେ ୧୦ ମୃତ

- କେନ୍ଦ୍ରୀୟ ସହାୟତା ଯୋଗାଇଦେବାକୁ ମମତାଙ୍କୁ ମୋଦିଙ୍କ ପ୍ରତିଶ୍ରୁତି

**କୋଲକାତା,୧୦।୧୧(ପି.ଟି.)**

ସାମୁଦ୍ରିକ ବାତ୍ୟା ବୁଲ୍‌ବୁଲ୍ ପଶ୍ଚିମବଙ୍ଗ ଉପକୂଳ ଜିଲାଗୁଡ଼ିକରେ ବ୍ୟାପକ କ୍ଷତି ଘଟାଇବା ପରେ ବାଂଲାଦେଶରେ ପ୍ରବେଶ କରିଛି। ଏଥିରେ ପଶ୍ଚିମବଙ୍ଗରେ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ରବିବାର ସକାଳ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସାଙ୍ଗକୁ ୧୩୫ କିଲୋମିଟର ପର୍ଯ୍ୟନ୍ତ ବେଗରେ ପବନ ବହିଥିଲା। ଫଳରେ ଶହ ଶହ ଗଛ ଭାଙ୍ଗିବା ସହିତ ଅନେକ ବିଦ୍ୟୁତ ଖୁଣ୍ଟି ଉପୁଡ଼ି ପଡିଥିବାରୁ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ବାତ୍ୟା କ୍ଷୟକ୍ଷତି ସମ୍ପର୍କରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ରବିବାର କଥା ହୋଇଛନ୍ତି। ବୁଲ୍‌ବୁଲ୍ ପ୍ରଭାବିତ ଅଞ୍ଚଳରେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଲାଗି ସମସ୍ତ କେନ୍ଦ୍ରୀୟ ସହାୟତା ଯୋଗାଇଦେବାକୁ ସେମାନେ ମମତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ପଶ୍ଚିମବଙ୍ଗକୁ ୧୦ଟି ଏବଂ ଓଡ଼ିଶାକୁ ୬ଟି ଏନ୍‌ଡିଆର୍‌ଏଫ୍ ଟିମ୍ ପଠାଯିବା ସହ ଆଉ ୧୮ଟି ଟିମ୍‌କୁ ଷ୍ଟାଣ୍ଡବାଏ ରଖାଯାଇଥିବା ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି। ପୂର୍ବ ଭାରତରେ ବାତ୍ୟାଜନିତ କ୍ଷୟକ୍ଷତିର ସମୀକ୍ଷା କରାଯାଉଛି ବୋଲି ମୋଦି ଟୁଇଟ୍ କରିଛନ୍ତି।

ଉତ୍ତର ଓ ଦକ୍ଷିଣ ୨୪ ପ୍ରଗଣା ସମେତ ପୂର୍ବ ମିଦନାପୁର ଜଲାରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। କେବଳ ଉତ୍ତର ୨୪ ପ୍ରଗଣାରେ ବାତ୍ୟାରେ ୫ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କର ଗଛ ପଡ଼ି ଓ ୨ ଜଣଙ୍କର କାନ୍ଥ ଭୁଶୁଡି ମୃତ୍ୟୁ ହୋଇଥିବା ଜଣେ ସରକାରୀ ଅଧିକାରୀ ସୂଚନା ଦେଇଛନ୍ତି। ପୂର୍ବ ମିଦନାପୁରରେ ଗଛ ତଳେ ଚାପିହୋଇ ଜଣେ ପ୍ରାଣ ହରାଇଛନ୍ତି। ଏପରିକି ଶନିବାର ବାତ୍ୟା ସ୍ଥଳଭାଗ ଛୁଇଁବା ପୂର୍ବରୁ ପ୍ରବଳ ବର୍ଷାରେ ଗଛଡାଳ ଭାଙ୍ଗି କୋଲକାତା ସହରରେ ଥିବା ଏକ କ୍ଲବ୍‌ର ଜଣେ କର୍ମଚାରୀ ନିହତ ହୋଇଥିଲେ। ପ୍ରବଳ ବର୍ଷା ଯୋଗୁ ଶନିବାର ଦିନ ତମାମ ଲୋକେ ବାହାରକୁ ବାହାରିପାରି ନ ଥିଲେ।

ଶତାଧିକ ଗଛ ପଡ଼ି କୋଲକାତା ଓ ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ରାସ୍ତା ଅବରୋଧ ହୋଇଛି। ଏନ୍‌ଡିଆର୍‌ଏଫ୍ ସମେତ କୋଲକାତା ମ୍ୟୁନିସିପାଲ କର୍ପୋରେଶନ, ପୋଲିସ ଓ ଅଗ୍ନିଶମ କର୍ମଚାରୀମାନେ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତାରୁ ଗଛ କାଟି ଅବରୋଧମୁକ୍ତ କରିବାରେ ଲାଗିଛନ୍ତି। ତଳିଆ ଅଞ୍ଚଳରୁ ପମ୍ପ୍ ଯୋଗେ ପାଣି ଉଠାଯାଉଛି।

ଭାରତୀୟ ପାଣିପାଗ ବିଭାଗ ରିପୋର୍ଟ ଅନୁଯାୟୀ ବୁଲ୍‌ବୁଲ୍ ଶନିବାର ରାତି ସାଢ଼େ ୮ରୁ ସାଢ଼େ ୧୧ ମଧ୍ୟରେ ସୁନ୍ଦରବନ ଅତିକ୍ରମ କରିଥିଲା। ଧାମ୍‌ଚି ଜଙ୍ଗଲ ନିକଟରେ ସ୍ଥଳଭାଗ ଛୁଇଁବା ବେଳକୁ ଏହା କିଛିଟା ଦୁର୍ବଳ ହୋଇଯାଇଥିଲା। ପବନର ବେଗ ୧୧୦ରୁ ୧୨୦ କିଲୋମିଟର ରହିବା ସହିତ ବେଳେବେଳେ ୧୩୫ କିଲୋମିଟର ବେଗରେ ପ୍ରବାହିତ ହେଉଥିଲା ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

**ଡୋଭାଲଙ୍କ ଘରେ ଧାର୍ମିକ ନେତାଙ୍କ ବୈଠକ**

## ଶାନ୍ତି, ସହାବସ୍ଥାନ ପାଇଁ ସହମତି



ଏନ୍‌ଏସ୍‌ଏ ଅଜିତ ଡୋଭାଲଙ୍କ ବାସଭବନରେ ଦୁଇ ସମ୍ପ୍ରଦାୟ ଧର୍ମଗୁରୁଙ୍କ ବୈଠକ।

**ନୂଆଦିଲ୍ଲୀ,୧୦।୧୧(ପି.ଟି.)**

ଅଯୋଧ୍ୟା ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ମାମଲାରେ ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ ଆସିବା ଦିନକ ପରେ ଉକ୍ତ ଅଞ୍ଚଳରେ ଶାନ୍ତି ଓ ସହାବସ୍ଥାନ ପାଇଁ ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଧାର୍ମିକ ନେତାଙ୍କ ମଧ୍ୟରେ ସହମତି ପ୍ରକାଶ ପାଇଛି। ନୂଆଦିଲ୍ଲୀରେ ରବିବାର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲଙ୍କ ବାସଭବନରେ ଆନ୍ତଃ ଧାର୍ମିକ ଆସ୍ଥାକୁ ନେଇ ଏକ ବୈଠକ ହୋଇଛି। ଏଥିରେ ଶିୟା ଧର୍ମଗୁରୁ ମୌଲାନା କଲ୍‌ବେ ଜାୱଦ୍, ସ୍ୱାମୀ ଚିଦାନନ୍ଦ ସରସ୍ୱତୀ, ସ୍ୱାମୀ ପରମାତ୍ମାନନ୍ଦ ଓ ଯୋଗଗୁରୁ ରାମଦେବଙ୍କ ସମେତ ଅନେକ ଆଧ୍ୟାତ୍ମିକ ଗୁରୁ ଯୋଗଦେଇଥିଲେ। ସେହିପରି ମଜ୍‌ଲିସ-ଇ-ମୁଶାୱରାତ୍‌ର ନାଭିଦ୍ ହମିଦ୍ ଏବଂ ଜମାତ୍-ଇ-ଇସ୍‌ଲାମି ହିନ୍ଦ୍ ନେତା ସଲିମ୍ ଇଞ୍ଜିନିୟର ମଧ୍ୟ ବୈଠକରେ ସାମିଲ ଥିଲେ। ଅଯୋଧ୍ୟା ରାୟ ପରେ ଦେଶରେ ଶାନ୍ତି ଓ ସହାବସ୍ଥାନର ସନ୍ଦେଶ ପ୍ରେରଣ କରିବା ହେଉଛି ଏହି ବୈଠକର ଲକ୍ଷ୍ୟ। ଦୁଇ ସମ୍ପ୍ରଦାୟ ମଧ୍ୟରେ ରାୟକୁ ନେଇ ଯେପରି କୌଣସି ପ୍ରକାର ଉତ୍ତେଜନା ପ୍ରକାଶ ନ ପାଇବ ସେନେଇ ଏନ୍‌ଏସ୍‌ଏ ଡୋଭାଲ ଓ ଧର୍ମଗୁରୁମାନେ ଆଲୋଚନା କରିଥିବା ରାମଦେବ କହିଛନ୍ତି।

**ଆଜିର ମନ୍ତବ୍ୟ**

"ମହିଳାଙ୍କ ସୁରକ୍ଷାର ଅଭାବ ଏକ ଲଜ୍ଜାଜନକ ବିଷୟ।

–ମୋହନ ଭାଗବତ, ଆର୍‌ଏସ୍‌ଏସ୍ ମୁଖ୍ୟ

**କିଛି ତଥ୍ୟ**

ନଭେମ୍ବର ପ୍ରଥମ ସପ୍ତାହରେ ଦେଶର ପୁଞ୍ଜି ବଜାରରେ ବିଦେଶୀ ପୁଞ୍ଜି ନିବେଶକମାନେ ପ୍ରାୟ ୧୨,୦୦୦ କୋଟି ଟଙ୍କା ନିବେଶ କରିଛନ୍ତି।

– ଷ୍ଟକ ବଜାର ଡିପୋଜିଟୋରୀ ଡାଟା


୨୬ରେ ନିଷ୍ପତ୍ତି ନେବ ସୁନ୍ନି ୱାକଫ୍ ବୋର୍ଡ

–ପୃଷ୍ଠା–୩



Vencobb CHICKEN

10.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 66 | 114 | 124 |
| CTC | 65 | 113 | 123 |
| DKL | 67 | 115 | 125 |
| BDK | 67 | 115 | 125 |
| BLS | 67 | 115 | 125 |
| ANG | 67 | 115 | 125 |
| BHM | 62 | 109 | 119 |

*Conditions Apply

Issued in the Interest of Consumers






Contact Number - 9748164499, 7894470058, 7337254400

Authorised Dealer

TRUPTI AUTOMOTIVES
Angul, Jajpur, Dhenkanal, Cuttack, Jagatsinghpur, Kendrapada
9583040249, 9583040257

CONSORTIUM AUTOMOBILES
Khorda, Puri, Nayagarh, Kandhmal, Ganjam, Gajpati
7375087787

PAL MOVERS
Balasore, Bhadrak, Mayurbhanj Keonjhar
9437960713, 9938405992

JALAN AUTOMOBILES
Sambalpur, Deogarh, Jharsuguda, Sundergarh, Rourkela
7381002302, 7381062291

LAXMI SALES AND SERVICE
Bargarh, Balangir, Sonepur, Boudh, Nuapda
8144917704, 8144917701

KALINGA AUTO SYNDICATE
Koraput, Nabarangpur, Malkangiri, Kalahandi, Rayagada
9937167720, 7682826345


ଅଭିନେତ୍ରୀ ମଲାଇକା ଆରୋରା ପୁଅ ଅରହାନ୍‌ଙ୍କ ୧୭ତମ ଜନ୍ମଦିନ ମୁମ୍ବାଇରେ ପୂର୍ବତନ ସ୍ୱାମୀ ଅର୍‌ବାଜ ଖାନ୍ ଓ ପରିବାର ସହ ପାଳନ କରିଛନ୍ତି।

# ସମ୍ପର୍କରେ ବ୍ୟବଧାନ ବଢ଼ାଉଛି କାର୍ଯ୍ୟଚାପ

**ନୂଆଦିଲ୍ଲୀ:** ଦୌଡୁଛି ଜୀବନ। ନିଃଶ୍ୱାସ ନେବାକୁ ତରନାହିଁ। ଏହି ରେସ୍‌ରେ ଏବେ ସାମିଲ ହୋଇଛନ୍ତି ପ୍ରାୟ ଅଧିକାଂଶ ମଣିଷ। ହେଲେ କାର୍ଯ୍ୟକ୍ଷେତ୍ରରେ ବଢୁଥିବା ଚାପ ଏବେ ସେମାନଙ୍କ ବ୍ୟକ୍ତିଗତ ଜୀବନକୁ ଆଉ ସ୍ୱାଭାବିକ କରି ରଖୁନାହିଁ। ବିଶେଷକରି ଭାରତୀୟଙ୍କ କ୍ଷେତ୍ରରେ ଏହା ଏବେ ବଡ଼ ସମସ୍ୟା ଭାବେ ଉଭା ହୋଇଛି। କର୍ମକ୍ଷେତ୍ରରେ ପଡୁଥିବା ଚାପ କାରଣରୁ ୬୪% ଭାରତୀୟ ପରିବାରକୁ ସମୟ ଦେଇପାରୁନାହାନ୍ତି।

କର୍ମଚାରୀଙ୍କୁ କର୍ମତତ୍ପର କରିବାକୁ ଚାଇନାରେ ଆରମ୍ଭ ହୋଇଥିଲା ଫର୍ମୁଲା '୯୯୬'। ଏହି ୱାର୍କ କଲଚର ଅନୁଯାୟୀ ଅଫିସ ସମୟ ସକାଳ ୯ଟାରୁ ଆରମ୍ଭ ହୋଇ ରାତି ୯ଟା ଯାଏ ସ୍ଥିର କରାଯାଇଛି। ସପ୍ତାହକୁ ୬ଦିନ ଏପରି ଧରାବନ୍ଧା ଜୀବନ ସହ କର୍ମଚାରୀଙ୍କୁ ଖାପଖୁଆଇ ଚଳିବାକୁ ପଡ଼େ। ଏହି ନିୟମକୁ ଏବେ ଅଧିକାଂଶ ଭାରତୀୟ କମ୍ପାନୀ ଆପଣେଇବାରେ ଲାଗିଛନ୍ତି। ଏହି କାରଣରୁ ପରିବାରକୁ ଗୁଣାତ୍ମକ ସମୟ ଦେଇପାରୁନାହାନ୍ତି କର୍ମଜୀବୀ। ପ୍ରତି ୩ଜଣ ପ୍ରଫେଶନାଲଙ୍କ ଭିତରୁ ଜଣେ ଏପରି ସମସ୍ୟା ସହ ଜଡ଼ିତ। ଗୋଦରେଜ ଇଣ୍ଟିରିଓ ପକ୍ଷରୁ ନିକଟରେ କରାଯାଇଥିବା ସର୍ଭେ 'ମେକ୍ ସ୍ପେସ ଫର ଲାଇଫ୍'ରେ ଏହି ତଥ୍ୟ ପଦାକୁ ଆସିଛି। ଅଭିଯାନରେ ସାମିଲ ହୋଇଥିବା ଅଧିକାଂଶ ବ୍ୟକ୍ତି ମାନିଛନ୍ତି ଯେ, ସେମାନେ କାମ ସହ ପରିବାର ସଦସ୍ୟଙ୍କ ମଧ୍ୟରେ ଆବଶ୍ୟକ ସନ୍ତୁଳନ ରଖି ପାରୁନାହାନ୍ତି। ଚାଇନାର ବୃହତ୍ ଟେକ୍ନୋଲୋଜି କମ୍ପାନୀ ଏବଂ ଷ୍ଟାର୍ଟଅପ୍‌ରେ '୯୯୬' ଫର୍ମୁଲାରେ କାମ କରାଯାଉଛି। ଯୁବପିଢ଼ିଙ୍କ ଇଣ୍ଟରପ୍ରିନ୍ୟୁୟର ଆଦର୍ଶ କୁହାଯାଉଥିବା ଗ୍ଲୋବାଲ ଇ-କମର୍ସ କମ୍ପାନୀ ଅଲିବାବାର ପ୍ରତିଷ୍ଠାତା ଜାକ୍ ମା ଏବଂ ତାଙ୍କର ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ରିଚାର୍ଡ ଲିୟୁ ଅଧିକ ସମୟ କାମକୁ ଆଦର୍ଶ ବୋଲି ମାନିଥାନ୍ତି। ଗୋଦରେଜ ଇଣ୍ଟିରିଓ ସିଓଓ ଅନୀଲ ମାଥୁର କହିଛନ୍ତି, 'ଟେକ୍ନୋଲୋଜି ଜୀବନକୁ ଆରାମଦାୟକ କରିଦେଲାଣି' ଏବେ ଲୋକମାନଙ୍କ ମଧ୍ୟରେ ଏହି ଭ୍ରମ ସୃଷ୍ଟି ହୋଇଛି। ହେଲେ ଏହା ହିଁ ଏପରି ସମସ୍ୟାକୁ ଡାକି ଆଣିଛି। ଯନ୍ତ୍ର ସହିତ ଅଭ୍ୟସ୍ତ ମଣିଷ ପରିବାର, ପିଲାଛୁଆଙ୍କୁ ସମୟ ଦେଇପାରୁନାହାନ୍ତି। ସର୍ଭେରେ ସାମିଲ ହୋଇଥିବା ୬୪% ପରିବାର, ୨୧.୨% ସାଙ୍ଗସାଥୀଙ୍କୁ ସମୟ ଦେଇପାରୁ ନ ଥିବା କହିଛନ୍ତି। ୨୮% ଏଥିପାଇଁ ନିଜର ବ୍ୟକ୍ତିଗତ କାର୍ଯ୍ୟଶୈଳୀକୁ ଦାୟୀ କରିଛନ୍ତି। ତେବେ ୬୧% ଦେଇଥିବା ମତ ସବୁଠାରୁ ଅଧିକ ଚିନ୍ତା କରିବା ଭଳି ଥିଲା। ସେମାନେ କହିଥିଲେ, କାମର ଧାଁ ଦୌଡ଼ ଭିତରେ ସେମାନେ ନିଜର ରୁଚି ଭୁଲିଗଲେଣି। ପରିବାର ଦାୟିତ୍ୱ କାନ୍ଧକୁ ନେବାପରେ ସେମାନେ ନିଜର ବ୍ୟକ୍ତିଗତ ଜୀବନର ଅଭିଳାଷକୁ ମାଡ଼ିମକଚି ରଖିଦେବାକୁ ପଡୁଛି। ସର୍ଭେରେ ଆହୁରି ମଧ୍ୟ କୁହାଯାଇଛି, ଭାରତୀୟମାନେ କାମ ଚାପରେ ଚିଡ଼୍‌ଚିଡ଼ା ହୋଇଯାଉଛନ୍ତି। ସେମାନଙ୍କ ନିକଟରେ ଥକ୍କାପଣ ଦେଖିବାକୁ ମିଳୁଛି। ସେମାନେ ହସିବା ଏକପ୍ରକାର ଭୁଲି ଯାଉଛନ୍ତି। ଏଥିରୁ ମୁକୁଳିବାକୁ ହେଲେ ଦୈନନ୍ଦିନ ଜୀବନଶୈଳୀରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ଏହା କରିପାରିଲେ ଜୀବନର ଗାଡ଼ି ସ୍ୱାଭାବିକ ଭାବେ ଚାଲିବ।



## ପରିବାରକୁ ସମୟ ଦେଇପାରୁ ନାହାନ୍ତି ୬୪% ଭାରତୀୟ



# 'ନିକମ୍ମା'ରୁ ବଲିଉଡ୍ କମ୍‌ବ୍ୟାକ୍

**ମୁମ୍ବାଇ:** କୁହାଯାଏ କଳା ଓ ପ୍ରତିଭା ପ୍ରଦର୍ଶନ କ୍ଷେତ୍ରରେ ବୟସ ଏକ ପ୍ରତିବନ୍ଧକ ନୁହେଁ। ଯଦି ପ୍ରତିଭା ଅଛି, ସୁଯୋଗ ଆପଣାଛାଏଁ ହାତରେ ଆସି ଧରାଦେବ। ବି-ଟାଉନ୍‌ରେ ଅନେକ ଅଭିନେତ୍ରୀ/ଅଭିନେତା ଆସନ୍ତି ଆଉ ଯାଆନ୍ତି। କିଏ ଗୋଟିଏ, ଦୁଇଟି ଫିଲ୍ମ କରି ହଜିଯାଆନ୍ତି ତ ପୁଣି କିଏ ଦଶନ୍ଧି ଦଶନ୍ଧି ଧରି ବଲିଉଡ୍‌ରେ ରାଜ୍ କରୁଥିବା ମଧ୍ୟ ଦେଖିବାକୁ ମିଳିଛି। ମାଧୁରୀ, କାଜୋଲ୍, ଜୁହି, ରାଣୀ ମୁଖାର୍ଜୀଙ୍କଠାରୁ ବିଗ୍ ବି ଅମିତାଭ୍, ଋଷି କପୁର, ଶାହରୁଖ, ସଲମାନ୍‌ଙ୍କ ପର୍ଯ୍ୟନ୍ତ ପିଢ଼ି ପରେ ପିଢ଼ି ଏମାନେ ଦର୍ଶକଙ୍କ ମନୋରଞ୍ଜନ କରିଚାଲିଛନ୍ତି। ଆଉ ଦର୍ଶକ ମଧ୍ୟ ଏମାନଙ୍କୁ ଭଲପାଇବା ଦେଉଛନ୍ତି। ଏହାରି ଭିତରେ ଲୋକପ୍ରିୟ ନାୟିକା ଶିଳ୍ପା ସେଟ୍ଟୀ ପୁଣି ପରଦାକୁ ଫେରିବେ ବୋଲି ଜଣାପଡ଼ିଛି। ଶବ୍ବୀର ଖାନ୍‌ଙ୍କ ଆକ୍ସନ ଫିଲ୍ମ 'ନିକମ୍ମା'ରୁ ଶିଳ୍ପା ବଲିଉଡ୍ କମ୍‌ବ୍ୟାକ୍ କରିବାକୁ ଯାଉଛନ୍ତି। ଏବେ ଦୀର୍ଘ ୧୩ ବର୍ଷ ପରେ ପୁଣି ବଡ଼ ପରଦାରେ ତାଙ୍କୁ ଦେଖିବାକୁ ମିଳିବ। ତେବେ ସେ ଜାଣିଶୁଣି ଅନେକ ଚିନ୍ତା କରିବା ପରେ ନିଜକୁ ଏତେ ବର୍ଷ ଧରି ଫିଲ୍ମ ଦୁନିଆଠାରୁ ଦୂରେଇ ରଖିଥିବା କହିଛନ୍ତି। ଫିଲ୍ମ ଜଗତରୁ ଦୀର୍ଘ ଦିନର ଲମ୍ବା ବ୍ରେକ୍ ବାବଦରେ ଶିଳ୍ପା କୁହନ୍ତି, "ମୁଁ ବହୁତ ଭାବିବା ପରେ ଏହି ନିଷ୍ପତ୍ତି ନେଇଛି। ହିରୋଇନ୍ ହେବା ମୋ ଭାଗ୍ୟରେ ଥିଲା। ଯେତେବେଳେ ଜଣେ କଳାକାର ଫିଲ୍ମ ଦୁନିଆରୁ ଦୂରେଇ ଯାଏ, ତାକୁ ନିଜ ଫେମ୍ ବା ଲୋକପ୍ରିୟତା କମି କମି ଆସିଲା ଭଳି ଅନୁଭବ ହୋଇଥାଏ, ଯାହାକୁ ସହଜରେ ଗ୍ରହଣ କରାଯାଇପାରେ ନାହିଁ। ତେବେ ମୁଁ ଟିଭିରେ ଲଗାତର କାମ କରୁଥିବା କାରଣରୁ ମୋତେ ଏଭଳି ଅନୁଭବ ହୋଇନାହିଁ। ମୁଁ ଏତେ ବର୍ଷ ଭିତରେ ଟିଭି ମାଧ୍ୟମରେ ଦର୍ଶକଙ୍କ ସହ ଯୋଡ଼ି ହୋଇ ରହିଥିଲି।" ୨୦୦୭ରେ ଶିଳ୍ପା 'ଲାଇଫ୍ ଇନ୍ ଏ ମେଟ୍ରୋ' ଓ 'ଅପ୍‌ନେ' ଫିଲ୍ମରେ ନଜରକୁ ଆସିଥିଲେ। ମାତ୍ର ୧୫ ବର୍ଷ ବୟସରୁ ତାଙ୍କୁ ଅଫର୍ ମିଳିବା ଆରମ୍ଭ ହୋଇଯାଇଥିଲା। ଏକ ସାକ୍ଷାତ୍କାରରେ ଶିଳ୍ପା ନିଜ କ୍ୟାରିୟର୍ ବିଷୟରେ ଖୁଲାସା କରିଛନ୍ତି।

## ଜାଣିଶୁଣି ଫିଲ୍ମ ଦୁନିଆରୁ ଦୂରେଇ ଯାଇଥିଲେ ଶିଳ୍ପା

# ଚର୍ଚ୍ଚାରେ ୪ ଭଉଣୀ

**ଥିରୁଭାନନ୍ତପୁରମ୍:** ଗୋଟିଏ ଦିନରେ ଜନ୍ମ ନେଇଥିଲେ ୪ ଝିଅ ଏବଂ ପୁଅ। ମା'-ବାପାଙ୍କ ଖୁସି କହିଲେ ନ ସରେ। ଜନ୍ମ ଦିନରେ ହିଁ ବାପା ଖୁସିରେ ଘରର ନାମ ରଖିଥିଲେ 'ପଞ୍ଚ ରତ୍ନମ୍'। ଏବେ ୪ ଭଉଣୀଙ୍କ ବିବାହ ମଧ୍ୟ ଗୋଟିଏ ଦିନରେ ହିଁ ଠିକ୍ ହୋଇଥିବା ଜଣାପଡ଼ିଛି। କେରଳର ଥିରୁଭାନନ୍ତପୁରମ୍‌ରେ ଘଟିଛି ଏଭଳି ଏକ ଘଟଣା, ଯାହା ଏବେ ଚର୍ଚ୍ଚାର ବିଷୟ ହୋଇଛି। ୧୯୯୫ ନଭେମ୍ବର ୧୮ରେ ରେମା ଦେବୀ ଏବଂ ପ୍ରେମ କୁମାର୍ ୪ କନ୍ୟା ଏବଂ ଗୋଟିଏ ପୁତ୍ର ସନ୍ତାନର ମାତା-ପିତା ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ପରେ ୪ ଝିଅଙ୍କ ନାମ ଉଥରାଜା, ଉଥାରା, ଉଥମ୍ମା, ଉଥରା ଏବଂ ପୁଅର ନାମ ଉଥରାଜନ୍ ରଖାଯାଇଥିଲା। ମା' ବାପା ସମସ୍ତଙ୍କୁ ଏକପ୍ରକାର ଲାଳନପାଳନ କରିବା ସହ ସମସ୍ତଙ୍କ ପାଇଁ ସମାନ ଜିନିଷ ଦେଇ ସବୁ ଇଚ୍ଛା ପୂରଣ କରୁଥିଲେ। ବାପା ଜଣେ ବ୍ୟବସାୟୀ ହୋଇଥିବାବେଳେ ୨୦୦୪ରେ ସେ ହୃଦ୍‌ରୋଗର ଶିକାର ହୋଇଥିଲେ। ଏହାପରେ ପରିବାରର ଆର୍ଥିକ ସ୍ଥିତି ଖରାପ ଯୋଗୁ ମାନସିକ ଚାପରେ ସେ ଆତ୍ମହତ୍ୟା କରିଥିଲେ। ଏଥିରେ ପରିବାର ଉପରେ ଦୁଃଖର ବାଦଲ ଘେରିଯାଇଥିବାବେଳେ ମା' ନିଜକୁ ଦୃଢ଼ କରି ବ୍ୟାଙ୍କ୍‌ରେ ଚାକିରି କରି ପିଲାମାନଙ୍କୁ ସମ୍ଭାଳିଥିଲେ। ଏବେ ୪ ଭଉଣୀଙ୍କ ମଧ୍ୟରୁ ଜଣେ ଫ୍ୟାସନ୍ ଡିଜାଇନର୍, ୨ ଭଉଣୀ ଆନାସ୍ଥେସିଆ ଟେକ୍ନିସିଆନ୍ ଏବଂ ଅନ୍ୟ ଜଣେ ଲେଖିକାଭାବେ ପ୍ରତିଷ୍ଠିତ ଥିବାବେଳେ ଭାଇ ସଫ୍ଟୱେର୍ ଇଞ୍ଜିନିୟରଭାବେ କାର୍ଯ୍ୟରତ। ସମସ୍ତଙ୍କୁ ଏବେ ୨୪ ବର୍ଷ ବୟସ ହୋଇଯାଇଛି। ତେଣୁ ଚାରି ଝିଅଙ୍କ ବିବାହ ମଧ୍ୟ ଗୋଟିଏ ଦିନରେ ହିଁ କରିବା ପାଇଁ ମା' ନିଷ୍ପତ୍ତି ନେଇଥିଲେ। ଏବେ ଏମାନଙ୍କ ବିବାହ ମଧ୍ୟ ଗୋଟିଏ ଦିନରେ ହିଁ ଠିକ୍ ହୋଇଛି। ୨୦୨୦ ଏପ୍ରିଲ୍ ୨୬ରେ ଏକ ମନ୍ଦିରରେ ଏମାନଙ୍କ ବିବାହ ଅନୁଷ୍ଠିତ ହେବ। ଏଥିପାଇଁ ପରିବାର ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ତେବେ ପୁଅର ବିବାହ ପରେ ହେବ ବୋଲି ମା' ରେମା କହିଛନ୍ତି। ହେଲେ ୪ ଭଉଣୀଙ୍କ ଗୋଟିଏ ଦିନରେ ଜନ୍ମ ଏବଂ ବିବାହ ମଧ୍ୟ ଏକା ଦିନରେ ଠିକ୍ ହେବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି।

**ଗୋଟିଏ ଦିନରେ ଜନ୍ମ, ଏକାସାଙ୍ଗେ ବିବାହ**



# ଖାଇବା ଆଶାରୁ ଖଡ଼ି ଧରିଲେ ଦିବ୍ୟା

**ହାଇଦ୍ରାବାଦ୍:** ନବେ ଦଶକରେ ଆରମ୍ଭ କରାଯାଇଥିବା ମଧ୍ୟାହ୍ନଭୋଜନ ଯୋଜନାର ପ୍ରଭାବ ପ୍ରମାଣିତ କରିଛି ତେଲେଙ୍ଗାନାର ଏକ ଘଟଣା। ହାଇଦ୍ରାବାଦ୍‌ର ଗୁଡିମଲକାପୁର ସରକାରୀ ସ୍କୁଲ୍‌କୁ ଦିବ୍ୟା ନାମକ ଝିଅଟିଏ ପ୍ରତିଦିନ ମଧ୍ୟାହ୍ନଭୋଜନ ସମୟରେ ବାସନଟିଏ ଧରି ଆସି ପହଞ୍ଚିଯାଏ। ପିଲାମାନଙ୍କ ସହ ଖାଇବା ଲକ୍ଷ୍ୟ ନେଇ ସେ ଆସେ। ହାତରେ ବାସନ ଧରି କ୍ଲାସ୍ ରୁମ୍‌କୁ ପ୍ରବେଶ କରିବାର ଦୃଶ୍ୟ ଭାଇରାଲ ହେଲା। ମିଡିଆରେ ଏହି ଛବିକୁ 'ଭୋକିଲା ନଜର' ଶୀର୍ଷକରେ ଉପସ୍ଥାପନ କରାଯାଇଥିଲା। ଏହି ଫଟୋକୁ ଏମ୍.ବି.ଫାଉଣ୍ଡେଶନ ଏନଜିଓର ରାଷ୍ଟ୍ରୀୟ ସଂଯୋଜକ ଭେଙ୍କଟ ରେଡ୍ଡୀ ଦେଖିବା ପରେ ଦିବ୍ୟାକୁ ତା ଅଧିକାର ପ୍ରଦାନ କରିଛନ୍ତି। ସେହି ସ୍କୁଲ୍‌ରେ ଦିବ୍ୟାର ନାମ ଲେଖାଯାଇଛି। ଖାଇବା ଆଶାରୁ ହାତରେ ଖଡି ଧରିଛି ସେ। ଦିବ୍ୟା ମା'ବାପାଙ୍କ ସହ ପାଖ ବସ୍ତିରେ ରହେ। ବାପା ଜରି ଗୋଟାନ୍ତି ଓ ମା' ଅନ୍ୟ ଘରେ ବାସନ ସଫା କରନ୍ତି। ସ୍କୁଲ୍‌ରେ ଦିବ୍ୟାର ନାଁ ଲେଖାଯିବା ପରେ ଏବେ ସେ ସବୁଦିନ ସ୍କୁଲ୍‌କୁ ଯାଉଛି ଓ ମଧ୍ୟାହ୍ନଭୋଜନ ବି ଖାଉଛି। ଯେଉଁଦିନ ସେ ପ୍ରଥମେ ସ୍କୁଲକୁ ଗଲା ତାହାର ଫଟୋ ମଧ୍ୟ ଫେସ୍‌ବୁକ୍‌ରେ ଶେୟାର କରିଛନ୍ତି ରେଡ୍ଡୀ।





# ବାହାଘର ଖର୍ଚ୍ଚ ବଢ଼ାଉଛି ଇନ୍‌ଷ୍ଟାଗ୍ରାମ୍



**ନୂଆଦିଲ୍ଲୀ:** ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାର ଆମ ଜୀବନଶୈଳୀ ଉପରେ ଯେତିକି ସକାରାତ୍ମକ ପ୍ରଭାବ ପକାଉଛି, ସେତିକି ନକାରାତ୍ମକ ପ୍ରଭାବ ମଧ୍ୟ ପକାଉଛି। ଏହା ସାହାଯ୍ୟରେ ଆଖି ପିଛୁଳାକେ ବିଶ୍ୱର ଖବର ମିଳିପାରୁଥିବା ବେଳେ ଏହି ସୋସିଆଲ ମିଡିଆ ପାଇଁ ଲୋକମାନେ ଅଯଥା ଖର୍ଚ୍ଚାନ୍ତ ମଧ୍ୟ ହେଉଛନ୍ତି। ଇନ୍‌ଷ୍ଟାଗ୍ରାମ୍ ଓ ଫେସ୍‌ବୁକ ଆଦି ସୋସିଆଲ୍ ସାଇଟ୍‌ରେ ଫଟୋ ପୋଷ୍ଟ କରି ଲାଇକ୍ କମେଣ୍ଟ ପାଇବା ପାଇଁ ଯୁବପିଢ଼ି ବାହାଘରରେ ଦରକାରଠାରୁ ଅଧିକ ଖର୍ଚ୍ଚ କରୁଛନ୍ତି। ଇଂଲଣ୍ଡରେ ହୋଇଥିବା ଏକ ସର୍ଭେ ଅନୁସାରେ, ଇନ୍‌ଷ୍ଟାଗ୍ରାମ୍‌ରେ ବାହାଘର ଫଟୋରେ ଅଧିକ ଲାଇକ୍ ପାଇବା ପାଇଁ ଦମ୍ପତିମାନେ ଆବଶ୍ୟକତାଠାରୁ ୩୦ ପ୍ରତିଶତ ଅର୍ଥ ଅଧିକ ଖର୍ଚ୍ଚ କରୁଛନ୍ତି। ଏହି ସର୍ଭେରେ ୨୮୦୦ ଦମ୍ପତିଙ୍କୁ ସାମିଲ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୪୨ ପ୍ରତିଶତ ଦମ୍ପତିଙ୍କ କହିବା କଥା, ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିବା ସକାଶେ ବାହାଘର ବେଳେ ସୁନ୍ଦର ଫଟୋ ଉଠାଇବା ପାଇଁ ସେମାନଙ୍କ ମନରେ ଚିନ୍ତା ରହିଥିଲା। ପ୍ରତି ୪ରୁ ଗୋଟିଏ ଦମ୍ପତି ବାହାଘର ଫଟୋରେ ଅଧିକ ଲାଇକ୍ ପାଇବା ପାଇଁ ୩୦ ପ୍ରତିଶତ ଅଧିକ ଟଙ୍କା ଖର୍ଚ୍ଚ କରିଥିବା କହିଥିଲେ। ଦିନକୁ ଦିନ ଏହି ଟ୍ରେଣ୍ଡ ବଢୁଥିବା ଦେଖାଯାଉଛି। ଇନ୍‌ଷ୍ଟାବର୍ଦ୍ଦି ମ୍ୟାରେଜ୍ ପାଇଁ ବ୍ୟଗ୍ରତା ପ୍ରକାଶ କରୁଥିବା ଦମ୍ପତିଙ୍କ ସଂଖ୍ୟା ପ୍ରତିବର୍ଷ ୨ରୁ ୩ ପ୍ରତିଶତ ବୃଦ୍ଧି ପାଉଛି। ନିର୍ବନ୍ଧ ମୁଦି ଓ ହନିମୁନ୍ ଅପେକ୍ଷା ଫଟୋ ପାଇଁ ସୁନ୍ଦର ଜାଗା ପସନ୍ଦ କରିବାରେ ଦମ୍ପତିମାନେ ଅଧିକ ଖର୍ଚ୍ଚ କରୁଥିବା ଏହି ସର୍ଭେରୁ ଜଣାପଡ଼ିଛି।

# କ୍ରିସ୍‌ର ଭଲ ସାଙ୍ଗ ରେମୁସ୍



**ନୂଆଦିଲ୍ଲୀ:** ବହୁ ସମୟରେ ଜୀବମାନଙ୍କର ଅଜବ ବନ୍ଧୁତ୍ୱ ସୋସିଆଲ ମିଡିଆରେ ସାମ୍ନାକୁ ଆସୁଛି। ଏବେ ଏହି ତାଲିକାରେ ସାମିଲ ହୋଇଛନ୍ତି ଚିତା ଓ କୁକୁର। ୩ ମାସର ଚିତା ଛୁଆର ନାଁ କ୍ରିସ୍ ଓ କୁକୁରର ନାଁ ରେମୁସ୍। ଏହି ଦୁଇ ଜୀବଙ୍କର ଭେଟ ହୋଇଥିଲା ଗତ ସେପ୍ଟେମ୍ବରରେ। ଏବେ ସେମାନେ ନିବିଡ଼ ବନ୍ଧୁତ୍ୱରେ ବାନ୍ଧି ହୋଇଯାଇଛନ୍ତି। ଆମେରିକାର ସିନସିନାଟି ଚିଡ଼ିଆଖାନାରେ ଜନ୍ମ ଦେଇଥିବା ଚିତା ଛୁଆଗୁଡ଼ିକ ମଧ୍ୟରୁ କେବଳ କ୍ରିସ୍ ହିଁ ବଞ୍ଚିଛି। ତା'ର ଏକଲାପଣ ଦୂର କରିବା ପାଇଁ ଚିଡ଼ିଆଖାନାର ପ୍ରଶିକ୍ଷକ ତା' ସାଙ୍ଗରେ ଖେଳିବା ପାଇଁ ରେମୁସ୍‌କୁ ବାଛିଥିଲେ। ରେମୁସ୍‌କୁ ବି ଉଦ୍ଧାର କରାଯାଇ ଚିଡ଼ିଆଖାନାରେ ରଖାଯାଇଛି। ସେମାନେ ସାଥୀ ହୋଇ ଖେଳିବା ପରେ ଏଭଳି ବନ୍ଧୁତ୍ୱ ଗଢ଼ି ଉଠିଛି। ସୋସିଆଲ ମିଡିଆରେ ଏହି ଦୁହିଁଙ୍କ ବନ୍ଧୁତ୍ୱର ଦୃଶ୍ୟ ବେଶ୍ ଆକର୍ଷଣୀୟ ହୋଇଛି। କିନ୍ତୁ ଚିଡ଼ିଆଖାନା କର୍ତ୍ତୃପକ୍ଷ ଏହି ଭିଡିଓକୁ ଏବେ ବନ୍ଦ କରିଦେଇଛନ୍ତି।

# ମଣିଷ ମୁଣ୍ଡିଆ ମାଛ

**ନୂଆଦିଲ୍ଲୀ:** ମାଛର ମୁଣ୍ଡ ପୂରା ମଣିଷ ମୁଣ୍ଡ ଭଳି। ଶୁଣିଲେ ଆଶ୍ଚର୍ଯ୍ୟ ଲାଗୁଛି। କିନ୍ତୁ ଏଭଳି ମାଛକୁ ଠାବ କରାଯାଇଛି ଚାଇନାରେ, ଯାହାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଲକ୍ଷାଧିକ ଲୋକ ଏହାକୁ ଦେଖିସାରିଲେଣି। ଚାଇନାର ମିଆଓ ଗାଁରେ ଏହି ମାଛକୁ ଜଣେ ମହିଳା ପ୍ରଥମେ ଦେଖିବାକୁ ପାଇଥିଲେ ବୋଲି ଡେଲି ମେଲ୍ ପକ୍ଷରୁ ପ୍ରକାଶ କରାଯାଇଛି। ମହିଳା ଜଣକ ଭିଡିଓକୁ ଚାଇନାର ମାଇକ୍ରୋ ଲଗିଂ ସାଇଟ୍‌ରେ ପ୍ରଥମେ ଶେୟାର କରିଥିଲେ ଓ ପରେ ଏହାକୁ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ପୋଷ୍ଟ କରିଛନ୍ତି। ୧୪ ସେକେଣ୍ଡ ଅବଧିର ଏହି ଭିଡିଓରେ ଏଭଳି ଅଦ୍ଭୁତ ମାଛଟିଏ ପହଁରୁଥିବା ଦେଖିବାକୁ ମିଳିଛି। ମଣିଷ ମୁହଁ ଭଳି ଏହାର ଦୁଇଟି ଆଖି, ଗୋଟିଏ ନାକ ଓ ଗୋଟିଏ ପାଟି ରହିଛି।



# ୨୦୦ କୋଟି କ୍ଲବ୍‌ରେ 'ହାଉସ୍‌ଫୁଲ୍-୪'

**ମୁମ୍ବାଇ:** ବଲିଉଡ୍ ମଲ୍‌ଟି ଷ୍ଟାରର କମେଡ଼ି ଫିଲ୍ମ 'ହାଉସ୍‌ଫୁଲ୍-୪' ଏବେ ବି ବକ୍ସ ଅଫିସ୍‌ରେ ବ୍ୟବସାୟ ଜାରି ରଖିଛି। ଫିଲ୍ମର କଣ୍ଟେଣ୍ଟକୁ ନେଇ ସୋସିଆଲ୍ ମିଡିଆରେ ଅନେକ ଟ୍ରୋଲ୍ କରାଯିବା ପରେ ବି ଦର୍ଶକେ ସିନେମା ହଲ୍‌କୁ ଯାଉଛନ୍ତି ଓ ଫିଲ୍ମ ଭଲ ବ୍ୟବସାୟ ମଧ୍ୟ କରୁଛି। ସେପଟେ ଆୟୁଷ୍ମାନ୍ ଖୁରାନାଙ୍କ ଫିଲ୍ମ 'ବାଲା'କୁ ବକ୍ସ ଅଫିସ୍‌ରେ ଟକ୍କର ଦେଉଛି 'ହାଉସ୍‌ଫୁଲ୍-୪'। ଫିଲ୍ମରେ ଅକ୍ଷୟ କୁମାର, କ୍ରିତି ସାନନ, ରିତେଶ୍ ଦେଶମୁଖ୍, କ୍ରିତି ଖରବନ୍ଦା, ବବି ଦେଓଲ ଓ ପୂଜା ହେଗ୍‌ଡେ ପ୍ରମୁଖ ଲିଡ୍ ରୋଲ୍‌ରେ ଅଭିନୟ କରିଛନ୍ତି। ତେବେ ମିଳିଥିବା ସୂଚନା ଅନୁସାରେ 'ହାଉସ୍‌ଫୁଲ୍-୪' ବକ୍ସ ଅଫିସ୍‌ରେ ଶନିବାର ସୁଦ୍ଧା ୨୦୦ କୋଟିର କ୍ଲବରେ ନିଜକୁ ସାମିଲ କରିସାରିଲାଣି। ଭାରତରେ ସର୍ବମୋଟ ୨୧୩.୬୧ କୋଟି ବ୍ୟବସାୟ କରିଥିବାବେଳେ ବିଦେଶରେ ୩୮.୯୬ କୋଟି ବ୍ୟବସାୟ କରିଛି। ତେବେ ୱାର୍ଲଡ୍ ୱାଇଡ୍ କଲେକ୍ସନ ହେଉଛି ୨୫୨.୫୭କୋଟି। ଏହାସହ ୨୦୧୯ରେ ସବୁଠାରୁ ଭଲ ବ୍ୟବସାୟ କରିଥିବା ଫିଲ୍ମ ତାଲିକାରେ ୬ଷ୍ଠ ସ୍ଥାନରେ ରହିଛି କମେଡି ଫିଲ୍ମ 'ହାଉସ୍‌ଫୁଲ୍-୪'।





ଯଦି ନିଜର ଶରୀରକୁ ଶାନ୍ତ ରଖିପାରିବ,
ତେବେ ସାରା ବିଶ୍ୱକୁ ଜୟ କରିପାରିବ।
- ଗୁରୁ ନାନକ

## ସଂକ୍ଷେପରେ

### ଆଜି ଭାଜପା, ୧୨ରେ କଂଗ୍ରେସ ବିଧାୟକ ଦଳ ବୈଠକ

### ୧୩ରେ ବିଜେଡି ବିଧାୟକଙ୍କ ବୈଠକ

**ଭୁବନେଶ୍ୱର,୧୦।୧୧(ବ୍ୟୁରୋ):** ବିଧାନସଭା ଶୀତଅଧିବେଶନ ଆସନ୍ତା ୧୩ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅଧିବେଶନରେ ରାଜ୍ୟ ସରକାର ଅତିରିକ୍ତ ବଜେଟ ସମ୍ପର୍କିତ ପ୍ରସ୍ତାବ ଗୃହୀତ କରିବେ। ଅଧିବେଶନ ଆରମ୍ଭ ପୂର୍ବରୁ ଅର୍ଥାତ୍ ସେହିଦିନ ପୂର୍ବାହ୍ନ ୧୦ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ଦଳ କିପରି ବିରୋଧୀଙ୍କ ସମ୍ମୁଖୀନ ହେବ ସେ ନେଇ ରଣନୀତି ପ୍ରସ୍ତୁତ କରିବ। ଅନ୍ୟପଟେ ଶୀତ ଅଧିବେଶନରେ ଶାସକ ଦଳକୁ ଘେରିବା ପାଇଁ ବିରୋଧୀମାନେ ମଧ ପ୍ରସ୍ତୁତ ହୋଇଛନ୍ତି। ଯାଜପୁର ଜିଲା ହରିଦାସପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ପ୍ରସଙ୍ଗକୁ ଉଭୟ ଭାଜପା, କଂଗ୍ରେସ ଗୃହରେ ଜୋର୍‌ଦାର ଭାବେ ଉଠାଇବେ ବୋଲି ପୂର୍ବରୁ ସୂଚନା ଦେଇଛନ୍ତି। ବିଧାନସଭା ଅଧିବେଶନ ପୂର୍ବରୁ ଅର୍ଥାତ୍ ସୋମବାର ୧୧ଟା ସମୟରେ ଭାଜପା ବିଧାୟକ ଦଳ ବୈଠକ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକଙ୍କ ଅଧକ୍ଷତାରେ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ସେହିପରି କଂଗ୍ରେସ ବିଧାୟକ ଦଳ ବୈଠକ ମଙ୍ଗଳବାର ସନ୍ଧ୍ୟାରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

## ■ ଜନ୍ମଦିନରେ ବିଭିନ୍ନ ମହଲରୁ କେନ୍ଦ୍ରମନ୍ତ୍ରୀ ପ୍ରତାପଙ୍କୁ ଶୁଭେଚ୍ଛା

# ବୃଦ୍ଧାଶ୍ରମର ଅନ୍ତେବାସୀ କଲେ ଆଶୀର୍ବାଦ

■ ଧୁମ୍‌ଧାମ୍‌ରେ ଜନ୍ମଦିନ ପାଳିଲା ଯୁବ ସ୍ୱାଭିମାନ ମଞ୍ଚ
■ ଗୋମାତା, ଗୁରୁ ଓ ସାଧୁ ପୂଜନ ସହ ମନଛୁଆଁ ସାଂସ୍କୃତିକ କାର୍ଯ୍ୟକ୍ରମ
■ ପିଲାଦିନର ଗୁରୁ ତ୍ରିଲୋଚନ ସାହୁଙ୍କ ପୂଜନ

**ବାଲେଶ୍ୱର ଅଫିସ,୧୦।୧୧**

ଭାରତର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ୬୪ତମ ଜନ୍ମଦିନ ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନରେ ପାଳିତ ହୋଇଛି। ବିଭିନ୍ନ ମହଲରୁ ତାଙ୍କୁ ଜନ୍ମଦିନ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ରବିବାର ପୂର୍ବାହ୍ନ ୧୧ଟାରେ ଅମୃତଧାରା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଚାନ୍ଦବାଲି ପଡିଆସ୍ଥିତ ବୃଦ୍ଧାଶ୍ରମରେ ଆୟୋଜିତ ଜନ୍ମଦିନ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଷଡଙ୍ଗୀ ଯୋଗ ଦେଇ ଅନ୍ତେବାସୀଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଆଶ୍ରମ ଅନ୍ତେବାସୀ ତାଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଅନ୍ତେବାସୀଙ୍କୁ କମ୍ବଳ ଓ ଫଳ ବଣ୍ଟନ କରିଥିଲେ ।

ସେହିପରି ନୀଳଗିରି ନିକଟସ୍ଥ ମିତ୍ରପୁର ମହୋତ୍ସବ ପଡ଼ିଆଠାରେ ଯୁବ ସ୍ୱାଭିମାନ ମଞ୍ଚ ତରଫରୁ କେନ୍ଦ୍ରମନ୍ତ୍ରୀଙ୍କ ଜନ୍ମ ଦିବସ ଧୁମ୍‌ଧାମରେ ପାଳିତ ହୋଇଥିଲା। ଏହି ଉତ୍ସବରେ ଯୋଗଦେବାକୁ କେନ୍ଦ୍ରମନ୍ତ୍ରୀ ଆସି ପହଞ୍ଚିବାବେଳେ ମର୍ଦ୍ଧରାଜପୁର ଛକଠାରେ ଉପସ୍ଥିତ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ମାଦଳ ବାଦ୍ୟ ସାଙ୍ଗକୁ ଆଦିବାସୀ ନୃତ୍ୟ ଓ କୀର୍ତ୍ତନ ଶୋଭାଯାତ୍ରାରେ କେନ୍ଦ୍ରମନ୍ତ୍ରୀ ଚାଲି ଚାଲି ଯାଇ ସ୍ଥାନୀୟ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ମିତ୍ରପୁର ମହାବିଦ୍ୟାଳୟରେ ବୃକ୍ଷରୋପଣ କରି ସେ ମିତ୍ରପୁର ମହୋତ୍ସବ ପଡ଼ିଆରେ ପହଞ୍ଚିଥିଲେ । ମଞ୍ଚ ତରଫରୁ ପୂର୍ବ ପ୍ରସ୍ତୁତି ମୁତାବକ ବେଦପାଠ, ଦୀପ ପ୍ରଜ୍ୱଳନ କରାଯାଇ ଗୋମାତା, ଗୁରୁ ଓ ସାଧୁ ପୂଜନ ସହ ମୁକ୍ତ ବିହଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀଙ୍କର ପିଲାଦିନର ଗୁରୁ ତ୍ରିଲୋଚନ ସାହୁଙ୍କୁ ସେଠାରେ ପୂଜନ କରାଯିବା ଦୃଶ୍ୟ ବେଶ୍ ହୃଦୟସ୍ପର୍ଶୀ ଥିଲା । ଏହାପୂର୍ବରୁ ପୂର୍ବାହ୍ନରେ ପ୍ରଭାତଫେରି, ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ, ପ୍ରାତଃ ଭଜନ ସଂକୀର୍ତ୍ତନ, ମେଗା ରକ୍ତଦାନ ଶିବିର, ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଏବଂ ଔଷଧ ବଣ୍ଟନ, ଚିତ୍ରାଙ୍କନ ଓ ରଙ୍ଗୋଲି ପ୍ରତିଯୋଗିତା କରାଯାଇଥିଲା। ଅନାଥ ପିଲାଙ୍କୁ ଖାଦ୍ୟ, ବସ୍ତ୍ର ବଣ୍ଟନ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶୀ, ଛଉ, ନୃତ୍ୟ, ଆଦିବାସୀ ନୃତ୍ୟ, ପାରମ୍ପରିକ ନୃତ୍ୟ, ବନ୍ଦେମାତରମ୍ ଆଦି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ କେନ୍ଦ୍ରମନ୍ତ୍ରୀ ଷଡଙ୍ଗୀ ଏହି ସଭାରେ ବକ୍ତବ୍ୟ ରଖିଥିଲେ। ସମ୍ବର୍ଦ୍ଧନା ସଭା କାର୍ଯ୍ୟକ୍ରମରେ ସାମିଲ ଥିବା ସମସ୍ତଙ୍କ ପାଇଁ ପ୍ରସାଦ ଓ ଖିରି ବଣ୍ଟନ କରାଯାଇଥିଲା। ଯୁବ ସ୍ୱାଭିମାନ ମଞ୍ଚ ସ୍ୱର୍ଣ୍ଣଚନ୍ଦ୍ର ମଣ୍ଡଳର ଆବାହକ ତାପସ ମହାନ୍ତି, ଗଙ୍ଗାଧର ମିଶ୍ର, ଉପେନ୍ଦ୍ର ଦାସ, ସୁବାଶିଷ ଆଚାର୍ଯ୍ୟ, ସୁଇଟି ବାରିକ, ବଳରାମ ବିଶ୍ୱାଳ, ଅକ୍ଷୟ ବେହେରା, ମନୋରଞ୍ଜନ ବେହେରା ଓ ଚନ୍ଦ୍ରଶେଖର ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଚାନ୍ଦବାଲି ପଡିଆସ୍ଥିତ ବୃଦ୍ଧାଶ୍ରମରେ ଆୟୋଜିତ ଜନ୍ମଦିନ ଉତ୍ସବରେ କେନ୍ଦ୍ରମନ୍ତ୍ରୀ।

୧୯୫୫ ମସିହା ନଭେମ୍ବର ୧୦ ତାରିଖରେ ବାଲେଶ୍ୱର ଜିଲା ନୀଳଗିରି ପୌରାଞ୍ଚଳସ୍ଥିତ କାହାଳିଆ ଗ୍ରାମରେ ଷଡଙ୍ଗୀ ଜନ୍ମଗ୍ରହଣ କରିଥିଲେ। ମାତା ସିଦ୍ଧେଶ୍ୱରୀ ଓ ପିତା ଗୋବିନ୍ଦଚନ୍ଦ୍ର ଷଡ଼ଙ୍ଗୀ। ପିଲାଟି ଦିନରୁ ଧାର୍ମିକଭାବନା ରଖିଥିବା ଷଡ଼ଙ୍ଗୀ ୧୯୭୧ ମସିହାରେ ସ୍ଥାନୀୟ କେ.ସି. ହାଇସ୍କୁଲରୁ ମାଟ୍ରିକ ପାସ୍ ପରେ ଫକୀରମୋହନ କଲେଜରେ ଅଧ୍ୟୟନ କରିଥିଲେ। ସେ ବିଏ ପାସ୍ କରିବା ପରେ ୧୯୭୮ ମସିହାରେ ନୀଳଗିରି କଲେଜରେ ଚାକିରି ଜୀବନ ଆରମ୍ଭ କରିଥିଲେ। ହେଲେ ଚାକିରି ମୋହ ତାଙ୍କୁ ବାନ୍ଧି ରଖି ପାରି ନ ଥିଲା। ବିଭିନ୍ନ ସାମାଜିକ କାର୍ଯ୍ୟରେ ଜଡିତ ରହିଥିବା ଯୋଗୁ ସେ ୧୯୮୨-୮୩ରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘରେ ଯୋଗ ଦେଇଥିଲେ। ସଫଳତା ଏବଂ ଦାୟିତ୍ୱ ସହକାରେ କାର୍ଯ୍ୟ ସମ୍ପାଦନ କରି ବଜରଙ୍ଗ ଦଳର ରାଜ୍ୟ ସଂଯୋଜକ ଏବଂ ବିଶ୍ୱହିନ୍ଦୁ ପରିଷଦର ରାଜ୍ୟ ସହସମ୍ପାଦକ ଭାବେ କାର୍ଯ୍ୟ ତୁଲାଇ ପରେ ସକ୍ରିୟ ରାଜନୀତିରେ ପ୍ରବେଶ କରିଥିଲେ। ୨୦୦୪ ବିଧାନସଭା ନିର୍ବାଚନରେ ଭାଜପା ତାଙ୍କୁ ନୀଳଗିରି ବିଧାନସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ଚୟନ କରିଥିଲା। ଆଉ ଏଥିରେ ସେ ବିପୁଳ ଭୋଟରେ ବିଜୟୀ ହୋଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ୨୦୦୯ରେ ଭାଜପାରୁ ଟିକଟ ପାଇ ନ ଥିଲେ ମଧ ନିଜର ସାଙ୍ଗଠନିକ ଦକ୍ଷତା ଯୋଗୁ ସେ ସ୍ୱାଧୀନ ଭାବେ ଲଢି ବିଜୟୀ ହୋଇଥିଲେ । ନିଜର ସଚ୍ଚୋଟତାକୁ ଅଳଙ୍କାର ଭାବି ଦୁଇଥର ବିଧାୟକ ହୋଇ ନିର୍ବାଚନମଣ୍ଡଳୀବାସୀଙ୍କ ପ୍ରତିନିଧିତ୍ୱ କରିଆସିଛନ୍ତି। ଅତ୍ୟନ୍ତ ନିରଳସ ଓ ନିରାଡମ୍ବର ଜୀବନଯାପନ ଲାଗି ସେ ସବୁବେଳେ ଚର୍ଚ୍ଚାରେ ରହିଆସିଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ସେ ବାଲେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ତ୍ରିମଣ୍ଡଳର ରାଷ୍ଟ୍ର ପାହ୍ୟାଯୁକ୍ତ ଅଣୁକ୍ଷୁଦ୍ର ମଧ୍ୟମଉଦ୍ୟୋଗ, ପ୍ରାଣୀଧନ ଓ ଦୁଗ୍ଧ ଉତ୍ପାଦନ ଓ ମତ୍ସ୍ୟ ସମ୍ପଦ ବିଭାଗର ଦାୟିତ୍ୱ ତୁଲାଉଛନ୍ତି। ଏତଦ୍‌ବ୍ୟତୀତ ସେ ଜଣେ ଗୋସେବକ ଭାବେ ନିଜ ପରିଚୟ ସୃଷ୍ଟି କରିଛନ୍ତି। ଏହାବାଦ୍ ନିଜର ଅଗ୍ନିବର୍ଷୀ ଭାଷଣ ପାଇଁ ପ୍ରତାପ ଭାଜପା କ୍ୟାମ୍ପରେ ବେଶ୍ ପରିଚିତ। ତାଙ୍କର ଜନ୍ମଦିନ ଅବସରରେ ବହୁ ଭାଜପା କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ଅନୁଷ୍ଠାନ ବୁଦ୍ଧିଜୀବୀ ମହଲ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବଢ଼ିବ ଶୀତ

**ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)**

ବାତ୍ୟା 'ବୁଲ୍‌ବୁଲ୍' ପ୍ରକୋପ କମିବା ପରେ ଶନିବାରଠାରୁ ରାଜ୍ୟରେ ଶୀତ ଅନୁଭୂତ ହେଉଛି। ଅଧିକାଂଶ ସ୍ଥାନରେ ତାପମାତ୍ରାରେ ୨ରୁ ୩ ଡିଗ୍ରୀ ହ୍ରାସ ପରିଲକ୍ଷିତ ହୋଇଥିବାବେଳେ ରାତିରେ ତାପମାତ୍ରା ମଧ କମୁଛି। ରାଜ୍ୟର ୩ ସହରରେ ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଥିବା ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ରରୁ ସୂଚନା ମିଳିଛି। ଦାରିଙ୍ଗ୍‌ବାଡ଼ିରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ରେକର୍ଡ କରାଯାଇଛି। ସୁନ୍ଦରଗଡ଼ରେ ତାପମାତ୍ରା ୧୪ ଡିଗ୍ରୀକୁ ଖସିଆସିଥିବାବେଳେ କୋରାପୁଟରେ ୧୪.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ଅନୁଗୋଳ ଓ ଟିଟିଲାଗଡ଼ରେ ତାପମାତ୍ରା ୧୭ଡିଗ୍ରୀ ଥିବାବେଳେ ସୁବର୍ଣ୍ଣପୁରରେ ୧୭.୬, ଫୁଲବାଣୀରେ ୧୮.୮, କେନ୍ଦୁଝରରେ ୧୯, ଭବାନୀପାଟଣାରେ ୧୯.୩, ସମ୍ବଲପୁରରେ ୧୯.୫ ଏବଂ ଝାରସୁଗୁଡାରେ ୧୯.୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। 'ବୁଲ୍‌ବୁଲ୍'ର ପ୍ରଭାବ ଯୋଗୁ ବଙ୍ଗୋପସାଗରରୁ ଏବେ ସାମୁଦ୍ରିକ ପବନ ବହୁଥିବାରୁ ଶୀତର ପ୍ରଭାବ ଅଧିକ ଅନୁଭୂତ ହେଉଛି। ରବିବାର ରାଜ୍ୟର କୌଣସି ସ୍ଥାନରେ ବର୍ଷା ହୋଇ ନ ଥିବାବେଳେ ଆସନ୍ତା ୫ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବା ସହ ତାପମାତ୍ରାରେ ହ୍ରାସ ଘଟିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ତେବେ ଉତ୍ତର ଏବଂ ଉପକୂଳ ଓଡ଼ିଶାରେ ଅଧିକ ଶୀତ ଅନୁଭୂତ ହେବ ବୋଲି ସୂଚନା ମିଳିଛି।

## ■ ବାବ୍ରୀ ମସ୍‌ଜିଦ ପାଇଁ ୫ ଏକର ଜମି

# ୨୬ରେ ନିଷ୍ପତ୍ତି ନେବ ସୁନ୍ନି ୱାକଫ୍ ବୋର୍ଡ

**ଲକ୍ଷ୍ନୌ,୧୦।୧୧(ପି.ଟି.)**

ଅଯୋଧ୍ୟା ଜମି ବିବାଦ ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ବିବାଦିୟ ଜମିକୁ ରାମ ଲାଲା ପକ୍ଷଙ୍କୁ ଦିଆଯିବା ସହ ସୁନ୍ନି ୱାକଫ୍ ବୋର୍ଡ ମସ୍‌ଜିଦ ନିର୍ମାଣ ପାଇଁ ଅଯୋଧ୍ୟା ସହରର ଏକ ଭିନ୍ନ ସ୍ଥାନରେ ୫ ଏକର ଜମି ଦେବାକୁ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟକୁ ଐତିହାସିକ ବୋଲି କୁହାଯିବା ସହ ବିଭିନ୍ନ ବର୍ଗର ଲୋକେ ସ୍ୱାଗତ କରିଛନ୍ତି। ହେଲେ ଅଯୋଧ୍ୟା ସହରର ଭିନ୍ନ ଏକ ସ୍ଥାନରେ ୫ଏକର ଜମିକୁ ୱାକଫ୍ ବୋର୍ଡ ଗ୍ରହଣ କରିବ କି ନାହିଁ ସେନେଇ ଆସନ୍ତା ୨୬ ତାରିଖରେ ନିଷ୍ପତ୍ତି ନିଆଯିବ ବୋଲି ମାମଲାର ମୁସ୍‌ଲିମ ପକ୍ଷ ସୂଚନା ଦେଇଛି।

ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ଖଣ୍ଡପୀଠ ଶନିବାର ୨.୭୭ ଏକର ପରିମିତ ବିବାଦୀୟ ଜମିରେ ରାମମନ୍ଦିର ନିର୍ମାଣ ନିମନ୍ତେ ପଥ ପରିଷ୍କାର କରିଛନ୍ତି। ଉକ୍ତ ଭୂମିକୁ ରାମ ଲାଲା ପକ୍ଷଙ୍କୁ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଉତ୍ତରପ୍ରଦେଶ ସୁନ୍ନି ସେଣ୍ଟ୍ରାଲ ୱାକଫ୍ ବୋର୍ଡକୁ ବିକଳ୍ପ ଭାବେ ମସ୍‌ଜିଦ ନିର୍ମାଣ ପାଇଁ ଏକ ପ୍ରମୁଖ ସ୍ଥାନରେ ଉପଯୁକ୍ତ ୫ ଏକର ଜମି ଦେବାକୁ ମଧ କେନ୍ଦ୍ର ସରକାରଙ୍କୁ ଖଣ୍ଡପୀଠଙ୍କ ନିର୍ଦ୍ଦେଶ ରହିଛି। ଏନେଇ ୱାକଫ୍ ବୋର୍ଡ ଅଧ୍ୟକ୍ଷ ଜଫର ଫାରୁକି ରବିବାର କହିଛନ୍ତି, ଭୂମି ଗ୍ରହଣ ନେଇ ବିଭିନ୍ନ ପ୍ରକାର ମତାମତ ଆସୁଛି। ବାବ୍ରୀ ମସ୍‌ଜିଦ ପାଇଁ ଉକ୍ତ ଜମି ଗ୍ରହଣ ନ କରିବାକୁ କେତେଜଣ ବ୍ୟକ୍ତି ପରାମର୍ଶ ଦେଉଛନ୍ତି। ଏପରି କଲେ ନକାରାତ୍ମକତା ବୃଦ୍ଧି ପାଇବ। ତେବେ ତାଙ୍କର ବ୍ୟକ୍ତିଗତ ମତ ହେଉଛି, ନକାରାତ୍ମକ ବିଚାର ଉପରେ ସକାରାତ୍ମକତାର ବିଜୟ ହୋଇଥାଏ। ବୋର୍ଡର ଜେନେରାଲ ବଡି ମିଟିଙ୍ଗ୍ ନଭେମ୍ବର ୨୬ରେ ବସିବ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ୫ ଏକର ଜମି ନିଆଯିବ କି ନାହିଁ ଉକ୍ତ ବୈଠକରେ ନିଷ୍ପତ୍ତି ହେବ। ଏହି ବୈଠକ ନଭେମ୍ବର ୧୩ରେ ବସିବା ପାଇଁ ପୂର୍ବରୁ ସ୍ଥିର ହୋଇଥିଲା। କିନ୍ତୁ ତାହା ୨୬ ତାରିଖକୁ ଘୁଞ୍ଚାଇ ଦିଆଯାଇଛି ବୋଲି ଫାରୁକି ସୂଚନା ଦେଇଛନ୍ତି। ଆଉ କେତେଜଣଙ୍କ ମତରେ ୱାକଫ୍ ବୋର୍ଡ ସରକାରଙ୍କଠାରୁ ଜମି ନେଇ ସେଠାରେ ଏକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରୁ। ତା' ପରିସରରେ ଏକ ମସ୍‌ଜିଦ ନିର୍ମାଣ କରାଯାଉ। ଯେତେଦୂର ଜମି କଥା ଉଠୁଛି, ସରକାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମାନିବାକୁ ବାଧ। ବୋର୍ଡ ଜମି ଗ୍ରହଣ କରିବାକୁ ନିଷ୍ପତ୍ତି ନେଲେ ତା'କୁ କିପରି ନିଆଯିବ ଓ କ'ଣ ସର୍ତ୍ତ ରହିବ ତାହା ମଧ ସ୍ଥିର କରିବୁ। ବୋର୍ଡ ଅଦାଲତଙ୍କ ରାୟକୁ ସ୍ୱାଗତ କରୁଛି ଓ ଏହାକୁ ଚ୍ୟାଲେଞ୍ଜ କରିବ ନାହିଁ ବୋଲି ଫାରୁକି ସ୍ପଷ୍ଟ କରିଛନ୍ତି। ପ୍ରକାଶ ଯେ, ଗତମାସ ୱାକଫ୍ ବୋର୍ଡ ଜାତୀୟ ସ୍ୱାର୍ଥରେ ବିବାଦୀୟ ଜମିରୁ ନିଜ ଦାବି ପ୍ରତ୍ୟାହାର ପାଇଁ ସସର୍ତ୍ତ ପ୍ରସ୍ତାବ ଦେଇଥିଲା।

# ବଡ଼ଓଷାରେ ଧବଳେଶ୍ୱରଙ୍କ ବଡ଼ସିଂହାର ବେଶ

■ ଦର୍ଶନ କଲେ ୬୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ
■ ଚେତାଶୂନ୍ୟ ହେଲେ ୨ ମହିଳା
■ ଡଙ୍ଗାରେ ଗଲେ ଲାଇଫ୍ ଜ୍ୟାକେଟ୍ ବାଧ୍ୟତାମୂଳକ

**ଖୁଣ୍ଟୁଣୀ,୧୦।୧୧(ଡି.ଏନ୍.ଏ.)**

କଟକ ଜିଲା ଆଠଗଡ ବ୍ଲକ ଅଧୀନ ମଞ୍ଚେଶ୍ୱରସ୍ଥିତ ବାବା ଧବଳେଶ୍ୱରଙ୍କ ପୀଠରେ ରବିବାର ବଡ଼ଓଷା ପାଳିତ ହୋଇଛି। ଏହି ଅବସରରେ ରାତି ୩ଟାରୁ ମନ୍ଦିରର ପହୁଡ ଖୋଲାଯାଇ ସ୍ନାନ ଓ ବିଭିନ୍ନ ନୀତି କରାଯିବା ସହ ଧବଳେଶ୍ୱରଙ୍କ ବଡସିଂହାର ବେଶ ଅନୁଷ୍ଠିତ ହୋଇଥିଲା। ଏହି ବେଶକୁ ଦର୍ଶନ କରିବା ପାଇଁ ବିଭିନ୍ନ ସ୍ଥାନରୁ ୬୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଆଠଗଡ଼ ଦେବୋତ୍ତର ସୁପରଭାଇଜର କରୁଣାକର ବେହେରା କହିଛନ୍ତି। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିବାବେଳେ ମନୋରଞ୍ଜନ ପାଇଁ ପୀଠ ନିକଟରେ ଥିବା ଭିକାରୀ ବଳ ଭଜନ ମଣ୍ଡପରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ସେହିପରି ପାଇକେରାପୁର ପଟରୁ ଠାକୁରଙ୍କ ପୀଠକୁ ଡଙ୍ଗାରେ ଆସୁଥିବା ଭକ୍ତଙ୍କ ଲାଗି ଲାଇଫ ଜ୍ୟାକେଟ୍ ବାଧ୍ୟତାମୂଳକ କରାଯାଇଥିଲା। ପୀଠକୁ ଆଲୋକମାଳାରେ ସଜା ଯାଇଥିବାବେଳେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଭକ୍ତଙ୍କ ପାଇଁ ପାଣି ପାଉଚ ବ୍ୟବସ୍ଥା କରାଯାଇଥିଲା। ଅନ୍ୟପକ୍ଷରେ ଖରାରେ ଧାଡିରେ ଛିଡା ହୋଇଥିବା ଜଗତ୍‌ସିଂହପୁର ଓ ବେଣ୍ଟକାର ଅଞ୍ଚଳର ୨ ଜଣ ମହିଳା ଚେତାଶୂନ୍ୟ ହୋଇଯାଇଥିବା ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ତତ୍ତ୍ୱାବଧାରକ ମନମୋହନ ସାହୁ କହିଛନ୍ତି। ଉକ୍ତ ପୀଠରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଉପଜିଲାପାଳ, ତହସିଲଦାର, ବିଡିଓ, ଏସ୍‌ଡିପିଓଙ୍କ ଉପସ୍ଥିତିରେ ୧୬ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଅନ୍ୟପକ୍ଷରେ ରବିବାର ବିଳମ୍ବିତ ରାତିରେ ଠାକୁରଙ୍କ ସ୍ନାନ ଓ ଅନ୍ୟାନ୍ୟ ନୀତି ପରେ ଭୋର ସମୟରେ ଗଜଭୋଗ ଲାଗି କରାଯାଇଥିଲା। ପରେ ଏହି ଭୋଗ ସହ ତରଣ ମଧ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥିଲା।



**ଠାକୁରଙ୍କ ସ୍ୱତନ୍ତ୍ର ଗଜଭୋଗ**

ଧବଳେଶ୍ୱରଙ୍କ ନିକଟରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଗଜଭୋଗ ଲାଗି କରାଯାଇଥାଏ। ପ୍ରଥମେ ଅରୁଆ ଚାଉଳ ଢିଙ୍କିରେ କୁଟି ଚୂନା ପ୍ରସ୍ତୁତ କରାଯାଏ। ଏହି ଚୂନାକୁ ଜନ୍ତିବା ପରେ ଏଥିରେ ନଡ଼ିଆ, ଗୁଡ଼, ଅଦା, ଗୋଲମରିଚ, କିସ୍‌ମିସ୍ ଓ କାଜୁ ଆଦି ପଡି ଗଜମଣ୍ଡା ପ୍ରସ୍ତୁତ କରାଯାଏ। ସେହିପରି ଏହି ଚୂନାରେ ଛେନା, ଗୁଡ଼, ନଡ଼ିଆ, କାଜୁ, କିସ୍‌ମିସ୍ ପଡ଼ି ତରଣ ପ୍ରସ୍ତୁତ କରାଯାଏ ବୋଲି ମନ୍ଦିରର ପୂଜକ ଅମୂଲ୍ୟ କୁମାର ପତ୍ରୀ କହିଛନ୍ତି।

# ଶିଶୁ ମୃତ୍ୟୁ ନେଇ ଉତ୍ତେଜନା

**ଏସ୍‌ସିବି ମେଡିକାଲ**
■ କାଜୁଆଲ୍‌ଟିରେ ତାଲା
■ ପୋଲିସ ସହିତ ଠେଲାପେଲା

**କଟକ ଅଫିସ, ୧୦।୧୧**

ଶିଶୁ ମୃତ୍ୟୁକୁ ନେଇ ରବିବାର ଭୋରରୁ ଏସ୍‌ସିବି ମେଡିକାଲରେ ଉତ୍ତେଜନା ଦେଖାଦେଇଥିଲା। ଚିକିତ୍ସାରେ ଅବହେଳା ଅଭିଯୋଗ କରି ମୃତ ଶିଶୁଙ୍କ ସମ୍ପର୍କୀୟମାନେ ମେଡିକାଲର କାଜୁଆଲ୍‌ଟି ଗେଟ୍‌କୁ ତାଲା ପକାଇ ସେଠାରେ ଧାରଣାରେ ବସିଥିଲେ। ମଙ୍ଗଳାବାଗ ପୋଲିସ ପହଞ୍ଚି ମୃତକଙ୍କ ସମ୍ପର୍କୀୟମାନଙ୍କୁ ସେଠାରୁ ଉଠାଇବାକୁ ଚେଷ୍ଟା କରିଥିଲା। ହେଲେ ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଠେଲାପେଲା ହୋଇଥିଲା। ସକାଳ ସାଢେ ୫ଟାରୁ ୮ଟା ପର୍ଯ୍ୟନ୍ତ କାଜୁଆଲ୍‌ଟିରେ ଏଭଳି ଅବସ୍ଥା ଲାଗି ରହିଥିଲା। ପରେ ମେଡିକାଲ ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା ପହଞ୍ଚି ପୋଲିସ ସହିତ ମିଶି ଧାରଣାକାରୀଙ୍କୁ ବୁଝାଇବାରୁ ପରିସ୍ଥିତି ଶାନ୍ତ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ସିଡିଏ ସେକ୍ଟର-୬ ଅଞ୍ଚଳର ସରୋଜ ଦାସଙ୍କ ୪ ବର୍ଷର ପୁଅ ଶନିବାର ଛାତ ଉପରୁ ତଳକୁ ଖସି ପଡ଼ିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ପରିବାର ପକ୍ଷରୁ ଆହତଙ୍କୁ ପ୍ରଥମେ ସିଟି ହସ୍ପିଟାଲ ପରେ ଶିଶୁଭବନକୁ ନିଆଯାଇଥିଲା। ଏହାପରେ ସେଠାରୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏସ୍‌ସିବି ମେଡିକାଲରେ ଶିଶୁଟିର ସିଟି ସ୍କାନ୍ କରାଯିବା ପରେ ଘରକୁ ନେଇଯିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ମାତ୍ର ଶିଶୁଟି ଘରେ ପହଞ୍ଚିବା ପରେ ବାନ୍ତି କରିଥିଲା। ଏହା ପରେ ପରିବାର ଲୋକେ ପୁନର୍ବାର ତାଙ୍କୁ ଶନିବାର ବିଳମ୍ବିତ ରାତିରେ ଏସ୍‌ସିବି କାଜୁଆଲ୍‌ଟିକୁ ଆଣିଥିଲେ। ସେଠାରେ ଶିଶୁକୁ ଉପଯୁକ୍ତ ଚିକିତ୍ସା ମିଳି ନ ଥିଲା। ଏପରି କି ସାଲାଇନଟିଏ ମଧ ଦିଆଯାଇ ନ ଥିବା ଶିଶୁର ସମ୍ପର୍କୀୟମାନେ କହିଛନ୍ତି। ଏଭଳି ଅବସ୍ଥାରେ ରବିବାର ଭୋର ସମୟରେ ଶିଶୁର ମୃତ୍ୟୁ ଘଟିଥିଲା। ଏହାପରେ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ମେଡିକାଲ ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା କହିଛନ୍ତି, ଚିକିତ୍ସା ଅବହେଳା ଅଭିଯୋଗର କୌଣସି ସତ୍ୟତା ନାହିଁ। ଅନ୍ୟପକ୍ଷରେ ଏ ନେଇ ପୋଲିସ ନିକଟରେ କୌଣସି ଅଭିଯୋଗ ହୋଇ ନ ଥିବା ମଙ୍ଗଳାବାଗ ଥାନା ଆଇଆଇସି ଅମିତାଭ ମହାପାତ୍ର କହିଛନ୍ତି।

**କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିଲେ କେନ୍ଦ୍ରାଞ୍ଚଳ ଆର୍‌ଡିସି**

# ୫ ଦିନ ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ଦିଅ

**ଭଦ୍ରକ ଅଫିସ/ବାଲେଶ୍ୱର ଅଫିସ,୧୦।୧୧**

ବାତ୍ୟା ବୁଲ୍‌ବୁଲ୍ ଶନିବାର ସନ୍ଧ୍ୟାରେ ଓଡ଼ିଶା ଉପକୂଳ ଅତିକ୍ରମ କରି ପଶ୍ଚିମବଙ୍ଗ ନିକଟସ୍ଥ ସାଗରଦ୍ୱୀପରେ ସ୍ଥଳଭାଗ ଛୁଇଁଛି। ଏହା ଓଡ଼ିଶା ଉପକୂଳ ଅତିକ୍ରମ କରିବା ବେଳେ ଭଦ୍ରକ ଜିଲାର ଚାନ୍ଦବାଲି, ଧାମରା, ବାସୁଦେବପୁର ସମେତ ବାଲେଶ୍ୱର ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାଞ୍ଚଳ ଆର୍‌ଡିସି ଅନିଲ କୁମାର ସାମଲ ରବିବାର ଭଦ୍ରକ ଗସ୍ତରେ ଆସି ଚାନ୍ଦବାଲିର ବାତ୍ୟା ବିଧ୍ୱସ୍ତ ଅଞ୍ଚଳ ବୁଲିବା ସହ ସମସ୍ତ କ୍ଷୟକ୍ଷତିର ସମୀକ୍ଷା କରି ଫେରିଛନ୍ତି। ଚାନ୍ଦବାଲି ଓ ବାସୁଦେବପୁର ଅଞ୍ଚଳରେ ଅଧିକ କ୍ଷୟକ୍ଷତି ଘଟିଥିବା ଚାନ୍ଦବାଲି ବ୍ଲକ କାର୍ଯ୍ୟାଳୟରେ ବିଭିନ୍ନ ଅଧିକାରୀ ଓ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କ ସହ ଆଲୋଚନା ବେଳେ ସୂଚନା ଦିଆଯାଇଥିଲା। ସେଠାରେ କ୍ଷୟକ୍ଷତିର ପ୍ରାଥମିକ ରିପୋର୍ଟକୁ ସେ ତର୍ଜମା କରିଥିଲେ। ଚାନ୍ଦବାଲିରୁ ତିହିଡ଼ି ଆସିବା ରାସ୍ତାରେ କ୍ଷତିଗ୍ରସ୍ତ ଚାଷଜମି ଓ ଗାଁ ବୁଲି ଦେଖିଥିଲେ। ଶେଷରେ ଅପରାହ୍ନରେ ଭଦ୍ରକ ସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ଅଧିକାରୀମାନଙ୍କ ସହ ଆର୍‌ଡିସି ଆଲୋଚନା କରି କ୍ଷୟକ୍ଷତିର ସମୀକ୍ଷା କରିଥିଲେ। ଆଗାମୀ ୫ ଦିନ ମଧ୍ୟରେ ଚାଷଜମି କ୍ଷୟକ୍ଷତିର ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରିବାକୁ ସେ ଅତିରିକ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱ ଓ କୃଷି ବିଭାଗ ମିଳିତ ଭାବେ କ୍ଷୟକ୍ଷତିର ପୂର୍ଣ୍ଣାଙ୍ଗ ଆକଳନ କରିବାକୁ ସେ ପରାମର୍ଶ ଦେଇଥିଲେ। ପ୍ରକୃତ କ୍ଷତିଗ୍ରସ୍ତ ଚାଷୀ ଓ ହିତାଧିକାରୀ ଯେଭଳି ବାଦ୍ ନ ପଡ଼ନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ସେ ତାଗିଦ୍ କରିଥିଲେ।

ବାଲେଶ୍ୱର ଜିଲାରେ କ୍ଷୟକ୍ଷତିର ପ୍ରାଥମିକ ଅଟକଳ ଜାରି ରହିଥିବାରୁ ସବିଶେଷ ରିପୋର୍ଟ ମିଳି ନାହିଁ। ମୋଟ ୩୬୨ଟି ଘର ବାତ୍ୟାରେ ଭାଙ୍ଗିଥିବା ପ୍ରାଥମିକ ଅନୁଧ୍ୟାନରୁ ଜଣାପଡ଼ିଛି। ଏହି ସଂଖ୍ୟା ଆହୁରି ଅଧିକ ହୋଇପାରେ ବୋଲି କୁହାଯାଉଛି। ଜିଲାର ବାତ୍ୟା ପ୍ରଭାବିତ ଭୋଗରାଇ, ବାଲିଆପାଳ, ଜଳେଶ୍ୱର, ବସ୍ତା, ସଦର ରେମୁଣା, ବାହାନଗା, ସୋରୋ, ସିମୁଳିଆ, ନୀଳଗିରି ବ୍ଲକରେ ଶହ ଶହ ଏକର ଧାନଜମି ପାଣିରେ ପଡ଼ି ରହିଥିବା ସୂଚନା ମିଳିଛି।



ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଆର୍‌ଡିସି ଅନିଲ ସାମଲ ଓ ଅନ୍ୟ ଅଧିକାରୀମାନେ।

## ଭଦ୍ରକରେ ସାଢ଼େ ୫ ଲକ୍ଷ ଲୋକ ପ୍ରଭାବିତ

ଭଦ୍ରକ ଜିଲାର ୭ଟି ବ୍ଲକର ୯୮୦ ଗାଁର ୫ ଲକ୍ଷ ୫୦ ହଜାର ଲୋକ ବୁଲ୍‌ବୁଲ୍ ବାତ୍ୟାରେ ପ୍ରଭାବିତ ହୋଇଥିବା ପ୍ରାଥମିକ ଭାବେ ଆକଳନ କରାଯାଇଛି। ମୋଟ ୪,୪୯୪ ଘର ଭାଙ୍ଗିଛି। ୩ ଶହ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ନଷ୍ଟ ହୋଇଯାଇଥିବା ବେଳେ ୧୦୦ ଟି ୧୧ କେଭି ବିଦ୍ୟୁତ୍ ଖୁଣ୍ଟ ଓଲଟି ପଡ଼ିଛି। ୮ଟି ୩୩ କେଭି ଖୁଣ୍ଟ ଭାଙ୍ଗି ପଡ଼ିଥିବାବେଳେ ୩୦ଟି ଟ୍ରାନ୍ସଫର୍ମର ଭୁଇଁରେ ଲୋଟି ପଡ଼ିଛି। ଗଛ ଓ ବିଦ୍ୟୁତ୍ ଖୁଣ୍ଟ ପଡ଼ି ୧୫୬ ରାସ୍ତା ଅବରୋଧ ହୋଇଥିଲା। ବର୍ତ୍ତମାନ ସମସ୍ତ ରାସ୍ତା ଉପରୁ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ହଟେଇ ଦିଆଯାଇଥିବା ସୂଚନା ମିଳିଛି। ଉଦ୍ଧାର କାର୍ଯ୍ୟରେ ୨ଟି ଓଡ୍ରାଫ୍, ଗୋଟିଏ ଏନ୍‌ଡିଆର୍‌ଏଫ୍ ଏବଂ ଅଗ୍ନିଶମ ବିଭାଗର ୬ଟି ଟିମ୍ ନିୟୋଜିତ ଥିଲେ। ଏହି ବାତ୍ୟାରେ ୬ ଗୃହପାଳିତ ପ୍ରାଣୀଙ୍କର ମୃତ୍ୟୁ ଘଟିଛି। ଜିଲାରେ ୬୧ ହଜାର ଏକର ଚାଷଜମି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।



ସେବା ହିଁ ଧର୍ମର ପଥ। ଦୁଃସ୍ଥ, ପୀଡିତ, ଦୁଃଖୀ ଏବଂ ଅସହାୟ ମଣିଷଙ୍କ ସେବା କରିବାଠାରୁ ଆଉ ବଡ଼ ଧର୍ମ ନାହିଁ। ଏହି ସେବା ଦ୍ୱାରା ଯେଉଁ ଆନନ୍ଦ ମିଳେ ତାହା ଅପାର୍ଥିବ, ତାହା ସ୍ୱର୍ଗୀୟ, ମାତ୍ର ତୁମେ ତାହା ସବୁ ଭୁଲି ଗଲଣି।
- ସତ୍ୟ ସାଇବାବା




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଶିବ ପ୍ରସାଦ
ପରିବାରବର୍ଗ



ଟିଙ୍କୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ଲେବଲ୍ କ୍ରସିଂ ଫାଟକକୁ ଧକ୍କା ଦେଲା ଟ୍ରକ

# ୧୦ମିନିଟ୍ ଅଟକିଲା ମାଲବାହୀ ଟ୍ରେନ

**ଖୁଣ୍ଟୁଣୀ,୧୦।୧୧(ଡି.ଏନ୍.ଏ)**

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଘଣ୍ଟିଖାଲରେ ବନ୍ଦ ଥିବା ଏକ ଲେବଲ କ୍ରସିଂ ଫାଟକକୁ ରବିବାର ଏକ ଟ୍ରକ ଧକ୍କା ଦେଇଛି। ଫଳରେ ଟ୍ରକଟି ଟ୍ରାକ ମଧ୍ୟରେ ପଶିଯିବାରୁ ଘଣ୍ଟିଖାଲ ଷ୍ଟେଶନରେ ଏକ ମାଲବାହୀ ଟ୍ରେନ ପ୍ରାୟ ୧୦ମିନିଟ ଅଟକି ରହିଥିଲା। ଖବରପାଇ ରେଳବାଇ ଫାଣ୍ଡି ଅଧିକାରୀ ସୁରେଶ ଚନ୍ଦ୍ର ଗୌଡ ଘଟଣାସ୍ଥଳରେ ପହଞ୍ଚି ଟ୍ରକକୁ ଟ୍ରେନ ଲାଇନରୁ ହଟାଇବା ପରେ ଉକ୍ତ ଟ୍ରେନଟି ଯାଇଥିଲା। ଏହାସହ ପୋଲିସ ଟ୍ରକ ଚାଳକକୁ ଗିରଫ କରିଛି। ସେ ହେଲେ ଢେଙ୍କାନାଳ ଜିଲା ଭୁବନ ଥାନା ଅନ୍ତର୍ଗତ ଗରୁଡ଼ବନ୍ଦୀ ଗ୍ରାମର ମଙ୍ଗରାଜ ଦାସ। ସୂଚନା ମୁତାବକ, ରବିବାର ଭୋର ୫ଟା ସମୟରେ ମଙ୍ଗରାଜ ଢେଙ୍କାନାଳରୁ କ୍ରୋମ୍ ଚିପ୍ସ

**ଟ୍ରକ ଚାଳକ ଗିରଫ**

ବୋଝେଇ ଟ୍ରକ(ନଂ.ଓଆର୍ ୦୪-୭୪୪୪) ନେଇ ଖୁଣ୍ଟୁଣୀ ପଟୁ ଏକ କାରଖାନାକୁ ଆସୁଥିଲେ। ଏହି ସମୟରେ ଲେବଲ କ୍ରସିଂ ଫାଟକ ପଡିଯାଇଥିଲା। ଏଥିରେ ମଙ୍ଗରାଜ ଭାରସାମ୍ୟ ହରାଇ ଫାଟକରେ ଧକ୍କା ଦେଇ ଟ୍ରେନ ଲାଇନ୍ ମଧ୍ୟକୁ ଚାଲିଯାଇଥିଲା। ଗେଟମ୍ୟାନ ତୁରନ୍ତ ଘଣ୍ଟିଖାଲ ଷ୍ଟେଶନ ମାଷ୍ଟରଙ୍କୁ ଜଣାଇ ମାଲବାହୀ ଟ୍ରେନକୁ ଅଟକାଇଥିଲେ। ଏ ନେଇ ଭୁବନେଶ୍ୱର ଆର୍‌ପିଏଫ୍ ଥାନା ପକ୍ଷରୁ ଏକ ମାମଲା ସିଂସି ୨୩୧୩ ରେଲୱେ ଆକ୍ଟ ୧୬୦(୨)ରେ ରୁଜୁ ହୋଇଛି। ଏହାଦ୍ୱାରା ଏହି ଷ୍ଟେଶନ ଦେଇ ଯାଉଥିବା ପ୍ରାୟ ୨୨ଟି ଟ୍ରେନ ପ୍ରଭାବିତ ହୋଇଥିବା ଜଣାପଡିଛି।

# ୫-ଟି'କୁ ନେଇ ପୁଣି ଭାଜପା-ବିଜେଡି ମୁହାଁମୁହିଁ

### କନିଷ୍ଠଙ୍କ ଗସ୍ତବେଳେ ବରିଷ୍ଠଙ୍କ ଉପସ୍ଥିତି ଏକ ବିସଙ୍ଗତି: ଅପରାଜିତା

### ବହୁ ଭାଜପାଶାସିତ ରାଜ୍ୟ ଏହି ମଡେଲ ଆପଣାଇବେ: ସସ୍ମିତ

**ସମ୍ବଲପୁର, ଭୁବନେଶ୍ୱର,୧୦।୧୧(ବ୍ୟୁରୋ)**

୫-ଟି କାର୍ଯ୍ୟକ୍ରମକୁ ନେଇ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ରାଜ୍ୟ ସରକାରଙ୍କ ଉପରେ ପୁଣିଥରେ ବର୍ଷିଛନ୍ତି। କନିଷ୍ଠ ସଚିବଙ୍କ ଗସ୍ତ ବେଳେ ବରିଷ୍ଠ ସଚିବମାନେ ଉପସ୍ଥିତ ରହିବା ପ୍ରଶାସନିକ ବିସଙ୍ଗତି ବୋଲି ଅପରାଜିତା କହିଛନ୍ତି। ଅପରାଜିତା କହିଛନ୍ତି ଯେ, ସେ ଓଡିଶାରେ ୨୦ବର୍ଷ ଏବଂ ଦିଲ୍ଲୀରେ ୫ ବର୍ଷ ଚାକିରି କରିଛନ୍ତି। କିନ୍ତୁ ଏଭଳି ସ୍ଥିତି କୌଣସି ସ୍ଥାନରେ ଦେଖିନାହାନ୍ତି। ଏହା ଶାସନ ବ୍ୟବସ୍ଥାର ବିସଙ୍ଗତି। ବରିଷ୍ଠଙ୍କ ଗସ୍ତ ବେଳେ କନିଷ୍ଠ ଅଧିକାରୀ ସହାୟତା କରିବା କଥା। ମାତ୍ର ବର୍ତ୍ତମାନ ଯାହା ଦେଖାଯାଉଛି ତାହା ଦୁର୍ଭାଗ୍ୟଜନକ। ତେଣୁ ପ୍ରଶାସନ ବ୍ୟବସ୍ଥାର ମଡେଲକୁ ପରିବର୍ତ୍ତନ କରିବାକୁ ହେବ। ୫-ଟି ନୂଆ ଅନୁଭବ ନୁହେଁ, ବରଂ ରାଜ୍ୟ ସରକାର ମନିଟରିଂ ପାରାମିଟର୍ସ ବ୍ୟବସ୍ଥା ହେଉ। କେବଳ ସ୍ୱାସ୍ଥ୍ୟ ବିଭାଗରେ ୫-ଟି ଉପରେ ଗୁରୁତ୍ୱ ନ ଦିଆଯାଇ ଏହା ସବୁ ବିଭାଗରେ କାର୍ଯ୍ୟକାରୀ କରାଯାଉ। ରବିବାର ସମ୍ବଲପୁର ଗସ୍ତରେ ଆସି ଅପରାଜିତା ବୁର୍ଲାସ୍ଥିତ ଭିସୁଟର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଏହା କହିଛନ୍ତି। ଅପରାଜିତା ଆହୁରି କହିଛନ୍ତି, ଏହାକୁ ୩ରୁ ୬ ମାସ ମଧ୍ୟରେ ବ୍ୟବସ୍ଥା କରାଯାଉ। ଅଲଗା ପାୱାର ସେଣ୍ଟର କରି ମନ୍ତ୍ରୀ ଓ ସଚିବଙ୍କୁ ଦୁର୍ବଳ କରିବା ଭୁଲ୍ କଥା। ୫-ଟି କାର୍ଯ୍ୟକ୍ରମ ଭୁଲ୍ ବୋଲି ସେ କହିଛନ୍ତି। ଅପରାଜିତା ସକାଳେ ସମଲାଇ ମନ୍ଦିର ଯାଇ ଦର୍ଶନ କରିଛନ୍ତି। ସନ୍ଧ୍ୟାରେ କଚେରୀ ରୋଡ ସ୍ଥିତ ଦଳୀୟ କାର୍ଯ୍ୟାଳୟଠାରେ କର୍ମକର୍ତ୍ତାଙ୍କ ସହ ଏକ ସମାବେଶରେ ଯୋଗ ଦେଇଛନ୍ତି। ଅପରାଜିତାଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି, ସରକାର କାର୍ଯ୍ୟକାରୀ କରୁଥିବା ୫-ଟି କାର୍ଯ୍ୟକ୍ରମର ସଫଳତା ଦେଖି ଅପରାଜିତା ବିଚଳିତ ହୋଇପଡିଛନ୍ତି। ଭାଜପାରେ ନିଜର ପରିଚୟ ହରାଇଥିବାରୁ ହତାଶ ହୋଇ ସେ ଏମିତି କହୁଛନ୍ତି। ପ୍ରଶାସିକାରୁ ରାଜନେତା ପାଲଟିଥିବା ଅପରାଜିତା ବେଳେବେଳେ ନିଜକୁ ପୂର୍ବତନ ପ୍ରଶାସିକା ମନେକରି ତାଙ୍କର ଜ୍ଞାନ ଗାରିମା ପ୍ରଦର୍ଶନ ଲାଗି ଏମିତି ମନ୍ତବ୍ୟ ଦେଇଛନ୍ତି। ୫-ଟି କେବଳ ଓଡିଶାରେ ଯେ ସଫଳ ହୋଇଛି ତାହା ନୁହେଁ ବରଂ ବହୁ ଭାଜପାଶାସିତ ରାଜ୍ୟ ସମେତ କେନ୍ଦ୍ର ସରକାର ଏହି ମଡେଲକୁ ଆପଣାଇବାକୁ ଯାଉଥିବା ସସ୍ମିତ କହିଛନ୍ତି।

# ସ୍କୁଲ ପାଇଖାନା ଟାଙ୍କିରୁ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ରାୟଗଡା ଅଫିସ, ୧୦।୧୧**

ରାୟଗଡ଼ା ଜିଲା କୋଲନରା ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ହାତୀଖମ୍ବା ଗ୍ରାମର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଖାନା ଟାଙ୍କିରୁ ତିନିଦିନ ଧରି ନିଖୋଜ ଥିବା ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ହାତୀଖମ୍ବା ଗ୍ରାମର ଉଦାଲା ରାଜାରାଓ (୫୨)। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ତାଙ୍କୁ କେହି ହତ୍ୟା କରି ପାଇଖାନା ଟାଙ୍କିରେ ଫିଙ୍ଗି ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

ଶୁକ୍ରବାର ରାତିରେ ଉଦାଲା ଓ ତାଙ୍କ ସ୍ତ୍ରୀ ପାର୍ବତୀ ଘରେ ଖାଉଥିଲେ। ଏହି ସମୟରେ ଉକ୍ତ ଗ୍ରାମର ମହେନ୍ଦ୍ର ମାଣ୍ଡାଲା(୨୨) ଓ ମାଧବ କାଡ୍ରାକା(୨୨) ତାଙ୍କ ଘରକୁ ଆସିଥିଲେ। ପରେ ଉଦାଲାଙ୍କୁ ଡ଼ାକି ବାହାରକୁ ନେଇଯାଇଥିଲେ। ହେଲେ ବିଳମ୍ବିତ ରାତିରେ ମହେନ୍ଦ୍ର ଓ ମାଧବ ସେମାନଙ୍କ ଘରକୁ ଫେରିଥିଲେ ମଧ୍ୟ ଉଦାଲା ଆସି ନ ଥିଲେ। ସେମାନଙ୍କୁ ଦେଖି ପାର୍ବତୀ ବ୍ୟସ୍ତ ହୋଇ ପଚାରିବାରୁ ଉଦାଲା ଫେରି ଆସିଥିବା କହିଥିଲେ। ତା ପରଦିନ ସକାଳୁ ପାର୍ବତୀ ବହୁ ଖୋଜାଖୋଜି

**ହତ୍ୟା ସନ୍ଦେହ, ୩ ଅଟକ**

କରିଥିଲେ ହେଲେ ଉଦାଲାଙ୍କର କୌଣସି ଖୋଜଖବର ପାଇ ନ ଥିଲେ। ଏନେଇ ପାର୍ବତୀ ଥାନାରେ ଅଭିଯୋଗ କରିଥିଲେ। ରବିବାର ସକାଳେ ଖୋଜାଖୋଜି କରିବା ସମୟରେ ହାତୀଖମ୍ବା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଖାନା ଟାଙ୍କି ପାଖରେ ଦୁର୍ଗନ୍ଧ ହେଉଥିବା ଜାଣିପାରି ମୁକୁନ୍ଦପୁର ସରପଞ୍ଚ ଶିବ କଣ୍ଡାଗରିଙ୍କୁ ଖବର ଦେଇଥିଲେ। ସରପଞ୍ଚ ଆସି ପାଇଖାନା ଟାଙ୍କିର ଘୋଡ଼ଣୀ କାଢିବାରୁ ସେଥିରେ ଉଦାଲାଙ୍କ ମୃତ ଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ସଙ୍ଗେ ସଙ୍ଗେ ମୁକୁନ୍ଦପୁର ଫାଣ୍ଡି ଓ ଚାନ୍ଦିଲି ଥାନାକୁ ଖବର ଦେଇଥିଲେ। ଚାନ୍ଦିଲି ଥାନା ଅଧିକାରୀ ଅଜିତ କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହ କରି ମହେନ୍ଦ୍ର , ମାଧବ ଓ ରାଜେନ୍ଦ୍ର ପାଲାକାଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ତାଙ୍କୁ ହତ୍ୟା କରାଯାଇ ଏଠାରେ ଫିଙ୍ଗି ଦେଇଥିବା ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି।



ମହମ୍ମଦ ଜୟନ୍ତୀ ଅବସରରେ ରବିବାର କଟକ ଯୋବ୍ରାଠାରୁ ଦରଘା ବଜାରସ୍ଥିତ କଦମ୍‌ରସୁଲ ପର୍ଯ୍ୟନ୍ତ ବାହାରିଥିବା ମୁସଲିମ୍ ଧର୍ମାବଲମ୍ବୀଙ୍କ ବିଶାଳ ଶୋଭାଯାତ୍ରା।

## ଏମାର ମଠ ଟ୍ରଷ୍ଟ ବୋର୍ଡକୁ ଅନୁମୋଦନ

ପୁରୀ ଅଫିସ, ୧୦।୧୧: ବହୁଚର୍ଚ୍ଚିତ ଏମାର ମଠ ପାଇଁ ଗଠନ ହୋଇଛି ଟ୍ରଷ୍ଟ ବୋର୍ଡ। ୫ ଜଣ ସଦସ୍ୟ ଥିବା ଏହି ବୋର୍ଡର ଟ୍ରଷ୍ଟି ରହିଛନ୍ତି ଝାଞ୍ଜପିଟା ମଠ ମହନ୍ତ ବାବା ସଚ୍ଚିଦାନନ୍ଦ ଦାସ ମହାରାଜ। ଦେବୋତ୍ତର କମିଶନଙ୍କଠାରୁ ମଧ୍ୟ ଟ୍ରଷ୍ଟ ବୋର୍ଡକୁ ଅନୁମତି ମିଳିଥିବା ଜଣାପଡିଛି। ଫଳରେ ଏହି ବୋର୍ଡକୁ ମଠ ପରିଚାଳନା ଦାୟିତ୍ୱ ମିଳିପାରେ ବୋଲି ଶୁଣିବାକୁ ମିଳୁଛି। ବୋର୍ଡକୁ ଯଦି ପରିଚାଳନା କମିଟି ଦାୟିତ୍ୱ ମିଳେ ତେବେ ଏମାର ମଠ ମହନ୍ତଙ୍କ ଭୂମିକା କଣ ହେବ ତାହାକୁ ନେଇ ଏବେ ଚର୍ଚ୍ଚା ଚାଲିଛି।

# ମାଓବାଦୀ ନାମରେ ଗଛ କାଟି ରାସ୍ତା ଅବରୋଧ

**ଝରିଗାଁ,୧୦।୧୧(ସ୍ୱ.ପ୍ର)**

ନବରଙ୍ଗପୁର ଜିଲା ଝରିଗାଁ-ଚନ୍ଦାହାଣ୍ଡି ଘାଟିରେ ଶନିବାର ବିଳମ୍ବିତ ରାତିରେ ଗଛ କାଟି ମୁଖ୍ୟ ରାସ୍ତା ଅବରୋଧ କରାଯାଇଥିଲା। କଟାଯାଇଥିବା ଗଛ ନିକଟରେ ମାଓବାଦୀଙ୍କ ନାମରେ ଏକ ପୋଷ୍ଟର ଲଗାଯାଇଥିଲା। ତେବେ କେହି ଦୁର୍ବୃତ୍ତ ଗଛ କାଟି ରାସ୍ତା ଅବରୋଧ କରି ମାଓବାଦୀ ନାମରେ ପୋଷ୍ଟର ମାରିଥିବା ପୋଲିସ ସନ୍ଦେହ କରୁଛି। ଚନ୍ଦାହାଣ୍ଡି ମେଡିକାଲରେ ରହିଥିବା ୧୦୮ ଆମ୍ବୁଲାନ୍ସ ରୋଗୀଙ୍କୁ ନବରଙ୍ଗପୁରରେ ଛାଡି ଚନ୍ଦାହାଣ୍ଡିକୁ ଫେରିବା ସମୟରେ ଘାଟିରେ ଗଛ ପଡି ରାସ୍ତା ଅବରୋଧ ହୋଇଥିଲା। ଏହାପରେ ଆମ୍ବୁଲାନ୍ସ କର୍ମଚାରୀ ଆଗକୁ ନ ଯାଇ ହାତୀବାଡି ଗ୍ରାମ ରାସ୍ତାକଡରେ ଥିବା ଗୋଟିଏ ହୋଟେଲ୍ ନିକଟରେ ରାତିରେ ରହିଥିଲେ। ସକାଳୁ କର୍ମଚାରୀ ଗଛକୁ ହଟାଇ ଚନ୍ଦାହାଣ୍ଡି ଫେରିଥିଲେ। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରିଥିଲା। ସେଠାରୁ ଭାରତୀୟ କମ୍ୟୁନିଷ୍ଟ କ୍ରାନ୍ତିକାରୀ ମାଓବାଦୀ ମୈନପୁର ଇନ୍ଦଗାଁ ଡିଭିଜନ ନାମରେ ଲେଖାଯାଇଥିବା ଏକ ପୋଷ୍ଟର ପୋଲିସ ଜବତ କରିଛି। ଜଙ୍ଗଲରେ ରହୁଥିବା ଲୋକମାନଙ୍କୁ ଜଙ୍ଗଲ ଅଧିକାର ଏବଂ ବେକାର ଯୁବକଙ୍କୁ ରୋଜଗାର ଦେଉନଥିବା ପ୍ରତିବାଦରେ ରାଜ୍ୟ ସରକାରଙ୍କ ବିରୋଧରେ ସଂଘର୍ଷ କରିବା ପାଇଁ ଏଥିରେ ଆହ୍ୱାନ ଦିଆଯାଇଛି। ରବିବାର ସନ୍ଧ୍ୟାରେ ମଧ୍ୟ ଗଛ କାଟି ଝରିଗାଁ-ଚନ୍ଦାହାଣ୍ଡି ଘାଟି ରାସ୍ତା ଅବରୋଧ କରାଯାଇଛି। ଏ ନେଇ ଝରିଗାଁ ଥାନା ଅଧିକାରୀ ନରେଶ କୁମାର ପ୍ରଧାନଙ୍କୁ ପଚାରିବାରୁ ସେ କହିଥିଲେ ଯେ, ପ୍ରାଥମିକ ତଦନ୍ତରୁ ଏହା ମାଓବାଦୀଙ୍କ ନାମରେ କେହି ଦୁର୍ବୃତ୍ତ ଏଭଳି କାମ କରିଥିବ ବୋଲି ସନ୍ଦେହ କରାଯାଉଛି।

## 'ଗ୍ରାମାଞ୍ଚଳରେ ଗୃହ ନିର୍ମାଣ ନେଇ ମଧ୍ୟ ରହିବ ନିୟମ'

ଭୁବନେଶ୍ୱର, ୧୦।୧୧(ବ୍ୟୁରୋ) ରାଜ୍ୟର ଗ୍ରାମାଞ୍ଚଳରେ ଗୃହ ନିର୍ମାଣ ନେଇ କେତେକ ନିୟମ କରାଯାଇଛି। ୫୦୦ ବର୍ଗ ମିଟରରୁ ଅଧିକ ଅଥବା ୨ ମହଲା ବିଶିଷ୍ଟ ଗୃହ ନିର୍ମାଣ ପାଇଁ ଏଣିକି ସମ୍ପୃକ୍ତ ଜିଲାର ଟାଉନ ପ୍ଲାନିଂ ୟୁନିଟ୍‌ର ମଞ୍ଜୁରୀ ଆବଶ୍ୟକ। ହେଲେ ୫୦୦ ବର୍ଗ ମିଟର, ଜି ପ୍ଲସ ୨ ଉଚ୍ଚତା ଏବଂ ଏକ ଏକର ପର୍ଯ୍ୟନ୍ତ ଲେ-ଆଉଟ ପ୍ଲାନ ପାଇଁ ମଞ୍ଜୁର ଆବଶ୍ୟକ ନ ଥିବା ଜଣାପଡ଼ିଛି। ନିକଟରେ ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରୁ ଏହା ଜଣାପଡ଼ିଛି। ବିଭିନ୍ନ ଉନ୍ନୟନ ସଂସ୍ଥା, ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ, ସ୍ୱତନ୍ତ୍ର ଯୋଜନା ପରିଷଦ ଅନ୍ତର୍ଗତ ହେଉ ନ ଥିବା ସ୍ଥାନ ପାଇଁ ଏହା ଲାଗୁ ହେବ। ନୂତନ ବିଜ୍ଞପ୍ତି ଅନୁଯାୟୀ, ଓଡ଼ିଶା ସ୍ୱତନ୍ତ୍ର ପ୍ଲାନିଂ ସଂସ୍ଥା ଏବଂ ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ ସାଧାରଣ ଯୋଜନା ଏବଂ ବିଲ୍ଡିଂ ମାନକ ନିୟମ-୨୦୧୭ ଗ୍ରାମାଞ୍ଚଳ ପାଇଁ ଲାଗୁ କରାଯିବ। ଏ ସମ୍ବନ୍ଧୀୟ ନିର୍ମାଣ ପାଇଁ ପଞ୍ଚାୟତ ସମିତି(ବ୍ଲକ) ଆବେଦନ ଗ୍ରହଣ ସହ ବିଚାର କରି ଟାଉନ୍ ପ୍ଲାନିଂ ୟୁନିଟ୍‌କୁ ପଠାଇବ। ଏହି ୟୁନିଟ୍ ହିଁ ବୈଷୟିକ ବିଷୟ ସମ୍ବନ୍ଧୀୟ ମଞ୍ଜୁରୀ ପ୍ରଦାନ କରିବ। ସେହିପରି ଅନୁମୋଦନ ନ ଥାଇ ନିର୍ମାଣ କାର୍ଯ୍ୟ ହୋଇଥିଲେ, ପରବର୍ତ୍ତୀ ସମୟରେ କାର୍ଯ୍ୟକାରୀ କରୁଥିବା ପ୍ଲାନିଂ ଆଣ୍ଡ ବିଲ୍ଡିଂ ଷ୍ଟାଣ୍ଡାର୍ଡ ରେଗୁଲେଶନ ଦ୍ୱାରା ନିୟମିତ ହେବ। ଏଥିସହିତ ଆଦାୟ ହେବାକୁ ଥିବା ଜରିମାନାକୁ ସମ୍ପୃକ୍ତ ଗ୍ରାମ ପଞ୍ଚାୟତରେ ଜମା କରାଯିବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ସକାଳୁ ସକାଳୁ ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଦୂରଯାତ୍ରା କରିପାରନ୍ତି। ଆଜିର ଖର୍ଚ୍ଚ ସକାଶେ କେଉଁଠୁ ନା କେଉଁଠୁ ଅର୍ଥ ପାଇଯିବେ। ଭୁଲ୍ ବୁଝାମଣାଜନିତ ପାରିବାରିକ ସମସ୍ୟା ଚିନ୍ତାର କାରଣ ହୋଇପାରେ। ଯେତେ ସତର୍କରେ କାମ କଲେ ମଧ୍ୟ କର୍ମ କ୍ଷେତ୍ରରେ ଟେନ୍ସନ ଲାଗି ରହିବ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର ପ୍ରଭୃତିରେ ସଫଳତା ପାଇବେ।

**ବୃଷ** ପାରିବାରିକ ଦ୍ୱନ୍ଦ୍ୱ ସହ ସାମାଜିକ ସ୍ଥିତି ସୁଦୃଢ ରହିବ। ସମୂହ ସ୍ୱାର୍ଥକୁ ପ୍ରାଧାନ୍ୟ ଦେବା କାରଣରୁ ଭାବମୂର୍ତ୍ତି ଉଜ୍ଜ୍ୱଳିତ ହେବ। ପ୍ରତିଷ୍ଠା, ପ୍ରଶଂସା ପାଇବା ସହ ପର୍ଯ୍ୟଟନ, କାରିଗରି, କ୍ରୀଡା ଓ ଚଳଚ୍ଚିତ୍ର ପ୍ରଭୃତିରେ ପ୍ରଶଂସିତ ହେବେ। କିନ୍ତୁ ବହୁବ୍ୟୟ ଓ ଆତ୍ମୀୟ ତଥା ନିକଟ ସମ୍ପର୍କୀୟଙ୍କ ହତାଦର ଭାବରୁ ସାମୟିକ ଦୁଃଖିତ ହୋଇପାରନ୍ତି।

**ମିଥୁନ** ପରିବାରରେ ପିଲାମାନଙ୍କ ମତକୁ ପ୍ରାଧାନ୍ୟ ଦେଇ କାମ କରିବେ। ସମସ୍ୟା ସମାଧାନର ପନ୍ଥା ଅବଶ୍ୟ ଖୋଜି ପାଇବାରେ ଅସୁବିଧା ହେବ ନାହିଁ। ଯେଉଁଥିପାଇଁ ମନରେ ବ୍ୟଗ୍ରତା ଭରି ରହିଛି, ଆଜି ହିଁ ତାହା ପ୍ରାପ୍ତହୋଇ ମନକୁ ଖୁସୀ କରିଦେବ। କର୍ମକ୍ଷେତ୍ରରେ ଆଶା ପୂରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବାରେ ଜଣେ ପଦସ୍ଥ ବ୍ୟକ୍ତି ସହାୟତା କରିବେ।

**କର୍କଟ** ଅର୍ଥବ୍ୟୟ, ଦୂରଯାତ୍ରା, ପରୋକ୍ଷ ଶତ୍ରୁତା ଓ କାର୍ଯ୍ୟହାନିଜନିତ ବ୍ୟସ୍ତତା ବୃଦ୍ଧି ପାଇବ। ପରିସ୍ଥିତିବଶତଃ ବିବାଦୀୟ ଘଟଣାକୁ ନେଇ ଆଲୋଚନା କରିପାରନ୍ତି। ଉଚ୍ଚ ପଦାଧିକାରୀଙ୍କ ସହ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶ ଗ୍ରହଣ କରିପାରନ୍ତି। ଘରୋଇ କ୍ଷେତ୍ରରେ ପରୋକ୍ଷ ଶତ୍ରୁତାରୁ ମନ ଠିକ୍ ରହିବ ନାହିଁ।

**ସିଂହ** କୌଣସି କ୍ଷେତ୍ରରେ ପଛକୁ ଫେରିବେ ନାହିଁ। ସକାଳୁ ସକାଳୁ ଯାତ୍ରାରେ ଅଭିଳଷିତ ଜିନିଷ ହାସଲ କରି ପାରିବେ। ଅଟକି ରହିଥିବା କାମ, ପାଇବାକୁ ଥିବା କିଛି ଅର୍ଥ, ବନ୍ଧୁବର୍ଗଙ୍କ ସାହାଯ୍ୟ ଅଯାଚିତ ଭାବରେ ମିଳିବ। ପରିବାର ମଧ୍ୟରେ ଥିବା କିଛି ସମସ୍ୟା ନେଇ ଆଲୋଚନା ସନ୍ତୋଷ ଜନକ ହେବ। ଅବଶ୍ୟ ଧାର ସୂତ୍ରରେ ଅର୍ଥ ଆଣିବାକୁ ପଡିପାରେ।

**କନ୍ୟା** ଅର୍ଥ ପାଇବେ ଏବଂ ପାରିବାରିକ ସୁଖସୌହାର୍ଦ୍ଦ୍ୟ ମଧ୍ୟରେ ଦିନଟି ଅତିବାହିତ ହେବ। କିନ୍ତୁ ଭାଇ, ବନ୍ଧୁ, କୁଟୁମ୍ବ ଲୋକଙ୍କ ସହ ଜମିଜମା କିମ୍ବା ଗୃହସୀମାକୁ ନେଇ କଳହର ଆଶଙ୍କା ରହିଛି। ଭୁଲ୍ ବୁଝାମଣାରୁ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ବିଳମ୍ବିତ ସମୟରେ କାମଗୁଡିକ ସମ୍ପନ୍ନ ହେବାରୁ ସାମୟିକ ବ୍ୟସ୍ତତା ବୃଦ୍ଧି ପାଇପାରେ।

**ତୁଳା** ସୁଖ, ସୌହାର୍ଦ୍ଦ୍ୟ ଭିତରେ ପୂର୍ବ ସମସ୍ୟା ମନକୁ ସାମୟିକ ବିଚଳିତ କରି ରଖିବ। ପରିବାରର ଆବଶ୍ୟକ ଅର୍ଥ ଯୋଗାଡ କରିବା ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡିପାରେ। ଆନୁଷ୍ଠାନିକ କାମ, ସଭାସମିତି, ନୂତନ ଉଦ୍ୟୋଗ ଏବଂ ସାଂସ୍କୃତିକ କାମରେ ସହଭାଗିତା ହେଲେ ପ୍ରତିଷ୍ଠାର୍ଜନ କରିପାରିବେ।

**ବିଛା** ନିଜ କାମରେ ମନ ନ ଦେଇ ଅନ୍ୟମାନଙ୍କ କଥାରେ ମୁଣ୍ଡ ପୂରାଇଲେ ମନସ୍ତାପ କରିବାକୁ ପଡିବ। ଅବଶ୍ୟ ଅର୍ଥ ପାଇଲେ ମଧ୍ୟ ଆଜିର ଯାତ୍ରା, ବ୍ୟବସାୟ କେତେକାଂଶରେ ଅସ୍ଥିରତାଯୁକ୍ତ ରହିବ। ଆପଣଙ୍କ କାମ ନେଇ ଅନ୍ୟମାନେ ପ୍ରଶଂସା କରିପାରନ୍ତି। ସାହିତ୍ୟ, ସ୍ଥଗିତ କାର୍ଯ୍ୟ ଓ ସନ୍ତାନଙ୍କ ସକାଶେ କିଛିଟା ଉନ୍ନତିର ଆଲୋକ ଦେଖିପାରିବେ।

**ଧନୁ** ଦୈହିକ ସୁସ୍ଥତା ସହ ଅଭିଳଷିତ କର୍ମ ସାଫଲ୍ୟରୁ ଖୁସି ରହିବେ। କିନ୍ତୁ ସନ୍ତାନଙ୍କ କୃତ ସମସ୍ୟା, ବନ୍ଧୁ ସମ୍ପର୍କରେ ନ୍ୟୂନତା, କହିଥିବା କଥାକୁ କେନ୍ଦ୍ରକରି ବିରୋଧାଭାସ ସାମୟିକ ଅସ୍ଥିରତା ସୃଷ୍ଟି କରିପାରେ। ଅବଶ୍ୟ କେତେକ କ୍ଷେତ୍ରରେ ବନ୍ଧୁ ମାନଙ୍କ ପରାମର୍ଶକୁ ଗ୍ରହଣ କରିପାରନ୍ତି। ଆଜି ଜଣେ ବ୍ୟକ୍ତିଙ୍କଠାରୁ ଯଥେଷ୍ଟ ସହାୟତା ପାଇପାରନ୍ତି।

**ମକର** ଭୁଲ୍ ନିଷ୍ପତ୍ତି ନେଇ ହଟହଟା ହେବାକୁ ପଡିପାରେ। ସନ୍ତାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ସାଙ୍ଗକୁ ପରିବାରର ଅପୂରଣୀୟ ଆବଶ୍ୟକତା ଦୁଶ୍ଚିନ୍ତାର ମାତ୍ରାକୁ ବଢାଇ ଦେଇପାରେ। ବ୍ୟତିକ୍ରମର ସମାଧାନ ସାଙ୍ଗକୁ ଶୃଙ୍ଖଳା ରକ୍ଷା କରିବାରେ ନିକଟ ସମ୍ପର୍କୀୟଙ୍କ ସହାୟତାର ଆବଶ୍ୟକତା ରହିଛି। ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ।

**କୁମ୍ଭ** ପୂର୍ବ ପରିକଳ୍ପିତ ନୂତନ ଯୋଜନାକୁ ସାକାର କରିବା ଦିଗରେ ବନ୍ଧୁବର୍ଗଙ୍କ ସାହାଯ୍ୟ ଲୋଡିପାରନ୍ତି। ଆଜି ନିଜସ୍ୱ ଢଙ୍ଗରେ କାର୍ଯ୍ୟ କରିବାରେ ଆନନ୍ଦ ଅନୁଭବ କରିବେ। କେତେକ କ୍ଷେତ୍ରରେ ହାତରୁ ଖାଇ ପର ପାଇଁ ଲଢେଇ କଲେ ମଧ୍ୟ ପ୍ରତିଦାନରେ କିଛି ପାଇବେ ନାହିଁ। କୃଷି, ବାଣିଜ୍ୟ, ବ୍ୟବସାୟ, ସାମ୍ବାଦିକତା ତଥା ରାଜନୀତିରେ ଚେଷ୍ଟା ସଫଳ ହେବ।

**ମୀନ** ମନକୁ ପ୍ରଫୁଲ୍ଲିତ ରଖିବା ସହ ନୂତନ ସମ୍ପର୍କ ସ୍ଥାପନ କରାଇବ। ଭ୍ରମଣ, ବ୍ୟବସାୟ, ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବା ପାଇଁ ମନବଳାଇ ପାରନ୍ତି। ସ୍ୱାସ୍ଥ୍ୟ ବିଶେଷ ଭଲ ନ ରହିଲେ ମଧ୍ୟ ଦୃଢ ମନୋବଳ ହେତୁ ପ୍ରତ୍ୟେକ ପରିସ୍ଥିତିକୁ ସାମ୍ନା କରିପାରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ମାତ୍ର ଦାମ୍ପତ୍ୟ ଜୀବନରେ ବୁଝାମଣା ଠିକ୍ ରହିବ ନାହିଁ।

ଆଜି କାର୍ତ୍ତିକ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ସୋମବାର, ନଭେମ୍ବର ୧୧ ତାରିଖ, ଶ୍ରୀମନ୍ଦିରରେ ଲକ୍ଷ୍ମୀନୃସିଂହ ବା ଡାଳିକିଆ ବେଶ, ବଡ ଓଷା, ରାଷ୍ଟ୍ରୀୟ ଶିକ୍ଷା ଦିବସ, ରାଶି, ନକ୍ଷତ୍ର- ଅଶ୍ୱିନୀ/ମେଷ, ମିଥୁନ ରାଶିର ଘାତବାର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୫।୫୭ମି. ଗତେ ଘ୭।୨୬ମି. ମଧ୍ୟେ, ଘ୮।୫୪ମି. ଗତେ ଘ୧୧।୦୯ମି. ମଧ୍ୟେ ଅମୃତ ବେଳା। ସକାଳ ଘ୭।୨୧ମି. ଗତେ ଘ୮।୪୪ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

automobile
SALE

Toyota Fortuner, WagonR-2015 (Dec), Lancer, Elentra for sale. 7381091234, 9861194627. D-68418

real estate
SALE

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68155

213 Decimal Gharabari Sthitiban plot, yellow zone on 60sqft road for sale. Contact: 9338342502 (No Brokers). D-68167

3 Acres bagayat farm @ Dadhimachagadia (boundary wall, Borewells, Out house, Electricity) & 2 Acres at Sakhigopal for sale, Call: 9338342502. D-68168

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9040046767, 9040007267. D-68166

Schedule Caste 19 ଗୁଣ୍ଠ ଜମି ଭିଙ୍ଗାରପୁର ହସଂପାଳଠାରେ ବିକ୍ରିହେବ। 9937816565, 9937568585. D-15176

ସ୍ଥିତିବାନ ବାସପୋଯୋଗୀ ଜମି 60ft ପିଚୁରାସ୍ତାକୁ ଲାଗି ବିକ୍ରିହେବ। 9937816565, 9937568585. D-15177

Gharabari 5ft boundarywall complete plot sale Chhatabar bypass roadside 3k.m. from 2nd infosys 6000sqft. 36,00,000/- (3side simplex) 9861281504. D-68423

Bhubaneswar Pitapalli NH ପାଖରେ BDA plot 30' ରାସ୍ତାଥାଇ ମିଳୁଅଛି। 8338065148. D-68420

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-68416

କଟକ-ଗୋପାଳପୁର ଧାକୁଲେଇପାଠରୁ 3k.m sqft.250/-, ଭୁବନେଶ୍ୱର ବାଳକାଟି ବଜାରରୁ 2k.m 550/-, ନଖରା DPS ପାଖରେ sqft.700/- ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440. D-68409

1500sqft. gharabari plot with 40ft. mainroad, 30ft. internal road, park, fountain, 9km from airport, 2km before Xavier University, Bhubaneswar for sale. 9937162220, 9937847725. D-68507

ଭୁବନେଶ୍ୱର ପିତାପଲ୍ଲି Biswas +2 Science College backsideରେ Yellowzone ପ୍ଲଟ୍ ମିଳୁଅଛି। 8594954102. D-68419

healthcare

Rejuvenate and ayurvedic full body massage by smart therapist. 9114402304. D-68145

Ayurvedic herbal body massage trend therapist Mob: 8018246332. D-66993

Full body herbal massage with refreshment expert therapist. 7381239385, 06742540855. D-68158

Experience full body massage with us (expert). Call: 7377048581, 06742597822. D-68159

Herbal full body massage by smart / expert therapist. Contact: 8338067247. D-68160

Summer special mesmerizing offer expert therapeutic refreshing massage appointment. 9668374480. D-68161

Refresh your mind and soul with best therapy at Orchid Salon/Spa. 9937287222. D-66998

Monalisa Massage Club: All types body massage with hiprofile smart lady rooms service available- 9708545108. D-15137

business

Part time business start କରନ୍ତୁ। Monthly:- 5,000/- 15,000/- କମାନ୍ତୁ। Mob: 9777434078. D-15040

AFFIDAVIT

Affidavit before Executive Magistrate, Begunia, 30.10.19 Declare, My Name Biranchi Jayasingh Same (Equal)- Lala Jayasingh, At: Kalarajhara, PO: Haja, P.S: Jankia, Dist: Khordha. All Purpose official use. D-15175

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପ୍ରତ୍ୟେକ ଅପରାଧ ପାଇଁ ମାନବ ଚଳିତ ଦଣ୍ଡବିଧାନ ରହିଥାଏ, କିନ୍ତୁ ପ୍ରତ୍ୟେକ ପାପ ପାଇଁ ଭଗବାନ ହିଁ ଦଣ୍ଡ ଦେଇଥାନ୍ତି କିମ୍ବା ନିଜର ବିବେକ ଦଣ୍ଡଦିଏ।

-ସ୍ୱାମୀ ଚିଦାନନ୍ଦ ସରସ୍ୱତୀ

### ଶ୍ରୀମନ୍ଦିରରେ ରବିବାରିଆ ଭିଡ଼

# ତିନି ଦ୍ୱାରରେ କଟକଣାକୁ ନେଇ ଶ୍ରଦ୍ଧାଳୁ ଅସନ୍ତୁଷ୍ଟ

**ପୁରୀ ଅଫିସ, ୧୦।୧୧**

କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ତଥା ପଞ୍ଚୁକର ତୃତୀୟ ଦିବସରେ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା। ରବିବାର ସାଙ୍ଗକୁ ମହାପ୍ରଭୁଙ୍କ ତ୍ରିବିକ୍ରମ ବେଶ ଦେଖିବା ଲାଗି ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଶ୍ରୀକ୍ଷେତ୍ର ଆସିଥିଲେ। ହେଲେ ସିଂହଦ୍ୱାର ବାଦ୍ ଅନ୍ୟ ତିନି ଦ୍ୱାରରେ ଭକ୍ତଙ୍କ ପ୍ରବେଶ ଉପରେ କଟକଣାକୁ ନେଇ ଅନେକ ଶ୍ରଦ୍ଧାଳୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିଶେଷକରି ଏହି ତିନି ଦ୍ୱାର ସମ୍ମୁଖରେ ହୋଇଥିବା ଗହଳି ମଧ୍ୟରେ ବହୁ ବରିଷ୍ଠ ନାଗରିକ ମଧ୍ୟ ଛିଡ଼ା ହୋଇଥିଲେ। ଫଳରେ ସେମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅପରାହ୍ନ ପ୍ରାୟ ୧ଟାରେ ଉତ୍ତର ଦ୍ୱାରରେ ଏପରି ଗହଳି ହୋଇଥିଲା ଯେ, ଲକ୍ଷ୍ମୀବଜାର ଦେଇ ଲୋକେ ଯା' ଆସ କରିବା ଏକପ୍ରକାର ଅସମ୍ଭବ ହୋଇପଡ଼ିଥିଲା।

ଦ୍ୱାର ଫିଟିବା ପରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରିବା ଲାଗି ସମସ୍ତେ ଭିତରକୁ ପଶିଥିଲେ। ସାତପାହାଚ ନିକଟରେ ସ୍ଥିତି ଏମିତି ହୋଇଥିଲା ଯେ, ନିୟନ୍ତ୍ରଣ ପାଇଁ ମୁତୟନ ଥିବା ପୋଲିସ କର୍ମଚାରୀ ଅସହାୟ ହୋଇପଡ଼ିଥିଲେ। ଭିତରେ ବି ପ୍ରବଳ ଗହଳି ହୋଇଥିଲା। ସାଧାରଣତଃ ପରିଣତ ବୟସରେ ଆସିଥିବା ହବିଷିଆଳିମାନେ ଠାକୁରଙ୍କୁ ଦର୍ଶନ କରିବା ଏକପ୍ରକାର ଅସମ୍ଭବ ହୋଇପଡ଼ିଥିଲା। ଠେଲାପେଲା ଓ ଭିଡ଼କୁ ଡରି ଅନେକ ବ୍ରତଧାରୀ ବେଢ଼ା ପରିସରରେ ଥିବା ଅନ୍ୟ ଦେବଦେବୀଙ୍କୁ କେବଳ ଦର୍ଶନ କରି ଆଶ୍ରୟସ୍ଥଳୀକୁ ଫେରିଥିଲେ। ତେବେ ଦିନତମାମ୍ ଶ୍ରୀମନ୍ଦିରରେ ଭକ୍ତଙ୍କ ଗହଳି ଲାଗିଥିଲା। ପୋଲିସ ପକ୍ଷରୁ କେବଳ ସିଂହଦ୍ୱାରରେ ଭକ୍ତଙ୍କୁ ଛଡ଼ାଯାଉଥିବା ଅନେକ ଭକ୍ତ ଜାଣିପାରି ନ ଥିଲେ। ସେମାନେ ଅନ୍ୟ ତିନି ଦ୍ୱାରରେ ପ୍ରବେଶ ପାଇଁ ପହଞ୍ଚିଥିଲେ। କିନ୍ତୁ ସେମାନଙ୍କୁ ଛଡ଼ା ନ ଯାଇ ଫେରାଇ ଦିଆଯାଉଥିଲା। ତେବେ ପୂର୍ବରୁ ଏହି ଦ୍ୱାର ଦେଇ ଯାଉଥିବା ଭକ୍ତମାନେ ପୋଲିସ ସହିତ ମଧ୍ୟ ଯୁକ୍ତିତର୍କ କରିଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଅପରାହ୍ନ ପ୍ରାୟ ୧ଟାରେ ଉତ୍ତର ଦ୍ୱାର ଏବଂ ଦକ୍ଷିଣ ଦ୍ୱାରରେ ଅଧିକ ଗହଳି ରହିଥିଲା। ଫଳରେ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ଉତ୍ତର ଦ୍ୱାରରେ ଭକ୍ତମାନେ ଏମିତି ଭିଡ଼ ଜମାଇଥିଲେ ଯେ ଲକ୍ଷ୍ମୀବଜାର ରାସ୍ତା ଉପରେ ଛିଡ଼ାହୋଇ ରହିଥିଲେ। ଏହାକୁ ନେଇ ଅନେକ ଶ୍ରଦ୍ଧାଳୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। କିନ୍ତୁ ଏହି ଭିଡ଼ ଯୋଗୁ ଲକ୍ଷ୍ମୀବଜାର ଦେଇ ଯିବା ଆସିବା କରିବାରେ ଲୋକମାନେ ଅସୁବିଧାରେ ପଡ଼ିଥିଲେ। ଏ ସମ୍ପର୍କରେ ଜଣେ ପୋଲିସ ଅଧିକାରୀ କହିଛନ୍ତି, ସ୍ୱତନ୍ତ୍ର ପର୍ବପର୍ବାଣି ତଥା ଛୁଟି ଦିନଗୁଡ଼ିକରେ କେବଳ ସିଂହଦ୍ୱାର ଦେଇ ଭକ୍ତଙ୍କୁ ଛଡ଼ା ଯାଇଥାଏ। କାରଣ ସବୁ ଦ୍ୱାର ଦେଇ ଭକ୍ତଙ୍କୁ ଭିତରକୁ ଛାଡ଼ିଲେ ଗହଳି ନିୟନ୍ତ୍ରଣ କରିହେବ ନାହିଁ। ବର୍ତ୍ତମାନ ଯେହେତୁ ପଞ୍ଚୁକ ଚାଲିଛି ଏବଂ ଠାକୁରଙ୍କ ସ୍ୱତନ୍ତ୍ର ବେଶ ହେଉଛି, ତେଣୁ ଭକ୍ତଙ୍କ ଭିଡ଼ ଅଧିକ ରହୁଛି। ତେଣୁ ଭିଡ଼ ଦିନଗୁଡ଼ିକରେ ସିଂହଦ୍ୱାର ଦେଇ ପ୍ରବେଶ ଏବଂ ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ କରିବାର ବ୍ୟବସ୍ଥା କରାଯାଇଛି। ରବିବାର ଅନେକ ଭକ୍ତ ଅନ୍ୟ ତିନି ଦ୍ୱାରରେ ପ୍ରବେଶ ପାଇଁ ଗହଳି କରୁଥିବା ଦେଖିବାକୁ ମିଳିଥିଲା। ପରେ ବୁଝାଯିବା ପରେ ସେମାନେ ସିଂହଦ୍ୱାର ଦେଇ ପ୍ରବେଶ କରିଥିଲେ। ଫଳରେ ଦର୍ଶନ ବ୍ୟବସ୍ଥା ଶୃଙ୍ଖଳିତ ହୋଇପାରିଥିଲା।



ଉତ୍ତର ଦ୍ୱାର ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଭିଡ଼।

**ନିୟନ୍ତ୍ରଣ କରିବାକୁ ପୋଲିସ ନାକେଦମ୍**

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଅୟସକାନ୍ତ ପତି



ମଧୁସ୍ମିତା ଶ୍ରୀଚନ୍ଦନ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ

plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର



## ଜିଲା ଚିଠି

### ବଲାଙ୍ଗୀର

## ଅନ୍ଧବିଶ୍ୱାସର ବୀଭତ୍ସତା

**ବି**ଜ୍ଞାନର ଅଗ୍ରଗତି, ଶିକ୍ଷା, ସ୍ୱାସ୍ଥ୍ୟସେବାର ପ୍ରସାର ସତ୍ତ୍ୱେ ଆମ ସମାଜରେ ଅନ୍ଧବିଶ୍ୱାସ ଓ କୁତ୍ସିତ ପ୍ରଥା-ପରମ୍ପରା ରାଜୁତି କରୁଥିବା ଦେଖିବାକୁ ମିଳୁଛି। ଗତ ସେପ୍ଟେମ୍ବର ୧୫ତାରିଖ ରାତିରେ ଏହି ଜିଲାର ଖପ୍ରାଖୋଲ ବ୍ଲକ ଲଠାଣ ଥାନା ଅନ୍ତର୍ଗତ ଲୁହାସିଂହା ଗ୍ରାମପଞ୍ଚାୟତର ଚିଚିକାମାଲ ଗାଁରେ ଗୁଣିଗାରେଡ଼ି ସନ୍ଦେହରେ ଏକ ଦମ୍ପତିଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଥିଲା। ସେହି ଗାଁରେ ଜଣେ ଶିଶୁର ମୃତ୍ୟୁ ପରେ ଗ୍ରାମବାସୀଙ୍କ ମଧ୍ୟରେ ବଳି ସନ୍ଦେହ ସୃଷ୍ଟି ହୋଇଥିଲା। ଶେଷରେ ଗାଁରେ କଙ୍ଗାରୁ କୋର୍ଟ ବସିଲା। ସମ୍ପୃକ୍ତ ଦମ୍ପତିଙ୍କୁ ଦୋଷୀସାବ୍ୟସ୍ତ କରାଯିବା ପରେ ଗ୍ରାମର କେତେକ ମିଶି ସେମାନଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାର ପ୍ରାୟ ଦେଢ଼ମାସ ପରେ କଣ୍ଟାବାଞ୍ଜି ଥାନା ସାଲେପଡ଼ା ଗାଁର ପେଣ୍ଡ୍ରାଗଡେନ ହରଗୌରୀ ମନ୍ଦିର ନିକଟ ଏକ କୂଅରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ମୃତବ୍ୟକ୍ତିଙ୍କ ପୁଅ ଏହାକୁ ବଳି ଘଟଣା ବୋଲି ଦର୍ଶାଇ ଥାନାରେ ଅଭିଯୋଗ କରିଥିଲେ। ପୂର୍ବରୁ ଗତ ମେ'ମାସରେ ବଲାଙ୍ଗୀର ସହର ଚିମିନିଭାଟିପଡ଼ା-ଲକ୍ଷ୍ମୀନଗରପଡ଼ା ପାଖ ଲକ୍ଷ୍ମୀଯୋର ଭିତରୁ ଜଣେ ନିଖୋଜ ୫ ବର୍ଷର ଶିଶୁଙ୍କ ମୃତଦେହ ମିଳିଥିଲା। ଏହାକୁ ପରବର୍ତ୍ତୀ ସମୟରେ ବଳି ସନ୍ଦେହ କରାଯାଇଥିଲା। ସେହି ପଡ଼ାରେ ରହୁଥିବା ଜଣେ କାଳୀସାଧକ ଏଭଳି କାଣ୍ଡ ଭିଆଇଥିବା ମୃତଶିଶୁର ପରିବାର ଲୋକେ ସନ୍ଦେହ ପ୍ରକଟ କରିଥିଲେ। ଏହି ଘଟଣାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେବାରୁ ସେତେବେଳେ ପୋଲିସ ଫୋର୍ସ ମୁତୟନ କରିବାକୁ ପଡ଼ିଥିଲା। ୨୦୧୮ ଅକ୍ଟୋବରରେ ସିନ୍ଧେକେଲା ଥାନା ଅନ୍ତର୍ଗତ ଶୁଣ୍ଢିମୁଣ୍ଡା ଉନ୍ଦେର ନଦୀ ପଠାରୁ ଜଣେ ନିଖୋଜ ୯ ବର୍ଷର ବାଳକଙ୍କ ମୁଣ୍ଡଗଣ୍ଡି ବିହୀନ ମୃତଦେହ ମିଳିଥିଲା। ପରବର୍ତ୍ତୀ ସମୟରେ ଏହା ଏକ ଶିଶୁବଳି ଘଟଣା ବୋଲି ସ୍ପଷ୍ଟ ହୋଇଥିଲା। ଶିଶୁବଳି ଘଟଣା ଘଟାଇଥିବା ଅଭିଯୁକ୍ତ ଜଣକ ସମ୍ପୃକ୍ତ ଶିଶୁଙ୍କ ସମ୍ପର୍କୀୟ ଓ ସେ ତାଙ୍କ ସ୍ତ୍ରୀଙ୍କ ଖରାପ ସ୍ୱାସ୍ଥ୍ୟକୁ ଠିକ୍ କରିବା ପାଇଁ ଜଣେ ତାନ୍ତ୍ରିକଙ୍କ କଥାରେ ପଡ଼ି ସମ୍ପୃକ୍ତ ଶିଶୁଙ୍କୁ ବଳି ଦେଇଥିବା ସ୍ୱୀକାର କରିଥିଲେ। ଏଭଳି ଅନେକ ଘଟଣା ବଲାଙ୍ଗୀର ଜିଲାରେ ବିଭିନ୍ନ ସମୟରେ ଘଟୁଛି। ପୋଲିସ ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ହେଉଛି। ଅନେକ ଘଟଣାକୁ ପୋଲିସ ବଳି ନୁହେଁ ବୋଲି ସ୍ପଷ୍ଟ କରୁଥିବାବେଳେ କିଛି ଘଟଣାରେ ଗୁଣିଗାରେଡ଼ି, ବଳି ସମ୍ପର୍କ ରହୁଥିବା ଜଣାପଡୁଛି। କମ୍ପ୍ୟୁଟର ଯୁଗରେ ଏଭଳି କୁତ୍ସିତ ଚିନ୍ତାଧାରାରୁ ଜିଲାରେ ବ୍ୟାପକ ସଚେତନତା ଆବଶ୍ୟକ ଥିବା ମନେହେଉଛି। କିଛି ସହରର ଚାକଚକ୍ୟକୁ ଦେଖି ଉନ୍ନତି ଓ ପ୍ରଗତିର ମାପକାଠିରେ ବିକାଶର ସୂଚକାଙ୍କକୁ ମାପିଦେଲେ ସାମାଜିକ କୁସଂସ୍କାର, ବ୍ୟାଧି ଲୋପ ପାଇବ ନାହିଁ। ଅନ୍ଧବିଶ୍ୱାସମୁକ୍ତ ସମାଜ ଗଠନ ଦିଗରେ ସରକାର ଓ ପ୍ରଶାସନର ଏକ ବଡ଼ ଭୂମିକା ରହିଛି। ମାତ୍ର ଏ ଦିଗରେ ଆଖିଦୃଶିଆ କାର୍ଯ୍ୟକ୍ରମ ଦୃଷ୍ଟିଗୋଚର ହେଉନାହିଁ। ପ୍ରଶାସନ, ସ୍ଥାନୀୟ ବୁଦ୍ଧିଜୀବୀ ଓ ସ୍ୱେଚ୍ଛାସେବୀଙ୍କ ସହ ମିଶି ଶୀଘ୍ର ବଡ଼ଧରଣର ସଂସ୍କାରବାଦୀ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ ନ କଲେ ଅନ୍ଧବିଶ୍ୱାସ ଓ କୁତ୍ସିତ କାଣ୍ଡର ବୀଭତ୍ସତା ଆମ ସାମାଜିକ ଜୀବନକୁ ଆହୁରି ବିପନ୍ନ କରିଦେବ।

**– ବୀରେନ୍ଦ୍ର କୁମାର ଝାଙ୍କର**

## ମହାପ୍ରଭୁଙ୍କ ତ୍ରିବିକ୍ରମ ବେଶ

**ପୁରୀ ଅଫିସ, ୧୦।୧୧**



କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ତଥା ପଞ୍ଚୁକର ତୃତୀୟ ଦିବସରେ ରବିବାର ରତ୍ନସିଂହାସନରେ ମହାପ୍ରଭୁଙ୍କ ତ୍ରିବିକ୍ରମ ବେଶ ଅନୁଷ୍ଠିତ ହୋଇଛି। ଏହି ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ହୋଇଥିଲା। ଅବକାଶ ନୀତି ଶେଷ ହେବା ପରେ ଠାକୁରମାନଙ୍କ ତ୍ରିବିକ୍ରମ ବେଶ ହୋଇଥିଲା। ଏହି ବେଶରେ ଶ୍ରୀଜଗନ୍ନାଥ ଏବଂ ବଳଭଦ୍ରଙ୍କ ଶ୍ରୀମସ୍ତକରେ ଶୋଲ, କନା, ବେତ, ଜମ୍ବୁରା, କଇଁଥ ଅଠା ଇତ୍ୟାଦିରେ ନିର୍ମିତ ଦୁଇଟି ଚୂଳ ଲାଗି ହୋଇଥିଲା। ଏହି ଚୂଳରେ ଶୋଲ, ଜରି ଓ ରଙ୍ଗ ଲଗାଯାଇ ପ୍ରସ୍ତୁତ ବହୁତ ଫୁଲ ଶ୍ରୀମସ୍ତକରେ ସଜା ଯାଇଥିଲା। ଏଥିରେ ସୁନାର କିଆ ମଧ୍ୟ ଖଞ୍ଜା ଯାଇଥିଲା। ଏଥିସହ ଅନେକ ସୁବର୍ଣ୍ଣ ଅଳଙ୍କାରରେ ଠାକୁରଙ୍କୁ ବିଭୂଷିତ କରାଯାଇଥିଲା। ଶ୍ରୀଜଗନ୍ନାଥ ଶଙ୍ଖ, ଚକ୍ର ଏବଂ ଶ୍ରୀବଳଭଦ୍ର ହଳ, ମୁଷଳ ଧାରଣ କରିଥିଲେ। ଏହା ଅତ୍ୟନ୍ତ ମନୋମୁଗ୍ଧକର ବେଶ । ଏହି ବେଶକୁ ଶ୍ରଦ୍ଧାଳୁ ତ୍ରୟୋଦଶୀ ତିଥିରେ ଦର୍ଶନ କଲେ ଅପାର କରୁଣା ଲାଭ କରିବା ସହ ଅଶେଷ ପୁଣ୍ୟ ପ୍ରାପ୍ତି ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି।

**ତାମନପାଲ୍ଲୀରେ ଅଜଣା ରୋଗ ଭୟ**

## ୧୦ ଦିନରେ ଆଖି ବୁଜିଲେଣି ୬ ଶିଶୁ

**ଏମ୍‌ଭି-୭୯/କାଲିମେଲା, ୧୦।୧୧(ଡି.ଏନ୍.ଏ.)**

ମାଲକାନଗିରି ଜିଲା କାଲିମେଲା ବ୍ଲକରେ ଅଜଣା ରୋଗର ଆତଙ୍କ ଦେଖାଦେଇଛି। ବ୍ଲକର ଟିଗଲ ପଞ୍ଚାୟତ ତାମନପାଲ୍ଲୀ ଗ୍ରାମରେ ବ୍ୟାପୁଛି ଏହି ରୋଗ । ଛୋଟ ଛୋଟ ଶିଶୁ ଏଥିରେ ଆକ୍ରାନ୍ତ ହୋଇ ଆଖି ବୁଜୁଛନ୍ତି। ୧୦ ଦିନ ମଧ୍ୟରେ ଏହି ରୋଗରେ ୬ ଶିଶୁଙ୍କ ଜୀବନ ଗଲାଣି। ଗାଁର ଅନେକ ଶିଶୁ ଏବେ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଡାକ୍ତରୀ ଟିମ୍ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି। ୩ବର୍ଷ ତଳେ ଜାପାନୀ ଜ୍ୱରରେ କାଲିମେଲା ବ୍ଲକର ୪୦ରୁ ଅଧିକ ଜଣଙ୍କ ଜୀବନ ଯାଇଥିଲା। ପୁଣି ଏବେ ସେହି ରୋଗ ଫେରିଥିବା ଆଶଙ୍କା କରି ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି।

ସୂଚନା ଅନୁଯାୟୀ, ଏହି ଅଜଣା ରୋଗରେ ୧୦ ଦିନ ଭିତରେ ତାମନପାଲ୍ଲୀ ଗାଁର ୬ ଜଣ ଶିଶୁଙ୍କ ମୃତ୍ୟୁ ହୋଇଛି। ଏହାସହ ଉର୍ମିଳା ମାଡ଼ି, କୁଞ୍ଜି ଚନ୍ଦ୍ରା, କାର୍ତ୍ତିକ ମାଡକାମି, ସୁଖୀ ମାଡ଼ି, ଭୀମା ମାଡ଼ି, ଅରନଭ ମାଡ଼ି ଓ ବାବୁଶାନ ମାଡ଼ି ଆକ୍ରାନ୍ତ ଅଛନ୍ତି। ମୃତ ଓ ଆକ୍ରାନ୍ତଙ୍କ ବୟସ ୨ରୁ ୪ମାସ ମଧ୍ୟରେ। ଥଣ୍ଡା, ଜ୍ୱର ଓ ବାନ୍ତିରେ ଆକ୍ରାନ୍ତ ହେବାର ଦୁଇ ତିନି ଦିନ ମଧ୍ୟରେ ସେମାନଙ୍କ ମୃତ୍ୟୁ ହେଉଛି। କାଲିମେଲା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଅବିଦ ହୁସେନଙ୍କ ନେତୃତ୍ୱରେ ଏକ ଟିମ୍ ଗାଁରେ ପହଞ୍ଚି ଆକ୍ରାନ୍ତଙ୍କ ଚିକିତ୍ସା କରିଛନ୍ତି। ଆକ୍ରାନ୍ତ ଶିଶୁଙ୍କୁ କାଲିମେଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମାଲକାନଗିରି ସିଡିଏମଓ ଅଜୟ କୁମାର ବୈଠାରୁ ତାମନପାଲ୍ଲୀ ଯାଇ ସ୍ଥିତି ସମୀକ୍ଷା କରିଛନ୍ତି। ୨୦୧୬ରେ ଜିଲାରେ ଜାପାନୀ ଏନ୍‌ସେଫାଲାଇଟସ୍ ବ୍ୟାପି ଅନେକ ଶିଶୁଙ୍କ ମୃତ୍ୟୁ ହେଲା। ତେଣୁ ଏବେ ଲୋକେ ଭୟଭୀତ ବୋଲି ଗ୍ରାମର ଦେବା ମାଡ଼ି, ଶଙ୍କର ସାଲବାମ, ସିଙ୍ଗା ମାଡ଼ି, ଦୁଲା ମାଡକାମି କହିଛନ୍ତି। ଏ ନେଇ ସିଡିଏମ୍‌ଓ ବୈଠାରୁଙ୍କୁ ପଚାରିବାରୁ ଏହା ଜାପାନୀ ଏନ୍‌ସେଫାଲାଇଟସ୍ ନୁହେଁ। ଏହି ରୋଗ ଶିଶୁଙ୍କଠାରେ ଦେଖାଯାଉଛି। ଏବେ ଋତୁ ପରିବର୍ତ୍ତନ ହେଉଛି। ଶିଶୁଙ୍କୁ ସାଧାରଣ ରୋଗ ହେବା ସ୍ୱାଭାବିକ। ଏଥିପାଇଁ ମା'ମାନେ ସଚେତନ ହେବା ଆବଶ୍ୟକ। ଶିଶୁଙ୍କ ରକ୍ତ ନମୁନା ପଠାଯାଇଛି। ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ। ଲୋକେ ଭୟଭୀତ ନ ହେବାକୁ ସିଡିଏମ୍‌ଓ ପରାମର୍ଶ ଦେଇଛନ୍ତି।



ଜଣେ ଶିଶୁଙ୍କୁ ଡାକ୍ତର ପରୀକ୍ଷା କରୁଛନ୍ତି।

- ଅନ୍ୟ ୭ ଶିଶୁ ଆକ୍ରାନ୍ତ
- ଗାଁରେ ଚିକିତ୍ସା କଲା ଡାକ୍ତରୀ ଟିମ୍
- ପରୀକ୍ଷା ପାଇଁ ପଠାଗଲା ରକ୍ତ ନମୁନା

## ଦୁଇଦିନିଆ ୟୁଏଇ ଗସ୍ତରେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନଭେମ୍ବର ୧୦ରୁ ୧୨ ପର୍ଯ୍ୟନ୍ତ ଦୁଇଦିନିଆ ୟୁଏଇ ଗସ୍ତରେ ଯାଇଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ସହ ଏହି ଅବସରରେ ଉଚ୍ଚସ୍ତରୀୟ ସରକାରୀ ଅଧିକାରୀ ଟିମ୍ ଏବଂ ଏକ ବ୍ୟବସାୟିକ ପ୍ରତିନିଧିମଣ୍ଡଳୀ ମଧ୍ୟ ବିଦେଶ ଗସ୍ତରେ ସାମିଲ ହୋଇଛନ୍ତି। ୟୁଏଇ ମନ୍ତ୍ରୀ ସୁଲତାନ ଅହମ୍ମଦ ଅଲ୍ ଜାବେରଙ୍କ ନିମନ୍ତ୍ରଣକ୍ରମେ ଆସନ୍ତା ୧୧ରେ ଅନୁଷ୍ଠିତ ହେବାକୁ ଥିବା ଆବୁଧାବୀ ଅନ୍ତଃରାଷ୍ଟ୍ରୀୟ ପେଟ୍ରୋଲିୟମ ପ୍ରଦର୍ଶନୀ ଏବଂ ସମ୍ମିଳନୀ (ଆଡିପେକ୍)ରେ ଧର୍ମେନ୍ଦ୍ର ଯୋଗଦେବେ। ଏକ ମନ୍ତ୍ରୀସ୍ତରୀୟ ବୈଠକରେ ସେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଧର୍ମେନ୍ଦ୍ର ଏବଂ ୟୁଏଇ ମନ୍ତ୍ରୀ ସୁଲତାନ ଅହମ୍ମଦ ଅଲ୍ ଜାବେର ଉଭୟ ଏଫଆଇପିଆଇ, ଡିଜିଏଚ୍ ଏବଂ ସିଆଇଆଇ ସହଯୋଗରେ ଆୟୋଜିତ ଭାରତ ପ୍ୟାଭିଲିୟନକୁ ଉଦ୍‌ଘାଟନ କରିବେ। ଏହି ଅବସରରେ ଡିଜିଏଚ୍ ପକ୍ଷରୁ ଭାରତର ଅନ୍ୱେଷଣ ଓ ଉତ୍ପାଦନ ଏବଂ ତୈଳ ଓ ଗ୍ୟାସ କ୍ଷେତ୍ରରେ ବିଦେଶୀ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ପାଇଁ ଏକ ରୋଡ ଶୋ' ଆୟୋଜନ କରାଯିବ। ୟୁଏଇର ଉର୍ଜା ଓ ଶିଳ୍ପମନ୍ତ୍ରୀଙ୍କୁ ଭେଟି ହାଇଡ୍ରୋକାର୍ବନ, ଇସ୍ପାତ୍ କ୍ଷେତ୍ର ସମ୍ବନ୍ଧରେ ଆଲୋଚନା କରିବା ସହିତ ଦୁଇ ଦେଶ ମଧ୍ୟରେ ଚାଲୁଥିବା ସମସ୍ତ ବ୍ୟବସାୟିକ କାମ ଉପରେ ଚର୍ଚ୍ଚା କରିବାର କାର୍ଯ୍ୟକ୍ରମ ରହିଛି। ଆଡିପେକ୍ ୨୦୧୯ କାର୍ଯ୍ୟକ୍ରମ ଅଧୀନରେ ଯୋଗଦେଇଥିବା ଅନ୍ତର୍ଜାତୀୟ ଉର୍ଜା ସଙ୍ଗଠନର ମୁଖ୍ୟ ଏବଂ ବିଶ୍ୱ ତୈଳ ଓ ଗ୍ୟାସ କମ୍ପାନୀର ସିଇଓଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ମଧ୍ୟପୂର୍ବ ଦେଶଗୁଡିକରେ ଇସ୍ପାତ୍ ଯୋଗାଣର ସମ୍ଭାବନା ଉପରେ ମଧ୍ୟ ଧର୍ମେନ୍ଦ୍ର ଗୁରୁତ୍ୱାରୋପ କରିଛନ୍ତି।




KOSHAL ANM & GNM TRAINING SCHOOL

Permitted by: Health & Family Welfare Deptt. Govt. of Odisha

Affiliated by: Indian Nursing Council, New Delhi & Odisha Nursing Council, Bhubaneswar

ADMISSION OPEN

A.N.M. Duration 2 Years
Eligibility: +2 in any Stream or its equivalent
Age: 17 to 30 Years

G.N.M. Duration 3 Years
Eligibility: +2 Arts, Science & Commerce
Age: Both Male & Female Students of 17 to 30 years

Clinical Training at: District Head Quarters Hospital, SBP, VIMSAR, Burla

At./Po: Naxapali, Dhanupali, Sambalpur- 768005 (Odisha).
Phone: (0663) 2546997, Mob:8763429502, 9938569414



ରେଲ୍ ବିକାଶ ନିଗମ ଲିମିଟେଡ୍

"ଏସି ୨୫ କେଭି ଟ୍ରାକ୍ସନର ପ୍ରଚଳନ"

"ସଡ଼କ ବ୍ୟବହାରକାରୀଙ୍କ ପାଇଁ ସତର୍କ ସୂଚନା"

ଏତଦ୍ୱାରା ଜନସାଧାରଣଙ୍କୁ ସୂଚୀତ କରାଯାଉଛିଯେ ପୂର୍ବ ତଟ ରେଳପଥର ସମ୍ବଲପୁର ଓ ୱାଲଟିୟର ଡିଭିଜନର ସମ୍ବଲପୁର (ଛାଡି)-ଟିଟିଲାଗଡ଼(ସହିତ) ସେକ୍ସନ ଦୋହରିକରଣ କିମି ୫୬୨ ସିଏଚ. ୯୯୧.୯୦ ରୁ କିମି ୭୪୪ ସିଏଚ ୬୯୯.୦୦ ଏବଂ ଟିଟିଲାଗଡ଼ (ଛାଡ଼ି) - ଜିମିଡ଼ିପେଟା (ସହିତ) ସେକ୍ସନ ୩ୟ ଲାଇନର କିମି ୨୦୨ ସିଏଚ. ୬୮୬ରୁ କିମି ୩୫୭ ସିଏଚ.୨୬୮ ରେ ୨୫ କେଭି ବିଦ୍ୟୁତ୍ ଟ୍ରାକ୍ସନର ସଂଯୋଗ ସହିତ ପ୍ରଚଳନ କରାଯିବ। ଏଥିପାଇଁ ସବୁ ଲେଭଲ୍ କ୍ରସିଂ ଗୁଡ଼ିକରେ ସଡ଼କ ପତନ ଠାରୁ ୪.୭୬ ମିଟର ରୁ ୪.୭୮ ମିଟର ଉଚ୍ଚ ମଧ୍ୟରେ ହାଇଟ୍ ଗଜ୍ ରଖାଯାଇଛି। ଯଦ୍ୱାରା ଏହି ବାଟ ଦେଇ ଆସୁଥିବା ଅତି ଉଚ୍ଚ ମାଲ୍ ବୋଝେଇ ଗାଡ଼ିଗୁଡ଼ିକ ସାବଧାନ ରହିବା ଆବଶ୍ୟକ ଓ ଏହି ଜୀବନ୍ତ ଟ୍ରାକ୍ସନ ତାର (କଣ୍ଟାକ୍ଟ ତାର) ଯାହାକି ଲେଭେଲ କ୍ରସିଂ ଗୁଡ଼ିକରେ ଅତି କମ୍‌ରେ ରେଳ ଲେଭଲ୍ ଠାରୁ ୫.୫ ମିଟର ଉଚ୍ଚରେ ରଖାଯାଇଥାଏ, ସେହି ତାର ସଂସ୍ପର୍ଶରେ ଆସିବା ଜନିତ ବିପଦରୁ ରକ୍ଷା ପାଇପାରିବେ। ଜନସାଧାରଣଙ୍କୁ ଏତଦ୍ୱାରା ସୂଚୀତ କରାଯାଉଛି ସେମାନଙ୍କ ଗାଡ଼ି ଗୁଡ଼ିକରେ ମାଲ୍ ବୋଝେଇ ସମୟରେ ଏହି ନିର୍ଦ୍ଧାରିତ ଉଚ୍ଚତାକୁ ଦେଖନ୍ତୁ ଯେପରି ଯାନରେ ବୋଝେଇ ହୋଇଥିବା ଲୋଡ଼ କୌଣସି ପରିସ୍ଥିତିରେ ଏହି ହାଇଟ୍ ଗଜ୍‌କୁ ସ୍ପର୍ଶ ନକରେ। ଅତ୍ୟଧିକ ଉଚ୍ଚତା ବିଶିଷ୍ଟ ଲୋଡ଼ ଜନିତ ବିପଦ ନିମ୍ନ ପ୍ରକାର :

(କ) ହାଇଟ୍ ଗଜ୍ ପ୍ରତି ବିପଦ ଏବଂ ଏହି ହେତୁ ସଡ଼କ ସହିତ ରେଳ ଲାଇନ ଅବରୋଧ।

(ଖ) ନେଉଥିବା ସାମଗ୍ରୀ କିମ୍ବା ଉପକରଣ ବା ଯାନ ପ୍ରତି ବିପଦ।

(ଗ) ଏହି କଣ୍ଡକ୍ଟର ସହିତ ଲାଗିବା ଦ୍ୱାରା କିମ୍ବା ଏହାକୁ ଛୁଇଁବା ହେତୁ ଅଗ୍ନିକାଣ୍ଡ ଓ ଜୀବନହାନୀ ପରି ବିପଦ।

ମହାପ୍ରବନ୍ଧକ (ବିଦ୍ୟୁତ)
ରେଲ୍ ବିକାଶ ନିଗମ ଲିମିଟେଡ୍. ୱାଲ୍‌ଟିୟର








# ଏକାଠି ହେଲେ ନିରଞ୍ଜନଙ୍କ ଗୋଷ୍ଠୀ

**ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)**

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ପଦକୁ ନେଇ କଂଗ୍ରେସରେ ପୁଣି ଛକାପଞ୍ଝା ଆରମ୍ଭ ହୋଇଯାଇଛି। କିଛିଦିନ ତଳେ ନିରଞ୍ଜନ ପଟ୍ଟନାୟକଙ୍କୁ ସଭାପତି ପଦରୁ ହଟାଇବା ପାଇଁ ଦଳର ଗୋଟିଏ ଗୋଷ୍ଠୀ ଘରୋଇ ହୋଟେଲରେ ଦୁଇଥର ଏକାଠି ହୋଇଥିଲେ। ନିରଞ୍ଜନ ବିରୋଧୀ ଗୋଷ୍ଠୀ କଟକ-ବାଟବାଟୀ ବିଧାୟକ ମହମ୍ମଦ ମୋକିମଙ୍କୁ ସଭାପତି ପଦରେ ବସାଇବା ପାଇଁ ଦାବି କରିଛନ୍ତି। ଏହାର କାଉଣ୍ଟରରେ ରବିବାର ନିରଞ୍ଜନ ସମର୍ଥକ ଏକାଠି ହୋଇଛନ୍ତି। ବୈଠକରେ ବହୁ ଜିଲା ସଭାପତି ଏବଂ ଗତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା କେତେଜଣ ନେତା ଉପସ୍ଥିତ ରହି ନିରଞ୍ଜନଙ୍କୁ ସଭାପତି ପଦରେ ରଖିବା ଉପରେ ଆଲୋଚନା କରିଛନ୍ତି। ବର୍ତ୍ତମାନ ସ୍ଥିତିରେ ନିରଞ୍ଜନ ସଭାପତି ପଦରୁ ହଟିଲେ ଦଳର କ୍ଷତି ହେବ ବୋଲି ଅଧିକାଂଶ ମତ ରଖିଥିବା ଜଣାପଡିଛି। ଆଗକୁ ପୌର ନିର୍ବାଚନ ଆସୁଥିବାରୁ ନିରଞ୍ଜନ ସଭାପତି ଦାୟିତ୍ୱରେ ରୁହନ୍ତୁ ବୋଲି ସମସ୍ତେ ମତ ଦେଇଛନ୍ତି। ବୈଠକରେ ଉପସ୍ଥିତ ଥିବା ନେତାମାନଙ୍କୁ ଆଜିର ବୈଠକ ସମ୍ପର୍କରେ ପଚାରିବାରୁ ସେମାନେ କହିଛନ୍ତି, ଦଳ ଆଗକୁ ବିଜେଡି ଓ ଭାଜପା ବିରୋଧରେ କ'ଣ ଆଭିମୁଖ୍ୟ ରଖିବ ସେ ବିଷୟରେ ଆଲୋଚନା କରିବା ପାଇଁ ଏକାଠି ହୋଇଥିଲେ। ମୁଖ୍ୟତଃ ଚାଷୀ, ବେକାରି ସମସ୍ୟା ଆଦି ପ୍ରସଙ୍ଗରେ ଦଳ ରାସ୍ତାକୁ ଓହ୍ଲାଇବା ନେଇ ରଣନୀତି ପ୍ରସ୍ତୁତ କରିଛି। ଏହି ଅବସରରେ ନିରଞ୍ଜନଙ୍କୁ ସଭାପତି ପଦରେ ରଖିବା ପାଇଁ ସମସ୍ତେ ମତ ଦେଇଛନ୍ତି ବୋଲି ଜଣେ କଂଗ୍ରେସ ନେତା ପ୍ରକାଶ କରିଛନ୍ତି। ଏହି କଥାରୁ ଏକାଠି ହୋଇଥିବା ନେତାମାନଙ୍କ ଆଭିମୁଖ୍ୟ କ'ଣ ତାହା ସ୍ପଷ୍ଟ ଜଣାପଡୁଥିବା ନିରଞ୍ଜନଙ୍କ ବିରୋଧୀ ଗୋଷ୍ଠୀ ମତ ରଖିଛନ୍ତି।

ଏଭଳି ସ୍ଥିତିରେ କଂଗ୍ରେସ ପ୍ରଭାରୀ ଜିତେନ୍ଦ୍ର ସିଂ କହିଛନ୍ତି, ଯେଉଁମାନେ କିଛି କହିବାକୁ ଚାହୁଁଛନ୍ତି ସେମାନେ ଦଳର ହାଇକମାଣ୍ଡଙ୍କୁ ଆସି ଜଣାନ୍ତୁ। ଗଣମାଧ୍ୟମ ଆଗରେ ଯେଉଁମାନେ ମତ ରଖୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଗଣମାଧ୍ୟମରେ ମତ ରଖି ଦଳର କ୍ଷତି ଘଟଣାଉଥିବା ବ୍ୟକ୍ତିଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଉଛି। ଏଥିରେ ବିଚାରଧାରା ଅଲଗା ଅଲଗା ହୋଇପାରେ। ସେଥିରେ କିଛି ସମସ୍ୟା ନାହିଁ। ନିଜର ମତ ରଖିବା ପାଇଁ ଏକ ପ୍ରକ୍ରିୟା ରହିଛି। ଗଣମାଧ୍ୟମ ଆଗରେ ମତ ରଖିବା ଏବଂ ବୈଠକ କରି ଅସନ୍ତୋଷ ପ୍ରକାଶ କରିବା ଠିକ୍ ନୁହେଁ। ଏନେଇ ତଥ୍ୟ ସଂଗ୍ରହ କରାଯାଉଛି କହି ଜିତେନ୍ଦ୍ର ଦଳୀୟ ନେତାଙ୍କୁ ଚେତାଇ ଦେଇଛନ୍ତି।


SAMBALPUR UNIVERSITY
JYOTIVIHAR, BURLA
SAMBALPUR (ODISHA), PIN-768019
(NAAC ACCREDITED WITH 'A' GRADE), Website: www.suniv.ac.in

SHORT QUOTATION CALL NOTICE

No. 7168/Stores Dated 07.11.2019

Sealed quotations in plain paper are invited from the intending registered licensed (BIS/ Hallmark License) Gold Dealers / manufacturer / Retailer to prepare and supply of Gold Medals of 10 (Ten) gms. or more in weight having 02 (Two) gram of pure gold in fineness each so as to reach the undersigned by Speed Post or Registered Post only on or before Dt.15.11.2019 by 2.00PM. Prices quoted should be inclusive of all taxes & charges. The quotation will be opened on the same day at 3.00PM in the presence of the agencies or their authorized representatives, if any. The detailed information of the specification of Gold Medals and terms & conditions for supply can be had from the Store & Purchase Section, Sambalpur University.

*Sd./- Registrar*

## ସଂକ୍ଷେପରେ

### ପିଲା ଚୋରି ଗୁଜବ

ସମ୍ବଲପୁର,୧୦।୧୧(ବ୍ୟୁରୋ) ସମ୍ବଲପୁର ଧନୁପାଲି ଥାନା ଭିତରା ଅଞ୍ଚଳରୁ ଜଣେ ଷଷ୍ଠ ଶ୍ରେଣୀ ଛାତ୍ରଙ୍କୁ ଚୋରି କରି ନିଆଯାଇଥିବା ଖବର ଗୁଜବ ସୃଷ୍ଟି ହୋଇଛି। ଏହି ଘଟଣା ପ୍ରଚାର ହେବା ପରେ ସହରର ବିଭିନ୍ନ ଅଞ୍ଚଳବାସୀଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଏ ନେଇ ଧନୁପାଲି ଥାନାରେ ପରିବାର ବର୍ଗ ଅଭିଯୋଗ କରିଛନ୍ତି । ଅଭିଯୋଗ କ୍ରମେ ସେ ଖେଳୁଥିବା ସମୟରେ ୨ ଜଣ ଅଜଣା ବ୍ୟକ୍ତି ଆସି ଜବରଦସ୍ତ ଟେକି ନେଇ ପଳାଇଥିଲେ। ଗାଡିକୁ ଅପେକ୍ଷା କରି ସମସ୍ତେ ଛିଡା ହୋଇଥିଲାବେଳେ ସେ ସେମାନଙ୍କ କବଳରୁ କୌଶଳ କରି ଚାଲି ଆସିଥିଲେ ବୋଲି ପରିବାର ବର୍ଗଙ୍କୁ କହିଥିଲେ । ପୋଲିସ ମଧ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଜାରି ରଖିଛି।

### ଜିଲା ସନ୍ତରଣ ସଂଘର ସମ୍ବର୍ଦ୍ଧନା ଉତ୍ସବ

ସମ୍ବଲପୁର, ୧୦।୧୧ (ବ୍ୟୁରୋ) ଡା. ଝସକେତନ ସାହୁ ସୁଇମିଂ ପୁଲ୍‌ଠାରେ ଜିଲା ସନ୍ତରଣ ସଂଘ ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ସଭାପତି ଅକ୍ଷୟ ପ୍ରଧାନଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଅନ୍ତର୍ଜାତୀୟ ମାଷ୍ଟର୍ସ ସୁଇମିଂ ପ୍ରତିଯୋଗିତା ପଦକ ହାସଲ କରିଥିବା ପ୍ରେମରଞ୍ଜନ ପ୍ରଧାନ, ନାରାୟଣ ପଣ୍ଡା, ହୃଷୀକେଶ ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସାଧାରଣ ସମ୍ପାଦକ ସାଲେଗ୍ରାମ ଖୁଣ୍ଟିଆ ସୂଚନା ପ୍ରଦାନ କରିଥିଲେ। ଡ. ବିଜୟ କୁମାର ପ୍ରଧାନ, ରାଜେଶ ମିଶ୍ର, ଗଙ୍ଗା ଓରାମ, କିଶୋର ଲୁହା, ମନୋରଞ୍ଜନ ପାଢ଼ୀ, ଗୋପି ବରାଳ ଉପସ୍ଥିତ ଥିଲେ।

### ହୀରାକୁଦରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ସମ୍ବଲପୁର, ୧୦।୧୧ (ବ୍ୟୁରୋ) ହୀରାକୁଦ ଜିକଜାକ୍ କ୍ଲବ ପରିସରରେ ରବିବାର ମାଗଣା ରକ୍ତ ସର୍କରା ଓ ରକ୍ତଚାପ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୧୮ ଜଣଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଲାୟନ୍ସ କ୍ଲବ ବରିଷ୍ଠ ସଭ୍ୟ ଏ.ବି. ବେଗ, ସଭାପତି ଲକ୍ଷ୍ମୀପ୍ରସାଦ ମହାପାତ୍ର, ସମ୍ପାଦକ କାର୍ତ୍ତିକ କଲେତ, ଉତ୍ତମ ବାଗ, ଅବିନାଶ ମିଶ୍ର, ବିଳାସିନୀ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

### ଚୋରି ପାଣି ପମ୍ପ ଜବତ, ଜଣେ ଗିରଫ

ସମ୍ବଲପୁର,୧୦।୧୧(ବ୍ୟୁରୋ) ସମ୍ବଲପୁର ଅଇଁଠାପାଲି ପୋଲିସ ଏକ ଚୋରା ପାଣି ପମ୍ପ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତ ହେଲେ ବିଶ୍ୱଜିତ ଓରାମ (୨୫) । ଏ ନେଇ ଥାନାରେ ଏକ ମାମଲା (ନଂ.୪୯୫/୧୯) ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, ବରେଇପାଲିର ଗଣେଶ କୁମାର ଅଗ୍ରୱାଲଙ୍କ ଶନିବାର ଏହି ପମ୍ପ ଚୋରି ହୋଇଥିଲା। ଏହାକୁ ନେଇ ସେ ଅଇଁଠାପାଲି ଥାନାରେ ଅଭିଯୋଗ କରିଥିଲେ।

### ପଶ୍ଚିମ ଓଡ଼ିଶା ପାଲା ସମ୍ମିଳନୀ ପ୍ରସ୍ତୁତି ବୈଠକ

ସମ୍ବଲପୁର, ୧୦।୧୧ (ବ୍ୟୁରୋ) ସମଲେଶ୍ୱରୀ ମଣ୍ଡପଠାରେ ସମର୍ପଣ ପକ୍ଷରୁ ରବିବାର ପଶ୍ଚିମ ଓଡିଶା ପାଲା ସମ୍ମିଳନୀର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଡିସେମ୍ବର ୨୧ ଓ ୨୨ ତାରିଖ ଦୁଇଦିନ ଧରି ସମଲେଶ୍ୱରୀଙ୍କ ମଣ୍ଡପଠାରେ ହେବାକୁ ଥିବା ଏହି ପାଲା ସମ୍ମିଳନୀ ବିଷୟରେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ୭୦ଟି ଦଳର ୩୫୦କଳାକାର ଯୋଗ ଦେବେ । ସ୍ମରଣିକା ପ୍ରକାଶିତ ହେବ। ପାଲା ଗାୟକ, ଗାୟିକା ଓ କଳାକାରଙ୍କୁ ସମ୍ମାନିତ କରାଯିବା ସହ ଆଲୋଚନାଚକ୍ର କରିବାକୁ ସ୍ଥିର କରାଯାଇଛି । ଅରବିନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା । ପ୍ରାରମ୍ଭରେ ସମର୍ପଣ ସମ୍ପାଦକ ତଥା ପଶ୍ଚିମ ଓଡିଶା ପାଲା ସମ୍ମିଳନୀର ସଂଯୋଜକ ଭଜରାମ ମହାପାତ୍ର ବିବରଣୀ ପାଠ କରିଥିଲେ । ପାଲା ପରିଚାଳନା କମିଟିର ଅଧ୍ୟକ୍ଷ ପ୍ରଫେସର ମୀନକେତନ ପୁରୋହିତ, ଉପାଧ୍ୟକ୍ଷ ପ୍ରଫେସର ସୁରୁବାବୁ ମେହେର, ପ୍ରଫେସର ଶଙ୍କର ପ୍ରସାଦ ପତି, ଅବସରପ୍ରାପ୍ତ ପ୍ରଶାସକ ରଘୁନାଥ ମିଶ୍ର, ଡ. ଶ୍ୟାମ ସୁନ୍ଦର ଧର, ଆଇନଜୀବୀ ବୈଷ୍ଣାୟନ ଆଚାର୍ଯ୍ୟ, ରତନ ଲାଲ୍ ଶର୍ମା, ଜୟକୃଷ୍ଣ ବେହେରା, ପାଲା ପରିଷଦ ସଭାପତି ନବୀନ ଚନ୍ଦ୍ର ନାଏକ, ପୂର୍ବତନ ସଭାପତି ରାଧେଶ୍ୟାମ ପଣ୍ଡା, ପାଲାଗାୟକ କମଳାକାନ୍ତ ନାଏକ, ମହେନ୍ଦ୍ର ନାଏକ, ପାଲା ଗାୟିକା ମହିମା ବିଶି, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଶଶିଭୂଷଣ ତ୍ରିପାଠୀ, ଦୈତାରୀ ପୁରୋହିତ, ସାହିତ୍ୟିକ ଗୋପୀନାଥ ଷଡଙ୍ଗୀ, ପାଲାଗାୟକ ଦେବାଧିଚରଣ ପଧାନ, ନିତ୍ୟାନନ୍ଦ ବିଶି, ଯଦୁମଣି ଭଇସାଲ, ଲଳିତ କୁମାର ନାଏକ, ସରୋଜ କୁମାର ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶେଷରେ ଜୟକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

■ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ ଶୋଭାଯାତ୍ରା

# ଭାଇଚାରାର ବାର୍ତ୍ତା ଦେଲେ

ସମ୍ବଲପୁର, ୧୦।୧୧ (ବ୍ୟୁରୋ)

ସମ୍ବଲପୁର ସହରର ଇସ୍‌ଲାମ ଧର୍ମାବଲମ୍ବୀମାନେ ରବିବାର ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଳନ କରିଛନ୍ତି । ଏହି ଅବସରରେ ମୋତିଝରନରୁ ଶୋଭାଯାତ୍ରା ବାହାରି ଭୁତାପଡା, ଜିଲାସ୍କୁଲ ଛକ, ବୀରସୁରେନ୍ଦ୍ର ସାଏ ମାର୍ଗ, ଲକ୍ଷ୍ମୀଟକିଜ ଛକ, ଗୋଲବଜାର ଛକ, ପୀରବାବା ଛକ, ସେନପାର୍କ ରାସ୍ତା ପରିକ୍ରମା କରିଥିଲା। ମହମ୍ମଦଙ୍କ ଜୟ ଗାନରେ ରାଜରାସ୍ତା ପ୍ରକମ୍ପିତ ହୋଇଥିଲା । ସୁସଜ୍ଜିତ ରଥ (ଚାରି ଚକିଆ ଯାନ) ଗୁଡିକରେ ଆବାଳ-ବୃଦ୍ଧ-ବନିତା ବସି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ବିଭିନ୍ନ ମସଜିଦ୍ ଗୁଡିକରେ ମଧ ଭକ୍ତଙ୍କ ଭିଡ ଲାଗି ରହିଥିଲା । ବିଭିନ୍ନ ପଡାର ରାସ୍ତାକୁ ଆଲୋକମାଳା ଓ ଚକଚକିଆ କପଡାରେ ସଜ୍ଜିତ କରାଯାଇଥିଲା। ସେହିପରି ମସଜିଦ ଗୁଡିକ ଆଲୋକମାଳାରେ ଝଲସି ଉଠିଥିଲା। ଛକ ଗୁଡିକରେ ବିଭିନ୍ନ ଧର୍ମାବଲମ୍ବୀମାନେ ସମବେତ ହୋଇ ଶୋଭାଯାତ୍ରାରେ ସାମିଲ ହୋଇଥିବା ଜନସାଧାରଣଙ୍କୁ ଚା, ପାଣି, ସରବତ ପ୍ରଦାନ କରିଥିଲେ। ସେହିପରି ଇସ୍‌ଲାମ ଧର୍ମାବଲମ୍ବୀମାନେ ମଧ ଅନ୍ୟ ଧର୍ମର ଜନସାଧାରଣଙ୍କୁ ଫୁଲମାଳ ପିନ୍ଧାଇ ଭାଇଚାରର ନିଦର୍ଶନ ଦେଖାଇଥିଲେ ।





ସମ୍ବଲପୁରରେ ମହମ୍ମଦ ଜୟନ୍ତୀଙ୍କ ଶୋଭାଯାତ୍ରାରେ ଲକ୍ଷ୍ମୀ ଟକିଜ ଛକଠାରେ ଇସଲାମ ଧର୍ମାବଲମ୍ବୀ ରବିବାର ଶିଖ୍ ଧର୍ମର ବ୍ୟକ୍ତିଙ୍କୁ ଫୁଲ ପିନ୍ଧାଇ ଶୁଭେଚ୍ଛା ଜଣାଉଛନ୍ତି ।

## ୧୫ରୁ 'କଖଗ'ର ନାଟ୍ୟୋତ୍ସବ



ରବିବାର ସମ୍ବଲପୁର ଜ୍ୟୋତି ସଭା କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବ୍ରଜେନ୍ଦ୍ର ନାୟକ ସୂଚନା ଦେଉଛନ୍ତି ।

ସମ୍ବଲପୁର, ୧୦।୧୧ (ବ୍ୟୁରୋ)

ନାଟ୍ୟାନୁଷ୍ଠାନ କଖଗ ପକ୍ଷରୁ ଚଳିତ ମାସ ୧୫ ରୁ ୧୭ ତାରିଖ ପର୍ଯ୍ୟନ୍ତ ଝାଡୁଆପଡ଼ା ଆରଣ୍ୟକ ମଞ୍ଚଠାରେ ତୃତୀୟ ନଟ୍ୟୋତ୍ସବ ଅନୁଷ୍ଠିତ ହେବ। ଉତ୍ସବରେ ପ୍ରତିଷ୍ଠିତ କଳାକାର, କବି ଓ କଣ୍ଠଶିଳ୍ପୀମାନେ ନାଟକ, କବିତା ଏବଂ ସଂଗୀତ ପରିବେଷଣ କରିବେ । ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଯୋଜକ ବ୍ରଜେନ୍ଦ୍ର କୁମାର ନାୟକ, ବର୍ଷୀୟାନ ନିର୍ଦ୍ଦେଶକ ରାଜେନ୍ଦ୍ର ପ୍ରସାଦ ପଣ୍ଡା ଓ ନାଟ୍ୟକାର ଶ୍ୟାମସୁନ୍ଦର ଧର ଏହି ସୂଚନା ଦେଇଥିଲେ। ପ୍ରଥମ ରଜନୀରେ ହେବାକୁ ଥିବା କବିତାୟନ କାର୍ଯ୍ୟକ୍ରମରେ ଅଭୟ କୁମାର ପାଢୀ, ରାମକୃଷ୍ଣ ସାହୁ, ସବିତା ପୁରୋହିତ, ରାଜୀବ ପାଣି, ମୁକ୍ତକଣ୍ଠ ପ୍ରଧାନ, ଦୁର୍ଗା ପ୍ରସାଦ ପଣ୍ଡା, ମନୋଜ ପଣ୍ଡା, ସଂଗୀତା ପଣ୍ଡା ଷଡ଼ଙ୍ଗୀ, ସରୋଜ ମହାନ୍ତିଙ୍କ ରଚିତ କବିତାକୁ ନେଇ ହୃଦାନନ୍ଦ ଗଡ଼ତିଆ, ରବୀନ୍ଦ୍ର ପଣ୍ଡା, ଗୋପାଳ ମହାକୁଡ, ସୁଶ୍ରୀତା ପାଣିଗ୍ରାହୀ, ସ୍ମୃତି ମିଶ୍ର ସଂଗୀତ ପରିବେଷଣ କରିବେ । ଏହାପରେ ସମ୍ବଲପୁରୀ ନାଟକ ଚେହେରା ମଞ୍ଚସ୍ଥ ହେବ । ଏଥିରେ ବର୍ଷୀୟାନ କଳାକାର ରାଜେନ୍ଦ୍ର ପ୍ରସାଦ ପଣ୍ଡା ୧ଘଣ୍ଟା ଏକାକି ଅଭିନୟ କରିବେ । ଦ୍ୱିତୀୟ ରଜନୀରେ ନାଟକ 'ସମ୍ବେଦନା' ମଞ୍ଚସ୍ଥ ହେବା ସହ 'କେବେ ସକାଳ ହେବ' ଶୀର୍ଷକ କବିତା, ସଂଗୀତ, ଅଭିନୟ ଓ ଚିତ୍ରକଳାର ଫ୍ୟୁଜନ ଦର୍ଶକଙ୍କୁ ବିମୋହିତ କରିବ । ଏଥିରେ ଦିଲୀପ କୁମାର ପଣ୍ଡା, ଦିଲୀପ ପାଣି, ସଞ୍ଜୟ ସାହୁ ଭାଗ ନେବେ । ୧୭ ତାରିଖ ସନ୍ଧ୍ୟାରେ ପୂର୍ଣ୍ଣାଙ୍ଗ ନାଟକ 'ପାଗଳ ହେଇଯିବ' ପରିବେଷଣ ହେବ। ଏଥିରେ ସହରର ପ୍ରବୀଣ ଓ ତରୁଣ କଳାକାରମାନେ ଅଭିନୟର ଯାଦୁ ଦେଖାଇବେ। ମଞ୍ଚସ୍ଥ ହେବାକୁ ଥିବା ନାଟକ ଗୁଡ଼ିକୁ ବ୍ରଜେନ୍ଦ୍ର ନାୟକ ରଚନା ଏବଂ ନିର୍ଦ୍ଦେଶନା ଦେଇଛନ୍ତି। ଉତ୍ସବରେ ସ୍ମରଣିକା ବାର୍ତ୍ତାଳାପ- ୨ ଉନ୍ମୋଚିତ ହେବ । ସଞ୍ଜୟ ମିଶ୍ର ମଞ୍ଚସଜ୍ଜା, ସିଦ୍ଧାର୍ଥ ହୋତା ଆଲୋକ ସମ୍ପାତ ଓ ଘନଶ୍ୟାମ ଶବ୍ଦ ସଂଯୋଜନା ଦାୟିତ୍ୱ ନିର୍ବାହ କରିବେ। କିନ୍ତୁ ବଡ଼ ବଜେଟର କାର୍ଯ୍ୟକ୍ରମ ପାଇଁ କୌଣସି ସରକାରୀ ସହାୟତା ପ୍ରାପ୍ତ ହୋଇନାହିଁ ବୋଲି କର୍ମକର୍ତ୍ତା କହିଥିଲେ। ଜ୍ୟୋତି ସଭା କକ୍ଷରେ ହୋଇଥିବା ଏହି ଖବରଦାତା ସମ୍ମିଳନୀର ସୌମେନ୍ଦ୍ର ପୂଜାରୀ, ସନ୍ତୋଷ ମିଶ୍ର, ରାଜୀବ ପାଣି, ସଞ୍ଜୟ ମିଶ୍ର, ସିଦ୍ଧାର୍ଥ ହୋତା, ଲକ୍ଷ୍ମଣ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

୧୭ରୁ ଦିଲ୍ଲୀରେ ଜାତୀୟ ସ୍କୁଲ କ୍ରୀଡା

## ସନ୍ତରଣରେ ଭାଗନେବେ ପୀୟୂଷ ଠାକୁର

ସମ୍ବଲପୁର, ୧୦।୧୧ (ବ୍ୟୁରୋ)

ଜାତୀୟ ସ୍କୁଲ କ୍ରୀଡା ପ୍ରତିଯୋଗୀତା ଚଳିତ ମାସ ୧୭ରୁ ୨୨ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀସ୍ଥିତ ତାଲକୋଟାରା ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ । ସନ୍ତରଣ ବିଭାଗରେ ସମ୍ବଲପୁର ସିଦ୍ଧେଶ୍ୱରବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଷ୍ଟମ ଶ୍ରେଣୀ ଛାତ୍ର ପିୟୁଷ ଠାକୁର ଭାଗ ନେବାକୁ ମନୋନୀତ ହୋଇଛନ୍ତି । ସୂଚନାଯୋଗ୍ୟ ଯେ, ପିୟୁଷ ରାଜ୍ୟ ସ୍କୁଲ କ୍ରୀଡାରେ ୪ଟି ସ୍ୱର୍ଣ୍ଣ ପଦକ ସହ ୧୪ବର୍ଷରୁ କମ୍ ବର୍ଗରେ ଚାମ୍ପିୟନ ଟ୍ରଫି ହାସଲ କରିଛନ୍ତି

## ନବଗ୍ରହ ମନ୍ଦିର ପ୍ରତିଷ୍ଠା ଉତ୍ସବ

ସମ୍ବଲପୁର, ୧୦।୧୧ (ବ୍ୟୁରୋ)

ମୁଦିପଡାସ୍ଥିତ ଯାଗେଶ୍ୱର ବାବା ମନ୍ଦିର କମିଟି ପକ୍ଷରୁ ରବିବାର ନବଗ୍ରହ ଓ ଶନି ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କଳସ ଯାତ୍ରା, ବିଗ୍ରହ ପ୍ରତିଷ୍ଠା ଓ ହୋମଯଜ୍ଞ କାର୍ଯ୍ୟ ହୋଇଥିଲା । ପଣ୍ଡିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓ ପ୍ରଭୁଦତ୍ତ ନାୟକ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ସୁମିତା ଓ ଶାନ୍ତନୁ ପାଣିଗ୍ରାହୀ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ମନ୍ଦିର କମିଟି ସଭାପତି ଜଗଦୀଶ ପଣ୍ଡା, ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ସୁନୀଲ ଦାଶ, ନରସିଂହ ଦାଶ, ଈଶ୍ୱର ନନ୍ଦ, ଅଭିରାମ ପଟେଲ, ଗତିକୃଷ୍ଣ ଷଡଙ୍ଗୀ, ବନମାଳୀ ପଟେଲ, ଖଡିରତ୍ନ ବେହେରା, ଲକ୍ଷ୍ମୀନାରାୟଣ ପଟେଲ, କୈଳାଶ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଲୋକଙ୍କ ସେବା କରିବା ପ୍ରକୃତ ଧର୍ମ



ସମ୍ବଲପୁର ଭାଲୁପାଲି ଡି-ଗାର୍ଡେନ ପରିସରରେ ନୃସିଂହ ବିଷ୍ଣୁପ୍ରିୟା ସେବା ଟ୍ରଷ୍ଟ ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଅତିଥିମାନେ ।

ସମ୍ବଲପୁର,୧୦।୧୧(ବ୍ୟୁରୋ)

ସମ୍ବଲପୁର ଭାଲୁପାଲି ଡି-ଗାର୍ଡେନ ପରିସରରେ ସାମାଜିକ ଅନୁଷ୍ଠାନ ନୃସିଂହ ବିଷ୍ଣୁପ୍ରିୟା ସେବା ଟ୍ରଷ୍ଟ ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଯୋଜକ ରାଜ କିଶୋର ଦାସ ଅଧ୍ୟକ୍ଷତା କରିଥିଲେ। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ବରଗଡ ଏମ୍‌ପି ସୁରେଶ ପୂଜାରୀ, ରାଜ୍ୟ ସଭା ସଦସ୍ୟ ପ୍ରଶନ୍ନ ଆଚାର୍ଯ୍ୟ, ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି, କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ଉପସ୍ଥିତ ଥିଲେ। ଅନଷ୍ଠାନ ପ୍ରତିଷ୍ଠାତା ନୃସିଂହ ଦାସ ଓ ବିଷ୍ଣୁପ୍ରିୟା ଦେବୀ ମଞ୍ଚାସୀନ ଥିଲେ । ଏହି ଅବସରରେ ଉପସ୍ଥିତ ଅତିଥିମାନେ କହିଥିଲେ ଯେ, ଲୋକଙ୍କ ସେବା କରିବା ହେଉଛି ପ୍ରକୃତ ଧର୍ମ। ଏବେ ମଧ ସମାଜରେ ଅନେକ ଲୋକ ସ୍ୱାସ୍ଥ୍ୟ ଓ ବାସଗୃହ ସମସ୍ୟା ଭିତରେ ବୁଡି ରହୁଛନ୍ତି। ସରକାରୀ ଯୋଜନା ଛାଡି ଦେଲେ ସେମାନଙ୍କୁ କେହି ସାହାଯ୍ୟ କରି ନ ଥାନ୍ତି । ହେଲେ ଏଭଳି ଅନୁଷ୍ଠାନଗୁଡିକ ସେମାନଙ୍କୁ ସହଯୋଗର ହାତ ବଢାଇଥାନ୍ତି । ଏଭଳି ଅନେକ ଉଦାହଣ ନଜିର ରହିଛି । ତେଣୁ ସମସ୍ତଙ୍କୁ କିଛି ସମୟ ବାହାର କରି ଅନ୍ୟ ଉପକାର ପାଇଁ କାମ କରିବା ଉଚିତ । ଅନ୍ୟର ସେବା କଲେ ମନରେ ଶାନ୍ତି ମିଳିଥାଏ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଜିଲାର ବିଭିନ୍ନ କ୍ଷେତ୍ରରେ ଶିକ୍ଷା, କଳା, ସାମ୍ବାଦିକତା, କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ କାମ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଧନୁପାଲିରେ ଚିତ୍ରାଙ୍କନ ପ୍ରତିଯୋଗିତା

ସମ୍ବଲପୁର, ୧୦।୧୧ (ବ୍ୟୁରୋ)

ଧନୁପାଲି ଶ୍ରୀଗଣେଶ ସରକାରୀ ହାଇସ୍କୁଲଠାରେ ରବିବାର 'କଳା ଓ କଳାକାର' ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହରର ସ୍କୁଲ, କଲେଜ ଓ ବିଶ୍ୱ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ । ଚିତ୍ରଶିଳ୍ପୀମାନେ ପଦ୍ମଫୁଲ, ଆଇସକ୍ରିମ, ପ୍ରାକୃତିକ ଦୃଶ୍ୟ, ଘର, ମନ୍ଦିର, ବେଲୁନ ବାଲା, ଗ୍ରାମୀଣ ଜୀବନ, ସମୁଦ୍ର ଦୃଶ୍ୟ, ସହରୀ ଜୀବନ, ଓଡିଶାର ଐତିହ୍ୟ, ପ୍ଲାଷ୍ଟିକ ସଂକଟ, ମାତୃପ୍ରେମ, ସାଂସ୍କୃତିକ ମେଢ଼ ପ୍ରଭୃତି ବିଷୟ ବସ୍ତୁ ଉପରେ ଚିତ୍ରା ଆଙ୍କିଥିଲେ। ଡିସେମ୍ବର ୨୫ ତାରିଖରେ ହେବାକୁ ଥିବା କଳା ଓ କଳାକାରର ବାର୍ଷିକ ଉତ୍ସବରେ କୃତୀମାନଙ୍କୁ ପୁରସ୍କୃତ କରାଯିବ । ଅପରପକ୍ଷେ ବୁର୍ଲା ଏଚ୍‌ପିସି ଅଫିସର କ୍ଲବଠାରେ ମଧ ପ୍ରତିଯୋଗିତା ହୋଇଛି ।



ରବିବାର ସମ୍ବଲପୁର ଧନୁପାଲି ଶ୍ରୀଗଣେଶ ସରକାରୀ ହାଇସ୍କୁଲଠାରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତା ଛାତ୍ରୀଛାତ୍ର ଚିତ୍ର ଆଙ୍କିବାରେ ମଗ୍ନ ।

# ଚାଷୀଙ୍କ ବିରୋଧ ସତ୍ତ୍ୱେ ୧୫ରୁ ଧାନ କିଣା

■ହୋଇ ପାରିଲା ନାହିଁ ଜିଲାସ୍ତରୀୟ ବୈଠକ

ସମ୍ବଲପୁର,୧୦।୧୧(ବ୍ୟୁରୋ)

ସରକାରଙ୍କ ନୂତନ ଧାନ ସଂଗ୍ରହ ନୀତିକୁ ଚଷୀମାନେ ବିରୋଧ କରୁଛନ୍ତି । ଏହା ସ୍ୱତ୍ତ୍ୱେ ନଭେମ୍ବର ୧୫ ତାରିଖ ଠାରୁ ଜିଲାରେ ଧାନ ସଂଗହ କରାଯିବ । ଏ ନେଇ ଯୋଗାଣ ବିଭାଗ ସ୍ଥିର କରିଛି। ଜିଲା ଯୋଗାଣ ଅଧିକାରୀ ରଞ୍ଜନ ସେଠ କହିଛନ୍ତି ଯେ, ଧାନ ସଂଗ୍ରହ ନୀତି ଓ ଦିନ ସରକାର ଧାର୍ଯ୍ୟ କରିଛନ୍ତି । ନଭେମ୍ବର ୧ ତାରିଖଠାରୁ ୧୫ ତାରିଖ ଭିତରେ ସମସ୍ତ ଜିଲାରେ ଧାନ ସଂଗ୍ରହ କରିବାକୁ ନିର୍ଦ୍ଦେଶ ରହିଛି । ତେଣୁ ଧାନ କିଣା ଆରମ୍ଭ କରାଯିବ। ପ୍ରଥମେ ସଦର ସବ୍‌ଡିଭିଜନରେ ମାର୍କେଟ ଖୋଲାଯିବ। ଏଥିପାଇଁ ପସ୍ତୁତି କରାଯାଉଛି। ହେଲେ ଚାଷୀ ସଂଗଠନ ଆବାହକ ଅଶୋକ ପ୍ରଧାନ କହିଛନ୍ତି ଯେ ଧାନ ସଂଗ୍ରହ ନୀତିକୁ ଚାଷୀ ବିରୋଧ କରୁଛନ୍ତି। ଚାଷୀ ଧାନ ସଂଗ୍ରହ ନିୟମ ଉପରେ ସଚେତନ ନୁହଁନ୍ତି । ଏଣୁ ଧାନ ସଂଗ୍ରହ ହେଲେ ଜିଲା ପ୍ରଶାନ ଅଡୁଆରେ ପଡିବ। ଚାଷୀମାନଙ୍କୁ ମଧ ସମସ୍ୟା ହେବ। ସୂଚନାଯୋଗ୍ୟ, ନଭେମ୍ବର ୭ ତାରିଖ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଧାନ ସଂଗ୍ରହ ବୈଠକ ବସିଥିଲା। ହେଲେ ସରକାର ଓ ପ୍ରଶାସନର ଏକପାଖିଆ ନୀତି ନିଷ୍ପତିକୁ ଗ୍ରହଣ କରି ନ ପାରି ଉପସ୍ଥିତ ଚାଷୀ ବିରୋଧ କରିବା ସହ ସେଠାରୁ ଉଠି ପଳାଇଥିଲେ। ଏଣୁ ଆଉ ବୈଠକ ବସି ପାରି ନାହିଁ। ହେଲେ ଏବେ ଧାନ କିଣା କାମ ୧୫ ତାରିଖ ଭିତରେ ସାରିବାକୁ ସରକାରୀ ନିର୍ଦ୍ଦେଶ ରହିଥିବାରୁ ପ୍ରଶାସନ ନିୟମ ପାଳନ ପାଇଁ ଅଣ୍ଟା ଭିଡିଛି। ଏହା ଦ୍ୱାରା କିନ୍ତୁ ପ୍ରଶାସନକୁ ଚାଷୀଙ୍କ ବିରୋଧର ସମ୍ମୁଖୀନ ହେବାର ଆଶଙ୍କା ରହିଛି।

## ଭିଏସ୍‌ଏସ୍ ଷ୍ଟାଡିୟମରେ ଖର୍ଚ୍ଚ ହେବ ୩ କୋଟି

■ ଗ୍ୟାଲେରୀ, ପ୍ୟାଭିଲିୟନର ମରାମତି ହେବ

ସମ୍ବଲପୁର,୧୦।୧୧(ବ୍ୟୁରୋ)

ସମ୍ବଲପୁର ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ଷ୍ଟାଡିୟମର ବିକାଶ ପାଇଁ ୩ କୋଟି ଟଙ୍କା ଖର୍ଚ୍ଚ କରାଯିବ । ୨୦୧୯ ନିର୍ବାଚନ ପୂର୍ବରୁ ଫେବ୍ରୁୟାରୀ ୧ ତାରିଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିବା ଏହି ଟଙ୍କା ମଞ୍ଜୁର ହୋଇଛି। ୪ ହଜାର ଦର୍ଶକ ବସିବା ଭଳି ଏକ ଗ୍ୟାଲେରୀ ନିର୍ମାଣ କରାଯିବ । ଏହା ସହ ପ୍ୟାଭିଲିୟନ ଓ ପ୍ରେସ୍ ହଲ୍‌ର ପୁନଃରୁଦ୍ଧାର କରାଯିବ । ୧୦୦ ଶଯ୍ୟା ବିଶିଷ୍ଟ ଏକ ହଲ ନିର୍ମାଣ କରିବା ପାଇଁ ମଧ ସ୍ଥିର ହୋଇଛି । ଏଥିପାଇଁ ଏକ ଇଞ୍ଜିନିୟର ଦଳ ଓ କ୍ରୀଡା ବୀଭାଗ ଅଧିକାରୀ ପରିଦର୍ଶନ କରି ଫେରିଛନ୍ତି। ଡିଜାଇନ ମଧ ପ୍ରସ୍ତୁତ ଶେଷ ହୋଇଛି । ପୂର୍ତ୍ତ ବିଭାଗ ପକ୍ଷରୁ କାମ କରାଯିବା ନେଇ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ଗ୍ୟାଲେରୀ ନିର୍ମାଣ ହେଲେ ଷ୍ଟାଡିୟମରେ ୭ଟି ଗ୍ୟାଲେରୀ ହେବ । ଦର୍ଶକ୍ ସଂଖ୍ୟା ୧୭ ହଜାରରୁ ୨୧ ହଜାରକୁ ବୃଦ୍ଧି ହେବ। ନିର୍ମାଣ କାମ ପାଇଁ ପ୍ରସ୍ତୁତି ଶେଷ ହୋଇଛି । ଯଦି ସ୍ଥିର ହୋଇଥିବା ସମୟ ଅନୁସାରେ ସବୁ କାମ ଠିକ ଭାବେ କରାଯାଏ ତାହା ହେଲେ ଆସନ୍ତା ଡିସେମ୍ବର ମାସ ଶେଷ ସୁଦ୍ଧା କାମ ଶେଷ ହୋଇଯିବାର ଲକ୍ଷ ରଖା ଯାଇଛି । ପୂର୍ବରୁ ଦିବା ରାତି ଖେଳ ପାଇଁ ଫ୍ଲଡ୍ ଲାଇଟର ନିର୍ମାଣ କାମ କରାଯାଉଛି। ଲାଇଟ ଲଗାଇବା ପାଇଁ ଟାୱାର ନିର୍ମାଣ ସରିଛି। ବିଦ୍ୟୁତ୍ ସଂଯୋଗ ଲାଗି କେବୁଲ ବିଛାଇବା କାମ ଆରମ୍ଭ ହୋଇଛି।



କଥା କହିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମ କଥା ଶୁଣିବାକୁ ବ୍ୟାକୁଳ ହେବେ।
କଥା ଶୁଣିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମକୁ ପ୍ରତ୍ୟେକ କଥା କହିବେ।
- ଚାଣକ୍ୟ

# ମହମ୍ମଦଙ୍କ ଜୟନ୍ତୀରେ ଶୋଭାଯାତ୍ରା

**ବେଲପାହାଡ଼,୧୦।୧୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳରେ ଇସଲାମ ଧର୍ମ ପ୍ରବର୍ତ୍ତକ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ରବିବାର ସକାଳେ ମୁସ୍‌ଲିମ ସମ୍ପ୍ରଦାୟର ଲୋକେ ବିଭିନ୍ନ ମସ୍‌ଜିଦଙ୍କୁ ଯାଇ ସାମୂହିକ ପ୍ରାର୍ଥନା କରିଥିଲେ। ସକାଳେ ରାଜା ମସ୍‌ଜିଦ କମିଟି ପକ୍ଷରୁ ଫାଟକସ୍ଥିତ ଦୁର୍ଗା ମଣ୍ଡପ ନିକଟରୁ ଏକ ଶୋଭାଯାତ୍ରା ବାହାରିଥିଲା।

ଶୋଭାଯାତ୍ରାରେ ସହର ତଥା ଆଖପାଖ ଅଞ୍ଚଳର ବହୁ ମୁସ୍‌ଲିମ ପରିବାରର ସଦସ୍ୟ ଯୋଗ ଦେଇଥିଲେ। ଗରିବ ନମାଜ କମିଟି ପକ୍ଷରୁ ଗାନ୍ଧୀନଗରସ୍ଥିତ ଉର୍ଦ୍ଦୁ ସ୍କୁଲ ନିକଟରେ ସାମୂହିକ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ସେହିପରି ଅପରାହ୍ନରେ ଗୁମାଡ଼େରା ମୁରୀ ମସ୍‌ଜିଦ କମିଟି ପକ୍ଷରୁ ଏକ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରାରେ ମଧ୍ୟ ଅନେକ ମୁସ୍‌ଲିମ ପରିବାରର ଶତାଧିକ ସଦସ୍ୟ ଯୋଗ ଦେଇଥିଲେ।



ମହମ୍ମଦଙ୍କ ଜୟନ୍ତୀ ଅବସରରେ ବେଲପାହାଡ଼ରେ ବାହାରିଥିବା ଶୋଭାଯାତ୍ରା।

**ବ୍ରଜରାଜନଗର, ୧୦।୧୧ (ଡି.ଏନ୍.ଏ.)**

ବ୍ରଜରାଜନଗର ମୁସ୍‌ଲିମ ସମ୍ପ୍ରଦାୟ ତରଫରୁ ହଜରତ ଅଲ୍ଲୀ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଗଙ୍ଗାନଗର, ମର୍କେଟ ଓ ରାମପୁର ମୁସଲିମ କମିଟି ତରଫରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରା ଗଙ୍ଗାନଗର ମସ୍‌ଜିଦରୁ ବାହାରି ମୁଖ୍ୟ ବଜାର ଦେଇ ରାମପୁର ଛକ, ରାମପୁର ବଜାର ଦେଇ ପୁନର୍ବାର ଗଙ୍ଗାନଗର ମସ୍‌ଜିଦକୁ ଆସିଥିଲା। ଶୋଭାଯାତ୍ରାରେ ଶତାଧିକ ସ୍ଥାନୀୟ ମୁସ୍‌ଲିମ ଭାଇମାନେ ସାମିଲ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅକାଳେ ମାଇଲି ଘାଏଁ
ଗଲା ଭେଦୁଅ ଯାଏ।**

ସାଧାରଣତଃ କାମରେ ଢିଲା ମାରୁଥିବା ଲୋକ କୌଣସି କାମକୁ ସେତେଟା ଗୁରୁତ୍ୱ ଦେଇ ନ ଥାନ୍ତି। ଜୋର ଦେଇ ବା ମନବଳାଇ ଗୋଟିଏ କାମକୁ ଥରେ କରି ଦେଲା ପରେ ଆଉ ସେ କାମରେ ହାତ ଦେଇ ନ ଥାନ୍ତି କି ସେଥିପ୍ରତି ନିଘା ରଖି ନ ଥାନ୍ତି। ଏହି ଧରଣର ବ୍ୟକ୍ତି ସମାଜରେ ଖାମଖିଆଲି ଲୋକ ଭାବରେ ପରିଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଟକି ନ ରହି ଅଳସରେ
ରଟରଟ ଚଳ ବିଳାସରେ।**

କିଛି ବ୍ୟକ୍ତି ଅଳସୁଆ ପ୍ରକୃତିର ହୋଇଥାନ୍ତି। କାମଦାମ ନ କରି ବସି ଶୋଇ ସମୟ ନଷ୍ଟ କରିବା ସହ ନିଜ ଜୀବନକୁ ମାଟି କରିଥାନ୍ତି। ହାତ ବନ୍ଦ କରି ବସିରହିବା ଫଳରେ ତାହାର କୁପ୍ରଭାବ ତାଙ୍କ ଶରୀର ଓ ମନ ଉପରେ ପଡ଼ିଥାଏ। କିନ୍ତୁ ଯିଏ ଆନନ୍ଦ ଉଲ୍ଲାସ ମଧ୍ୟରେ ରହିଥାଏ ତାର ଶରୀର ଓ ମନରେ ଏକପ୍ରକାର ସ୍ଫୂର୍ତ୍ତି ଆସିଥାଏ। ଜୀବନକୁ ଜୀଇଁବାର କଳା ସେ ହିଁ ଜାଣି ପାରିଥାଏ। ତେଣୁ ଆଳସ୍ୟ ଅପେକ୍ଷା ବିଳାସିତା ଶ୍ରେୟସ୍କର ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବ୍ଲକସ୍ତରୀୟ କ୍ରୀଡ଼ା ସମ୍ମିଳନୀ ଉଦ୍‌ଯାପିତ

**ବ୍ରଜରାଜନଗର, ୧୦।୧୧ (ଡି.ଏନ୍.ଏ.)**

ଗୌରମାଳ ପଞ୍ଚାୟତ ରଣକଟା ଗ୍ରାମରେ ବ୍ଲକସ୍ତରୀୟ ଦୁଇ ଦିନିଆ କ୍ରୀଡ଼ା ସମ୍ମିଳନୀ ଉଦ୍‌ଯାପିତ ହୋଇଛି। ଏହି ପ୍ରତିଯୋଗିତାରେ ଫୁଟ୍‌ବଲ, କବାଡ଼ି, ଦୌଡ଼ ଆଦି ଖେଳ ଅନୁଷ୍ଠିତ ହୋଇଥିଲା। ଫୁଟବଲରେ ୧୬ ଗୋଟି ଆଞ୍ଚଳିକ ଦଳ ଅଂଶଗ୍ରହଣ କରିଥିବାବେଳେ ଫାଇନାଲ ମ୍ୟାଚରେ କେଚୋବାହାଲକୁ ହରାଇ ବଘିଆମାଲ ବିଜୟୀ ହୋଇଥିଲା। ସେହିପରି କବାଡ଼ିରେ ୯ ନମ୍ବରକୁ ହରାଇ ରଣକଟା ବିଜୟୀ ହୋଇଥିଲା। ଦୌଡ଼ରେ ଅଜୟ ଖଡ଼ିଆ ପ୍ରଥମ, ସୌମ୍ୟ ମେହେର ଦ୍ୱିତୀୟ ଓ ନନ୍ଦଲାଲ କିଷାନ ତୃତୀୟ ହୋଇଥିଲେ। ଉଦ୍‌ଯାପନୀ ସମାରୋହରେ ଝାରସୁଗୁଡ଼ା ଏବିଭିପି ମୁଖ୍ୟ ରାଧେଶ୍ୟାମ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ରଣକଟା ନେତାଜୀ ଯୁବକ ସଂଘ ଖେଳକୁ ପରିଚାଳନା କରିଥିଲେ। ଦୁଇ ଦିନିଆ କ୍ରୀଡ଼ାରେ ସ୍ଥାନୀୟ ସରପଞ୍ଚ ଝରଣା ସାଗର, ରାଜପୁର ସମିତି ସଭ୍ୟ ଗଣେଶରାମ ବାଗ, ପ୍ରଫୁଲ୍ଲ କଟାର, ଭଗବାନ କଟାର ସହାୟତା କରିଥିଲେ।



ଆୟୋଜକଙ୍କ ଗହଣରେ ବିଜୟୀ ଓ ରନର୍ସ ଅଫ ଫୁଟ୍‌ବଲ ଦଳ।

## ଝାରସୁଗୁଡ଼ା ଜିଲା କ୍ରିକେଟ ଲିଗ୍

# ଦ୍ୱିତୀୟ ଦିନରେ ପ୍ରୋଗ୍ରେସିଭ, ଲିଓ ୟୁଥ ବିଜୟୀ

**ବେଲପାହାଡ଼,୧୦।୧୧ (ଡି.ଏନ୍.ଏ.)**

ଲିଓ ୟୁଥ ଆସୋସିଏଶନ ପକ୍ଷରୁ ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଟିଆର୍‌ଏଲ ଷ୍ଟାଡ଼ିୟମରେ ଗତ ଶନିବାରରୁ ଜିଲା କ୍ରିକେଟ୍ ଲିଗ୍ ଆରମ୍ଭ ହୋଇଛି। ରବିବାର ଦ୍ୱିତୀୟ ଦିନରେ ପ୍ରଥମ ମ୍ୟାଚ୍ ଝାରସୁଗୁଡ଼ା ପ୍ରୋଗ୍ରେସିଭ ଓ ବେଲପାହାଡ଼ ଟାଇଗର କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଟସ୍ ଜିଣି ଟାଇଗର କ୍ଲବ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୯୭ ରନ୍ ସଂଗ୍ରହ କରିଥିଲା। ଜବାବରେ ପ୍ରୋଗ୍ରେସିଭ ଦଳ ୭.୨ ଓଭରରେ ମାତ୍ର ୨ ଉଇକେଟ ହରାଇ ବିଜୟ ପାଇଁ ଆବଶ୍ୟକ ୯୮ ରନ୍ ସଂଗ୍ରହ କରିଥିଲା। ପ୍ରତ୍ୟୁଷ ଦାଶ ଓ ମନୋଜ ସିଂ ଅମ୍ପାୟାର ଭାବରେ ପ୍ରଥମ ମ୍ୟାଚ୍ ପରିଚାଳନା କରିଥିଲେ। ପ୍ରଥମ ମ୍ୟାଚ୍‌ରେ ୨୪ ବଲରେ ସର୍ବାଧିକ ୫୭ ରନ୍ ସଂଗ୍ରହ କରିଥିବା ପ୍ରୋଗ୍ରେସିଭ ଦଳର ବ୍ୟାଟ୍ସମ୍ୟାନ ପ୍ରତିକ ଯାଦବଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଆଇଟିପିଏସ୍ ବନହରପାଲିକୁ ୩୬ ରନରେ ପରାସ୍ତ କରି ଲିଓ ୟୁଥ ଆସୋସିଏଶନ ବିଜୟୀ ହୋଇଛି। ଏହି ମ୍ୟାଚରେ ଲିଓ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ମୋଟ ୧୫୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଆଇଟିପିଏସ୍ ୧୯.୫ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୨୦ ରନ୍ କରିବାରେ ସକ୍ଷମ ହୋଇଥିଲା। ଲିଓ ଦଳର ବ୍ୟାଟ୍ସମ୍ୟାନ ସାଗର ରାଉତ ୩୬ ବଲରେ ସର୍ବାଧିକ ୫୦ ରନ୍ କରିଥିବାବେଳେ ଆଇଟିପିଏସ୍ ଦଳର ବିଜୟ ୨୫ ବଲରେ ସର୍ବାଧିକ ୮୪ ରନ୍ ସଂଗ୍ରହ କରିଥିଲେ। ସେହିପରି ଆଇଟିପିଏସ୍ ଦଳର ବୋଲର ଯଶବନ୍ତ ଲିଓ ଦଳର ୨ ଉଇକେଟ ଓ ଲିଓ ଦଳର ଜଗଜିତ ଆଇଟିପିଏସ୍ ଦଳର ୪ ଉଇକେଟ ନେଇଥିଲେ। ପ୍ରତ୍ୟୁଷ ଦାସ ଓ ଅନିରୁଦ୍ଧ କେଉଟ ଅମ୍ପାୟାର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ଲିଓ ଦଳର ବୋଲର ଜଗଜିତଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।



ଲିଓ ଓ ଆଇଟିପିଏସ ଦଳର ଖେଳାଳି।

## ମଣ୍ଟୁ ହତ୍ୟାକାଣ୍ଡ, ଆଉ ଜଣେ ଗିରଫ

**ବ୍ରଜରାଜନଗର, ୧୦।୧୧ (ଡି.ଏନ.ଏ)**

ବ୍ରଜରାଜନଗରରେ ବହୁ ଚର୍ଚ୍ଚିତ ମଣ୍ଟୁ ଘୋଷ ହତ୍ୟାକାଣ୍ଡରେ ପୋଲିସ ସ୍ୱର୍ଗତ ଅମିତ ଧଳଙ୍କ ବଡ଼ଭାଇ ଅଜିତ ଧଳକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଜିତ ସପରିବାର ନିଜ ଗ୍ରାମ ଯାଜପୁରରୁ ବ୍ରଜରାଜନଗର ଫେରୁଥିବାବେଳେ ସ୍ଥାନୀୟ ଏସ୍‌ଡିପିଓ ଦିଲୀପ ଦାସ ଅଜିତକୁ ସମ୍ବଲପୁରରୁ ଗିରଫ କରିଥିବା ସୂଚନା ଦେଇଛନ୍ତି। ମଣ୍ଟୁ ଘୋଷ ପରିବାର ତରଫରୁ ଅଜିତକୁ ମୁଖ୍ୟ ଆସାମି ଭାବରେ ଏଫ୍‌ଆଇଆର୍‌ରେ ଦର୍ଶାଯାଇଛି।

## ରାତି ଅଧରେ ବାଲି ଚୋରାଚାଲାଣ

**କିର୍ମିରା, ୧୦।୧୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଇବ୍ ଘାଟରୁ ରାତିରେ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ପ୍ରତିଦିନ ସନ୍ଧ୍ୟା ୯ଟା ପରେ ଏକାଧିକ ଟ୍ରକ, ଟ୍ରେଲର, ହାଇୱା ଦ୍ୱାରା କିର୍ମିରା, ଲଇକେରା, ବାଗଡ଼ିହି ଅଞ୍ଚଳକୁ ଚୋରାଚାଲାଣ ହେଉଥିବା ଧୁତୁରା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରଶାସନ ଏହାର ତଦନ୍ତ କଲେ ଅନେକ ବାବୁଙ୍କ ମୁଖା ଖୋଲିବ ବୋଲି ଗ୍ରାମବାସୀ କହିଛନ୍ତି। ସେହିପରି ଏହି ବାଲି ଚୋରାଚାଲାଣକୁ ରୋକି ପାରିଲେ ସରକାରଙ୍କ ରାଜସ୍ୱ ବଢ଼ିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ମତପ୍ରକାଶ ପାଇଛି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

# ଜବାହର ନବୋଦୟ ପାଇଁ କୋଚିଂ ଆରମ୍ଭ



ଶିକ୍ଷକ, ଅଭିଭାବକଙ୍କ ଗହଣରେ କୋଚିଂ ପାଇଁ ଆସିଥିବା ଛାତ୍ରୀଛାତ୍ର।

**କିର୍ମିରା, ୧୦।୧୧(ଡି.ଏନ୍.ଏ.)**

କିର୍ମିରା ବ୍ଲକ ଅର୍ଡ଼ା ଗ୍ରାମରେ ଜବାହର ନବୋଦୟ ପ୍ରବେଶିକା ପରୀକ୍ଷା ପାଇଁ ବ୍ଲକ ଶିକ୍ଷା ସଂଘ ଏବଂ ଅଲ୍ଟ୍ରାଟେକ ମିଳିତ ସହଯୋଗରେ କୋଚିଂ ଆରମ୍ଭ ହୋଇଯାଇଛି। ଏହି କୋଚିଂ ଫେବୃୟାରୀ ପର୍ଯ୍ୟନ୍ତ ଚାଲିବ। ଏଥିରେ ବ୍ଲକର ବିଭିନ୍ନ ଅଞ୍ଚଳର ୪୬ ଜଣ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯିବ। ଶିକ୍ଷକ ରମେଶ ନାଏକ, ମିରା ନାୟକ, ଆଲୋକ ପଟେଲ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେବେ। ଏହି ଅବସରରେ ଏକ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଲ୍ଟ୍ରାଟେକ ପ୍ରକଳ୍ପ ମୁଖ୍ୟ ଦେବୀପ୍ରସାଦ ଭୁରୁଟି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏଚ୍‌ଆର୍ ଆକାଶ ପଟେଲ, ଏଡ୍‌ମିନ ହେଡ୍ ସୁଶାନ୍ତ ମହାପାତ୍ର, ଏସ୍‌ଆର୍ ସଂଗ୍ରାମ ମହାପାତ୍ର, ଶିକ୍ଷା ବିକାଶ ସଂଘ ସଭାପତି ମନୀୟ ବଗରାଙ୍କ ସମେତ ଅଭିଭାବକମାନେ ଉପସ୍ଥିତ ଥିଲେ। ଶିକ୍ଷକ ନିତ୍ୟାନନ୍ଦ ଜଗତ ସଭା ପରିଚାଳନା କରିଥିଲେ।

# ଯୁବକଙ୍କୁ ଦାନ୍ତରେ ଭୁସିଦେଲା ଦନ୍ତା

**ପରଜଙ୍ଗ, ୧୦।୧୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଅଞ୍ଚଳରେ ହାତୀ ଆତଙ୍କ ଚରମସୀମାରେ ପହଞ୍ଚିଛି। ଜନବସତିରେ ହାତୀପଲର ଉପଦ୍ରବ ଏବଂ ଆକ୍ରମଣରେ ବ୍ୟାପକ ଧନଜୀବନ ହାନି ହେଉଛି। ରବିବାର ସନ୍ଧ୍ୟାରେ ପାଟରପଦା ମେଡ଼ିକାଲ ନିକଟରେ ଏକ ଦନ୍ତା ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ କଟାବାହାଳ ଗ୍ରାମର ସୁଦର୍ଶନ ଦାସ (୩୬)। ସୁଦର୍ଶନ ଶୌଚ ହେବାକୁ ଯାଉଥିବା ବେଳେ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲା। ସେ ପ୍ରାଣବିକଳରେ ଦୌଡ଼ି ପଳାଉଥିବାବେଳେ ହାତୀଟି ତାଙ୍କ ଡାହାଣ ଗୋଡ଼କୁ ଦାନ୍ତରେ ଭୁସି ଦେଇଥିଲା। ଏଥିସହ ଛାତି ଉପରେ ଚଢ଼ିଯାଇ ପଳାଇଥିଲା। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ସହ ୧୦୮ ଆମ୍ବୁଲାନ୍ସରେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଡିହଡୋଳ ଫରେଷ୍ଟର ରାମଚନ୍ଦ୍ର ରାଉତ ଗୁରୁତରଙ୍କ ଚିକିତ୍ସା ପାଇଁ ୫ ହଜାର ଟଙ୍କା ସହାୟତା ଦେଇଛନ୍ତି। ମହାବିରୋଡ଼ ରେଞ୍ଜର ସୁବ୍ରତ ବେହେରା, ଗାର୍ଡ ଲୁସ୍ମିତା ସିଂ ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ତଦନ୍ତ କରିଛନ୍ତି।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
MICRO FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8278449759
8901395759
B-34/7 A Block Vijay Enclave, Bururi, New Delhi

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି। ସୁଧ=1%
M = 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍
ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। ଅଗ୍ରିମ ୨୦ ଲକ୍ଷ, ଭଡ଼ା 60 ହଜାର + ବାଇକ୍। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
7838639856
8826558929

Registration Free..Govt. Approved
ସିୟା ରାମ ରିଲାଏନ୍ସ JEO
କଂପାନୀ ଦ୍ୱାରା ନିଜର ଖାଲି ଜମି ଓ ଛାତ ଉପରେ 3G/4G ରେଡିଏସନ ଫ୍ରୀ ଉପକରଣ ବସାଇ ଅଗ୍ରୀମ ୨0,000,00/- ପାଆନ୍ତୁ ଓ ମାସକୁ ଭଡା ୨0,000/- ଟଙ୍କା ପାଆନ୍ତୁ। ଚାକିରି + ୨୦ ବର୍ଷର କୋଟ ଅଗ୍ରୀମେଣ୍ଟ
Plot No - 15/012, Devaraja Mohalla, Bangalore, Karnataka 570001
9529777097
9560376626

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154



DHARITRI Career appointment Every Wednesday and Saturday

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | GST 5% will be added extra |

on every Tuesday & Friday

ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ



## ସଂକ୍ଷେପରେ



### ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ

ପଡିଆବାହାଲ,୧୦।୧୧ (ଡି.ଏନ.ଏ.) ପଡିଆବାହାଲରେ ଚଳିତ ବର୍ଷ ପ୍ରଥମ କରି ଧନୁଯାତ୍ରା ମହୋତ୍ସବ ପାଳନ କରିବାକୁ ସ୍ଥିର କରାଯାଇଛି। ଏହି ଅବସରରେ ରବିବାର ପ୍ରସ୍ତାବିତ ଧନୁଯାତ୍ରା ପଡିଆରେ ଶୁଭସ୍ତମ୍ଭ ସ୍ଥାପନ ହୋଇଯାଇଛି । ନଭେମ୍ବର ୨୭ ତାରିଖରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ହେବ। ଏହି ଧନୁଯାତ୍ରା ଉତ୍ସବରେ କଂସ ମହାରାଜ ଭୂମିକାରେ ଚିଚିଣ୍ଡା ଗ୍ରାମର ଝସକେତନ ପଧାନ ଅଭିନୟ କରିବେ। ତେବେ ବାହାମ ସରପଞ୍ଚ ମିତ୍ରଭାନୁ ପଧାନଙ୍କ ତତ୍ତ୍ୱାବଧାନରେ ଶୁଭସ୍ତମ୍ଭ ସ୍ଥାପିତ ହୋଇଛି । ମହେଶ୍ୱର ନାୟକ ପୂଜା ଅର୍ଚ୍ଚନା କରିଥିଲା ବେଳେ ସୁବୋଧ ବେହେରା, ବରୁଣ ସାହୁ, ବଜାର କମିଟି, ଦୁର୍ଗାପୂଜା କମିଟି ସଦସ୍ୟମାନେ ସହଯୋଗ କରିଥିଲେ ।

### ରେଙ୍ଗାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ପ୍ରତିଯୋଗିତା

ରେଙ୍ଗାଲି, ୧୦।୧୧ (ଡି.ଏନ.ଏ.) ରେଙ୍ଗାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ପ୍ରତିଯୋଗିତା ରେଙ୍ଗାଲି ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଶଶିଭୂଷଣ ସାହୁ ଏହି ବାର୍ଷିକ କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ରେଙ୍ଗାଲି ଜୋନ-୧ର ଜିଲା ପରିଷଦ ସଭ୍ୟ ତିରୋଜ ହେଡେଞ୍ଜା ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ପୁରସ୍କୃତ କରିଥିଲେ । ଅନୁଷ୍ଠାନ ସଭାପତି ରାଜୀବ ମିଶ୍ର, କତରବଗା ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁବାଷ ମାହାଣା, ସମ୍ପାଦକ ସରୋଜ ବିଶୋଇ, ପ୍ରଧାନ ଆଚାର୍ଯ୍ୟ ସୁମନ୍ତ ହରିଜନ, ଯୁଗ୍ମ ସମ୍ପାଦକ ଜଗଦୀଶ ପୂଝାରୀଙ୍କ ସହ ବିଦ୍ୟାଳୟର ସମସ୍ତ ଗୁରୁମା, ଗୁରୁଜୀ ଉପସ୍ଥିତ ଥିଲେ।

### ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ବିଶ୍ୱବିଜ୍ଞାନ ଦିବସ

ରେଙ୍ଗାଲି,୧୦।୧୧(ଡି.ଏନ.ଏ.) ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଡାକ୍ତରଖାନା ସମ୍ମିଳନୀ କକ୍ଷରେ ବିଶ୍ୱ ବିଜ୍ଞାନ ଦିବସ ପାଳନ କରାଯାଇଛି। ଏହି ଅବସରରେ ମେଧାବୀ ବିଜ୍ଞାନ ଛାତ୍ରୀ ମିତଲ ଅଗ୍ରୱାଲ ଏବଂ ଟଙ୍କା, ପଇସା, ସୁନା ସହ ପାଇଥିବା ଏକ ମନିପର୍ସ ଫେରାଇ ପ୍ରଶଂସନୀୟ କାମ କରିଥିବା ଜଗତଜିତ ନାୟକ (ଜଗା)ଙ୍କୁ ସମ୍ମାନୀତ କରାଯିବା ସହ ଡ. ତୁଳସୀ ଦାସ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ବରିଷ୍ଠ ନାଗରିକ ପରିଷଦର ସଭାପତି ବସନ୍ତ ନାୟକ ସଭାପତିତ୍ୱ କରିଥିଲେ। ସମ୍ପାଦକ ଅନ୍ତର୍ଯ୍ୟାମୀ ପାଣି କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ବିଜ୍ଞାନ ଅଧାପକ ଡ. ନରେଶ ଅଗ୍ରୱାଲ, ଆଇନଜୀବୀ ବୃନ୍ଦାବନ ସାହୁ, ସମାଜସେବୀ ଶଶିଭୂଷଣ ସାହୁ, ବିନୋଦ ବିହାରୀ ନନ୍ଦ, ଦିବ୍ୟକିଶୋର ବେହେରା, ଡ. ଅର୍ଜୁନ ନାଏକ, ଉଦୟ ଚନ୍ଦ୍ର ସାହୁ, ସାଲେଗ୍ରାମ ସାହୁ, ବାଳକୃଷ୍ଣ ସାହୁ, ବିହାରୀ କୁମରା, ସହ ସମ୍ପାଦକ ସୁବନ ଚାନ୍ଦ ସାହୁ ପ୍ରମୁଖ ଉକ୍ତ ସଭାରେ ଉପସ୍ଥିତ ଥିଲେ।

### ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା

କୁଚିଣ୍ଡା, ୧୦।୧୧ (ଡି.ଏନ.ଏ.) କୁଚିଣ୍ଡା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର, ମାତୃ ମୀରାଧାମରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡା ପ୍ରତିଯୋଗିତାରେ ଶିକ୍ଷା କେନ୍ଦ୍ରର ପରିଚାଳନା କମିଟିର ସଭାପତି ଅଶୋକ ନାୟକ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ । ଶିକ୍ଷା କେନ୍ଦ୍ରର ପ୍ରଧାନଶିକ୍ଷକ ମନୋଜ କୁମାର ପଣ୍ଡା ଓ ସହ ଶିକ୍ଷକ ବିଜୟ କୁମାର ଭୋଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ସମସ୍ତ ଭାଇ ଅପାଙ୍କ ସହ କେନ୍ଦ୍ରର କର୍ମଚାରୀ ଉପସ୍ଥିତ ଥିଲେ

# ‘ସରଗିଫୁଲ’ରେ ମନମୋହିଲା ନୃତ୍ୟଗୀତ





ରେଢାଖୋଲ ସହର ଶୁଣ୍ଠିମୁଣ୍ଡାସ୍ଥିତ ଏସଏସଡି ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ସରଗିଫୁଲ ମହୋତ୍ସବରେ ଅତିଥି ଓ ଆୟୋଜକ (ବାମ)। ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ରେଢାଖୋଲ,୧୦।୧୧(ଡି.ଏନ.ଏ.)

ରେଢାଖୋଲ ସହର ଶୁଣ୍ଠିମୁଣ୍ଡାସ୍ଥିତ ଏସଏସଡି ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ସରଗିଫୁଲ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ନୃତ୍ୟ ସଙ୍ଗୀତ ଦର୍ଶକଙ୍କ ମନ ମୋହିଥିଲା। କାର୍ଯ୍ୟକ୍ରମରେ ଜିଲାର ୪୩ଟି ସେବାଶ୍ରମ ଓ ୧୧ଟି ହାଇସ୍କୁଲର ୧୨୦୦ଶହରୁ ଅଧିକ ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଜିଲା ମଙ୍ଗଳ ଅଧିକାରୀ ଗୀତାଂଶୁ ମୋହନ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶୁଣ୍ଠିମୁଣ୍ଡା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଭୋଜପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ କୁଳମଣି ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଶିକ୍ଷୟିତ୍ରୀ ସଞ୍ଜିବନୀ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବରିଷ୍ଠ ଓ କନିଷ୍ଠ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଚନା, ଏଲୋକେଶନ, ପେଣ୍ଟିଂ, କୁଇଜ, ନୃତ୍ୟ, ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ବିଜ୍ଞାନ ମେଳାରେ ୧୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଭଲିବଲ ପ୍ରତିଯୋଗିତାରେ ବାଳକ ବିଭାଗରେ ଭୋଜପୁର ହାଇସ୍କୁଲ ପ୍ରଥମ ଓ ଗିରିଶ୍ଚନ୍ଦ୍ରପୁର ହାଇସ୍କୁଲ ଦ୍ୱିତୀୟ ହୋଇଥିବା ବେଳେ ବାଳିକା ବିଭାଗରେ ଫାସିମାଲ ହାଇସ୍କୁଲ ପ୍ରଥମ ଓ ଅର୍ଡାବାହାଲ ହାଇସ୍କୁଲ ଦ୍ୱିତୀୟ ହୋଇଥିଲା। ଖେଳ ଶିକ୍ଷକ ପ୍ରକାଶ ପଣ୍ଡା, ସତିଶ ଛୁରିଆ, ପଦ୍ମନାଭ ସାହୁ, ଯୋଗେନ୍ଦ୍ର ପଣ୍ଡା, ନିଳମଣି ପ୍ରଧାନ, ନରେଶ ସାହୁ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ରାଜ୍ୟସ୍ତରକୁ ମନୋନୀତ କରାଯାଇଛି। ଜିଲା ମଙ୍ଗଳ ଅଧିକାରୀ ଗୀତାଂଶୁ ମୋହନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ରେଢାଖୋଲ ବିଡିଓ ପରିକ୍ଷିତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଅତିରିକ୍ତ ମଙ୍ଗଳ ଅଧିକାରୀ ପିଟର ଟେଟେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ବାଘ ଧନ୍ୟବାଦ ଅର୍ପଣ କରିଥିଲେ। ସାନସିଙ୍ଘାରି ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ଜଗତି ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ମୁକ୍ତା ଅଦାବରଙ୍କୁ ଜିଲାର ଶ୍ରେଷ୍ଠ ଶିକ୍ଷୟିତ୍ରୀ ଭାବେ ସମ୍ମାନୀତ କରାଯାଇଥିଲା। ବିଭିନ୍ନ ସ୍କୁଲର ପ୍ରାୟ ୨୦୦ରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ ସରଗିଫୁଲ ମହୋତ୍ସବରେ ଯୋଗ ଦେଇ ସହଯୋଗ କରିଥିଲେ।

## ରେଢ଼ାଖୋଲରେ ଜନଜାଗରଣ ୯କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ

ରେଢାଖୋଲ,୧୦।୧୧(ଡି.ଏନ.ଏ)

ସମ୍ବଲପୁର ଜିଲା ରେଢାଖୋଲ ସହରରେ ଥିବା ରାମ ମନ୍ଦିର ପରିସରରେ ଶନିବାର ଓ ରବିବାର ୨ ଦିନ ଧରି ଜନ ଜାଗରଣ ୯ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଛି। ରେଢାଖୋଲ ଗାୟତ୍ରୀ ପରିବାର ପକ୍ଷରୁ ଆୟୋଜିତ ଏହି ମହାଯଜ୍ଞ ଶନିବାର ସକାଳେ ମଙ୍ଗଳ କଳସ ଯାତ୍ରା, ଧ୍ୱଜା ବରଣ ଅନୁଷ୍ଠିତ ହୋଇଥିବା ବେଳେ ସନ୍ଧ୍ୟାରେ ଦୀପ ଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପେନ୍ଦ୍ର ପାଢୀ ଓ ଦୁର୍ଗାଚରଣ ମହାପାତ୍ର ପ୍ରବଚନ ପ୍ରଦାନ କରିଥିଲେ। ରବିବାର ପୂର୍ଣ୍ଣାହୁତି ହୋଇଥିଲା। ଏହି ଯଜ୍ଞରେ ପୁଂସବନ, ନାମକରଣ, ଅନ୍ନପ୍ରସନ, ମୁଣ୍ଡନ, ଯଜ୍ଞୋପବିତ, ଆଦି ବିଭିନ୍ନ ସଂସ୍କାର କରାଯାଇଥିଲା। ଗାୟତ୍ରୀ ଶକ୍ତିପୀଠ କମଲିବଜାର ସମ୍ବଲପୁରର ପ୍ରତିନିଧିମାନେ ଯଜ୍ଞ ସଞ୍ଚାଳନ କରିଥିଲେ। ରେଢାଖୋଲ ଗାୟତ୍ରୀ ପରିବାରର କରୁଣାକର ପ୍ରଧାନ, ଦୁର୍ଯ୍ୟୋଧନ ସାହୁ, କୁସୁମ ମଞ୍ଜରୀ ସିଂ, ବିନୋଦ ବିହାରୀ ପ୍ରଧାନ, କିଶୋରଚନ୍ଦ୍ର ବୀର ପ୍ରମୁଖ ଏହି ମହା ଯଜ୍ଞ ଆୟୋଜନରେ ସହଯୋଗ କରିଥିଲେ।

## ବାଲିଯାତ୍ରା ପାଇଁ କଳସ ଯାତ୍ରା

କୁଚିଣ୍ଡା, ୧୦।୧୧ (ଡି.ଏନ.ଏ)

କୁଚିଣ୍ଡା ସଇଡା କୁଣ୍ଡାପୋଷି ମଧ୍ୟରେ ପ୍ରବାହିତ ହେଉଥିବା ନଦୀର ଡଙ୍ଗାଘାଟରେ ଷୋଡଶ ବାଲିଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏଥିନିମନ୍ତେ ରବିବାର ଝଲେନ ପୋଲ ନଦୀ ଘାଟରୁ ଗ୍ରାମର ମହିଳାମାନଙ୍କୁ ନେଇ ଏକ ବିରାଟ କଳସ ଯାତ୍ରା ବାହାରିଥିଲା। ସମ୍ପ୍ରଦା, ଘଣ୍ଟା ବାଦ୍ୟ ସହ ଶ୍ରଦ୍ଧାଳୁ ସହର ପରିକ୍ରମା କରିଥିଲେ। ଶେଷରେ ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା। ୧୦ ତାରିଖରୁ ଏହି କାର୍ଯ୍ୟ ଆରମ୍ଭ ହେବ। ୧୨ ତାରିଖ ସକାଳ ୭ଟାରେ ପୂର୍ଣ୍ଣାହୁତି ପଡିବ। ଏହି ଅବସରରେ ନୃତ୍ୟ ପ୍ରତିଯୋଗିତା, କ୍ରୀଡା ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସାଧବ ବୋହୂଙ୍କ ବୋଇତ ବନ୍ଦାଣ, ସନ୍ଧ୍ୟାରେ ହରଗୌରୀ ଭେଟ କାର୍ଯ୍ୟକ୍ରମ ରହିଛି। କମିଟି ସଭାପତି ବିଜୁ ସାହୁ, ସମ୍ପାଦକ ବିଶ୍ୱନାଥ କଣ୍ଡରା, ମୁଖ୍ୟ ବ୍ୟବସ୍ଥାପକ ପୁଲସ୍ତି ପାତ୍ର, ଦିବ୍ୟରାଜ ବାରିକ, ଲମ୍ବୋଦର ସାହୁ ପ୍ରମୁଖ ଯାତ୍ରା କମିଟିର କର୍ମକର୍ତ୍ତା ଏଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।



କୁଚିଣ୍ଡାରେ ବାଲିଯାତ୍ରା ପାଇଁ କଳସ ଶୋଭାଯାତ୍ରାରେ ବାହାରିଛି।

## ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ଆବଶ୍ୟକ

ନାକଟିଦେଉଳ,୧୦।୧୧ (ଡି.ଏନ.ଏ.)

ନାକଟିଦେଉଳ ଡିଗ୍ରୀ କଲେଜ ପରିସରରେ ରବିବାର ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ସହ ଶିକ୍ଷକ, ଅଭିଭାବକମାନଙ୍କ ଏକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ରହିଲେ ସଂପୃକ୍ତ ଶିକ୍ଷାନୁଷ୍ଠାନ ଆଗକୁ ବଢିଥାଏ ବୋଲି ମତ ପ୍ରକାଶ ପାଇଥିଲା। ସ୍ନାତକ କଲେଜର ଅଧ୍ୟକ୍ଷ ତଥା ପରିଚାଳନା କମିଟିର ସମ୍ପାଦକ ସୁଧୀର କୁମାର ସାହୁ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ରେଢାଖୋଲ ବିଧାୟକ ତଥା ପରିଚାଳନା କମିଟିର ସଭାପତି ରୋହିତ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହାବିଦ୍ୟାଳୟର ଭିତ୍ତିଭୂମିର ବିକାଶ ସହ ଶିକ୍ଷାବ୍ୟବସ୍ଥାକୁ ସୁଦୃଢ କରାଯିବାକୁ ସେ ଗୁରୁତ୍ୱ ଦେଉଛନ୍ତି ବୋଲି ପ୍ରକାଶ କରିଥିଲେ। ଏଥି ସହିତ କଲେଜରେ ଛାତ୍ରୀମାନଙ୍କ ପାଇଁ କମନ୍ ରୁମ୍ ନିର୍ମାଣ, ଡିଗ୍ରୀ କଲେଜର ବିଜ୍ଞାନ ପରୀକ୍ଷାଗାରା, ଅତିରିକ୍ତ ଶ୍ରେଣୀ କୋଠରୀ, ଛାତ୍ରଛାତ୍ରୀମାନଙ୍କ ସୁବିଧା ପାଇଁ ସାଇକେଲ ଷ୍ଟାଣ୍ଡ ଏବଂ ଖେଳପଡ଼ିଆ ଆଦି ଯେଉଁ ସମସ୍ୟା ରହିଛି ସେସବୁ ପର୍ଯ୍ୟାୟ କ୍ରମେ ସମାଧାନ କରାଯିବ ବୋଲି କହିଥିଲେ। ଅପର ପକ୍ଷରେ ଅଭିଭାବକ ଏବଂ ପୁରାତନ ଛାତ୍ରଛାତ୍ରୀଙ୍କ ସଂପୃକ୍ତି ବିନା କୌଣସି ଶିକ୍ଷାନୁଷ୍ଠାନର ବିକାଶ ହୋଇ ନ ଥାଏ। ତେଣୁ କଲେଜର ବିଭିନ୍ନ କ୍ଷେତ୍ରରେ ଅଭିଭାବକ ଏବଂ ପୁରାତନ ଛାତ୍ରଛାତ୍ରୀଙ୍କୁ ସାମିଲ କରାଯିବା ସହ ମୋ ସ୍କୁଲ ଅଭିଯାନ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କଲେଜର ପ୍ରତିଷ୍ଠାତା ଅଧ୍ୟକ୍ଷ ଶରତଚନ୍ଦ୍ର ପ୍ରଧାନ, ପରିଚାଳନା କମିଟିର ସଦସ୍ୟ ମନ୍ଦାକିନୀ ରାଉଳ, ଗିତାଞ୍ଜଳି ପ୍ରଧାନ, ପୁଷ୍ପାଞ୍ଜଳି ବିଶି, ନେତ୍ରାନନ୍ଦ ରାଉଳ, ଯଦୁମଣି ବିଶ୍ୱାଳ ଏବଂ ଗୋକୁଳ ଦୀପ ପ୍ରମୁଖ ଯୋଗ ଦେଇ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରି ଏହି ଅନୁଷ୍ଠାନକୁ କିପରି ଏକ ମଡେ଼ଲ ଅନୁଷ୍ଠାନ ଭାବେ ପରିଣତ କରାଯାଇପାରିବ ସେ ନେଇ ଆଲୋଚନା କରିଥିଲେ। ସେହିପରି ଅଭିଭାବକଙ୍କ ପକ୍ଷରୁ ଜୟନ୍ତୀ ପ୍ରଧାନ, ଦିବାକର ବିଶ୍ୱାଳ ଏବଂ ଅଜୟ ସ୍ୱାଇଁ ପ୍ରମୁଖ କଲେଜର ଶିକ୍ଷାବ୍ୟବସ୍ଥା ଏବଂ ସମସ୍ୟା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଦେବେଶ ବିଶ୍ୱାଳ ପ୍ରାରମ୍ଭିକ ସୂଚନା ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଶେଷଦେବ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ/ଅଧ୍ୟାପିକାଙ୍କ ସମେତ ପ୍ରାୟ ୨ଶହରୁ ଅଧିକ ଅଭିଭାବକ, ଅଭିଭାବିକା ଯୋଗ ଦେଇଥିଲେ।



ନାକଟିଦେଉଳ ଡିଗ୍ରୀ କଲେଜ ପରିସରରେ ରବିବାର ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ସହ ଶିକ୍ଷକ, ଅଭିଭାବକମାନଙ୍କ ଏକ ସମ୍ମିଳନୀରେ ବିଧାୟକ ରୋହିତ ପୂଜାରୀ ଉଦ୍‌ବୋଧନ ଦେଉଛନ୍ତି।

### ବାମରାରେ ଇଦ୍- ମିଲାଦ ଉନ୍- ନବୀ

# ଜରାଶ୍ରମରେ ପାଳିଲେ ମହାପୁରୁଷ ମହମ୍ମଦଙ୍କ ଜନ୍ମୋତ୍ସବ

ବାମରା, ୧୦।୧୧ (ଡି.ଏନ.ଏ.)

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ବାମରାଠାରେ ମହାପୁରୁଷ ମହମ୍ମଦଙ୍କ ଜନ୍ମଉତ୍ସବ ମୁସଲିମ ସମୁଦାୟ ପକ୍ଷରୁ ସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବାମରା ଷ୍ଟେଶନବସ୍ତିସ୍ଥିତ ନୁରୀ-ଜାମା ମସଜିଦ୍ କମିଟି ପକ୍ଷରୁ ଏକ ଶୋଭାଯାତ୍ରା ବାହାରିଥିଲା। ବିଜୁ ପଟ୍ଟନାୟକ ଛକ, ଗଡପୋଷ ଛକ, ପଣ୍ଡରିପଥର, ବସଷ୍ଟାଣ୍ଡ ଛକ ଦେଇ ଏହା ମସଜିଦରେ ପହଞ୍ଚିଥିଲା । ଏଥିରେ ଶତାଧିକ ଲୋକେ ଯୋଗ ଦେଇଥିଲେ। ବିହାରରୁ ଆସିଥିବା ନାଥ ଗୀତିକାର ତୌସିଫ୍ ରଜା ମହମ୍ମଦଙ୍କ ଉପରେ ଭଜନ ପରିବେଷଣ ସହ କବାଲି ଗାଇଥିଲେ। ଏହି କ୍ରମରେ ବାଟୋଇ ତଥା ଦୋକାନୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ମସ୍‌ଜିଦରେ ଲଙ୍ଗର (ଭୋଗ)ର ବ୍ୟବସ୍ଥା କରାଯାଇଥିଲା । କମିଟି ପକ୍ଷରୁ ଶେଖ ଇସାକ,ରଜା, ମହମ୍ମଦ ଅସଗର, ମାସୁକ ଅଲୀ କାନ୍, ଶେଖ ଜାବେଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ମୁନ୍ନା ଖାନ, ଶେଖ ଅହମଦ ଫରିଜ, ଫଣ୍ଟୁସ ଖାନ ଓ ୟୁସୁଫ ଖାନ ସହଯୋଗ କରିଥିଲେ । ସେହିଭଳି ସିଶାଲ ଫାର୍ମ ଅନସାରୀପଡା ସ୍ଥିତ ହୁସୈନୀ ଏକତା କମିଟି ପକ୍ଷରୁ ମଧ ମହମ୍ମଦଙ୍କ ଜନ୍ମଦିନ ପାଳନ କରାଯାଇଥିଲା। ଏଥିରେ ଭଦ୍ରକର ମୌଲାନା ନିଆଜ, ଯାଜପୁରର ମହମ୍ମଦ ରସିଦ ଓ ଲେଡିମଙ୍ଗରୁ ମୌଲାନା ନିଶାର ଖାନ ଯୋଗଦେଇ କବାଲି ମାଧମରେ ମହମ୍ମଦଙ୍କ ସ୍ତୁତିଚାରଣ କରିଥିଲେ । ସୀମାବର୍ତ୍ତୀ ରାବଣଡିହିସ୍ଥିତ ବିଶ୍ୱବନ୍ଧୁ ଜରାଶ୍ରମକୁ ଯାଇ ସେଠାରେ ଥିବା ଅସହାୟ ଅନ୍ତେବାସୀ ବୃଦ୍ଧାବୃଦ୍ଧଙ୍କ ସହିତ ଜନ୍ମ ଉତ୍ସବ ପାଳନ କରାଯାଇଥିଲା । ଅନ୍ତେବାସୀଙ୍କ ପାଇଁ ୨ ବେଳାର ଭୋଜନ ବ୍ୟବସ୍ଥାରେ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଥିଲା। ହୁସୈନୀ ଏକତା କମିଟି ସଭାପତି ମହମ୍ମଦ ତନବୀର ଅନସାରୀ, ସମ୍ପାଦକ ସାହିଦ, ଉପସଭାପତି ମହମ୍ମଦ ସୁଲତାନ ଅନସାରୀ, ଏମଏସ ରଜା ଓ କୋଷାଧ୍ୟକ୍ଷ ଜାନୀସ ରଜା ପରିଚାଳନା କରିଥିବା ବେଳେ ଇରଫାନ ରଜା, ମହମ୍ମଦ ଆଦିଲ, ମହମ୍ମଦ ୱକାର-ଏ ଆଜମ, ମହମ୍ମଦ ଲାଲ, ମୁସ୍ତକିମ୍ ଅନସାରୀ, ସଲିମ, ମିଷ୍ଟର ଅନସାରୀ, ସାକିର, ଶେଖ ନିସାର ଓ କଲାମ ହୁସୈନ ସହଯୋଗ କରିଥିଲେ ।





ବାମରାରେ ଇଦ୍- ମିଲାଦ ଉନ୍- ନବୀ ତଥା ମହାପୁରୁଷ ମହମ୍ମଦଙ୍କ ଜନ୍ମଉତ୍ସବରେ ଶ୍ରଦ୍ଧାଳୁମାନେ ଶୋଭାଯାତ୍ରାରେ ବାହାରିଛନ୍ତି (ବାମ) ରାବଣଡିହିସ୍ଥିତ ବିଶ୍ୱବନ୍ଧୁ ଜରାଶ୍ରମର ଅନ୍ତେବାସୀଙ୍କ ସହ ମୁସଲିମ୍ ସମ୍ପ୍ରଦା ଖାଦ୍ୟ ବଣ୍ଟନ କରିବା ଅବସରରେ।



ମୋ ପ୍ରଥମ ସ୍ତ୍ରୀ ଅମୃତା ମୋତେ କାମ କରିବାର ଶୈଳୀ ଶିଖାଇଛନ୍ତି।
-ସୈଫ୍ ଅଲି ଖାନ୍, ବଲିଉଡ୍ ଅଭିନେତା

## ସଂକ୍ଷେପରେ

### ମନ୍ଦିର ତାଲା ଭାଙ୍ଗି ଚୋରି

ବରପାଲି, ୧୦।୧୧ (ଡି.ଏନ.ଏ)

ବରପାଲି ସହରର ହଟୁଆବନ୍ଧ ସ୍ଥିତ ରାମେଶ୍ୱର ମନ୍ଦିର ଭୋଗ ମଣ୍ଡପ ତାଲାଭାଙ୍ଗି ଶନିବାର ରାତିରେ ଚୋରି ହୋଇଛି। କେହି ଦୁର୍ବୃତ୍ତ ସେଠାରେ ଥିବା ଘଣ୍ଟ ଓ ବିଭିନ୍ନ ସରଞ୍ଜାମ ସହ ରୋଷେଇ ସାମଗ୍ରୀ ଚୋରି କରି ନେଇଥିବା ପୂଜକ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ କିଛି ସୁରାକ ମିଳିନାହିଁ ।



### ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ

ବରପାଲି, ୧୦।୧୧ (ଡି.ଏନ.ଏ)

ବରପାଲି ଗଣେଶ ନଗରରେ ରବିବାର ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଏହି ଅବସରରେ ଯଜ୍ଞକର୍ତ୍ତାଙ୍କ ସମେତ ମହିଳାମାନେ ଏକ ଶୋଭାଯାତ୍ରାରେ ବାହାରି ନିକଟସ୍ଥ କେନାଲରେ ପହଞ୍ଚିଥିଲେ। ସେଠାରୁ ଜଳପୂର୍ଣ୍ଣ କଳସ ଆଣି ମଣ୍ଡପରେ ସ୍ଥାପନ କରିବା ପରେ ଅଧିବାସ ସହ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଏଥିରେ ବନ୍ତ ସେଠ ଓ ଶିବରାତ୍ରି ସେଠ କର୍ତ୍ତା ଏବଂ ସାହେବ ଦାଶ ଓ ଗୋପାଳ ମିଶ୍ର ପୂଜକ ଦାୟିତ୍ୱ ତୁଲାଉଛନ୍ତି। ସୋମବାର ନାମଯଜ୍ଞ ସମ୍ପନ୍ନ ହେବ ।

### ଛିନ୍ଦେଇକେଲାରେ ଭାଗବତ ଚର୍ଚ୍ଚା

ପାଇକମାଳ,୧୦।୧୧(ଡି.ଏନ.ଏ)

ପାଇକମାଳ ବ୍ଲକ ଛିନ୍ଦେଇକେଲା ଗ୍ରାମରେ ଲକ୍ଷ୍ମୀନାରାୟଣ ଭାଗବତ ଟୁଙ୍ଗୀ ଆନୁକୂଲ୍ୟରେ ଭାଗବତ ଚର୍ଚ୍ଚା ଅନୁଷ୍ଠିତ ହୋଇଛି । ସନ୍ଧ୍ୟା ୭ଟାରୁ ଆରମ୍ଭ ହୋଇ ୯ଟା ପର୍ଯ୍ୟନ୍ତ ଭାଗବତ ଚର୍ଚ୍ଚା ଓ ଭଜନ କୀର୍ତ୍ତନ ଅନୁଷ୍ଠିତ ହେଉଛି। ଏଥିରେ ସୁବାଷ ଚନ୍ଦ୍ର ପାଢୀ ଓ ନନ୍ଦିକିଶୋର ନନ୍ଦ ପୂଜାର୍ଚ୍ଚନା ସହ ଭାଗବତ ପଠନ କରିଛନ୍ତି । ସଭାପତି କୈଳାସ ଚନ୍ଦ୍ର ସାହୁ, ସମ୍ପାଦକ ଖାଡିଆ ସାହୁ, ସୁଧାଂଶୁ ଶେଖର ସେଠ, ନବକିଶୋର ଭୋଇ, ରଜନକାନ୍ତ ସାହୁ, କମଳନୀ ଧରୁଆ, ଚନ୍ଦ୍ରାବତୀ ଭୋଇ, ପଙ୍କଜିନୀ ଧରୁଆ ପ୍ରମୁଖ ସହଯୋଗ କରିଥିଲେ ।

### ଯାଦବ ସମାଜର ବୈଠକ

ଜାମଟିକ୍ରା, ୧୦।୧୧ (ଡି.ଏନ.ଏ)

ଅତାବିରା ବ୍ଲକ ଯାଦବ ସମାଜର ଏକ ବୈଠକ ବ୍ଲକ ସଭାପତି ଅର୍ଜୁନ ଦୀପଙ୍କ ଅଧକ୍ଷତାରେ ରବିବାର ଅନୁଷ୍ଠିତ ହୋଇଛି। ବୈଠକରେ ବ୍ଲକର ୨୪ଟି ପଞ୍ଚାୟତର ଯାଦବ ଭାଇମାନେ ଯୋଗ ଦେଇଥିଲେ। ଅତାବିରାରେ ଏକ ରାଧାକୃଷ୍ଣ ମନ୍ଦିର ନିର୍ମାଣ ପାଇଁ ପାଣ୍ଠି ସଂଗ୍ରହ ଉପରେ ଆଲୋଚନା ହୋଇଥିଲା । ଆନନ୍ଦ ପୋଡ଼, ଦୁଃଖବନ୍ଧୁ ରାଉତ, ରବୀନ୍ଦ୍ର ବାଗ, ମୋହନ କଠାର, ଦଶରଥ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।




### ମଧୁମେହ, ଉଚ୍ଚ ରକ୍ତଚାପ ପରୀକ୍ଷା ଶିବିର

ଦେବଗଡ,୧୦।୧୧(ଡି.ଏନ.ଏ.)

ସ୍ଥାନୀୟ ଟାଉନ କ୍ଲବଠାରେ ଲାୟନ୍ସ କ୍ଲବ ପକ୍ଷରୁ ମଧୁମେହ ଏବଂ ଉଚ୍ଚ ରକ୍ତଚାପ ରୋଗର ମାଗଣା ପରୀକ୍ଷା ଶିବିର ରବିବାର ସକାଳେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୨୦ଜଣଙ୍କ ମଧୁମେହ ଓ ଉଚ୍ଚ ରକ୍ତଚାପ ପରୀକ୍ଷା କରାଯାଇଥିଲା। ଶିବିରରେ ଦେବଗଡ଼ ଲାୟନ୍ସ କ୍ଲବ ସଭାପତି କ୍ଷୀତିଶଚନ୍ଦ୍ର ପ୍ରଧାନ, ସମ୍ପାଦକ କ୍ଷୀରୋଦ ବେହେରା, କୋଷାଧକ୍ଷ କ୍ଷୀରୋଦ ପ୍ରଧାନ, ରମଣୀ ରଞ୍ଜନ ଆଚାର୍ଯ୍ୟ, ପୁଲିନ ବିଶ୍ୱାଳ, ମିତ୍ରଭାନୁ ନାୟକ, ଶୁକୁଦେବ ଭଞ୍ଜ, ଦିଲୀପ କୁମାର ସାହୁଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଏଯାଏ ମଣ୍ଡି ଖୋଲିନି ପ୍ରଶାସନ

# ମିଲର୍ସଙ୍କୁ ମିଳିଛି ସୁଯୋଗ

ବରଗଡ଼ ଅଫିସ୍/ସରଣ୍ଡା /ଅତାବିରା, ୧୦।୧୧



ଅତାବିରା ଅଞ୍ଚଳର ଏକ ରାଇସ୍ ମିଲ ସମ୍ମୁଖରେ ଧାନ ବୋଝେଇ ଟ୍ରାକ୍ଟର ।

**ବରଗଡ଼ ଜିଲା**

- ନିଷ୍ପତ୍ତି ବଦଳାଇ ମଣ୍ଡି ଖୋଲିବା ବିଳମ୍ବ କଲା ପ୍ରଶାସନ
- ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ନ ହେଉଣୁ ରାଇସ୍ ମିଲ୍ ଫୁଲ୍
- ଅଭାବୀ ବିକ୍ରିରେ ଚାଲିଛି ଧାନକିଣା, ମିଲ୍‌କୁ ଯାଉଛି ଧାନ
- ଜିଲା ଯୋଗାଣ, ଭିଜିଲାନ୍ସ ବିଭାଗ ସାଜିଛି ନୀରବ ଦର୍ଶକ

ବରଗଡ଼ ଜିଲାରେ ଖରିଫ ଧାନ ଅମଳ ଆରମ୍ଭ ହୋଇଛି । ପ୍ରାୟ ୨ ସପ୍ତାହ ତଳୁ ଜିଲାର ଉଭୟ ଜଳସେଚିତ, ଅଣଜଳସେଚିତ ଅଞ୍ଚଳରେ ଏହି ପ୍ରକ୍ରିୟା ଜୋର୍ ଧରିଛି । ହେଲେ ଏପର୍ଯ୍ୟନ୍ତ ଧାନ ସଂଗ୍ରହ ପାଇଁ ଜିଲାରେ ମଣ୍ଡି ଖୋଲି ନାହିଁ। ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ନିଷ୍ପତ୍ତି ବଦଳାଇ ପ୍ରଶାସନ ଧାନ ସଂଗ୍ରହ ପ୍ରକ୍ରିୟାକୁ ଆସନ୍ତା ୧୫ତାରିଖିକୁ ବଢ଼ାଇ ଦେଇଛି। ତେବେ ମଣ୍ଡି ଖୋଲିବାରେ ଏଭଳି ବିଳମ୍ବ ସିଧାସଳଖ ନ ହେଲେ ମଧ୍ୟ ପରୋକ୍ଷରେ ଅଭାବୀ ବିକ୍ରି ପରିସ୍ଥିତି ସୃଷ୍ଟି ପାଇଁ ମିଲର୍ସମାନଙ୍କୁ ସୁଯୋଗ ଦେଉଥିବା ଅଭିଯୋଗ ହୋଇଛି। ଏପରିକି ଜିଲାରେ ଧାନ ସଂଗ୍ରହ ଆରମ୍ଭ ନ ହେଉଣୁ ଜିଲାର କେତେକ ରାଇସ୍ ମିଲକୁ ଟ୍ରାକ୍ଟର, ଟ୍ରକ୍ ଯୋଗେ ଚାଷୀଙ୍କ ଧାନ ଯାଉଥିବା ପରିଲକ୍ଷିତ ହେଉଛି । ଏହା ଜିଲାର ଧାନ କିଣାବିକା ସ୍ୱଚ୍ଛତାକୁ ପଦାରେ ପକାଇ ଦେଇଛି ।

ବରଗଡ଼ ଜିଲାରେ ଚଳିତବର୍ଷ ଖରିଫ ଧାନ ସଂଗ୍ରହ ପାଇଁ ରବିବାର (ନଭେମ୍ବର ୧୦ତାରିଖ) ମଣ୍ଡି ଖୋଲିବ ବୋଲି ଗତ ମାସ ୩୧ତାରିଖରେ ଅନୁଷ୍ଠିତ ଜିଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଧାନ ଅମଳ ଆରମ୍ଭ ହୋଇଯାଇଥିବାରୁ ସେତେବେଳେ ବୈଠକରେ ଆଗତୁରା ମଣ୍ଡି ଖୋଲିବା ପାଇଁ ଚାଷୀ ପ୍ରତିନିଧିମାନେ ଦାବି କରିଥିଲେ । ମାତ୍ର ୧୦ ତାରିଖକୁ ହିଁ ଚୂଡ଼ାନ୍ତ ନିଷ୍ପତ୍ତି ଭାବେ ଘୋଷଣା କରାଯାଇଥିଲା । ତେବେ ପରବର୍ତ୍ତୀ ସମୟରେ ବାତ୍ୟା ବୁଲ୍‌ବୁଲ୍‌କୁ ଆଳ କରି ଏହାକୁ ୫ଦିନ ଆଗକୁ ବଢ଼ାଇ ଦିଆଯାଇଥିଲା । ଏହା ଜାଣିବା ପରେ ଗତ ୮ତାରିଖରେ ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ, ଅତାବିରା ଶାଖା ନେତୃତ୍ୱରେ ଜିଲାପାଳ ଅଫିସ ଆଗରେ ୧୦ତାରିଖ ଧାନକିଣା ଆରମ୍ଭକୁ ସୁନିଶ୍ଚିତ କରିବା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ।

କିନ୍ତୁ ରବିବାର ସୁଦ୍ଧା ଜିଲାର ମଣ୍ଡି ଖୋଲିନାହିଁ । ଜିଲା ପ୍ରଶାସନ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ନିଷ୍ପତ୍ତିକୁ ବଦଳାଇ ଆସନ୍ତା ୧୫ତାରିଖରୁ ଜିଲାରେ ମଣ୍ଡି ଖୋଲିବା ପାଇଁ ନିଷ୍ପତ୍ତି ନେଇଛି । ଅନ୍ୟପଟେ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ମଣ୍ଡି ଖୋଲିବାରେ ଏଭଳି ବିଳମ୍ବକୁ ଏକ ସୁଯୋଗ ମନେ କରି ମଧ୍ୟସ୍ଥି ଏବଂ କିଛି ତଥାକଥିତ ମିଲର୍ସ ଅଣ୍ଡରରେଟ୍‌ରେ ଧାନ କିଣାବିକା ଆରମ୍ଭ କରି ଦେଇଥିବା ଦେଖିବାକୁ ମିଳିଛି । ହୀରାକୁଦ ଜଳସେଚିତ ଅତାବିରା, ଭେଡ଼େନ ବ୍ଲକର ବିଭିନ୍ନ ଅଞ୍ଚଳରେ ଏଥିପାଇଁ ବେପାରୀମାନେ ସକ୍ରିୟ ହୋଇ ପଡ଼ିଛନ୍ତି । ନିୟମିତ ଟ୍ରାକ୍ଟର, ଟ୍ରକ୍‌ରେ ଧାନ ବୋଝେଇ ହୋଇ ବିଭିନ୍ନ ରାଇସ୍ ମିଲକୁ ଯାଉଛି । ମଣ୍ଡି ଖୋଲିବା ପୂର୍ବରୁ ଜିଲାରେ ସମ୍ପୃକ୍ତ ମିଲର୍ସ, ବେପାରୀଙ୍କ ଏଭଳି କାର୍‌ନାମା ପ୍ରଶାସନ ପାଇଁ ଯେତିକି ଚ୍ୟାଲେଞ୍ଜ ହୋଇ ପଡ଼ିଛି, ଜିଲାର ଧାନ କିଣାବିକା ସ୍ୱଚ୍ଛତା ପ୍ରତି ସେତିକି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ବରଗଡ଼ ଜିଲାରେ ଏଭଳି ଅନିୟମିତତା ନୂଆ ନୁହେଁ । ପ୍ରତିବର୍ଷ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ଏହା ଚିରାଚରିତ ଢ଼ଙ୍ଗରେ ଚାଲିଥାଏ। ପୂର୍ବରୁ ଭିଜିଲାନ୍ସ, ପ୍ରଶାସନିକ ଟିମ୍ ଯାଞ୍ଚବେଳେ ମଧ୍ୟ ଏହା ପଦାକୁ ଆସି ସାରିଛି। ଯାଞ୍ଚବେଳେ କେତେକ ରାଇସ ମିଲ୍‌ରେ ଆବଶ୍ୟକ ପରିମାଣରୁ ଅଧିକ ଧାନ ଗଚ୍ଛିତ ରହିଥିବା ତଥ୍ୟ ସାମ୍ନାକୁ ଆସିଛି । ହେଲେ ଏଥର ଏଭଳି ଅନିୟମିତତା ଉପରେ ପ୍ରଶାସନ ଏବଂ ଭିଜିଲାନ୍ସର କିଭଳି ଭୂମିକା ରହିବ, ତାହା ଆଗାମୀ ଦିନରେ ଜଣାପଡ଼ିବ। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝୀଙ୍କ ମୋବାଇଲ ନମ୍ବର ୯୪୩୮୨୦୦୦୩୩ରେ ଯୋଗାଯୋଗ କରାଯାଇଥିଲା । କିନ୍ତୁ ମୋବାଇଲ ବନ୍ଦ ଥିବାରୁ ମତାମତ ମିଳିପାରିନାହିଁ । ସେହିପରି ଭିଜିଲାନ୍ସ ଡିଏସପି ବିରେନ୍ଦ୍ର କୁମାର ନାୟକଙ୍କୁ ପଚାରିବାରୁ ଦୁର୍ନୀତି, ଅନିୟମିତତା ଉପରେ ଭିଜିଲାନ୍ସ ସବୁବେଳେ ନଜର ରଖିଛି ଏବଂ ଠିକଣା ସମୟରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଥିଲେ ।

## ଟି.ଏନ୍. ଶେଷାନଙ୍କ ପରଲୋକ

ନୂଆଦିଲ୍ଲୀ, ୧୦।୧୧(ପି.ଟି.)



ଦେଶର ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ଆଣି ଚର୍ଚ୍ଚିତ ହୋଇଥିବା ଭାରତର ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ତିରୁନେଲାଇ ନାରାୟଣ ଆୟର ଶେଷାନ (ଟି.ଏନ୍. ଶେଷାନ)ଙ୍କ ରବିବାର ଚେନ୍ନାଇଠାରେ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୮୭ ବର୍ଷ ହୋଇଥିଲା। ୧୦ମ ମୁଖ୍ୟ ନିର୍ବାଚନ କମିଶନର ଭାବେ ସେ ୧୯୯୦ ଡିସେମ୍ବର ୧୨ରୁ ୧୯୯୬ ଡିସେମ୍ବର ୧୧ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ତାଙ୍କ ସମୟରେ ପ୍ରଥମଥର ପାଇଁ ଭୋଟର ପରିଚୟପତ୍ର କାର୍ଯ୍ୟକାରୀ ହୋଇଥିଲା। ନିର୍ବାଚନ ଆଚରଣ ବିଧିକୁ କଡ଼ାକଡ଼ି ଲାଗୁ କରି ସେ ବେଶ୍ ଲୋକପ୍ରିୟତା ହାସଲ କରିଥିଲେ। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିବା ରାଜନେତାମାନଙ୍କ ପ୍ରବୃତ୍ତିରେ ପରିଣତ ହୋଇଥିଲା। ହେଲେ ଶେଷାନଙ୍କ କଠୋର କାର୍ଯ୍ୟାନୁଷ୍ଠାନ ରାଜନେତାଙ୍କୁ ଆଇନ ମାନିବାକୁ ବାଧ କରିଥିଲା। ଜଣେ ରାଜ୍ୟପାଳ ତାଙ୍କ ପୁଅ ପାଇଁ ପ୍ରଚାର କରିବାରୁ ମଧ୍ୟପ୍ରଦେଶର ଏକ ଆସନରେ ନିର୍ବାଚନକୁ ସ୍ଥଗିତ କରିଥିଲେ ଶେଷାନ। ଫଳରେ ଉକ୍ତ ରାଜ୍ୟପାଳ ଇସ୍ତଫା ଦେବାକୁ ବାଧ ହୋଇଥିଲେ। ୧୯୫୫ ବ୍ୟାଚ୍‌ର ତାମିଲନାଡୁ କ୍ୟାଡର ଆଇଏଏସ୍ ଅଫିସର ଶେଷାନ ନିର୍ବାଚନ କମିଶନ ହେବା ପୂର୍ବରୁ କ୍ୟାବିନେଟ ସଚିବ ଭାବେ କାର୍ଯ୍ୟ କରିଥିଲେ। ୧୯୯୬ରେ ତାଙ୍କୁ ରମନ ମାଗାସେସେ ପୁରସ୍କାର ମିଳିଥିଲା।

କେରଳର ପାଲାକ୍କଡ ଜିଲା ତିରୁନେଲାଇରେ ୧୯୩୨ରେ ଜନ୍ମିତ ଶେଷାନ ପଦାର୍ଥ ବିଜ୍ଞାନରେ ସ୍ନାତକ କରିବା ପରେ ମାଡ୍ରାସ ଖ୍ରୀଷ୍ଟିଆନ୍ କଲେଜରେ ଡେମୋନ୍‌ଷ୍ଟ୍ରେଟର ଭାବେ ୩ ବର୍ଷ କାମ କରିଥିଲେ। ଏହି ସମୟରେ ସେ ଆଇଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏଡ୍‌ୱାର୍ଡ ଏସ୍. ମାସନ ଛାତ୍ରବୃତ୍ତିରେ ସେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ପଢ଼ି ସାଧାରଣ ପ୍ରଶାସନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ।

## ଦେବଗଡ଼ରେ ବଡ଼ଓଷା ପାଳିତ

ଦେବଗଡ଼,୧୦।୧୧(ଡି.ଏନ.ଏ.)

ଦେବଗଡ଼ ସହରର ବିଭିନ୍ନ ଶୈବପୀଠ ତଥା ଟୁଙ୍ଗିରେ ପବିତ୍ର ଧବଳେଶ୍ୱରଙ୍କ ପୂଜା ତଥା ବଡଓଷା ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସହରର ଥିବା ଝାଡ଼େଶ୍ୱର ମନ୍ଦିର, ଶାସନସାହି ଗୋକର୍ଣ୍ଣେଶ୍ୱର ମନ୍ଦିର, ଗୋପାଳଜୀଉ ମନ୍ଦିର, ଗୋପୀନାଥ ମନ୍ଦିର, ପ୍ରଧାନପାଟର ଚମ୍ପକେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ସେହିପରି ଅନ୍ୟାନ୍ୟ ମନ୍ଦିର ତଥା ପୂଜା ମଣ୍ଡପରେ ଶ୍ରଦ୍ଧାଳୁମାନେ ଦେବଦେବୀଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ । ଏପରି କି ଭକ୍ତମାନେ ଘରେ କିମ୍ବା ସାହିର ପୂଜା ମଣ୍ଡପ ତଥା ଟୁଙ୍ଗୀରେ ଶିବ ପୂଜନ ସହ ଭଜନ କୀର୍ତ୍ତନ କରିବା ସହ ବାବା ଧବଳେଶ୍ୱରଙ୍କଠାରେ ସ୍ୱତନ୍ତ୍ର ଭୋଗ ଲଗାଇ ବଣ୍ଟନ କରିଥିଲେ । ସେହିପରି କାର୍ତ୍ତିକ ପୂର୍ଣ୍ଣମାରେ ପୋଖରୀ, ନଦୀ, ନାଳ, କଟାରେ ଡଙ୍ଗା ଭସାଇବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।

## ଜାତୀୟ ଆଇନସେବା ଦିବସ




ରେଢ଼ାଖୋଲ ବଡମାଳ ଜୟ ଜଗନ୍ନାଥ କଲେଜରେ ଆଇନ ସଚେତନତା ଦିବସ ପାଳନ ଅବସରରେ ଛାତ୍ରୀଛାତ୍ର, ବିଚାରପତି ଓ ଅଧାପିକାଅଧାପକମାନେ।

ରେଢାଖୋଲ,୧୦।୧୧(ଡି.ଏନ.ଏ.)

ରେଢାଖୋଲ ତାଲୁକ ଆଇନସେବା ପ୍ରାଧିକରଣ ସମିତି ପକ୍ଷରୁ ବଡମାଳସ୍ଥିତ ଜୟ ଜଗନ୍ନାଥ କଲେଜ ପରିସରରେ ଜାତୀୟ ଆଇନସେବା ଦିବସ ପାଳିତ ହୋଇଛି । ଆଇନସେବା ପ୍ରାଧିକରଣ ସମିତିର ଅଧକ୍ଷ ତଥା ସବ୍ ଜଜ୍ ଅପୂର୍ବା ଚୌଧୁରୀ ଏଥିରେ ସଭାପତିତ୍ୱ କରିଥିଲେ। ଏହି ସଚେତନତା ସଭାରେ ଏସ୍‌ଡିଜେଏମ୍ ଅଞ୍ଜଳି ମଛଖଣ୍ଡ, ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ, ସରକାରୀ ଓକିଲ ନାରାୟଣ ତ୍ରିପାଠୀ, ଜନକ କୁମାର ବାଗ୍, ପ୍ରେମଚାନ୍ଦ କୁଲୁଙ୍କ ସମେତ ଆଇନଜୀବୀ ହାରୁନ ଖାନ, ରିଟେନର ଉମାକାନ୍ତ ମହାନନ୍ଦ, ଚାରମାଳ ଥାନା ଅଧିକାରୀ ବସନ୍ତ କୁମାର ଦଲାଇ, କଲେଜ ଅଧକ୍ଷ ରାଜେଶ କୁମାର ଦାସ, ଉପଖଣ୍ଡ ଗ୍ରାମ ପଞ୍ଚାୟତ ଅଧିକାରୀ ଗଜେନ୍ଦ୍ର ବାରିକ, ବଡମାଳ ସରପଞ୍ଚ ଷଡାନନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବିଚାରପତି ଓ ଆଇନଜୀବୀମାନେ ସରକାରଙ୍କ ପକ୍ଷରୁ ବିଭିନ୍ନବର୍ଗର ଲୋକଙ୍କୁ ମାଗଣାରେ ଯୋଗାଇ ଦିଆଯାଉଥିବା ଆଇନସେବା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସୂଚନା ଦେଇଥିଲେ।

## ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

ଦେବଗଡ଼,୧୦।୧୧(ଡି.ଏନ.ଏ.):

ଦେବଗଡ଼ ଜିଲା ବାରକୋଟସ୍ଥିତ ଡଂରା ପଞ୍ଚାୟତ କଲେଜ ଖେଳପଡ଼ିଆରେ ବାରକୋଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି। ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ଦୀପକ କୁମାର ବେହେରା, ବାରକୋଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ପାଦକ ପୁରୁଷୋତ୍ତମ ବେହେରା, ଉପସଭାପତି ତମ୍ବରୁଧର ସାହୁ, କୋଷାଧକ୍ଷ ବିବେକାନନ୍ଦ ସାହୁ ପ୍ରମୁଖ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାର ବିଭିନ୍ନ ବର୍ଗରେ ମୋଟ ୨୫୧ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାକୁ ବିଦ୍ୟାଳୟର ଶାରୀରିକ ପ୍ରମୁଖ ଫରେନ କୁମାର ପ୍ରଧାନ ପରିଚାଳନା କରିଥିଲେ। ରବିବାର ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାରକୋଟ ସ୍ଥିତ ଡଂରା ପଞ୍ଚାୟତ ସମିତି ଯୁକ୍ତ ୨ ମହାବିଦ୍ୟାଳୟ ଅଧକ୍ଷ ବୀରେନ କୁମାର ପୃଷ୍ଟି, ସମ୍ମାନିତ ଅତିଥି ଭାବେ ବାରକୋଟ ବ୍ଲକ ଉପାଧକ୍ଷ ହରମୋହନ ପାଣି, ବିଦ୍ୟାଳୟର ସମ୍ପାଦକ ପୁରୁଷୋତ୍ତମ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁରସ୍କାରଗୁଡ଼ିକୁ କୋଷାଧକ୍ଷ ସାହୁ ନିଜ ପକ୍ଷରୁ ପ୍ରଦାନ କରିଥିଲେ। ବାର୍ଷିକ କ୍ରୀଡ଼ା ଉତ୍ସବରେ ବିଦ୍ୟାଳୟର ସମସ୍ତ ଗୁରୁମା, ଗୁରୁଜୀ ସହଯୋଗ କରିଥିଲେ।



ସମ୍ବଲପୁର ଧନକଉଡା ବାଳାଶ୍ରମ ଅନ୍ତେବାସୀଙ୍କ ସହ ଏସ୍‌ପି ଡ. କନୱର ବିଶାଲ ସିଂ ଓ ଅନ୍ୟମାନେ।

## ବାଳାଶ୍ରମ ଅନ୍ତେବାସୀଙ୍କୁ ବସ୍ତ୍ର, ଫଳ ବଣ୍ଟନ

ସମ୍ବଲପୁର, ୧୦।୧୧ (ବ୍ୟୁରୋ)

ଧନକଉଡା ବାଳାଶ୍ରମ ଅନ୍ତେବାସୀଙ୍କୁ ରବିର ବସ୍ତ୍ର ଓ ଫଳ ବଣ୍ଟନ କରାଯାଇଛି। ଠାରେ ଏସ୍‌ପି ଡ. କନୱର ବିଶାଲ ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜୟବ୍ରତ ଦେ, ଶେଖ ମଜିତ୍, ମହମ୍ମଦ ନବାବ, ମହମ୍ମଦ ଗୋଷ, ମହମ୍ମଦ ହାସନ, ହୁସେନ ଖାନ୍, ଦେବାଶିଷ ପୁରୋହିତ, ସୟଦ କାସିମ୍, ଅୟଷ କୁମାର ମିଶ୍ର, ସୁରେନ୍ଦ୍ର ଭୁକ୍ତା, ସୁବ୍ରତ ପଣ୍ଡା, ମହମ୍ମଦ ଜିଲାନି, ମହମ୍ମଦ ଅସ୍ରଫ, ହାଜି ୟୁନୁସ, ହାଜି ମୁଜଫର, ମହମ୍ମଦ ପରଭେଜ, ହାଜି ଜବାର୍, ମହମ୍ମଦ ଅଜିଜ, ମହମ୍ମଦ ରାଜୁ, ଶେଖ ରାଜୁ, ମହମ୍ମଦ ଅସଲମ୍, ମହମ୍ମଦ ନାବଜ, ମହମ୍ମଦ ଆସିମ, ମହମ୍ମଦ ମହରମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିସହ ବୁର୍ଲା ଓ ସମ୍ବଲପୁର ସଦର ଡାକ୍ତରଖାନାଠାରେ ରୋଗୀମାନଙ୍କୁ ମଧ ଫଳ ବଣ୍ଟନ କରାଯାଇଥିଲା।

## ଜିଲା କୃଷକ ସଂଗଠନ ସଭାପତିଙ୍କୁ ଶ୍ରଦ୍ଧାଞ୍ଜଳି

ଦେବଗଡ଼,୧୦।୧୧(ଡି.ଏନ.ଏ.)

ସ୍ଥାନୀୟ ଟାଉନ୍ ହଲଠାରେ ଦେବଗଡ଼ ବିଜେଡି ପକ୍ଷରୁ ଜିଲା କୃଷକ ସଂଗଠନ ସଭାପତି ତଥା ପୂର୍ବତନ ତିଳେଇବଣି ବ୍ଲକ ଅଧକ୍ଷ ସ୍ୱର୍ଗତ ପ୍ରଶନ୍ନ କୁମାର ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏଥିରେ ବିଜେଡି କର୍ମୀମାନେ ଯୋଗଦେଇ ସ୍ୱର୍ଗତ ପଟେଲଙ୍କ ବିୟୋଗରେ ଶୋକ ପ୍ରକାଶ କରିବା ସହ ସ୍ମୃତି ଚାରଣ କରିଥିଲେ। ଅନୁଷ୍ଠିତ ସଭାରେ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଇ.ବିଷ୍ଣୁ ପ୍ରସାଦ ଅମାତ୍ୟ, ଇ.ସୁଜିତ କୁମାର ପ୍ରଧାନ, ଇ. ଚିତ୍ତରଞ୍ଜନ ପ୍ରଧାନ, ଅନୀତା ପାତ୍ର, ଜ୍ଞାନେନ୍ଦ୍ର ବିଶ୍ୱାଳ, ଶୁକଦେବ ଭଞ୍ଜ, ଅମରେନ୍ଦ୍ର ଗଙ୍ଗଦେବ, ସଂଯୁକ୍ତା ମିଶ୍ର, ପ୍ରତାପ ଦେବ, ହିମାଂଶୁ ଶେଖର ବଡ଼ପଣ୍ଡା, ପ୍ରକାଶ ପ୍ରଧାନ, ପ୍ରଶାନ୍ତ ଭଞ୍ଜ, ପୁଷ୍ପାଞ୍ଜଳି ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ମହୁଲପୋଚ, ଦେଶୀ ମଦ ଜବତ: ୩ ଗିରଫ

ଦେବଗଡ଼,୧୦।୧୧(ଡି.ଏନ.ଏ.):

ଦେବଗଡ଼ ଅବକାରୀ ବିଭାଗ ପକ୍ଷରୁ ରବିବାର ପୂର୍ବାହ୍ନରେ ଦେବଗଡ଼ ଥାନା ଅଧୀନ କାଲକାଠ, ଦନ୍ତାରୀବାହାଳ ଓ ଦେବଗଡ଼ ପୌରାଞ୍ଚଳ ପୁରୁଣାଗଡ଼ରେ ଚଢାଉ କରାଯାଇ ବିପୁଳ ପରିମାଣର ଦେଶୀ ରନ୍ଧାମଦ ଏବଂ ମହୁଲ ପୋଚ ଜବତ କରାଯାଇଛି। ଏପରି କି ବେଆଇନ ମଦ କାରବାର ଅଭିଯୋଗରେ ଅବକାରୀ ବିଭାଗ ୩ ଜଣଙ୍କୁ ଗିରଫ କରିଛି। ମିଳିଥିବା ସୂଚନାମୁତାବକ, ଦେବଗଡ଼ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ବେଆଇନ ଦେଶୀମଦ କାରବାର ଚାଲିଥିବା ଅବକାରୀ ବିଭାଗକୁ ଖବର ମିଳିଥିଲା। ଏ ନେଇ ଦେବଗଡ଼ ଅବକାରୀ ବିଭାଗ ଅଧୀକ୍ଷକ ରମେନ୍ଦ୍ର ନାୟକ ବିଭାଗୀୟ ଅଧିକାରୀଙ୍କୁ ସମ୍ପୃକ୍ତ ଅଞ୍ଚଳରେ ଚଢାଉ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବାରକୋଟ ତହସିଲ ଅତିରିକ୍ତ ତହସିଲଦାର ଶାଶ୍ୱତ ପ୍ରଧାନ, ଏପିଆର୍ ଫୋର୍ସ ଉପସ୍ଥିତିରେ ଦେବଗଡ଼ ଅବକାରୀ ଇନ୍ସପେକ୍ଟର ପଦ୍ମଲୋଚନ ପ୍ରଧାନ ସଦଳବଳ କାଲକାଠ ଗ୍ରାମର ଧନଞ୍ଜୟ କିଷାନ ଓ ମୁରଲୀ କିଷାନଙ୍କ ଘରେ ଚଢାଉ କରିଥିଲେ । ଚଢାଉ ବେଳେ ଧନଞ୍ଜୟଙ୍କ ଘରୁ ୩୦ କି.ଗ୍ରା. ମହୁଲ ପୋଚ ଓ ୩ ଲିଟର ଦେଶୀ ରନ୍ଧାମଦ ଏବଂ ମୁରଲୀଙ୍କ ଘରୁ ୨୫ କି.ଗ୍ରା. ମହୁଲ ପୋଚ ଓ ୨୦ ଲିଟର ଦେଶୀ ରନ୍ଧାମଦ ଜବତ କରି ୨ଜଣଙ୍କୁ ଗିରଫ କରିଥିଲେ । ସେହିପରି ଅଧିକାରୀମାନେ ଦନ୍ତାରିବାହାଳ ଗ୍ରାମର ସିନି ମୁଣ୍ଡାଙ୍କ ଘରେ ଚଢାଉ କରି ୨୨ କି.ଗ୍ରା ମହୁଲ ପୋଚ ଜବତ ଜବତ କରିଥିଲେ। ଦେବଗଡ଼ ପୌରାଞ୍ଚଳ ପୁରୁଣାଗଡ଼ରେ ଚଢାଉ କରାଯାଇ ୩୨୦ କିଲୋ ମହୁଲ ପୋଚ ଜବତ କରିଥିଲେ। ହେଲେ ମଦ ପ୍ରସ୍ତୁତକାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଅବକାରୀ ବିଭାଗ ଧନଞ୍ଜୟ ଓ ମୁରଲୀଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଶିନିଙ୍କୁ ନୋଟିସ ଦେଇ ଛାଡି ଦିଆଯାଇଛି। ଚଢାଉରେ ଅବକାରୀ ସବ୍‌ଇନ୍ସପେକ୍ଟର ରାଧାକାନ୍ତ ଭୋଇ, ପ୍ରଦ୍ୟୁମ୍ନ ସାହୁ, ଅବକାରୀ ଏଏସ୍‌ଆଇ ଗୋବିନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଭିନ୍ନକ୍ଷମ ପ୍ରମାଣପତ୍ର ପଞ୍ଜୀକରଣ ଶିବିର

ସମ୍ବଲପୁର, ୧୦।୧୧ (ବ୍ୟୁରୋ)



ସମ୍ବଲପୁର ଜିଲାସ୍କୁଲ ପରିସରରେ ରବିବାର ସିକିଲ ସେଲ୍ ଓ ଥାଲାସେମିଆ ହିତାଧିକାରୀଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଉଛି ।

ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲ ପରିସରରେ ରବିବାର ସିକିଲ ସେଲ ଓ ଥାଲାସେମିଆ ହିତାଧିକାରୀମାନଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ଏବଂ ପଞ୍ଜିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ମହାନଗର ନିଗମରେ ୧୦୩ ଜଣ ହିତାଧିକାରୀଙ୍କୁ ଚିହ୍ନଟ କରି ଭିନ୍ନକ୍ଷମ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ସମସ୍ତଙ୍କୁ ମଧୁବାବୁ ଭତ୍ତାରେ ଅନ୍ତର୍ଭୁକ୍ତ କରାଯିବ ବୋଲି ସ୍ଥିର କରାଯାଇଛି। ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା ମୁଖ୍ୟଅତିଥି, ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ, ଲଳିତ ପାତ୍ର, ମହାନଗର ନିଗମ ଅଧିକାରୀ ଅପର୍ଣ୍ଣା ପାଢ଼ୀ, ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ମୁଦୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ରାମଦାସ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ବଲ ସମ୍ପାଦକ ସୁବ୍ରତ କୁମାର ପଣ୍ଡା ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ବାଲିବନ୍ଧା ଭିନ୍ନକ୍ଷମ ପୁନର୍ବାସ ଅଧିକାରୀ ରବୀନ୍ଦ୍ରନାଥ ଶତପଥୀ ଭିନ୍ନକ୍ଷମମାନଙ୍କ ବିଭିନ୍ନ ସୁବିଧା ଓ ସରକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଜିଲା ପ୍ରଶାସନ ଓ ସମ୍ବଲ ପକ୍ଷରୁ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ହୋଇଥିଲା ।



ଛାତ୍ରୀଛାତ୍ରଙ୍କୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସେମାନଙ୍କ ମାତୃଭାଷାରେ ଶିକ୍ଷାଦାନ କରାଯିବା ଉଚିତ। ସରକାର ଏଦିଗରେ ପଦକ୍ଷେପ ନିଅନ୍ତୁ।

-ଏମ୍‌. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି





ଅଯୋଧ୍ୟା ମାମଲାର ରାୟ ପ୍ରକାଶ ପାଇବା ପରେ କୌଣସି ପ୍ରକାର ଅଘଟଣକୁ ଏଡ଼ାଇବା ପାଇଁ ଜମ୍ମୁର ଗୁଜ୍ଜର ନଗର ଅଞ୍ଚଳରେ ମୁତୟନ ସୁରକ୍ଷା କର୍ମୀ।



ଇଦ୍‌ ମିଲାଦ୍‌-ଉନ୍‌-ନବି ଅବସରରେ ହାଇଦ୍ରାବାଦର ଦାରୁଲସଲାମରେ ଶୋଭାଯାତ୍ରା କରୁଛନ୍ତି ମୁସଲମାନମାନେ।



ଗୁରୁ ନାନକ ଦେବଙ୍କ ୫୫୦ତମ ଜୟନ୍ତୀ ପୂର୍ବରୁ ପାକିସ୍ତାନର କର୍‌ତାରପୁରସ୍ଥିତ ଗୁରୁଦ୍ୱାରା ଦରବାର ସାହିବ୍‌କୁ ଆଲୋକମାଳାରେ ସଜାଯାଇଛି।

## ସଂକ୍ଷେପରେ

### ଏନ୍‌କାଉଣ୍ଟରରେ ଆତଙ୍କବାଦୀ ନିହତ

**ବନ୍ଦିପୋରା,୧୦।୧୧:** ଜମ୍ମୁ-କଶ୍ମୀର ବନ୍ଦିପୋରା ଜିଲାରେ ରବିବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ମୃତ ଆତଙ୍କବାଦୀଙ୍କ ପରିଚୟ ମିଳିନାହିଁ। ଗୁଳି ବିନିମୟ ଜାରି ରହିଛି। ଆତଙ୍କବାଦୀମାନେ ଆତ୍ମଗୋପନ କରିଥିବା ଗୋଇନ୍ଦା ସୂଚନା ପାଇ ସୁରକ୍ଷା ବଳ ତଲାସି ଅଭିଯାନ ଚଳାଇଥିବାବେଳେ ଏନ୍‌କାଉଣ୍ଟର ହୋଇଥିଲା। ଆତଙ୍କବାଦୀମାନେ ପ୍ରଥମେ ଗୁଳି ଚଳାଇବାରୁ ସୁରକ୍ଷା ବାହିନୀ ଏହାର ପାଲଟା ଜବାବ ଦେଇଥିଲା। କିଛି ସପ୍ତାହ ପୂର୍ବରୁ ଅୱନ୍ତି ପୋରାରେ ଯବାନଙ୍କ ଗୁଳିରେ ୩ ଆତଙ୍କବାଦୀ ନିହତ ହୋଇଥିଲେ। ସେମାନଙ୍କ ମଧ୍ୟରେ ଅଲ-କାଏଦା କମାଣ୍ଡର ଥିଲେ।

### ଝାଡ଼ଖଣ୍ଡ ନିର୍ବାଚନ ୫୨ ପ୍ରାର୍ଥୀଙ୍କ ନାଁ ଘୋଷଣା କଲା ଭାଜପା



ଜେ.ପି. ନଡ୍ଡା

**ନୂଆଦିଲ୍ଲୀ,୧୦।୧୧(ପି.ଟି.):** ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଲାଗି ଭାଜପା ରବିବାର ପ୍ରଥମ ପର୍ଯ୍ୟାୟରେ ୫୨ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ଭାଜପା ପୁଣି ଥରେ କ୍ଷମତାରେ ରହିବା ପାଇଁ ଉଦ୍ୟମ ଚଳାଇଛି। ଅନ୍ୟପକ୍ଷରେ ଏଥର ନିର୍ବାଚନରେ ଭାଜପାକୁ କ୍ଷମତାରୁ ହଟାଇବା ଲାଗି କଂଗ୍ରେସ ଏବଂ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍‌) ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ଆସନଗୁଡିକ ଲାଗି ମୁଖ୍ୟତଃ ଭାଜପା ତା'ର ପ୍ରାର୍ଥୀ ଘୋଷଣା କରିଥିବା ଦଳର କାର୍ଯ୍ୟାକାରୀ ଅଧକ୍ଷ ଜେ.ପି. ନଡ୍ଡା କହିଛନ୍ତି। ଅନ୍ୟ ୪ ପର୍ଯ୍ୟାୟ ପାଇଁ ମଧ କେତେଜଣଙ୍କ ନାଁ ପ୍ରକାଶ କରାଯାଇଛି । ଝାଡ଼ଖଣ୍ଡରେ ନଭେମ୍ବର ୩୦ରୁ ୫ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଡିସେମ୍ବର ୨୩ରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ।

### ଇତିହାସର ଆଇନାରେ
### ନଭେମ୍ବର ୧୧ର ପ୍ରମୁଖ ଘଟଣା

୧୯୬୧ ନଭେମ୍ବର ୧୧ରେ ଜାତିସଂଘ ଶାନ୍ତିରକ୍ଷା ବାହିନୀରେ ସାମିଲ ଥିବା ଇଟାଲୀ ବାୟୁସେନାର ୧୩ ଜଣ ସୈନ୍ୟଙ୍କୁ କିଣ୍ଡୁଠାରେ ହତ୍ୟା କରାଯାଇଥିଲା। ଏହା କିଣ୍ଡୁ ଗଣହତ୍ୟା ଭାବେ ପରିଚିତ। ଗୃହଯୁଦ୍ଧ ଚାଲିଥିବା କଙ୍ଗୋରେ ଶାନ୍ତି ରକ୍ଷା ପାଇଁ ଏହି ଯବାନମାନେ ସେଠାରେ ମୁତୟନ ଥିଲେ।

୧୮୮୮ ନଭେମ୍ବର ୧୧ରେ ଭାରତର ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ପ୍ରମୁଖ ନେତା ବିଦ୍ୱାନ ଅବୁଲ କଲାମ ଆଜାଦ ଜନ୍ମଗ୍ରହଣ କରିଥିଲେ। ତାଙ୍କୁ ହିନ୍ଦୁ-ମୁସଲମାନ ଏକତାର ପ୍ରତୀକ ଭାବେ ଗ୍ରହଣ କରାଯାଏ। ସେ ଅଲ୍‌ ଇଣ୍ଡିଆ ମୁସ୍‌ଲିମ ଲିଗ୍‌ର ନୀତି ଆଦର୍ଶକୁ ସମର୍ଥନ କରୁ ନ ଥିଲେ। ୧୯୦୫ରେ ବଙ୍ଗ ଭଙ୍ଗକୁ ସେ ଜୋରଦାର ବିରୋଧ କରିଥିଲେ।

## ■ ମହାରାଷ୍ଟ୍ରରେ ସରକାର ଗଢ଼ିବାକୁ ମନାକଲା ଭାଜପା
# ଶିବସେନାକୁ ରାଜ୍ୟପାଳଙ୍କ ଡାକରା

**ମୁମ୍ବାଇ,୧୦।୧୧(ପି.ଟି.)**

ମହାରାଷ୍ଟ୍ରରେ ସରକାର ଗଢ଼ିବାକୁ ଭାଜପା ରବିବାର ମନା କରିଦେବା ପରେ ରାଜ୍ୟପାଳ ଭଗତ ସିଂ କୋଶୟାରୀ ଦ୍ୱିତୀୟ ବୃହତ୍‌ ଦଳ ଶିବସେନାକୁ ଆମନ୍ତ୍ରଣ କରିଛନ୍ତି। ଏହି ଦଳର ୫୬ ଜଣ ବିଧାୟକ ଥିଲାବେଳେ ମୁଖ୍ୟମନ୍ତ୍ରୀ ଶିବସେନାରୁ ନିଶ୍ଚିତ ବୋଲି ଏହାର ଏମ୍‌ପି ସଞ୍ଜୟ ରାଉତ୍‌ ପୁଣିଥରେ ଦୋହରାଇଛନ୍ତି। ଅନ୍ୟପକ୍ଷରେ ସରକାର ଗଠନରେ ଶିବସେନାକୁ ସମର୍ଥନ ଦେବା ଲାଗି ଏନ୍‌ସିପି କଡ଼ା ସର୍ତ୍ତ ରଖିଛି। ପ୍ରଥମେ ଶିବସେନା ଏନ୍‌ଡିଏ ମେଣ୍ଟରୁ ଓହରିଆସୁ ଏବଂ କେନ୍ଦ୍ର ସରକାରରେ ଥିବା ଶିବସେନା ମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ଏନ୍‌ଡିଏ କହିଛି। ଅନ୍ୟପକ୍ଷରେ କଂଗ୍ରେସ ସମର୍ଥନ ନେଇ କିଛି କହି ନ ଥିଲେ ହେଁ ରାଜ୍ୟରେ ରାଷ୍ଟ୍ରପତି ଶାସନ ଚାହେଁ ନାହିଁ ବୋଲି କହିବା ସହ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ପରାମର୍ଶ କ୍ରମେ ଭବିଷ୍ୟତ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସୂଚନା ଦେଇଛି।

ଭାଜପା ସରକାର ଗଢ଼ିବ ନାହିଁ ବୋଲି ରାଜ୍ୟପାଳଙ୍କୁ ଜଣାଇଦେବା ପରେ ଦଳର ମହାରାଷ୍ଟ୍ର ସଭାପତି ଚନ୍ଦ୍ରକାନ୍ତ ପାଟିଲ ଏଥିପାଇଁ ମେଣ୍ଟ ସହଯୋଗୀ ଶିବସେନାକୁ ଦାୟୀ କରିଥିଲେ। ପାଲିରେ ମୁଖ୍ୟମନ୍ତ୍ରୀ ପଦ ଦାବିରେ ଉଦ୍ଧବ ଠାକରେଙ୍କ ଦଳ ଅଟଳ ରହି ଜନାଦେଶକୁ ଅସମ୍ମାନିତ କରିଛି। ବିଧାନସଭା ନିର୍ବାଚନରେ ଭାଜପା-ଶିବସେନା ମେଣ୍ଟକୁ ସରକାର ଗଢ଼ିବା ଲାଗି ରାଜ୍ୟବାସୀ ଭୋଟ ଦେଇଥିଲେ। ଶିବସେନାର ଅସହଯୋଗ ଯୋଗୁ ଆମେ ସରକାର ଗଠନ ଦାବିରୁ ବିରତ ରହିଲୁ ବୋଲି ପାଟିଲ କହିଥିଲେ। ବିରୋଧୀ କଂଗ୍ରେସ ଏବଂ ଏନ୍‌ସିପି ସହଯୋଗରେ ଶିବସେନା ଯଦି ସରକାର ଗଢ଼ିବାକୁ ଚାହୁଁଥାଏ, ତେବେ ଏହାର ସୌଭାଗ୍ୟ କାମନା କରୁଛି ବୋଲି ଭାଜପା ନେତା କହିଥିଲେ।



ରାଜ୍ୟପାଳ ଭଗତ ସିଂ କୋଶୟାରୀଙ୍କୁ କାମଚଳା ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍‌ ଓ ଅନ୍ୟ ଭାଜପା ନେତା ଭେଟୁଛନ୍ତି।

ଅନ୍ୟପକ୍ଷରେ ମହାରାଷ୍ଟ୍ରରେ ମୁଖ୍ୟମନ୍ତ୍ରୀ କେବଳ ଶିବସେନାରୁ ହେବେ। ଏନେଇ ଦଳର ନେତା ଉଦ୍ଧବ ଠାକ୍‌ରେ ରବିବାର ବିଧାୟକମାନଙ୍କୁ କହିଥିବା ରାଉତ୍‌ ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି। ଭାଜପା ଯେତେବେଳେ ସରକାର ଗଢ଼ିବାକୁ ଦାବି କରିପାରୁନାହିଁ, ଏହି ଦଳରୁ ମୁଖ୍ୟମନ୍ତ୍ରୀ କିପରି ହେବେ ବୋଲି ରାଉତ୍‌ ପ୍ରଶ୍ନ କରିଥିଲେ। ସୂଚନାଯୋଗ୍ୟ, ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭାରେ ଭାଜପା-ଶିବସେନା ମେଣ୍ଟ ୧୬୧ ଆସନ ଜିତି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଥିଲେ।

ଏକକ ସଂଖ୍ୟାଗରିଷ୍ଠ ଦଳ ଭାଜପା ସରକାର ଗଠନ ଲାଗି ଅସାମର୍ଥ୍ୟ ପ୍ରକାଶ କରିବା ପରେ ମହାରାଷ୍ଟ୍ରରେ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଥିଲାବେଳେ ରାଷ୍ଟ୍ରପତି ଶାସନ ଲାଗୁ ହେବା ଆମେ ଚାହୁଁ ନାହିଁ ବୋଲି ରାଜ୍ୟ କଂଗ୍ରେସ ପକ୍ଷରୁ କୁହାଯାଇଛି। ତେଣୁ ଦଳର ଆଗାମୀ କାର୍ଯ୍ୟପନ୍ଥା କ'ଣ ହେବ ହାଇକମାଣ୍ଡଙ୍କ ପରାମର୍ଶକ୍ରମେ ନବନିର୍ବାଚିତ ବିଧାୟକମାନେ ନିଷ୍ପତ୍ତି ନେବେ ବୋଲି ବରିଷ୍ଠ କଂଗ୍ରେସ ନେତା ଅଶୋକ ଚଭନ କହିଛନ୍ତି। ସେ ଏକ ସ୍ଥାୟୀ ସରକାର ସପକ୍ଷରେ ବୋଲି ମତ ଦେଇଛନ୍ତି। ମହାରାଷ୍ଟ୍ରର କଂଗ୍ରେସ ବିଧାୟକମାନେ ଜୟପୁରର ଏକ ରିସର୍ଟରେ ରହିଥିଲାବେଳେ ରବିବାର ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖାର୍ଗେ ସେମାନଙ୍କୁ ଭେଟି ରାଜନୈତିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ମଧ ମୁମ୍ବାଇରେ ଦଳୀୟ ନେତାମାନଙ୍କୁ ଭେଟିଥିଲେ। ଶିବସେନା ସହାୟତାରେ ସରକାର ବେଶୀଦିନ ତିଷ୍ଠିବ ନାହିଁ, ଉଭୟ କଂଗ୍ରେସ ଓ ଏନ୍‌ସିପି କ୍ଷତିଗ୍ରସ୍ତ ହେବେ ବୋଲି ମୁମ୍ବାଇର ପୂର୍ବତନ କଂଗ୍ରେସ ସଭାପତି ସଞ୍ଜୟ ନିରୂପମ ମତ ଦେଇଥିଲେ।

> ■ ଯାହା ହେଲେ ବି ଶିବସେନାରୁ ମୁଖ୍ୟମନ୍ତ୍ରୀ: ରାଉତ୍‌
> ■ ସମର୍ଥନ ପାଇଁ ସର୍ତ୍ତ ରଖିଲା ଏନ୍‌ସିପି
> ■ ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନ ଚାହେଁନା କଂଗ୍ରେସ

# କାର୍ଟୁନ୍‌କୁ ନେଇ ବିବାଦ

**ନୂଆଦିଲ୍ଲୀ,୧୦।୧୧**

ସୁପ୍ରିମକୋର୍ଟଙ୍କ ଅଯୋଧ୍ୟା ରାୟକୁ ବ୍ୟଙ୍ଗକରି କଂଗ୍ରେସ ମୁଖପତ୍ର ନ୍ୟାଶନାଲ ହେରାଲ୍ଡରେ ଏକ କାର୍ଟୁନ୍‌ ପ୍ରକାଶ ପାଇଛି। ଏହାକୁ ନେଇ ବିବାଦ ସୃଷ୍ଟି ହେବା ପରେ ରବିବାର ଉକ୍ତ ଖବରକାଗଜ ପକ୍ଷରୁ କ୍ଷମା ମଗାଯାଇଛି।

ପ୍ରକାଶିତ ବିବାଦୀୟ କାର୍ଟୁନ୍‌ରେ ଗୋଟିଏପଟେ ବାବ୍ରୀ ମସ୍‌ଜିଦ ଭଙ୍ଗାବେଳର ଦୃଶ୍ୟ ଓ ଅନ୍ୟପଟେ ସୁପ୍ରିମକୋର୍ଟ ଛବି ରହିଛି। ମସ୍‌ଜିଦ ଉପରେ '୧୯୯୨' ଓ ସୁପ୍ରିମକୋର୍ଟ ଉପରେ '୨୦୧୯' ଉଲ୍ଲେଖ କରାଯାଇଛି। ତଳେ ଲେଖାଯାଇଛି 'ଯାହାର ବାଡ଼ି ତାହାର ମଇଁଷି '। ତଳେ କ୍ୟାପ୍‌ଶନ ରହିଛି, 'ବଳ ପ୍ରୟୋଗ, ହିଂସା ଓ ରକ୍ତପାତ ଦ୍ୱାରା ନିର୍ମିତ ଏକ ମନ୍ଦିରରେ ଭଗବାନ ରହିପାରିବେ କି?' ଯଦି ଭଗବାନ ସେଠାରେ ରହିବାକୁ ଚାହାନ୍ତି, ତେବେ ଏପରି ଏକ ମନ୍ଦିରରେ କେବେ ପ୍ରାର୍ଥନା କରିପାରିବା କି? ଏହି କାର୍ଟୁନ୍‌କୁ ନେଇ ଭାଜପା ଆପତ୍ତି ଉଠାଇଛି। କଂଗ୍ରେସର ମୁଖପତ୍ରରେ ପ୍ରକାଶିତ ଏହି କାର୍ଟୁନରୁ ଦଳର ଆଭିମୁଖ୍ୟ ସ୍ପଷ୍ଟ ହେଉଛି। ଦେଶର ନ୍ୟାୟିକ ବ୍ୟବସ୍ଥା ଉପରକୁ ଅଙ୍ଗୁଳି ଉଠାଇବା ଲଜ୍ଜାଜନକ ବିଷୟ। ତେଣୁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ କ୍ଷମା ମାଗନ୍ତୁ ବୋଲି ଭାଜପା ମୁଖପାତ୍ର ସମ୍ବିତ୍‌ ପାତ୍ର ଦାବି କରିଥିଲେ। ବିବାଦ ପରେ ଖବରକାଗଜ ପକ୍ଷରୁ କୁହାଯାଇଛି ଯେ, 'ଅଯୋଧ୍ୟା ରାମମନ୍ଦିରରେ ଜଣେ ଧର୍ମନିଷ୍ଠ ହିନ୍ଦୁ କାହିଁକି କେବେ ପୂଜା କରିବେ ନାହିଁ ' ଆର୍ଟିକିଲରେ ପ୍ରକାଶିତ ମତ ଲେଖକଙ୍କର ଓ ନ୍ୟାଶନାଲ ହେରାଲ୍ଡ ସହିତ ଏହାର କୌଣସି ସମ୍ପର୍କ ନାହିଁ। କୌଣସି ବ୍ୟକ୍ତି କିମ୍ବା ଗୋଷ୍ଠୀଙ୍କ ଧାର୍ମିକ ଭାବାବେଗକୁ କୁଠାରାଘାତ କରିବା ଆମର ଉଦ୍ଦେଶ୍ୟ ନୁହେଁ। ଆମେ ସୁପ୍ରିମକୋର୍ଟଙ୍କ ରାୟକୁ ସମ୍ମାନ ଦେଉଛୁ ଓ କ୍ଷମା ମାଗୁଛୁ । ପ୍ରକାଶ ଯେ, ୧୯୩୮ରେ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ନ୍ୟାଶନାଲ ହେରାଲ୍ଡ ପ୍ରତିଷ୍ଠା କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ଏହି ଖବରକାଗଜ ଲୋକଙ୍କୁ ଏକାଠି କରିବାରେ ପ୍ରମୁଖ ଭୂମିକା ନେଇଥିଲା।




**କ୍ଷମା ମାଗିଲା ନ୍ୟାଶନାଲ ହେରାଲ୍ଡ**

# ମାହୁନ୍ତ ବିବାଦରୁ ହାତୀକୁ ବିଷ ଦେଇ ମାରିଦେଲେ

**ବେଗୁସରାଇ,୧୦।୧୧(ପି.ଟି.)**

ମାହୁନ୍ତ ବିବାଦକୁ ନେଇ ବିହାରର ବେଗୁସରାଇ ଜିଲାରେ ଗୋଟିଏ ହାତୀକୁ ବିଷ ଦେଇ ମାରିଦିଆଯାଇଥିବା ପୋଲିସ କହିଛି। ହାତୀର ପୂର୍ବତନ ମାହୁନ୍ତ ମହମ୍ମଦ ଗୟାସ, ମହମ୍ମଦ ଶାମଶଦ ଏବଂ ମହମ୍ମଦ ନିଶାଦଙ୍କ ବିରୋଧରେ ବର୍ତ୍ତମାନର ମାହୁନ୍ତ ମହମ୍ମଦ ମକ୍‌ସୁଦ ଏତଲା ଦାଏର କରିଛନ୍ତି। ତାଙ୍କ ସହ ବିବାଦରୁ ପୂର୍ବତନ ମାହୁନ୍ତମାନେ ହାତୀକୁ ବିଷଦେଇ ମାରିଦେଲେ ବୋଲି ସେ ଏତଲାରେ ଉଲ୍ଲେଖ କରିଥିବା ଡିଏସପି ରାଜନ ସିହ୍ନା କହିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଥିଲାବେଳେ ପ୍ରାଣୀଡାକ୍ତରମାନଙ୍କ ଏକ ଟିମ୍‌ ହାତୀର ଶବ ବ୍ୟବଚ୍ଛେଦ କରିଛନ୍ତି। ବନ ବିଭାଗ ଅଧିକାରୀମାନଙ୍କ ଉପସ୍ଥିତିରେ ହାତୀକୁ ସମାଧି ଦିଆଯାଇଛି।

# ଇରାନରେ ବିଶାଳ ତୈଳକ୍ଷେତ୍ର ଆବିଷ୍କୃତ

**ତେହରାନ,୧୦।୧୧(ଏଏଫ୍‌ପି)**

ଇରାନରେ ଏକ ବିଶାଳ ତୈଳକ୍ଷେତ୍ର ଆବିଷ୍କୃତ ହୋଇଛି। ଏହି ଆବିଷ୍କାର ସମ୍ପର୍କରେ ଇରାନ ରାଷ୍ଟ୍ରପତି ହାସନ ରୌହାନି ରବିବାର ଘୋଷଣା କରିଛନ୍ତି। ସେ କହିଛନ୍ତି, ଇରାନ ଉପରେ ଆମେରିକାର କଟକଣା ପରେ ଦେଶର ଅର୍ଥନୀତି ପ୍ରଭାବିତ ହୋଇଥିବାବେଳେ ଖୁସିର ଖବର ଆସିଛି। ଦକ୍ଷିଣ-ପଶ୍ଚିମରେ ଥିବା ଖୁଜେସ୍ତାନ ପ୍ରଦେଶରେ ଥିବା ଏହି ତୈଳକ୍ଷେତ୍ରରେ ପ୍ରାୟ ୫୩ ବିଲିୟନ ବ୍ୟାରେଲ ଅଶୋଧିତ ତୈଳ ରହିଥିବା ଅନୁମାନ କରାଯାଉଛି। ଖୁଜେସ୍ତାନ ଓ ଇରାକ୍‌ର ଓମିଦିୟେ ସହର ସୀମାନ୍ତରେ ଅବସ୍ଥିତ ତଥା ୨୦୦ କି.ମି ଅଞ୍ଚଳରେ ବିସ୍ତୃତ ଏହି ତୈଳାଶୟର ଗଭୀରତା ୮୦ ମିଟର। ଏହି ତୈଳକ୍ଷେତ୍ରର ଆବିଷ୍କାର ଦେଶର ଅର୍ଥନୀତିକୁ ସୁଦୃଢ଼ କରିବ। ଇରାନବାସୀଙ୍କୁ ଏହା ସରକାରଙ୍କ ପକ୍ଷରୁ ଏକ ଛୋଟ ଅବଦାନ ବୋଲି ୟାଜ୍‌ଦ ସହରରେ ଟିଭିରେ ରୌହାନି ଘୋଷଣା କରିଛନ୍ତି।



ହାସନ ରୌହାନି

## ୨ ଟଙ୍କା ପାଇଁ ହତ୍ୟା

**ସୁଭରନାରାଜୁ,୧୦।୧୧:** ଆନ୍ଧ୍ରପ୍ରଦେଶର ପୂର୍ବ ଗୋଦାବରୀ ଜିଲାରେ ୨ ଟଙ୍କା ପାଇଁ ବଚସାରୁ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। କାକିନାଡା ବ୍ଲକ୍‌ ବଲସାପକଲା ଗ୍ରାମର ନିର୍ମାଣ ଶ୍ରମିକ ସୁବର୍ଣ୍ଣରାଜୁ ସାଇକେଲରେ ପମ୍ପ୍‌ ଦେବାକୁ ଯାଇଥିଲେ। ପମ୍ପ ଦେବା ପରେ ଦୋକାନୀ ଶାମ୍ବା ୨ ଟଙ୍କା ମାଗିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଶାମ୍ବାଙ୍କ ବନ୍ଧୁ ଆପ୍ପା ରାଓ ଏକ ଲୁହା ରଡ୍‌ରେ ସୁବର୍ଣ୍ଣରାଜୁଙ୍କ ମୁଣ୍ଡକୁ ପିଟିଥିଲେ।



ବାଂଲାଦେଶରେ ସାମୁଦ୍ରିକ ଝଡ଼ ବୁଲ୍‌ବୁଲ୍‌ ଧ୍ୱଂସର ଲୀଳା ରଚିଛି। ଖୁଲନା ଗ୍ରାମର ବାସଚ୍ୟୁତ ଲୋକେ ସୁରକ୍ଷିତ ସ୍ଥାନକୁ ପଳାୟନ କରୁଛନ୍ତି।

# ଅଯୋଧ୍ୟା ରାୟ ପରେ ୯୦ ଗିରଫ

**ଲକ୍ଷ୍ନୌ/ନୂଆଦିଲ୍ଲୀ,୧୦।୧୧**

ସୁପ୍ରିମକୋର୍ଟ ଅଯୋଧ୍ୟା ରାୟ ଦେବା ପରଠୁ ପ୍ରାୟ ୯୦ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୮ ହଜାରରୁ ଊର୍ଦ୍ଧ୍ୱ ପୋଷ୍ଟ ସୋସିଆଲ ମିଡିଆରୁ ହଟାଯାଇଛି। ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ହେବାର ଆଶଙ୍କା ଥିବାରୁ କୌଣସି ପ୍ରକାର ଅଘଟଣକୁ ଏଡ଼ାଇବା ପାଇଁ ଅଯୋଧ୍ୟାରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ଇତିମଧ୍ୟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍‌ ଶାହ ବିଭିନ୍ନ ମୁଖ୍ୟମନ୍ତ୍ରୀମାନଙ୍କୁ ଫୋନ୍‌ କରି ନିଜ ନିଜ ରାଜ୍ୟରେ ଶାନ୍ତି ସୁନିଶ୍ଚିତ କରିବା ଲାଗି ପରାମର୍ଶ ଦେଇଛନ୍ତି।

ମିଳିଥିବା ସୂଚନାନୁସାରେ ଫେସ୍‌ବୁକ୍‌, ଟୁଇଟର୍‌ ଓ ୟୁ ଟ୍ୟୁବ୍‌ ଭଳି ସାମାଜିକ ଗଣମାଧ୍ୟମରେ ବିବାଦୀୟ ପୋଷ୍ଟିଂ କରି ଉତ୍ତେଜନାପୂର୍ଣ୍ଣ ସ୍ଥିତି ସୃଷ୍ଟି କରିବା ଅଭିଯୋଗରେ କେବଳ ଉତ୍ତରପ୍ରଦେଶରେ ପୋଲିସ ୭୭ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ୪୦ ଜଣ ରବିବାର ଗିରଫ ହୋଇଛନ୍ତି। ୮,୨୭୫ ପୋଷ୍ଟିଂ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ମଧ୍ୟପ୍ରଦେଶର ସେଓନିରେ ୮ ଓ ଗ୍ୱାଲିୟରରେ ୨ ଜଣ ଗିରଫ ହୋଇଛନ୍ତି। ଅନ୍ୟପକ୍ଷରେ ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ନେଇ ଉଲ୍ଲସିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଅଯୋଧ୍ୟାର ବିଭିନ୍ନ ମନ୍ଦିରରେ ଦେଖିବାକୁ ମିଳିଛି। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସେମାନେ ବିଭିନ୍ନ ମନ୍ଦିର ଯାଇ ପୂଜାର୍ଚ୍ଚନା କରୁଛନ୍ତି।

**ସୋସିଆଲ ମିଡିଆରୁ ହଟାଗଲାଣି ୮ ହଜାରରୁ ଊର୍ଦ୍ଧ୍ୱ ପୋଷ୍ଟ**

### ୫ ବିଚାରପତିଙ୍କ ସୁରକ୍ଷା ବଢ଼ିଲା

**ନୂଆଦିଲ୍ଲୀ,୧୦।୧୧(ପି.ଟି.):** ଅଯୋଧ୍ୟା ମାମଲାର ରାୟ ଦେଇଥିବା ୫ ବିଚାରପତିଙ୍କ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ସେମାନଙ୍କ ବାସଭବନ ପାଖରେ ଅତିରିକ୍ତ ସୁରକ୍ଷାବଳ ମୁତୟନ ହେବା ସହ ବ୍ୟାରିକେଡ୍‌ ଏବଂ ମୋବାଇଲ ଏସ୍କର୍ଟ ଟିମ୍‌ ଯୋଗାଇ ଦିଆଯାଇଛି। ସିଜେଆଇ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍‌ ଏସ୍‌.ଏ. ବୋବ୍‌ଡେ, ଡି.ୱାଇ. ଚନ୍ଦ୍ରଚୂଡ଼, ଅଶୋକ ଭୂଷଣ ଏବଂ ଏସ୍‌. ଅବଦୁଲ ନାଜିରଙ୍କୁ ନେଇ ଗଠିତ ସାମ୍ବିଧାନିକ ପୀଠ ଏହି ମାମଲାର ରାୟ ଶନିବାର ଦେଇଥିଲେ। ସେମାନଙ୍କ ପ୍ରତି ବିପଦ ଥିବାନେଇ କେହି ଧମକ ଦେଇ ନ ଥିଲେ ହେଁ ପ୍ରତିଷେଧକ ପଦକ୍ଷେପ ସ୍ୱରୂପ ସୁରକ୍ଷା ବଢ଼ାଯାଇଛି।

## ■ ଅଯୋଧ୍ୟାରେ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଭିଏଚ୍‌ପିର ଯୋଜନା
# ୧୨୮ ମିଟର ଉଚ୍ଚ ହେବ ରାମମନ୍ଦିର

**ନୂଆଦିଲ୍ଲୀ,୧୦।୧୧(ଆଇଏଏନ୍‌ଏସ୍‌)**

ଅଯୋଧ୍ୟାର ବିବାଦୀୟ ଜମିରେ ରାମମନ୍ଦିର ନିର୍ମାଣ ଲାଗି ସୁପ୍ରିମକୋର୍ଟ ଶନିବାର ରାୟ ଦେବା ପରେ ଯଥାଶୀଘ୍ର ସମ୍ଭବ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ଲାଗି ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ଯୋଜନା କରିଛି। ସର୍ବୋଚ୍ଚ ଅଦାଲତଙ୍କ ରାୟ ପରେ ମନ୍ଦିର ନିର୍ମାଣ ଲାଗି ପଥ ପରିଷ୍କାର ହୋଇଯାଇଛି। ରାମ ଜନ୍ମଭୂମି ନ୍ୟାସ ଓ ଭିଏଚ୍‌ପି ମିଳିତ ଭାବେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବେ। ଭିଏଚ୍‌ପି ଏଥିପାଇଁ ଏକାଧିକ ନକ୍ସା ପ୍ରସ୍ତୁତ କରିସାରିଥିଲାବେଳେ ମୂଳ ରାମମନ୍ଦିର ଆକୃତିର ମନ୍ଦିର ନିର୍ମାଣ ଉପରେ ଅଧିକାଂଶ ସହମତ ହୋଇଛନ୍ତି।

ଭିଏଚ୍‌ପି ଯୋଜନା ଅନୁଯାୟୀ, ୧୨୮ ମିଟର ଉଚ୍ଚତା ବିଶିଷ୍ଟ ରାମମନ୍ଦିର ନିର୍ମାଣ ହେବ। ଏହାର ଓସାର ୧୪୦ ମିଟର ଓ ଲମ୍ବ ୨୭୦ ମିଟର ରହିବ। ଏଥିରେ ୨୧୨ଟି ସ୍ତମ୍ଭ ଓ ୫ଟି ପ୍ରବେଶପଥ ରହିବ। ଇସ୍ପାତର ବ୍ୟବହାର କରାଯିବନି। ମନ୍ଦିର ନିର୍ମାଣ ଲାଗି ଅନ୍ୟୂନ ୧.୭୫ ଲକ୍ଷ ଘନଫୁଟ୍‌ ପଥର ଲାଗିବ ବୋଲି କୁହାଯାଉଛି। ଏଥିପାଇଁ ପଥର ଖୋଦେଇ କାର୍ଯ୍ୟ ଅଯୋଧ୍ୟାରେ ଦୀର୍ଘବର୍ଷ ହେବ ଚାଲିଥିଲା। ମନ୍ଦିରର ଦ୍ୱାର ଓ ସ୍ତମ୍ଭ କାର୍ଯ୍ୟ ଶେଷ ହୋଇଥିଲାବେଳେ ଗର୍ଭଗୃହ କାର୍ଯ୍ୟ ବାକି ରହିଥିବା ବିଶ୍ୱାସ କରାଯାଉଛି। ୨୧୨ଟି ସ୍ତମ୍ଭକୁ ଦୁଇ ପର୍ଯ୍ୟାୟରେ ସ୍ଥାପନ କରାଯିବ। ମନ୍ଦିର ଦୁଇମହଲା ବିଶିଷ୍ଟ ହେବ। ତଳ ମହଲାରେ ରାମଲାଲାଙ୍କ ମୂର୍ତ୍ତିରହିବ। ୧୯୯୦ରୁ ମନ୍ଦିର ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ଆହୁରି ଅନେକ କାମ ବାକି ରହିଛି। ଖୋଦେଇ ହୋଇଥିବା ସ୍ତମ୍ଭ ଓ ପଥରଗୁଡିକୁ କେବଳ ଯୋଡାଯିବ ନାହିଁ, ତାହାକୁ ଶେଷ ସ୍ପର୍ଶ ଦେବା ଲାଗି ଅଧିକ ପଥର ଖୋଦେଇ ଶିଳ୍ପୀ ଓ ବିଶେଷଜ୍ଞଙ୍କ ଆବଶ୍ୟକତା ରହିଛି। ସବୁ କାମ ଶେଷ ହେବାକୁ ଅନ୍ୟୂନ ୪ ବର୍ଷ ଲାଗିଯିବ ବୋଲି କୁହାଯାଉଛି।



**୨୧୨ ସ୍ତମ୍ଭ, ୫ ପ୍ରବେଶ ପଥ ରହିବ**

# ବୁଦ୍ଧିମତ୍ତା ବଢ଼ାଏ ଡିଜିଟାଲ ଡିଭାଇସ୍

ଆଜିକାଲ ଡିଜିଟାଲ ଯୁଗ। ହାତ ପାଆନ୍ତାରେ ଅନେକ ଜିନିଷ ମିଳିଯାଉଛି। ଇଲେକ୍‌ଟ୍ରୋନିକ ଗ୍ୟାଜେଟ୍ ଦ୍ୱାରା ମାନବ ସମାଜ କେତେ ଉପକୃତ ହେଉଛି ତାହା କହିବା ବାହୁଲ୍ୟ। କେବଳ ଯୁବପିଢ଼ି ନୁହନ୍ତି ଏହି ନିଶା ଛୋଟ ପିଲାଙ୍କୁ ମଧ୍ୟ ଘାରିଛି। ଛାତ୍ରୀଛାତ୍ର ପାଠ ସମ୍ପର୍କିତ ଅନେକ ତଥ୍ୟ ଏଥିରୁ ପାଇପାରୁଛନ୍ତି। ତା'ସହ ଡିଜିଟାଲ ଡିଭାଇସ୍‌ରେ ଗେମ୍ ଖେଳିବା ଅନେକ ପିଲାଙ୍କର ଏକ ଅଭ୍ୟାସ ପାଲଟିଯାଇଛି କହିଲେ ଭୁଲ୍ ହେବନାହିଁ। କିନ୍ତୁ ଏହାଦ୍ୱାରା ସେମାନଙ୍କର ବୁଦ୍ଧିମତ୍ତାରେ ବିକାଶ ଘଟିଥାଏ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। 'ଡିଜିଟାଲ ଡିଭାଇସ୍ ଏବଂ ପିଲାଙ୍କ ବୁଦ୍ଧିମତ୍ତା' ଶୀର୍ଷକ ବିଷୟକୁ ନେଇ ଲଣ୍ଡନ ୟୁନିଭର୍ସିଟି ପକ୍ଷରୁ ଏକ ସର୍ଭେ କରାଯାଇଥିଲା। ଏଥିରେ ଅଧିକାଂଶ ସମୟ ଡିଜିଟାଲ ଡିଭାଇସ୍ ସହ ଜଡ଼ିତ ରହୁଥିବା ପିଲାଙ୍କର ବୁଦ୍ଧିମତ୍ତାରେ କି ପ୍ରକାର ବିକାଶ ଘଟୁଛି ତାହାକୁ ତନ୍ନ ତନ୍ନ କରି ଲକ୍ଷ୍ୟ କରାଯାଇଥିଲା। ଏହାଦ୍ୱାରା ସେମାନଙ୍କର ବୁଦ୍ଧିମତ୍ତା ପୂର୍ବାପେକ୍ଷା ପ୍ରଖର ରହୁଥିବାର ଜଣାପଡ଼ିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ଆବଶ୍ୟକତାଠାରୁ ଅଧିକ ସମୟ ସେମାନେ ଡିଜିଟାଲ ଡିଭାଇସ ସହ ଜଡ଼ିତ ହେବା ଠିକ୍ ନୁହେଁ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।





# କ୍ୟାଲ୍‌ସିୟମ

ଆମ ଶରୀରରେ କ୍ୟାଲସିୟମ ପରିମାଣ ସନ୍ତୁଳିତ ରହିଲେ ତାହା ଅସ୍ଥିକୁ ଦୃଢ଼ କରିଥାଏ। ତା' ସହ ଆମକୁ କେତେକ ରୋଗରୁ ମଧ୍ୟ ରକ୍ଷା କରିଥାଏ। ତେଣୁ ଜଣେ ସୁସ୍ଥ ବ୍ୟକ୍ତି ପ୍ରତିଦିନ ଅତିକମ୍‌ରେ ୧୦୦–୧୨୦୦ ଗ୍ରାମ କ୍ୟାଲସିୟମ ଜାତୀୟ ଖାଦ୍ୟ ଖାଇବା ଆବଶ୍ୟକ। ଯଦି ଶରୀରରେ କ୍ୟାଲିୟମ ପରିମାଣ ଠିକ୍ ରହେ ତେବେ ତାହା କେବଳ ଅସ୍ଥି ନୁହେଁ ଦାନ୍ତକୁ ମଧ୍ୟ ଦୃଢ଼ କରିଥାଏ। ଗୋଟିଏ କଥା–ଆମ ଶରୀର ଭିତରକୁ ଯେତେ କ୍ୟାଲସିୟମ ଯାଏ ତନ୍ମଧ୍ୟରୁ କେତେକ ଝାଳ, ପରିସ୍ରା ବାଟେ ବାହାରିଯାଏ। ତେଣୁ ଶରୀର ଭିତରେ ଏହି ପରିମାଣ କିପରି ସନ୍ତୁଳିତ ରହିବ ସେ ନେଇ ସଚେତନ ରହିବା ଆବଶ୍ୟକ। ବିଶେଷଭାବରେ ବୟସ ବଢ଼ିବା ସହ କ୍ୟାଲ୍‌ସିୟମ ଜାତୀୟ ଖାଦ୍ୟକୁ ଅଧିକ ଗୁରୁତ୍ୱ ଦେବା ଦରକାର। ସବୁଜ ପନିପରିବା, କ୍ଷୀରଜାତୀୟ ଖାଦ୍ୟ, ମାଛ, ପୋଇ, ବ୍ରୋକଲି, ଫଳମୂଳ, ବିନ୍, ବାଦାମ ଆଦିରେ କ୍ୟାଲ୍‌ସିୟମ ଭରି ରହିଛି।

# କଫ ସମସ୍ୟାର ଘରୋଇ ଉପଚାର

କଫଜନିତ ସମସ୍ୟାର ଲକ୍ଷଣ ଦେଖାଦେବା ମାତ୍ରେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଇବା ଦରକାର। ହେଲେ ଏପରି କେତେକ ଘରୋଇ ଉପାୟ ରହିଛି ଯାହାକୁ ଆପଣେଇ ଜଣେ କଫ ସମସ୍ୟାର ପ୍ରାରମ୍ଭିକ ଅବସ୍ଥାରେ ସେଥିରୁ ଉପଶମ ଲାଭ କରିପାରିବ। ଅଧା କପ ଉଷୁମ ପାଣିରେ ଏକ ଚାମଚ ହଳଦୀ ଗୁଣ୍ଡ, ଏକ ଚାମଚ ଗୋଲମରିଚ ଗୁଣ୍ଡ ଏବଂ ଏକ ଚାମଚ ମହୁ ମିଶାଇ ଏହାକୁ କିଛି ସମୟ ଗରମ କରି ପିଅନ୍ତୁ। ଏହାଦ୍ୱାରା କଫଜନିତ ସମସ୍ୟାରୁ ଉପଶମ ମିଳିଥାଏ। ଅଦାକୁ ଛୋଟ ଛୋଟ ଆକାରରେ କାଟି ପାଣିରେ ମିଶାଇ ସେହି ମିଶ୍ରଣ ପାଣିକୁ ପିଅନ୍ତୁ। ଦେଖିବେ, କାଶରୁ ଅନେକାଂଶରେ ଲାଘବ ମିଳିବ। ଏହାବ୍ୟତୀତ ଅଦା ରସରେ ମହୁ ଏବଂ ଲେମ୍ବୁ ମିଶାଇ ପିଇବା ଦ୍ୱାରା କଫ ସମସ୍ୟା ଦୂର ହୋଇଥାଏ। ଦୁଇ ଚାମଚ ଲେମ୍ବୁ ରସରେ ଏକ ଚାମଚ ମହୁ ମିଶାଇ ତାକୁ ଉଷୁମ କରି ପିଇଲେ କାଶରୁ ଉପଶମ ମିଳିଥାଏ। ଅଧା ଚାମଚ ପିଆଜ ରସରେ ଏକ ଚାମଚ ମହୁ ମିଶାଇ ଦିନକୁ ଦୁଇ ଥର ପିଇଲେ କାଶ ସହ ଥଣ୍ଡା ସମସ୍ୟା ଦୂର ହୋଇଥାଏ।



# ପରିବାର ଓ ଡାଇବେଟିସ୍

**ଚଳିତ ମାସ ୧୪ ତାରିଖରେ ପାଳିତ ହେବାକୁ ଯାଉଛି 'ବିଶ୍ୱ ମଧୁମେହ ଦିବସ'। ସେ ସମ୍ପର୍କିତ ବିଷୟବସ୍ତୁକୁ ନେଇ ଉପସ୍ଥାପନା...**



ଡା. ନିତ୍ୟାନନ୍ଦ ସ୍ୱାଇଁ





ଡାଇବେଟିସ୍ ଏକ ବିଶ୍ୱ ସ୍ୱାସ୍ଥ୍ୟ ସମସ୍ୟା। ଏହା ଦ୍ରୁତ ହାରରେ ବଢି ଚାଲିଛି। ଏପରି କି ଭାରତ ପାଇଁ ଏହା ମହାମାରୀର ରୂପ ନେଲାଣି ବୋଲି ଚେତାବନୀ ଶୁଣେଇ ସାରିଛନ୍ତି ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା। ଭାରତକୁ ଡାଇବେଟିସ୍‌ର ରାଜଧାନୀ ଭାବେ ମଧ୍ୟ ଅଭିହିତ କରାଯାଉଛି। ୧୯୮୦ ଦଶକଠାରୁ ଏହା ଆଉ ଥମିବାର ନାଆଁ ଧରୁନି।

ଅର୍ଥନୈତିକ ଅଭିବୃଦ୍ଧି ସୁଗମ କରିଦେଇଛି ଶିଳ୍ପାୟନକୁ। ଶିଳ୍ପାୟନ ଫଳରେ ମଣିଷ ହାତରୁ କାମ ଛଡେଇ ନେଇଛି ମେଶିନ। ଫଳରେ ସେ ଶାରୀରିକ ଶ୍ରମରୁ ମୁକ୍ତି ପାଇ ନିର୍ବାହ କରୁଛି ଆରାମପ୍ରଦ ଜୀବନ। ତା' ସାଙ୍ଗକୁ ପରିବାରର ଆୟ ବଢିଯିବା ଯୋଗୁ ପାରମ୍ପରିକ ଖାଦ୍ୟ ଏବେ ପରିବାରରୁ ନିର୍ବାସିତ। ଖାଇବା ଥାଳିରେ ଗାଦି ମାଡ଼ି ବସିଛି ବେଶି ମିଠା, ତେଲ ଘିଅ, ଲୁଣ, ଫାଷ୍ଟଫୁଡ ଇତ୍ୟାଦି। ଶୋଷ ମେଣ୍ଟୁଛି କୋଲ୍ଡ ଡ୍ରିଙ୍କ ପିଇ। ଏଭଳି ପ୍ରତିକୂଳ ଜୀବନଶୈଳୀ ଯୋଗୁ ଡାଇବେଟିସ, ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ, ମସ୍ତିଷ୍କ ଷ୍ଟ୍ରୋକ ଓ କ୍ୟାନ୍‌ସର ଭଳି ଦୀର୍ଘକାଳୀନ ଅଣସଂକ୍ରାମକ ରୋଗଗୁଡିକ ପ୍ରାଦୁର୍ଭାବ ବିସ୍ତାର କରିଚାଲିଛନ୍ତି। ଆଉ ଏଗୁଡିକ ମଧ୍ୟରେ ସର୍ବୋଚ୍ଚ ଆସନ ଅଧିକାର କରିଛି ଡାଇବେଟିସ।

ଡାଇବେଟିସ ରୋଗର ନିର୍ଣ୍ଣୟ ଅତି ସହଜ ଓ ଶସ୍ତା ମଧ୍ୟ। ରକ୍ତରେ କେବଳ ଗ୍ଲୁକୋଜର ମାତ୍ରା ମାପି ରୋଗ ହୋଇଛି କି ନା ଜାଣି ନେଇ ହେବ। ଭାରତର ବଡ ବଡ ସହରରେ ବାସ କରୁଥିବା ୫୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନଙ୍କ ମଧ୍ୟରୁ ପାଖାପାଖି ୪୦ ପ୍ରତିଶତ ସଂପ୍ରତି ଡାଇବେଟିସର ଶିକାର। ସମାନ ସଂଖ୍ୟକ ବ୍ୟକ୍ତି ଡାଇବେଟିସ ଜାତ ହେବାର ପୂର୍ବ ସ୍ତରରେ ପହଞ୍ଚିଗଲେଣି।

ପ୍ରତିବର୍ଷ ନଭେମ୍ବର ୧୪ ତାରିଖରେ ପାଳିତ ହୋଇଥାଏ 'ବିଶ୍ୱ ମଧୁମେହ ଦିବସ' ବା ୱାର୍ଲ୍ଡ ଡାଇବେଟିସ ଡେ। ଏହି ଦିବସରେ ଭୂମିଷ୍ଠ ହୋଇଥିଲେ ଫ୍ରେଡେରିକ୍ ବ୍ୟାଣ୍ଟିଂ। ବ୍ୟାଣ୍ଟିଂ ଥିଲେ ଇନସୁଲିନର ଆବିଷ୍କର୍ତ୍ତା। ଚଳିତ ବର୍ଷର ୱାର୍ଲ୍ଡ ଡାଇବେଟିସ ଡେ'ର ଥିମ୍ ବା ପ୍ରସଙ୍ଗ ହେଉଛି 'ପରିବାର ଓ ଡାଇବେଟିସ୍' ବା 'ଫ୍ୟାମିଲି ଆଣ୍ଡ ଡାଇବେଟିସ'। ବାସ୍ତବରେ ପରିବାରରେ ଡାଇବେଟିସ ରୋଗୀ ଥିଲେ ପରିବାର ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡିଥାଏ। ଅନ୍ୟପକ୍ଷରେ ପରିବାରର ସଦସ୍ୟମାନଙ୍କଠାରୁ ଆନ୍ତରିକ ସହଯୋଗ ମିଳିପାରିଲେ ରୋଗୀଠାରେ ରୋଗ ଓ ରୋଗର ଜଟିଳତା ନିୟନ୍ତ୍ରଣ ଯଥେଷ୍ଟ ସୁଗମ ହୋଇଯାଏ।

ଉଦାହରଣ ସ୍ୱରୂପ, ପରିବାରରେ ଡାଇବେଟିସ ରୋଗୀ ଥିଲେ ତାଙ୍କ ଖାଦ୍ୟପେୟରେ କେତେକ ପରିବର୍ତ୍ତନ ଲୋଡାପଡେ। ତେଣୁ ରୋଗୀଙ୍କ ମନସ୍ତତ୍ତ୍ୱକୁ ସମ୍ମାନ ଦେଇ ତଥା ଆନୁଷଙ୍ଗିକ ସୁବିଧା ପାଇଁ ପରିବାରର ଅନ୍ୟ ସଦସ୍ୟମାନଙ୍କ ଖାଦ୍ୟ ମଧ୍ୟ ପରିବର୍ତ୍ତିତ ହୋଇଯିବା ସ୍ୱାଭାବିକ। ସେହିପରି ରୋଗୀଟିର ଆଖି, ହୃତ୍‌ପିଣ୍ଡ, ବୃକ୍‌କ କିମ୍ବା ପାଦରେ ଡାଇବେଟିସ ସମ୍ପର୍କିତ ଜଟିଳତା ପ୍ରକାଶ ପାଇଥିଲେ ଏହାର ମନସ୍ତାତ୍ତ୍ୱିକ ପ୍ରଭାବ କେବଳ ରୋଗୀଠାରେ ସୀମିତ ରହି ନ ଥାଏ। ପରିବାରର ଅନ୍ୟ ସମସ୍ତେ ମଧ୍ୟ ମାନସିକ ଚାପଗ୍ରସ୍ତ ରହିବା ପାଇଁ ବାଧ ହୋଇଥାନ୍ତି। ଏଥିରୁ ମୁକୁଳିବା ପାଇଁ ସେମାନଙ୍କର ଭ୍ରୁ ନ ଥାଏ।

> "ପରିବାରରେ ଡାଇବେଟିସ ରୋଗୀ ଥିଲେ ତାଙ୍କ ଖାଦ୍ୟପେୟରେ କେତେକ ପରିବର୍ତ୍ତନ ଲୋଡ଼ାପଡ଼େ। ତେଣୁ ରୋଗୀଙ୍କ ମନସ୍ତତ୍ତ୍ୱକୁ ସମ୍ମାନ ଦେଇ ତଥା ଆନୁଷଙ୍ଗିକ ସୁବିଧା ପାଇଁ ପରିବାରର ଅନ୍ୟ ସଦସ୍ୟମାନଙ୍କ ଖାଦ୍ୟ ମଧ୍ୟ ପରିବର୍ତ୍ତିତ ହୋଇଯିବା ସ୍ୱାଭାବିକ।"

ଉଦାହରଣ ସ୍ୱରୂପ, ଡାଇବେଟିସ ରୋଗୀଙ୍କୁ ମିଠା ଖାଇବା ପାଇଁ ବାରଣ କରାଯାଇଥିବାରୁ ପରିବାର ଅନ୍ୟମାନେ ମଧ୍ୟ ମିଠା ଖାଇବାରେ ନିଜକୁ ଅପରାଧୀ ବୋଲି ମନେକରିଥାନ୍ତି। କ୍ଷୀରା, ପିଠା, ମିଠା ଆଦି ବହୁଳ ଭାବରେ ଖିଆଯାଉଥିବା ପର୍ବପର୍ବାଣି ଗୁଡିକ ପରିବାରରେ ଧୁମ୍ ଧାମରେ ପାଳିତ ହୋଇପାରେ ନାହିଁ। ବିଭିନ୍ନ ଆଳ ଦେଖାଇ ଅନ୍ୟ ସଦସ୍ୟମାନେ ଏହାକୁ ସାଧାରଣ ଭାବରେ ପାଳି ଚଳେଇ ନେବା ନିମନ୍ତେ ବାଧ ହୋଇଥାନ୍ତି।

ତେବେ ମିଠା ନ ଖାଇଲେ ବି ମିଠା ଜିନିଷଗୁଡିକର କ'ଣ ବିକଳ୍ପ ନାହିଁ? ବିକଳ୍ପ ଅଛି। ଡାଇବେଟିସ୍ ରୋଗୀ ରହିଥିବା ପରିବାରକୁ ଉପହାର ଭାବେ ମିଠା ପରିବର୍ତ୍ତେ ପନିପରିବା ଓ ଆପଲଭଳି ଫଳ ନେଇ ହେବ। ନେଇହେବ ଆମଣ୍ଡ, ପିସ୍ତା, କାଜୁ ଓ ଚିନାବାଦାମ। ଆମଣ୍ଡ, ପିସ୍ତା, କାଜୁ ଓ ଚିନାବାଦାମରୁ ମିଳେ ବେଶି ପ୍ରୋଟିନ୍, ଖାଦ୍ୟତନ୍ତୁ। ଏଗୁଡ଼ିକରେ ରହିଥିବା ମନୋଅନୁସାଚରେଟେଡ୍ ଫ୍ୟାଟ୍ ଶରୀର ପାଇଁ ସ୍ୱାସ୍ଥ୍ୟପ୍ରଦ। ଏଗୁଡ଼ିକ ରକ୍ତ ଗ୍ଲୁକୋଜର ମାତ୍ରା ବୃଦ୍ଧି କରନ୍ତିନି। କିନ୍ତୁ ଯୋଗାଇଥା'ନ୍ତି ଅଧିକ ଶକ୍ତି। କେବଳ ସେତିକି ନୁହେଁ, ଏଗୁଡ଼ିକ ହୃତ୍‌ପିଣ୍ଡକୁ ମଧ୍ୟ ସୁସ୍ଥ ରଖିଥାନ୍ତି। କାରଣ ଏହାକୁ ଖାଇଲେ ରକ୍ତରେ ଉତ୍ତମ କୋଲେଷ୍ଟରଲ ବୋଲି କୁହାଯାଉଥିବା ଏଚ୍.ଡି.କୋଲେଷ୍ଟରଲ୍‌ର ମାତ୍ରାରେ ବୃଦ୍ଧି ଘଟିଥାଏ।

ସେହିପରି ଡାଇବେଟିସ୍ ରୋଗୀଙ୍କୁ ନିୟମିତ ବ୍ୟାୟାମ କରିବା ନିମନ୍ତେ ଚିକିତ୍ସକ ପରାମର୍ଶ ଦେଇଥା'ନ୍ତି। ନିୟମିତ ବ୍ୟାୟାମ କଲେ ରୋଗୀ ଶରୀରର ଓଜନ ଅନୁମୋଦିତ ସ୍ତରରେ ରହେ। ରକ୍ତରେ ଗ୍ଲୁକୋଜ ଓ ଫ୍ୟାଟର ମାତ୍ରା ନିୟନ୍ତ୍ରିତ ହୋଇ ରହେ। ଚାଲିବା ହେଉଛି ସବୁ ଦୃଷ୍ଟିରୁ ଅନୁକୂଳ ବ୍ୟାୟାମ। ପରିବାରର ଅନ୍ୟାନ୍ୟ ସଦସ୍ୟମାନେ ଏକାଠି ମିଶି ଚାଲିବା ପାଇଁ ବାହାରିଗଲେ ଏହା ରୋଗୀ ପାଇଁ ଆଦୌ କ୍ଳାନ୍ତିକର କି ବିରକ୍ତିକର ବୋଧ ହୁଏ ନାହିଁ। ଏହା ଫଳରେ ରୋଗୀ ଉପକୃତ ହେବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କ କ୍ଷେତ୍ରରେ ଡାଇବେଟିସ୍, ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ, ଷ୍ଟ୍ରୋକ୍, ପୃଥୁଳତା ଆଦିର ନିବାରଣ ସୁଗମ ହୋଇଥାଏ।

ସେହିପରି ଯୋଗ, ଧ୍ୟାନ, ପ୍ରାଣାୟାମ ଓ ଘର ଭିତରେ ଏବଂ ଘର ବାହାରେ ଖେଳା ଯାଉଥିବା ଖେଳରେ ରୋଗୀ ସହ ଅନ୍ୟ ସଦସ୍ୟମାନେ ମଧ୍ୟ ସହଯୋଗ କରିବାରେ ସୁଫଳ ମିଳେ। ଏକାଠି ମିଶି ହସଖୁସି କରିବା ଜୀବନ ପ୍ରତି ଏ ସକାରାତ୍ମକ ମନୋଭାବ ପୋଷଣ କରିବାରେ ଅନୁକୂଳ ପ୍ରଭାବ ସମସ୍ତଙ୍କ ପାଇଁ ସୁଦୂରପ୍ରସାରୀ।

ଡାଇବେଟିସ୍ ରୋଗୀ ଅନେକ ସମୟରେ ନିଜ ଔଷଧ ଖାଇବା କଥା ଭୁଲିଯାଏ। ଏ କ୍ଷେତ୍ରରେ ରୋଗୀଙ୍କ ସ୍ୱାମୀ/ସ୍ତ୍ରୀ କିମ୍ବା ସନ୍ତାନସନ୍ତତିମାନେ ରୋଗୀକୁ ଔଷଧ ଖାଇବା ବିଷୟରେ ମନେପକେଇ ଦେଇପାରିବେ। ଏହାଫଳରେ ରୋଗୀଠାରେ ଡାଇବେଟିସ୍‌ର ନିୟନ୍ତ୍ରଣ ସୁଗମ ହୋଇଯିବା ସଙ୍ଗେ ପରିବାର ମଧ୍ୟ ଏହାର ସୁଫଳ ଉପଭୋଗ କରିପାରିବ।

ଡାଇବେଟିସ୍ ରୋଗୀମାନେ ନିୟମିତ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରିବା ଉଚିତ। ମଝିରେ ମଝିରେ ରକ୍ତର ଗ୍ଲୁକୋଜ, କୋଲେଷ୍ଟରଲ, ଟ୍ରାଇଗ୍ଲିସେରାଇଡ ଓ ପରିସ୍ରା ପରୀକ୍ଷା କରିବା ଦରକାର ପଡେ। ଦରକାର ପଡିପାରେ ଇ.ସି.ଜି ଓ ଅନ୍ୟାନ୍ୟ କେତେକ ଆନୁଷଙ୍ଗିକ ପରୀକ୍ଷା। ଯେଉଁ ରୋଗୀମାନେ ବର୍ଷକୁ ଅନ୍ତତଃ ତିନି ଚାରିଥର ଡାକ୍ତରଙ୍କ ସହ ପରାମର୍ଶ କରି ନିଜର ବିଭିନ୍ନ ପରୀକ୍ଷା ନିରୀକ୍ଷା କରେଇଥାନ୍ତି, ସେମାନେ ଡାଇବେଟିସ୍‌ଜନିତ ଜଟିଳତାଗୁଡିକ ନିବାରଣ କରିବା ସଙ୍ଗେ ସଙ୍ଗେ ଦୀର୍ଘ ସୁସ୍ଥ ଜୀବନ ଉପଭୋଗ କରିଥାନ୍ତି। ନିୟମିତ ଡାକ୍ତରୀ ପରାମର୍ଶ ଓ ପରୀକ୍ଷା ନିରୀକ୍ଷା କରେଇ ନେବାରେ ପରିବାର ସହଯୋଗ ଅପରିହାର୍ଯ୍ୟ ବିବେଚିତ ହୋଇଥାଏ।

ଅନେକ ଡାଇବେଟିସ୍ ରୋଗୀ ୯୦ ବର୍ଷ ବୟସ ଅତିକ୍ରମ କରିଯିବା କିମ୍ବା ଶତାୟୁ ହେବା ଏବେ ଆଉ ବିରଳ ଘଟଣା ହୋଇ ରହିନାହିଁ। ଅନେକେ ୫୦ରୁ ୬୦ ବର୍ଷଧରି ଡାଇବେଟିସ୍ ଭୋଗି ଆସୁଥିଲେ ମଧ୍ୟ ରହି ଆସୁଛନ୍ତି ବେଶ୍ ସୁସ୍ଥ ଏବଂ ଜଟିଳତା ମୁକ୍ତ। ତେବେ ଏଭଳି ସଫଳତା ଉପଭୋଗ କରିବା ପାଇଁ ଚାହିଁଲେ ରୋଗୀ ବର୍ଷକୁ ଅନ୍ତତଃ ନିଜର ଆଖି, ହୃତ୍‌ପିଣ୍ଡ, ବୃକ୍‌କ ଓ ପାଦର ପରୀକ୍ଷା କରେଇନେବା ବାଧ୍ୟତାମୂଳକ। ଏ ସବୁଥିରେ ପରିବାରର ଭୂମିକାକୁ ଆଦୌ ହେୟଜ୍ଞାନ କରି ହେବ ନାହିଁ। ପରିବାରର ସଦସ୍ୟାମାନଙ୍କ ସକ୍ରିୟ ସହଯୋଗ ହିଁ ଡାଇବେଟିସ୍ ରୋଗୀକୁ ଜଟିଳତାମୁକ୍ତ ରଖିପାରିବ।

ଡାଇବେଟିସ୍ ରୋଗକୁ ବେଳ ହୁଁ ନିର୍ଣ୍ଣୟ କରିପାରିଲେ ଓ ନିୟମିତ ଚିକିତ୍ସାରେ ରହିଲେ ଡାଇବେଟିସ୍ ଆଡୁ ବିପଦର ସମ୍ଭାବନା ଆଶାତିତ ଭାବରେ ହ୍ରାସ ପାଇଯିବ। ରୋଗୀଙ୍କ କ୍ଷେତ୍ରରେ ଯେକୌଣସି ଜଟିଳତାକୁ ବେଳ ହୁଁ ଚିହ୍ନଟ କରିପାରିଲେ ଏହାର ସମୁଚିତ ଚିକିତ୍ସା କରି ଦୁଃସ୍ଥିତିକୁ ବଦଳେଇ ଦିଆଯାଇପାରେ ମଧ୍ୟ।

ଡାଇବେଟିସ୍‌କୁ ଅନିୟନ୍ତ୍ରିତ ଭାବରେ ଛାଡ଼ିଦେଲେ ଏହାର ପରିଣାମ ଭୟଙ୍କର ହୋଇ ଉଠିବା ଆଦୌ ଅସମ୍ଭବ ନୁହେଁ। ଏପରିକି କ୍ଷେତ୍ର ବିଶେଷରେ ଏହା କେତେକ କ୍ୟାନ୍‌ସରଠାରୁ ମଧ୍ୟ ଅଧିକ ଭୀଷଣରୂପ ନେଇପାରେ।

ସେ ଯାହା ହେଉ ପରିବାର ଓ ଡାଇବେଟିସ୍ ପ୍ରସଙ୍ଗଟି ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ। କାରଣ କେବଳ ପରିବାରର ସକ୍ରିୟ ସହଯୋଗ ଦ୍ୱାରା ହିଁ ଡାଇବେଟିସ୍ ରୋଗୀ ଦୀର୍ଘ ଓ ସୁସ୍ଥଜୀବନ ନିର୍ବାହ କରିବା ନିମନ୍ତେ ସମର୍ଥ ହୋଇପାରିବ।

*ଅଭୀପ୍‌ସା: ସେକ୍ଟର–୬, ପ୍ଲଟ ନଂ. –୧୧୩୧*
*ଅଭିନବ ବିଡାନାସୀ, କଟକ*



# ରିଲାକ୍ସ ଥେରାପି

ବ୍ୟାୟାମର ସୁପ୍ରଭାବ ଆମ ଶରୀର ଉପରେ କେତେକ ପଡିଥାଏ ତାହା ଅନୁଭବୀ ହିଁ ଜାଣେ। ସେଥିପାଇଁ ଆଜିକାଲି ଅନେକେ ଏହାକୁ ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରିଛନ୍ତି। ପ୍ରତିଦିନ ସକାଳୁ ଅଧ ଘଣ୍ଟାଏ ଚାଲିଲେ ତାହା ଶରୀରକୁ ସତେଜ ରଖିଥାଏ। ଏବେ ଅନେକ ବ୍ୟାୟାମ କରିବା ସମୟରେ ଗୀତ ଶୁଣୁଥିବାର ଦେଖିବାକୁ ମିଳୁଛି। ଏହାଦ୍ୱାରା ମନ ପ୍ରଫୁଲ୍ଲ ରହିଥାଏ। ଅପରପକ୍ଷରେ ଏହି ସମୟରେ ଗୀତ ଶୁଣିବା ଦ୍ୱାରା ବ୍ୟାୟାମ କରିବାର ଏକାଗ୍ରତା ପ୍ରଭାବିତ ହୋଇଥାଏ ବୋଲି କେତେକ ମତ ଦିଅନ୍ତି। ହେଲେ ଏହା ଠିକ୍ ନୁହେଁ ବୋଲି ୱାଶିଂଟନ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ପ୍ରକାଶ କରିଛନ୍ତି। ବ୍ୟାୟାମ ସମୟରେ ଗୀତ ଶୁଣିବାକୁ ସେମାନେ 'ରିଲାକ୍ସ ଥେରାପି' ନାମରେ ନାମିତ କରିଛନ୍ତି। ହେଲେ ଏହି ସମୟରେ ହାଲକା ମ୍ୟୁଜିକ ଶୁଣିବା ଭଲ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।



# ସ୍ୱାସ୍ଥ୍ୟ ସୂଚନା

- କେତେକେ ଦିନକୁ ଥରେ ଦାନ୍ତ ଘଷି ଥାଆନ୍ତି। ହେଲେ ରାତ୍ରିଭୋଜନ ପରେ ଦାନ୍ତ ଘଷିବାକୁ ଭୁଲନ୍ତୁ ନାହିଁ।
- ଯଦି ଆପଣଙ୍କ ବ୍ଲଡ୍‌ପ୍ରେସର ପରି ସମସ୍ୟା ରହିଛି ତେବେ ନିୟମିତ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। କେବଳ ସେତିକି ନୁହେଁ, ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ବ୍ଲଡ୍‌ପ୍ରେସର କେତେ ରହୁଛି ତାହା ମାପି ନିଅନ୍ତୁ।
- ଡାଇବେଟିସ୍ ଆଜିକାଲି ସାଧାରଣ ସମସ୍ୟା ପାଲଟିଗଲାଣି। ରକ୍ତରେ ସୁଗାର ପରିମାଣ ନିୟନ୍ତ୍ରଣରେ ରଖିବାକୁ ପ୍ରତିଦିନ ସକାଳୁ ଅତିକମ୍‌ରେ ଅଧଘଣ୍ଟାଏ ଚାଲନ୍ତୁ।
- ବୟସ ବଢ଼ିବା ସହ ତାହାର ପ୍ରଭାବ ଦୃଷ୍ଟିଶକ୍ତି ଉପରେ ପଡ଼ିଥାଏ। ତେଣୁ ଏହି ସମୟରେ ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।
- ସୁସ୍ଥ ଜୀବନ ପଛରେ ଖାଦ୍ୟପେୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସବୁବେଳେ ସୁପାଚ୍ୟ ତଥା ଭିଟାମିନଯୁକ୍ତ ଖାଦ୍ୟ ଖାଆନ୍ତୁ।

## ସଂକ୍ଷେପରେ

### ଏଚ୍‌୪ବି ଭିଜାଧାରୀଙ୍କୁ ୟୁଏସ୍ ନ୍ୟାୟାଳୟଙ୍କଠାରୁ ଆଶ୍ୱସ୍ତି

ନୂଆଦିଲ୍ଲୀ,୧୦-୧୧
ଆମେରିକାରେ କାର୍ଯ୍ୟରତ ଏଚ୍‌୪ବି ଭିଜାଧାରୀଙ୍କୁ ସେଠାକାର ନ୍ୟାୟାଳୟଙ୍କଠାରୁ ଆଶ୍ୱସ୍ତି ମିଳିଛି। ଏହି ଭିଜା ଲାଭ କରିଥିବା ଭାରତୀୟଙ୍କ ଜୀବନସାଥୀ ଆମେରିକାରେ କାର୍ଯ୍ୟ କରିବା ନେଇ ଅସ୍ଥାୟୀ ଭାବେ ଆଶ୍ୱସ୍ତି ମିଳିଥିବା ଜଣାପଡିଛି। କଲମ୍ବିଆ ସର୍କିଟ ଜିଲା ଲାଗି ଆମେରିକା କୋର୍ଟ ଅଫ୍ ଅପିଲ୍ସର ୩ ଜଣିଆ ଖଣ୍ଡପୀଠ ଏହି ମାମଲାକୁ ତଳକୋର୍ଟକୁ ପଠାଇ ଦେଇଛନ୍ତି। ରାଷ୍ଟ୍ରପତି ବାରାକ ଓବାମାଙ୍କ ସମୟରେ ଭାରତୀୟ ଭିଜାଧାରୀଙ୍କ ଜୀବନସାଥୀ ଆମେରିକାରେ କାମ କରିବା ନେଇ ରହିଥିବା ଯୋଜନାକୁ ଅବୈଧ ଘୋଷଣା କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ଆଇନକୁ ରଦ୍ଦ କରିବା ଲାଗି ଆମେରିକାର ଏହି ନ୍ୟାୟାଳୟ ଅଗ୍ରାହ୍ୟ କରି ଦେଇଛନ୍ତି। ଉକ୍ତ ନିଷ୍ପତ୍ତି ଯୋଗୁ ଅନେକ ସଂଖ୍ୟାରେ ଭାରତୀୟ ତତ୍କାଳ ଭିତ୍ତିରେ ଲାଭବାନ ହେବେ ବୋଲି ଜଣାପଡିଛି। ବିଦେଶୀ କର୍ମଚାରୀଙ୍କ ଆମେରିକାରେ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ସେଠାକାର କର୍ତ୍ତୃପକ୍ଷ ଏହି ଭିଜା ସୁବିଧା ଦେଇଥାନ୍ତି। ଗ୍ରୀନ କାର୍ଡ ଅପେକ୍ଷାରେ ଥିବା ଏଚ୍‌୧ ବି ଭିଜାଧାରୀଙ୍କ ଜୀବନସାଥୀ ଆମେରିକାରେ ରହି କାମ କରିବାର ସୁବିଧା ୨୦୧୫ରେ ଓବାମାଙ୍କ ଶାସନ ସମୟରେ ନିୟମ ଆସିଥିଲା। ଏହି ନିୟମ ଦ୍ୱାରା ଭାରତୀୟ ମହିଳାମାନେ ବିଶେଷ ଭାବେ ଲାଭବାନ ହେଉଥିଲେ। କେତେକ କାରଣ ଲାଗି ଟ୍ରମ୍ପ ପ୍ରଶାସନ ଏହି ପୁରୁଣା ନିୟମକୁ ରଦ୍ଦ କରିବାକୁ ଚାହିଁଥିଲେ। ଏହାକୁ ସେଠାକାର ପ୍ରଫେଶନାଲମାନେ ଚ୍ୟାଲେଞ୍ଜ କରିଥିଲେ।

### ଡବ୍ଲ୍ୟୁଇଏଫ୍ ସମ୍ମିଳନୀରେ ଯୋଗଦେବେ ୧୦୦ ଭାରତୀୟ ସିଇଓ

ନୂଆଦିଲ୍ଲୀ,୧୦-୧୧
ସ୍ୱିଜରଲାଣ୍ଡ ସ୍କି ରିସର୍ଟ ଟାଉନଠାରେ ଜାନୁୟାରୀ ୨୦ରୁ ୨୪ ଯାଏ ଅନୁଷ୍ଠିତ ହେଉଥିବା ୱାର୍ଲଡ ଇକୋନୋମିକ୍ ଫୋରମ୍(ଡବ୍ଲ୍ୟୁଇଏଫ୍)ର ବାର୍ଷିକ ସମ୍ମିଳନୀରେ ୧୦୦ ଭାରତୀୟଙ୍କ ସମେତ ବଲିଉଡ ଅଭିନେତ୍ରୀ ଦିପିକା ପାଦୁକୋନ ଯୋଗଦେବେ। ଏଥିରେ ବିଶ୍ୱସ୍ତରର ପ୍ରାୟ ୩୦୦୦ ଶିଳ୍ପ ଲିଡରମାନେ ଯୋଗଦେବେ। ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏହି ସମ୍ମିଳନୀରେ ଯୋଗମ୍‌ଦେବାର ସମ୍ଭାବନା ରହିଛି। ଏଥିରେ ଟେକ୍ନୋଲୋଜି, ଟ୍ରେଡ ଗଭର୍ନାନ୍ସ, ନିରନ୍ତର ବିକାଶ ଭଳି ପ୍ରମୁଖ ବିଷୟଗୁଡିକ ଉପରେ ଆଲୋଚନା ହେବ। ଭାରତୀୟ ଟିମରେ ସାମିଲ ହେବାକୁ ଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଗୌତମ ଆଦାନୀ, ମୁକେଶ ଅମ୍ବାନୀ, ରାହୁଲ ଏବଂ ଶିବ ବଜାଜ, କୁମାର ମଙ୍ଗଳମ ବିର୍ଲା, ଟାଟା ଗ୍ରୁପର ଏନ୍.ଚନ୍ଦ୍ରଶେକରନ, ସଜ୍ଜନ ଜିନ୍ଦଲ, ଉଦୟ କୋଟାକ, ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର, ଆନନ୍ଦ ମହିନ୍ଦ୍ରା, ସୁନୀଲ ମିତ୍ତଲ, ରବି ରୁଇଆ, ପଓ୍ୱନ ମୁଞ୍ଜଲ, ନନ୍ଦନ ନିଲେକାନୀ, ଇନଫୋସିସର ସଲୀଲ ପାରେଖ, ଅଜୟ ପିରାମଲ, ରିସଦ ପ୍ରେମଜୀ, ଅଜୟ ସିଂ, ଫିରୋଜ ଶାହ ଗୋଦରେଜ ପ୍ରମୁଖ ରହିଛନ୍ତି। ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲିଭ ଲଭ୍ ଲାଫ୍ ଫାଉଣ୍ଡେଶନର ପ୍ରତିଷ୍ଠାତା ଭାବେ ଦିପିକା ପାଦୁକୋନ ଏଠାରେ ଯୋଗଦେବେ।

### ନୂଆ ମର୍ସିଡିଜ ବେଞ୍ଜ ଜି ୩୫୦ ଡି

ନୂଆଦିଲ୍ଲୀ,୧୦-୧୧
ମର୍ସିଡିଜ ବେଞ୍ଜ ପକ୍ଷରୁ ନୂଆ ମର୍ସିଡିଜ ବେଞ୍ଜ ଜି୩୫୦ ଡି ମଡେଲ ଭାରତ ବଜାରରେ ପ୍ରବେଶ କରିଛି। ମର୍ସିଡିଜ ବେଞ୍ଜ ଇଣ୍ଡିଆର ସିଇଓ ମାର୍ଟିନ ସ୍ୱେଙ୍କ ମୁମ୍ବାଇଠାରେ ଏହାର ବଜାର ପ୍ରବେଶ କରାଇଛନ୍ତି। ଡିଜେଲ ବର୍ଗରେ ଏହା ଆସିଥିବା ବେଳେ ନୂଆ ଯାନକୁ ବଜାର ପ୍ରବେଶ କରାଇ ଅତ୍ୟନ୍ତ ଖୁସି ବୋଲି ସିଇଓ ସ୍ୱେଙ୍କ କହିଛନ୍ତି। ଏଥିରେ ଇନ୍‌ଲାଇନ ୬ ସିଲିଣ୍ଡର ବିଶିଷ୍ଟ ଇଞ୍ଜିନ ରହିଛି। ୨୯୨୫ ସିସି ଡିସ୍‌ପ୍ଲେସମେଣ୍ଟ, ୨୧୦ କିଲୋୱାଟ, ୧୨୦୦-୩୨୦୦ ଆର୍‌ପିଏମ୍, ୬୦୦ ଏନ୍‌ଏମ୍‌ର ପିକ୍ ଟର୍କ, ୪ମାଟିକ ଅଲ୍ ହ୍ୱିଲ ଡ୍ରାଇଭ, ୯ଜି ଟ୍ରନିକ ଟ୍ରାନ୍ସମିଶନ, ୭.୪ ସେକେଣ୍ଡରେ ୦ରୁ ୧୦୦ କିମି ଆସେଲେରେଶନ, ଘଣ୍ଟା ପ୍ରତି ୧୯୯ କିମି ସର୍ବାଧିକ ବେଗ ଗ୍ରାହକ ଏଥିରେ ଲାଭ କରିପାରିବେ।

“ ଦେଶର ଅର୍ଥ ବ୍ୟବସ୍ଥା ଏକ ଚ୍ୟାଲେଞ୍ଜ ସମୟ ଦେଇ ଗତି କରୁଛି।

– ନିର୍ମଳା ସୀତାରାମନ, ଅର୍ଥମନ୍ତ୍ରୀ



“ ଦେଶର ପୁଞ୍ଜି ବଜାରରେ ବିଦେଶୀ ନିବେଶକଙ୍କ ନିବେଶ ମନ୍ଥର ରହିଛି ହେଲେ ଏହା ଦୀର୍ଘସ୍ଥାୟୀ ନୁହେଁ।

–ହର୍ଷ ଜୈନ, ସହପ୍ରତିଷ୍ଠାତା ଗ୍ରୋ



## ଭାରତୀୟଙ୍କ ଦାବିଦାରହୀନ ବ୍ୟାଙ୍କ ଜମା

# ସ୍ୱିସ୍ ସରକାରଙ୍କୁ ହସ୍ତାନ୍ତର ହୋଇପାରେ

ନୂଆଦିଲ୍ଲୀ,୧୦-୧୧




ସ୍ୱିଜରଲାଣ୍ଡର ବିଭିନ୍ନ ବ୍ୟାଙ୍କରେ ରହିଥିବା ଭାରତୀୟଙ୍କ ସମେତ ଅନ୍ୟ ଦେଶ ଲୋକଙ୍କ ଦାବିଦାରହୀନ ଜମା ସ୍ୱିସ୍ ସରକାରଙ୍କୁ ହସ୍ତାନ୍ତର ହୋଇପାରେ। ଏଭଳି ଭାବେ ଭାରତ ସହ ସଂଯୋଗ ଥିବା ୧୨ ଆକାଉଣ୍ଟର କୌଣସି ଦାବିଦାର ନ ଥିବା ଜଣାପଡିଛି। ସ୍ୱିସ୍ ବ୍ୟାଙ୍କଗୁଡିକରେ ୩୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅଣଦାବିଦାର ଅର୍ଥ ରହିଥିବା ଏକ ଖବର ସାମ୍ନାକୁ ଆସିଛି। ସେଠାକାର ସରକାର ୨୦୧୫ରେ ନିଷ୍କ୍ରିୟ ଆକାଉଣ୍ଟ ସମ୍ପର୍କରେ ସୂଚନାକୁ ସାର୍ବଜନୀନ କରିଥିଲେ। ଦାବିଦାର ପ୍ରମାଣ ଦେଇ ଅର୍ଥ ପାଇବା ଲାଗି ବ୍ୟାଙ୍କ ନିର୍ଦ୍ଦିଷ୍ଟ ସମୟ ସୀମା ଜାରି କରିଛି। ହେଲେ ପ୍ରାୟ ୧୦ ଭାରତୀୟ ଆକାଉଣ୍ଟର କେହି ଦାବିଦାର ସାମ୍ନାକୁ ଆସି ନ ଥିବା ଜଣାପଡିଛି। ଆକାଉଣ୍ଟଗୁଡିକ ଭାରତୀୟ ମୂଳ ନିବାସୀ ଏବଂ ବ୍ରିଟିଶ ସରକାରଙ୍କ ଅମଳରେ ନାଗରିକଙ୍କ ସହ ଜଡିତ ବୋଲି ଖବର ପ୍ରକାଶ ପାଇଛି। ଗତ ୬ ବର୍ଷ ମଧ୍ୟରେ କୌଣସି ଗୋଟିଏ ଖାତା ଲାଗି ମଧ୍ୟ ଭାରତୀୟଙ୍କ ପକ୍ଷରୁ ସ୍ପଷ୍ଟ ଭାବେ ଦାବି କରାଯାଇ ନ ଥିବା ସ୍ୱିସ୍ ବ୍ୟାଙ୍କିଙ୍ଗ୍ କର୍ତ୍ତୃପକ୍ଷ କହିଛନ୍ତି। ଏହି ଆକାଉଣ୍ଟଗୁଡିକ ମଧ୍ୟରେ ୨ଟି କଲିକତା, ଗୋଟିଏ ଡେରାଡୁନ ଏବଂ ୨ଟି ମୁମ୍ବାଇ ଭଳି ସ୍ଥାନ ସହ ସମ୍ପର୍କ ରହିଛି। ଏଭଳି ମଧ୍ୟ କିଛି ଆକାଉଣ୍ଟ ରହିଛି ଯାହାର ମାଲିକ ଏବେ ଫ୍ରାନ୍ସ ଏବଂ ଇଂଲଣ୍ଡରେ ରହୁଛନ୍ତି।

କିଛି ଆକାଉଣ୍ଟର ଦାବି ଲାଗି ରହିଥିବା ସମୟ ସୀମା ଆସନ୍ତା ମାସରେ ଶେଷ ହେଉଛି। ଅପରପକ୍ଷରେ ଆଉ କିଛି ଆକାଉଣ୍ଟ କ୍ଷେତ୍ରରେ ସମୟ ସୀମା ୨୦୨୦ ଯାଏ ରହିଛି। ସ୍ୱିସ୍ ବ୍ୟାଙ୍କରେ ଥିବା କିଛି ନିଷ୍କ୍ରିୟ ଆକାଉଣ୍ଟ ଲାଗି ପାକିସ୍ତାନର ବାସିନ୍ଦା ଦାବି କରିଛନ୍ତି। ଏହାବାଦ୍ ସୁଇଜରଲାଣ୍ଡ ଏବଂ ଅନ୍ୟ ଦେଶର ବାସିନ୍ଦା ମଧ୍ୟ ଆଉ କିଛି ଆକାଉଣ୍ଟଧାରୀଙ୍କ ଉତ୍ତରାଧିକାରୀ ବୋଲି ଦାବିରେ ଜଣାଇଛନ୍ତି। ୨୦୧୫ରେ ସ୍ୱିଜରଲାଣ୍ଡ ପ୍ରଥମଥର ଲାଗି ଆକାଉଣ୍ଟ ତଥ୍ୟ ସାର୍ବଜନୀନ କରିଥିଲା। ସୂଚୀରେ ମୋଟ ୨୬୦୦ ଆକାଉଣ୍ଟ ରହିଛି। ଆକାଉଣ୍ଟଗୁଡିକରେ ୪.୫ କୋଟି ସ୍ୱିସ୍ ଫ୍ରାଙ୍କ୍ (ପ୍ରାୟ ୩୦୦ କୋଟି ଟଙ୍କା) ରହିଛି। ୧୯୫୫ରୁ ଏହି ରାଶି ଉପରେ କୌଣସି ଦାବି କରାଯାଇ ନାହିଁ। ଏହି ସୂଚୀରେ ପ୍ରତିବର୍ଷ ନୂଆ ଆକାଉଣ୍ଟ ଯୋଡି ହେଉଛି। ଏହି କ୍ରମରେ ସବୁ ଦେଶକୁ ମିଶାଇ ୩,୫୦୦ ଆକାଉଣ୍ଟ ଯୋଡି ହୋଇଛି।

ସ୍ୱିସ୍ ବ୍ୟାଙ୍କ ଆକାଉଣ୍ଟରେ କଳାଧନ ପ୍ରସଙ୍ଗ ଭାରତରେ ଏକ ବିବାଦୀୟ ବିଷୟ ହୋଇପଡିଛି। ଭାରତୀୟମାନେ ଟିକସ ଲୁଚାଇବା ଲାଗି ସେମାନଙ୍କ ଟଙ୍କାକୁ ସ୍ୱିସ୍ ବ୍ୟାଙ୍କ ଆକାଉଣ୍ଟରେ ରଖୁଥିବା ସାଧାରଣରେ ବିଶ୍ୱାସ ରହିଛି। ସେହିଭଳି ରାଜରାଜୁଡା ମଧ୍ୟ ସ୍ୱିସ୍ ବ୍ୟାଙ୍କରେ ଟଙ୍କା ରଖିଥିବା ସନ୍ଦେହ କରାଯାଇଥାଏ। ଟିକସ ଆଦାନପ୍ରଦାନ ଚୁକ୍ତି ତଥା ବିଶ୍ୱ ସ୍ତରର ଚାପ ଯୋଗୁ ସ୍ୱିଜରଲାଣ୍ଡ ଏହାର ବ୍ୟାଙ୍କିଙ୍ଗ୍ ତଥ୍ୟକୁ ବିଭିନ୍ନ ଦେଶ ସହ ଆଦାନପ୍ରଦାନ କରୁଛି। ଭାରତ ସମେତ ଅନ୍ୟ ଦେଶ ସ୍ୱିଜରଲାଣ୍ଡ ସହ ସୂଚନାର ସ୍ୱତଃ ଆଦାନପ୍ରଦାନ ଚୁକ୍ତିରେ ସାମିଲ ହୋଇଛନ୍ତି। ଏହି ଚୁକ୍ତି ମୁତାବକ ଭାରତକୁ ପ୍ରଥମ ପର୍ଯ୍ୟାୟ ତଥ୍ୟ ମିଳିଛି। ଦ୍ୱିତୀୟ ପର୍ଯ୍ୟାୟ ତଥ୍ୟ ୨୦୨୦ ସେପ୍ଟେମ୍ବରରେ ଉପଲବ୍ଧ ହେବ ବୋଲି ଜଣାପଡ଼ିଛି।

# ବିଏସ୍-୬ ସ୍ପ୍ଲେଣ୍ଡର ଆଇ-ସ୍ମାର୍ଟ ଆଣିଲା ହିରୋ

ନୂଆଦିଲ୍ଲୀ,୧୦-୧୧



ହିରୋମୋଟୋକର୍ପ ଲିମିଟେଡ ପକ୍ଷରୁ ଦେଶର ପ୍ରଥମ ବିଏସ୍-୬ ମୋଟର ସାଇକେଲ ସ୍ପ୍ଲେଣ୍ଡର ଆଇ-ସ୍ମାର୍ଟର ବଜାର ପ୍ରବେଶ କରାଯାଇଛି। ଆଇସିଏଟି ପ୍ରମାଣପତ୍ର ଲାଭ କରିବାର ମାତ୍ର କିଛି ମାସ ମଧ୍ୟରେ କମ୍ପାନୀ ଏହି ନୂଆ ମଡେଲଟିକୁ ବଜାରକୁ ଆଣିଛି। ନୂଆ ମଡେଲଟିରେ ଗ୍ରାହକମାନେ ୧୦୦ ସିସି ଯୁକ୍ତ ଏଫ୍‌ଆଇ ଇଞ୍ଜିନ ଲାଭ କରିପାରିବେ। ଏହା ଉଚ୍ଚ ଟର୍କ ଏବଂ ଇନ୍ଧନ ଦକ୍ଷତା ପ୍ରଦାନ କରିବ। ନୂଆ ଡାଇମଣ୍ଡ ଫ୍ରେମ, ଉନ୍ନତ ଗ୍ରାଉଣ୍ଡ କ୍ଲିୟରାନ୍ସ, ଫ୍ରଣ୍ଟ ସସ୍‌ପେନସନ ଟ୍ରାଭେଲ ଏବଂ ଦୀର୍ଘସ୍ଥାୟୀ ଦୃଢତା ଏଥିରେ ଗ୍ରାହକ ପାଇପାରିବେ। ଖୁବ କମ୍ ଦିନ ମଧ୍ୟରେ ଏହି ମଡେଲଟି ବଜାରରେ ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ମଡେଲଟିର ଏକ୍ସଶୋ'ରୁମ ଦିଲ୍ଲୀ ମୂଲ୍ୟ ୬୪,୯୦୦ ଟଙ୍କା ରହିଛି। ଟେକ୍ନୋ ବ୍ଲୁ ଆଣ୍ଡ ବ୍ଲାକ, ସ୍ପୋର୍ଟ ରେଡ୍ ଆଣ୍ଡ ବ୍ଲାକ, ଫୋର୍ସ ସିଲଭର ଆଣ୍ଡ ହେଭି ଗ୍ରେ ରଙ୍ଗରେ ଏହା ଆସୁଛି। ସେଲ୍ଫ ଡ୍ରମ କାଷ୍ଟ ଏବଂ ସେଲ୍ଫ ଡିସ୍କ କାଷ୍ଟ ଭଳି ଭାରିଆଣ୍ଟରେ ମଡେଲଟି ଉପଲବ୍ଧ। ବିଏସ୍-୬ ନିୟମ ଅନୁପାଳନକୁ ଧ୍ୟାନରେ ରଖି ନୂଆ ମଡେଲଟିକୁ ବଜାର ପ୍ରବେଶ କରାଯାଇଥିବା ହିରୋ ମୋଟୋକର୍ପର ଗ୍ଲୋବାଲ ପ୍ରଡକ୍ଟ ପ୍ଲାନିଂ ମାଲୋ ଲେ ମାସନ କହିଛନ୍ତି।

# ହ୍ୟୁଣ୍ଡାଇ ପକ୍ଷରୁ କାର୍ କେୟାର କ୍ୟାମ୍ପ

କଲିକତା,୧୦-୧୧



ହ୍ୟୁଣ୍ଡାଇ ପକ୍ଷରୁ ମେଗା କାର୍ କେୟାର କ୍ୟାମ୍ପ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି କ୍ୟାମ୍ପର ଲାଭ କମ୍ପାନୀର ଗ୍ରାହକମାନେ ଏହାର ଡିଲରଶିପଗୁଡିକରେ ଚଳିତ ମାସ ୧୬ ଯାଏ ନେଇ ପାରିବେ। ଏହି ସମୟରେ ଗ୍ରାହକଙ୍କୁ ସ୍ୱତନ୍ତ୍ର ଅଫର ଏବଂ ଡିସ୍‌କାଉଣ୍ଟ ପ୍ରଦାନ କରାଯିବ। ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ସିକିମରେ ଗ୍ରାହକମାନେ ଏହି ରିହାତି ସୁବିଧା ପାଇପାରିବେ। ମୋମିନପୁର ଏବଂ ତଙ୍ଗ୍ରାଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ପ୍ରମୁଖ ଟାକ୍ସି ଆଗ୍ରିଗେଟର ଓଲା ଏବଂ ଓବର ପ୍ରତିନିଧିଙ୍କ ଉପସ୍ଥିତି କ୍ରମେ ଏହି କ୍ୟାମ୍ପର ଆରମ୍ଭ କରାଯାଇଥିଲା।

# ଲଗାତର ୩ ମାସ ଲାଗି କମିଲା ଶକ୍ତି ଚାହିଦା

ନୂଆଦିଲ୍ଲୀ,୧୦-୧୧

ଦେଶରେ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଏହା ଜଟିଳ ହେଉଥିବା ଜଣାପଡିଛି। ଲଗାତର ଭାବେ ୩ ମାସ ଲାଗି ଦେଶର ଶକ୍ତି ଚାହିଦା ହ୍ରାସ ଘଟିଛି। ଶକ୍ତିବିତରଣ କରୁଥିବା କମ୍ପାନୀଙ୍କଠାରୁ କ୍ରୟ ଚାହିଦା ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଅକ୍ଟୋବରରେ ୧୩.୨%କୁ ହ୍ରାସ ଘଟିଥିବା ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ଅଥରିଟି ଦେଇଥିବା ସୂଚନାରୁ ଏହା ସାମ୍ନାକୁ ଆସିଛି। ଗତ ୨ ବର୍ଷ ମଧ୍ୟରେ ପ୍ରଥମଥର ଲାଗି ଚଳିତ ବର୍ଷ ଅଗଷ୍ଟରେ ଶକ୍ତି ଚାହିଦା ହ୍ରାସ ଘଟିଛି। କେବଳ ଏହି କ୍ଷେତ୍ର ନୁହେଁ ଅଟୋମୋବାଇଲ,ରିୟଲ ଇଷ୍ଟେଟ ଏବଂ ଖାଉଟି ସାମଗ୍ରୀ ଭଳି ଅନ୍ୟ କ୍ଷେତ୍ରରେ ଏବେ ମାନ୍ଦାବସ୍ଥା ଦେଖାଦେଇଛି। ଦେଶର ଅଟୋମୋବାଇଲ ହବ୍ କୁହାଯାଉଥିବା ତାମିଲନାଡୁ ଏବଂ ମହାରାଷ୍ଟ୍ର ଭଳି ରାଜ୍ୟ ସମେତ ବୟନ ଓ ରସାୟନ ଶିଳ୍ପର ପ୍ରମୁଖ ମାନୁଫାକଚରିଂ କେନ୍ଦ୍ର ଭାବେ ପରିଗଣିତ ଗୁଜରାଟରେ ଶକ୍ତି ଚାହିଦା କମ୍ ହୋଇଛି। ଶିଳ୍ପ କ୍ଷେତ୍ରର କାର୍ଯ୍ୟକଳାପ କମିବାରୁ ଏଭଳି ସ୍ଥିତି ଉପୁଜିଥିବା ଡେଲଏଟ ଟଚ୍ ତୋମାତ୍ସୁର ପାର୍ଟନର ଦେବାଶିଷ ମିଶ୍ର କହିଛନ୍ତି। ସେହିଭଳି ମୌସୁମୀ ଯୋଗୁ ଜଳସେଚନ କ୍ଷେତ୍ରର ଶକ୍ତି ଚାହିଦା କମିଛି। ନିକଟରେ ମୁଡିସ୍ ଇନଭେଷ୍ଟର୍ସ ସର୍ଭିସ ଭାରତର କ୍ରେଡିଟ ରେଟିଂ ଆଉଟଲୁକକୁ ନେଗେଟିଭ ଦର୍ଶାଇଛି। ଦେଶର ବିଭିନ୍ନ ସ୍ଥିତିକୁ ବିଚାର କରି ମୁଡିସ୍ ଏଭଳି ରେଟିଂ ପ୍ରଦାନ କରିଛି।


## BHUBANESWAR MUNICIPAL CORPORATION

No.31385 Date.07.11.2019

**NATIONAL COMPETITIVE BIDDING THROUGH e-Procurement**
**Bid Reference No - BMC-DIV-I-07/2019-20**

On behalf of the Commissioner, Bhubaneswar Municipal Corporation (BMC), **City Engineer**, Bhubaneswar Municipal Corporation invites **Percentage Rate Bids for the work mentioned below** through **e-Procurement** in conformity with the terms and conditions of this Advertisement and the Detailed Tender Call Notice (DTCN) in Two Bid system (Part-I: General & Technical Bid and Part-II: Financial Bid / Price Bid / BOQ) from intending bidders fulfilling the eligibility criteria mentioned in this Notice and other qualifying requirements mentioned in this DTCN. **Bidders are also required to be registered with Odisha State Government in the class specified in the DTCN or else the successful bidder shall get themselves registered with Govt. of Odisha (If not registered) in appropriate class in line with the requirement of DTCN before signing of agreement.** Agreement is to be drawn up by BMC with the successful/selected bidder in the prescribed contract form of BMC (attached to the DTCN). Each bid should be submitted on-line through the website ***www.tendersodisha.gov.in*** by eligible bidders. The bidders should have necessary Portal Enrolment (Digital Signature Certificate) under e-procurement Process of Govt. of Odisha in required class/category. For queries, if any on this DTCN, intending bidders may contact Executive Engineer - 1/City Engineer, Bhubaneswar Municipal Corporation. Bhubaneswar.

| Sl. No. | Name of the work | Approx. Estimated. Cost In Rs. | E.M.D in Rs. * | Cost of Bid Documents Including GST in Rs. | Period of Completion | Class of Contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Reclamation of Taria Tank Waterbody in BMC Ward No.23 | **21882202/-** | 2,18,900/- | 11,200/- | 6 (Six) Months | 'B' and "A" Class |
| 2 | Reclamation of Ananta Basudev Purohit Tank Waterbody at GGP in BMC Ward No.19 | **22447659/-** | 2,24,500/- | 11,200/- | 6 (Six) Months | 'B' and "A" Class |

**1. Time Schedule for Bidding:**

| Sl.No. | Description | Critical Dates |
|---|---|---|
| I | **Period of availability of tenders on-line for bidding** | **From Dt.15.11.2019 (11.00 AM) to Dt.29.11.2019 (5.00 PM)** |
| ii | **Last date & time of seeking clarifications (if any)** | **Dt.27.11.2019 (5.00 PM)** |
| iii | **Last date & time of bidding on-line** | **Dt.29.11.2019 (5.00 PM)** |
| iv | **Date & time of opening of the Technical Bids received on-line** | **Dt.30.11.2019 (11.00 AM onwards)** |
| v | **Date & time of opening of Price Bid/Financial Bid/ DTCN Part-II** | **To be intimated later to the bidder(s) found qualified after checking and evaluation of Technical Bids received on-line.** |

2. Other details can be seen in the bidding document/DTCN available in website ***www.tendersorissa.gov.in*** ***(for view, download and bidding) and in BMC website www.bmc.gov.in (for view and download only).***
3. Subsequent corrigendum, if required, shall appear in these websites.
4. Authority reserves the right to reject any or all the tenders without assigning any reasons thereof subject to the limitations prescribed by Central Vigilance Commission.

By Order of Commissioner, BMC
City Engineer
Bhubaneswar Municipal Corporation

**Progress Through Partnership for a Better Bhubaneswar**



## GOVERNMENT OF ODISHA
## DEPARTMENT OF HIGHER EDUCATION

### INVITATION OF APPLICATIONS FOR "GOPABANDHU SIKHYA SAHAYATA YOJANA" FOR THE YEAR 2018-19 AND 2019-20

**No. N-63:-** A financial assistance scheme captioned as "Gopabandhu Sikhya Sahayata Yojana" is being implemented by Higher Education Department, Govt. of Odisha vide Resolution No. HE-BUD-Policy-0002-2018-1189/HE, Dated. 16.01.2019 for the students pursuing General / Technical / Professional Degree and Post Graduate courses in the University and Educational Institutions of Odisha (both Government and Non-Government) belonging to families of a) HIV / AIDS affected parents, b) Households without shelter, c) Destitute/living on alms, d) Manual Scavengers, e) Particularly Vulnerable Tribal Groups, f) Legally released bonded labourers and g) Single mother family.

The financial assistance shall be provided to students of above said category @ Rs.20,000/- per annum for their entire course period. The detailed guidelines, advertisement and application form are available in the website of Higher Education department **(www.dheodisha.gov.in)**.

Desirous students can download the application form from the Department website, fill it up and submit it to the Principal/ Head of the Institution of their respective Colleges/Institutions by 30.11.2019.

**ELIGIBILITY CRITERIA FOR FINANCIAL ASSISTANCE:**
a) The student must be a resident of Odisha and should belong to aforementioned category families.
b) Annual family income of the student from all sources must not exceed Rs.1.20 lakh.
c) The students should pursue their Graduate and Post-Graduate course on regular mode in any General/Technical or Professional courses in any Govt. or Govt. recognized private Colleges/ Institutes /Universities of the State.

**DOCUMENTS TO BE SUBMITTED ALONGWITH THE APPLICATION:**

| Sl. No. | Type of document | Category of student |
|---|---|---|
| 1. | a) Copy of the Resident Certificate/Annual Family Income Certificate from the competent authority, i.e. Tahasildar/ Additional Tahasildar. b) Copy of the Identity card of the student, c) Bank Pass Book having Account Number & IFSC Code and other details | For all categories of students |
| 2. | Medical Certificate from competent Medical Authority | Parents suffering from HIV / AIDS |
| 3. | Certificate being households without shelter from competent Revenue Officer not below the rank of Addl. Tahasildar | Households without shelter |
| 4. | Certificate being a single mother from District Social Welfare Officer | Single mother family |
| 5. | Certificate being Destitute/ Living on alms from the local Municipal Corporation /Municipality / NAC or Block Development Officer | Destitute / Living on alms |
| 6. | Certificate being Manual Scavenger from local Municipal Corporation/Municipality / NAC authority | Manual Scavenger |
| 7. | Certificate being a Particularly Vulnerable Tribal Groups from the District Welfare Officer | Particularly Vulnerable Tribal Groups |
| 8. | Certificate being a Legally Released Bonded Labourer from the District Labour Officer | Legally Released Bonded Labourer |

**SCHEDULED TIME LINE:**

| | ACTIVITIES | DATE |
|---|---|---|
| 1. | Submission of application by the students with relevant documents to the Institute | By 30th November, 2019 |
| 2. | Scrutiny & forwarding of application by Institutes to concerned Collectors & District Magistrates. | By 15th December, 2019 |
| 3. | Recommendation of applications by the concerned Collectors to the Institutions | By 31st December, 2019 |
| 4. | Forward of recommended applications by the Institutes to the Higher Education Department | By 15th January, 2020 |

The applications should be complete in all respects and should be accompanied by all relevant documents. Applications, incomplete in any respect, are liable to be rejected. The applications received after the last date will not be considered.

For any assistance, please contact No. 0674- 2322460 / 2395650.

11001/11/0019/1920 *Sd./- Commissioner-cum-Secretary to Government*

## ସଂକ୍ଷେପରେ

### ମେସିଙ୍କ ୩୪ତମ ହ୍ୟାଟ୍ରିକ

ବାର୍ସିଲୋନା,୧୦।୧୧: ବାର୍ସିଲୋନା ସୁପରଷ୍ଟାର ଲିଓନେଲ ମେସିଙ୍କ ହ୍ୟାଟ୍ରିକ ବଳରେ ରବିବାର ବାର୍ସିଲୋନା ୪-୧ ଗୋଲରେ ସେଲ୍‌ଟା ଭିଗୋକୁ ହରାଇ ଦେଇଛି। ମେସିଙ୍କ ଲା ଲିଗା ଲିଗ୍ କ୍ୟାରିୟରର ଏହା ୩୪ତମ ହ୍ୟାଟ୍ରିକ। ଏଥିସହିତ ସେ ନିଜର ଚିରପ୍ରତିଦ୍ୱନ୍ଦ୍ୱୀ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ସମକକ୍ଷ ହୋଇଛନ୍ତି। ପୂର୍ବତନ ରିଅଲ ମାଡ୍ରିଡ୍ ଖେଳାଳିଙ୍କ ନାମରେ କ୍ଲବ ସ୍ତରରେ ସମାନ ସଂଖ୍ୟକ ହ୍ୟାଟ୍ରିକ ଗୋଲ ରହିଛି। ମ୍ୟାଚ୍‌ର ୨୩ତମ ମିନିଟ୍‌ରେ ପ୍ରଥମ ଗୋଲ ଦେଇଥିବା ମେସି ୪୫+୧ ଓ ୪୮ ତମ ମିନିଟ୍‌ରେ କ୍ରମାଗତ ଦୁଇଟି ଗୋଲ ହ୍ୟାଟ୍ରିକ ପୂରଣ କରିଥିଲେ। ସେର୍ଗିଓ ବାସକ୍ୟୁଟ୍ସ ଚତୁର୍ଥ ଗୋଲ ଦେଇଥିଲେ। ପରାଜୟ ପରେ ପ୍ରତିପକ୍ଷ ଦଳର କୋଚ୍ ଓସ୍କାର ଗାର୍ସିଆ କହିଛନ୍ତି, କେହି ମେସିଙ୍କୁ ନିୟନ୍ତ୍ରଣ କରିପାରିବେ ନାହିଁ। ତାଙ୍କ ବିନା ଫଳାଫଳ ଭିନ୍ନ ହୋଇଥାନ୍ତା।

### ୱିଲିୟମ୍ସଙ୍କୁ ଆଇଏସ୍ଏଲ୍ ହିରୋ ଅଫ୍ ମନ୍ଥ୍ ପୁରସ୍କାର



ମୁମ୍ବାଇ,୧୦।୧୧(ପି.ଟି.)- ଅଷ୍ଟ୍ରେଲିଆ ପେସାଦାର ଫୁଟବଲର ଡେଭିଡ ୱିଲିୟମ୍ସ ଅକ୍ଟୋବର ମାସ ପାଇଁ ଇଣ୍ଡିଆନ ସୁପର ଲିଗ (ଆଇଏସ୍ଏଲ୍) ହିରୋ ଅଫ୍ ଦି ମନ୍ଥ୍ ପୁରସ୍କାର ହାସଲ କରିଛନ୍ତି। ଭାରତର ଏହି ଶ୍ରେଷ୍ଠ ଫୁଟବଲ୍ ଲିଗ୍‌ର ପୁରସ୍କାର ଦୌଡ଼ରେ ୩୧ ବର୍ଷୀୟ ୱିଲିୟମ୍ସଙ୍କ ସମେତ କେରଳ ବ୍ଲାଷ୍ଟର୍ସର ବାର୍ଥୋଲୋମ୍ୟୁ ଓଗବେଚେ, ଦୁଇଥର ଗୋଲ୍ଡେନ ବୁଟ୍ ବିଜେତା ଏଫ୍‌ସି ଗୋଆର ପେରାନ କୋରୋମିନାସ, ଜାମସେଦପୁରର ସର୍ଗିଓ କ୍ୟାସଲ ଓ ମୁମ୍ବାଇ ସିଟି ଏଫ୍‌ସିର ଅମରିନ୍ଦର ସିଂ ସାମିଲ ରହିଥିଲେ। ଗତ ମାସରେ ଅସାଧାରଣ ପ୍ରଦର୍ଶନ ପାଇଁ ୱିଲିୟମ୍ସଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ନିଜର ନୂଆ କ୍ଲବ ଏଟିକେ ପାଇଁ ସେ ୩ଟି ଗୋଲ କରିବା ସହ ଗୋଟିଏ ଗୋଲରେ ସହାୟତା ପ୍ରଦାନ କରିଥିଲେ।

### ଶୁଟିଂରେ ଭାରତକୁ ଆଉ ୩ ଅଲିମ୍ପିକ୍ କୋଟା

ଦୋହା,୧୦।୧୧(ପି.ଟି.): ସ୍ୱଳ୍ପ ବୟସ୍କ ଶୁଟର ଐଶ୍ୱାରି ପ୍ରତାପ ସିଂ ତୋମାର ଭାରତ ପାଇଁ ରେକର୍ଡ ୧୩ତମ ଅଲିମ୍ପିକ୍ କୋଟା ହାସଲ କରିଛନ୍ତି। ୧୮ ବର୍ଷୀୟ ତୋମାର ରବିବାର ଏଠାରେ ଚାଲିଥିବା ୧୪ତମ ଏସିଆନ ଚାମ୍ପିୟନଶିପ୍‌ରେ ପୁରୁଷ ୫୦ମିଟର ରାଇଫଲ ୩ ପୋଜିଶନରେ ବ୍ରୋଞ୍ଜ୍ ପଦକ ହାସଲ କରି ଏହି ସଫଳତା ପାଇଛନ୍ତି। ତୋମାର ୮ଜଣ ଶୁଟରଙ୍କୁ ନେଇ ହୋଇଥିବା ଫାଇନାଲ ଇଭେଣ୍ଟରେ ୪୪୯.୧ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଥିଲେ।

ସେହିଭଳି ଦୁଇଜଣ ଭାରତୀୟ ଶୁଟର ଅଲିମ୍ପିକ୍ କୋଟା ହାସଲ କରିଛନ୍ତି। ଏଠାରେ ଚାଲିଥିବା ୧୪ତମ ଏସିଆନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଅଙ୍ଗଦ ବୀର ସିଂ ବାଜୱା ଓ ରୌପ୍ୟ ପଦକ ବିଜେତା ମାଇରାଜ ଅହମ୍ମଦ ଖାଁ ଏହି କୋଟା ହାସଲ କରିଛନ୍ତି। ପୁରୁଷ ସ୍କିଟ ଇଭେଣ୍ଟରେ ଏହି ଦୁଇ ଖେଳାଳି ପ୍ରଥମ ଓ ଦ୍ୱିତୀୟ ସ୍ଥାନ ହାସଲ କରି ଏହି ସଫଳତା ପାଇଛନ୍ତି। ଏଥିସହିତ ଆସନ୍ତାବର୍ଷ ଆୟୋଜନ ହେବାକୁ ଥିବା ୨୦୨୦ ଅଲିମ୍ପିକ୍ସରେ ଭାରତର କୋଟା ପ୍ଲେସ ସଂଖ୍ୟା ରେକର୍ଡ ୧୫କୁ ବୃଦ୍ଧି ପାଇଛି। ଅଲିମ୍ପିକ କୋଟା ହାସଲ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଏହା ଭାରତ ପାଇଁ ସର୍ବାଧିକ। ପୂର୍ବରୁ ୨୦୧୬ ରିଓ ଓ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଭାରତ ଶୁଟିଂରେ ୧୨ଟି କୋଟା ପ୍ଲେସ ହାସଲ କରିଥିଲା। ରବିବାର ଭାରତ ମୋଟ ଉପରେ ୩ଟି କୋଟା ପ୍ଲେସ ହାସଲ କରିଛି। ଏହି ଦୁଇଜଣଙ୍କ ପୂର୍ବରୁ ଐଶ୍ୱରୀ ପ୍ରତାପ ସିଂ ତୋମାର ବ୍ରୋଞ୍ଜ୍ ଜିତି ଅଲିମ୍ପିକ କୋଟା ପ୍ଲେସ ହାସଲ କରିଥିଲେ।



"ସତ କହିବାକୁ ଗଲେ ବାମହାତୀ ଦ୍ରୁତ ବୋଲର ଖଲିଲ ଅହମ୍ମଦ ଅନ୍ତର୍ଜାତୀୟ କ୍ରିକେଟ୍ ପାଇଁ ଯୋଗ୍ୟ ଲାଗୁ ନାହାନ୍ତି।
– କ୍ରିଷ୍ଣାମାଚାରୀ ଶ୍ରୀକାନ୍ତ, ପୂର୍ବତନ ଭାରତୀୟ କ୍ରିକେଟର୍



"ଆସନ୍ତା ବର୍ଷ ଅନୁଷ୍ଠିତ ହେବାକୁ ଥିବା ଆଇସିସି ଟି୨୦ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ କିମ୍ବା ଇଂଲଣ୍ଡ ଚାମ୍ପିୟନ ହୋଇପାରନ୍ତି।
– ମାଇକେଲ ଭନ୍, ପୂର୍ବତନ ଇଂଲଣ୍ଡ କ୍ରିକେଟର୍

# ଟି୨୦ ସିରିଜ ଜିତିଲା ଭାରତ

ନାଗପୁର, ୧୦।୧୧(ପି.ଟି.)

ବାଂଲାଦେଶ ବିପକ୍ଷ ତୃତୀୟ ତଥା ଅନ୍ତିମ ଟି୨୦ କ୍ରିକେଟ୍ ମ୍ୟାଚ୍‌ରେ ଭାରତ ୩୦ ରନରେ ବିଜୟୀ ହୋଇଛି। ଫଳରେ ୩ ମ୍ୟାଚ ବିଶିଷ୍ଟ ଏହି ସିରିଜକୁ ଭାରତ ୨-୧ରେ ହାତେଇ ନେଇଛି। ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ବାଂଲାଦେଶ ଟସ୍ ଜିତ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ୫ ଉଇକେଟ ହରାଇ ୧୭୪ ରନ ସଂଗ୍ରହ କରିଥିଲା। ଜବାବରେ ବାଂଲାଦେଶ ୧୯.୨ ଓଭରରେ ୧୪୪ ରନ କରି ଅଲଆଉଟ ହେବା ସହ ପରାସ୍ତ ହୋଇଥିଲା।

୧୭୫ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ବାଂଲାଦେଶ ୧୨ ରନରେ ଲିଟନ ଦାସ ଓ ସୌମ୍ୟ ସରକାରଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଲିଟନ ୯ ରନ କରି ୱାଶିଂଟନ ସୁନ୍ଦରଙ୍କୁ କ୍ୟାଚ୍ ଦେଇ ଓ ସୌମ୍ୟ ଖାତା ଖୋଲିବାର ପୂର୍ବରୁ ଶିବମ ଦୁବେଙ୍କୁ କ୍ୟାଚ୍ ଦେଇ ଦୀପକ ଚହରଙ୍କ ଦ୍ୱାରା ଆଉଟ ହୋଇଥିଲେ। ତୃତୀୟ ଉଇକେଟରେ ମହମ୍ମଦ ମିଥୁନ ଓ ମହମ୍ମଦ ନଇମ ୬୧ ବଲରୁ ୯୮ ରନକରି ଦଳର ସ୍ଥିତି ସମ୍ଭାଳିଥିଲେ। ତେବେ ମିଥୁନ ୨ ଚୌକା ଓ ୧ ଛକା ସହ ୨୯ ବଲରୁ ୨୭ ରନ କରିଥିବା ବେଳେ ଲୋକେଶ ରାହୁଲଙ୍କୁ କ୍ୟାଚ୍ ଦେଇ ଚହରଙ୍କ ତୃତୀୟ ଶିକାର ହୋଇଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ମୁସଫିକର ରହିମ ଖାତା ଖୋଲିବା ପୂର୍ବରୁ ଦୁବେଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଏହାପରେ ଦୁବେ ନଇମଙ୍କୁ ଆଉଟ କରି ବାଂଲାଦେଶକୁ ଝଟ୍‌କା ଦେଇଥିଲେ। ନଇମ ୪୮ ବଲରୁ ୧୦ ଚୌକା ଓ ୨ ଛକା ସହ ଦ୍ରୁତ ୮୧ ରନ କରି ଦୁବେଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଅଫିଫ୍ ହୋସେନ କୌଣସି ରନ ନ କରି ଦୁବେଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ୧୬ ଓଭରରେ ଦୁଇ ଉଇକେଟ ନେଇ ମ୍ୟାଚ୍‌ର ମୋଡ ବଦଳାଇଥିଲେ। ଅଧିନାୟକ ମହମୁଦୁଲ୍ଲା ୮ ରନ କରି ୟୁଜବେନ୍ଦ୍ର ଚହଲଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଏହାପରେ ବାଂଲାଦେଶ ହାତରୁ ମ୍ୟାଚ୍ ଖସି ଯାଇଥିଲା। ସାଫିଉଲ ୪ ରନ କରିଥିବା ବେଳେ ଦୁବେଙ୍କ ତୃତୀୟ ଶିକାର ହୋଇଥିଲେ। ମୁସ୍ତାଫିଜୁର ରହମାନ ୧ ରନ କରି ଚହରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଶେଷରେ ଅମିନୁଲ ଇସ୍‌ଲାମ ୯ ରନ କରି ଆଉଟ ହେବା ସହ ଚହରଙ୍କ ଷଷ୍ଠ ଶିକାର ହୋଇଥିଲେ। ବୋଲିଂରେ ଭାରତ ତରଫରୁ ଚହର ସର୍ବାଧିକ ୬, ଦୁବେ ୩ ଓ ଚହଲ ଗୋଟିଏ ଉଇକେଟ ନେଇଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ତାରକା ଓପନର ରୋହିତ ଶର୍ମାଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ରୋହିତ ୨ ରନ କରିଥିବା ବେଳେ ସାଫିଉଲ ଇସ୍‌ଲାମଙ୍କ ବଲ୍‌କୁ ଖେଳିବାକୁ ଯାଇଥିଲେ। ତେବେ ବଲ୍ ବ୍ୟାଟ୍‌ର ଇନ୍‌ସାଇଡ୍ ଏଜ୍ ନେବା କାରଣରୁ ସେ ବୋଲ୍ଡ ହୋଇଥିଲେ। ୧୬ଟି ବଲ୍ ଖେଳି ୪ ଚୌକା ସହ ୧୯ ରନ କରିଥିବାବେଳେ ଅଭିଜ୍ଞ ଓପନର ଶିଖର ଧାୱନ ଡିପ୍ ମିଡ୍ ଉଇକେଟରେ ମହମୁଦୁଲ୍ଲାଙ୍କୁ କ୍ୟାଚ୍ ଦେଇ ସାଫିଉଲଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଏହାପରେ ଲୋକେଶ ରାହୁଲ ଓ ଶ୍ରେୟାସ ଆୟାର ଅର୍ଦ୍ଧଶତକୀୟ ପାଳି ଖେଳି ଦଳର ସ୍କୋରକୁ ଆଗେଇ ନେଇଥିଲେ। ତୃତୀୟ ଉଇକେଟରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୪୧ ବଲରୁ ୫୯ ରନ ସଂଗ୍ରହ କରିଥିଲେ। ରାହୁଲ ୩୫ଟି ବଲର ସମ୍ମୁଖୀନ ହୋଇ ୭ ଚୌକା ସହ ୫୨ ରନକରି ଅଲ-ଅମିନ ହୋସେନଙ୍କ ବଲ୍‌ରେ ମିଡଅଫ୍‌ରେ ଲିଟନ ଦାସଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ପୁଣିଥରେ ବିଫଳ ହୋଇଥିଲେ। ସେ ମାତ୍ର ୬ ରନ କରିଥିବା ବେଳେ ଲାଇନ୍ ମିସ୍ କରି ସୌମ୍ୟଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଆୟାର ସାହାସିକ ଇନିଂସ ଖେଳିଥିଲେ। ୩୩ ବଲରୁ ୩ ଚୌକା ଓ ୫ ଛକା ସହ ୬୨ ରନକରି ସ୍କୋରକୁ ଆଗେଇ ନେଉଥିବା ବେଳେ ସୌମ୍ୟଙ୍କ ବଲରେ ଲଙ୍ଗଅନ୍‌ରେ ଲିଟନକୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ସୌମ୍ୟଙ୍କ ଗୋଟିଏ ଓଭରରେ ପନ୍ତ ଓ ଆୟାର ଆଉଟ ହୋଇଥିଲେ। ଅବଶ୍ୟ ୧୫ ଓଭରର ପ୍ରଥମ ୩ଟି ବଲ୍‌ରେ ଆଫିଫ୍ ହେସେନଙ୍କୁ ଆୟାର ହ୍ୟାଟ୍ରିକ ଛକା ମାରିଥିଲେ। ମନୀଷ ପାଣ୍ଡେ ୨୨ (୧୩ ବଲ, ୩ ଚୌକା) ଓ ଶିବମ୍ ଦୁବେ ୮ ବଲରୁ ୯ ରନ କରି ଅପରାଜିତ ରହିବା ସହ ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ।



ଉଇକେଟ୍ ହାସଲ ପରେ ଦୀପକ ଚହରଙ୍କୁ ବଧାଇ ଜଣାଉଛନ୍ତି ଲୋକେଶ ରାହୁଲ।

### ଚହରଙ୍କ ହ୍ୟାଟ୍ରିକ

ରବିବାର କ୍ୟାରିୟର ଶ୍ରେଷ୍ଠ ବୋଲିଂ ଅବସରରେ ହ୍ୟାଟ୍ରିକ ଅର୍ଜନ କରିଛନ୍ତି ଭାରତର ଦୀପକ ଚହର। ସେ ନିଜ ୩ୟ ଓଭରର ଶେଷ ବଲରେ ସାଫିଉଲ୍ ଇସଲାମ୍ ଏବଂ ୪ର୍ଥ ଓଭରର ପ୍ରଥମ ବଲରେ ମୁସ୍ତାଫିଜୁର ରହମନ୍ ଓ ଦ୍ୱିତୀୟ ବଲରେ ଅମିନୁଲ ଇସ୍‌ଲାମଙ୍କୁ ଆଉଟ୍ କରି ଏହି ସଫଳତା ପାଇଛନ୍ତି। ଟି୨୦ରେ ଭାରତର ପ୍ରଥମ ବୋଲର ଭାବେ ଚହର ହ୍ୟାଟ୍ରିକ କରିଛନ୍ତି।

### ସଂକ୍ଷିପ୍ତ ସ୍କୋର

**ଭାରତ ୨୦ ଓଭରରେ ୧୭୪/୫** (ଆୟାର- ୬୨, ରାହୁଲ- ୫୨, ପାଣ୍ଡେ- ୨୨*, ଧାୱନ- ୧୯, ସାଫିଉଲ- ୨/୩୨, ଅଲ ଅମିନ- ୧/୨୨)। **ବାଂଲାଦେଶ ୧୯.୨ ଓଭରରେ ୧୪୪ ଅଲଆଉଟ** (ନଇମ- ୮୧, ମିଥୁନ -୨୭, ଚହର- ୬/୭, ଦୁବେ- ୩/୩୦, ଚହଲ- ୧/୪୩)।

### ସୁପର ଓଭରରେ ସିରିଜ୍ ଜିତିଲା ଇଂଲଣ୍ଡ

ଅକ୍‌ଲାଣ୍ଡ, ୧୦।୧୧

ଗତ ବିଶ୍ୱକପ୍ ଫାଇନାଲ ଭଳି ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ରେ ଇଂଲଣ୍ଡ ସୁପର ଓଭରରେ ନ୍ୟୁଜିଲାଣ୍ଡକୁ ମାତ୍ ଦେଇଛି। ବର୍ଷା ବାଧା ସାଜିବାରୁ ମ୍ୟାଚ ୧୧ ଓଭର ବିଶିଷ୍ଟ କରାଯାଇଥିଲା। ଉଭୟ ଦଳ ୧୪୬ ରନ୍ କରିବାକୁ ସକ୍ଷମ ହୋଇଥିଲେ। ସୁପର ଓଭରରେ ୧୮ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଓହ୍ଲାଇଥିବା ଘରୋଇ ନ୍ୟୁଜିଲାଣ୍ଡ ମାତ୍ର ୮ ରନ୍ କରିପାରିଥିଲା। ଏଥିସହିତ ଭ୍ରମଣକାରୀ ଇଂଲଣ୍ଡ ସିରିଜ୍‌କୁ ୩-୨ ବ୍ୟବଧାନରେ ଜିତି ନେଇଛି। ବିସ୍ଫୋରକ ବ୍ୟାଟିଂ କରିଥିବା ଜନି ବେୟାରଷ୍ଟୋଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ନ୍ୟୁଜିଲାଣ୍ଡ ସ୍ପିନର ମିଚେଲ ସାଣ୍ଟନରଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ କରାଯାଇଛି। ୧୪୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଓହ୍ଲାଇଥିବା ଇଂଲଣ୍ଡ ଆରମ୍ଭରୁ ୩୯ ରନ୍‌ରେ ଟମ ବାଣ୍ଟନ(୮), ଜେମ୍ସ ଭିନ୍ସ (୧୦) ଓ ଅଧିନାୟକ ଇଆନ ମୋର୍ଗାନ (୧୭) ଉଇକେଟ୍ ହାରଇଥିଲା। ଜନି ବେୟାରଷ୍ଟୋ ୧୮ ବଲରେ ୫ ଛକା ଓ ୨ ଚୌକା ସହାୟତାରେ ୪୭ ରନ୍ କରି ଆଉଟ୍ ହୋଇଥିଲେ। ତାଙ୍କ ପରେ ସାମ କୁରାନ (୨୪), ଲୁଇସ ଗ୍ରେଗୋରି (୬) ଓ ଟମ କୁରାନ (୧୨) ଆଉଟ୍ ହେବାରୁ ଦଳ ୧୦.୩ ଓଭରରେ ୧୩୪ ରନ୍ କରିଥିଲା। ନ୍ୟୁଜିଲାଣ୍ଡକୁ ଜିତିବା ପାଇଁ ବଳକା ୩ ବଲରେ ୧୩ ରନ୍ ରୋକିବାର ଥିଲା। କିନ୍ତୁ କ୍ରିସ ଜର୍ଡାନ ଅନ୍ତିମ ୩ ବଲରେ ୧୨ ରନ୍ କରି ମ୍ୟାଚ୍ ଟାଇ କରି ଦେଇଥିଲେ। ବୋଲିଂରେ ଟ୍ରେଣ୍ଟ ବୋଲ୍ଟ ଓ ମିଚେଲ ସାଣ୍ଟନର ୨ ଲେଖାଏ ଉଇକେଟ ନେଇଥିଲେ। ପୂର୍ବରୁ ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡର ଓପନର ମାର୍ଟିନ ଗୁପଟିଲ ଓ କଲିନ ମୁନ୍‌ରୋ ୫.୧ ଓଭରରେ ୮୩ ରନ୍ କରିଥିଲେ। ଗୁପଟିଲ ୨୦ ବଲରେ ୫୦ ରନ୍ କରି ଆଉଟ ହୋଇଥିଲେ। ମୁନ୍‌ରୋ ୪୬ ଓ ଟିମ ସେଇଫର୍ଟଙ୍କ ୩୯ ରନ୍‌ର ଇନିଂସ ଯୋଗୁ ଘରୋଇ ଦଳ ୧୧ ଓଭରରେ ୫ ଉଇକେଟ ହରାଇ ୧୪୬ ରନ୍ କରିଥିଲା।

# ପ୍ରଥମ ଟି୨୦ରେ ଭାରତ ବିଜୟୀ

ସେଣ୍ଟ ଲୁସିଆ,୧୦।୧୧(ପି.ଟି.)

ଭାରତୀୟ ଦଳର ଓପନିଂ ଯୋଡ଼ି ଶେଫାଳି ବର୍ମା ଓ ସ୍ମୃତି ମନ୍ଧାନାଙ୍କ ଅର୍ଦ୍ଧଶତକ ବଳରେ ପ୍ରଥମ ଟି୨୦ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ୮୪ ରନ୍‌ରେ ୱେଷ୍ଟଇଣ୍ଡିଜକୁ ହରାଇ ଦେଇଛି। ୧୫ ବର୍ଷୀୟା ଶେଫାଳି ଓ ମନ୍ଧାନାଙ୍କ ଓପନିଂ ଯୋଡ଼ି ପ୍ରଥମ ଉଇକେଟ ପାଇଁ ରେକର୍ଡ ୧୪୩ ରନ୍ କରିଥିଲେ। କ୍ୟାରିୟରର ପ୍ରଥମ ଟି୨୦ ଅର୍ଦ୍ଧଶତକ ହାସଲ କରିଥିବା ଶେଫାଳିଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଛି। ରବିବାର ସମାନ ଭେନ୍ୟୁରେ ଦ୍ୱିତୀୟ ଟି୨୦ ଖେଳାଯିବ। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଟିମ୍ ଇଣ୍ଡିଆ ଧାର୍ଯ୍ୟ ୨୦ ଓଭରରେ ୮ ଉଇକେଟ ହରାଇ ୧୮୫ ରନ୍ କରିଥିଲା। ଶେଫାଳି ଓ ମନ୍ଧାନା ୧୫.୩ ଓଭରରେ ୧୪୩ ରନ୍ ଯୋଡ଼ିଥିଲେ। ଦୁହେଁ ଭାରତ ପାଇଁ ଟି୨୦ ଫର୍ମାଟରେ ଯେକୌଣସି ଉଇକେଟ ପାଇଁ ସର୍ବାଧିକ ଭାଗୀଦାରି କରିଛନ୍ତି। ଏଥିପୂର୍ବରୁ ଥିରୁଶ କାମିନି ଓ ପୁନମ ରାଉତ ୨୦୧୩ରେ ବାଂଲାଦେଶ ବିପକ୍ଷରେ ୧୩୦ ରନ୍ କରିଥିଲେ। ଶେଫାଳି ୪୯ ବଲରେ ୭୩ ରନ୍ କରିଥିଲେ। ତାଙ୍କ ଇନିଂସରେ ୬ ଚୌକା ଓ ୪ ଛକା ସାମିଲ ଥିଲା। ଏହା ତାଙ୍କ ଅନ୍ତର୍ଜାତୀୟ ଟି୨୦ କ୍ୟାରିୟରର ପ୍ରଥମ ଅର୍ଦ୍ଧଶତକ। ମନ୍ଧାନା ୧୧ ଚୌକା ସହାୟତାରେ ୬୭ ରନ୍ କରିଥିଲେ। ଅଧିନାୟିକା ହରମନପ୍ରୀତ କୌର ୨୧ ଓ ବେଦା କ୍ରିଷ୍ଣାମୂର୍ତ୍ତୀଙ୍କ ୧୫ ରନ୍ କରିଥିଲା। ଜବାବରେ ଡାରେନ ସାମି ଜାତୀୟ କ୍ରିକେଟ ଷ୍ଟାଡିୟମ୍‌ରେ ଘରୋଇ ଦଳ ୯ ଉଇକେଟ ହରାଇ ୧୦୧ ରନ୍ କରିବାକୁ ସକ୍ଷମ ହୋଇଛି। ବିଜୟୀ ଦଳ ପାଇଁ ଶିଖା ପାଣ୍ଡେ, ରାଧା ଯାଦବ ଓ ପୁନମ ଯାଦବ ୨ ଲେଖାଏ ଉଇକେଟ ନେଇଥିଲେ।



ଶେଫାଳି ବର୍ମା

### ସଚିନଙ୍କୁ ପଛରେ ପକାଇଲେ ଶେଫାଳି

କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କ ନାମରେ ଥିବା ୩୦ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଛନ୍ତି ୧୫ ବର୍ଷୀୟା ଶେଫାଳି ବର୍ମା। ସେ ଦେଶର ସର୍ବକନିଷ୍ଠ ଖେଳାଳି ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ଅର୍ଦ୍ଧଶତକ ହାସଲ କରିଛନ୍ତି। ଏଠାରେ ୱେଷ୍ଟଇଣ୍ଡିଜ ମହିଳା ଦଳ ବିପକ୍ଷ ମ୍ୟାଚ୍‌ରେ ସିରିଜ୍‌ର ପ୍ରଥମ ଟି୨୦ ମ୍ୟାଚ୍‌ରେ ଶେଫାଳି ୪୯ ବଲରେ ୭୩ ରନ୍ କରିଥିଲେ। ତାଙ୍କର ଏଭଳି ଇନିଂସ ଯୋଗୁ ଭାରତୀୟ ଦଳ ୮୪ ରନ୍‌ରେ ମ୍ୟାଚ୍‌କୁ ଜିତି ନେଇଛି। କ୍ୟାରିୟରର ୫ମ ଟି୨୦ ମ୍ୟାଚ୍ ଖେଳୁଥିବା ଶେଫାଳି ଆରମ୍ଭରୁ ଆଟାକିଂ ଖେଳି ୬ ଚୌକା ଓ ୪ ଛକା ଲଗାଇଥିଲେ। ସେ ୧୫ ବର୍ଷ ୨୮୫ ଦିନ ବୟସରେ ପ୍ରଥମ ଅନ୍ତର୍ଜାତୀୟ ଅର୍ଦ୍ଧଶତକ ହାସଲ କରି ସଚିନଙ୍କୁ ପଛରେ ପକାଇଛନ୍ତି। ୧୯୮୯ରେ ସଚିନ ୧୬ ବର୍ଷ ୨୧୪ ଦିନ ବୟସରେ କ୍ୟାରିୟରର ପ୍ରଥମ ଟେଷ୍ଟ ଅର୍ଦ୍ଧଶତକ କରିଥିଲେ।

### ବାସ୍କେଟବଲ ପ୍ରତିଭାଙ୍କ ପାଇଁ ତାଲିମ ଶିବିର

### ପ୍ରଶିକ୍ଷଣ ଦେଲେ ଭୃଗୁବଂଶୀ ଓ ପ୍ରସନ୍ନା

ଭୁବନେଶ୍ୱର, ୧୦।୧୧(କ୍ରୀଡ଼ା ପ୍ରତିନିଧି)

ସ୍କୁଲ ପିଲାଙ୍କ ମଧ୍ୟରେ ବାସ୍କେଟବଲ ପ୍ରତି ଆଗ୍ରହ ସୃଷ୍ଟି ଉଦ୍ଦେଶ୍ୟରେ କଳିଙ୍ଗ ବାସ୍କେଟବଲ ଆସୋସିଏଶନ ଏବଂ କୋଚ୍‌ମାନଙ୍କ ଉଦ୍ୟମରେ ଏକ ପ୍ରଶିକ୍ଷଣ ଶିବିର କଳିଙ୍ଗ ଷ୍ଟାଡିୟମ ପରିସରରେ ୯ ଓ ୧୦ ତାରିଖ ଦୁଇଦିନଧରି ଅନୁଷ୍ଠିତ ହୋଇ ଯାଇଛି। ଭାରତୀୟ ବାସ୍କେଟବଲ ଦଳର ଅଧିନାୟକ ବିଶେଷ ଭୃଗୁବଂଶୀ, ପୂର୍ବତନ ଖେଳାଳି ପ୍ରସନ୍ନା ଭେଙ୍କଟେଶ୍ ଏବଂ ଓଡ଼ିଶାର ଅନ୍ତର୍ଜାତୀୟ ଖେଳାଳି ସୀତାମଣୀ ଟୁଡୁ ପିଲାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରରେ କ୍ରୀଡ଼ାଛାତ୍ରାବାସୀ ଅନ୍ତେବାସୀଙ୍କୁ ମିଶାଇ ପାଖାପାଖି ୨୦୦ ପିଲା ଯୋଗ ଦେଇଥିଲେ।



ସନ୍ଦିପ ମହାନ୍ତି ମେମୋରିଆଲ ଓପନ ଚେସ୍ ଚାମ୍ପିୟନଶିପ୍: ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁନ୍ତି ବୈଭବ।

### ବୈଭବଙ୍କୁ ଟାଇଟଲ

ଭୁବନେଶ୍ୱର, ୧୦।୧୧ (କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ସନ୍ଦିପ ମହାନ୍ତି ମେମୋରିଆଲ ଓପନ ଚେସ୍ ଚାମ୍ପିୟନଶିପ୍ ୯ ଓ ୧୦ ତାରିଖ ଦୁଇଦିନଧରି ଏଠାରେ ଅନୁଷ୍ଠିତ ହୋଇ ଯାଇଛି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ବୈଭବ ମିଶ୍ର ୮.୫ ପଏଣ୍ଟ ସହ ଚାମ୍ପିୟନ ଏବଂ ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର (୮ ପଏଣ୍ଟ) ରନର୍ସଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସ୍ୱପ୍ନିଳ ପ୍ରିୟଦର୍ଶୀ, ହର୍ଷିତ ରଞ୍ଜନ ସାହୁ, ଦାଶରଥୀ ସାହୁ, ତନ୍ମୟ ତ୍ରିପାଠୀ, ସୁହାନା ଜେନା, ରାଜେନ୍ଦ୍ର କୁମାର ସାହୁ, ରୋହନ ମୋଲ୍ଲା ଓ ଲୋଚନ କୁମାର ଦାସ ଯଥାକ୍ରମେ ୩ୟରୁ ୧୦ମ ସ୍ଥାନ ଅଧିକାର କରିଛନ୍ତି। ୨୫ ଜଣଙ୍କୁ ମୁଖ୍ୟ ପୁରସ୍କାର ସହ ୭, ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ୫ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ଟ୍ରଫି ଦିଆଯାଇ ସମ୍ମାନିତ କରାଯାଇଥିଲା। ବଂଶୀଧର ଭୋଇ ଓ ରଶ୍ମିତା ପାତ୍ର ଯଥାକ୍ରମେ ଶ୍ରେଷ୍ଠ ଭେଟେରାନ ଓ ମହିଳା ଖେଳାଳି ବିବେଚିତ ହୋଇଥିଲେ। ଚିଫ୍ ଇଲେକ୍ଟ୍ରିକାଲ୍ ଇନ୍‌ସ୍ପେକ୍ଟର ସୁରେଶ ଚନ୍ଦ୍ର ମହାରଣା ମୁଖ୍ୟ ଅତିଥି ଏବଂ ମାନଗୋବିନ୍ଦ ଦଳାଇ, ସ୍ମୃତିରଞ୍ଜନ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ପୂର୍ବାଞ୍ଚଳ ଟେନିସ କ୍ରିକେଟ: ଓଡ଼ିଶା ଚାମ୍ପିୟନ

ଭୁବନେଶ୍ୱର, ୧୦।୧୧ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ (ଓଏସଟିସିଏ) ଆନୁକୂଲ୍ୟରେ ପୂର୍ବାଞ୍ଚଳ ଟେନିସ କ୍ରିକେଟ ଚାମ୍ପିୟନଶିପ୍‌ର ୩ୟ ସଂସ୍କରଣ ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇ ଯାଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ପଶ୍ଚିମବଙ୍ଗକୁ ୬ ଉଇକେଟରେ ହରାଇ ଓଡ଼ିଶା ଚାମ୍ପିୟନ ହୋଇଛି। ଝାଡ଼ଖଣ୍ଡକୁ ତୃତୀୟ ସ୍ଥାନ ମିଳିଛି। ଟସ୍ ଜିତି ଓଡ଼ିଶା ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପଶ୍ଚିମବଙ୍ଗ ନିର୍ଦ୍ଧାରିତ ୧୫ ଓଭରରେ ୯୮ ରନ କରି ଅଲଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ରାହୁଲ ଶାହି ୨୩ ଓ ଆଶିଷ ୨୨ ରନ କରିଥିଲେ। ଓଡ଼ିଶା ପକ୍ଷରୁ ପ୍ରବୀଣ ୩ଟି ଏବଂ ସହଦେବ, ଓ ବିମଲ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୯୯ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଓଡ଼ିଶା ୧୫ ଓଭରରେ ୪ ଉଇକେଟ ହରାଇ ୧୦୦ ରନ ସଂଗ୍ରହ କରି ନେଇଥିଲା। ଦଳ ପକ୍ଷରୁ ତୁଷାର ୧୯ ବଲ୍‌ରୁ ୩୭, ବିମଲ ୨୦ ବଲ୍‌ରୁ ୩୫ ରନ କରିଥିବାବେଳେ ପ୍ରତିପକ୍ଷ ଦଳର ତଲ୍‌ହା ଖାଁ ୩ଟି ଉଇକେଟ ପାଇଥିଲେ। ଓଡ଼ିଶାର ବିମଲ ମ୍ୟାନ ଅଫ ଦି ଫାଇନାଲ ଓ ତୁଷାର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ବିବେଚିତ ହୋଇଥିଲେ। ପଶ୍ଚିମବଙ୍ଗର ତଲ୍‌ହା ଖାଁ ଶ୍ରେଷ୍ଠ ବୋଲର ଓ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପାଇଥିଲେ। ହାଉସିଂ ବୋର୍ଡ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆର ପ୍ରଶାସନିକ ମୁଖ୍ୟ ଆଶିଷ କୁମାର ସିଂ, ଓସିଏ ଅମ୍ପାୟର ଚଣ୍ଡି ପ୍ରସନ୍ନ ମହାପାତ୍ର, ଶରତ ଚନ୍ଦ୍ର ସାହୁ, ବାଳିଜ ରଞ୍ଜନ ମହାନ୍ତି, ସୋଭେନ୍ଦ୍ର ମହାରଣା, ପ୍ରଫେସର ଏଲ.କେ. ରାୟ, ଦକ୍ଷବ୍ରହ୍ମା ରାଉତରାୟ, ଦୀପକ ହଂସ, ଚୌଧୁରୀ ଅଶୋକ ଚନ୍ଦ୍ର, ବୁଦ୍ଧେଶ୍ୱର ବେହେରା, ଅଖିଳେଶ୍ୱର ତିୱାରୀ, ବାସୁଦେବ ଓଝା, ବଦ୍ରିନାରାୟଣ ପାତ୍ର, ଶଶିକାନ୍ତ ବେଉରା, ଜଗମୋହନ ସ୍ୱାଇଁ, ରିଣ୍ଟୁ ମିତ୍ର, ରାଗିଣୀ ମିତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଓଡ଼ିଶା ଟେନିସ କ୍ରିକେଟ ଦଳର ଖେଳାଳିମାନେ।

## ସଂକ୍ଷେପରେ

### ରିଙ୍ଗ୍‌ରେ ଆଉ ଜଣେ ବକ୍ସରଙ୍କ ମୃତ୍ୟୁ



ସିଡ୍‌ନୀ,୧୦।୧୧(ଏଏଫ୍‌ପି): ମିଡ୍‌ଲୱେଟ ବକ୍ସର ଡ୍ୱିଟ ରିଚେଙ୍କ ରବିବାର ଟ୍ରେନିଂବେଳେ ରିଙ୍ଗ୍‌ରେ ମୃତ୍ୟୁ ହୋଇଛି। ଏହା ଅଷ୍ଟ୍ରେଲିଆ ବକ୍ସିଂ ଜଗତକୁ ସ୍ତବ୍ଧ କରି ଦେଇଛି। ଡେଲି ଟେଲିଗ୍ରାଫରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁଯାୟୀ, ୨୭ ବର୍ଷୀୟ ବକ୍ସରଙ୍କ ଦେହରେ ଶଟ ବାଜିବା ପରେ ସେ ରିଙ୍ଗ୍‌ରେ ନିଜ କର୍ନରକୁ ଚାଲିଯାଇଥିଲେ। ସେଠାରେ ସେ ଚେତା ହରାଇ ପଡ଼ି ଯାଇଥିଲେ। ଉପସ୍ଥିତ ଅଫିସିଆଲ ତାଙ୍କୁ ବଞ୍ଚାଇ ପାରି ନ ଥିଲେ। ଏହାକୁ ରିଚେଙ୍କ ପ୍ରମୋଟର ଜ୍ୟାକ ଇଲିସ ସ୍ପଷ୍ଟ କରିଛନ୍ତି। ବହୁତ ଦୁଃଖର ସହିତ ଘୋଷଣା କରିବାକୁ ପଡ଼ୁଛି, କାଓ ବୟ ଭାବେ ପରିଚିତ ରିଚେ ଆଉ ନାହାନ୍ତି। ସେ ଯାହା ଭଲ ପାଉଥିଲେ, ସେହି କାର୍ଯ୍ୟବେଳେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ପ୍ରମୋଟର ଓ ବନ୍ଧୁ ଭାବେ ଏଭଳି ଦୁଃଖ ସହ୍ୟ କରିବା କଷ୍ଟକର ବୋଲି ଜ୍ୟାକ କହିଛନ୍ତି। ରିଚେଙ୍କ ନାମରେ ୧୯-୨ ରେକର୍ଡ ଥିଲା। ରିଙ୍ଗ୍‌ରେ ବକ୍ସରଙ୍କ ମୃତ୍ୟୁ ଘଟିବାରେ ଚଳିତବର୍ଷ ଏହା ଚତୁର୍ଥ ଘଟଣା। ଗତ ମାସରେ ବକ୍ସର ପାଟ୍ରିକ ଡେଙ୍କ ମୁଣ୍ଡରେ ଗମ୍ଭୀର ଆଘାତ ଲାଗିବା ପରେ ଜୀବନ ସଂଘର୍ଷରେ ହାରି ଯାଇଥିଲେ। ସେ ଚାଲର୍ସ କନୱେଲଙ୍କ ବିପକ୍ଷରେ ସିକାଗୋଠାରେ ନକଆଉଟ୍ ମ୍ୟାଚ୍ ଖେଳୁଥିଲେ। ଗତ ଜୁଲାଇରେ ସାନ ନିକୋଲାସଙ୍କ ସହ ମୁକାବିଲା କରୁଥିବା ଆର୍ଜେଣ୍ଟିନା ହୁଗୋ ସାଣ୍ଟିଲାନ ଜୀବନ ହରାଇଥିଲେ। ସେହିଭଳି ମୁଣ୍ଡରେ ଆଘାତ ଲାଗିବାରୁ ରୁଷିଆର ମାକ୍ସିମ ଡାଡାଶେଭଙ୍କ ରିଙ୍ଗ୍‌ରେ ମୃତ୍ୟୁ ହୋଇଥିଲା।

### ବିସିଏ ଏଜିଏମ୍: ଅମ୍ବୁଡ୍ସମ୍ୟାନ ନିଯୁକ୍ତ

ଭଦୋଦୋରା,୧୦।୧୧(ପି.ଟି.): ରବିବାର ଏଠାରେ ବରୋଦା କ୍ରିକେଟ ଆସୋସିଏଶନ (ବିସିଏ)ର ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଆସୋସିଏଶନ ଅମ୍ବୁଡ୍ସମ୍ୟାନ ବା ଲୋକପାଳ ନିଯୁକ୍ତ କରିଛି। ଅବସରପ୍ରାପ୍ତ ବିଚାରପତି ସି.ଜେ. ଠାକ୍କର ଏହି ପଦରେ ନିଯୁକ୍ତ ହେବେ ବୋଲି କୁହାଯାଇଛି। ଏଥିସହିତ ବିସିଏ ଅଧ୍ୟକ୍ଷ ପ୍ରଣବ ଅମିନ୍ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଭଳି ଟୁର୍ନାମେଣ୍ଟ ଆୟୋଜନ କରିବାକୁ ସହମତି ପ୍ରକାଶ ପାଇଛି ବୋଲି କହିଛନ୍ତି। କ୍ରିକେଟ ସମ୍ପର୍କିତ ସମସ୍ୟାର ସମାଧାନ ପାଇଁ ଅମ୍ବୁଡ୍ସମ୍ୟାନ ନିଯୁକ୍ତ କରାଯାଇଛି ବୋଲି ସେ କହିଛନ୍ତି। ଆସୋସିଏଶନର ନବ ନିର୍ବାଚତ କର୍ମକର୍ତ୍ତାମାନେ କ୍ରିକେଟକୁ ସ୍ୱଚ୍ଛ କରିବା ସହ ଏହାର ପ୍ରଚାର ଓ ପ୍ରସାର ପାଇଁ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି।

## ଇଣ୍ଡିଆନ ଓପନ ଗେଟ୍‌ବଲ | ଓଡ଼ିଶା 'ଏ' ଚାମ୍ପିୟନ

ଭୁବନେଶ୍ୱର, ୧୦।୧୧ (କ୍ରୀଡ଼ା ପ୍ରତିନିଧି)

ଅନ୍ତର୍ଜାତୀୟ ଇଣ୍ଡିଆନ ଓପନ୍ ଗେଟ୍‌ବଲ ଟୁର୍ନାମେଣ୍ଟର ୬ଷ୍ଠ ସଂସ୍କରଣ ସ୍ଥାନୀୟ ରେଲୱେ ଷ୍ଟାଡିୟମରେ ରବିବାର ଉଦ୍‌ଯାପିତ ହୋଇଛି। ଏହାର ଦଳଗତ ଇଭେଣ୍ଟ ଫାଇନାଲରେ କ୍ୟାପିଟାଲ ହାଇସ୍କୁଲକୁ ୨୧–୯ ପଏଣ୍ଟରେ ହରାଇ ଓଡ଼ିଶା 'ଏ' ଚାମ୍ପିୟନ ହୋଇଛି। ସତୀଶ ପୃଷ୍ଟି, ରଞ୍ଜନ କୁମାର ପାତ୍ର, ଅଭିଷେକ ମହାନ୍ତି, ସୁରେଶ କାଣ୍ଡି ଓ ରଞ୍ଜନ କୁମାର ମିଶ୍ର ଓଡ଼ିଶା 'ଏ' ଦଳର ସଦସ୍ୟ ଥିଲେ। ସେମିଫାଇନାଲରେ ତାଇୱାନ 'ବି'କୁ ଓଡ଼ିଶା 'ଏ' ଏବଂ ୟୁଜି ହାଇସ୍କୁଲ ପଳାଶୁଣିକୁ କ୍ୟାପିଟାଲ ହାଇସ୍କୁଲ ପରାସ୍ତ କରିଥିଲା। ପ୍ରତିଯୋଗିତାର ଡବଲ୍ସରେ ଓଡ଼ିଶା 'ଏ'କୁ ହରାଇ ଓଡ଼ିଶା 'ବି' ଚାମ୍ପିୟନ ହୋଇଛି। ରଞ୍ଜନ କୁମାର ପାତ୍ର ଓ ଶ୍ୟାମସୁନ୍ଦର ଦାସ ଓଡ଼ିଶା 'ବି' ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ।

ପ୍ରତିଯୋଗିତାରେ ମୋଟ ୨୪ଟି ଦଳ ଭାଗ ନେଇଥିଲେ। ଭାରତ ବାହାରୁ ଇଣ୍ଡୋନେସିଆ ଓ ଜାପାନର ଗୋଟିଏ ଲେଖାଏ ଏବଂ ତାଇୱାନର ୩ଟି ଦଳ ଅଂଶଗ୍ରହଣ କରିଥିଲେ। ଏହା ବ୍ୟତୀତ ଓଡ଼ିଶା ବାହାରୁ ମହାରାଷ୍ଟ୍ର, ଆସାମ, ପଶ୍ଚିମବଙ୍ଗ, ଦିଲ୍ଲୀ, ହରିୟାଣା ଓ ଚଣ୍ଡିଗଡ଼ରୁ ଗୋଟିଏ ଲେଖାଏ ଦଳ ଭାଗ ନେଇଥିଲେ। ଅନୁଗୋଳ–ସୁକିନ୍ଦା ରେଲୱେର ପରିଚାଳନା ନିର୍ଦ୍ଦେଶକ ଦିଲୀପ କୁମାର ସାମନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏସିଆ ପାସିଫିକ୍ ଗେଟ୍‌ବଲ ୟୁନିୟନ ଚେୟାରମ୍ୟାନ ଲିନ୍, ମନଦୀପ୍ତି ମିତ୍ର ଓ ପ୍ରଶାନ୍ତ କୁମାର ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଣ୍ଡିଆନ ଓପନ୍ ଗେଟ୍‌ବଲ ଟୁର୍ନାମେଣ୍ଟ ସଭାପତି ଦ୍ୱୈପାୟନ ପଟ୍ଟନାୟକ, ସମ୍ପାଦକ ଦିଲୀପ କୁମାର ଦାଶ, କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଚାମ୍ପିୟନ ଓଡ଼ିଶା 'ଏ' ଦଳର ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

ଜନ୍ମଦିନ ଶୁଭେଚ୍ଛା



ଇପ୍‌ସିତା ସାସମଲ (ଖୁସି)

ଜନ୍ମଦିନର ଶୁଭ ମୁହୂର୍ତ୍ତରେ ଝରିପଡୁ ଆଶୀର୍ବାଦ ପ୍ରଭୁ ଶ୍ରୀଜଗନ୍ନାଥ ମଙ୍ଗଳ କରନ୍ତୁ ପୂର୍ଣ୍ଣ ହେଉ ମନୋରଥ। କୋଟି ପରମାୟୁ ଦିଅନ୍ତୁ ଠାକୁରେ, ଦିଅନ୍ତୁ କୃପା ବରଷି ଚଲାପଥେ ତୁମ ପୁଷ୍ପ ବୃଷ୍ଟି ହେଉ ଦୀର୍ଘାୟୁ ହୁଅ ଇପ୍‌ସିତା।

ଶୁଭେଚ୍ଛା ସହ

ବାପା, ମାଆ, ଭାଇ, ଭଉଣୀ ଓ ପରିବାରବର୍ଗ

ଧ-୧୫୧୭୪

■ ଇମ୍ରାନ ମେମୋରିଆଲ ଟ୍ୱିନସିଟି କ୍ରିକେଟ

### ସମ୍ମାନିତ ହେବେ ୫ ଅମ୍ପାୟର

ଭୁବନେଶ୍ୱର, ୧୦।୧୧ (କ୍ରୀଡ଼ା ପ୍ରତିନିଧି)

ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ଖେଳପଡ଼ିଆରେ ଚାଲିଥିବା ମହମ୍ମଦ ଇମ୍ରାନ୍ ମେମୋରିଆଲ ଟ୍ୱିନ୍‌ସିଟି ୧୭ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ସୋମବାର ପ୍ରଥମ ସେମିଫାଇନାଲରେ ଜୁଭେନାଇଲ କ୍ରିକେଟ ଏକାଡେମୀ ଓ ୟୁନିୟନ ସ୍ପୋର୍ଟିଂ ମଧ୍ୟରେ ମୁକାବିଲା ହେବ। ସେହିପରି ମଙ୍ଗଳବାର ଦ୍ୱିତୀୟ ସେମିଫାଇନାଲରେ ପାରାମାଉଣ୍ଟକୁ ଭେଟିବ ରାମେଶ୍ୱର ସ୍ପୋର୍ଟିଂ। ବୁଧବାର ଫାଇନାଲ ପରେ ଉଦ୍‌ଯାପନୀ ଉତ୍ସବରେ ୫ ଜଣ ଓସିଏ(ଓଡ଼ିଶା କ୍ରିକେଟ ଆସୋସିଏଶନ) ପ୍ୟାନେଲ ଅମ୍ପାୟରଙ୍କୁ ସୌମ୍ୟରଞ୍ଜନ ଦାସ ସ୍ମୃତି ସମ୍ମାନରେ ସମ୍ମାନିତ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ପ୍ରକାଶ କରାଯାଇଛି। ମନୁ ମହାପାତ୍ର, ବିଭୁ ଶତପଥୀ, ଅକ୍ଷୟ ଚାନ୍ଦ, ବଲ୍ଲଭ ସାହୁ, ଦକ୍ଷବ୍ରହ୍ମା ରାଉତରାୟ, ପ୍ରଦୀପ କୁମାର ଜେନା ଓ ଶରତ ଚନ୍ଦ୍ର ସାହୁଙ୍କୁ ନେଇ ଗଠିତ ଜୁରି କମିଟି ଚୟନ କରିଥିବା ୫ ଅମ୍ପାୟର ହେଲେ ରମାକାନ୍ତ ମହାନ୍ତି, ବୁଲୁ ପଟ୍ଟନାୟକ(ଉଭୟେ କେନ୍ଦୁଝର), ଆଲୋକ କୁମାର ଦାସ (କଟକ), ପ୍ରବୀର କୁମାର ବିଶ୍ୱାସ (ମୟୂରଭଞ୍ଜ) ଓ ପବିତ୍ର କୁମାର ପ୍ରଧାନ(ଭୁବନେଶ୍ୱର)। ପ୍ରକାଶଯୋଗ୍ୟ, ସ୍ୱର୍ଗତ ସୌମ୍ୟରଞ୍ଜନ ଦାସ ୨୦୦୬ରେ ଓସିଏ ଏବଂ ୨୦୦୯ରେ ବିସିସିଆଇ ଲେଭଲ–୧ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ୨୦୧୭ ଏପ୍ରିଲ ୨୬ରେ ପୁରୀ ଜିଲା ସାକ୍ଷୀଗୋପାଳଠାରେ ଏକ ସଡ଼କ ଦୁର୍ଘଟଣାରେ ସେ ମୃତ୍ୟୁବରଣ କରିଥିଲେ।

■ ଶରଣକୁଳ ସର୍ବଭାରତୀୟ ଫୁଟବଲ୍

## ସୁନାବେଡ଼ାକୁ ହରାଇ ମଧ୍ୟପ୍ରଦେଶ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ମଧ୍ୟପ୍ରଦେଶ ଦଳ।

ନୟାଗଡ଼ ଅଫିସ,୧୦।୧୧

ନୟାଗଡ଼ ଜିଲା ଶରଣକୁଳ ଲଡୁକେଶ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ୬୦ତମ ସର୍ବଭାରତୀୟ ଫୁଟବଲ୍ ଟୁର୍ନାମେଣ୍ଟରେ ମଧ୍ୟପ୍ରଦେଶର ରତଲାମ୍ ସିଟି ଫୁଟବଲ୍ କ୍ଲବ ଚାମ୍ପିୟନ ହୋଇଛି। ନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆଠାରେ ରବିବାର ଖେଳାଯାଇଥିବା ଫାଇନାଲରେ ମଧ୍ୟ ପ୍ରଦେଶ ଟାଇବ୍ରେକର ସହାୟତାରେ ୩–୨ ଗୋଲ୍‌ରେ ସାଇ ହାଲ୍ ସୁନାବେଡ଼ାକୁ ପରାସ୍ତ କରିଛି। ଖେଳର ପ୍ରଥମାର୍ଦ୍ଧର ୩୩ ମିନିଟରେ ମଧ୍ୟପ୍ରଦେଶର ୧୦ ନମ୍ବର ଖେଳାଳି ସହସାଦ୍ ପ୍ରଥମ ଗୋଲ୍ ସ୍କୋର କରିଥିଲେ। ଏହା ପରେ ଖେଳର ଦ୍ୱିତୀୟାର୍ଦ୍ଧର ୨୪ ମିନିଟରେ ସୁନାବେଡ଼ାର ୧୦ ନମ୍ବର ଖେଳାଳି କାର୍ତ୍ତିକ ହାଲଙ୍କ ଗୋଲ୍ ବଳରେ ମ୍ୟାଚ୍ ୧–୧ ବରାବର ସ୍ଥିତିକୁ ଆଣିଥିଲା। ଏହାପରେ ନିର୍ଦ୍ଧାରିତ ସମୟସୀମା ଓ ଅତିରିକ୍ତ ୧୦ ମିନିଟ୍ ମଧ୍ୟରେ ଆଉ କୌଣସି ଗୋଲ୍ ସ୍କୋର ହୋଇ ପାରି ନ ଥିଲା। ଫଳରେ ଟାଇବ୍ରେକର ସହାୟତାରେ ୩–୨ ଗୋଲ୍‌ରେ ମଧ୍ୟପ୍ରଦେଶ ବିଜୟୀ ହୋଇ ଟାଇଟଲ୍ ଜିତିଥିଲା।

ଆସୋସିଏଶନର ସଭାପତି ତଥା ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କୃଷି ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଏସ୍‌ପି ଶଶିଭୂଷଣ ଶତପଥୀ, ଡିଏଫଓ ଧନରାଜ ଏଚଡ଼ି, ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲୋକନାଥ ସାହୁ, ରଣପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ଚାମ୍ପିୟନ୍ ଦଳ ୩୦ ହଜାର ଟଙ୍କା ସହିତ ଟ୍ରଫି ଓ ସୁନାବେଡ଼ା ଦଳ ୨୦ ହଜାର ଟଙ୍କା ସହିତ ରନର୍ସଅପ୍ ଟ୍ରଫି ହାସଲ କରିଥିଲା। ଶ୍ରେଷ୍ଠ ଖେଳାଳି ଭାବେ ମଧ୍ୟପ୍ରଦେଶର ଗୋଲକିପର ଭାଉତି ଓ ଶ୍ରେଷ୍ଠ ଧାରାବାହିକ ଖେଳାଳି ଭାବେ ସୁନାବେଡ଼ା ଦଳର ଶଙ୍କର ହାଲଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପାଦକ ଯୋଗେନ୍ଦ୍ର ନାଥ ପ୍ରଧାନ ସମ୍ପାଦକୀୟ ବିବରଣୀ ପଠନ କରିଥିବା ବେଳେ ଉପସଭାପତି ବିକ୍ରମ କୁମାର ଦାଶ ଧନ୍ୟବାଦ ଦେଇଥିଲେ। ଶିବପ୍ରସାଦ ଦାସ ଖେଳ ପରିଚାଳନା କରିଥିବା ବେଳେ ରାଜୁ ମହାନ୍ତି, ପ୍ରିୟବ୍ରତ ବାହିନୀପତି, ଦିଗ୍‌ବିଜୟ ଦାସ ଲାଇନ୍‌ରେ ସହାୟତା କରିଥିଲେ।

■ ଜାତୀୟ ଦୃଷ୍ଟିହୀନ ନଗେଶ ଟ୍ରଫି କ୍ରିକେଟ

## ଓଡ଼ିଶା ଦଳର ଡବଲ ବିଜୟ

ଭୁବନେଶ୍ୱର, ୧୦।୧୧(କ୍ରୀଡ଼ା ପ୍ରତିନିଧି)

ଲକ୍ଷ୍ନୌଠାରେ ଚାଲିଥିବା ଜାତୀୟ ଦୃଷ୍ଟିହୀନ ନଗେଶ ଟ୍ରଫି ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ସଫଳ ପ୍ରତ୍ୟାବର୍ତ୍ତନ କରିଛି। ଗତଥରର ଚାମ୍ପିୟନ ଓଡ଼ିଶା ପ୍ରଥମ ମ୍ୟାଚ୍‌ରେ କର୍ଣାଟକ ନିକଟରୁ ହାରିଯାଇଥିଲେ ହେଁ ରବିବାର ଉତ୍ତରପ୍ରଦେଶ ଓ ଗୋଆକୁ ପରାସ୍ତ କରିଛି।

ଓଡ଼ିଶା–ଉତ୍ତରପ୍ରଦେଶ ମ୍ୟାଚ୍ ୧୫ ଓଭରବିଶିଷ୍ଟ ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ଓପ୍‌ନିଂ ଯୋଡ଼ିରେ ଶତକୀୟ ଭାଗୀଦାରି ସହାୟତାରେ ନିର୍ଦ୍ଧାରିତ ଓଭରରେ ୩ ଉଇକେଟ ହରାଇ ୧୪୧ ରନ୍ କରିଥିଲା। ସୁଖରାମ ମାଝି ୭୪ ରନ୍ କରି ଅପରାଜିତ ରହିଥିବାବେଳେ ନକୁଳ ୪୫ ରନ୍ ସ୍କୋର କରିଥିଲେ। ପ୍ରତିପକ୍ଷ ଦଳର ଫୈଜଲ ୨୭ ରନ୍ ଦେଇ ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ଜବାବରେ ଉତ୍ତରପ୍ରଦେଶ ପୂରା ୧୫ ଓଭର ଖେଳିଥିଲେ ହେଁ ୭ ଉଇକେଟ ହରାଇ ୧୦୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ଫୈଜଲ ୨୯ ଓ ଚନ୍ଦନ ୧୮ ରନ୍ କରିବାକୁ ସକ୍ଷମ ହୋଇଥିଲେ। ଓଡ଼ିଶା ପକ୍ଷରୁ ତପନ ୧୧ ରନ୍ ବିନିମୟରେ ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ସୁଖରାମ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

### ସୁଖରାମଙ୍କ ଶତକ

ଗୋଆ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ବୃହତ୍ ବିଜୟ ହାସଲ କରିଛି। ସୁଖରାମଙ୍କ ଦ୍ରୁତ ଅପରାଜିତ ଶତକ (୬୫ ବଲ୍, ୧୨୨ ରନ୍) ଏବଂ ନକୁଳଙ୍କ ୮୬(୫୦ ବଲ୍) ରନ୍ ସହାୟତାରେ ଓଡ଼ିଶା ୨୦ ଓଭରରେ ୨ ଉଇକେଟ ହରାଇ ୨୩୮ ରନ୍ କରିଥିଲା। ଜବାବରେ ଗୋଆ ୨୦ ଓଭରରେ ୯ ଉଇକେଟ ହରାଇ ୧୧୫ ରନ୍ କରିପାରିଥିଲା। ଦଳ ପକ୍ଷରୁ ଆଶୁତୋଷ ସର୍ବାଧିକ ୩୨ ଓ ଅକ୍ଷୟ ୩୦* ରନ୍ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ଜାଫର ଇକ୍‌ବାଲ ୩୦ ରନ୍‌ରେ ୪ଟି ଏବଂ ତପନ ୨୪ ରନ୍‌ରେ ୨ଟି ଉଇକେଟ ନେଇଥିଲେ। ଶତକୀୟ ଇନିଂସ ପାଇଁ ସୁଖରାମଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଫ୍ରାନ୍ସକୁ ଫେଡ୍ କପ ଟାଇଟଲ

ପର୍ଥ,୧୦।୧୧(ଏଏଫ୍‌ପି)

କ୍ରିଷ୍ଟିଆନା ମ୍ଲାଡେନୋଭିକ ଓ କରୋଲିନ ଗାର୍ସିଆଙ୍କ ନେତୃତ୍ୱାଧୀନ ଫ୍ରାନ୍ସ ଚଳିତ ଫେଡ୍ କପ୍ ହାତେଇଛି। ୨୦୦୩ ପରେ ଏହା ଦଳର ପ୍ରଥମ ଟାଇଟଲ। ଅଷ୍ଟ୍ରେଲିଆ ବିପକ୍ଷ ଫାଇନାଲକୁ ଫ୍ରାନ୍ସ ୩–୨ ବ୍ୟବଧାନରେ ଜିତି ଏହି ସଫଳତା ପାଇଛି। ଚଳିତ ଫର୍ମାଟରେ ଅନୁଷ୍ଠିତ ଗତ ସଂସ୍କରଣ ଖେଳିଥିବା ମ୍ଲାଡେନୋଭିକ ଓ ଗାର୍ସିଆଙ୍କ ଯୋଡ଼ି ଆଶଲେ ବାର୍ଟି ଓ ସାମାନ୍ଥା ଷ୍ଟୋସୁର ୬–୪, ୬–୩ ସେଟ୍‌ରେ ହରାଇ ଦେଇଛନ୍ତି। ୨୦୧୬ ଫ୍ରେଞ୍ଚ ଓପନ ଜିତିଥିବା ମ୍ଲାଡେନୋଭିକ ଓ ଗାର୍ସିଆଙ୍କ ଯୋଡ଼ି ପଛୁଆ ଥାଇ ମଧ୍ୟ ଅଷ୍ଟ୍ରେଲିଆନ ଯୋଡ଼ିର ତ୍ରୁଟିପୂର୍ଣ୍ଣ ଖେଳର ଫାଇଦା ଉଠାଇ ମ୍ୟାଚ୍ ଜିତି ନେଇଥିଲେ। ଫଳରେ ଫ୍ରାନ୍ସ ୩ୟ ଥର ପାଇଁ ଫେଡ୍ କପରେ ଚାମ୍ପିୟନ ହୋଇଛି। ୪୫ ବର୍ଷ ପରେ ଆୟୋଜକ ଅଷ୍ଟ୍ରେଲିଆ ଦଳ ଟାଇଟଲ ନିକଟତର ହୋଇ ମଧ୍ୟ ବିଫଳ ହୋଇଛି। ୭ ଥର ଚାମ୍ପିୟନ ଅଷ୍ଟ୍ରେଲିଆ ୯ମ ଥର ପାଇଁ ଫେଡ କପ୍ ଫାଇନାଲରେ ପରାସ୍ତ ହୋଇଛି। ୬ ଦିନିଆ ଟୁର୍ନାମେଣ୍ଟର ଆଗାମୀ ସଂସ୍କରଣରେ ୧୨ ଦଳ ଅଂଶଗ୍ରହଣ କରିବେ।

## ଡିସେମ୍ବରରେ ମହିଳା କବାଡ଼ି ପ୍ରିମିୟର ଲିଗ




ମହିଳା କବାଡ଼ି ପ୍ରିମିୟର ଲିଗ୍ ପାଇଁ ରବିବାର ଖେଳାଳି ଚୟନ ପ୍ରକ୍ରିୟା ଅବସରରେ ଅତିଥି, କର୍ମକର୍ତ୍ତା ଓ ବିଭିନ୍ନ ଦଳର ଫ୍ରାଞ୍ଚାଇଜ୍ ମାଲିକ।

ଭୁବନେଶ୍ୱର, ୧୦।୧୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ମହିଳା କବାଡ଼ି ପ୍ରିମିୟର ଲିଗ୍‌ର ୪ର୍ଥ ସଂସ୍କରଣ ପଟିଆଠାରେ ଆସନ୍ତା ଡିସେମ୍ବରରେ ଅନୁଷ୍ଠିତ ହେବାକୁ ଯାଉଛି। ଓଡ଼ିଶାର ପ୍ରତିଭାସମ୍ପନ୍ନ ଓ ଅଭିଜ୍ଞ ମହିଳା ଖେଳାଳିଙ୍କୁ ନେଇ ଆୟୋଜନ ହେଉଥିବା ଏହି ଲିଗ୍ ପାଇଁ ଖେଳାଳି ଚୟନ ପ୍ରକ୍ରିୟା ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟରୁ ମୋଟ୍ ୧୨୦ ମହିଳା ଖେଳାଳି ଅଂଶଗ୍ରହଣ କରିଥିଲେ। ଉପଲବ୍ଧ ଖେଳାଳିଙ୍କୁ ନେଇ ମୋଟ୍ ୬ଟି ଟିମ୍ ଗଠନ କରାଯାଇଛି। ପ୍ରତି ଦଳରେ ୧୨ଜଣ ଲେଖାଏ ସ୍ଥାନ ପାଇଥିବାରୁ ମୋଟ୍ ୭୨ ଖେଳାଳି ଚୟନ ହୋଇଛନ୍ତି। ଲିଗ୍‌ରେ କାବେରି ଟିମ୍‌ର ଫ୍ରାଞ୍ଚାଇଜର ନିର୍ମଳ ମହାରଣା, କୋଲାବ୍‌ର କୁନା ରାଉତ, କୋଏଲ୍‌ର ମିଲନ୍ ରାଉତ, କାଠଯୋଡ଼ିର ବିଶ୍ୱଜିତ୍ ବଡ଼ଜେନା, କୁଆଖାଇର ସୁବାସ ପରିଡ଼ା, ଖରସ୍ରୋତାର ଅଭିଷେକ ଚମ୍ପତିଙ୍କ ଦ୍ୱାରା ଗଠିତ ଟିମ୍ ଭାଗନେବେ । ଏହି ଲିଗ୍ ଡିସେମ୍ବର ୨୦ରୁ ୨୨ ମଧ୍ୟରେ ପଟିଆଗଡ଼ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଦୋଳପଡିଆରେ ଅନୁଷ୍ଠିତ ହେବ ବୋଲି ଖେଳ ପରିଚାଳକ ଅଜୟ ରାଉତ ପ୍ରକାଶ କରିଛନ୍ତି। ଚୟନ ପ୍ରକ୍ରିୟାରେ ହାଉସିଂ ବୋର୍ଡ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ରଙ୍କ ସହ କବାଡ଼ି ଆସୋସିଏଶନ ସମ୍ପାଦକ ଅଜୟ ବେହେରା, ଯୁଗ୍ମ ସମ୍ପାଦକ ସୂର୍ଯ୍ୟକାନ୍ତ ମହାନ୍ତି, କ୍ଲବର ଉପସଭାପତି ମିହିର କୁମାର ରାଉତ, ଅଲେଖ ନାଥ ରାଉତ, ସଭାପତି ସୁବାସ ପରିଡ଼ା, ମହେନ୍ଦ୍ର ପରିଡ଼ାଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



Justice Late. Shuvansu Kumar Mohanty

ଆବିର୍ଭାବ: ୦୩।୦୨।୧୯୩୩
ତିରୋଧାନ: ୦୧।୧୧।୨୦୧୯

ଶୋକସନ୍ତପ୍ତ:

ଶୁଭେନ୍ଦୁ, ସୌମେନ୍ଦ୍ର, ସୁଶ୍ରୀ, ରୀମା, ରାଜ୍, ସିମରନ୍, ସାହୀଲ୍, ଶାୟନ୍, ବନ୍ଧୁ ଓ ପରିବାରବର୍ଗ ।

ଧ-୬୭୨୫୨

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ସୁରେନ୍ଦ୍ର ନାଥ ପଟ୍ଟନାୟକ
ଶୁଦ୍ଧ ଷଡ଼ଙ୍ଗୀ ବାଲିଅନ୍ତା, ଭୁବନେଶ୍ୱର
ତିରୋଧାନ: ୦୧।୧୧।୨୦୧୯

ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ

ପୁତ୍ର: ଶରତ ପଟ୍ଟନାୟକ, ବସନ୍ତ ପଟ୍ଟନାୟକ, ପ୍ରଶାନ୍ତ ପଟ୍ଟନାୟକ ବନ୍ଧୁ ଓ ପରିବାରବର୍ଗ ।

ଧ-୪୬୨୬୮

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



Abhisek Pattajoshi
Banker, Syndicate Bank, Bhubaneswar

ଆବିର୍ଭାବ: ୦୪।୦୫।୧୯୯୦
ତିରୋଧାନ: ୧୧।୧୧।୨୦୧୫

" ମୋର ହସ ଖୁସି ସମସ୍ତ ସୌଭାଗ୍ୟ ଅଜାଡ଼ୁଛି ତୋର ହାତେ ଆର ଜନମରେ ଆସିବୁ ମୋ' କୋଳେ ରହିବି ମୁଁ ତୋର ସାଥେ।"

ଶୋକସନ୍ତପ୍ତ
ନନା ଓ ବୋଉ

ଧ-୧୫୧୩୪

ଧରିତ୍ରୀ
DHARITRI
www.orissakhabar.com/www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ନଭେମ୍ବର ୧୧/୨୦୧୯ Sambalpur, Monday, November 11 / 2019

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ମହେଶ୍ୱର


ବନମାଳି


ଅନିଲ


ଟୁନା


ସତ୍ୟଜିତ୍

ସେଲ୍‌ଫି ଉଠାନ୍ତୁ ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

■କେନ୍ଦ୍ର ସମବାୟ ବ୍ୟାଙ୍କ ଜମାକାରୀଙ୍କ ଟଙ୍କା ଲୁଟ୍ ଘଟଣାର ପର୍ଦ୍ଦାଫାଶ

# ଅସ୍ଥାୟୀ କର୍ମଚାରୀ, ସହଯୋଗୀ ଗିରଫ

ବଲାଙ୍ଗୀର ଅଫିସ,୧୦।୧୧

ଏଟିଏମ୍ ଜରିଆରେ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଜମାକାରୀଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଲୁଟ୍ ଘଟଣାର ପର୍ଦ୍ଦାଫାଶ ହୋଇଛି । ଲୁଟ୍ ଘଟଣାରେ ସମବାୟ ବ୍ୟାଙ୍କର ଜଣେ ଅସ୍ଥାୟୀ କର୍ମଚାରୀ ଓ ତାଙ୍କର ଜଣେ ସହଯୋଗୀ ସମ୍ପୃକ୍ତ ଥିବା ଜଣାପଡିଛି। ଗିରଫ ଅଭିଯୁକ୍ତମାନେ ହେଲେ ସମବାୟ ବ୍ୟାଙ୍କ ଅସ୍ଥାୟୀ କର୍ମଚାରୀ ନୀଳମଣି ତ୍ରିପାଠୀ(୩୪) ଓ ତାଙ୍କ ସହଯୋଗୀ ସ୍ୱାଗତ କୁମାର ମିଶ୍ର(୨୪)। ପୋଲିସ ସେମାନଙ୍କୁ ରବିବାର କୋର୍ଟ ଚାଲାଣ କରିଛି। ଜିଲା ପୋଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀରେ ଏସ୍‌ପି ସନ୍ଦୀପ ମାଡକର ଅଭିଯୁକ୍ତଦ୍ୱୟ କିଭଳି ଏଟିଏମ୍‌ରୁ ଅଭିନବ ଉପାୟରେ ଟଙ୍କା ଲୁଟ୍ କରିଥିଲେ ତାର ବିସ୍ତୃତ ସୂଚନା ଦେଇଥିଲେ। ଅଭିଯୁକ୍ତଦ୍ୱୟ କେନ୍ଦ୍ର ସମବାୟ ବ୍ୟାଙ୍କର ୧୨ଜଣ ଜମାକାରୀଙ୍କ ଆକାଉଣ୍ଟରୁ ସମୁଦାୟ ୮ଲକ୍ଷ ୩୧ହଜାର ଟଙ୍କା ଲୁଟ୍ କରିଥିବା ସୂଚନା ଦେଇଛନ୍ତି। ପୋଲିସ ସେମାନଙ୍କ ବିଭିନ୍ନ ବ୍ୟାଙ୍କରେ ଥିବା ୪ଲକ୍ଷ ଟଙ୍କା ଜବତ କରିବା ସହ ଏଟିଏମ୍‌ରୁ ଲୁଟ୍ ବେଳେ ବ୍ୟବହାର କରିଥିବା ଗୋଟିଏ ହେଲମେଟ୍, ୩ଟି ଶାର୍ଟ, ଗୋଟିଏ ପ୍ୟାଣ୍ଟ, ରେନକୋର୍ଟ ଜବତ କରିଛି।

ଏସ୍‌ପି ମାଡକରଙ୍କ ସୂଚନା ମୁତାବକ, ଗତ ଅକ୍ଟୋବର ୪ ତାରିଖରେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ମ୍ୟାନେଜର ଜ୍ୟୋତ୍ସ୍ନାମୟୀ ପ୍ରଧାନ ବଲାଙ୍ଗୀର ଟାଉନ୍ ଥାନାରେ ବ୍ୟାଙ୍କର ଦୁଇଜଣ ଜମାକାରୀଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ନେଇ ଅଭିଯୋଗ କରିଥିଲେ । ବ୍ୟାଙ୍କ ଜମାକାରୀ ଗୌରଚନ୍ଦ୍ର ପୃଷେଠ୍‌ଙ୍କ ଆକାଉଣ୍ଟରୁ ୧ ଲକ୍ଷ ୭୩ ହଜାର ୬ ଶହ ଟଙ୍କା ଓ ବେଦଶ୍ରୀ ପୁରୋହିତଙ୍କ ଆକାଉଣ୍ଟରୁ ୮ ହଜାର ଟଙ୍କା ଲୁଟ୍ ହୋଇଥିବା ସେ ଅଭିଯୋଗରେ ଦର୍ଶାଇଥିଲେ । ଏହି ଟଙ୍କା ସବୁ ଏଟିଏମ୍‌ରୁ ଚୋରି ହୋଇଥିବା ସୂଚନା ଦେଇଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଖୋଳତାଡ ପରେ ବ୍ୟାଙ୍କର ୧୨ଜଣ ଜମାକାରୀଙ୍କ ଏଟିଏମ୍ କାର୍ଡ ଜେନେରେଟ୍ କରାଯାଇ ସମୁଦାୟ ୮ ଲକ୍ଷ ୩୧ ହଜାର ଟଙ୍କା ଲୁଟ୍ ହୋଇଥିବା ଜଣାପଡିଥିଲା। ଏସ୍‌ପି ମାଡକରଙ୍କ ନିର୍ଦ୍ଦେଶକ୍ରମେ ଇନ୍‌ସପେକ୍ଟର କେ.ଏଲ୍, ବେହେରାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ଏହି ଲୁଟ୍ ପଛରେ ବ୍ୟାଙ୍କର ଅସ୍ଥାୟୀ କର୍ମଚାରୀ(ଡାଟା ଏଣ୍ଟ୍ରି ଅପରେଟର୍ସ) ଭାବେ କାର୍ଯ୍ୟକରି ପରବର୍ତ୍ତୀ ସମୟରେ ଛଟେଇ ହୋଇଥିବା ବଲାଙ୍ଗୀର ତାଳପାଲିପଡ଼ାର ନୀଳମଣି ତ୍ରିପାଠୀ ଏହି ଲୁଟ୍ ଘଟଣାର ମାଷ୍ଟର ମାଇଣ୍ଡ ବୋଲି ଜଣାପଡିଥିଲା । ଗତ ଜୁଲାଇ ମାସରେ ନୀଳମଣି ବ୍ୟାଙ୍କରୁ ୧୨ଟି ଏଟିଏମ୍ ଓ ଏହାର ପାସୱାର୍ଡ ଚୋରି କରି ନେଇଥିଲେ। ପରେ ଅଗଷ୍ଟ ମାସରେ ଚାକିରିରୁ ଛଟେଇ ହୋଇଥିଲେ। ଛଟେଇ ପରେ ତାଙ୍କ ସହଯୋଗୀ ତାଳପାଲିପଡା ନିବାସୀ ସ୍ୱାଗତ କୁମାର ମିଶ୍ରଙ୍କ ସହ ମିଶି ବିଭିନ୍ନ ଏଟିଏମ୍‌ରୁ ଟଙ୍କା ଚୋରି ଯୋଜନା ପ୍ରସ୍ତୁତ କରିଥିଲେ । ନୀଳମଣିଙ୍କ ନିର୍ଦ୍ଦେଶ ମୁତାବକ ସହଯୋଗୀ ସ୍ୱାଗତ ରାଜେନ୍ଦ୍ର କଲେଜ ଛକ, ମିଶନ୍ ପରିସର, ଠିକାଦାରପଡ଼ା ଓ ବିଜୟ ବ୍ୟାଙ୍କର ଏଟିଏମ୍‌ରୁ ଟଙ୍କା ଚୋରି କରିଥିଲେ। ଚୋରିବେଳେ ହେଲମେଟ୍, ନୀଳରଙ୍ଗର ଚଷମା ଓ ରେନକୋର୍ଟ ବ୍ୟବହାର କରୁଥିବା ପୋଲିସ ସମ୍ମୁଖରେ ସ୍ୱୀକାର କରିଛନ୍ତି। ଅଧିକ ପଚରାଉଚରା ପାଇଁ ଗିରଫ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଲୁଟ୍ ଘଟଣାରେ ଅନ୍ୟ କିଏ ସମ୍ପୃକ୍ତ ଅଛନ୍ତି ଓ ବ୍ୟାଙ୍କର ଅନ୍ୟ ଏକ ଆକାଉଣ୍ଟ ମୋଡିଫିକେସନ୍ କରି ଲୁଟ୍ ଘଟଣାର ତଦନ୍ତ ଚାଲିଛି ବୋଲି ଏସ୍‌ପି କହିଛନ୍ତି।



ଗିରଫ ନୀଳମଣି ତ୍ରିପାଠୀ ଏବଂ ସହଯୋଗୀ ସ୍ୱାଗତ କୁମାର ମିଶ୍ର (ବାମ)। ଲୁଟ୍ ବେଳେ ଅଭିଯୁକ୍ତ ବ୍ୟବହାର କରିଥିବା ସାମଗ୍ରୀ।

- ■ଲୁଟ୍ କରିଥିଲେ ୧୨ ଜମାକାରୀଙ୍କ ୮ ଲକ୍ଷ ୩୧ ହଜାର ଟଙ୍କା
- ■ଲୁଟେରାଙ୍କ ୩ଟି ବ୍ୟାଙ୍କ ଆକାଉଣ୍ଟ ଜବତ
- ■ଲୁଟ୍ ବେଳେ ବ୍ୟବହୃତ ହେଲମେଟ୍, ଶାର୍ଟ, ପ୍ୟାଣ୍ଟ ଜବତ
- ■ଅଧିକ ପଚରାଉଚରା ପାଇଁ ରିମାଣ୍ଡରେ ଆଣାଯିବ

■ଦାଦନ ଖଟିବାକୁ ଯାଇ ଜଣେ ନିଖୋଜ, ଜଣେ ଅକର୍ମଣ୍ୟ

## ଫେରିବା ବାଟକୁ ଚାହିଁ ବସିଛନ୍ତି ମା'ବାପା

ଖପ୍ରାଖୋଲ,୧୦।୧୧(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ଅନ୍ତର୍ଗତ ତୁର୍ଲା ଗାଁର ରଞ୍ଜିତ ଭୁଏଙ୍କ ପୁଅ ଯୁଗେନ୍ଦ୍ର ଭୁଏ(୨୧)। ଦେଢବର୍ଷ ତଳେ ଚେନ୍ନାଇକୁ ଦାଦନ ଖଟିବାକୁ ଯାଇ କେଉଁଆଡେ ନିଖୋଜ ହୋଇଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପରିବାର ଲୋକଙ୍କ କହିବା ମୁତାବକ, ଯୁଗେନ୍ଦ୍ରଙ୍କ ସହ ୨ଜଣ ସାଙ୍ଗ ଦାଦନ ଖଟିବାକୁ ବାହାରିଥିଲେ। ବଲାଙ୍ଗୀର ଷ୍ଟେଶନରେ ଦୁଇସାଥୀ ଟ୍ରେନରେ ଚଢି ନ ପାରି ଘରକୁ ଫେରି ଆସିଥିବା ବେଳେ ଯୁଗେନ୍ଦ୍ର ଏକାକୀ ଟ୍ରେନରେ ଚେନ୍ନାଇ ଯାଇଥିଲେ। ହେଲ ବର୍ତ୍ତମାନ ସୁଦ୍ଧା ତାଙ୍କର କୌଣସି ପତ୍ତା ମିଳିପାରି ନାହିଁ। ଏଭଳି ସ୍ଥିତିରେ ମା' ବାପା ପୁଅର ଫେରିବା ବାଟକୁ ଚାହିଁ ରହିଛନ୍ତି। ଶେଷରେ ଯୁଗେନ୍ଦ୍ରଙ୍କ ମା' ଗତ ୨୯ ତାରିଖରେ ଖପ୍ରାଖୋଲ ଥାନାରେ ଘଟଣା ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ. ୪୧/୧୯) ରୁଜୁ କରିଛି। ଏ ନେଇ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତିଙ୍କୁ ପଚାରିବାରୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଛି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ରଞ୍ଜିତ ଭୁଏଙ୍କ ବଡ ପୁଅ ଦାଦନ ଖଟିବାକୁ ଯାଇ ଏକ ଦୁର୍ଘଟଣାର ଶିକାର ହୋଇଥିଲେ। ଅସୁସ୍ଥ ଅବସ୍ଥାରେ ଘରକୁ ଫେରିଥିବା ବେଳେ ଏବେ ଶଯ୍ୟାଶାୟୀ। ଶଯ୍ୟାଶାୟୀ ପୁଅର ଚିକିତ୍ସା ସହ ନିଖୋଜ ପୁଅକୁ ତୁରନ୍ତ ଖୋଜି ଆଣିବାକୁ ବୃଦ୍ଧ ମା'ବାପ ଆକୁଳ ନିବେଦନ କରିଛନ୍ତି।


ଯୁଗେନ୍ଦ୍ରଙ୍କ ମା'ବାପା। ନିଖୋଜ ଯୁଗେନ୍ଦ୍ର ଭୁଏ (ଇନ୍‌ସେଟ୍)।

■ମୃତ୍ୟୁ ଏମିତି ବି ଆସେ: ମାଙ୍କଡ଼ ଭାଙ୍ଗିଲା ଡାଳ, ଛିଣ୍ଡିଲା ତାର

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଛାତ୍ରୀ ମୃତ

ମାହାଙ୍ଗା, ୧୦।୧୧(ସ୍ୱ.ପ୍ର.)

ମୃତ୍ୟୁ କେତେବେଳେ କିଭଳି ଭାବେ ଆସିବ ତାହାକୁ କେହି କହିପାରିବେ ନାହିଁ। କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ପନ୍ଦରବାଟିଆ ଗ୍ରାମରେ ରବିବାର ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟଣାରୁ ଜଣାପଡୁଛି। ସେ ହେଲେ ବିଶ୍ୱଭୂଷଣ ପାଳଙ୍କ ଝିଅ ଅନ୍ନପୂର୍ଣ୍ଣା ପାଳ (୯)। ଅନ୍ନପୂର୍ଣ୍ଣା ସ୍ଥାନୀୟ ଅଞ୍ଚଳର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ୪ର୍ଥ ଶ୍ରେଣୀରେ ପଢୁଥିଲେ। ରବିବାର ଛୁଟି ଦିନ ଥିବା ବେଳେ ଗାଁରେ ବଡ଼ ଓଷା ପାଳନ କରାଯାଉଥିଲା। ଏହି ସମୟରେ ପିଠାପଣା ପ୍ରସ୍ତୁତିରେ ସମସ୍ତେ ମାତି ଥିବା ବେଳେ ଅନ୍ନପୂର୍ଣ୍ଣା ସକାଳେ ଗାଁକୁ ବୁଲିବାକୁ ଯାଇଥିଲେ। ମାତ୍ର ଏହି ବୁଲିବା ତାଙ୍କ ପାଇଁ କାଳ ହୋଇଥିଲା। ସେ ଯିବା ରାସ୍ତାରେ ମାଙ୍କଡମାନେ ଗଛରେ ଡିଆଁ ମାରୁଥିଲେ। ଏହି ସମୟରେ ଏକ ଡାଳ ଭାଙ୍ଗି ନିକଟରେ ଥିବା ବିଦ୍ୟୁତ ତାର ଉପରେ ଖସି ପଡ଼ିଥିଲା। ଫଳରେ ତାର ଛିଡି ଅନ୍ନପୂର୍ଣ୍ଣାଙ୍କ ଦେହରେ ଲାଗି ଯାଇଥିଲା । ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସେ ଗୁରୁତର ହୋଇଥିଲେ । ଖବରପାଇ ପରିବାର ଲୋକେ ତାଙ୍କୁ ନେଇ ନିଶ୍ଚିନ୍ତକୋଇଲି ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଅନ୍ନପୂର୍ଣ୍ଣାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି।

## ନିର୍ମାଣାଧୀନ ପାଇଖାନା ଟାଙ୍କିରେ ପଡ଼ି ଛାତ୍ର ମୃତ

ରାଉରକେଲା ଅଫିସ,୧୦।୧୧

ଷ୍ଟିଲ ସିଟିର ରଘୁନାଥପାଲୀ ଥାନା ଅନ୍ତର୍ଗତ ପାନପୋଷ ବସ୍ତିରେ ରବିବାର ମଧ୍ୟାହ୍ନରେ ଦୁଃଖଦ ଘଟଣା ଘଟିଛି। ଅନୀଶ ସାହୁ(୫) ନାମକ ଜଣେ ନାବାଳକ ଛାତ୍ର ନିର୍ମାଣାଧୀନ ପାଇଖାନା ଟାଙ୍କି ଭିତରେ ଖସି ମୃତ୍ୟୁବରଣ କରିଛନ୍ତି। ଷ୍ଟାଣ୍ଡାର୍ଡ ୧ରେ ପଢୁଥିବା ଅନୀଶ ବସ୍ତିର ଦିଲୀପ ସାହୁଙ୍କ ପୁଅ। ସେ ପଡ଼ିଶା ଘର ବାଡି ପଛରେ ଖେଳୁଥିବାବେଳେ ପାଇଖାନା ଟାଙ୍କିରେ ଖସି ପଡ଼ିଥିଲେ। ପାଇଖାନା ଟାଙ୍କି ବ୍ୟବହୃତ ହୋଇ ନ ଥିଲେ ମଧ୍ୟ ବର୍ଷା ପାଣି ଭର୍ତ୍ତି ହୋଇଥିଲା। ୭ଫୁଟ ଗଭୀର ହୋଇଥିବାରୁ ସେ ଉପରକୁ ଉଠି ପାରି ନ ଥିଲେ କି ସାହାଯ୍ୟ ପାଇଁ ଡାକିପାରି ନ ଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ପାଇ ନ ଥିଲେ। ସେହି ପାଖାପାଖି ଅଞ୍ଚଳରେ ଖେଳୁଥିଲେ ବୋଲି ପଡ଼ିଶା ଲୋକଙ୍କଠାରୁ ଶୁଣି ସନ୍ଦେହକରି ଟାଙ୍କି ଭିତରେ ଖୋଜିଥିଲେ। ପରେ ଟାଙ୍କି ଭିତରୁ ମୃତଦେହ ଉଦ୍ଧାର କରିଥିଲେ। ଏନେଇ ରଘୁନାଥପାଲୀ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

### ଆଜି କ'ଣ କେଉଁଠି

ବିଜେପୁର
■ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ, ବ୍ଲକ ପରିସର, ପୂର୍ବାହ୍ନ ୧୦ଟା।
■ହନୁମାନ ମନ୍ଦିର ପ୍ରତିଷ୍ଠାର ସପ୍ତମ ବାର୍ଷିକ ଉତ୍ସବ, ହଟୁଆପଡା, ସନ୍ଧ୍ୟା ୭ଟା।

ରିଷିଡା
■ଶ୍ରୀ ରାମଚନ୍ଦ୍ର ସ୍ୱାମୀ ଗ୍ରାମ୍ୟ ସମିତି ଆନୁକୂଲ୍ୟରେ ବୋଇତ ବନ୍ଦାଣ ଉତ୍ସବ, ରିଷିଡା, ସନ୍ଧ୍ୟା ୭ଟା ।

କର୍ଲାମୁଣ୍ଡା
■ବ୍ଲକସ୍ତରୀୟ ଜନଶୁଣାଣି ଶିବିର, ପଞ୍ଚାୟତ ସମିତି ସଭାଗୃହ, ପୂର୍ବାହ୍ନ ୧୦ଟା ।

ଦେବଗଡ଼
■ରାହାସ ଯାତ୍ରା ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା, ଭିତିରିଆ ସାହି, ଦେବଗଡ଼ ସହର, ସନ୍ଧ୍ୟା ୭ଟା।

ସମ୍ବଲପୁର
■ଲାୟନ୍ସ କ୍ଲବ ସିଲ୍କ ପକ୍ଷରୁ ଶାନ୍ତି ପୋଷ୍ଟର ପ୍ରତିଯୋଗିତା, ଗୁରୁନାନକ ପବ୍ଲିକ ସ୍କୁଲ, ପୂର୍ବାହ୍ନ ୧୧ଟା ।

## ଉଲୁଣ୍ଡା କପ୍ ଫୁଟବଲ: ବଲାଙ୍ଗୀର ଚାମ୍ପିୟନ

ଉଲୁଣ୍ଡା ୧୦।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା କଲେଜ ଖେଳ ପଡିଆରେ ମଗଧେଶ୍ୱର କ୍ଲବ ଆନୁକୂଲ୍ୟରେ ଦୁଇଦିନ ଧରି ଚାଲିଥିବା ୨୦ତମ ଉଲୁଣ୍ଡା କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କୁଚିଣ୍ଡା ଦଳକୁ ୨-୦ ଗୋଲରେ ପରାସ୍ତ କରି ବଲାଙ୍ଗୀର ଚାମ୍ପିୟନ ହୋଇଛି। ପ୍ରଥମ ସେମିଫାଇନାଲରେ ବଲାଙ୍ଗୀର ଦଳ ଉଲୁଣ୍ଡାକୁ ୩-୦ ଏବଂ ଦ୍ୱିତୀୟ ସେମିରେ କୁଚିଣ୍ଡା ଦଳ ସମ୍ବଲପୁରକୁ ୫-୪ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଖେଳକୁ ନରସିଂହ ସେଠୀ, ଅଜିତ କୁମାର ଠେଲା, ଆନନ୍ଦ ବଢେଇ, ପ୍ରମୋଦ ପଟେଲ ଏବଂ ପ୍ରଶାନ୍ତ ସେଠୀ ପରିଚାଳନା କରିଥିଲେ। ସଞ୍ଜୟ ପଟ୍ଟନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ଅନୁଷ୍ଠାନର ସଭାପତି ମିତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତା ଏବଂ ଲବ ଭରାସାଗରଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ ରାଜ୍ୟ କୃଷକ ସେଲ ଉପସଭାପତି ଋଷି କୁମାର ପଟେଲ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଆଇଆଇସି ବିଦ୍ୟୁଭୂଷଣ ପୁଟା, ସାମାଜିକ କର୍ମୀ ରମେଶ ମାହାର, ଲକ୍ଷ୍ମୀବଲ୍ଲଭ ପଧାନ, ସୁଜିତ ପଣ୍ଡା, ଉଲୁଣ୍ଡା ଯୁବ ମହାସଂଘ ସଭାପତି ପ୍ରମୋଦ ପଧାନ, ଯୁବ ବିଜୁ ଛାତ୍ର ସାଧାରଣ ସମ୍ପାଦକ ଶୈଳ ରଞ୍ଜନ ବାଦି, ବ୍ଲକ କ୍ରୀଡା ସଂଯୋଜକ ଉରୁକ୍ରମ ପାଣ୍ଡିଆ ଯୋଗଦେଇଥିଲେ। ଅତିଥିମାନେ ବିଜେତା ବଲାଙ୍ଗୀରକୁ ଟ୍ରଫି ସହ ଦଶ ହଜାର ଏବଂ ଉପବିଜେତା କୁଚିଣ୍ଡା ଦଳକୁ ଟ୍ରଫି ସହ ନଗଦ ୮ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହା ସହିତ ବେଷ୍ଟ ଡିଫେନ୍ସ ଭାବେ କୁଚିଣ୍ଡାର ଅମର ଓରାମ, ବେଷ୍ଟ ଗୋଲକିପର ବଲାଙ୍ଗୀରର ତେଜରାଜ ବାଗ, ବେଷ୍ଟ ସ୍କୋରର ସୋନପୁରର ଶ୍ରବଣ ବଡମାଲି, ମ୍ୟାନ ଅଫ ଦ ଫାଇନାଲ ସୌରଭ ହନୁମାନ, ମ୍ୟାନ ଅଫ ଦ ଟୁର୍ନାମେଣ୍ଟ ଅଭିମନ୍ୟୁ ପାଣ୍ଡେ, ବେଷ୍ଟ ଏମର୍ଜିଙ୍ଗ ଖେଳାଳି ଭାବେ ଉଲୁଣ୍ଡାର ଅସୁତୋଶ ପଧାନଙ୍କୁ ପୁରସ୍କୃତ କରାଯାଇଥିଲା। ଯୁଧିଷ୍ଠିର ତରାଇ, ସୁଙ୍ଖାନ ମହାକୁର, ଲକି ହାତୀ, ବିମଳ ଗରିଆ, ଆଶୁତୋଶ ମହାକୁର, ପ୍ରଭାକର ଗହିର,ଗଙ୍ଗା ସୁନା ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଶେଷରେ ସମ୍ପାଦକ ଆକାଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।


ଟ୍ରଫି ସହ ଚାମ୍ପିୟନ ବଲାଙ୍ଗୀର ଦଳର ଖେଳାଳିମାନେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ମୋ ପ୍ରଥମ ସ୍ତ୍ରୀ ଅମ୍ରିତା ମୋତେ କାମ କରିବାର ଶୈଳୀ ଶିଖାଇଛନ୍ତି।
-ସୈଫ୍ ଅଲି ଖାନ୍,
ବଲିଉଡ୍ ଅଭିନେତା



## ସଂକ୍ଷେପରେ

### ମନ୍ଦିର ତାଲା ଭାଙ୍ଗି ଚୋରି

ବରପାଲି, ୧୦।୧୧ (ଡି.ଏନ.ଏ) ବରପାଲି ସହରର ହଟୁଆବନ୍ଧ ସ୍ଥିତ ରାମେଶ୍ୱର ମନ୍ଦିର ଭୋଗ ମଣ୍ଡପ ତାଲାଭାଙ୍ଗି ଶନିବାର ରାତିରେ ଚୋରି ହୋଇଛି। କେହି ଦୁର୍ବୃତ୍ତ ସେଠାରେ ଥିବା ଘଣ୍ଟ ଓ ବିଭିନ୍ନ ସରଞ୍ଜାମ ସହ ରୋଷେଇ ସାମଗ୍ରୀ ଚୋରି କରି ନେଇଥିବା ପୂଜକ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ କିଛି ସୁରାକ ମିଳିନାହିଁ ।



### ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ

ବରପାଲି, ୧୦।୧୧ (ଡି.ଏନ.ଏ) ବରପାଲି ଗଣେଶ ନଗରରେ ରବିବାର ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଏହି ଅବସରରେ ଯଜ୍ଞକର୍ତ୍ତାଙ୍କ ସମେତ ମହିଳାମାନେ ଏକ ଶୋଭାଯାତ୍ରାରେ ବାହାରି ନିକଟସ୍ଥ କେନାଲରେ ପହଞ୍ଚିଥିଲେ। ସେଠାରୁ ଜଳପୂର୍ଣ୍ଣ କଳସ ଆଣି ମଣ୍ଡପରେ ସ୍ଥାପନ କରିବା ପରେ ଅଧିବାସ ସହ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଏଥିରେ ବନ୍ତ ସେଠ ଓ ଶିବରାତ୍ରି ସେଠ କର୍ତ୍ତା ଏବଂ ସାହେବ ଦାଶ ଓ ଗୋପାଳ ମିଶ୍ର ପୂଜକ ଦାୟିତ୍ୱ ତୁଲାଉଛନ୍ତି। ସୋମବାର ନାମଯଜ୍ଞ ସମ୍ପନ୍ନ ହେବ ।

### ଛିନ୍ଦେଇକେଲାରେ ଭାଗବତ ଚର୍ଚ୍ଚା

ପାଇକମାଳ,୧୦।୧୧(ଡି.ଏନ.ଏ) ପାଇକମାଳ ବ୍ଲକ ଛିନ୍ଦେଇକେଲା ଗ୍ରାମରେ ଲକ୍ଷ୍ମୀନାରାୟଣ ଭାଗବତ ଟୁଙ୍ଗୀ ଆନୁକୂଲ୍ୟରେ ଭାଗବତ ଚର୍ଚ୍ଚା ଅନୁଷ୍ଠିତ ହୋଇଛି । ସନ୍ଧ୍ୟା ୭ଟାରୁ ଆରମ୍ଭ ହୋଇ ୯ଟା ପର୍ଯ୍ୟନ୍ତ ଭାଗବତ ଚର୍ଚ୍ଚା ଓ ଭଜନ କୀର୍ତ୍ତନ ଅନୁଷ୍ଠିତ ହେଉଛି। ଏଥିରେ ସୁବାଷ ଚନ୍ଦ୍ର ପାଢୀ ଓ ନନ୍ଦିକିଶୋର ନନ୍ଦ ପୂଜାର୍ଚ୍ଚନା ସହ ଭାଗବତ ପଠନ କରିଛନ୍ତି । ସଭାପତି କୈଳାସ ଚନ୍ଦ୍ର ସାହୁ, ସମ୍ପାଦକ ଖାଡିଆ ସାହୁ, ସୁଧାଂଶୁ ଶେଖର ସେଠ, ନବକିଶୋର ଭୋଇ, ରଜନକାନ୍ତ ସାହୁ, କମଳନୀ ଧରୁଆ, ଚନ୍ଦ୍ରାବତୀ ଭୋଇ, ପଙ୍କଜିନୀ ଧରୁଆ ପ୍ରମୁଖ ସହଯୋଗ କରିଥିଲେ ।

### ଯାଦବ ସମାଜର ବୈଠକ

ଜାମଟିକ୍ରା, ୧୦।୧୧ (ଡି.ଏନ.ଏ) ଅତାବିରା ବ୍ଲକ ଯାଦବ ସମାଜର ଏକ ବୈଠକ ବ୍ଲକ ସଭାପତି ଅର୍ଜୁନ ଦୀପଙ୍କ ଅଧକ୍ଷତାରେ ରବିବାର ଅନୁଷ୍ଠିତ ହୋଇଛି। ବୈଠକରେ ବ୍ଲକର ୨୪ଟି ପଞ୍ଚାୟତର ଯାଦବ ଭାଇମାନେ ଯୋଗ ଦେଇଥିଲେ। ଅତାବିରାରେ ଏକ ରାଧାକୃଷ୍ଣ ମନ୍ଦିର ନିର୍ମାଣ ପାଇଁ ପାଣ୍ଠି ସଂଗ୍ରହ ଉପରେ ଆଲୋଚନା ହୋଇଥିଲା । ଆନନ୍ଦ ପୋଡ଼୍, ଦୁଃଖବନ୍ଧୁ ରାଉତ, ରବୀନ୍ଦ୍ର ବାଗ, ମୋହନ କଠାର, ଦଶରଥ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

### କୁଶନପୁରୀରେ ବ୍ରାହ୍ମଣ ମହାସଭା

ଭେଡ଼େନ, ୧୦।୧୧(ଡ଼ି.ଏନ.ଏ) ଭେଡ଼େନ ବ୍ଲକ ବକଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ କୁଶନପୁରୀ ଶିବମନ୍ଦିର ପରିସରରେ ରବିବାର ବ୍ଲକସ୍ତରୀୟ ବ୍ରାହ୍ମଣ ମହାସଭା ଅନୁଷ୍ଠିତ ହୋଇଛି। ବ୍ରହ୍ମସମାଜ ସଭାପତି ପ୍ରୀୟବ୍ରତ କରଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ଏହି ସଭାରେ ବ୍ଲକର ସମସ୍ତ ୨୧ଟି ଗ୍ରାମପଞ୍ଚାୟତରୁ ସଦସ୍ୟମାନେ ଯୋଗ ଦେଇଥିଲେ । ଶେଷରେ ଅରବିନ୍ଦ ହୋତା ଧନ୍ୟବାଦ ଅର୍ପଣ କରିଥିଲେ । ସଚ୍ଚିଦାନନ୍ଦ ପଣ୍ଡା, ଅଜିତ ଦାଶ, ମାଧବ ମହାପାତ୍ରଙ୍କ ସମେତ ବକଟି ଗ୍ରାମପଞ୍ଚାୟତର ବ୍ରାହ୍ମଣ ପରିବାରର ସଦସ୍ୟମାନେ ସହଯୋଗ କରିଥିଲେ ।

## ଏଯାଏ ମଣ୍ଡି ଖୋଲିନି ପ୍ରଶାସନ

# ମିଲର୍ସଙ୍କୁ ମିଳିଛି ସୁଯୋଗ

ବରଗଡ଼ ଅଫିସ୍/ସରଣ୍ଡା /ଅତାବିରା, ୧୦।୧୧



ଅତାବିରା ଅଞ୍ଚଳର ଏକ ରାଇସ୍ ମିଲ ସମ୍ମୁଖରେ ଧାନ ବୋଝେଇ ଟ୍ରାକ୍ଟର ।

ବରଗଡ଼ ଜିଲାରେ ଖରିଫ ଧାନ ଅମଳ ଆରମ୍ଭ ହୋଇଛି । ପ୍ରାୟ ୨ ସପ୍ତାହ ତଳୁ ଜିଲାର ଉଭୟ ଜଳସେଚିତ, ଅଣଜଳସେଚିତ ଅଞ୍ଚଳରେ ଏହି ପ୍ରକ୍ରିୟା ଜୋର୍ ଧରିଛି । ହେଲେ ଏପର୍ଯ୍ୟନ୍ତ ଧାନ ସଂଗ୍ରହ ପାଇଁ ଜିଲାରେ ମଣ୍ଡି ଖୋଲି ନାହିଁ। ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ନିଷ୍ପତ୍ତି ବଦଳାଇ ପ୍ରଶାସନ ଧାନ ସଂଗ୍ରହ ପ୍ରକ୍ରିୟାକୁ ଆସନ୍ତା ୧୫ତାରିଖକୁ ବଢ଼ାଇ ଦେଇଛି। ତେବେ ମଣ୍ଡି ଖୋଲିବାରେ ଏଭଳି ବିଳମ୍ବ ସିଧାସଳଖ ନ ହେଲେ ମଧ୍ୟ ପରୋକ୍ଷରେ ଅଭାବୀ ବିକ୍ରି ପରିସ୍ଥିତି ସୃଷ୍ଟି ପାଇଁ ମିଲର୍ସମାନଙ୍କୁ ସୁଯୋଗ ଦେଉଥିବା ଅଭିଯୋଗ ହୋଇଛି। ଏପରିକି ଜିଲାରେ ଧାନ ସଂଗ୍ରହ ଆରମ୍ଭ ନ ହେଉଣୁ ଜିଲାର କେତେକ ରାଇସ୍ ମିଲକୁ ଟ୍ରାକ୍ଟର, ଟ୍ରକ୍ ଯୋଗେ ଚାଷୀଙ୍କ ଧାନ ଯାଉଥିବା ପରିଲକ୍ଷିତ ହେଉଛି । ଏହା ଜିଲାର ଧାନ କିଣାବିକା ସ୍ୱଚ୍ଛତାକୁ ପଦାରେ ପକାଇ ଦେଇଛି ।

ବରଗଡ଼ ଜିଲାରେ ଚଳିତବର୍ଷ ଖରିଫ ଧାନ ସଂଗ୍ରହ ପାଇଁ ରବିବାର (ନଭେମ୍ବର ୧୦ତାରିଖ) ମଣ୍ଡିଖୋଲିବ ବୋଲି ଗତ ମାସ ୩୧ତାରିଖରେ ଅନୁଷ୍ଠିତ ଜିଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଧାନ ଅମଳ ଆରମ୍ଭ ହୋଇଯାଇଥିବାରୁ ସେତେବେଳେ ବୈଠକରେ ଆଗତୁରା ମଣ୍ଡି ଖୋଲିବା ପାଇଁ ଚାଷୀ ପ୍ରତିନିଧିମାନେ ଦାବି କରିଥିଲେ । ମାତ୍ର ୧୦ ତାରିଖକୁ ହିଁ ଚୂଡ଼ାନ୍ତ ନିଷ୍ପତ୍ତି ଭାବେ ଘୋଷଣା କରାଯାଇଥିଲା । ତେବେ ପରବର୍ତ୍ତୀ ସମୟରେ ବାତ୍ୟା ବୁଲ୍‌ବୁଲ୍‌କୁ ଆଳ କରି ଏହାକୁ ୫ଦିନ ଆଗକୁ ବଢ଼ାଇ ଦିଆଯାଇଥିଲା । ଏହା ଜାଣିବା ପରେ ଗତ ୮ତାରିଖରେ ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ, ଅତାବିରା ଶାଖା ନେତୃତ୍ୱରେ ଜିଲାପାଳ ଅଫିସ ଆଗରେ ୧୦ତାରିଖ ଧାନକିଣା ଆରମ୍ଭକୁ ସୁନିଶ୍ଚିତ କରିବା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ।

କିନ୍ତୁ ରବିବାର ସୁଦ୍ଧା ଜିଲାର ମଣ୍ଡି ଖୋଲିନାହିଁ । ଜିଲା ପ୍ରଶାସନ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ନିଷ୍ପତ୍ତିକୁ ବଦଳାଇ ଆସନ୍ତା ୧୫ତାରିଖରୁ ଜିଲାରେ ମଣ୍ଡି ଖୋଲିବା ପାଇଁ ନିଷ୍ପତ୍ତି ନେଇଛି । ଅନ୍ୟପଟେ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ମଣ୍ଡି ଖୋଲିବାରେ ଏଭଳି ବିଳମ୍ବକୁ ଏକ ସୁଯୋଗ ମନେ କରି ମଧ୍ୟସ୍ଥି ଏବଂ କିଛି ତଥାକଥିତ ମିଲର୍ସ ଅଣ୍ଡରରେଟ୍‌ରେ ଧାନ କିଣାବିକା ଆରମ୍ଭ କରି ଦେଇଥିବା ଦେଖିବାକୁ ମିଳିଛି । ହୀରାକୁଦ ଜଳସେଚିତ ଅତାବିରା, ଭେଡ଼େନ ବ୍ଲକର ବିଭିନ୍ନ ଅଞ୍ଚଳରେ ଏଥିପାଇଁ ବେପାରୀମାନେ ସକ୍ରିୟ ହୋଇ ପଡ଼ିଛନ୍ତି । ନିୟମିତ ଟ୍ରାକ୍ଟର, ଟ୍ରକ୍‌ରେ ଧାନ ବୋଝେଇ ହୋଇ ବିଭିନ୍ନ ରାଇସ୍ ମିଲକୁ ଯାଉଛି । ମଣ୍ଡି ଖୋଲିବା ପୂର୍ବରୁ ଜିଲାରେ ସମ୍ପୃକ୍ତ ମିଲର୍ସ, ବେପାରୀଙ୍କ ଏଭଳି କାର୍‌ନାମା ପ୍ରଶାସନ ପାଇଁ ଯେତିକି ଚ୍ୟାଲେଞ୍ଜ ହୋଇ ପଡ଼ିଛି, ଜିଲାର ଧାନ କିଣାବିକା ସ୍ୱଚ୍ଛତା ପ୍ରତି ସେତିକି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

**ବରଗଡ଼ ଜିଲା**
- ନିଷ୍ପତ୍ତି ବଦଳାଇ ମଣ୍ଡି ଖୋଲିବା ବିଳମ୍ବ କଲା ପ୍ରଶାସନ
- ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ନ ହେଉଣୁ ରାଇସ୍ ମିଲ୍ ଫୁଲ୍
- ଅଭାବୀ ବିକ୍ରିରେ ଚାଲିଛି ଧାନକିଣା, ମିଲ୍‌କୁ ଯାଉଛି ଧାନ
- ଜିଲା ଯୋଗାଣ, ଭିଜିଲାନ୍ସ ବିଭାଗ ସାଜିଛି ନୀରବ ଦର୍ଶକ

ବରଗଡ଼ ଜିଲାରେ ଏଭଳି ଅନିୟମିତତା ନୂଆ ନୁହେଁ । ପ୍ରତିବର୍ଷ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ଏହା ଚିରାଚରିତ ଢ଼ଙ୍ଗରେ ଚାଲିଥାଏ। ପୂର୍ବରୁ ଭିଜିଲାନ୍ସ, ପ୍ରଶାସନିକ ଟିମ୍ ଯାଞ୍ଚବେଳେ ମଧ୍ୟ ଏହା ପଦାକୁ ଆସି ସାରିଛି। ଯାଞ୍ଚବେଳେ କେତେକ ରାଇସ ମିଲ୍‌ରେ ଆବଶ୍ୟକ ପରିମାଣରୁ ଅଧିକ ଧାନ ଗଚ୍ଛିତ ରହିଥିବା ତଥ୍ୟ ସାମ୍ନାକୁ ଆସିଛି । ହେଲେ ଏଥର ଏଭଳି ଅନିୟମିତତା ଉପରେ ପ୍ରଶାସନ ଏବଂ ଭିଜିଲାନ୍ସର କିଭଳି ଭୂମିକା ରହିବ, ତାହା ଆଗାମୀ ଦିନରେ ଜଣାପଡ଼ିବ। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝୀଙ୍କ ମୋବାଇଲ ନମ୍ବର ୯୪୩୮୨୦୦୦୩୩ରେ ଯୋଗାଯୋଗ କରାଯାଇଥିଲା । କିନ୍ତୁ ମୋବାଇଲ ବନ୍ଦ ଥିବାରୁ ମତାମତ ମିଳିପାରିନାହିଁ । ସେହିପରି ଭିଜିଲାନ୍ସ ଡିଏସପି ବିରେନ୍ଦ୍ର କୁମାର ନାୟକଙ୍କୁ ପଚାରିବାରୁ ଦୁର୍ନୀତି, ଅନିୟମିତତା ଉପରେ ଭିଜିଲାନ୍ସ ସବୁବେଳେ ନଜର ରଖିଛି ଏବଂ ଠିକଣା ସମୟରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଥିଲେ ।

## ରାସଯାତ୍ରା ପାଇଁ ଜାରିଂ ଉତ୍ସବମୁଖର

ବିଜେପୁର, ୧୦।୧୧ (ଡି.ଏନ.ଏ)

ବିଜେପୁର ବ୍ଲକ ଜାରିଂ ଗ୍ରାମ ରାସଯାତ୍ରା ମହୋତ୍ସବ ପାଇଁ ଉତ୍ସବ ମୁଖରିତ ହୋଇଛି। ସୁଦୃଶ୍ୟ ତୋରଣ ଓ ଆଲୋକମାଳାରେ ଗ୍ରାମ ଝଲସି ଉଠୁଛି । ଗ୍ରାମର ଜଗନ୍ନାଥ ମନ୍ଦିର ଓ ରାଙ୍ଗୀ ନଦୀ କୂଳର ବିରାଟ ମଠରେ ପୂଜାର୍ଚ୍ଚନା ହେଉଛି । ଜଗନ୍ନାଥ ମନ୍ଦିର ନିକଟସ୍ଥ ମଣ୍ଡପରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ରୀତିନୀତି ସହକାରେ ପୂଜାର୍ଚ୍ଚନା କରାଯାଉଛି । ସନତ କୁମାର ଗଡତିୟା କର୍ତ୍ତା, ଅଚ୍ୟୁତାନନ୍ଦ ପୂଜାରୀ, ସନାନନ୍ଦ ପୂଜାରୀ ପୁରୋହିତ ଦାୟିତ୍ୱ ନିର୍ବାହ କରିଥିଲେ। ରାତିରେ ଲୋକ ଲୋକଗୀତ ସମ୍ପ୍ରଦା ପରିବେଷିତ ହେଉଛି । ମଙ୍ଗଳବାର ଓ ବୁଧବାର ରାଙ୍ଗୀ ନଦୀ କୂଳରେ ବାଲିଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ । ମୀନାବଜାର, ଉଠାଦୋକାନ ସହ ଲୋକନୃତ୍ୟ, ଲୋକଗୀତ ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଥିବା ମହୋତ୍ସବ ପରିଚାଳନା କମିଟି ସୂତ୍ରରୁ ପ୍ରକାଶ ।

## ଜିଲାପାଳଙ୍କ ମାତୃନିକେତନ ପରିଦର୍ଶନ



ଜିଲାପାଳ କସ୍ତୁରବା ଗାନ୍ଧୀ ମାତୃନିକେତନରେ ଅନ୍ତେବାସୀଙ୍କ ସହିତ ଆଲୋଚନା କରୁଛନ୍ତି ।

ପାଇକମାଳ,୧୦।୧୧(ଡି.ଏନ.ଏ)

ବରଗଡ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ରବିବାର ଅପରାହ୍ନ ୫ଟାରେ ପାଇକମାଳ କସ୍ତୁରବା ଗାନ୍ଧୀ ମାତୃନିକେତନକୁ ପରିଦର୍ଶନ କରିଥିଲେ। ତାଙ୍କ ସହିତ ପଦ୍ମପୁର ଉପଜିଲାପାଳ ତନ୍ମୟ ଦରୱାନ, ବିଡିଓ ସଦାଶିବ ନାୟକ, ତହସିଲଦାର ସୁଶାନ୍ତ କୁମାର ରଣା ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାପାଳ ପ୍ରଧାନ ମାତୃନିକେତନ ପରିସର ବୁଲି ଦେଖିବା ସହ ଅନ୍ତେବାସୀଙ୍କୁ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଛାତ୍ରୀବାସ ଛାତରୁ ପାଣି ଗଳୁଥିବାରୁ ଜିଲାପାଳ ପାଇକମାଳ ବିଡିଓଙ୍କୁ ମରାମତି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପ୍ରତିଦିନ ଜଣେ ପ୍ରଶାସନିକ ଅଧିକାରୀ ମାତୃନିକେତନ ପରିଦର୍ଶନ କରି ଅନ୍ତେବାସୀଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ଉପଜିଲ୍ଲାପାଳ ଦରୱାନଙ୍କୁ କହିଥିଲେ ।

## କଳାକାରଙ୍କୁ ସମ୍ବର୍ଦ୍ଧନା



କଳାକାର କ୍ଷିତିଭୂଷଣ ପଧାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଗାଇସିଲେଟ,୧୦।୧୧(ଡି.ଏନ.ଏ)

ଗାଇସିଲେଟ ବ୍ଲକ ବୁରୋମୁଣ୍ଡା ପଞ୍ଚାୟତ ପରିସରରେ କଳାକାର କ୍ଷିତିଭୂଷଣ ପଧାନଙ୍କୁ ରବିବାର ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବ୍ଲକ ଉପାଧ୍ୟକ୍ଷ ପ୍ରଣୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜେପୁର ବିଧାୟିକା ରୀତା ସାହୁ ମୁଖ୍ୟଅତିଥି, ପ୍ରମୋଦ ଦେବତା, ରବି ଠାକୁର, ମନୋଜ ପଣ୍ଡା ସୁରେଶ୍ୱର ଭୋଇ ପ୍ରମୁଖ ମଞ୍ଚାସୀନ ରହି କଳାକାର ପଧାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶରତ କୁମାର ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଗତ ଅକ୍ଟୋବର ୨୦ତାରିଖରେ ଦିଲ୍ଲୀ ଦରବାରରେ ଭାରତବର୍ଷର ୫୨ ଜଣ କଳାକାର ବୈଷ୍ଣବ ଜନ ତୋ ମ୍ୟୁଜିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ଓଡିଶାର ଜଣେ ମାତ୍ର ମାଦଳ ବାଦକ ଭାବେ କ୍ଷିତିଭୂଷଣ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ଜମଲା ଡିଗ୍ରୀ କଲେଜରେ ସାମୂହିକ ସମ୍ମାନ

ପଦ୍ମପୁର, ୧୦।୧୧ (ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ଜମଲା ଡିଗ୍ରୀ କଲେଜର ଇଂଲିଶ, ଓଡିଆ, ଇତିହାସ, ରାଜନୀତି ବିଜ୍ଞାନ ଓ ଶିକ୍ଷା ସମ୍ମାନ ବିଭାଗର ସମ୍ମାନ ଶନିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ମାନଭଞ୍ଜନ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ଅଧ୍ୟାପକା ମିନତି ଦେବତା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ଡ. ସ୍ୱାଧୀନ ଚନ୍ଦ୍ର ପଧାନ ଅତିଥି ପରିଚୟ ଓ ଅଧ୍ୟାପକ ଆଶିଷ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଭାଗୀୟ ସମ୍ମାନଗୁଡିକ ଭିନ୍ନ କୋଠରୀରେ ଅନୁଷ୍ଠିତ ହୋଇଥିଲା। ଶୁକେଶ୍ୱର ବାରିକ, ପ୍ରତାପ ବଢ଼େଇ, ସତ୍ୟମ ବିଶ୍ୱାଳ, ଥବୀର ବାରିକ, ନିରଞ୍ଜନ ପାଣ୍ଡେ, ରାଜେଶ ସ୍ୱାଇଁ, ନାରାୟଣ ବେହେରା, ପ୍ରଶାନ୍ତ ପଧାନ, ଲାଇବ୍ରେରୀଆନ ସୁମନ୍ତ ବାଜପେୟୀ ସହଯୋଗ କରିଥିଲେ ।

## ଡୁମାଲ ପରିଷଦର ଜିଲାସ୍ତରୀୟ ସାଙ୍ଗଠନିକ ସଭା

ଭେଡ଼େନ, ୧୦।୧୧(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅଏଁଲାପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ବରଗାଁର ମାଁ ମାହେଶ୍ୱରୀ ମନ୍ଦିର ପରିସରରେ ରବିବାର ବରଗଡ଼ ଜିଲାସ୍ତରୀୟ ଡୁମାଲ ପରିଷଦର ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଛି । ପ୍ରାରମ୍ଭରେ ମାଁ ମାହେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ସମସ୍ତ ଅତିଥି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ହରିଶଙ୍କର ବେହେରାଙ୍କ ପରିଚାଳନାରେ ହୋଇଥିବା ସଭାରେ ରାଜ୍ୟ ପରିଷଦର ପୂର୍ବତନ ସଭାପତି ତଥା ଉପଦେଷ୍ଟା ଦେବାର୍ଚ୍ଚନ ଚାଉଳିଆ ମୁଖ୍ୟଅତିଥି, ରାଜ୍ୟ ଉପସଭାପତି କୃତିବାସ ପଲିଆ ମୁଖ୍ୟବକ୍ତା, ସୋନପୁର ଜିଲା ଉପସଭାପତି କିଶୋର କର୍ମି, କୋଷାଧ୍ୟକ୍ଷ ଲକ୍ଷ୍ମଣ ବସ୍ତିଆ, ରାଜ୍ୟ କୋଷାଧ୍ୟକ୍ଷ ଜିତେନ ବେହେରା, ବରଗାଁ କେନ୍ଦ୍ର ସଭାପତି ବିଜୟ ମହାକୁର, ସମ୍ପାଦକ ରଘୁନାଥ ଦେହେରୀ, ବରିଷ୍ଠ ସଙ୍ଗଠକ ଦିଲୀପ ଦେହେରୀ, ଫକୀର କର୍ଣ୍ଣ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସାଙ୍ଗଠନିକ ସମସ୍ୟା ତଥା ନିରାକରଣ ଶୀର୍ଷକ ଆଲୋଚନାରେ ପବିତ୍ର ପଧାନ, ଫକୀର କର୍ଣ୍ଣ, ଧନଞ୍ଜୟ ମହାକୁର, ସୁରେନ୍ଦ୍ର କର୍ମି, କୃଷ୍ଣଚନ୍ଦ୍ର ମେଣ୍ଡଲୀ, ମଦନ ସୁନ୍ଦର ଖେତି, ସମ୍ବିତ ମହାକୁର, ଲକ୍ଷ୍ମଣ ଛନ୍ଦ, ହିରା ମହାକୁର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ସଭାରେ ଡୁମାଲ ଜାତିର କୀର୍ତ୍ତନ ଗାୟକ ଦୁର୍ଯ୍ୟୋଧନ ଛନ୍ଦ, ବେଜି ସେବକ ଠାକୁର ଦନ୍ତା, ହାତୁ ଦନ୍ତା, ବରିଷ୍ଠ ନାଗରିକ ନୃପରାଜ ମେଲ୍ଲୀ, ଗାୟକ କୃଷ୍ଣଚନ୍ଦ୍ର ମେଲ୍ଲୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ରାଜ୍ୟସ୍ତରୀୟ ମୁଖପତ୍ର 'ଆମେ ଡୁମାଲ' ପ୍ରକାଶନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଜିଲା ସଙ୍ଗଠନ ପାଇଁ ସଦସ୍ୟ ମନୋନାୟନ କରାଯିବା ସହ ବରଗାଁ କେନ୍ଦ୍ର ପାଇଁ ସଙ୍ଗଠନର ନୂତନ କର୍ମକର୍ତ୍ତା ମନୋନାୟନ କରି ତାଙ୍କୁ ଶପଥ ପାଠ କରାଯାଇଥିଲା। ପ୍ରେମାନନ୍ଦ ଦନ୍ତା ଉଦ୍ଦେଶ୍ୟ ଜ୍ଞାପନ, ଚୈତନ୍ୟ କର୍ମି ଅତିଥି ପରିଚୟ ପ୍ରଦାନ ଏବଂ ହିରା ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ । ସୁରେନ୍ଦ୍ର କର୍ମି, ପ୍ରମୋଦ କର୍ମିଙ୍କ ସମେତ ବରଗାଁ କେନ୍ଦ୍ର ତଥା ଭେଡ଼େନ ବ୍ଲକର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ବରଗାଁ ଠାରେ ଡୁମାଲ ସାଙ୍ଗଠନିକ ସଭାରେ ଅତିଥିଗଣ ।

## ପଲସଦାରେ କୃଷକ ସଙ୍ଗଠନ ବୈଠକ

ପାଇକମାଳ,୧୦।୧୧(ଡି.ଏନ.ଏ)

ପାଇକମାଳ ବ୍ଲକର ଚାଷୀମାନଙ୍କୁ ନେଇ ରବିବାର ପଲସଦା ସ୍ଥିତ ପ୍ରାଥମିକ କୃଷି ସେବା ସମବାୟ ସମିତି ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ଆଲୋଚନା କରାଯାଇ ଟୋକନ ବ୍ୟବସ୍ଥାକୁ ବିରୋଧ କରାଯାଇଥିଲା । ଏହା ବନ୍ଦ ନ ହେଲେ ଆନ୍ଦୋଳନ କରାଯିବ ବୋଲି ସ୍ଥିର ହୋଇଛି। ସେହିପରି ମଣ୍ଡିଗୁଡିକରେ କ୍ରମ ଅନୁସାରେ ଧାନ କିଣିବା ପାଇଁ ବାଧ୍ୟତାମୂଳକ କରିବାକୁ ଦାବି ହୋଇଥିଲା। ଏହି ସଭାରେ ବିଶ୍ୱନାଥ ରଣା, ପିତାମ୍ବର ସାହୁ, ଉମାକାନ୍ତ ଶତପଥୀ, ଦିଲୀପ ପ୍ରଧାନ, ସଫେଦ ବାରିକ, ଝସକେତନ ବରିହା, ରାଜବୋଡାସମ୍ବର କୃଷକ ସଙ୍ଗଠନର ଆଲୋକ ସାହୁ, କୈଳାସ ସାହୁ ପ୍ରମୁଖ ଚାଷୀମାନେ ଉପସ୍ଥିତ ଥିଲେ । ଗତ ୨୦୧୭ ମସିହାର ବକେୟା ରହିଥିବା ବୀମା ଟଙ୍କା ପାଇଁ ସରକାରଙ୍କ ହସ୍ତକ୍ଷେପ ଲୋଡିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା ।



ବରଗଡ଼ ଜିଲା ଅତାବିରା ବ୍ଲକ ପାଲିଝୁରଝୁରା ବାଲିଯାତ୍ରା ଅବସରରେ ଗାଣ୍ଡିକୀ ଖେଳ ପଡିଆରେ ମେଣ୍ଢା ଲଢ଼େଇ ଚାଲିଛି।

## ଅତାବିରାରୁ ଗଡିଲା ଚାଷୀ ସଚେତନତା ରଥ

ଅତାବିରା, ୧୦।୧୧ (ଡି.ଏନ.ଏ)

ବରଗଡ ଜିଲା ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆରଏମସି) ଅଧନ ମଣ୍ଡି ଏବଂ ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଗୁଡ଼ିକରେ ଚଳିତ ଖରିଫ ଋତୁ ଧାନ ସଂଗ୍ରହ ଆସନ୍ତା ୧୫ ତାରିଖରୁ ଆରମ୍ଭ କରାଯିବ। ଏହି ପରିପ୍ରେକ୍ଷୀରେ ରବିବାର ଅତାବିରା ଆରଏମସି ଅଫିସରୁ ଏକ ଚାଷୀ ସଚେତନତା ରଥକୁ ସମ୍ପାଦକ ବିଶ୍ୱଜିତ ବାରିକ ଉଦଘାଟନ କରିଛନ୍ତି। ଏହି ରଥ ଆରଏମସି ଅଧୀନ ପ୍ରତ୍ୟେକ ଅଞ୍ଚଳକ ଯାଇ ଚାଷୀମାନଙ୍କୁ ସଚେତନ କରିବ। ଚାଷୀମାନେ ଧାନ କ୍ରୟକାରୀ ସଂସ୍ଥାରୁ ଟୋକନ ବାର୍ତ୍ତା ପାଇବା ପରେ ଧାନ ଆଣି ବିକ୍ରି କରିବେ। ବିନା ଟୋକନରେ ବଜାର ପ୍ରାଙ୍ଗଣକୁ ଧାନ ନ ଆଣିବା ପାଇଁ ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି। ଜଣେ ଚାଷୀ ଗୋଟିଏ ଦିନରେ ସର୍ବାଧିକ ୧୦୦ ବସ୍ତା (ବସ୍ତା ପ୍ରତି ୭୫ କେଜି) ପର୍ଯ୍ୟନ୍ତ ଧାନ ବିକ୍ରି କରିପାରିବେ । ଚାଷୀଙ୍କୁ ଧାନର ମୂଲ୍ୟ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ୪୮ ଘଣ୍ଟା ମଧ୍ୟରେ ପ୍ରଦାନ କରାଯିବ। ଯଦି କୌଣସି ବ୍ୟକ୍ତି, ଅନୁଷ୍ଠାନ ଚାଷୀଙ୍କଠାରୁ ସର୍ବନିମ୍ନ ସହାୟକ ମୂଲ୍ୟରୁ କମ୍ ଦରରେ ଧାନ କ୍ରୟ କରୁଛନ୍ତି ତେବେ ସ୍ଥାନୀୟ ବିଡିଓ, ତହସିଲଦାର, ଯୋଗାଣ ନିରୀକ୍ଷକଙ୍କୁ ସୂଚନା ଦେବା ସହିତ ଜିଲା ଯୋଗାଣ ଅଧିକାରୀ, ଉପଜିଲାପାଳ, ଅତିରିକ୍ତ ଜିଲାପାଳ, ଜିଲାପାଳଙ୍କୁ ଜଣାଇବା ପାଇଁ ଚାଷୀମାନଙ୍କୁ କୁହାଯାଇଛି ।



ଅତାବିରା ଆରଏମସି ପ୍ରାଙ୍ଗଣରେ ଚାଷୀ ସଚେତନତା ରଥକୁ ଉଦ୍‌ଘାଟନ କରାଯାଉଛି ।

- ଦିନକୁ ଜଣେ ଚାଷୀ ଶହେ ବସ୍ତା ଧାନ ବିକିବେ
- ଟୋକନ ପାଇ ନ ଥିବା ଚାଷୀ ମଣ୍ଡିକୁ ଧାନ ଆଣିପାରିବେ ନାହିଁ

## ଟି.ଏନ୍. ଶେଷାନଙ୍କ ପରଲୋକ

**ନୂଆଦିଲ୍ଲୀ,୧୦।୧୧(ପି.ଟି.):** ଦେଶର ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ଆଣି ଚର୍ଚ୍ଚିତ ହୋଇଥିବା ଭାରତର ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ତିରୁନେଲାଇ ନାରାୟଣ ଆୟର ଶେଷାନ (ଟି.ଏନ୍. ଶେଷାନ)ଙ୍କର ରବିବାର ପରଲୋକ ହୋଇଯାଇଛି। ତାଙ୍କୁ ୮୭ ବର୍ଷ ହୋଇଥିଲା। ୧୦ମ ମୁଖ୍ୟ ନିର୍ବାଚନ କମିଶନର ଭାବେ ସେ ୧୯୯୦ ଡିସେମ୍ବର ୧୨ରୁ ୧୯୯୬ ଡିସେମ୍ବର ୧୧ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ତାଙ୍କ ସମୟରେ ଭୋଟର ପରିଚୟପତ୍ର କାର୍ଯ୍ୟକାରୀ ହୋଇଥିଲା। ନିର୍ବାଚନ ଆଚରଣ ବିଧିକୁ କଡ଼ାକଡ଼ି ଲାଗୁ କରି ସେ ବେଶ୍ ଲୋକପ୍ରିୟତା ହାସଲ କରିଥିଲେ। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିବା ରାଜନେତାମାନଙ୍କର ପ୍ରବୃତ୍ତିରେ ପରିଣତ ହୋଇଥିଲା। ଶେଷାନଙ୍କ କଠୋର କାର୍ଯ୍ୟାନୁଷ୍ଠାନ ଭୟରେ ସେମାନେ ଆଇନକୁ ମାନିବାକୁ ବାଧ ହୋଇଥିଲେ। ଜଣେ ରାଜ୍ୟପାଳ ତାଙ୍କ ପୁଅ ପାଇଁ ପ୍ରଚାର କରିବାରୁ ମଧ୍ୟପ୍ରଦେଶର ଏକ ଆସନରେ ନିର୍ବାଚନକୁ ସ୍ଥଗିତ କରିଥିଲେ ଶେଷାନ। ଫଳରେ ଉକ୍ତ ରାଜ୍ୟପାଳ ଇସ୍ତଫା ଦେବାକୁ ବାଧ ହୋଇଥିଲେ। ଉତ୍ତରପ୍ରଦେଶରେ ପ୍ରଚାର ଶେଷ ହେବା ପରେ ଜଣେ ମନ୍ତ୍ରୀ ନିର୍ବାଚନୀ ସଭାରେ ଯୋଗଦେଇଥିବାରୁ ତାଙ୍କୁ ତୁରନ୍ତ ମଞ୍ଚ ଛାଡିବାକୁ ପଡିଥିଲା। ୧୯୫୫ ବ୍ୟାଚ୍‌ର ତାମିଲନାଡୁ କ୍ୟାଡର ଆଇଏଏସ୍ ଅଫିସର ଶେଷାନ ନିର୍ବାଚନ କମିଶନ ହେବା ପୂର୍ବରୁ କ୍ୟାବିନେଟ ସଚିବ ଭାବେ କାର୍ଯ୍ୟ କରିଥିଲେ। ୧୯୯୬ରେ ତାଙ୍କୁ ରମନ ମାଗାସେସେ ପୁରସ୍କାର ମିଳିଥିଲା। କେରଳର ପାଲାକ୍କଡ ଜିଲା ତିରୁନେଲାଇରେ ୧୯୩୨ରେ ଜନ୍ମିତ ଶେଷାନ ପଦାର୍ଥ ବିଜ୍ଞାନରେ ସ୍ନାତକ କରିବା ପରେ ମାଡ୍ରାସ ଖ୍ରୀଷ୍ଟିଆନ୍ କଲେଜରେ ଡେମୋନ୍‌ଷ୍ଟ୍ରେଟର ଭାବେ ୩ ବର୍ଷ କାମ କରିଥିଲେ। ଏହି ସମୟରେ ସେ ଆଇଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏଡ୍‌ୱାର୍ଡ ଏସ୍. ମାସନ ଛାତ୍ରବୃତ୍ତିରେ ସେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ପଢ଼ି ସାଧାରଣ ପ୍ରଶାସନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ।

### ■ ଚକଡ଼ା ଯୋଗୁ ଉଜୁଡ଼ିଲା ଧାନ ଫସଲ

# କ୍ଷେତରେ ନିଆଁ ଲଗାଇଲେ ଚାଷୀ

**ତରଭା, ୧୦।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ରାଣୀସର୍ଡା ପଞ୍ଚାୟତ ଅନ୍ତର୍ଗତ ଅର୍ଡା ଗ୍ରାମର ଜଣେ ଚାଷୀ ରବିବାର ତାଙ୍କ ଚକଡା ପ୍ରଭାବିତ ଧାନକ୍ଷେତରେ ନିଆଁ ଲଗାଇ ଦେଇଛନ୍ତି। ଫସଲ ଅମଳ ହେବାକୁ ଥିବା ବେଳେ ଚାଷୀ ସହଦେବ କର୍ମୀଙ୍କ କ୍ଷେତ ଚକଡା ପ୍ରଭାବିତ ହୋଇ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଧାରକରଜ କରି ଫସଲ ଉଠିଆ କରିଥିବା ଚାଷୀ ଜଣକ ଭଲ ଉତ୍ପାଦନର ଆଶା ରଖିଥିବା ବେଳେ କ୍ଷେତରେ ମାଟିଆଗୁଣ୍ଡି ପୋକ ଲାଗିଥିଲା। ସରକାରୀ ଏବଂ ବେସରକାରୀସ୍ତରରେ ଔଷଧ କିଣି ସିଞ୍ଚନ କରିଥିଲେ ସୁଦ୍ଧା କୌଣସି ଲାଭ ମିଳି ନ ଥିଲା। କୃଷି ବିଭାଗ ଅଧିକାରୀଙ୍କ ସହ ପରାମର୍ଶ କରିଥିଲେ ବି ଫସଲକୁ ରୋଗପୋକରୁ ବଞ୍ଚାଇ ପାରି ନ ଥିଲେ ଚାଷୀ। ଆଖି ଆଗରେ ଉଜୁଡି ଯାଇଥିଲା ଫସଲ। ଏଥିରେ ମ୍ରିୟମାଣ ହୋଇ ସହଦେବ ଚାଷ କରିଥିବା ଅଢେଇ ଏକର ଜମିରୁ ପ୍ରାୟ ଅଧ ଏକର ଜମିରେ ନିଆଁ ଲଗାଇ ଦେଇଥିଲେ। କେବଳ ତାଙ୍କର ନୁହେଁ ଅର୍ଡା ଗ୍ରାମର ଅଧିକାଂଶ ଚାଷୀଙ୍କ ଜମିରେ ବର୍ତ୍ତମାନ ଚକଡା କାୟା ବିସ୍ତାର କରିଛି । ଯାହାଫଳରେ ଅନ୍ୟ ଚାଷୀମାନେ ମଧ୍ୟ ଚିନ୍ତାରେ ପଡିଛନ୍ତି।



ଅର୍ଡା ଗାଁରେ ଚାଷୀ ସହଦେବ କର୍ମୀଙ୍କ ଚକଡା ପ୍ରଭାବିତ କ୍ଷେତରେ ନିଆଁ ଲଗାଇ ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅକାଳେ ମାଇଲି ଘାଏଁ**
**ଗଲା ଭେଦୁଅ ଯାଏ ।**

ସାଧାରଣତଃ କାମରେ ଢିଲା ମାରୁଥିବା ଲୋକ କୌଣସି କାମକୁ ସେତେଟା ଗୁରୁତ୍ୱ ଦେଇ ନ ଥାନ୍ତି। ଜୋର ଦେଇ ବା ମନବଳାଇ ଗୋଟିଏ କାମକୁ ଥରେ କରି ଦେଲା ପରେ ଆଉ ସେ କାମରେ ହାତ ଦେଇ ନ ଥାନ୍ତି କି ସେଥିପ୍ରତି ନିଘା ରଖି ନ ଥାନ୍ତି। ଏହି ଧରଣର ବ୍ୟକ୍ତି ସମାଜରେ ଖାମଖିଆଲି ଲୋକ ଭାବରେ ପରିଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଟକି ନ ରହି ଅଳସରେ**
**ରଟରଟ ଚଳ ବିଳାସରେ ।**

କିଛି ବ୍ୟକ୍ତି ଅଳସୁଆ ପ୍ରକୃତିର ହୋଇଥାନ୍ତି। କାମଦାମ ନ କରି ବସି ଶୋଇ ସମୟ ନଷ୍ଟ କରିବା ସହ ନିଜ ଜୀବନକୁ ମାଟି କରିଥାନ୍ତି। ହାତ ବନ୍ଦ କରି ବସିରହିବା ଫଳରେ ତାହାର କୁପ୍ରଭାବ ତାଙ୍କ ଶରୀର ଓ ମନ ଉପରେ ପଡ଼ିଥାଏ। କିନ୍ତୁ ଯିଏ ଆନନ୍ଦ ଉଲ୍ଲାସ ମଧ୍ୟରେ ରହିଥାଏ ତା'ର ଶରୀର ଓ ମନରେ ଏକପ୍ରକାର ସ୍ଫୂର୍ତ୍ତି ଆସିଥାଏ। ଜୀବନକୁ ଜିଇବାର କଳା ସେ ହିଁ ଜାଣି ପାରିଥାଏ। ତେଣୁ ଆଳସ୍ୟ ଅପେକ୍ଷା ବିଳାସିତା ଶ୍ରେୟସ୍କର ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଖଜୁରୀବନ୍ଧ ସଫେଇ କଲେ ଯୁବଗୋଷ୍ଠୀ

**ମୁରିବାହାଲ, ୧୦।୧୧ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ମୁରିବାହାଲ ଗ୍ରାମରେ ଥିବା ସର୍ବ ପୁରାତନ ଖଜୁରୀବନ୍ଧ ହୁଡାକୁ ଗ୍ରାମର ଯୁବକମାନେ ରବିବାର ସଫା କରିଛନ୍ତି। ଗାଁର ଗୋପବନ୍ଧୁ ଯୁବକ ସଂଘ କର୍ମକର୍ତ୍ତାଙ୍କ ନେତୃତ୍ୱରେ ସକାଳ ୬ଟାରେ ପ୍ରାୟ ୫୦ଜଣ ଯୁବକ ସଫେଇ ଆରମ୍ଭ କରିଥିଲେ। ଅଳିଆ ଆବର୍ଜନା ଓ ବନ୍ଧ ହୁଡାକୁ ପ୍ଲାଷ୍ଟିକମୁକ୍ତ କରିବା ଉପରେ ସଂଘ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ମୁରିବାହାଲ ପଞ୍ଚାୟତର ନାଏବ ସରପଞ୍ଚ ମନୋଜ କୁମାର କର, ପୂର୍ବତନ ସରପଞ୍ଚ ଯୁଧିଷ୍ଠିର ବଘାର ସାମିଲ ହୋଇଥିଲେ। ଅଜିତ କୁମାର ତରିଆ, ସେମନ୍ତ ବାଗ, ସଞ୍ଜୟ ବାଗ, ପ୍ରଶାନ୍ତ ମାହାର, ଅବିନାଶ ଭୋଇ, ଅଶୋକ ବଘାର, କାବୁ ଷାଷ୍ଟୁ, ବଳ ବାଗ ଓ ଶତ୍ରୁଘ୍ନ ପ୍ରଧାନୀ ପ୍ରମୁଖ ଆଗାମୀ ଦିନରେ ଗ୍ରାମର ଅନ୍ୟାନ୍ୟ ସ୍ଥାନକୁ ମଧ୍ୟ ସଫା କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଜିତେନ୍ଦ୍ରୀୟ ଭୋଇ ସଂଯୋଜନା କରିଥିଲେ।



ମହମ୍ମଦ ଜୟନ୍ତୀ ଅବସରରେ ଶୋଭାଯାତ୍ରା ।

## ଖଣ୍ଡହଥାରେ ସ୍ୱାସ୍ଥ୍ୟ ଶିବିର

**ବରଗଡ଼ ଅଫିସ୍,୧୦।୧୧**

ବରଗଡ଼ ବ୍ଲକ ଅନ୍ତର୍ଗତ ଖଣ୍ଡହଥା ଗ୍ରାମର ନିଷ୍ଠା ଭବନରେ ରବିବାର ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିର ଲାୟନ୍ସ କ୍ଲବ, ବରଗଡ଼ର ଯୁବା ସମ୍ମେଳନ, ବିକାଶ ମଲ୍ଟି ସ୍ପେଶିଆଲିଟି ହସପିଟାଲ, ନିଷ୍ଠା ପରିବାର ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ୭୦୯ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ଲାୟନ୍ସ କ୍ଲବ ପକ୍ଷରୁ ମାଗଣା ଡାଇବେଟିସ୍ ଏବଂ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଶିବିର ପରିଚାଳନାରେ ଲାୟନ୍ସ କ୍ଲବର ସଭାପତି ତଥା ବିକାଶ ମଲ୍ଟି ସ୍ପେଶିଆଲିଟି ହସପିଟାଲର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା, ଯୁବା ସମ୍ମେଳନର ସଭାପତି ଆକାଶ ଅଗ୍ରୱାଲ, ଓଶ୍ରୁର ସଭାପତି ଅରୁଣ ଶତପଥୀ, ନିଷ୍ଠା ପରିବାରର ସଭାପତି ରକ୍ଷପାଳ ସାହୁ, ସମ୍ପାଦକ ଅଶ୍ୱିନୀ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ଅତିଥିଙ୍କୁ ସ୍ମାରକ ପ୍ରଦାନ କରାଯାଇଥିଲା।

## ତରଭାରେ ମହମ୍ମଦ ଜୟନ୍ତୀ

**ତରଭା, ୧୦।୧୧(ଡି.ଏନ.ଏ.)**

ତରଭା ସହରରେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ରବିବାର ମହମ୍ମଦ ଜୟନ୍ତୀ ପାଳନ କରାଯାଇଥିଲା। ଏହି ଉପଲକ୍ଷେ ସହର ତଥା ଆଖପାଖରୁ ଆସିଥିବା ମୁସଲମାନ ଭାଇମାନେ ମସ୍‌ଜିଦ୍ ପରିସରରୁ ଝଣ୍ଡା ଶୋଭାଯାତ୍ରା କରି ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରା ମସଜିଦ୍‌ରେ ପହଞ୍ଚିବା ପରେ ସେଠାରେ ଧ୍ୱଜା ଉତ୍ତୋଳନ କରାଯାଇଥିଲା। ପରେ ସେମାନେ ସେଠାରୁ ଖଲିଆପାଲି ଯାଇ ସେଠାରେ ମଧ୍ୟ ଧ୍ୱଜା ଉତ୍ତୋଳନ କରିଥିଲେ। ଏଥିରେ ମଜାର କମିଟି ସଭାପତି ସୁଲେମାନ ଖାନ, ଇସାକ ମହମ୍ମଦ, ଆକବର ଅଲ୍ଲୀ, ମୁଜାଫର ଖାନ, ମମିନ ଖାନ, ଅବଦୁଲ ଖାନ, ଏହସାନ ଖାନ, ଖ୍ୱାଜ ମହମ୍ମଦ, ଅନୱର ଖାନ, ମନୱର ଖାନ, ଗୁଲାମ କାଦର ଖାନ, ୱାସିଉଦ୍ଦିନ ଖାନଙ୍କ ସମେତ ଶତାଧିକ ଯୋଗଦେଇଥିଲେ। ମଧ୍ୟାହ୍ନରେ ମଜାର କମିଟି ତରଫରୁ ଡାକ୍ତରଖାନର ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଏଥିସହ ଶିବତୁଲାସ୍ଥିତ ଦୃଷ୍ଟିହୀନ, ମୂକ, ବଧିର ବିଦ୍ୟାଳୟକୁ ଯାଇ ଛାତ୍ରଛାତ୍ରୀଙ୍କୁ ବିସ୍କୁଟ, ଫଳପ୍ରଭୃତିବଣ୍ଟନ କରାଯାଇଥିଲା।



ତରଭାରେ ମହମ୍ମଦ ଜୟନ୍ତୀ ଅବସରରେ ବାହାରିଥିବା ଶୋଭାଯାତ୍ରା।

## ମହମ୍ମଦ ଜୟନ୍ତୀରେ ଶୋଭାଯାତ୍ରା, ସୁରକ୍ଷା କଡ଼ାକଡ଼ି

**ବରଗଡ଼ ଅଫିସ୍,୧୦।୧୧**

ଇସଲାମ ଧର୍ମ ପ୍ରତିଷ୍ଠାତା ହଜରତ୍ ମହମ୍ମଦଙ୍କ ଜନ୍ମ ଜୟନ୍ତୀ ସାରାବିଶ୍ୱରେ ପାଳନ କରୁଥିବାବେଳେ ବରଗଡ଼ରେ ମଧ୍ୟ ଏହି ପର୍ବ ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବରୁ ଇଦ୍‌ଗାହଠାରେ ବିଭିନ୍ନ ରାଜ୍ୟରୁ ଆସିଥିବା ମୌଲାନାଙ୍କ ଦ୍ୱାରା ଶହଂ ଶାହେ ଦୋ ଆଲମ ଜଲସା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ହଜରତ୍ ମହମ୍ମଦଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରାଯାଇଥିଲା। ରବିବାର ପୂର୍ବାହ୍ନରେ ପାରମ୍ପରିକ ବସ୍ତ୍ର ପରିଧାନ କରି ମୁସଲିମ ସମାଜର ସମସ୍ତ କର୍ମକର୍ତ୍ତା, ସଭ୍ୟ ସ୍ଥାନୀୟ ସୁନ୍ନି ବରେଲୱି ଜାମା ମସଜିଦଠାରେ ଏକତ୍ରିତ ହୋଇଥିଲେ। ଏହାପରେ ଏକ ଶୋଭାଯାତ୍ରାରେ ଯାଇ ସେମାନେ ଇଦ୍‌ଗାହ ପଡ଼ିଆରେ ପହଞ୍ଚିଥିଲେ। ସେଠାରେ ଜାମା ମସଜିଦ୍ ମୌଲାନା ମୁସଲିମ ରାଜା ଆନୁଷ୍ଠାନିକ ଭାବେ ଇସଲାମିକ୍ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସ୍ଥାନୀୟ ସୁନ୍ନି ବରେଲୱି ମସଜିଦ କମିଟିର ସମସ୍ତ କର୍ମକର୍ତ୍ତା ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶାନ୍ତି, ଶୃଙ୍ଖଳା ରକ୍ଷା ପାଇଁ ଏସପି ପଦ୍ମିନୀ ସାହୁଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଏସ୍‌ପି ଅମରେନ୍ଦ୍ର ରଣା, ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଝାରୀଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ମୁତୟନ ହୋଇଥିଲା।

## ବିଧାୟକଙ୍କ ଜନସମ୍ପର୍କ ଅଭିଯାନ



ବରଗଡ଼ ବିଧାୟକ କଟାପାଲି ଗ୍ରାମରେ ଜନସମ୍ପର୍କ ଅଭିଯାନ କରୁଛନ୍ତି ।

**ବରଗଡ଼ ଅଫିସ୍,୧୦।୧୧**

ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲି ଗ୍ରାମରେ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଜନସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଶନିବାର ବିଧାୟକ ଉକ୍ତ ଗ୍ରାମକୁ ଗସ୍ତ କରିଥିଲେ ଏବଂ ଗ୍ରାମବାସୀ ତାଙ୍କୁ ପାଛୋଟି ନେଇଥିଲେ। ବିଧାୟକ ଆଚାର୍ଯ୍ୟ ଗ୍ରାମର ବରିଷ୍ଠ ନାଗରିକ, ମହିଳା ତଥା ସାଧାରଣ ଜନତାଙ୍କ ଆପତ୍ତି, ଅଭିଯୋଗ ଶୁଣି ଗ୍ରାମର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ ସେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମର ବହୁ ସଂଖ୍ୟକ ଗ୍ରାମବାସୀ ସାମିଲ ହୋଇଥିଲେ ।

## ଫୁଟବଲ: ବରଗଡ଼, ଭେଡ଼େନ ବିଜୟୀ

**ବରଗଡ଼ ଅଫିସ୍,୧୦।୧୧**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ରବିବାର ଅନୁଷ୍ଠିତ ମ୍ୟାଚ ଗୁଡ଼ିକରେ ବରଗଡ଼ର ୟୁଏସସି ଏବଂ ଭେଡ଼େନର ଆରଏଏ ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ବରଗଡ଼ର ୟୁଏସସି ଏବଂ ଗାଇସୀମା ମଧ୍ୟରେ ପ୍ରଥମ ମ୍ୟାଚ ହୋଇଥିଲା। ଏଥିରେ ବରଗଡ଼ ୪-୦ ଗୋଲରେ ବିଜୟୀ ହୋଇଥିଲା। ବରଗଡ଼ର ସନ୍ଦୀପ ନାଏକ ୨ଟି ଗୋଲ୍ ସ୍କୋର କରିଥିବା ବେଳେ ଏମ. ବରିହା ଓ ଲକ୍ଷ୍ମଣ ଭୁଏ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚରେ ଭେଡ଼େନ ପ୍ରତିପକ୍ଷ ବହଲପାଲିକୁ ଟାଇବ୍ରେକର ଜରିଆରେ ୪-୨ ଗୋଲରେ ହରାଇଥିଲା । ମ୍ୟାଚର ନିର୍ଦ୍ଧାରିତ ସମୟ ସୁଦ୍ଧା ଭେଡ଼େନର ସଞ୍ଜୟ ସେଠ ଓ ପ୍ରତିପକ୍ଷ ବହଲପାଲିର ଜୀବର୍ଦ୍ଧନ ଭୋଇ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଫଳରେ ମ୍ୟାଚ୍ ୧-୧ରେ ବରାବର୍ ସ୍ଥିତିରେ ରହିଥିଲା। ଏହାପରେ ଟାଇବ୍ରେକରର ସହାୟତା ନିଆଯାଇଥିଲା ଏବଂ ଏଥିରେ ଭେଡ଼େନ ବିଜୟୀ ହୋଇଥିଲା। ପ୍ରଶାନ୍ତ ବେହେରା, ନାରାୟଣ ପଣ୍ଡା, ଶୁଭମ ପାତ୍ର, ବିଶିକେଶନ ପ୍ରଧାନ, ପଞ୍ଚାନନ ପାତ୍ର, ରଞ୍ଜିତ ଛତ୍ରିଆ, ଉମେଶ ଭୋଇ, ଗୁଣବନ୍ତ ସାହୁ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ପ୍ରକାଶଥାଉକି, ଶନିବାର ଅନୁଷ୍ଠିତ ମ୍ୟାଚରେ ତାଳଶ୍ରୀଗିଡ଼ା ପ୍ରତିପକ୍ଷ ସୋଡ଼ାପାଲିକୁ ୩-୨ ଏବଂ ଲହଣ୍ଡା ପ୍ରତିପକ୍ଷ ନାଗେନପାଲିକୁ-୦ ଗୋଲରେ ହରାଇଥିଲା।


## CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
MICRO FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8278449759
8901395759
B-34/7 A Block Vijay Enclave, Bururi, New Delhi

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି । ସୁଧ=1%
M = 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍
ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦ ଲକ୍ଷ, ଭଡ଼ା 60 ହଜାର + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8826558929

Registration Free..Govt. Approved
ସିୟା ରାମ ରିଲାଏନ୍ସ JEO
କଂପାନୀ ଦ୍ୱାରା ନିଜର ଖାଲି ଜମି ଓ ଛାତ ଉପରେ 3G/4G ରେଡିଏସନ ଫ୍ରୀ ଉପକରଣ ବସାଇ ଅଗ୍ରୀମ ୨0,000,00/- ପାଆନ୍ତୁ ଓ ମାସକୁ ଭଡା ୨0,000/- ଟଙ୍କା ପାଆନ୍ତୁ ।
ଚାକିରି + ୨୦ ବର୍ଷର କୋଟ ଅଗ୍ରୀମେଣ୍ଟ
Plot No - 15/012, Devaraja Mohalla, Bangalore, Karnataka 570001
9529777097
9560376626

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

DHARITRI Career appointment Every Wednesday and Saturday

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday



ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ, କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।

- ବେନ୍ ଜନସନ

## ସଂକ୍ଷେପରେ



### ସୁବର୍ଣ୍ଣପୁରରେ ମହମ୍ମଦଙ୍କ ଜୟନ୍ତୀ

**ସୋନପୁର,୧୦।୧୧(ନି.ପ୍ର.)** ମହାପୁରଷ ମହମ୍ମଦଙ୍କ ଜୟନ୍ତୀ ଉତ୍ସବ ଇଦ୍ ମିଲାଦ ଉନ ନବି ସୁବର୍ଣ୍ଣପୁରରେ ପାଳିତ ହୋଇଯାଇଛି। ସହରରେ ସୁନ୍ନି ସମ୍ପ୍ରଦାୟର ମୁସଲମାନ ଭାଇମାନେ ମହମ୍ମଦଙ୍କ ପୂଣ୍ୟ ତିଥି ଅବସରରେ ହାତୀଶାଳ କଲ୍ୟାଣ ମଣ୍ଡପଠାରୁ ସୁସଜ୍ଜିତ ଜୁଲୁସ ଶୋଭାଯାତ୍ରା ବାହାର କରିଥିଲେ। ଏହି ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପରେ ମଝିପଡାସ୍ଥିତ ମସଜିଦ୍‌ରେ ଜଲସା ହୋଇଥିଲା। ସମସ୍ତେ ଇଦ୍ ପର୍ବର ଶୁଭକାମନା ଜଣାଇଥିଲେ। ସମ୍ବଲପୁରରୁ ଆସିଥିବା ମୌଲବୀ ମହମ୍ମଦଙ୍କ ବାଣୀ ଓ କୋରାନ ସମ୍ପର୍କରେ ବୁଝାଇଥିଲେ। କମିଟି ସଭାପତି ହୁସେନ ମହମ୍ମଦ, ସମ୍ପାଦକ ଇବ୍ରାହିମ ମହମ୍ମଦ, ସଭ୍ୟ ମହମ୍ମଦ ଆଶ୍ରଫ, ମହମ୍ମଦ ନାସିର, ମହମ୍ମଦ ରାନୁ, ମହମ୍ମଦ ଅଞ୍ଜୁ ଓ ମହମ୍ମଦ ଆରିଫ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।



ଜବତ ଗଞ୍ଜେଇ ସହ ଗିରଫ ଯାଦବ ଦୋରା ।

### ଗଞ୍ଜେଇ ଜବତ, ଜଣେ ଗିରଫ

**ଲୋଇସିଂହା, ୧୦।୧୧(ଡି.ଏନ୍.ଏ.)** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ପୋଲିସ ଆଗଲପୁର ବ୍ଲକ ଉଛବାହାଲ ଗ୍ରାମରେ ଚଢ଼ାଉ କରି ୩.୮ କି.ଗ୍ରା ଗଞ୍ଜେଇ ଜବତ କରି ଜଣେ ବ୍ୟକ୍ତିଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି । ସେ ହେଲେ ଉଛବାହାଲ ଗାଁର ଯାଦବ ଦୋରା । ଏନେଇ ପୋଲିସ ଯାଦବଙ୍କ ନାମରେ ଏକ ମାମଲା(ନଂ.୨୮୯।୧୯) ରୁଜୁକରି ଅଧିକ ତଦନ୍ତ ଚାଲିଥିବା ଆଇଆଇସି ଲଲିତା ଲାକ୍ରା ପ୍ରକାଶ କରିଛନ୍ତି। ପୋଲିସ ସୂଚନାମୁତାବକ, ଆଗଲପୁର ବ୍ଲକ ଉଛବାହାଲ ଗାଁର ଯାଦବ ଦୋରା ବେଆଇନ ଭାବେ ଗଞ୍ଜେଇ କାରବାର କରୁଥିବା ନେଇ ଲୋଇସିଂହା ଆଇଆଇସିଙ୍କୁ ସୂଚନା ମିଳିଥିଲା। ଆଇଆଇସିଙ୍କ ନିର୍ଦ୍ଦେଶ କ୍ରମେ ଏକ ପୋଲିସ ଟିମ୍ ଶନିବାର ଯାଦବଙ୍କ ଘରେ ଚଢ଼ାଉ କରିଥିଲା ଚଢ଼ାଉ ବେଳେ ଅଧିକାରୀମାନ ଘରୁ ୩ କି.ଗ୍ରା ୮ ଶହ ଗ୍ରାମ ଓଜନର ଗଞ୍ଜେଇ ଜବତ କରି ଯାଦବଙ୍କୁ ଗିରଫ କରିଥିଲେ। ସୂଚନାଯୋଗ୍ୟ, ଶୁକ୍ରବାର ଉଛବାହାଲରେ ଗାଁରେ ଅବକାରୀ ବିଭାଗ ଚଢ଼ାଉ କରି ଡିଲେଶ୍ୱର ଦୋରାଙ୍କ ନିକଟରୁ ୬ କି.ଗ୍ରା ଗଞ୍ଜେଇ ଜବତ କରି ତାଙ୍କୁ ଗିରଫ କରିଥିଲା।

■ ବୌଦ୍ଧିକ ଭିନ୍ନକ୍ଷମଙ୍କ ଯତ୍ନ, ଧନ୍ଦାମୂଳକ ଥଇଥାନ କର୍ମଶାଳା

# ଥଇଥାନରେ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ସୋନପୁର,୧୦।୧୧(ନି.ପ୍ର.)**

ଅଭିଭାବକଙ୍କ ପାଇଁ ବୌଦ୍ଧିକ ଭିନ୍ନକ୍ଷମଙ୍କ ଯତ୍ନ ଓ ଧନ୍ଦାମୂଳକ ଥଇଥାନ ସମ୍ପର୍କିତ କର୍ମଶାଳା ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଆର ଏବଂ ଜିଲା ଭିନ୍ନକ୍ଷମ ଅଭିଭାବକ ସଂଘର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ଡେ କେୟାର ଥେରାପି କେନ୍ଦ୍ରଠାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଯୋଗଦେଇ ବୌଦ୍ଧିକ ଭିନ୍ନକ୍ଷମଙ୍କ ବିକାଶ ତଥା ଥଇଥାନରେ ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏମାନଙ୍କ ବିକାଶ ଦିଗରେ ଜିଲା ପ୍ରଶାସନ ସମସ୍ତ ପ୍ରକାର ସହଯୋଗ କରିବ ବୋଲି ପଣ୍ଡା କହିଥିଲେ। ସମ୍ମାନିତ ଅତିଥିଭାବେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ପୂଜାରୀ ଯୋଗଦେଇ ଭିନ୍ନକ୍ଷମଙ୍କ ବିକାଶ ପାଇଁ ଆର୍ଥିକ ଥଇଥାନ ଅପେକ୍ଷା ଗୋଷ୍ଠୀଗତ ଥଇଥାନରେ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସାଧନ କର୍ମୀ ଉମାକାନ୍ତ ଷଡଙ୍ଗୀ ବୌଦ୍ଧିକ ଭିନ୍ନକ୍ଷମମାନଙ୍କୁ ସରକାରୀ ସ୍ତରରେ ପ୍ରାଥମିକତା ଦେବାର ଆବଶ୍ୟକତା ରହିଛି ବୋଲି ମତ ଦେଇଥିଲେ। ଜିଲା ଭିନ୍ନକ୍ଷମ ଅଭିଭାବକ ସଂଘ ସଭାପତି ସୌଦାଗର ପାତ୍ର ତାଙ୍କ ବକ୍ତବ୍ୟରେ




କର୍ମଶାଳାରେ ମଞ୍ଚାସୀନ ଅତିଥି ବୃନ୍ଦ ।

ଭିନ୍ନକ୍ଷମଙ୍କ କ୍ଷେତ୍ରରେ କୌଣସି ପ୍ରକାର ବିଭେଦତା ସୃଷ୍ଟି ନ କରିବା ପାଇଁ ଅନୁରୋଧ କରିଥିଲେ। ଭୌତିକ ଚିକିତ୍ସିକା ଡାକ୍ତର ନନ୍ଦିନୀ ଦୋରା କେନ୍ଦ୍ରରେ ଭିନ୍ନକ୍ଷମଙ୍କ ଥଇଥାନ ପାଇଁ ପ୍ରଚଳିତ ଭୌତିକ ଚିକିତ୍ସା, ବାକ୍ ଚିକିତ୍ସା, ସ୍ୱତନ୍ତ୍ର ଚିକିତ୍ସା ତଥା ଧନ୍ଦାମୂଳକ ଶିକ୍ଷା ସମ୍ପର୍କରେ ଅବଗତ କରିଥିଲେ। ରେଆର ସଭାପତି ଗୌରୀଶ୍ୟାମ ପଣ୍ଡା ମାତାପିତାଙ୍କୁ ଶିଶୁମାନଙ୍କ ବୌଦ୍ଧିକ ତଥା ଧନ୍ଦାମୂଳକ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଭିନ୍ନକ୍ଷମଙ୍କୁ ସ୍ୱାବଲମ୍ବୀ କରିବାରେ ମାତାପିତାଙ୍କ ଭୂମିକା ବିଷୟରେ ଆଲୋଚନା ପାଇଁ ଏହି କର୍ମଶାଳା ଉଦ୍ଦିଷ୍ଟ ଥିବା ସଭାପତି ପଣ୍ଡା ମତପ୍ରକାଶ କରିଥିଲେ। ରେଆରର ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। କର୍ମଶାଳାରେ ଡେ କେୟାର ଥେରାପି କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିବା ବେଳେ ଜିଲା ଭିନ୍ନକ୍ଷମ ଓ ଅଭିଭାବକ ସଂଘର କୋଷାଧ୍ୟକ୍ଷ ଅରୁଣ ମେହେର ଧନ୍ୟବାଦ ଅର୍ପଣ କରିଥଲେ।

## ଲର୍ନିଂ ଲାଇସେନ୍ସ ପାଇଁ ଦ୍ୱିତୀୟ ଶିବିର

**ଡୁଙ୍ଗୁରିପାଲି, ୧୦।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସଭାଗୃହରେ ରବିବାର ସୋନପୁର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଲର୍ନିଂ ଲାଇସେନ୍ସ ପାଇଁ ଦ୍ୱିତୀୟ ଥର ପାଇଁ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୨୩୯ ଜଣ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ଡୁଙ୍ଗୁରିପାଲିରୁ ସୁବର୍ଣ୍ଣପୁର ଆରଟିଓ ଅଫିସ ୬୫ କି.ମି ଦୂର ହେଉଥିବା ବେଳେ ଲୋକେ ସେଠାକୁ ଯାଇ ଡ୍ରାଇଭିଂ ଲାଇସେନ୍ସ ପାଇବା ପାଇଁ ବହୁ ଖର୍ଚ୍ଚାନ୍ତର ସମ୍ମୁଖୀନ ହେଉଥିଲେ । ଏଣୁ ଅଞ୍ଚଳବାସୀଙ୍କ ଦାବିକୁ ଦୃଷ୍ଟିରେ ରଖି ଗତ ମାସ ୨୬ ତାରିଖରେ ଏକ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୫୩ ଜଣଙ୍କ ନାମ ପଞ୍ଜିକୃତ କରାଯାଇଥିଲା। ଉକ୍ତ ଶିବିରରେ ନାମ ପଞ୍ଜିକୃତ କରିବାରେ ଅନେକ ବଞ୍ଚିତ ରହିବାରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ରବିବାର ଦ୍ୱିତୀୟ ଥର ପାଇଁ ଏହି ଶିବିର କରାଯାଇଥିଲା। ଏହି ଶିବିରରେ ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ରବୀନ ପଟ୍ଟନାୟକ, ଜୁନିଅର ଏମଭିଆଇ ଜୋନ ପ୍ରତାପ କୁଲୁ, ଅତିରିକ୍ତ ଆରଟିଓ ଶିବାଶିଷ ସାହୁ, ହିମାଂଶୁ ରଞ୍ଜନ ସାହୁ, ସୁପର ଭାଇଜର ସଞ୍ଜିବ ହୋତା, ଚିତ୍ତରଞ୍ଜନ ପଟନାୟକ, ହିମାଂଶୁ ରଞ୍ଜନ ସାହୁ, ନିକିତା ମିଶ୍ର, ମଧୁସ୍ମିତା ଯୁଆଡି, ଭାଗ୍ୟସିନୀ ସାହୁ, ଚେତା ମହାପାତ୍ର, ସାଗରିକା ମହାପାତ୍ର, ରବିନ୍ଦ୍ର ଦଲେଇ, ପଞ୍ଚାନନ ଦଲେଇ, ଧ୍ରୁବଚରଣ ଦାଶ, ଧରମା ବାଗ, ଲକ୍ଷ୍ମି ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସୁବର୍ଣ୍ଣପୁର ଜିଲା ଟ୍ରକ ମାଲିକ ସଂଘ ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ଜ୍ୟୋତିପ୍ରକାଶ ମିଶ୍ର, ପ୍ରଭୁଦତ୍ତ ନାୟକ, ଧରୁଜ ଶର୍ମା, ନିତାଇ ପାଲ, ରାଜୁ ଭୁକ୍ତା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ମାରୱାଡି ସମାଜ ପକ୍ଷରୁ ଭାଗବତ ପାରାୟଣ

**ଡୁଙ୍ଗୁରିପାଲି, ୧୦।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଆରଏମସି ପରିସରରେ ରବିବାର ମାରୱାଡି ସମାଜ ପକ୍ଷରୁ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଡୁଙ୍ଗୁରିପାଲି ରାସ୍ତାକଡରେ ଥିବା ଶିବ ମନ୍ଦିର ପୋଖରୀରୁ ପୂର୍ଣ୍ଣ ଜଳ କଳସ ଶୋଭାଯାତ୍ରାରେ ଆଣି ପାରାୟଣସ୍ଥଳୀରେ ସ୍ଥାପନ କରାଯାଇଥିଲା । ବୃନ୍ଦାବନରୁ ଆସିଥିବା ଭଗବତ ପ୍ରବଚକ ସଞ୍ଜୟ କୃଷ୍ଣଉପାଧ୍ୟାୟ ପାରାୟଣରେ ଯୋଗଦେଇ ଭଗବତ ମହାତ୍ମ୍ୟ, ଅବତାର ଦର୍ଶନ ଓ ପରୀକ୍ଷିତ ଜନ୍ମ ବିଷୟରେ ଉପସ୍ଥିତ ଥିବା ଲୋକଙ୍କୁ ବୁଝାଇଥିଲେ । ଡୁଙ୍ଗୁରିପାଲି ମାରୱାଡି ସମାଜ ଓ ଆଖପାଖ ଅଞ୍ଚଳର ମାରୱାଡି ସମାଜକୁ ନେଇ ଏଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆସନ୍ତ ୧୬ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ଅପରାହ୍ନ ୩ଟାରୁ ୭ଟା ମଧ୍ୟରେ କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ମାରୱାଡି ସମାଜ ପକ୍ଷରୁ ସୂଚନା ଦିଆଯାଇଛି।

## କୋସଲି ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ପାଇଁ ଶୋଭାଯାତ୍ରା

**ସୋନପୁର,୧୦।୧୧(ନି.ପ୍ର.)**

କୋସଲି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ, କୋସଲି ଭାଷାରେ ପ୍ରାଥମିକ ଶିକ୍ଷା ପ୍ରଚଳନ, ଏହି ଭାଷାକୁ ରାଜ୍ୟର ଦ୍ୱିତୀୟ ଭାଷା ରୂପେ ମାନ୍ୟତା ପ୍ରଦାନ ଆଦି ପାଞ୍ଚ ଦଫା ଦାବି ନେଇ କୋସଲି କ୍ରିୟାନୁଷ୍ଠାନ କମିଟି ତରଫରୁ ସ୍ଥାନୀୟ କଚେରି ଛକଠାରୁ ପଞ୍ଚରଥ ମନ୍ଦିର ପର୍ଯ୍ୟନ୍ତ ଏକ ଶାନ୍ତି ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋସଲ ସାହିତ୍ୟ ଏକାଡେମୀର ଦେବେନ୍ଦ୍ର କୁମାର ନାୟକ, କ୍ରିୟାନୁଷ୍ଠାନ କମିଟିର ଆବାହକ ସାକେତ ଶ୍ରୀଭୂଷଣ ସାହୁ, ମହାଖଲାର କୃପାସିନ୍ଧୁ ମହାକୁର, ଡଙ୍ଗରି ଝରନର ରାମେଶ୍ୱର ଛତ୍ରିଆ, ପରବାସୀ କୁଟୁମ୍ବର କପିଳେଶ୍ୱର ଖମାରୀ, ଏବିଭିପିର ଉତ୍ତମ ଖମାରୀ, କବି ଅଖୋଜ ଷାଣ୍ଢ, ଲୋକନାଥ ମିଶ୍ର, ପ୍ରଭାତ ଖମାରୀ, ମୁକେଶ ବାଘ, ଗଜାନନ ସାଥୁଆ ଓ ପ୍ରାଣବନ୍ଧୁ ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସେହିପରି ପୋଡଶୀ ଜିଲା ବଲାଙ୍ଗୀର, ବରଗଡ ଓ ବୌଦ୍ଧ ଜିଲାର କବି, କଳାକାର ଏଥିରେ ଯୋଗଦାନ କରିଥିଲେ।




କୋସଲ ସାହିତ୍ୟ ଏକାଡେମୀ ପକ୍ଷରୁ ସୁବର୍ଣ୍ଣପୁର ସହରରେ ଶୋଭାଯାତ୍ରା ।

## ଏଇଏସ କଲେଜରେ ବୃତ୍ତିଗତ ପରାମର୍ଶ କର୍ମଶାଳା

**ତରଭା, ୧୦।୧୧(ଡି.ଏନ.ଏ.)**

ତରଭା ଏ.ଇ.ଏସ କଲେଜ ସଭାଗୃହରେ ଛାତ୍ରୀଛାତ୍ରମାନଙ୍କ ଉନ୍ନତି ସକାଶେ ଏକ ବୃତ୍ତିଗତ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ସଂଯୁକ୍ତା ବାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟ ଅତିଥିଭାବେ କଲେଜ ପରିଚାଳନା କମିଟି ସଭାପତି ସରୋଜ କମ୍ପ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଇତିହାସ ବିଭାଗ ଅଧ୍ୟାପିକା ସୁଶ୍ରୀ ମିନତୀ ମିଶ୍ର ଉପସ୍ଥିତ ଥିଲେ । ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ରିସୋର୍ସ ପରସନ ସ୍ୱେତା ଶତପଥୀ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବ୍ୟକ୍ତିଗତ ବିକାଶ, ଆତ୍ମବିଶ୍ୱାସ, ଯୋଗାଯୋଗ, ଅନ୍ତର୍ନିହିତ ଦକ୍ଷତା, ସ୍ମରଣଶକ୍ତି ବୃଦ୍ଧି, ଆବେଦାତ୍ମକ ବୁଦ୍ଧି, ସାକ୍ଷାତକାର ଦକ୍ଷତା ତଥା ଗୋଷ୍ଠୀ ଆଲୋଚନାଚକ୍ର ସମ୍ପର୍କରେ କହିଥିଲେ। ନିୟମିତ ବୃତ୍ତିଗତ କର୍ମଶାଳାରେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ସେ ପରାମର୍ଶ ଦେଇଥିଲେ । ଅଧ୍ୟାପକ ନିରଞ୍ଜନ ପୁରୋହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପିକା ବିନତୀ ମିଶ୍ର ପରାମର୍ଶ କର୍ମଶାଳାର ଆଭିମୁଖ୍ୟ ପ୍ରଦାନ କରିଥିଲେ । ଏଥିରେ କଲେଜର ସମସ୍ତ ଛାତ୍ରଛାତ୍ରୀ ତଥା ଅଧ୍ୟାପକ ଅଧ୍ୟାପିକା ଯୋଗଦେଇଥିଲେ । ଅଧ୍ୟାପକ ରୋହିତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



କ୍ରୀଡା ସଂଘର ନୂତନ କର୍ମକର୍ତ୍ତା ବୃନ୍ଦ ।

## ସୁବର୍ଣ୍ଣପୁର ଜିଲା କ୍ରୀଡା ସଂଘର ନୂତନ କର୍ମକର୍ତ୍ତା

**ସୋନପୁର,୧୦।୧୧(ନି.ପ୍ର.)**

ଦୀର୍ଘ ବର୍ଷର ପ୍ରତୀକ୍ଷା ପରେ ସୁବର୍ଣ୍ଣପୁର ଜିଲା କ୍ରୀଡା ସଂଘର ନୂତନ କର୍ମକର୍ତ୍ତା ମନୋନୟନ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ଅଣ ଗେଜେଟେଡ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘର ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଏଥିରେ ଏକ୍ସ ଅଫିସିଓ ସଭାପତି ଭାବେ ଜିଲାପାଳ ରହିଥିବା ବେଳେ ଏକ୍ସ ଅଫିସିଓ ଉପସଭାପତି ଭାବେ ଆରକ୍ଷୀ ଅଧିକ୍ଷକ ରହିଛନ୍ତି। ଏହି ବୈଠକରେ ଆଗାମୀ ୨ ବର୍ଷ ପାଇଁ ସର୍ବସମ୍ମତିକ୍ରମେ ସଂଘର ଉପସଭାପତିଭାବେ ଚିତ୍ତରଞ୍ଜନ ତରାସିଆ ମନୋନୀତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ପୀୟୁଷ କୁମାର ପଣ୍ଡା ମନୋନୀତ ହୋଇଛନ୍ତି। ସେହିପରି ଯୁଗ୍ମ ସମ୍ପାଦକ ଭାବେ ନନ୍ଦକିଶୋର ତ୍ରିପାଠୀ, ସମ୍ପାଦକ(ଫୁଟବଲ) ରାଜୀବ କୁମାର ସାହୁ, ସମ୍ପାଦକ(ଭଲିବଲ) ପୁରୁଷୋତ୍ତମ ପାଣିଗ୍ରାହୀ, ସମ୍ପାଦକ(ସନ୍ତରଣ ସହ ଅନ୍ୟାନ୍ୟ ଖେଳ) ଜୟନାରାୟଣ ମେଣ୍ଡଲି ଓ ସୁବାସ ବିଶ୍ୱାଳ କୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି । ଏହା ବ୍ୟତୀତ ଜିଲା କ୍ରୀଡା ଅଧିକାରୀ ସଂଘର ଏକ୍ସ ଅଫିସିଓ ସଦସ୍ୟ ଅଛନ୍ତି। ସଂଘର ୧୪ ଜଣିଆ କାର୍ଯ୍ୟକାରୀ କମିଟିରେ କଇରୁ ସ୍ୱାଇଁ, ଜିତେନ୍ଦ୍ର କୁମାର ସାହୁ, ଗୌରିଶ୍ୟାମ ପଣ୍ଡା, ଗତିକୃଷ୍ଣ ମିଶ୍ର, ଦିଲ୍ଲିପ କୁମାର ଗୁରୁ, ବଳରାମ ପଟ୍ଟନାୟକ, ଗୋପାଳ ଚନ୍ଦ୍ର ବରାଇ, ବିଦ୍ୟାଧର ମିଶ୍ର, ଆଦିତ୍ୟ କିଶୋର ଦାନି, ଭକ୍ତି ରଞ୍ଜନ ଦଳାଇ, ସତ୍ୟ ନାରାୟଣ ରାଓ, ଦିଗାମ୍ବର ଶତପଥୀ, କମଳାକାନ୍ତ ସାହୁ ଓ ସୁଦର୍ଶନ ପଣ୍ଡା ପ୍ରମୁଖଙ୍କୁ ନିଆଯାଇଛି। ବୈଠକରେ ବରିଷ୍ଠ କ୍ରୀଡାବିତ୍ ଶରତ ଚନ୍ଦ୍ର ମହାନ୍ତି, ଡ. ପ୍ରଦୀପ କୁମାର ଗୁରୁ, କଲ୍ୟାଣ ପାଢୀ, କୃଷ୍ଣ କୁମାର ବାଘ, ଅରବିନ୍ଦ ପୂଜାହାରୀ, ଓମ ପ୍ରକାଶ ରଥ, ଗଣେଷ ରାମ ମେହେର, ଲଡୁକିଶୋର ମଲ୍ଲିକ, ଧରଣୀଧର ନାୟକ, ରାଜକୁମାର ନାୟକ, ଆନନ୍ଦ ପାତ୍ର, ରାମଜୀଲାଲ ନେଗୀ, ଭୁକୁଲୁ ବକ୍ସି, ରଘୁନାଥ ସାହୁ, ସୁଜିତ ବରିହା, ରବିନ୍ଦ୍ର ମହାକୁଡ, ଅସିତ ନାରାୟଣ ହୋତା, ହୃଷିକେଶ ପଣ୍ଡା, ରଞ୍ଜନ ଦୀପ, ଜାଭେଦ ଖାନ, ପ୍ରଦୀପ ମହାନ୍ତି, ସୁଦାମ ପୁଟେଲ, ବିଶ୍ୱରଞ୍ଜନ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

## ରାମପୁର ଆଞ୍ଚଳିକ ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ଡୁଙ୍ଗୁରିପାଲି, ୧୦।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁରରେ ଡିସେମ୍ବର ୬ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ସପ୍ତମ ବର୍ଷ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ପାଇଁ ରବିବାର ଶୁଭସ୍ଥମ୍ଭ ସ୍ଥାପନ କରାଯାଇଛି। ଧନୁଯାତ୍ରା କମିଟି ସଦସ୍ୟମାନେ ଏକ ବାଇକ ଶୋଭାଯାତ୍ରାରେ ରାମପୁରସ୍ଥିତ ମା' ଚନ୍ଦଳିପାଟଙ୍କ ମନ୍ଦିରରୁ ଆଜ୍ଞାମାଳ ନେଇ ଧନୁଯାତ୍ରା କମିଟି ସଭାପତି ରମେଶ ଚନ୍ଦ୍ର ପୂଜାରୀଙ୍କ ତତ୍ତ୍ୱାବଧାନରେ ଧନୁଯାତ୍ରା ପଡିଆକୁ ଆସିଥିଲେ । ସେଠାରେ ଟୁନୁ ପୁରୋହିତଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା । ଏହି ଧନୁଯାତ୍ରାରେ ଚଳିତ ବର୍ଷ କଂସ ଭୂମିକାରେ ଅଭିନୟ ପାଇଁ ବିନିକା ବ୍ଲକ ଅନ୍ତର୍ଡାର ଗୋପାଳ ପଣ୍ଡାଙ୍କୁ ବରଣ କରିବା ପାଇଁ ସ୍ଥିର କରାଯାଇଥିଲା। କୃଷ୍ଣ ଭୂମିକା ପାଇଁ ଆର୍ଯ୍ୟସାଇ ଶ୍ୟାମ ପୁରୋହିତ, ବଳରାମ ଭୂମିକା ପାଇଁ ସାଇଶାସ୍ୱତ ପୁରୋହିତ, ନନ୍ଦ ରାଜା ଭୂମିକା ପାଇଁ ସତ୍ୟ ନାରାୟଣ ପାଢୀ, ନନ୍ଦରାଣୀ



ରାମପୁର ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟକ୍ରମ କରାଯାଉଛି।

ପାଇଁ ନନ୍ଦିନୀ ପାଢୀଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିବା କମିଟି ସଭାପତି ପୂଜାରୀ ପ୍ରକାଶ କରିଛନ୍ତି । ପୂର୍ବ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଜଗନ୍ନାଥ ମନ୍ଦିରରୁ ରାମଜୀ ମନ୍ଦିର ପର୍ଯ୍ୟନ୍ତ ଗୋପପୁର ଓ ହାଇସ୍କୁଲ ଖେଳ ପଡିଆକୁ କଂସ ଦରବାର ଆୟୋଜିତ ହେବ ବୋଲି କମିଟିରୁ ପ୍ରକାଶ । ଶ୍ରୀରାମ ସତସଙ୍ଗ କମିଟି ସଦସ୍ୟମାନଙ୍କୁ ଗୋପପୁର ଦାୟିତ୍ୱ ଦିଆଯାଇଛି। ମଥୁରା ନଗରୀ ପାଇଁ ଯାତ୍ରା କମିଟି ଉପସଭାପତି ମନୋଜ ପୁରୋହିତ, ସରପଞ୍ଚ ସରୋଜ ମେହେର, ସଂଯୋଜକ ରମେଶ ପୂଜାରୀ, ରାଜେଶ ଅଗ୍ରୱାଲ, ଉପସଂଯୋଜକ ଗୁରୁଚରଣ ବେହେରା, ବ୍ଲକ ଅଧ୍ୟକ୍ଷ ମକରଧ୍ୱଜ ସାହୁ, ସତ୍ୟନାରାୟଣ ପାଢୀ, ପ୍ରଫୁଲ୍ଲ ମେହେର, ସୂର୍ଯ୍ୟ ପଟ୍ଟନାୟକ, ଅବିନାଶ ମେହେର, ମାର୍କଣ୍ଡ ପୁଟେଲ, ଉମେଶ ଗଣ୍ଡ, ନାରାୟଣ ସରାଫ, ଘଡିଗୋପାଳ ମିଶ୍ର ପ୍ରମୁଖ କମିଟିର ସଦସ୍ୟମାନେ ଶୁଭସ୍ତମ୍ଭ ସ୍ଥାପନ ବେଳେ ଉପସ୍ଥିତ ଥିଲେ।

## କୋଶଳ ରାଜ୍ୟ ସମନ୍ୱୟ ସମିତି ବୁଦ୍ଧିଜୀବୀ ସମ୍ମିଳନୀ

■ ଆଇନଜୀବୀଙ୍କୁ କୋଶଳ ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ

**ଅମରପାଲି, ୧୦।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମୈତ୍ରୀସଦନଠାରେ କୋଶଳ ରାଜ୍ୟ ସମନ୍ୱୟ ସମିତି ତରଫରୁ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କୋଶଳ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ସଭାପତି ମଣ୍ଡଳୀ ବରିଷ୍ଠ ସଦସ୍ୟ ପୂର୍ବତନ ମନ୍ତ୍ରୀ କାର୍ତ୍ତିକ ପ୍ରସାଦ ତରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂଗଠନ ସମ୍ପାଦକ କିଶୋର ହୋତା ସଂଯୋଜନା କରିଥିଲେ। କେନ୍ଦ୍ରୀୟ କମିଟି ମୁଖ୍ୟ ସଂଯୋଜକ ପ୍ରମୋଦ କୁମାର ମିଶ୍ର ଏଥିରେ ଯୋଗଦେଇ କୋଶଳ ରାଜ୍ୟ ଆବଶ୍ୟକତା, ଭିତ୍ତିଭୂମି ଓ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। କୋଶଳ ରାଜ୍ୟ ଗଠନ ହେଲେ ପଶ୍ଚିମ ଓଡିଶାରେ ହାଇକୋର୍ଟ ସମ୍ଭବ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ସେ ଆଇନଜୀବୀମାନଙ୍କୁ କୋଶଳ



ମଞ୍ଚାସୀନ କୋଶଳ ରାଜ୍ୟ ସମନ୍ୱୟ ସମିତିର ବରିଷ୍ଠ କର୍ମକର୍ତ୍ତା।

ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ କରିଥିଲେ। ଏହି ବୁଦ୍ଧିଜୀବୀ ସମ୍ମିଳନୀରେ ବରିଷ୍ଠ ନାଗରିକ ସଂଘ ସଭାପତି ଭଗବାନ ମିଶ୍ର, ବିଭୁଦତ୍ତ ମିଶ୍ର, ଉପଖଣ୍ଡୀୟ ସାମ୍ବାଦିକ ସଂଘ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ, ଆଇନଜୀବୀ ଶ୍ରୀନିବାସ ଚାନ୍ଦ, ସୁରେଶ ପ୍ରସାଦ ପଣ୍ଡା, ବିଭୂତି ହୋତା, ସୁରେନ୍ଦ୍ର ତ୍ରିପାଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ, ବସନ୍ତ ମହାକୁର, ପ୍ରଦୀପ ସ୍ୱାଇଁ, ପ୍ରଶାନ୍ତ ଶତପଥୀ, ମନରଞ୍ଜନ ଦାଶ, ସୁବେଦାର ଲଳିତ କୁମାର ସାହୁ, ଧର୍ମେନ୍ଦ୍ର ମେହେର, ନାରାୟଣ ଲୁହା, ପ୍ରାଣବନ୍ଧୁ ରାଉତ, ଡୋଳାମଣୀ ପଧାନ, ଧ୍ରୁବଚରଣ ଦାଶ, ସନ୍ତୋଷ ଷଡଙ୍ଗୀ, ଭାଗିରଥୀ ନାୟକ, ଶତ୍ରୁଘନ ମେହେର, ନୀଳକମଳ ମିଶ୍ର, ଝାଙ୍କର ପଧାନ ପ୍ରମୁଖ ଯୋଗଦେଇ କୋଶଳ ଆନ୍ଦୋଳନ ଜୋରଦାର କରିବାରୁ ମତପ୍ରକାଶ କରିଥିଲେ। ବାଗବର ସରପଞ୍ଚ ବ୍ୟୋମକେଶ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୋଶଳ ରାଜ୍ୟ ସମନ୍ୱୟ ସମିତି ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ ସଂଯୋଜକ ଆଶ୍ରୟ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବୀରମହାରାଜପୁର ଉପଖଣ୍ଡର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ସଂଘ କର୍ମକର୍ତ୍ତା ଓ ସଦସ୍ୟ, ଉପଖଣ୍ଡ ସାମ୍ବାଦିକ ସଂଘ ସଦସ୍ୟ, ଆଇନଜୀବୀ, ଛାତ୍ର ସହିତ ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ଯୋଗଦେଇଥିଲେ।



ପର ପାଇଁ ଦୁଃଖ ସହିବା ହେଉଛି ମନୁଷ୍ୟର ପ୍ରକୃତ ଧର୍ମ।
- ମହାତ୍ମା ଗାନ୍ଧୀ

## ସଂକ୍ଷେପରେ

### ମିଳିତ ଶିକ୍ଷକ ସଂଘର କାର୍ଯ୍ୟକାରୀ ବୈଠକ

ପଦ୍ମପୁର, ୧୦।୧୧ (ଡି.ଏନ.ଏ)
ପଦ୍ମପୁର ମିଳିତ ଶିକ୍ଷକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଂଘ ସଭାପତି ସଦାନନ୍ଦ ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜଗବନ୍ଧୁ ବାବୁଙ୍କୁ କାର୍ଯ୍ୟକାରୀ ସମ୍ପାଦକ ଭାବେ ସର୍ବସମ୍ମତିକ୍ରମେ ଚୟନ ହୋଇଥିଲେ । ୨୦୧୯ରେ ଅବସର ନେଇଥିବା ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସମ୍ବର୍ଦ୍ଧନାକ ଦେବା ପାଇଁ ସ୍ଥିର ହୋଇଥିଲା। ସରକାରଙ୍କ ତରଫରୁ ସମସ୍ତ ବିଦ୍ୟାଳୟକୁ ଦିଆଯାଉଥିବା ସରକାରୀ ଅନୁଦାନର ବିନିଯୋଗ ହେଲା ପରେ ମଧ ଏନଓସି ମିଳୁନାହିଁ । ଫଳରେ ଅବସର ପରେ ଶିକ୍ଷୟିତ୍ରୀ, ଶିକ୍ଷକ ହଇରାଣ ହୋଉଛନ୍ତି। ଏଣୁ ବିନିଯୋଗପତ୍ର ଦାଖଲ କରିବା ପରେ ଏନଓସି ଦେବା ପାଇଁ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ପ୍ରସ୍ତାବ ଗୃହୀତ କରାଯାଇଥିଲା। ବୈଠକରେ ବିଶ୍ୱନାଥ ଯୋଶୀ, ଶିବପ୍ରସାଦ ଯୋଶୀ, ମନୋଜ କୁମାର ପଣ୍ଡା, ଅଶୋକ କୁମାର ପାଣିଗ୍ରାହୀ, ଅଶୋକ କୁମାର ବହିଦାର ପ୍ରମୁଖ ଉପସ୍ଥିତ ଥିଲେ ।

### କଲଙ୍ଗାଡେରାର କୈଳାସୀ ଯାତ୍ରା ସମ୍ପନ୍ନ

ବିଜେପୁର, ୧୦।୧୧ (ଡି.ଏନ.ଏ)
ବିଜେପୁର ବ୍ଲକ କଲଙ୍ଗାଡେରାରେ ତିନିଦିନ ଧରି ଚାଲିଥିବା କୈଳାସୀ ଯାତ୍ରା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଶୁକ୍ରବାର ପ୍ରତ୍ୟୁଷରୁ କୈଳାସୀ ମନ୍ଦିରର ପହଡ ଫିଟାଯାଇ ବାର୍ଷିକ ନୀତିକାନ୍ତି ହୋଇଥିଲା । ସନ୍ଧ୍ୟାରେ ମନ୍ଦିରରେ ଷୋଡଶ ଉପଚାର ପୂଜା କରାଯାଇଥିଲା। ପରେ ବରୁଆ ଲୋହିତ ମେହେର, ହାଲଦାର ମେହେର, ଗଣେଷ ମେହେରଙ୍କ ଶରୀରରେ କାଳିସୀ ଶବାର ହୋଇଥିଲେ । କାଳିସୀଗଣ ଗ୍ରାମ ପୋଖରୀକୁ ଯାଇ ଗାଧୋଇବା ପରେ ଅଧିଆ ପଡିଥିବା ଭକ୍ତିଙ୍କ ଗୁହାରି ଶୁଣିଥିଲେ । ଶନିବାର ସନ୍ଧ୍ୟାରେ କାଳିସୀ ଗ୍ରାମ ପରିକ୍ରମା କରିଥିଲେ । ବିଳମ୍ବିତ ରାତିରେ ପୋଖରୀରେ କଳସ ବିସର୍ଜନ କରାଯିବା ପରେ ଯାତ୍ରା ସମ୍ପନ୍ନ ହୋଇଥିଲା। ଗଣେଷ ମେହେର ପୁରୋହିତ କର୍ମ ତୁଲାଇଥିଲେ। ଭୋଜରାଜ ମେହେର, ଖଗେଶ୍ୱର ମେହେର, ନବୀନ ମହାନନ୍ଦ,ଚୂଡାମଣି ମେହେର, ଭୀଷ୍ମଦେବ ମେହେର ପ୍ରମୁଖ ସହଯୋଗ କରିଥିଲେ ।

## ସୋହେଲାରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ କର୍ମଶାଳା

# ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ

ସୋହେଲା,୧୦।୧୧(ଡି.ଏନ.ଏ)

ସୋହେଲା ବ୍ଲକ ଅନ୍ତର୍ଗତ କନଗାଁ କ୍ଲଷ୍ଟରର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଏକ ଦିବସୀୟ କର୍ମଶାଳା ରବିବାର ବେହେରାପାଲିଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଇଓ ରାହାସ ବିହାରୀ ବାଗ ସଭାପତିତ୍ୱ କରିଥିଲେ । ଅମ୍ବାଭୋନା ବିଇଓ ଟେମଲାଲ ଦୁବେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଗାମୀ ଦିନରେ ହେବାକୁ ଥିବା 'ଗାରିମା' ରୌପ୍ୟ ପଦକ ନିମନ୍ତେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମାର୍ଗଦର୍ଶନ କରିଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମସାଗର ମହାନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଗୁଣାତ୍ମକ ଶିକ୍ଷା ଉପରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ସମଗ୍ର ରାଜ୍ୟରେ ଅନୁଷ୍ଠିତ ଗାରିମା କାର୍ଯ୍ୟକ୍ରମରେ ମାତ୍ର ୮ଟି କ୍ଲଷ୍ଟର ମଧ୍ୟରୁ କନଗାଁ କ୍ଲଷ୍ଟର ଶହେ ପ୍ରତିଶତ ପାଇଥିବାରୁ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଅପରାହ୍ନରେ ଅନୁଷ୍ଠିତ ସମ୍ମାନ ପ୍ରଦାନ ସମାରୋହରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ବାରିକ ଓ କନଗାଁ କ୍ଲଷ୍ଟର ସିଆରସିସି ସଞ୍ଜୟ ଦେବତାଙ୍କୁ ସମ୍ମାନିତ କରାଯାଇଥିଲା। ଏହି କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ମନୋହର ଉଟି ଓ କନଗାଁ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ବାରିକ ମଞ୍ଚାସୀନ ଥିଲେ। କନଗାଁ ସିଆରସିସି ସଞ୍ଜୟ ଦେବତାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କର୍ମଶାଳାରେ ଶିକ୍ଷକ କେଦାର ନାଥ ସାହୁ କାର୍ଯ୍ୟକ୍ରମ ସଂଯୋଜନା, ତୁଷାରକାନ୍ତ ସାହୁ ଅତିଥି ପରିଚୟ ଓ ବାଳମୁକୁନ୍ଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ମୋତିଲାଲ ବେହେରା, ରବିନ୍ଦ୍ର ବିଶି, ପ୍ରଦୀପ ସାହୁ ତଥା କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ ।



କର୍ମଶାଳାରେ ପ୍ରମାଣପତ୍ର ପାଇଥିବା ଶିକ୍ଷୟିତ୍ରୀ ଶିକ୍ଷକ ।

## ଜିଲ୍ଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

ବୌଦ୍ଧ,୧୦।୧୧.(ସ୍ୱ.ପ୍ର)

ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ରବିବାର ଜିଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଜ୍ଞାନ ମିଶନ ପୁରୀ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ବ୍ଲକସ୍ତରର ଛାତ୍ରୀଛାତ୍ରମାନେ ମନୋନିତ ହୋଇ ଜିଲାସ୍ତରରେ ଅଂଶଗ୍ରହଣ କରିଥିଲେ। ସୁବର୍ଣ୍ଣପୁର ଜିଲା ଟ୍ରେଜେରୀ ଅଫିସର ଧରଣୀଧର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ବୌଦ୍ଧ ବିଇଓ ଧ୍ରୁବ ଚରଣ ଘିବେଲା, ବରିଷ୍ଠ ଆଇନଜୀବୀ ସୁଧୀର କୁମାର କର୍ଣ୍ଣ, ପ୍ରଜ୍ଞାନ ମିଶନର ସ୍ୱାମୀ ଅନିର୍ବାଣାନନ୍ଦ ଗିରି ଯୋଗ ଦେଇଥିଲେ । ସେବାନନ୍ଦ ଗିରି ଓ ଧନେଶ୍ୱର ମଣ୍ଡଳ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଗୀତା ହେଉଛି ମାନବ ସମାଜର ସମ୍ବିଧାନ। ଏହା ଆମକୁ ଏକତା ସୂତ୍ରରେ ବାନ୍ଧି ରଖେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଭିନ୍ନ ପ୍ରତିଯାଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କୃତୀ ଛାତ୍ରୀଛାତ୍ରମାନେ ରାଜ୍ୟସ୍ତରରେ ହେବାକୁ ଥିବା ଗୀତା ଆବୃତ୍ତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ସଚଳା ଗୁରୁ, ସୌମ୍ୟା ରାଣୀ ମିଶ୍ର, ଭଗତି ରନ୍ତ, ସୁଶାନ୍ତ କୁମାର ପଣ୍ଡା, ଅଶୋକ କୁମାର ପୁରୋହିତ, ନବୀନ ଶତପଥୀ, ଦଶରଥ ମେହେର, ଶିବଦତ୍ତ ପଟ୍ଟନାୟକ ଓ ଅଭିମନ୍ୟୁ ପ୍ରଧାନ ବିଚାରକ ଭାବେ ଯୋଗ ଦେଇଥିଲେ। ପ୍ରଜ୍ଞାନ ମିଶନ ବୌଦ୍ଧ ଶାଖାର ସଭ୍ୟ ବିଶିକେଶନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାଣବନ୍ଧୁ ମହାପାତ୍ର, ଜଗବନ୍ଧୁ ସାହୁ, ସୌମିତ୍ରି ପଲିଆ, ବିଷ୍ଣୁ ନାୟକ ଓ ବ୍ରହ୍ମାନନ୍ଦ ବେହେରା ସହଯୋଗ କରିଥିଲେ ।

## ଦୋକାନ ମାଲିକଙ୍କୁ ଆକ୍ରମଣ କରି ଲୁଟ୍‌ପାଟ୍

ଘଣ୍ଟାପଡା, ୧୦।୧୧ (ଡି.ଏନ.ଏ)
କଣ୍ଟାମାଳ ଥାନା ଖୁଣ୍ଟିଗୋରା ପଞ୍ଚାୟତ ଅଧୀନ ମସିଣାଗୋରା ଗ୍ରାମର ଏକ କିରାନା ଦୋକାନ ମାଲିକଙ୍କୁ ଆକ୍ରମଣ କରି ଲୁଟ୍‌ପାଟ୍ କରିଥିବା ଘଣ୍ଟାପଡା ଫାଣ୍ଡିରେ ଅଭିଯୋଗ ହୋଇଛି । ଅଭିଯୋଗ ପାଇବା ପରେ ପୋଲିସ ଛାନଭିନ ଚଳାଇଛି।

ଅଭିଯୋଗ ଅନୁସାରେ, ଶନିବାର ରାତି ପ୍ରାୟ ୪ଟା ସମୟରେ ୨ଜଣ ଦୁର୍ବୃତ୍ତ ମସିଣାଗୋରା ଗ୍ରାମକୁ ଆସି ପେଟ୍ରୋଲ ନେବା ପାଇଁ କିରାନା ଦୋକାନ ମାଲିକଙ୍କୁ ଡାକିଥିଲେ । ଦୋକାନ ମାଲିକ ବିଜୟ ଖଟୁଆ ଦୋକାନ ଖୋଲି ପେଟ୍ରୋଲ ଦେବା ପରେ ପଇସା ମାଗିବାରୁ ସେମାନେ ହଠାତ ତାଙ୍କୁ ଛୁରୀ ସାହାଯ୍ୟରେ ଆକ୍ରମଣ କରିଥିଲେ। ଆକ୍ରମଣରେ ବିଜୟଙ୍କ ଡାହାଣ ପାର୍ଶ୍ୱ ଛାତି ଓ ପଛପଟ ପିଠିରେ ଆଘାତ ଲାଗିଛି । ବିଜୟ ଚିତ୍କାର କରିବା ପରେ ଆଉ ୨ଜଣ ମୁଖାପିନ୍ଧା ଦୁର୍ବୃତ୍ତ ପିସ୍ତଲ ଦେଖାଇ ଲୁଟ୍‌ପାଟ୍ କରି ପଳାଇଥିଲେ। ରବିବାର ସକାଳେ ଘଣ୍ଟାପଡା ଫାଣ୍ଡିରେ ଏ ନେଇ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ. ୧୯୮/୧୯) ରୁଜୁ କରି ତଦନ୍ତ କରିଛି ।



ଦୁର୍ବୃତ୍ତଙ୍କ ଆକ୍ରମଣରେ ଆହତ ହୋଇଥିବା ଦୋକାନ ମାଲିକ ।

## ପାଇକମାଳରେ ମହମ୍ମଦ ଜୟନ୍ତୀ



ମହମ୍ମଦ ଜୟନ୍ତୀରେ ଶୋଭାଯାତ୍ରା ।

ପାଇକମାଳ,୧୦।୧୧(ଡି.ଏନ.ଏ)
ସୁନ୍ନି ମୁସଲିମ ଜମାତ ପାଇକମାଳ ପକ୍ଷରୁ ରବିବାର ମହମ୍ମଦ ଜୟନ୍ତୀ ପାଳିତ ହୋଇଯାଇଛି । ସୁନ୍ନି ମୁସଲିମ ଜମାତ ପାଇକମାଳ ସଭାପତି ବିଲାଲ ଭାମଲା ଓ ସମ୍ପାଦକ ଗୁଲଜାର ଅଲ୍ଲିଙ୍କ ନେତୃତ୍ୱରେ ଶତାଧିକ ସୁନ୍ନି ସମାଜର ଏକ ଶୋଭାଯାତ୍ରା ପାଇକମାଳ ନୂତନ ବସଷ୍ଟାଣ୍ଡ କବରସ୍ଥାନ ଓ ମସଜିଦ ପର୍ଯ୍ୟନ୍ତ ଯାଇଥିଲା। ହାଜି ରଫିକ, ହାଜି ହନିଫ, ବସିର ମହମ୍ମଦ, ଗଫର ଖାଁ, ଅମିର ଖାଁ, ମୁସାଫର ହୁସେନ, ନାସିର ହୁସେନ, ନାଜିର ଅଲ୍ଲିଙ୍କ ସମେତ ବ୍ଲକ ଅଧ୍ୟକ୍ଷ ଅଲତାଫ ମହମ୍ମଦ ଯୋଗଦାନ କରିଥିଲେ ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ବାଉଁଶୁଣୀ, ୧୦।୧୧ (ଡି.ଏନ.ଏ)
ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ମାଁ ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି । ଏହି ଶିବିର ୧୨ ଦିନ ଧରି ଚାଲିଥିଲା । ଏଥିରେ ୬୦ଜଣ ଛାତ୍ରୀ ତାଲିମ ଗ୍ରହଣ କରିଥିଲେ । ଅଧ୍ୟାପକ ଶଶିକାନ୍ତ ଜେନାଙ୍କ ତତ୍ତ୍ୱାବଧାନରେ ଉଦଯାପନୀ ଶିବିରରେ ମହାବିଦ୍ୟାଳୟର ଅଧ୍ୟାପକ ଅନିରୁଦ୍ଧ ମହାକୁଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ବୌଦ୍ଧ ଜିଲା ଏନଏଫଏସ ଜିପିଓ ଡ. ମନୋରଞ୍ଜନ ଘଡେଇ ଯୋଗଦେଇ ଶିବିର ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ମୋନାଲୀ ମହାକୁଳ ଓ ମଧୁସ୍ମିତା ଜଗଦଲା ତାଲିମ ପ୍ରଦାନ କରିଥିଲେ ।

## ବୌଦ୍ଧ ଧନୁଯାତ୍ରାକୁ ମିଳିଲା ଆଧ୍ୟାତ୍ମିକ ଧନୁଯାତ୍ରାର ମାନ୍ୟତା

ବୌଦ୍ଧ,୧୦।୧୧(ସ୍ୱ.ପ୍ର)

ବୌଦ୍ଧର ପ୍ରସିଦ୍ଧ ଧନୁଯାତ୍ରାକୁ ଓଡିଶାର ଆଧ୍ୟାତ୍ମିକ ଧନୁଯାତ୍ରା ନାମରେ ମାନ୍ୟତା ପ୍ରଦାନ କରାଯାଇଛି। ମଦନମୋହନ ନାଟ୍ୟକଳା ପରିଷଦ ପକ୍ଷରୁ ବୁଦ୍ଧଦେବ ପଡିଆରେ ପ୍ରତିବର୍ଷ ଧନୁ ସଂକ୍ରାନ୍ତିଠାରୁ ୭ ଦିନ ଧରି ଆୟୋଜିତ ହେଉଥିବା ଏହି ଧନୁଯାତ୍ରାରେ ବିଶିଷ୍ଟ ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ରଚିତ କୃଷ୍ଣଲୀଳାକୁ କଳାକାରମାନେ ନାଟକ ଶୈଳୀରେ ପରିବେଷଣ କରିଥାନ୍ତି। ରବିବାର ଅପରାହ୍ନରେ ମଦନମୋହନ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏକ ଉତ୍ସବରେ ବୌଦ୍ଧ ବିଧାୟକ ପ୍ରଦୀପ ଅମାତ ମୁଖ୍ୟଅତିଥି ଓ ଜିଲାପାଳ ଲଲାଟେନ୍ଦୁ ମିଶ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଏହି ଧନୁଯାତ୍ରାକୁ ରାଜ୍ୟର ପ୍ରଥମ ଆଧ୍ୟାତ୍ମିକ ଧନୁଯାତ୍ରା ଭାବେ ମାନ୍ୟତା ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତି ବିଶ୍ୱ ମୋହନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନାଟ୍ୟକାର ହୃଦାନନ୍ଦ ମେହେର, ଉପଦେଷ୍ଟା ଚନ୍ଦ୍ର ଶେଖର ପାଢୀ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ରମେଶ କୁମାର ମେହେର ମଞ୍ଚ ପରିଚାଳନା କରିଥିଲେ ।



ମାନ୍ୟତା ପ୍ରଦାନ ଉତ୍ସବରେ ଉପସ୍ଥିତ ଅତିଥି ।

## କଳାସୀ ଯାତ୍ରାରେ ନାଟକ ମଞ୍ଚସ୍ଥ

କନ୍ଧପଙ୍କ, ୧୦।୧୧ (ଡି.ଏନ.ଏ)
ବୌଦ୍ଧ ବ୍ଲକ ଅନ୍ତର୍ଗତ ଚନ୍ଦ୍ରପୁର ଗ୍ରାମରେ କଳାସୀ ଯାତ୍ରା ସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ସନ୍ଧ୍ୟାରେ ନାଟକ 'ସୁଖ ସାତପର ଦୁଃଖ ନିଜର' ମଞ୍ଚସ୍ଥ ହୋଇଥିଲା । ବିଭିନ୍ନ ଭୂମିକାରେ ବ୍ରଜ ପ୍ରଧାନ, ଅଜିତ ପରିଡା, ସୁଶୀଲ ଜେନା, ଆଦିତ୍ୟ ବେହେରା, ମୋତିଲାଲ କର୍ଣ୍ଣ, କାର୍ତ୍ତିକ ନାଏକ, ହରିହର କଲାତା, ଆଶୁତୋଷ ଜେନା, ଗଜାନନ ପ୍ରଧାନ, ପ୍ରମୋଦ ଜେନା ପ୍ରମୁଖ ଅଭିନୟ କରିଥିଲେ । ନାଟକର ଉଦଘାଟନୀ ଉତ୍ସବରେ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି, ସ୍ୱେଚ୍ଛାସେବୀ ଶ୍ରୀନିବାସ ପ୍ରଧାନ, ଗଉଁତିଆ ନବୀନ କର୍ଣ୍ଣ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅବସରପ୍ରାପ୍ତ ବିଡିଓ ଯାଦବ କର୍ଣ୍ଣ ସଭାରେ ଅଧକ୍ଷତା କରିଥିଲେ । ନିତ୍ୟାନନ୍ଦ କର୍ଣ୍ଣ ସହଯୋଗ କରିଥିଲେ । ସେହିପରି ବୌଦ୍ଧ ବ୍ଲକ ମୁଣ୍ଡାପଡା ପଞ୍ଚାୟତର ଖମାରୀପଡା ଗାଁରେ କଳାସୀ ଯାତ୍ରା ଅବସରରେ ସୁଶାନ୍ତ ମିଶ୍ରଙ୍କ ନିର୍ଦ୍ଦେଶିତ ନାଟକ 'ଦୁଃଖ ସରିବନି ମରିବା ଯାଏ' ମଞ୍ଚସ୍ଥ ହୋଇଥିଲା । ନାଟକର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ, ସରପଞ୍ଚ ବିଦ୍ୟାଧର ସ୍ୱାଇଁ, ସମିତି ସଭ୍ୟ ସଞ୍ଜୟ ପ୍ରଧାନ, ବରିଷ୍ଠ ଓକିଲ ଧିରିଶ ଦେହୁରୀ, ବହିରା ହାଇସ୍କୁଲର ପ୍ରଧାନଶିକ୍ଷକ ଦେଶବନ୍ଧୁ ମହାକୁଳ, ବ୍ରାହ୍ମଣୀପାଲି ସରପଞ୍ଚ ପ୍ରତିନିଧି ଅରୁଣ ବାଘ, ଆମ୍ବଝରୀ ସରପଞ୍ଚ ପ୍ରତିନିଧି ମିଟୁ ଗିରି, ସ୍ୱେଚ୍ଛାସେବୀ ଶ୍ରୀନିବାସ ପ୍ରଧାନ ଯୋଗ ଦେଇଥିଲେ । ଆଦିତ୍ୟ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ସିଆରସିସି ସଞ୍ଜୟ ଦେହୁରୀ ଧନ୍ୟବାଦ ଅର୍ପ କରିଥିଲେ । କଳିଙ୍ଗ କ୍ଲବ ନାଟ୍ୟ ସଂସଦ ଖମାରିପଡା ଆନୁକୂଲ୍ୟରେ ଏହି ନାଟକ ମଞ୍ଚସ୍ଥ ହୋଇଥିଲା ।

## ଥୁଆପାଲି ଧନୁଯାତ୍ରା ପାଇଁ କଂସ କଳାକାର ବରଣ

ଭେଡ଼େନ, ୧୦।୧୧(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ରେମଣ୍ଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଥୁଆପାଲିରେ ଆସନ୍ତା ଡ଼ିସେମ୍ବର ୧୩ରୁ ୨୩ ତାରିଖ ପର୍ଯ୍ୟନ୍ତ ବିରାଟ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ । ଏଥି ମହୋତ୍ସବରେ ଗୋପାଳ ପଣ୍ଡାଙ୍କୁ କଂସ ଅଭିନେତା ଭାବେ ବରଣ କରାଯାଇଛି। ଏଥିପାଇଁ ଶନିବାର ଅପରାହ୍ନରେ କମିଟିର କର୍ମକର୍ତ୍ତା ଅଭିନେତା ପଣ୍ଡାଙ୍କ ଅନ୍ତର୍ଡ଼ା ସ୍ଥିତ ବାସଭବନକୁ ଯାଇ ତାଙ୍କୁ ପୁଷ୍ପମାଲ୍ୟ, ଉପାୟନ, ନାରିକେଳ ଦେଇ ବରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କମିଟି ସଭାପତି ଜିତେନ୍ଦ୍ରୀୟ ପୋଢ, ଉପସଭାପତି ନିମାଇଁ ଜୁଆଡ଼ି, ସମ୍ପାଦକ ଭୋଲା ଯୁଆଡ଼ି, ସହ ସମ୍ପାଦକ ବାବୁଲୁ ମେହେର, କୋଷାଧ୍ୟକ୍ଷ ଶିବ ଜୁଆଡ଼ି, ସହ କୋଷାଧ୍ୟକ୍ଷ ସନୁ ବେଗଙ୍କ ସମେତ ସହାଦତ ଅଲି, ରୂପେଶ ଭୋଇ, ଶ୍ୟାମ ପୋଢ଼, ରାଜବିର ସାହାନିଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ ।



ଗୋପାଳ ପଣ୍ଡାଙ୍କୁ କଂସ ଅଭିନେତା ଭାବେ ବରଣ କରାଯାଉଛି ।

## ଫୁଟବଲ: ବୌଦ୍ଧ ଗେହ୍ଲାମା ଚାମ୍ପିୟନ

ବୌଦ୍ଧ,୧୦।୧୧(ସ୍ୱ.ପ୍ର)

ବୌଦ୍ଧ ଫେଣ୍ଡସ ଗ୍ରୁପ୍ ପକ୍ଷରୁ ଚାଲିଥିବା ଦୁଇଦିନିଆ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ପ୍ରଥମ ସେମିଫାଇନାଲ ଖେଳ ଗେହ୍ଲାମା ବୌଦ୍ଧ ଓ ପୁରଣାକଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଗେହ୍ଲାମା ଦଳ ୨-୦ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ସେହିପରି ଦ୍ୱିତୀୟ ସେମିଫାଇନାଲ ଖେଳ ପତକା ଅନୁଗୋଳ ଓ ଆଠମଲିକ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଖେଳରେ ପତକା ଦଳ ୨-୦ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ଖେଳ ଗେହ୍ଲାମା ବୌଦ୍ଧ ଓ ପତକା ଅନୁଗୋଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ ଖେଳରେ ଗେହ୍ଲାମା ବୌଦ୍ଧ ୪-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟର ବେଷ୍ଟ ଗୋଲକିପର ଭାବେ ଗେହ୍ଲାମା ଦଳର ଶଶିକାନ୍ତ ଦାସିଆ, ବେଷ୍ଟ ଡିଫେନ୍‌ସ ଗେହ୍ଲାମା ଦଳର ସିକୁନ ପ୍ରଧାନ, ବେଷ୍ଟ ଖେଳାଳି ପତକା ଦଳର ତପନ ଦେହୁରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଟୁର୍ନାମେଣ୍ଟ ଦିବ୍ୟଂଗତ ରାଜା, ସୁଜନ ଓ ଜିତୁଙ୍କ ସ୍ମୃତିରେ ଆୟୋଜିତ ହୋଇଥିଲା । ଉଦଯାପନୀ ଦିବସରେ ବିଧାୟକ ପ୍ରଦୀପ ଅମାତ, ବୌଦ୍ଧ ଜିଲା କ୍ରିକେଟ ଆସୋସିଏଶନର ସଭାପତି ଯୁଗଳ କିଶୋର ସାମଲ ଓ ସମ୍ପାଦକ ଲମ୍ବୋଦର ପୁରୋହିତ ଅତିଥି ଭାବେ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ୫ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଦଳକୁ ୩ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳକୁ ସଲିଳ ବେହେରା, ଶେଷଦେବ ବେହେରା, ସୁରେନ୍ଦ୍ର ବେହେରା ଓ ପ୍ରବୀଣ ବେହେରା ପରିଚାଳନା କରିଥିଲେ । ବିଭୂତି ଭୂଷଣ ବେହେରା, ଆଶିଷ ଅମାତ, ହେମନ୍ତ ଚମ୍ପତି, ପ୍ରଶାନ୍ତ କୁମାର ପ୍ରଧାନ, ଚକିତ ଭଞ୍ଜ, ରମାକାନ୍ତ ବେହେରା, ମହେଶ୍ୱର ସେଠୀ ସହଯୋଗ କରିଥିଲେ ।




ଟ୍ରଫି ସହିତ ଚାମ୍ପିୟନ ଦଳର ଖେଳାଳି ।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ବରଗାଁ ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

**ନୂଆପଡ଼ା ଅଫିସ,୧୦।୧୧-** ନୂଆପଡ଼ା ଜିଲା ସିନାପାଲି ବ୍ଲକ ବରଗାଁ ଗ୍ରାମପଞ୍ଚାୟତ ସଦର ଗାଁରେ ୨୨ତମ ଗଜଲକ୍ଷ୍ମୀ ପୂଜା ପାଇଁ ସଜବାଜ ଚାଲିଛି। ଏହିକ୍ରମରେ ଧର୍ମୁ ସୁନାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଗ୍ରାମର ସମସ୍ତ ବ୍ୟକ୍ତି ଯୋଗଦେଇ ପୂଜାକୁ କିପରି ଆଡମ୍ବର ସହ ପାଳନ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା । ପୂଜାରେ ଶୃଙ୍ଖଳିତ କରିବାକୁ ଏକ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସରଜୁ ସୁନାରୀ ସଭାପତି, ଗଜାନନ ମେହେର ଉପସଭାପତି, ଆକାଶ ସୁନାରୀ ସମ୍ପାଦକ, ଅଖିଳ ସୁନାରୀ ସହ ସମ୍ପାଦକ, ବିପିନ ସୁନାରୀ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି । ଉପଦେଷ୍ଟା କମିଟିରେ ଜଗବନ୍ଧୁ ମେହେର, ଶର୍ମୁ ସୁନାରୀ, ଦୁର୍ଗା ସୁନାରୀ, ଯୁବରାଜ ସୁନାରୀ ପ୍ରମୁଖ ସଦସ୍ୟ ଭାବେ ରହିଛନ୍ତି। ଏହି ପୂଜା ମାର୍ଗଶୀର ମାସ ଶେଷ ଗୁରୁବାର କରାଯିବାକୁ ପ୍ରସ୍ତାବ ଗୃହିତ ହୋଇଛି ।

### ବିଶ୍ୱହିନ୍ଦୁ ପରିଷଦର ଜିଲାସ୍ତରୀୟ ବୈଠକ

**ନୂଆପଡା ଅଫିସ,୧୦।୧୧-** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଶ୍ୱ ହିନ୍ଦୁ ପରିଷଦର ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ସଭାପତି ବିଭୂତି ଭୂଷଣ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ପ୍ରାନ୍ତ ସଙ୍ଗଠନ ସମ୍ପାଦକ ଶରତ ପ୍ରଧାନ ମୁଖ୍ୟଅତିଥି, କଳାହାଣ୍ଡି ବିଭାଗ ସମ୍ପାଦକ ରାମେଶ୍ୱର ମୁଣ୍ଡ, ଲୋକନାଥ ରଥ, ଭାନୁପ୍ରତାପ ସିଂ ଦଣ୍ଡସେନା, ଭବାନୀ ବଗର୍ତ୍ତି, ସତ୍ୟନାରାଣ ଥନାପତି ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ଦିନରେ ହେବାକୁ ଥିବା ଧର୍ମରକ୍ଷା ନିଧି ଏବଂ ହିତ ଚିନ୍ତକ ଅଭିଯାନକୁ ସଫଳ ରୂପାୟନ କରିବାକୁ କ'ଣ ସବୁ ପଦକ୍ଷେପ ନିଆଯିବ ସେ ଉପରେ ଆଲୋଚନା ହୋଇଥିଲା। ସତ୍ୟନାରାୟଣ ଥନାପତି ଧନ୍ୟବାଦ ଦେଇଥିଲେ।

### ଗୋକୁଳ ନଗରରେ ରାସଲୀଳା କାର୍ଯ୍ୟକ୍ରମ

**ନୂଆପଡା ଅଫିସ,୧୦।୧୧-** ନୂଆପଡା ଜିଲା ଖଡିଆଳ ସହରସ୍ଥିତ ଗୋକୁଳ ନଗରରେ ପ୍ରତିବର୍ଷ ଭଳି ରାସଲିଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଦିନରେ ଦଧୀ ମନ୍ଥନ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ମମତା ମଞ୍ଜରୀ ଥପା ସଭାପତିତ୍ୱ କରିଥିବାବେଳେ ପଶ୍ଚିମ ଓଡିଶା ବିକାଶ ପରିଷଦ ବିଶେଷଜ୍ଞ ସଦସ୍ୟ ଲମ୍ବୋଦର ନିଆଲ ମୁଖ୍ୟଅତିଥି, ବିଜୁ ଜନତା ଦଳର ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠାନର କଳାକାରମାନେ ଶ୍ରୀ କୃଷ୍ଣଙ୍କ ରାସଲୀଳା ପ୍ରସଙ୍ଗରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିରେ ବନମାଳୀ ନାଗ, ବଳମତ ସେଠୀ, ସୁକଦେବ ସେଠୀ, ସିଦାମ କେତକୀ, ଚଞ୍ଚଳା ନାଗ, ଲକ୍ଷ୍ମୀ ଜାଲ, ଘାସିରାମ ହଂସ, ସଞ୍ଜୟ ସେଠୀ, କାହ୍ନୁ ପୋଢ଼, ଈଶ୍ୱର ଭୋଇ ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

# ଆମ୍ବେଡକର ଛକ ଡ୍ରେନ କାମ ଅସମ୍ପୂର୍ଣ୍ଣ

**କୋମନା,୧୦।୧୧ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ଉଦ୍ୟାନବନ୍ଧସ୍ଥିତ ଆମ୍ବେଡକର ଛକ ନିକଟରେ ଚାଲିଥିବା ରାଜପଥ ଡ୍ରେନ କାମ ୩ ମାସ ହେବ ଅସମ୍ପୂର୍ଣ୍ଣ ହୋଇ ପଡିରହିଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ୪ ବର୍ଷ ହେବ ୩୫୩ ନଂ. ଜାତୀୟ ରାଜପଥ କାମ ଜିଭିଆର କମ୍ପାନୀ ନାମକ ଏକ ଠିକା ସଂସ୍ଥା ନେଇଛି। ନୂଆପଡା ଜିଲା କୁରୁମପୁରୀଠାରୁ ବଲାଙ୍ଗୀର ଜିଲା ବୋଙ୍ଗୋମୁଣ୍ଡା ପର୍ଯ୍ୟନ୍ତ ୬୮ କି.ମି. ରାସ୍ତାକୁ ଦୁଇ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ପ୍ରଶାସନ ସହିତ ଚୁକ୍ତି କରିଥିଲା । ଚୁକ୍ତି ଅନୁଯାୟୀ ଠିକା ସଂସ୍ଥା ଠିକ ସମୟରେ ରାସ୍ତା ନିର୍ମାଣ କାମ



ଅସମ୍ପୂର୍ଣ୍ଣ ହୋଇ ପଡିରହିଥିବା ଡ୍ରେନ କାମ।

**୩ ମାସ ବିତିଲା**

ଆରମ୍ଭ କରିଥିଲେ ହେଁ ଆଜକୁ ୪ ବର୍ଷ ବିତିଗଲେ ମଧ୍ୟ ବିଭିନ୍ନ ସ୍ଥାନରେ ରାସ୍ତା ନିର୍ମାଣ କାମ ଅସମ୍ପୂର୍ଣ୍ଣ ହୋଇ ବିପଦ ସଙ୍କୁଳ ହୋଇପଡିଛି। ଫଳରେ ବିଭିନ୍ନ ସମୟରେ ଲୋକେ ଦୁର୍ଘଟଣାଗ୍ରସ୍ତ ହୋଇ ମୃତ୍ୟୁବରଣ କରିଥିବା ନଜରି ରହିଛି। ଏ ନେଇ ଅନେକ ସମୟରେ ସ୍ଥାନୀୟ ଲୋକେ ଆନ୍ଦୋଳନ କରିଥିଲେ। କିନ୍ତୁ ଠିକା ସଂସ୍ଥାର ଅବହେଳା ଯୋଗୁ ଠିକ ସମୟରେ ରାସ୍ତା ନିର୍ମାଣ ହୋଇପାରିଲା ନାହିଁ। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ସୂଚନାଯୋଗ୍ୟ ଯେ, ଗତ ୩ ମାସ ପୂର୍ବେ ଉଦ୍ୟାନବନ୍ଧସ୍ଥିତ ଆମ୍ବେଦକର ଛକ ନିକଟରେ ଡ୍ରେନ କାମ କରିବା ପାଇଁ ମୁଖ୍ୟ ରାସ୍ତା ଉପରେ ୩ ଫୁଟର ଗର୍ତ୍ତ ଖୋଳାଯାଇଛି । ଏହି ରାସ୍ତାରେ ସବୁବେଳେ ଶହଶହ ମାଲ ବୋଝେଇ ଗାଡି ଯାତାୟାତ କରୁଥିବା ବେଳେ ଛକ ନିକଟରେ ଖାଲ ହେବା ଯୋଗୁ ଲୋକେ ତଥା ଯାନବାହନ ଯିବାଆସିବା କରିବାରେ ସମସ୍ୟା ଦେଖାଦେଇଛି। ସ୍ଥାନୀୟ ଅଞ୍ଚଳବାସୀ ଏ ନେଇ ଅନେକ ଥର କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ମଧ୍ୟ ଠିକା ସଂସ୍ଥା କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି। ପ୍ରଶାସନ ଏ ଦିଗରେ ହସ୍ତକ୍ଷେପ କରି ମୁଖ୍ୟରାସ୍ତା ଉପରେ ତିଆରି ହେଉଥିବା ଡ୍ରେନ କାମ ଖୁବଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



ବିଜୁ ପଟ୍ଟନାୟକ ଜୁନିୟର କଲେଜରେ ନୂଆଁଖାଇ ଭେଟ୍‌ଘାଟରେ ମଞ୍ଚାସୀନ ଅତିଥି ।

# ନୂଆଁଖାଇ ଭେଟ୍‌ଘାଟ୍

**ବୋଡେନ,୧୦।୧୧(ଡି.ଏନ.ଏ.)**

ନୂଆପଡା ଜିଲା ବୋଡେନ ବିଜୁ ପଟ୍ଟନାୟକ ଜୁନିୟର କଲେଜରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମା' ଦ୍ୱାରଶନୀଙ୍କୁ ଚୁଡାପୀଠା ଅର୍ପଣ କରି ନବାନ୍ନ ଭକ୍ଷଣ କରାଯାଇଥିଲା। ବୋଡେନ ଝାକର ମନବୋଧ ମାଝି ପୂଜାର୍ଚ୍ଚନା କରିଥିଲେ। ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ହଳଧର ନାଗ, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହିତେଶ କୁମାର ବଗର୍ତ୍ତି, କଳାହାଣ୍ଡି ବିଦ୍ୟାଳୟ ଅଧ୍ୟାପକ ଜୟଦେବ ସାହୁ, ପର୍ବତ ଆରୋହୀ ଯୋଜ୍ଞାସ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ହେମନ୍ତ ମୁଣ୍ଡ ସହାୟତାରେ ହୋଇଥିବା ବେଳେ ମଞ୍ଚ ପରାଚାଳନାରେ ସାମୁଏଲ ଜାନୀ, ରବି ରଞ୍ଜନ ପ୍ରଧାନ ସହଯୋଗ କରିଥିଲେ । କଲେଜ ଛାତ୍ରୀଛାତ୍ରମାନେ ସଙ୍ଗୀତ ଗାନ ସହିତ ବିଭିନ୍ନ ନୃତ୍ୟ ପରିବେଷଣ କରିଥିଲେ। ଏହା ପରେ ଅତିଥିମାନଙ୍କୁ ଛାତ୍ରୀଛାତ୍ରମାନେ ପ୍ରତ୍ୟେକ ଜାତିର ଜୁହାର ଭେଟ କରିଥିଲେ।

# ଏମ୍‌ପି ବସନ୍ତ ପଣ୍ଡାଙ୍କ ଆଦର୍ଶ ଗାଁ ତୁକୁଲା

**ଖଡିଆଳ,୧୦।୧୧ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକ ତୁକୁଲା ଗାଁକୁ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ନିଜର ଆଦର୍ଶ ଗାଁରେ ରୁପାନ୍ତରିତ କରିବା ପାଇଁ ସଂକଳ୍ପ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏମ୍‌ପି ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ । ତୁକୁଲା ସରପଞ୍ଚ ଜଗତରାମ ମେହେର, ବ୍ଲକ ଉପାଧକ୍ଷା ନିଳାଦ୍ରି ମେହେର, ଏପିଡି ମଧୁଛନ୍ଦା ସାହୁ, ଜିଲା ପଞ୍ଚାୟତ ଅଫିସ ବିବେକାନନ୍ଦ ମହାନନ୍ଦ, ଖଡିଆଳ ବିଡିଓ ଉତ୍ତମ କୁମାର ବାଗ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ, ବିଦ୍ୟୁତିକରଣ, କୃଷି ଓ ମୁଦ୍ରାଲୋନ କ୍ଷେତ୍ରରେ କିଭଳି ତୁକୁଲା ଗାଁ ଲୋକଙ୍କୁ ସର୍ବାଙ୍ଗୀନ ଉନ୍ନତି ଘଟିବ ସେ ନେଇ ଏକ କାର୍ଯ୍ୟ ଖସଡା ପ୍ରସ୍ତୁତି କରାଯାଇଛି । ଆଗାମୀ ମାର୍ଚ୍ଚ ମଧ୍ୟରେ ସୁଖ ସମୃଦ୍ଧିର ଗାଁ ଭାବେ ତୁକୁଲା ଗାଁ ବିକାଶ ଧାରାରେ ଆଗେଇବ ବୋଲି ଏମ୍‌ପି ପଣ୍ଡା ଦୃଢ଼ୋକ୍ତିର ସହ ପ୍ରକାଶ କରିଛନ୍ତି । ଅପରପକ୍ଷେ କଳାହାଣ୍ଡି ଏମ୍‌ପି ତୁକଲା ଗାଁକୁ ସାଂସଦ ଆଦର୍ଶ ଗାଁ ଭାବେ ଘୋଷଣା କରିବା ସହ ତୁକୁଲା ଗାଁର ସର୍ବାଙ୍ଗୀନ ବିକାଶର ନେତୃତ୍ୱ ନେଇଥିବାରୁ ଗ୍ରାମବାସୀ ବେଶ ଖୁସି ବ୍ୟକ୍ତ କରିଛନ୍ତି ।



ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡାଙ୍କ ସହ ଅନ୍ୟମାନେ ।

ହର୍ଷ ଉଲ୍ଲାସରେ ପାଳିତ ହେଲା ମହମ୍ମଦ ଜୟନ୍ତୀ

# ଶୋଭାଯାତ୍ରାରେ ବାହାରିଲେ ଶିଶୁ, ବୃଦ୍ଧ

**ନୂଆପଡ଼ା ଅଫିସ, ୧୦।୧୧**

ନୂଆପଡ଼ା ଜିଲା ସଦର ମହକୁମାରେ ମୁସଲମାନ ଧର୍ମଗୁରୁ ପ୍ରୋଫେଟ ମହମ୍ମଦଙ୍କ ଜୟନ୍ତୀ ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ପୂଜାପାଠ, ନମାଜ ପାଠ ପରେ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ।

ରବିବାର ପୂର୍ବାହ୍ନରେ ସ୍ଥାନୀୟ ମସଜିଦରେ ନମାଜ ପାଠ ହୋଇଥିବାବେଳେ ଏଥିରେ ସହର ସମେତ ଆଖପାଖ ଅଞ୍ଚଳରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଅପରାହ୍ନ ୫ଟାରେ ମସଜିଦ ନିକଟରେ ପୁଣି ଥରେ ସମସ୍ତେ ଠୁଳ ହୋଇଥିଲେ। ମୁସଲିମ କମିଟି ସଭାପତି ମହମ୍ମଦ ଆଜାସଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରିଥିଲା । ପ୍ରଥମେ ଏହା ଏକତା ଛକ ଦେଇ ଜିଲାପାଳଙ୍କ ଅଫିସ ଦେଇ ପୁଣି ଥରେ ସହରର ସମସ୍ତ ଗଳି ପରିକ୍ରମା କରିଥିଲେ। ଏଥିରେ ବିଶେଷ କରି ଶିଶୁମାନେ ନାନାଦି ବେଶଭୂଷାରେ ସୁସଜ୍ଜିତ ହୋଇଥିଲେ। ସମସ୍ତଙ୍କ ହାତରେ ପତାକା ସହ ନାରାବାଜି କରିଥିଲେ। ନାନାଦି ଗୀତ ବାଜାରେ ସହର ପ୍ରକମ୍ପିତ ହୋଇଥିଲା । ଏଥିରେ କମିଟି ଉପସଭାପତି ଫିରୋଜ ଖାନ, ସମ୍ପାଦକ ଗୁଲାମ ମହମ୍ମଦ, ଯୁଗ୍ମ ସମ୍ପାଦକ ହାରୁନ ସା, କୋଷାଧ୍ୟକ୍ଷ ଶେଖ ସବିର ପ୍ରମୁଖ ଯୋଗଦେଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ସକାଶେ ପୋଲିସ ମୁତୟନ କରାଯାଇଥିଲା । ଏହିଭଳି ଜିଲାର ଅନ୍ୟ ଏକ ମୁସଲିମ ସମାଜର ପେଣ୍ଠସ୍ଥଳ କାଣ୍ଡେତରାରେ ମଧ୍ୟ କାର୍ଯ୍ୟକ୍ରମ ଧୁମଧାମରେ ପାଳିତ ହୋଇଥିଲା। ଏଥିରେ କାଣ୍ଡେତରା ସମେତ ଉଦ୍ୟାନବନ୍ଧ, ସେମେଲପାଲିର ଶତାଧିକ ଲୋକେ ଯୋଗଦେଇଥିଲେ। ଅପରାହ୍ନ ୩ଟାରେ ମସଜିଦ ନିକଟରୁ ଏକ ଶୋଭାଯାତ୍ରା ବାହାରିଥିଲା । ସମଗ୍ର ବସ୍ତି ପରିକ୍ରମା ପରେ ସହ ଭୋଜିର କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ମୁସଲିମ ସମ୍ପ୍ରଦାୟ ସମେତ ଅନ୍ୟାନ୍ୟ ସମ୍ପ୍ରଦାୟର ଅତିଥିମାନେ ମଧ୍ୟ ଯୋଗଦେଇଥିଲେ। ଏଥିରେ ସଭାପତି ଶେଖ ମକ୍ସୁଦ, ବିଲାଲ ଖାନ, ମୁସ୍ତାକ ବେଗ ପ୍ରମୁଖ ନେତୃତ୍ୱ ନେଇଥିଲେ।



ନୂଆପଡା ମସଜିଦ ନିକଟରେ ଶୋଭାଯାତ୍ରାରେ ବାହାରିଥିବା କର୍ମକର୍ତ୍ତାଗଣ।

# ଜୟ ଜଗନ୍ନାଥ ଫୁଟବଲ ଉଦ୍‌ଘାଟିତ: ଝାରକୁଣ୍ଡାମାଲ ବିଜୟୀ

**କୁନାଗଡ,୧୦।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କାଲୋପଲା ଗଣ୍ଡାନାଳ ପଡିଆରେ ରବିବାର ଜୟ ଜଗନ୍ନାଥ ପଞ୍ଚ ଦିବସୀୟ ନକଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ଝାରକୁଣ୍ଡାମାଲ ଓ ମାଝେନପଦର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଝାରକୁଣ୍ଡାମାଲ ବିଜୟୀ ହୋଇଥିଲା। ଖେଳକୁ ତାପସ ଦାଶ, ଦୟାନିଧି ସିଂହ, ରୁବିଣ ସିଂହ ପରିଚାଳନା କରିଥିଲେ। ବିଷ୍ଣୁ ପ୍ରସାଦ ସିଂହ ଏଙ୍କରିଙ୍ଗ କରିଥିଲେ। କାଲୋପଲା ଫୁଟବଲ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ନିର୍ମଳା ସିଂହ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସମିତିସଭ୍ୟ ସତ୍ୟନାରାୟଣ ବେହେରା, ଫୁଟବଲ ଆସୋସିଏଶନ୍‌ର ସଭାପତି ତଥା ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଧନେଶ୍ୱର ନାଏକ, ଉପସଭାପତି ମୁକୁନ୍ଦ ଶବର, ସମ୍ପାଦକ ଶ୍ରୀନିବାସ ରାଉତ, ରାଜକୁମାର ସିଂହ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଉମେଶ ଚନ୍ଦ୍ର ସିଂହ, ଅର୍ଜୁନ ବାଗ, ଜୟଲାଲ ସିଂହ, ଜିତେନ୍ଦ୍ର ମଙ୍ଗରାଜ, ଲଛମନ ଗହୀର, ଜହରଲାଲ ସିଂହ, ରୋଶନ ସିଂହ, ଧଲପଦ୍ମ ଗୋପାଲ ପ୍ରମୁଖ ସହଯୋଗ କରିଥିଲେ। ୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଯୋଗଦେବେ ବୋଲି ଜଣାପଡିଛି।



ଉଦ୍‌ଘାଟନୀ ମ୍ୟାଚ୍‌ରେ ଉଭୟ ଦଳର ଖେଳାଳିଙ୍କ ସହ ଅତିଥିଗଣ।

# ଅଲିଭା ମହାସଂଘର ବ୍ଲକସ୍ତରୀୟ ବୈଠକ

**ଖଡିଆଳ,୧୦।୧୧ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳସ୍ଥିତ କଲ୍ୟାଣ ମଣ୍ଡପ ୧ରେ ଆୟୁସ୍କାମ ଖଡିଆଳ ପକ୍ଷରୁ ନିର୍ବାଚିତ ମହିଳା ପ୍ରତିନିଧିଙ୍କୁ ନେଇ ଅଲିଭା ମହାସଂଘର ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଖଡିଆଳ ବ୍ଲକର ୩୦ରୁ ଊର୍ଦ୍ଧ୍ୱ ମହିଳା ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ। ଆଞ୍ଚଳିକସ୍ତରୀୟ ସମସ୍ୟାର ସମାଧାନ କରିବା ଏହି ବୈଠକରେ ମୁଖ୍ୟ ଉଦ୍ଦେଶ୍ୟ ଥିବା ବେଳେ ପିଡିଏସରୁ ବଞ୍ଚିତ ହେବା, ରାସ୍ତା ମରାମତି, ସ୍କୁଲରେ ଶିକ୍ଷକ ଓ କୋଠରୀର ଅଭାବ, ଡ୍ରେନ ନିର୍ମାଣ, ନୂତନ ହାଇସ୍କୁଲ ଖୋଲିବା ପ୍ରସଙ୍ଗ ଆଲୋଚିତ ହୋଇ ଏହାର ସମାଧାନ ପାଇଁ ଆଗାମୀ ଜିଲାପାଳଙ୍କ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣିରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଧାରିତ କରିଛନ୍ତି । ଉକ୍ତ ବୈଠକକୁ ଶୁଣାଣିରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଧାରିତ କରିଛନ୍ତି । ଉକ୍ତ ବୈଠକକୁ ଅଲିଭା ମହାସଂଘ ନେତ୍ରୀ ଜ୍ୟୋତିପ୍ରଭା ସତନାମୀ ଆରମ୍ଭ କରିଥିବା ବେଳେ ପ୍ରେମଶିଳା ଘିଭେଲା, ପଦ୍ମାଳୟା ମେହେର, ମିନାକ୍ଷୀ ବିଶି, ପ୍ରେମଶିଳା ବନଛୋର ପ୍ରମୁଖ ଓ ମହାସଂଘ କର୍ମକର୍ତ୍ତା ଉପସ୍ଥିତ ଥିବା ବେଳେ ଏହି କାର୍ଯ୍ୟକ୍ରମକୁ ଖଡିଆଳ ଆୟୁସ୍କାମ ଆୟୋଜନ କରିଥିବା ବେଳେ ଦ ହଙ୍ଗର ପ୍ରକଳ୍ପ ନୁଆଦିଲ୍ଲୀ ସହଯୋଗ କରିଥିଲେ ।

ପୃଥକ୍ ୩ ଚୋରି ଘଟଣାର ପର୍ଦ୍ଦାଫାଶ

# ଜଣେ ଗିରଫ, ଚୋରି ମୋବାଇଲ, କମ୍ପ୍ୟୁଟର ଜବତ

**କଳମପୁର,୧୦।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଧୀନରେ ୨ଟି ପୃଥକ୍ ଏବଂ କୋକସରା ଥାନାରେ ହୋଇଥିବା ଅନ୍ୟ ଏକ ଚୋରି ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣାରେ ଯଶୋବନ୍ତ ଶବର (୩୦)ଙ୍କୁ ଗିରଫ କରାଯାଇଥିବା ବେଳେ ଜଣେ ନାବାଳକ ସାମିଲ ଥିବା ପୋଲିସ କହିଛି। ତାଙ୍କଠାରୁ ଚୋରି ମୋବାଇଲ, କମ୍ପ୍ୟୁଟର ଏବଂ ବାଇକ୍ ଜବତ କରାଯାଇଛି। ରବିବାର ବଡକୁଟ୍ରୁ ପୋଲିସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରୀ ଲକ୍ଷ୍ମୀନାରାୟଣ ପଣ୍ଡା ଏହି ସୂଚନା ଦେଇଛନ୍ତି। ପଣ୍ଡା କହିଛନ୍ତି ଯେ, ଗୁନଗୁନିଆଁସ୍ଥିତ ଦେବାଶିଷ ମହାରଣାଙ୍କ ମୋବାଇଲ ଏବଂ ଲ୍ୟାପଟପ ଦୋକାନକୁ ସିନ୍ଧି ଗାତ କରି ଚୋରି କରିଥିଲେ। ଏ ନେଇ ଜୟପାଟଣା ଥାନାରେ ଏକ ମାମଲା (ନଂ.୨୬୬/୧୯) ଏବଂ କଳମପୁରର ଏକ ଚୋରି ନେଇ (ନଂ. ୩୦୯/୧୯) ରୁଜୁ ହୋଇଥିଲା। ସେହିପରି କୋକସରା ଥାନାରେ ଅନ୍ୟ ଏକ ଚୋରି ମାମଲା ରୁଜୁ ହୋଇଥିଲା। ତଦନ୍ତ ଅଧିକାରୀ କୃତ୍ତିବାସ ପୂଝାରୀ, କଳମପୁର ଫାଣ୍ଡି ଏଏସଆଇ ମନୋରଞ୍ଜନ ଆଚାର୍ଯ୍ୟ, ମୋଟେର ଫାଣ୍ଡି ଏଏସଆଇ ଶେଖର ଜେନାଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦୋକାନରୁ ଚୋରି ହୋଇଥିବା ୪୦ଟି ମୋବାଇଲ, ୪ଟି ଲ୍ୟାପଟପ, ୨ ଡେସଟପ, ୧ ହୋମଥିଏଟର, ୨ ପ୍ରିଣ୍ଟର, ୩ କିବୋର୍ଡ, ୧ ଟର୍ଚ୍ଚଲାଇଟ, ୧ ଏଲସିଡି ଏବଂ ଏକ ବାଇକ୍ (ନଂ.ଓଡି ୦୮ଏସ-୯୫୧୬) ଜବତ କରାଯାଇଛି। ଏହି ଧରପଗଡ ଯୋଗୁ ଆପରାଧିକ ମନୋବୃତ୍ତି ଲୋକଙ୍କ ମଧ୍ୟରେ ଭୟ ସଞ୍ଚାର ହେବ ଏବଂ ଭବିଷ୍ୟତରେ ଅପରାଧ ନିଶ୍ଚିତ ଭାବେ କମିଯିବ ବୋଲି କହିଥିଲେ। ଏହି ଚୋରି ସାମଗ୍ରୀ କିଣିଥିବା ଅଭିଯୋଗରେ ଅଞ୍ଚଳର ବିଭିନ୍ନ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖାଯାଇଛି। ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ଏବଂ ନାବାଳକଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରାଯିବ ବୋଲି ପୋଲିସ କହିଛି।



ଖବରଦାତା ସମ୍ମିଳନୀରେ ପୋଲିସ ଅଭିଯୁକ୍ତଙ୍କୁ ହାଜର କରିଛି।



ଜବତ ଚୋରି ସାମଗ୍ରୀ ।

# ଫୁଟବଲ ଟୁର୍ଣ୍ଣାମେଣ୍ଟ: ବାନେର ଚାମ୍ପିୟନ

**କଳମପୁର,୧୦।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କଳମପୁର ବ୍ଲକ ମଣ୍ଡଳ ପଞ୍ଚାୟତ ମଣ୍ଡଳ ସାଗର ପଡିଆଠାରେ ଜଗା କାଳିଆ ଯୁବ ଅନୁଷ୍ଠାନ ପକ୍ଷରୁ ଚାଲିଥିବା ପଞ୍ଚ ଦିବସୀୟ ପାଦପେଣ୍ଡ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ବାନେର ଏବଂ ଅରେବେଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କେହି କାହାରିକୁ ଗୋଲ ସ୍କୋର କରି ନ ଥିଲେ। ପେନାଲଟିକରେ ବାନେର ୧ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଉଦଯାପନୀରେ ଦୁଇଟି ସେମିଫାଇନାଲ ଖେଳ ହୋଇଥିଲା। ପ୍ରଥମ ସେମିଫାଇନାଲ ଦାସିଗଡ଼ା ଏବଂ ଅରେବେଡା ମଧ୍ୟରେ ହୋଇଥିଲା। ଅରେବେଡା ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲ ବଗାଡ ଏବଂ ବାନେର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାନେର ୧ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥବଲା। କଳମପୁର ବ୍ଲକ ସଭାପତି ପ୍ରଦୀପ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌସୁଧି ବାଗ, ମୁଖ୍ୟବକ୍ତା କଳମପୁର ବ୍ଲକ ଅଧକ୍ଷା ମଞ୍ଜୁଳା ସାହୁ, ସମ୍ମାନିତ ଅତିଥି ଭାବରେ ମଣ୍ଡଳ ସରପଞ୍ଚ ପ୍ରଦୀପ କୁମାର ଭୋଇ, ସୁଧିର ପଣ୍ଡା, ସଞ୍ଜୀବ ବେହେରା, ଯାଜ୍ଞସେନୀ ନାଏକ, ମଣ୍ଡଳ ସମିତି ସଭ୍ୟ ଚିନ୍ତାମଣୀ ବେହେରା, ନିତ୍ୟାନନ୍ଦ ଗୁପ୍ତା, କୈଳାଶ ସିଂ, ପୂର୍ଣ୍ଣ ଛତ୍ରିଆ, ବଳଦେବ ନାଏକ, ପ୍ରଶାନ୍ତ ମାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ । ୫ ଦିନ ଧରି ଚାଲିଥିବା ଖେଳକୁ ରେଫରି ଭାବେ ଭକ୍ତଚରଣ ଭୋଇ, ରାଜୁ ଶବର, ଚିତ୍ରସେନ ମାଝି, ଲାଇନରେ ଧରଣୀ ଭୋଇ, ରତ୍ନ ଭୋଇ, ମୁକେଶ ଭୋଇ ଏବଂ ଧାରାବିବରଣୀ ବକସି ନାଏକ କାର୍ଯ୍ୟ ତୁଲାଇଥିଲେ । ପଞ୍ଚ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ସଭାପତି ସୁକାନ୍ତ ସାହୁ, ସମ୍ପାଦକ କାର୍ତ୍ତିକ ମାଝି, କୋଷାଧକ୍ଷ ଯଶୋବନ୍ତ ଭୋଇ, ଗଙ୍ଗାରାମ ନାଏକ, ଜୀବନ ନାଏକ, କୈଳାଶ ଭୋଇ, କୈଳାଶ ସାହୁ, ଧରଣୀ ଭୋଇ ପ୍ରମୁଖ ସହଯୋଗ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ।



ଖେଳାଳିମାନଙ୍କ ସହ ଅତିଥି କରମର୍ଦ୍ଦନ କରୁଛନ୍ତି।



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ

■ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ପ୍ରଭାବିତଙ୍କ ସହ ଆଲୋଚନା

# ବିସ୍ଥାପିତଙ୍କ ସ୍ୱାର୍ଥରକ୍ଷା ଉପରେ ଗୁରୁତ୍ୱ

ବଲାଙ୍ଗୀର ଅଫିସ,୧୦।୧୧




ପରଧିଆପାଲିଠାରେ ଆୟୋଜିତ ବୈଠକରେ ପ୍ରକଳ୍ପ ପ୍ରଭାବିତ ଗ୍ରାମବାସୀଙ୍କ ସହ ମିଳିତ କ୍ରିୟାନୁଷ୍ଠାନ କମିଟିର ଆଲୋଚନା।

■ ୧୬ ମାସ ହେଲା ବନ୍ଦ ପଡ଼ିଛି ଡ୍ୟାମ ନିର୍ମାଣ କାମ

■ ୨୦୧୩ ଭୂ-ଅଧିଗ୍ରହଣ ଆଇନ ସମତୁଲ କ୍ଷତିପୂରଣ ପ୍ରସ୍ତାବ ଦିଆଯିବ

■ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପରଧିଆପାଲିରେ ହେଲା ଆଲୋଚନା

ବଲାଙ୍ଗୀର ଜିଲାର ବହୁପ୍ରତୀକ୍ଷିତ ଲୋୟର ସୁକ୍‌ତେଲ ବୃହତ୍ ଜଳସେଚନ ପ୍ରକଳ୍ପ ଡ୍ୟାମ ନିର୍ମାଣ କାମ ପ୍ରାୟ ୧୬ ମାସ ହେଲା ବନ୍ଦ ରହିଛି। ତେବେ ଦୀର୍ଘ ୧୬ମାସ ପରେ ପ୍ରକଳ୍ପର ଅଗ୍ରଗତି ନେଇ ଉଭୟ ପ୍ରଭାବିତ ଗ୍ରାମବାସୀ ଓ ଲୋୟର ସୁକ୍‌ତେଲ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପରଧିଆପାଲିଠାରେ ରବିବାର ଅପରାହ୍ନରେ ସକରାତ୍ମକ ଆଲୋଚନା ହୋଇଥିବା ଜଣାପଡ଼ିଛି।

କ୍ରିୟାନୁଷ୍ଠାନ କମିଟି ସଭାପତି ଲଳିତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ସଭାରେ ପ୍ରକଳ୍ପକୁ ସମର୍ଥନ କରୁଥିବା ବିଭିନ୍ନ ଗାଁର ପ୍ରତିନିଧି ଯୋଗଦେଇ ବିଭିନ୍ନ ଗଠନମୂଳକ ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି। ୨୦୧୩ ଭୂମି ଅଧିଗ୍ରହଣ ଆଇନ ଲାଗୁ ହେବା ପରେ ଅଧିକ ବିବାଦୀୟ ହୋଇପଡ଼ିଥିବା ଲୋୟର ସୁକ୍‌ତେଲ ପ୍ରକଳ୍ପର ବିସ୍ଥାପିତ ହେବାକୁ ଥିବା ଲୋକେ କିଭଳି ଅଧିକ କ୍ଷତିପୂରଣ ଟଙ୍କା ଓ ଥଇଥାନ୍ ପ୍ୟାକେଜ ପାଇବେ ସେନେଇ ଆଲୋଚନା ହୋଇଥିଲା। ପୂର୍ବରୁ ଆୱାର୍ଡ ହୋଇସାରିଥିବା ପ୍ରକଳ୍ପ ପ୍ରଭାବିତ ଗ୍ରାମରେ ୨୦୧୩ ଭୂମି ଅଧିଗ୍ରହଣ ଆଇନ ଲାଗୁ ହେବା ନେଇ ଅଚଳାବସ୍ଥା ସୃଷ୍ଟି ହୋଇଛି। ସରକାର ସେଠାକାର ପ୍ରଭାବିତ ଲୋକଙ୍କୁ ଏକ୍ସଗ୍ରାସିଆ ଦେଇ କ୍ଷତିପୂରଣ ଭରଣା କରିବାକୁ ସୂଚନା ଦେଇଥିଲେ। ତେବେ ଏକ୍ସଗ୍ରାସିଆର କ୍ଷତିପୂରଣ ଟଙ୍କା କମ୍ ଦିଆଯାଉଥିବାରୁ ପ୍ରକଳ୍ପ ପ୍ରଭାବିତ ଲୋକେ ବିରୋଧ କରି ୨୦୧୩ ଭୂମି ଅଧିଗ୍ରହଣ ଆଇନ ଅର୍ନ୍ତଭୁକ୍ତ କ୍ଷତିପୂରଣ ଓ ଥଇଥାନ୍ ପ୍ୟାକେଜ ଦାବି କରିଥିଲେ। ଏପରି କି ଡ୍ୟାମ କାମ ବନ୍ଦ କରି ଆନ୍ଦୋଳନକୁ ଓହ୍ଲାଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ଡ୍ୟାମ କାମ ଆରମ୍ଭ କରିବା ନେଇ ବାରମ୍ବାର ଉଦ୍ୟମ କରାଯାଇଥିଲେ ମଧ୍ୟ ଏହା ସଫଳ ହୋଇନାହିଁ। ଅନ୍ୟପକ୍ଷେ ଜିଲାର ସ୍ୱାର୍ଥ ଦୃଷ୍ଟିରୁ ମିଳିତ କ୍ରିୟାନୁଷ୍ଠାନ କମିଟି, ଜିଲା ପ୍ରଶାସନ ଓ ପ୍ରକଳ୍ପ ପ୍ରଭାବିତଙ୍କ ସହ କ୍ରମାଗତ ଆଲୋଚନା ଜାରି ରଖିଥିଲେ। ଏହି କ୍ରମରେ ପରଧିଆପାଲିଠାରେ ରବିବାର କ୍ରିୟାନୁଷ୍ଠାନ କମିଟି ଓ ପ୍ରକଳ୍ପ ପ୍ରଭାବିତ ଲୋକଙ୍କ ଆଲୋଚନା ହୋଇଥିଲା। ୨୦୧୩ ଭୂମି ଅଧିଗ୍ରହଣ ଆଇନ କ୍ଷତିପୂରଣ ସମତୁଲ ଏକ୍ସଗ୍ରାସିଆ ଟଙ୍କା ବା କ୍ଷତିପୂରଣ ଆକାରରେ ଦିଆଗଲେ ପ୍ରକଳ୍ପ ପ୍ରଭାବିତ ଲୋକେ ଏହାକୁ ଗ୍ରହଣ କରିବା ଦିଗରେବିଚାର କରିବେ ବୋଲି ବୈଠକରେ ପ୍ରସ୍ତାବ ଦେଇଥିଲେ। ଏପରି କି ଚନ୍ଦନଭାଟି ଅଞ୍ଚଳର ସର୍ବାଧିକ ଜମି ମୂଲ୍ୟକୁ ବେଞ୍ଚମାର୍କ ଭାବେ ନିଆଯାଇ କ୍ଷତିପୂରଣ ଦିଆଯିବାକୁ ଦାବି କରାଯାଇଥିଲା। ଏନେଇ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସରକାରଙ୍କ ସହ ଆଲୋଚନା କରାଯାଉ ବୋଲି କୁହାଯାଇଥିଲା। ଏଦିଗରେ ଜିଲା ପ୍ରଶାସନ ସହ ଆଲୋଚନା ପରେ ସରକାରଙ୍କୁ ବିଧିବଦ୍ଧ ପ୍ରସ୍ତାବ ଦିଆଯିବ ବୋଲି କମିଟି ସଭାପତି ନାୟକ ସୂଚନା ଦେଇଥିଲେ। ସଭାରେ ପ୍ରଭାବିତଙ୍କ ପକ୍ଷରୁ ଉମାକାନ୍ତ ଖୁଆସ, ରବୀନ୍ଦ୍ର ଗଡତିଆ, ଉପେନ୍ଦ୍ର ସାହୁ, ଲଳିତ ଗଡତ୍ୟା, ବିଜୟ ନାହାକ, ମହେନ୍ଦ୍ର ଖୁଆସ୍ ଓ ଅନ୍ୟମାନେ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଡଭୋକେଟ ଭବାନୀ ଶତପଥୀ, ଅରୁଣ ମିଶ୍ର, ହରିଶଙ୍କର ସାଏ, ପ୍ରତାପଚନ୍ଦ୍ର ରଥ, ରତନ ମହାରଣା, ରବୀଚନ୍ଦ୍ର ବହିଦାର, ମନୋରଞ୍ଜନ ମିଶ୍ର, ସୁକାନ୍ତ ପରିଚ୍ଛା ଓ ଅନ୍ୟମାନେ ଉପସ୍ଥିତ ରହି ବିଭିନ୍ନ ଗଠନମୂଳକ ପ୍ରସ୍ତାବ ଦେଇଥିଲେ। ଏହି ଦିଗରେ ପରବର୍ତ୍ତୀ ବୈଠକରେ ପୁଣି ଆଲୋଚନା ହେବ ବୋଲି କମିଟି ସଭାପତି ନାୟକ ସୂଚନା ଦେଇଥିଲେ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅକାଳେ ମାଇଲି ଘାଏଁ**
**ଗଲା ଭେଡୁଅ ଯାଏ।**

ସାଧାରଣତଃ କାମରେ ଢିଲା ମାରୁଥିବା ଲୋକ କୌଣସି କାମକୁ ସେତେଟା ଗୁରୁତ୍ୱ ଦେଇ ନ ଥାନ୍ତି। ଜୋର ଦେଇ ବା ମନବଳାଇ ଗୋଟିଏ କାମକୁ ଥରେ କରି ଦେଲା ପରେ ଆଉ ସେ କାମରେ ହାତ ଦେଇ ନ ଥାନ୍ତି କି ସେଥିପ୍ରତି ନିଘା ରଖି ନ ଥାନ୍ତି। ଏହି ଧରଣର ବ୍ୟକ୍ତି ସମାଜରେ ଖାମଖିଆଲି ଲୋକ ଭାବରେ ପରିଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଟକି ନ ରହି ଅଳସରେ**
**ରଟରଟ ଚଳ ବିଳାସରେ।**

କିଛି ବ୍ୟକ୍ତି ଅଳସୁଆ ପ୍ରକୃତିର ହୋଇଥାନ୍ତି। କାମଦାମ ନ କରି ବସି ଶୋଇ ସମୟ ନଷ୍ଟ କରିବା ସହ ନିଜ ଜୀବନକୁ ମାଟି କରିଥାନ୍ତି। ହାତ ବନ୍ଦ କରି ବସିରହିବା ଫଳରେ ତାହାର କୁପ୍ରଭାବ ତାଙ୍କ ଶରୀର ଓ ମନ ଉପରେ ପଡ଼ିଥାଏ। କିନ୍ତୁ ଯିଏ ଆନନ୍ଦ ଉଲ୍ଲାସ ମଧ୍ୟରେ ରହିଥାଏ ତା'ର ଶରୀର ଓ ମନରେ ଏକପ୍ରକାର ସ୍ଫୂର୍ତ୍ତି ଆସିଥାଏ। ଜୀବନକୁ ଜିଇବାର କଳା ସେ ହିଁ ଜାଣି ପାରିଥାଏ। ତେଣୁ ଆଳସ୍ୟ ଅପେକ୍ଷା ବିଳାସିତା ଶ୍ରେୟସ୍କର ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଷୋହଳ ପ୍ରହର ନାମଯଜ୍ଞ: କଳସ ଶୋଭାଯାତ୍ରା

ଗୁଡଭେଲା,୧୦।୧୧(ଡି.ଏନ୍.ଏ.)

କାର୍ତ୍ତିକ ପୂଜା ଉପଲକ୍ଷେ ତୁଷରା ସହରସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଷୋହଳ ପହର ନାମଯଜ୍ଞ ନେଇ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରବିବାର ସନ୍ଧ୍ୟାରେ ସ୍ଥାନୀୟ ସୋନଗଡ଼ ନଦୀରୁ ମହିଳାମାନେ କଳସରେ ପାଣି ଧରି ବାଦ୍ୟ, ଘଣ୍ଟ, ସଂକିର୍ତ୍ତନର ତାଳେତାଳେ ସହର ପରିକ୍ରମା ପରି ପୂଜା ମଣ୍ଡପରେ ପହଞ୍ଚିଥିଲେ। ପରେ ମଣ୍ଡପରେ କଳସ ସ୍ଥାପନ ପରେ ପୂଜା କାର୍ଯ୍ୟ କରାଯାଇଥିଲା।

# ବୈଜ୍ଞାନିକ ପରାମର୍ଶଦାତା ମଣ୍ଡଳୀ ବୈଠକ

ବଲାଙ୍ଗୀର ଅଫିସ, ୧୦।୧୧

ବଲାଙ୍ଗୀର କୃଷି ବିଜ୍ଞାନ କେନ୍ଦ୍ରର ଦ୍ୱାଦଶ ବୈଜ୍ଞାନିକ ପରାମର୍ଶଦାତା ମଣ୍ଡଳୀ ବୈଠକ ସ୍ଥାନୀୟ ରାଇଟ୍ ପ୍ରତିଷ୍ଠାନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଯୁଗ୍ମ ସମ୍ପ୍ରସାରଣ ନିର୍ଦ୍ଦେଶକ ଡ.ମନୋରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କୋଲକାତାସ୍ଥିତ ଭାରତୀୟ କୃଷି ଗବେଷଣା ପରିଷଦ ମୁଖ୍ୟ ବୈଜ୍ଞାନିକ ଏସ୍.କେ. ରୟ ଓ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଡ.ମହେଶ୍ୱର ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବୈଜ୍ଞାନିକ ଡ. ତପନ ପଲାଇ ସ୍ୱାଗତ ବକ୍ତବ୍ୟ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କେନ୍ଦ୍ର ମୁଖ୍ୟ ଆଶିଷ ଦାସ ବିଗତ ବର୍ଷର ଉପଲବ୍ଧ ଓ ଚଳନ୍ତି ବର୍ଷର କାର୍ଯ୍ୟକ୍ରମ ଉପରେ ଉପସ୍ଥିତ ସଦସ୍ୟଙ୍କୁ ବୁଝାଇଥିଲେ। ଅତିଥି ପ୍ରକଳ୍ପ ନିର୍ଦ୍ଦେଶକ ଡ. ସ୍ୱାଇଁ ଜିଲାର ଦାଦନ ଶ୍ରମିକ ସମସ୍ୟା ରୋକିବା ଦିଗରେ କୃଷିଭିତ୍ତିକ ରୋଜଗାର ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ବେଲପଡା, ମୁରିବାହାଲ ଓ ବଙ୍ଗୋମୁଣ୍ଡା ବ୍ଲକର ପୌଷ୍ୟଗ୍ରାମରେ ବିଶେଷ କରି ଭୂମିହୀନଙ୍କ ପାଇଁ କାର୍ଯ୍ୟ କରିବାକୁ ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ରୟ ତାଙ୍କ ବକ୍ତବ୍ୟରେ କେନ୍ଦ୍ର ଦ୍ୱାରା କରାଯାଇଥିବା ଜଳ ସଂରକ୍ଷଣ, କୃଷି କଲ୍ୟାଣ ଅଭିଯାନ୍, ଡାଲି ଫସଲର କ୍ଲଷ୍ଟର ପ୍ରଦର୍ଶନ, ସାର ପରିଚାଳନା ସଚେତନତା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ପନିପରିବା ଚାଷରେ ସୁରକ୍ଷିତ ବିଷର ପ୍ରୟୋଗ ଓ ଗୋପାଳନ ନାମକ ଦୁଇଟି ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ବୈଠକରେ ଉଦ୍ୟାନ ଉପନିର୍ଦ୍ଦେଶକ ଶାରଦା ନାୟକ, ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଗଗନ ରାଉତରାୟ, ଜୀବିକା ମିଶନ ମୁଖ୍ୟ କମଳେନ୍ଦୁ ପଲ, ଆତ୍ମା ଡିପିଡି ସୁରେନ୍ଦ୍ର ନେଗୀ, ଜିଲା କୃଷି ଅଧିକାରୀ ହିମାଂଶୁ କୁମାର ପାଢ଼ୀ, କପା ବିଶେଷଜ୍ଞ, ନାବାର୍ଡର ଡିଡିଏମ୍, ରିଲାଏନ୍ସ ଫାଉଣ୍ଡେଶନ୍, ଜଳସେଚନ ବିଭାଗ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। କେନ୍ଦ୍ରର ବୈଜ୍ଞାନିକ ରାହୁଲ ବେହେରା, ସାର୍ଥକ ପଟ୍ଟନାୟକ, ସାଗରିକା ମୁନା, ରବୀନାରାୟଣ ଶତପଥୀ ସଭା ପରିଚାଳନା କରିଥିଲେ।

# କୁଟ୍ରାକେନ୍ଦରେ ଆଦିବାସୀ ମେଳି

ଟିଟିଲାଗଡ଼,୧୦।୧୧(ଡି.ଏନ୍.ଏ.)

■ ରାସ୍ତା ନିର୍ମାଣ ଦାବି

■ ୧୪ରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ଚେତାବନୀ

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଅଧୀନ ମହୁଲପଡ଼ା ପଞ୍ଚାୟତର ଦୁର୍ଗମ କୁଟ୍ରାକେନ୍ଦରେ ରବିବାର ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଶୋଭାଯାତ୍ରା ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂଜାର୍ଚ୍ଚନା ପରେ ଶତାଧିକ ଆଦିବାସୀ ସଂଘ କର୍ମକର୍ତ୍ତା ପାରମ୍ପରିକ ବାଦ୍ୟ, ଅସ୍ତ୍ରଶସ୍ତ୍ର ଧରି ଗ୍ରାମ ପରିକ୍ରମା କରିଥିଲେ। ପରେ ବ୍ଲକ ସଭାପତି ପଦ୍ମନ ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନେତୃବୃନ୍ଦ ସ୍ୱାଧୀନତାର ଦୀର୍ଘ ୭୨ ବର୍ଷ ପରେ ମଧ୍ୟ ଆଦିବାସୀ ଅଧ୍ୟୁଷିତ କୁଟରାକେନ୍ଦ ଗ୍ରାମକୁ ଭଲ ରାସ୍ତା ନ ଥିବାରୁ ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ଦାବି କରାଯାଇଥିଲା। ଅନ୍ୟପକ୍ଷେ ବିସ୍ଥାପିତ ଗ୍ରାମବାସୀ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ଆଦି ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ଏପରି କି ବର୍ଷର ପ୍ରାୟ ୬ ମାସ ଧରି ଗ୍ରାମବାସୀ ଜଳବନ୍ଦୀ ଜୀବନ ବିତାଉଛନ୍ତି। ଏନେଇ ତୁରନ୍ତ ଗ୍ରାମବାସୀଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ବୈଠକରେ ଦାବି କରାଯାଇଥିଲା। ଆସନ୍ତା ୧୪ତାରିଖରେ ଟିଟିଲାଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ବୈଠକରେ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ବୈଠକରେ ସଂଘର ଜିଲା ସଭାପତି ବ୍ରଜ କିଶୋର ସିଂ ଭୋଇ, ପଶ୍ଚିମ ଓଡ଼ଶା ମହାସଚିବ ନିରଞ୍ଜନ ବିଶି, ଜିଲା ସଂଗଠକ ହେମେନ୍ଦ୍ରନାଥ ହାଁସଦା, ରାଜୀବ କୁଅଁର, ମନବୋଧ ବରିହା, ଅଚ୍ୟୁତାନନ୍ଦ ସିଂ ଭୋଇ, ଥବୀର ପୂଝାରି, ଧନେଶ୍ୱର ମାଝି, ଭୁବନ ମାଝି, ପ୍ରଫୁଲ୍ଲ ପ୍ରଧାନୀ, ବନଲତା ମାଝି, ପତରଙ୍ଗି ମାଝି, ଘାସିରାମ ମାଝି, ଟିକ ମାଝି, ମୁରଲି ପ୍ରଧାନୀ, ନିତ୍ୟା ମାଝି, ନୃପମଣୀ ଭୋଇ, କୌଶିକ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ସଭ୍ୟ ତୀର୍ଥ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।




ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

# ବଙ୍ଗୋମୁଣ୍ଡା ଧନୁଯାତ୍ରା ମହୋତ୍ସବର ଦ୍ୱିତୀୟ ଦିନ




ବଙ୍ଗୋମୁଣ୍ଡା ଧନୁଯାତ୍ରା ମହୋତ୍ସବର ଦ୍ୱିତୀୟ ଦିନରେ ଜଣେ ଅତିଥି ଉଦ୍‌ବୋଧନ ଦେଇଛନ୍ତି।

ବଙ୍ଗୋମୁଣ୍ଡା,୧୦।୧୧(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଧନୁଯାତ୍ରା ମହୋତ୍ସବର ରବିବାର ଦ୍ୱିତୀୟ ଦିନରେ ପ୍ରବଳ ଜନସମାଗମ ହୋଇଥିଲା। ଦ୍ୱିତୀୟ ଦିନର ରାଜକୀୟ ଅତିଥି ଭାବେ ଭାଜପା ଜିଲା ଉପସଭାପତି ଲକ୍ଷ୍ମଣ ବାଗ, ପିସିସି ସମ୍ପାଦକ ସୁଧା ଦାସ, ମହୋତ୍ସବର କାର୍ଯ୍ୟକାରୀ ସଭାପତି ଶରତ ଚନ୍ଦ୍ର ସିଂ ଭୋଇ, ସମ୍ପାଦକ ରଶ୍ମି ରଞ୍ଜନ ପୁଟେଲ, ସମାଜିକ କର୍ମୀ ଯୁଧିଷ୍ଠିର ଭରାସଗରିଆ ପ୍ରମୁଖ ଉପସ୍ଥିତ ଥିଲେ। ଦ୍ୱିତୀୟ ଦିନରେ କୃଷ୍ଣ ଜନ୍ମ, ବିଜୁଳି କନ୍ୟାର ଶୂନ୍ୟ ବାଣୀ, ପୁତନାଙ୍କୁ ଆହ୍ୱାନ ଓ ପ୍ରେରଣ, ଅଷ୍ଟମଲ୍ଲ ଆହ୍ୱାନ ଏବଂ ପ୍ରେରଣ ପ୍ରଭୃତି ନାଟକ ଅଭିନୀତ ହୋଇଥିଲା। ଅତିଥିମାନେ ଅଞ୍ଚଳର ସମସ୍ୟା କଂସ ଦରବାରରେ ଉପସ୍ଥାପନ କରିଥିଲେ।

## ଫଟୋରେ ଖବର



ମହମ୍ମଦ ଜୟନ୍ତୀ ଅବସରରେ ରବିବାର ବଲାଙ୍ଗୀର ସୁନ୍ନି ସଦର ମସ୍‌ଜିଦ ପକ୍ଷରୁ ସଦ୍‌ଭାବନା ଶୋଭାଯାତ୍ରା କରାଯାଉଛି।


# CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
MICRO FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8278449759
8901395759
B-34/7 A Block Vijay Enclave, Bururi, New Delhi

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି। ସୁଧ=1%
M = 7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ।
ଆଜି ହିଁ ସଂପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL
ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍
ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। ଅଗ୍ରିମ ୨୦ ଲକ୍ଷ, ଭଡ଼ା 60 ହଜାର + ବାଇକ୍। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
7838639856
8826558929

Registration Free..Govt. Approved
ସିୟା ରାମ ରିଲାଏନ୍ସ JEO
କଂପାନୀ ଦ୍ୱାରା ନିଜର ଖାଲି ଜମି ଓ ଛାତ ଉପରେ 3G/4G ରେଡିଏସନ ଫ୍ରୀ ଉପକରଣ ବସାଇ ଅଗ୍ରୀମ ୨0,000,00/- ପାଆନ୍ତୁ ଓ ମାସକୁ ଭଡା ୨0,000/- ଟଙ୍କା ପାଆନ୍ତୁ। ଚାକିରି + ୨୦ ବର୍ଷର କୋଟ ଅଗ୍ରୀମେଣ୍ଟ
Plot No - 15/012, Devaraja Mohalla, Bangalore, Karnataka 570001
9529777097
9560376626

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154




COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | GST 5% will be added extra |

on every Tuesday & Friday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### କଣ୍ଟାବାଞ୍ଜି ବିଜେଡିର ମୁଁ ସଫେଇବାଲା କାର୍ଯ୍ୟକ୍ରମ

**କଣ୍ଟାବାଞ୍ଜି,୧୦।୧୧(ଡି.ଏନ୍.ଏ.):** ବିଜେଡି ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ଦାୟଙ୍କ ନେତୃତ୍ୱରେ ମୁଁ ସଫେଇବାଲା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଣ୍ଟାବାଞ୍ଜି ସହରର ମୁଖ୍ୟ ଇନ୍ଦିରା ଛକ, ହଟଲି, ଅଣ୍ଡର ଗ୍ରାଉଣ୍ଡ ରାସ୍ତା ସହ ସାପ୍ତାହିକ ବଜାର ଅଞ୍ଚଳରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏପରି କି କଣ୍ଟାବାଞ୍ଜି ସହରକୁ ସଫା ରଖି ଏନଏସିକୁ ସହଯୋଗ କରିବା ପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅରୁଣ ଆର୍ଯ୍ୟା, ପ୍ରବିଣ ଆର୍ଯ୍ୟାଙ୍କ ସହ ଶତାଧିକ ସମର୍ଥକ ସାମିଲ ହୋଇଥିଲେ।

### ସରଗାଡ଼ରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

**ଲୋଇସିଂହା,୧୦।୧୧(ଡି.ଏନ.ଏ.):** କାର୍ତ୍ତିକ ମାସ ପଞ୍ଚୁକ ଅବସରରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସରଗଡ଼ା ଗ୍ରାମର ଜଗନ୍ନାଥ ଯୁବ ପରିଷଦ ଓ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରବଚକ କେନାଲୁ ପଟେଲ ଏବଂ ତାଙ୍କ ସାଥୀ ଦୁର୍ଯ୍ୟୋଧନ ରଣା, ରାଧେଶ୍ୟାମ ବାଗ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଠାରେ ଉମାକାନ୍ତ ତ୍ରିପାଠୀ ପୂଜାର୍ଚ୍ଚନା କରିଥିବା ବେଳେ ସୁରେନ୍ଦ୍ର କୁମାର ପଟେଲ, ରାଜକିଶୋର ସେଠ, ନାରାୟଣ ବାରିକ, କୈବର୍ତ୍ତ ପଧାନ, ଦୀନବନ୍ଧୁ ପଧାନ ଓ ଅନ୍ୟମାନେ ସହଯୋଗ କରିଥିଲେ। ଆଧ୍ୟାତ୍ମିକ କଥା ଶୁଣିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି। ସେହିପରି ଯୋଗୀସର୍ଡା ପଞ୍ଚାୟତ ଅଧୀନ ଛେଲବାହାଲ ଗ୍ରାମର ଭଗବତ ମନ୍ଦିରଠାରେ ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

# ସାହାଯ୍ ଆଶ୍‌ରେ ପକ୍ଷାଘାତ ରୁଗୀ ନିତ୍ୟାନନ୍ଦ

**ଲାଠୋର, ୧୦।୧୧(ଡି.ଏନ୍.ଏ.)**


ପକ୍ଷାଘାତରେ ପୀଡ଼ିତ ନିତ୍ୟାନନ୍ଦ ଖଟେ ପଡ଼ିରହିଛନ୍।

ସରକାର ଅନେକ ଯୋଜନା କାଯ୍‌କାରୀ କରି ଗରିବ୍ ଦୁଖିଙ୍କୁ ମାହାଲିଆ ଚିକିଛା ସୁବିଧା, ଉଷୋକଷା ଯୁଗେଇ ଦେଉଛନ୍। ହେଲେ ପରଚାର ପରସାର ଅଭାବୁ ଅନେକ ଗରିବ୍ ଦୁଖି ଯୋଜନା ବାବ୍‌ଦେ ଜାନି ନାଇଁପାରବାର। ଏନ୍‌ତାଥି ସେମାନେ ରୋଗ୍‌ରେ ପଡ଼ି ମୁର୍‌ତୁ ସଂଗେ ଯୁଝୁଛନ୍। ହେଲେ ଦୁଖର କଥା ଏନ୍‌ତା ରୁଗୀକର ଉପରେ ଥାନୀଅ ପରଶାସନ କି ସୁଆସ୍‌ତିଅ ବିଭାଗର ନଜର ନାଇଁ ପଡ଼ବାର। ଏନ୍‌ତା ଗୁଟେ ଘଟନା ଦେଖବାକେ ମିଳିଛେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସଦର ଗାଁର ଥାନାପଡ଼ାରେ।

ସୂଚନା ହିସାବେ ଥାନାପଡ଼ାର ନିତ୍ୟାନନ୍ଦ ସୁନାନୀ(୫୫)। ପରିବାର କହେଲେ ମାଏକିନା ଚଞ୍ଚଳା, ଝି' ବର୍ଷା, ଦୁଇ ପୁଓ ଭୋଲା ଆର ଆକାଶକେ ନେଇ ସଁସାର। ଝି' ଆର ବଡ଼ ପୁଓ ବିହାତୁରା ହେଇ ସାରିଥିଲାବେଳେ ସାନପୁଓ ଅବିହାରି ରହିଛନ୍। ୪ ଡେସିମିଲ ଘରଡିହକେ ଛାଡ଼ିଦେଲେ ନିତ୍ୟାନନ୍ଦକଁର ସଁପତି ବଲି କିଛି ନାଇଁ। ନିତ୍ୟାନନ୍ଦ ଝନେ ସାଇକେଲ ମେକାନିକ। ସେ ସାଇକେଲ ମରାମତି କରି କୁଟୁମ ପୁଷୁଥିଲେ। ହେଲେ ଆଏଜ୍‌କେ ଦେଢ଼ ବଛର ହେଲା ସେ ପକ୍ଷାଘାତ ରୋଗ୍‌ରେ ଘରେ ପଡ଼ି ରହିଛନ୍। ଉଧାରବାଡ଼ କରି ଆସର ପାସର ଡାକ୍‌ତରଖାନାରେ ଚିକିଛା କରେଇ ନିରାଶ ହେଇଛନ୍। ଏହେଦ୍‌କା ତାକର ଡେବ୍‌ରି ଗୋଡ଼ହାତ୍ କାମ୍ ନାଇଁ କରବାର, ଠିକ୍ ସେ କଥା କହି ନାଇଁପାରବାର। ଖାଲି ଖଟେ ପଡ଼ି ରହି ମଟ୍ ମଟ୍ ଦେଖୁଛନ୍। ଏନ୍‌ତାଥି ଚଞ୍ଚଳା ତାକର ଗଧାମଖା, ଖାନାପିନା, ଝାଡ଼ାଝପଟ ସବୁପରକାର ସେବା ଯତନ୍ କରୁଛନ୍। ନିତ୍ୟାନନ୍ଦକଁର ସାନପୁଓ ବେରୋଜଗାର ଥିଲାବେଳେ ବଡ଼ପୁଓ ଭୋଲା ସାଇକେଲ ମରାମତି କରି ଦୁଇ ପଏସା ରୁଜଗାର କରୁଛନ୍। ହେଲେ ସେଟା ପରିବାରର ପେଟ୍‌କେ ହେଲେ ଦିହିକେ ନାଇଁ ପୁହୁଁଚିବାର। ଏନ୍‌ତା ଅଭାବ ଅନାଟନରେ ପରିବାର ଲୋକ ନିତ୍ୟାନନ୍ଦକୁଁ ଉଚ ଚିକିଛା ତ ଦୂରର କଥା ଠିକ୍ ସମିଆରେ ଉଷୋକଷା ଘିନି ଦେଇ ନାଇଁପାରବାର। ଏନ୍‌ତାଥି ଉପେ ଶୁଇନ୍ ଚଞ୍ଚଳା ଗଣମାଧମ ଜରିଆରେ ଆପ୍‌ନେର ଚିକିଛା ସାହାଯ୍ ଲାଗି ଜିଲା ପରଶାସନ ଆର ସୁଆସ୍‌ତିଅ ବିଭାଗକେ ଗୁହାରିକରିଛନ୍।

# ଗଞ୍ଜେଇ ଜବତ, ଜଣେ ଗିରଫ

**ଲୋଇସିଂହା, ୧୦।୧୧(ଡି.ଏନ୍.ଏ.)**


ଜବତ ଗଞ୍ଜେଇ ସହ ଗିରଫ ଯାଦବ ଦୋରା।

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ପୋଲିସ ଆଗଲପୁର ବ୍ଲକ ଉଛବାହାଲ ଗ୍ରାମରେ ଚଢାଉ କରି ୩.୮ କି.ଗ୍ରା ଗଞ୍ଜେଇ ଜବତ କରି ଜଣେ ବ୍ୟକ୍ତିଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି । ସେ ହେଲେ ଉଛବାହାଲ ଗାଁର ଯାଦବ ଦୋରା । ଏନେଇ ପୋଲିସ ଯାଦବଙ୍କ ନାମରେ ଏକ ମାମଲା(ନଂ.୨୮୯।୧୯) ରୁଜୁକରି ଅଧିକ ତଦନ୍ତ ଚାଲିଥିବା ଆଇଆଇସି ଲଲିତା ଲାକ୍ରା ପ୍ରକାଶ କରିଛନ୍ତି। ପୋଲିସ ସୂଚନାମୁତାବକ, ଆଗଲପୁର ବ୍ଲକ ଉଛବାହାଲ ଗାଁର ଯାଦବ ଦୋରା ବେଆଇନ ଭାବେ ଗଞ୍ଜେଇ କାରବାର କରୁଥିବା ନେଇ ଲୋଇସିଂହା ଆଇଆଇସିଙ୍କୁ ସୂଚନା ମିଳିଥିଲା। ଆଇଆଇସିଙ୍କ ନିର୍ଦ୍ଦେଶ କ୍ରମେ ଏକ ପୋଲିସ ଟିମ୍ ଶନିବାର ଯାଦବଙ୍କ ଘରେ ଚଢାଉ କରିଥିଲା ଚଢାଉ ବେଳେ ଅଧିକାରୀମାନ ଘରୁ ୩ କି.ଗ୍ରା ୮ ଶହ ଗ୍ରାମ ଓଜନର ଗଞ୍ଜେଇ ଜବତ କରି ଯାଦବଙ୍କୁ ଗିରଫ କରିଥିଲେ। ସୂଚନାଯୋଗ୍ୟ, ଶୁକ୍ରବାର ଉଛବାହାଲରେ ଗାଁରେ ଅବକାରୀ ବିଭାଗ ଚଢାଉ କରି ଡିଲେଶ୍ୱର ଦୋରାଙ୍କ ନିକଟରୁ ୬ କି.ଗ୍ରା ଗଞ୍ଜେଇ ଜବତ କରି ତାଙ୍କୁ ଗିରଫ କରିଥିଲା।

# ଖଜୁରୀବନ୍ଧ ସଫେଇ କଲେ ଯୁବଗୋଷ୍ଠୀ


ଖଜୁରୀବନ୍ଧ ହୁଡାକୁ ଗ୍ରାମର ଯୁବକମାନେ ରବିବାର ସଫା କରୁଛନ୍ତି।

**ମୁରିବାହାଲ, ୧୦।୧୧ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ମୁରିବାହାଲ ଗ୍ରାମରେ ଥିବା ସର୍ବ ପୁରାତନ ଖଜୁରୀବନ୍ଧ ହୁଡାକୁ ଗ୍ରାମର ଯୁବକମାନେ ରବିବାର ସଫା କରିଛନ୍ତି। ଗାଁର ଗୋପବନ୍ଧୁ ଯୁବକ ସଂଘ କର୍ମକର୍ତ୍ତାଙ୍କ ନେତୃତ୍ୱରେ ସକାଳ ୬ଟାରେ ପ୍ରାୟ ୫୦ଜଣ ଯୁବକ ସଫେଇ ଆରମ୍ଭ କରିଥିଲେ। ଅଳିଆ ଆବର୍ଜନା ଓ ବନ୍ଧ ହୁଡାକୁ ପ୍ଲାଷ୍ଟିକମୁକ୍ତ କରିବା ଉପରେ ସଂଘ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ମୁରିବାହାଲ ପଞ୍ଚାୟତର ନାଏବ ସରପଞ୍ଚ ମନୋଜ କୁମାର କର, ପୂର୍ବତନ ସରପଞ୍ଚ ଯୁଧିଷ୍ଠିର ବଘାର ସାମିଲ ହୋଇଥିଲେ। ଅଜିତ କୁମାର ତରିଆ, ସେମନ୍ତ ବାଗ, ସଞ୍ଜୟ ବାଗ, ପ୍ରଶାନ୍ତ ମାହାର, ଅବିନାଶ ଭୋଇ, ଅଶୋକ ବଘାର, କାବୁ ଷାଷ୍ଟ, ବଳ ବାଗ ଓ ଶତ୍ରୁଘନ ପ୍ରଧାନୀ ପ୍ରମୁଖ ଆଗାମୀ ଦିନରେ ଗ୍ରାମର ଅନ୍ୟାନ୍ୟ ସ୍ଥାନକୁ ମଧ୍ୟ ସଫା କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଜିତେନ୍ଦ୍ରୀୟ ଭୋଇ ସଂଯୋଜନା କରିଥିଲେ।

### ଭୂମିସୂତା ଜାତୀୟ କବାଡ଼ି ପ୍ରତିଯୋଗିତାକୁ ମନୋନୀତ

**ଲୋଇସିଂହା, ୧୦।୧୧(ଡି.ଏନ୍.ଏ.)**

କର୍ନାଟକଠାରେ ଆସନ୍ତା ୧୯ତାରିଖରୁ ୧୭ ବର୍ଷରୁ କମ୍ ସ୍କୁଲସ୍ତରୀୟ ଜାତୀୟ ବାଳିକା କବାଡି ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ବଲାଙ୍ଗୀର ଜିଲାରୁ ପ୍ରତିନିଧିତ୍ୱ କରିବା ପାଇଁ ଲୋଇସିଂହା ବ୍ଲକ କୁଟେନପାଲି ଉଚ୍ଚବିଦ୍ୟାଳୟର ଛାତ୍ରୀ ଭୂମିସୂତା ଜାଲ ମନୋନୀତ ହୋଇଛନ୍ତି। ଛାତ୍ରୀଙ୍କ ଏହି ସଫଳତାକୁ ନେଇ ବିଦ୍ୟାଳୟର ଶିକ୍ଷକ ଓ ଅଭିଭାବକଙ୍କ ମହଲରେ ଆନନ୍ଦର ଲହରୀ ଖେଳିଯାଇଛି।


ଛାତ୍ରୀ ଭୂମିସୂତା ଜାଲ।

ମିଳିଥିବା ସୂଚନାମୁତାବକ, ଲୋଇସିଂହା ବ୍ଲକ ଦୁମଦୁମି ଗାଁର ମା' ହେମବତୀ ଜାଲ, ବାପା ମେଘନାଥ ଜାଲଙ୍କ ଝିଅ ଭୂମିସୂତା। କୁଟେନପାଲି ଉଚ୍ଚ ବିଦ୍ୟାଳୟର ସେ ଦଶମ ଶ୍ରେଣୀ ଛାତ୍ରୀ। ଚଳିତ ବର୍ଷ ବ୍ଲକ ଓ ଜିଲାସ୍ତରେ ଭଲ ପ୍ରଦର୍ଶନ କରି ଦେବଗଡ଼ ଇନ୍ଦରା ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀ ପ୍ରତିଯୋଗୀତାରେ ଭାଗ ନେଇଥିଲେ। ତାଙ୍କ ପ୍ରଭାବି ପ୍ରଦର୍ଶନ ଚୟନ କର୍ତ୍ତାଙ୍କୁ ପ୍ରଭାବିତ କରିଥିଲା । ସେଠାରେ ସେ ଜାତୀୟସ୍ତରୀୟ କବାଡି ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଜାତୀୟ ଦଳରେ ଭଲ ପ୍ରଦର୍ଶନ କରି ସ୍କୁଲ ଏବଂ ଜିଲା ତଥା ରାଜ୍ୟର ସୁନାମ ରଖିବାକୁ ସ୍କୁଲର କ୍ରୀଡା ଶିକ୍ଷକ ପ୍ରଫୁଲ୍ଲ ପାତ୍ର ଓ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଉଦ୍‌ଗାତା ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# କୃତ୍ରିମ ଜ୍ଞାନ କୌଶଳ, ରୋବଟ କର୍ମଶାଳା

**ମୁରିବାହାଲ, ୧୦।୧୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ରୋବଟ ଓ କୃତ୍ରିମ ଜ୍ଞାନ କୌଶଳ ବୃଦ୍ଧି କର୍ମଶାଳା ଶନିବାର ସ୍ଥାନୀୟ ପଞ୍ଚାୟତ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମାଞ୍ଚଳରେ ବୈଜ୍ଞାନିକ ମାନବୃଦ୍ଧି କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ବିଜ୍ଞାନ ଓ ପ୍ରଦ୍ୟୋତିକ ବିଭାଗ ଦ୍ୱାରା ଆୟୋଜିତ କର୍ମଶାଳାରେ ବ୍ଲକର ତେନ୍ତୁଲିଖୁଣ୍ଟି, ହଳଦୀ, ଦେବଙ୍ଗ, ଲେବଡା, ବାଙ୍କେଲ ଓ ମୁରିବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ, ବିଜ୍ଞାନ ଶିକ୍ଷକ ଓ ୬ଜଣ ଲେଖାଏଁ ଆଦିବାସୀ ଓ ହରିଜନ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ମୁରିବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୀତବାସ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ କଳାହାଣ୍ଡି ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ ପ୍ରଫେସର ଡ. ଅଶୋକ କୁମାର ଭୋଇ, ସହଅଧକ୍ଷ ଡ. ବସନ୍ତ କୁମାର ସ୍ୱାଇଁ ଯୋଗଦେଇ ଗ୍ରାମାଞ୍ଚଳରେ ବିଶେଷ କରି ଆଦିବାସୀ, ହରିଜନ ବର୍ଗର ଛାତ୍ରୀଛାତ୍ରମାନେ ମାନସିକ ସ୍ତରରେ ବିଜ୍ଞାନ ପ୍ରତି ଆଗ୍ରହୀ ହେବା, ସ୍ୱଦେଶୀ ଜ୍ଞାନ କୌଶଳର ବିକାଶ, ରୋବଟ ଦ୍ୱାରା ସମାଜର ପ୍ରଗତି, ବିଜ୍ଞାନ ଦ୍ୱାରା ମନୁଷ୍ୟର ବିକାଶ ଉପରେ ଅବଗତ କରାଇଥିଲେ। ଦେବଙ୍ଗ ହାଇସ୍କୁଲର ପ୍ରଧାନଶିକ୍ଷକ ରାମରତନ ମେହେର, ବିଜ୍ଞାନ ଶିକ୍ଷକ ଶ୍ରୀମନ୍ତ ନାୟକ, ଶିକ୍ଷାବିତ ଭଗବାନ ମହାନ୍ତି, ବନବିହାରୀ ଯୋଶୀ, ନକୁଳ ମାଝୀ, ନିମାଇଁଚରଣ ବଘାର ପ୍ରମୁଖ ମଞ୍ଚାସୀନ ରହି ବିଜ୍ଞାନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହାପରେ ରୋବଟ, ଡ୍ରୋନ କ୍ୟାମେରା ଓ ଅନ୍ୟାନ୍ୟ ଡେମୋ ଉପକରଣ ମାନ ଛାତ୍ରୀଛାତ୍ରମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା। ବିଜ୍ଞାନ ଶିକ୍ଷକ ଅଶୋକ କୁମାର ତରିଆ ଧନ୍ୟବାଦ ଅର୍ପଣ କରିଥିଲେ।



ବ୍ଲକସ୍ତରୀୟ ରୋବଟ ଓ କୃତ୍ରିମ ଜ୍ଞାନ କୌଶଳ ବୃଦ୍ଧି କର୍ମଶାଳାରେ ମଞ୍ଚାସୀନ ଅତିଥି।

# ଜାତୀୟ ଆଇନ ସେବା ଦିବସ ପାଳିତ

**କଣ୍ଟାବାଞ୍ଜି,୧୦।୧୧(ଡି.ଏନ୍.ଏ.)**



ଜାତୀୟ ଆଇନ ସେବା ଦିବସ ପାଳନ ଅବସରରେ ଅତିରିକ୍ତ ଜିଲା ଦୌରାଜଜ୍ ବକ୍ତବ୍ୟ ରଖୁଛନ୍ତି।

କଣ୍ଟାବାଞ୍ଜି ସିଭିଲ କୋର୍ଟ ପରିସରରେ ଜାତୀୟ ଆଇନ ସେବା ଦିବସ ଶନିବାର ପାଳିତ ହୋଇଯାଇଛି। ତାଲୁକ ଆଇନ ସେବା ପ୍ରାଧିକରଣ କଣ୍ଟାବାଞ୍ଜି ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଦୌରାଜଜ୍ ଦାମୋଦର ମିଶ୍ର ମୁଖ୍ୟଅତିଥି ଜେଏମଏଫ୍‌ସ ଲିଙ୍କି ପ୍ରିୟା ସାହୁ ସମ୍ମାନୀତ ଅତିଥି, ଓକିଲ ସଂଘ ସଭାପତି ସମିମ ଅହମ୍ମଦ ଖାନ ପ୍ରମୁଖ ମଞ୍ଚାସୀନ ଥିଲେ। ଲିଗାଲ ଏଡ ସଭ୍ୟ, ଓକିଲ ସଂଘ ସଭ୍ୟଙ୍କ ସହ ବରିଷ୍ଠ ଆଇନଜୀବୀ ବିଷ୍ଣୁପ୍ରସାଦ ଶର୍ମା, ଦୁଃଖିଶ୍ୟାମ ଗୁରୁ ନିଜ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଓକିଲ ସଂଘର ସଭ୍ୟ ଏବଂ କୋର୍ଟ କର୍ମଚାରୀ ସହଯୋଗ କରିଥିଲେ।

# ମୋତିଆବିନ୍ଦୁ ଚକ୍ଷୁ ଚିକିତ୍ସା ଶିବିର

**ଲାଠୋର,୧୦।୧୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ରେଙ୍ଗାଲି ଏବଂ ଫୁଲକିମୁଣ୍ଡାରେ ସାମାଜିକ କର୍ମୀ ସୁଶିଲ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ପୃଥକ ଭାବେ ମୋତିଆବିନ୍ଦୁ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲି ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ଅଞ୍ଚଳର ୧୫୫ଜଣ ରୋଗୀଙ୍କୁ ମୋତିଆବିନ୍ଦୁ ପରୀକ୍ଷା କରି ୧୭ ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଛି। ସେହିପରି ଫୁଲକିମୁଣ୍ଡା ଗ୍ରାମର ଜନକଲ୍ୟାଣ ଯୁବକ ସଙ୍ଘର ସାହାଯ୍ୟ କ୍ରମେ ଗ୍ରାମ୍ୟ ବିଦ୍ୟାଳୟରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୨୫୫ଜଣ ରୋଗୀଙ୍କ ମୋତିଆବିନ୍ଦୁ ପରୀକ୍ଷା କରି ୨୯ ରୋଗୀଙ୍କୁ ଚିହ୍ନଟ କରି ଟିଟିଲାଗଡ଼ ଏସ୍ଏସ୍‌ଡି ହସ୍ପିଟାଲକୁ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ପଠାଯାଇଛି। ଏସ୍ଏସ୍‌ଡି ହସ୍ପିଟାଲର ପରେଶ ବାଗ, ନରେଶ ବାଗ, ବବିତା ମାଝୀଙ୍କ ସହ ଏକ ଦଳ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଅନ୍ୟପକ୍ଷେ ରୋଗୀମାନଙ୍କ ଅସ୍ତ୍ରୋପଚାର ପରେ ତାଙ୍କୁ ଘରେ ପହଞ୍ଚାଇବା ବ୍ୟବସ୍ଥା କରାଯାଇଥିବା ନେଇ ସୂଚନା ଦିଆଯାଇଛି।

# କଣ୍ଟାବାଞ୍ଜିରେ ମହମ୍ମଦ ଜୟନ୍ତୀରେ ଶୋଭାଯାତ୍ରା


କଣ୍ଟାବାଞ୍ଜିରେ ମହମ୍ମଦ ଜୟନ୍ତୀ ପାଳନ ଅବସରରେ ବାହାରିଥିବା ଶୋଭାଯାତ୍ରା।

**କଣ୍ଟାବାଞ୍ଜି ,୧୦।୧୧(ଡି.ଏନ୍.ଏ.)**

କଣ୍ଟାବାଞ୍ଜି ସହର ଓ ନିକଟବର୍ତ୍ତି ଝରଣି, ଖୁଟୁଲୁମୁଣ୍ଡା, ତୁରେକେଲା, କୁର୍ଲି ଅଞ୍ଚଳର ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ରବିବାର ମହମ୍ମଦ ଜୟନ୍ତୀ ପାଳିତ ହୋଇଯାଇଛି। କଣ୍ଟାବାଞ୍ଜି ୟଙ୍ଗ ମୁସଲିମ କମିଟି ଏବଂ ମୁସଲିମ ଜମାତ କମିଟିର ମିଳିତ ଉଦ୍ୟମରେ ଶତାଧିକ ମୁସଲମାନ ଭାଇମାନେ ଆଶ୍ରମପଡ଼ା ବବଲୁ ଖାନଙ୍କ ଘର ନିକଟରେ ଏକତ୍ରିତ ହୋଇ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ଶୋଭାଯାତ୍ରା ରାଜୀବ ଛକ, ମେନରୋଡ, ଶାସ୍ତ୍ରୀ, ଇନ୍ଦୀରା ଛକ, ପର୍ଶୁରାମ ଛକ ଦେଇ ସ୍ଥାନୀୟ ଜାମା ମସ୍‌ଜିଦରେ ପହଞ୍ଚିଥିଲା। ମସ୍‌ଜିଦରେ ନମାଜ ପାଠପରେ ପରସ୍ପରକୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ଏସ୍‌ଡିପିଓ ସରୋଜ କୁମାର ମହାପାତ୍ରଙ୍କ ନେତୃତ୍ୱରେ କଣ୍ଟାବାଞ୍ଜି ଆଇଆଇସି ବିଜୟାନନ୍ଦ କରକରା, ତୁରେକେଲା ଥାନା ଆଇଆଇସି ସତ୍ୟଜିତ କୋଣ୍ଡାଙ୍କେଲଙ୍କ ସହ ଯବାନ ମୁତୟନ ଥିଲେ । କୌଣସି ଶାନ୍ତିଶୃଙ୍ଖଳାର ସହ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଫିରୋଜ ଖାନ, ସଜ୍ଜୁ ଖାନ ରାଲିର ନେତୃତ୍ୱ ନେଇଥିଲେ।

### ■ ଅଯୋଧ୍ୟା ମାମଲାର ରାୟ ପ୍ରକାଶ
## ହନୁମାନ ଚାଳିଶା ପାଠ, ୧୦୮ ଆଳତି ଅର୍ପଣ

**ଲୋଇସିଂହା,୧୦।୧୧(ଡି.ଏନ.ଏ.)**

ବହୁ ଚର୍ଚ୍ଚିତ ଅଯୋଧ୍ୟା ମାମଲାର ଐତିହାସିକ ରାୟ ଶନିବାର ପ୍ରକାଶ ପାଇଛି। ୫ ଜଣିଆ ଖଣ୍ଡପୀଠଙ୍କ ରାୟକୁ ଦେଶରେ ସ୍ୱାଗତ କରାଯାଇଛି । ଏହିପରିପ୍ରେକ୍ଷୀରେ ଲୋଇସିଂହା ଥାନା ଅନ୍ତର୍ଗତ ରୁରୁଡିଖାଲ ମାନସ ବିହାର ରାମନ୍ଦିର କମିଟି ପକ୍ଷରୁ ରାୟରେ ସନ୍ତୁଷ୍ଟ ପ୍ରକାଶ କରି ରାମ ମନ୍ଦିରଠାରେ ଶନିବାର ସନ୍ଧ୍ୟାରେ ହନୁମାନ ଚାଳିଷା ପାଠ କରିବା ସହ ୧୦୮ ଆଳତିଅର୍ପଣ କରାଯାଇଥିଲା। ୫ ଦିନ ଯାଏ ୧୦୮ ମହାଆଳିତ ଅର୍ପଣ ପାଇଁ ସଙ୍କଳ୍ପ ନେଇଥିବା ରାମ ମନ୍ଦିର କମିଟି ସଭାପତି ଭକ୍ତବନ୍ଧୁ ନାଏକ ପ୍ରକାଶ କରିଛନ୍ତି। ଏହି ଅବସରରେ କଣ୍ଠ ଶିଳ୍ପୀ ସଦାନନ୍ଦ ସାହୁ ଓ ସାଥୀ କଳାକାରମାନେ ଭଜନ ପରିବେଷଣ କରିଥିଲେ କାର୍ଯ୍ୟକ୍ରମକୁ ରାମମନ୍ଦିର କମିଟି ଓ ବଣିକ ସଂଘ, ବିଶ୍ୱକର୍ମା ପୂଜା କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ। ସେହିପରି ଯୋଗୀସର୍ଡା ଗ୍ରାମର ଦଧିବାମନ କଳା ପରିଷଦ ରାମଲୀଳା ପାର୍ଟିର ସଦସ୍ୟ ଓ କର୍ମକର୍ତ୍ତା ରାୟକୁ ଖୁସିବ୍ୟକ୍ତ କରିଛନ୍ତି। ଏପରି କି ପୂଜାର୍ଚ୍ଚନା କରିବା ସହ ଗ୍ରାମରେ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

### ■ ଲକ୍ଷେଘର ଗଣ୍ଡା ସମାଜର ନୂଆଁଖାଇ ଭେଟ୍‌ଘାଟରେ ଅତିଥିଙ୍କ ମତ
# ଶିକ୍ଷାର ବିକାଶ, ମଦ ବିରୋଧରେ ଏକାଠି ହୁଅ

**ମୁରିବାହାଲ, ୧୦।୧୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ଲକ୍ଷେଘର ଗଣ୍ଡା ସମାଜର ୬ଷ୍ଠ ବାର୍ଷିକ ନୂଆଁଖାଇ ଭେଟ୍‌ଘାଟ ଓ ସାଂଗଠନିକ ସଭା ରବିବାର ମାଲିସିରା ପ୍ରାଥମିକ ବିଦ୍ୟାଳୟ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିକ୍ଷାର ବିକାଶ ସହ, ମଦ ବିରୋଧୀ ଆନ୍ଦୋଳନକୁ ତୀବ୍ର କରିବାକୁ ଆହ୍ୱାନ ଦିଆଯାଇଥିଲା। ବ୍ଲକ ଅଧୀନ ୨୨ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଗ୍ରାମରେ ଥିବା ଜାଡେନବୁଢ଼ାଠାରେ ପୂଜାର୍ଚ୍ଚନା ପରେ ଏକ ଶୋଭାଯାତ୍ରାରେ ସଭାସ୍ଥଳକୁ ଆସିଥିଲେ। ସମ୍ବିଧାନ ପ୍ରଣେତା ବିଆର ଆମ୍ବେଡକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ନବାନ୍ନ ଭକ୍ଷଣ କରାଯାଇଥିଲା। ପରେ ଲକ୍ଷେଘର ଗଣ୍ଡା ସମାଜ ସଭାପତି ମଧୁସୂଦନ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ଉଷାରାଣୀ ଜଗଦଲା ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ଲକ୍ଷେଘର ଗଣ୍ଡା ସମାଜରେ ଶିକ୍ଷାର ବିସ୍ତାର କିଭଳି ଅଧିକ ହୋଇ ପାରିବ ତାହା ଉପରେ ମତ ରଖିଥିଲେ। ଏଥିସହ ସ୍ୱଚ୍ଛ ଭାରତ ଅଭିଯାନରେ ନିଜକୁ ନିୟୋଜିତ କରି ପରିଷ୍କାର ପରିଚ୍ଛନ୍ନତା ରହିବାର ଆବଶ୍ୟକତା ରହିଥିବା ସେ କହିଥିଲେ। ସମ୍ମାନୀତ ଅତିଥିଭାବେ ବାଙ୍କେଲ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ଚୈତନ୍ୟ ମହାନନ୍ଦ, ବ୍ଲକ ପଞ୍ଚାୟତ ଅଧିକାରୀ ନୀଳକଣ୍ଠ କାଲସାଏ, ସରପଞ୍ଚ ଅଗସ୍ତି ବାଗ, ନିର୍ବାହୀ ଅଧିକାରୀ ଅର୍ଜୁନ ଛୁରା, ସାମାଜିକ କର୍ମୀ ସବିତା ଜଗଦଲା, ବ୍ଲକ ଉପସଭାପତି ମଦନମୋହନ କୁମ୍ଭାର, ବିଭୀଷଣ ମହାନନ୍ଦ, ଆମ୍ବା ଅଧ୍ୟକ୍ଷ ଧନଞ୍ଜୟ ମହାନନ୍ଦ, ସମିତି ସଭ୍ୟ ଯଦୁନାଥ କୁମ୍ଭାର ଓ ଉପଦେଷ୍ଟା ଜୟରାମ କୁମ୍ଭାର ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ସମାଜର ସାମଗ୍ରିକ ବିକାଶ ମହିଳାମାନଙ୍କ ଦ୍ୱାରା ସମ୍ଭବ ବୋଲି କହିଥିଲେ। ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଲାଭ ଉଠାଇ ସେମାନେ ଆଉ ଦାଦନ ଖଟି ନ ଯିବା ପାଇଁ ଏହି ଅବସରରେ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ୨୨ପଞ୍ଚାୟତର ଲକ୍ଷେଘର ଗଣ୍ଡା ସମାଜ ସଭାପତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଟିର୍କିନିବାହାଲି, ରାନିଶିଲେଟ ଓ ତେନ୍ତୁଲିଖୁଣ୍ଟିର ଦୁଲଦୁଲି ଓ ସିଙ୍ଗବାଜା କଳାକାରମାନେ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଯଦୁ ତାଣ୍ଡି, ଦାସ ଲୁହା, ନଟ ସୁନା, ଭଗତ ନାଗ, ଦିଲୀପ ମହାନନ୍ଦ, ଫକୀରମୋହନ ଛତ୍ରିଆ, ଚତୁର୍ଭୁଜ ଛୁରା, ବ୍ଲକ ସାଧାରଣ ସମ୍ପାଦକ ଦୀପକ ରଞ୍ଜନ ବାଗ ପରିଚାଳନା କରିଥିଲେ।



ନୂଆଁଖାଇ ଭେଟ୍‌ଘାଟ ଓ ସାଂଗଠନିକ ସଭାରେ ମଞ୍ଚାସୀନ ଅତିଥିମାନେ।



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ



## ସଂକ୍ଷେପରେ

### ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ରିଷିଡା,୧୦।୧୧(ଡି.ଏନ.ଏ.)-** କଳାହାଣ୍ଡି ଜିଲା ରିଷିଡ଼ା ନିକଟସ୍ଥ ପୀରବତୀ ଯୁକ୍ତ ୨ ମହିଳା ମହାବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ପ୍ରତିଷ୍ଠାତା ମୁରଲୀଧର ରଣା ଉଦ୍‌ଘାଟନ କରିଥିଲେ। କ୍ରୀଡା ଶିକ୍ଷକ ସୁବ୍ରତ ରଣା ଓ ହାଇସ୍କୁଲ କ୍ରୀଡା ଶିକ୍ଷକ ବଳଭଦ୍ର ରଣା ଖେଳଗୁଡିକ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ବର୍ଗର କ୍ରୀଡା ପ୍ରତିଯୋଗିତାଗୁଡିକ ଅନୁଷ୍ଠିତ ହୋଇଥିଲା ।

### ଟିକାକରଣ ପାଇଁ ସଚେତନତା ଶିବିର

**ପଲମ,୧୦।୧୧(ଡି.ଏନ.ଏ.)-** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଗିଗିନା ପଞ୍ଚାୟତସ୍ଥିତ ଗିଗିନା ଗ୍ରାମ ତଥା ଅଞ୍ଚଳରେ ଗାଈଗୋରୁଙ୍କୁ ଏକ ଅଜଣା ରୋଗ ବ୍ୟାପିବାର ଦେଖିବାକୁ ମିଳୁଛି। ଗ୍ରାମବାସୀଙ୍କଠୁ ଖବର ପାଇ ବିଭାଗୀୟ ଅଧିକାରୀମାନେ ଗିଗିନା ଓ ଶ୍ରୀପୁର ଗ୍ରାମକୁ ଯାଇ ୩୦ଟି ପ୍ରଭାବିତ ଗୋଈଗୋରୁଙ୍କ ଟିକାକରଣ କରିବା ସହ ଗୋପାଳକମାନଙ୍କୁ ସଚେତନ କରାଇଥିଲେ। ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ଗିରିଶ ମହାନ୍ତି, ଡା. ନିରୁଚନ୍ଦ୍ର କହଁର, ନର୍ଲା ବିଭିଓ ଡା. ରିତା ଟିଗା, ଏବିଭିଓ ଡା.ସଙ୍ଗୀତା ବଇତାଇ, ମସ୍କୁଟି ଏଲଆଇ ପ୍ରଶାନ୍ତ ହରିଜନ, ରୁପ୍ରା ଏଲଆଇ ଲକ୍ଷ୍ମଣ ସେନାପତି ସାମିଲ ହୋଇ ସମସ୍ତ ପଞ୍ଚାୟତବାସୀଙ୍କୁ ସଚେତନ କରାଇଥିଲେ।

### ବିଭିନ୍ନ ପଞ୍ଚାୟତରେ ଆବର୍ଜନା କୁଣ୍ଡ, ରିଷିଡ଼ାରେ ହୋଇନି

**ରିଷିଡା,୧୦।୧୧(ଡି.ଏନ.ଏ.)-** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ଗଜବାହାଲ ଓ ରିଞ୍ଜା ପଞ୍ଚାୟତରେ ପଞ୍ଚାୟତ ପକ୍ଷରୁ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରେ ଆବର୍ଜନା କୁଣ୍ଡଗୁଡିକ ସ୍ଥାପନ କରାଯାଇଛି। ଏହି ବ୍ଲକର ସର୍ବବୃହତ ଗ୍ରାମ ତଥା ରିଷିଡା, ବ୍ରାହ୍ମଣୀମୁଣ୍ଡା ଗୋଟିଏ ପଞ୍ଚାୟତ ହୋଇଥିଲେ ହେଁ ଅଦ୍ୟାବଧି ଆବର୍ଜନା କୁଣ୍ଡ ସ୍ଥାପନ ହୋଇ ନ ଥିବାରୁ ସଚେତନ ନାଗରିକମାନଙ୍କୁ ହତାଶ କରିଛି। ରିଷିଡା ଭଳି ଶିକ୍ଷିତ ଅଞ୍ଚଳରେ ପରିମଳ ସଫେଇ କାର୍ଯ୍ୟକ୍ରମ ଆରମ୍ଭ ନକରିବା ପରିତାପର ବିଷୟ।

### ଅଭିଭାବକ, ଛାତ୍ରୀଛାତ୍ର ସମ୍ମିଳନୀ

**ଭବାନୀପାଟଣା,୧୦।୧୧(ଡି.ଏନ.ଏ.)-** ଭବାନୀପାଟଣା ସଦର ବ୍ଲକ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ବୋର୍ଡାଠାରେ ଶନିବାର ଅଭିଭାବକ ଓ ଛାତ୍ରୀଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବକ୍ରୁବାହାନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବିଦ୍ୟାଳୟ ଉନ୍ନୟନ ଓ ପରିଚାଳନା କମିଟି ସଭ୍ୟ ରୋଶନଲାଲ ଛତର, ଶିକ୍ଷକ ପ୍ରସନ୍ନ ପ୍ରଧାନ, ନିରାକର ଗହିର, ବିଶି କେଶନ ସୁନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ବିରଞ୍ଚି ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଯୁଗଳ ଚରଣ ସାହୁ ଧନ୍ୟବାଦ ଦେଇଥିଲେ। ସମ୍ମିଳନୀରେ ଆସନ୍ତାବର୍ଷ ମାଟ୍ରିକ ପରୀକ୍ଷା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିଭଳି କର୍ଲାପଡା ବିମ୍ବାଧର ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷକ ବାହାଦୁର ସାଗରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଅଭିଭାବକ ଓ ଛାତ୍ରୀଛାତ୍ର ସମ୍ମିଳନୀରେ ଶିକ୍ଷକ ସୁବଳ ଚରଣ ପ୍ରଧାନ, ଶିକ୍ଷୟିତ୍ରୀ ଅଞ୍ଜଳି ଭୋଇ, ସୁକାନ୍ତି ପାଢ଼ୀ, ଏସଏମଡିସି ସଭ୍ୟ ତିରୁପତି ପ୍ରଧାନ, ନରହରି ଚନ୍ଦନ, ବୈଦ୍ୟନାଥ ପ୍ରଧାନ, ବ୍ରଜକିଶୋର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

କୁପା ପାହାଡ଼ ଉପରେ ପଡୋଶୀ ଗ୍ରାମ ଲୋକଙ୍କ ଲୋଲୁପ ଦୃଷ୍ଟି

# ଅବାଧ ଗଛକଟାକୁ ବିରୋଧ

## ■ ଜଙ୍ଗଲ ବିଭାଗଠାରେ ଗ୍ରାମବାସୀଙ୍କ ଫେରାଦ

**କୋକସରା/ଜୟପାଟଣା, ୧୦।୧୧ (ଡି.ଏନ.ଏ.)**



ଗ୍ରାମବାସୀ ଜଙ୍ଗଲ ବିଭାଗଠାରେ ଦାବିପତ୍ର ପ୍ରଦାନ କରୁଛନ୍ତି ।

ଲଣ୍ଡା ପାହାଡରେ ସବୁଜିମା ଭରି ଉଦାହରଣ ସୃଷ୍ଟି କରିଛନ୍ତି ଗ୍ରାମବାସୀ । ଗ୍ରାମବାସୀଙ୍କ ଦୀର୍ଘ ୨୦ ବର୍ଷର ଅକ୍ଳାନ୍ତ ପରିଶ୍ରମରେ ଏବେ କୁପା ପାହାଡ ସବୁଜିମା ହୋଇଛି। କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଉଚ୍ଛୁଳା ପଞ୍ଚାୟତ ଅନ୍ତର୍ଗତ କୁଣ୍ଡିଗୁଡା ଗ୍ରାମ ପାଖରେ ଥିବା କୁପା ପାହାଡ ୨୦ ବର୍ଷ ପୂର୍ବେ ଲଣ୍ଡା ପାହାଡ ହୋଇଥିଲା। ଗ୍ରାମବାସୀ ଏକ ବୈଠକ କରି ବାମନଦେଇ ଜଙ୍ଗଲ ସୁରକ୍ଷା କମିଟି ନାମରେ ଏକ କମିଟି ଗଠନ କରି ପାହାଡରେ ଗଛ ଲଗାଇବା ସହ ତା'ର ସୁରକ୍ଷା ନେବାକୁ ଶପଥ କରିଥିଲେ। ପ୍ରତି ପରିବାରରୁ ଅର୍ଥ ସଂଗ୍ରହ କରି ଜଙ୍ଗଲ ସୁରକ୍ଷା ଦେବା ପାଇଁ ଜଣେ ଜଗୁଆଳୀ ରଖିବା ସହ ପ୍ରତ୍ୟକ୍ଷ ଭାବେ ପ୍ରତିଦିନ ଜଣେ ଲେଖାଁଏ ସଦସ୍ୟ ଜଙ୍ଗଲ ସୁରକ୍ଷା ପାଇଁ ସେହି ସମୟରେ ପଣ କରିଥିଲେ । ଫଳସ୍ୱରୂପ ୨୦ ବର୍ଷ ପରେ ଆଜି କୁପା ପାହାଡରେ ବିଭିନ୍ନ ପ୍ରକାର ମୂଲ୍ୟବାନ ଗଛ ଯଥା ଧଅଁରା, କେନ୍ଦୁ, କର୍ଲା, ଧୁବେନ, ସିନା, ବାନ୍ଧନ, ସୁମାରୀ, କୁସୁମ, ଭେରୁଆଁ, ଅଁଳା, ଫଳସା, ବିଜା, ସାହାଜ, ଖଇର, ହରଡା, ଚାହାର, ବାଉଁଶ ସହ ଅନ୍ୟାନ୍ୟ ଔଷଧୀୟ ବୃକ୍ଷଲତାରେ ଭରି ରହିଛି । ଗ୍ରାମବାସୀଙ୍କ ପରିଶ୍ରମ ଆଜି ବାସ୍ତବତାର ରୂପ ନେଇଛି। ୨୩ ଏକର ପରିମିତ ଏହି ଜଙ୍ଗଲରେ କୁଣ୍ଡିଗୁଡା ଗ୍ରାମବାସୀ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ନିଜର ରୋଜଗାର ପନ୍ଥା ମଧ୍ୟ ପାଇଛନ୍ତି। ଏହି ଅଞ୍ଚଳ ଅଣଜଳସେଚିତ ହୋଇଥିବା ବେଳେ ଜଙ୍ଗଲ ରହିଥିବା ଯୋଗୁ ବର୍ଷାଦିନରେ ଭଲ ବର୍ଷା ହୁଏ ବୋଲି ଗ୍ରାମବାସୀ କହିଛନ୍ତି। ଜଙ୍ଗଲ କର୍ମଚାରୀମାନେ ଅନେକ ସମୟରେ ଗ୍ରାମବାସୀଙ୍କ ଦ୍ୱାରା ନିଜସ୍ୱ ଉଦ୍ୟମରେ ସୃଷ୍ଟି କରିଥିବା ଗ୍ରାମ୍ୟ ଜଙ୍ଗଲ ପରିଦର୍ଶନ କରି ସେମାନଙ୍କୁ ସାଧୁବାଦ ଦେବା ସହ ଅନ୍ୟମାନଙ୍କ ପାଇଁ ଏହା ପ୍ରେରଣା ଯୋଗାଇବ ବୋଲି କହିଛନ୍ତି। ଗତ କିଛି ବର୍ଷ ହେବ କୁପା ଜଙ୍ଗଲ ଉପରେ ପଡୋଶୀ ଗାଁ ବେହେରନସିଲର କେତେକ ଲୋକଙ୍କ ଲୋଲୁପ ଦୃଷ୍ଟି ପଡିଛି । ଅବାଧରେ ଏହି ଜଙ୍ଗଲରୁ ଗଛ କାଟି ନେଉଥିବା ଓ ଗ୍ରାମବାସୀଙ୍କୁ ଧମକଚମକ ଦେଉଥିବା ନେଇ ଜଙ୍ଗଲ ସୁରକ୍ଷା କମିଟି ଅଭିଯୋଗ କରିଛି। ଗତକିଛି ଦିନ ତଳେ ଅବାଧରେ ଏହି ଜଙ୍ଗଲରେ ପଶି ବାଉଁଶ ଗଛ ଓ ଅନ୍ୟ କିଛି ଗଛକୁ କାଟି ଦେଇଥିବା କୁଣ୍ଡିଗୁଡା ଗ୍ରାମବାସୀ ବିରୋଧ କରିଛନ୍ତି। ନିଜ ହାତରେ ଗଢି ତୋଳିଥିବା ଜଙ୍ଗଲକୁ ଆଖି ଆଗରେ ନଷ୍ଟ ହେଉଥିବା ତାଙ୍କୁ ବ୍ୟଥିତ କରିଛି । ଏ ନେଇ ବାମନଦେଈ ଜଙ୍ଗଲ ସୁରକ୍ଷା କମିଟି ସଭାପତି ରଘୁନାଥ ମାଝି, ସମ୍ପାଦକ ଥବୀର ରାଉତ, ଉପ ସଭାପତି ଜଗଦିଶ ମାଝି, ଦୁର୍ଜନ ମାଝି, ନେତ୍ରମଣି ବାଣୁଆ, ଯୋଗୀନ୍ଦ୍ର ମାଝି, ଉମା ଶଙ୍କର ରାଉତ, କୃଷ୍ଣ ଚନ୍ଦ୍ର ରାଉତ, ଶିବ ନାଏକ, ଦୟାନିଧି ମାଝି, ତ୍ରିନାଥ ମାଝି, ଡମ୍ବରୁ ଚଲାନ, କୁବେର ମାଝିଙ୍କ ସହ ଅନ୍ୟ ଗ୍ରାମବାସୀ ମିଳିତ ଭାବେ ଏକ ଲିଖିତ ଅଭିଯୋଗ ଉଚ୍ଛୁଳା ଫରେଷ୍ଟର ବଳରାମ ହରିଜନଙ୍କ ଜରିଆରେ ଜଙ୍ଗଲ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦେଇଛନ୍ତି। ଜଙ୍ଗଲ ବିଭାଗ ଆଗାମୀ ଦିନରେ ଜଙ୍ଗଲ ସୁରକ୍ଷା ଓ ଅନୁପ୍ରବେଶକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ବାମନଦେଈ ଜଙ୍ଗଲ ସୁରକ୍ଷା କମିଟି ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି ।

# ମହମ୍ମଦ ଜୟନ୍ତୀ ପାଳିତ

**ଭବାନୀପାଟଣା,୧୦।୧୧ (ଡି.ଏନ.ଏ.)**

ଭବାନୀପାଟଣା ସହରରେ ରବିବାର ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଛି। ସ୍ଥାନୀୟ ସନ୍ନି ମୁସଲିମ୍ ଜମ୍ମା ମସଜିଦ୍ ଓ ମଦ୍ରାସା ହବିବୁଲ ମଦାରିସ ଭବାନୀପାଟଣା ପକ୍ଷରୁ ଏହି ଜୟନ୍ତୀ ଉପଲକ୍ଷେ ଏକ ବିରାଟ ଶୋଭାଯାତ୍ରା ସ୍ଥାନୀୟ ମସଜିଦ୍‌ରୁ ବାହାରି ସହର ପରିକ୍ରମା କରି ପୁଣି ମସଜିଦ୍‌କୁ ଫେରିଥିଲେ। ଏହି ଅବସରରେ ମସ୍‌ଜିଦ୍ ପରିସରରେ ମହାପୁରୁଷ ମହମ୍ମଦ ଦେଇଥିବା ବାର୍ତ୍ତା ଅନୁସାରେ କାର୍ଯ୍ୟ କରିବା ପାଇଁ ଆଲୋଚନା ହୋଇଥିଲା। ଏହି ଶୋଭାଯାତ୍ରା ମସଜିଦ୍‌ର ସଭାପତି ହାଜି ସାହାଦଦ୍ ଖାଁନ୍, ସମ୍ପାଦକ ଶେଖ ସଲିମ୍ ଓ ମଦ୍ରାସାର ସଭାପତି ହାଜି ମହମ୍ମଦ ଅକିଲ ଓ ସମ୍ପାଦକ କୁଦ୍‌ବିଦ୍ଦିନ୍ ହବିବିଙ୍କ ସମେତ ହାଜି ସାୟଦ୍ ଅବଦୁଲ କରିବ ହବିବି, ହାଜି ହାପିବ ମିସା ହବିବୀ, ହାଜି ମହମ୍ମଦ ଆକବର, ହାଜି ଆକବର (ବଲ୍ଲୁ), ମତିନ ଅନସାରି, ସଲିମ୍ ମେମନ, ହାପିଜ୍ ଅକତର, ଇମାମ ଜିଆଉଲମୁସ୍ତାଫା, ଇମାମ ମସଜିଦ୍ ଜିଆଉଲ ମୁସ୍ତାଫା ପ୍ରମୁଖ ଏହି ଜୟନ୍ତୀ ପରିଚାଳନାରେ ନେତୃତ୍ୱରେ ପରିଚାଳିତ ହୋଇଥିଲେ।

## ବ୍ଲକ ସିଟି ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା

**କର୍ଲାମୁଣ୍ଡା,୧୦।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ସଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବ୍ଲକ ସିଟି ପ୍ରାଥମିକ ଶିକ୍ଷକ ସଂଘ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ଜିଲା ସିଟି ପ୍ରାଥମିକ ସଂଘ ସଭାପତି ବରୁଣ ନାଗଙ୍କ ସଭାପତିତ୍ୱରେ ସଂଘର ସଙ୍ଗଠନ ମଜଭୁତ କରିବା ପାଇଁ ବିଭିନ୍ନ ପ୍ରସ୍ତାବଗୁଡିକ ଆଲୋଚନା ହେବା ସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ଶିବରାମ ସାହୁ, ଉପସଭାପତି ଭାବେ ମଧୁସୂଦନ ଧରୁଆ, ଉପସଭାନେତ୍ରୀ ଭାବେ ହେମଲତା ସାହୁ, ସମ୍ପାଦକ ଭାବେ ରିଟନ ନାଗ, ସଙ୍ଗଠନ ସମ୍ପାଦକ କିଶୋର କୁମାର ରହିଛନ୍ତି । ସର୍କଲ ସମ୍ପାଦକ ଭାବେ ଯୁଗଲ ନାଗ, ସୂର୍ଯ୍ୟମଣି ଭୋଇ, ଅଗସ୍ତି ନନ୍ଦ, ସଞ୍ଜୟ ସେନାପତି, ତ୍ରିଭୁବନ ନାଗ, ବିରଞ୍ଚି ନାଏକ, ବୁଟା ସିଂ ଭୋଇଙ୍କୁ ଚୟନ କରାଯାଇଥିଲା। କୋଷାଧକ୍ଷ ଭାବେ ସୁରେନ୍ଦ୍ର ମାଝି, ପଦ୍ମ ଭୋଇ, ଉପଦେଷ୍ଟା କମିଟି ରେ ଲକ୍ଷ୍ମଣ କୁମାର, ଅର୍ଜୁନ ଭୋଇ, ହେମନ୍ତ ନାଏକ, ବାବୁରାମ ସାହୁଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା।



ନବନିର୍ବାଚିତ ପ୍ରତିନିଧି।

# ମହମ୍ମଦ ଜୟନ୍ତୀ ପାଳିତ

**ମୁଖୀଗୁଡା,୧୦।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ଜୁମ୍ମା ମସ୍‌ଜିଦଠାରେ ରବିବାର ଇସଲାମ୍ ଧର୍ମର ପ୍ରତିଷ୍ଠାତା ମହମ୍ମଦଙ୍କ ବାର୍ଷିକ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟୁଷରେ ଜୁମ୍ମା ମସଜିଦଠାରେ ସାମୁହିକ ନମାଜ ପାଠ ହୋଇଥିଲା। ମହମ୍ମଦଙ୍କ ଜନ୍ମ ବାର୍ଷିକ ଉତ୍ସବକୁ ନେଇ ପ୍ରତ୍ୟେକଙ୍କ ଘରେ ଖିରି, ପୁରୀ ସହ ବିଭିନ୍ନ ସ୍ୱାଦିଷ୍ଟ ମିଠାଇ ତିଆରି କରାଯାଇ ଆଲ୍ଲାଙ୍କ ନିକଟରେ ଫାତେହା ପଡାଯାଇ ସିର୍‌ନି ପରସ୍ପର ମଧ୍ୟରେ ବଣ୍ଟନ କରାଯାଇଥିଲା। ପରେ ସ୍ଥାନୀୟ ମସ୍‌ଜିଦରୁ ଏକ ଜୁଲୁସ୍ ବାହାରି ନଗର ପରିକ୍ରମା କରାଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ଇସ୍‌ଲାମ ଧର୍ମୀ ସାମିଲ ହୋଇ ଶାନ୍ତିପୂର୍ଣ୍ଣ ଭାବେ ଶୋଭାଯାତ୍ରା କରିଥିଲେ। ଜୁମ୍ମା ମସ୍‌ଜିଦର ପେସ୍ ଇମାମ କାରୀ ଖଲିଲ୍ ଅହମ୍ମଦ ସାହାବ୍ ନମାଜ୍ ଓ ଫାତେହା ପାଠ କରିଥିଲେ। ଭାଇଚାରାର ସୁସମ୍ପର୍କ ମଧ୍ୟରେ ଶାନ୍ତିଶୃଙ୍ଖଳାର ସହ ଜସନେଇଦ୍ ମିଲାଦୁନ୍ ନବି ପାଳିତ ହୋଇଥିବା ଯୋଗୁ ଜୁମ୍ମା ମସଜିଦ୍ ସଭାପତି ଅବଦୁଲ ହମିଦ୍, ସମ୍ପାଦକ ଫାରୁକ୍ ଖାଁ, ଅନୁସାର ଅଲ୍ଲୀ, ଫକିର ଖାଁ, ଫିରୋଜ ଖାଁ, ହାଇଦର ଖାଁ, ଶେର ଖାଁ, ତାହିର ଅଲ୍ଲୀ, ଜାହିର ଅଲ୍ଲୀ, ଜାକିର ଅଲ୍ଲୀ,ହିଦାୟକ ଅଲ୍ଲୀ, ଆରିଫ ଅଲ୍ଲୀ, ମହମ୍ମଦ ଅଲ୍ଲୀ ପ୍ରମୁଖ ଆଲ୍ଲାଙ୍କ ନିକଟରେ ଦେଶବାସୀଙ୍କ ସୁଖ ସମୃଦ୍ଧି, ଆର୍ଶିବାଦ ଭିକ୍ଷା କରିଥିଲେ।



ଜୁମ୍ମା ମସଜିଦଠାରେ ଉପସ୍ଥିତ ଥିବା ଇସଲାମ ଧର୍ମର ବାଳକମାନେ ।

## ୨୨ରେ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ କ୍ୟାମ୍ପ କୋର୍ଟ

**ଭବାନୀପାଟଣା,୧୦।୧୧ (ଡି.ଏନ.ଏ.)**

ଆସନ୍ତା ୨୨ ତାରିଖରେ ଭବାନୀପାଟଣା ଠାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏନ୍‌ସିପିସିଆର)ଙ୍କ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହେବ। ଏହା ସକାଳ ୯ଟାରୁ ଅପରାହ୍ନ ୫ଟା ଯାଏ ଚାଲିବ। ଏହି କ୍ୟାମ୍ପ କୋର୍ଟରେ ଶିଶୁଙ୍କ ପ୍ରତି ହେଉଥିବା ବିଭିନ୍ନ ଅତ୍ୟାଚାର ସମ୍ପର୍କିତ ଅଭିଯୋଗ ଗ୍ରହଣ କରି ଏନ୍‌ସିପିସିଆର୍ ଏହାର ଶୁଣାଣି କରିବେ। ଶିଶୁ ଶ୍ରମିକ, ଶିଶୁଙ୍କ ପାଇଁ ସହାୟତା ରାଶି ନ ମିଳିବା, ଶିଶୁ ଚାଲାଣ, ବଳପୂର୍ବକ ଭିକ୍ଷାବୃତ୍ତିରେ ନିୟୋଜିତ ଶିଶୁ, ଶାରୀରିକ ଓ ଯୌନ ନିର୍ଯାତନାର ଶିକାର ହୋଇଥିବା ଶିଶୁ, ଶିଶୁ ବିକ୍ରି, ସ୍କୁଲରେ ଶିଶୁ ଶାରୀରିକ ନିର୍ଯାତନା, ଶିଶୁଙ୍କୁ ଯୌନ ନିର୍ଯାତନାର ପୀଡିତାଙ୍କୁ କ୍ଷତିପୂରଣ ନ ମିଳିବା ଆଦି ଶିଶୁଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଏନ୍‌ସିପିସିଆର୍ କ୍ୟାମ୍ପ କୋଟରେ ଶୁଣାଣି କରିବେ। ଶିଶୁଙ୍କ ଏହି ସବୁ ସମସ୍ୟା ସମ୍ପର୍କିତ ଅଭିଯୋଗପତ୍ର ଜିଲାପାଳଙ୍କ କାର୍ଯ୍ୟାଳୟ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ରେ ବର୍ତ୍ତମାନ ଦାଖଲ କରାଯାଇ ପାରିବ। ୨୨ ତାରିଖରେ ଏନ୍‌ସିପିସିଆର୍‌ଙ୍କ କ୍ୟାମ୍ପ କୋର୍ଟରେ ମଧ ଅଭିଯୋଗପତ୍ର ଗ୍ରହଣ କରାଯିବ ବୋଲି ଜିଲାପଳ ଡ. ଗାଭାଲି ପରାଗ ହର୍ଷଦ ପ୍ରକାଶ କରିଛନ୍ତି।

# ଏପଟେ ସଂରକ୍ଷଣ, ସେପଟେ ଜବରଦଖଲ

**ମ.ରାମପୁର,୧୦।୧୧ ( ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁରକୁ ସମ୍ଭାବ୍ୟ ରାଜସ୍ୱ ଉପଖଣ୍ଡ ହେବା ନେଇ ରାଜସ୍ୱ ବିଭାଗ ନିଜସ୍ୱ ଜମିଜମା ସଂରକ୍ଷଣ କରିବା ଦିଗରେ ତତ୍ପରତା ପ୍ରକାଶ କରିଛି। ଏହି ପରିପ୍ରେକ୍ଷୀରେ ୧୦ ବର୍ଷ ପୂର୍ବେ ଉତ୍ତେଇନଦୀ ପଠା ନିକଟସ୍ଥ ୧୧ ଏକର ପରିମିତ ଜମିକୁ ଅସ୍ଥାୟୀ ତାରବାଡ ଦେଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ମ.ରାମପୁର ବନାଞ୍ଚଳ ଅଧିକାରୀଙ୍କ ନୂତନ କାର୍ଯ୍ୟାଳୟ ନିକଟସ୍ଥ ବାଡକୁ ଲାଗି ଦକ୍ଷିଣ ଦିଗରୁ ଆରମ୍ଭ କରି ପୂର୍ବ ପଶ୍ଚିମ ଯାଏଁ ତାରବାଡ ଦେଇ ଜମି ସଂରକ୍ଷଣ କରିଛି । ଏହାସତ୍ତ୍ୱେ ଏହି ସଂରକ୍ଷଣ ଜମି ମଧ୍ୟରେ ଅଣପଞ୍ଜୀକୃତ ସଂସ୍ଥା ସାଇଡଫର ପ୍ରେସ କ୍ଲବ ନାମ ଏକ ବୋର୍ଡ ଲାଗି ଥିବା ଦୃଷ୍ଟିଗୋଚର ହୋଇଛି। ଏହାସହିତ ଉକ୍ତ ଖାଲୁଆ ସ୍ଥାନରେ କିଛି ମାଟି ମୋରମ ବିଛାଯାଇଥିବା ଦେଖିବାକୁ ମିଳିଛି। ଏ ନେଇ ସ୍ଥାନୀୟ ତହସିଲଦାର ସୟଦ୍ ଇସାକ୍ ମଦିନାଙ୍କୁ ପଚରାଯିବାରୁ ଉକ୍ତ ପରିବେଷ୍ଟିତ ଜାଗା ସମ୍ପୂର୍ଣ୍ଣ ଭାବେ ସରକାରୀ କାର୍ଯ୍ୟାଳୟ ପାଇଁ ସଂରକ୍ଷିତ ରଖାଯାଇଛି। ଏଥିପାଇଁ ବ୍ଲକ କର୍ତ୍ତୃପକ୍ଷଙ୍କୁ ପାଣ୍ଠି ପ୍ରଦାନ କରାଯାଇ ଖୁଣ୍ଟ ପୋତି ତାର ବାଡା ଦେବା ପାଇଁ ଅନୁରୋଧ କରାଯାଇଛି । ଏହି କାର୍ଯ୍ୟ ମଧ ତ୍ୱରାନ୍ୱିତ ହୋଇଛି। ଏପରିସ୍ଥଳେ କୌଣସି ସଂସ୍ଥାକୁ ଜମି ଜମା ଦିଆଯାଇନାହିଁ । ଅଭିଯୋଗ ଆସିଲେ ଜବରଦଖଲ ଉଚ୍ଛେଦ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ପ୍ରେସ କ୍ଲବ ବୋର୍ଡ ଲେଖା ଥିବା ସ୍ଥାନ ।

## ଆଧାର କାର୍ଡ ଲିଙ୍କ୍ ସମସ୍ୟା : ୨ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ରାଶନରୁ ବଞ୍ଚିତ

**ଭବାନୀପାଟଣା,୧୦।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲାର କଲମପୁର ବ୍ଲକ ଅଞ୍ଚଳରେ ଆଧାର କାର୍ଡ ଲିଙ୍କ୍ ସମସ୍ୟା ଦେଖାଦେଇଛି। ଏଥିଯୋଗୁ ୨ ହଜାରରୁ ଅଧିକ ହିତାଧିକାରୀ ଖାଉଟି ସାମଗ୍ରୀ ପାଇବାରୁ ବଞ୍ଚିତ ରହିଥିବା ଜଣାପଡିଛି। ଅଭିଯୋଗ ଅନୁସାରେ, ହିତାଧିକାରୀମାନେ ଯୋଗାଣ ସହାୟକ ମାନଙ୍କୁ ଲିଙ୍କ୍ ପାଇଁ ଆଧାର କାର୍ଡ ଦେଉଛନ୍ତି। ସେମାନେ ବ୍ଲକ କାର୍ଯ୍ୟାଳୟରେ ଅଧିକାରୀଙ୍କ ଜାଣତରେ କମ୍ପ୍ୟୁଟର ବିଭାଗରେ ଲିଙ୍କ୍ ପାଇଁ ଦେଉଥିବା କୁହାଯାଉଛି। କିନ୍ତୁ ୭-୮ ମାସ ହେଲା ଲିଙ୍କ୍ ପ୍ରକ୍ରିୟାରେ ବିଭିନ୍ନ ସମସ୍ୟା ହେତୁ ଲିଙ୍କ ହୋଇ ପାରୁନାହିଁ। ହିତାଧିକାରୀ ଅଭିଯୋଗ କଲେ ତାଙ୍କୁ ଦୋଷ ଦେଉଛନ୍ତି। କେତେବେଳେ କମ୍ପ୍ୟୁଟର ସାଇଟ ଗ୍ରହଣ କରୁ ନ ଥିବା, କିଛି ହିତାଧିକାରୀଙ୍କ ସସ୍‌ପେକ୍ଟରେ ରହିଯାଇଥିବା ଭଳି ତ୍ରୁଟି ଦେଖାଯାଉଛି ବୋଲି ଏମଆଇ ଦେବଧର ଧାରୁଆ କହିଛନ୍ତି। ବିଭାଗୀୟ ଅଧିକାରୀ ସମସ୍ୟାର ସମାଧାନ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଆଜି ବୋଇତ ବନ୍ଦାଣ ଉତ୍ସବ

**ରିଷିଡା,୧୦।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ତୈଳିକ ବୈଶ୍ୟ ସମାଜ ପକ୍ଷରୁ ସୋମବାର ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେବ। ଶ୍ରୀ ଶ୍ରୀ ରାମଚନ୍ଦ୍ର ସ୍ୱାମୀ ଗ୍ରାମ୍ୟ ସମିତି ରିଷିଡାଠାରେ ପ୍ରତିବର୍ଷ ଭଳି ଚଳିତଥର ଏଠାରେ ଏହି ଉତ୍ସବକୁ ପାଳନ ଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏଠାରେ ବୋଇତ ନିର୍ମାଣ କରାଯାଇ ପ୍ରଥମେ ସୋମବାର ସନ୍ଧ୍ୟାରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ଏହା ପୂର୍ବରୁ ଏକ ଶୋଭାଯାତ୍ରାରେ ବୋଇତକୁ ନଗର ପରିକ୍ରମା କରାଯାଇ ସ୍ଥାପନ କରାଯିବ। ଆୟୋଜକ କମିଟି ସଭାପତି ଅନ୍ତର୍ଯ୍ୟାମୀ ସାହୁ, ସମ୍ପାଦକ ପଦ୍ମକିଶୋର ସାହୁ, ବେହେରା ଡୋଳାମଣୀ ସାହୁ, ଦଳ ବେହେରା ପ୍ରମୋଦ କୁମାର ସାହୁ ନେତୃତ୍ୱ ନେଉଥିବା ବେଳେ ଭୋଳାନାଥ ସାହୁ (କ), ଦୁଃଖିମଣି ସାହୁ, ଭୋଳାନାଥ ସାହୁ (ଖ), ବାସୁଦେବ ସାହୁ, ସହଦେବ ସାହୁ, ଅଭିମନ୍ୟୁ ସାହୁ, ଦୁର୍ଯ୍ୟୋଧନ ସାହୁ, ପଞ୍ଚାନନ ସାହୁ, କେଦାର ସାହୁ, ପୀତବାସ ସାହୁ ପ୍ରମୁଖ ସହାୟତା କରୁଛନ୍ତି । ଆସନ୍ତା ମଙ୍ଗଳବାର ବୋଇତ ଭସାଣି ଅନୁଷ୍ଠିତ ହେବ। ସୋମବାର ରାତିରେ ବଲାଙ୍ଗୀର ଜିଲା କୁଦେଇମାଲ ଶ୍ରୀଦୁର୍ଗା ନାଟ୍ୟ କଳା ପରିଷଦ ଆନୁକୂଲ୍ୟରେ ରାମ ବନବାସ ନାଟକ ପରିବେଷଣ କରାଯିବ। ଏହି ଉତ୍ସବରେ ବାଣିଜ୍ୟର କମିଶନର ଲକ୍ଷ୍ମୀକାନ୍ତ ସାହୁ କାର୍ଯ୍ୟକ୍ରମରେ ବିଶେଷ ଭୂମିକା ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ତୈଳିକ ବୈଶ୍ୟ ସମାଜର ମୁଖ୍ୟାଳୟ ଗଞ୍ଜାମ ଜିଲା ପ୍ରତାପୁରଠାରେ ଅବସ୍ଥିତ । ସମ୍ପ୍ରତି ଏହି ସମାଜରେ ଅଧୀନରେ ଥିବା ୨୩ ସମିତି କେବଳ ରିଷିଡାଠାରେ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

# ୯ କେନ୍ଦ୍ରର ଘର ନାଇଁନ, ବିପଦ୍ ଅବସ୍ତାରେ ୩ କେନ୍ଦ୍ର

**କର୍ଲାମୁଣ୍ଡା, ୧୦।୧୧ (ଡି.ଏନ୍.ଏ.)**





ବିଜାପାଟି କେନ୍ଦ୍ରର ଘର ଅଭାବୁ ଛୁଆମାନେ ବରନ୍ଡାରେ ପାଠ୍ ପଢୁଛନ୍। (ବାମ)। ତେରେକେଲା କେନ୍ଦ୍ରର ଘର ଅଭାବୁ ଗୁଟେ ଛୁଟିଆ ଘରେ ପାଠ୍‌ପଢ଼ା ଚାଲିଛେ।

ସରକାର ଅଙ୍ଗନୱାଡି କେନ୍ଦ୍ର ଜରିଆନେ ଜନସାଧାରନଙ୍କୁଁ ଭିନେ ଭିନେ ସେବା ଯୁଗେଇ ଦେଉଛନ୍। ସେଥିରଲାଗି କେନ୍ଦ୍ରରେ ଝନେ କରମୀ ଆର ସହାୟିକାକୁଁ ନିଯୁକ୍ତ କରିଛନ୍। ହେଲେ ଅନେକ ଜାଗାରେ ଭିଟିଭୂମି ଅଭାବୁ ସରକାରକଁର ଇ ମହତ୍ ଯୋଜନା ବାଟ୍‌ବନା ହେଉଛେ। ଏନ୍‌ତା ଉଦାହରନ୍ ଦେଖିବାକେ ମିଳିଛେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ। ସୂଚନା ଅନ୍‌ସାରେ କର୍ଲାମୁଣ୍ଡା ବ୍ଲକର ୧୨ଟା ପଁଚେତ୍‌ରେ ମୋଟ ୭୪ଟା ଅଙ୍ଗନୱାଡି କେନ୍ଦ୍ର ରହିଛେ। ସେ ଭିତରୁ ବିଜାପାଟି, ରିଞ୍ଜା(ଧରଣୀପଡ଼ା), ବାଗବୁରାଇ, ଝାରମୁଣ୍ଡା ପରମୁଖ ଗାଁରେ ଅଙ୍ଗନୱାଡି କେନ୍ଦ୍ରର ଘର ତିଆର ହେଇ ନାଇଁପାରବାର। ସେନ୍‌ତା କର୍ଲାମୁଣ୍ଡା (ବସ୍ତି), ଗୋଇନ୍ଦମୁଣ୍ଡା, ଫଲସାପଡ଼ା, ଝିଲାପିପଡ଼ା, ତେରେକେଲା, କୁଶୁର୍ଲା(୧), ଏକାତରା ଆର ରେଙ୍ଗାଲି କେନ୍ଦ୍ରର ଘର ଦରଖଁଡ଼ିଆ ହେଇ ପଡ଼ିଛେ। ଇଆଡ଼େ ଭଟାପଲା, ସାପଲହରା, ବୋରପଦର, ସାନଡୁଙ୍ଗୁରୀଗୁଡ଼ାରେ ଥିବାର ଅଙ୍ଗନୱାଡି କେନ୍ଦ୍ରମାନ ବିପଦ୍

**କର୍ଲାମୁଣ୍ଡା ବ୍ଲକ**

ଅବସ୍ତାରେ ରହିଛେ। ସେନ୍‌ତା ବ୍ଲକର ଡଙ୍ଗରମୁଣ୍ଡା, ସାଲେପାଲି, ସିଆଲପଲା, ଟିକିରାପଡ଼ା, ଭଟାପଲା(ଧରଣୀପଡ଼ା), ସରଦାପୁର, କେର୍ଣ୍ଡାପଲା, ଭୀମଖୋଜପଡ଼ାରେ ନୂତନ ଅଙ୍ଗନୱାଡି କେନ୍ଦ୍ର ଦରକାର ଥିଲାବେଲେ ପରଶାସନ ତରଫୁ କେହେନ୍‌ସି ପରକାର ପଦକ୍ଷେପ ନାଇଁ ନିଆଯିବାର। ଯେନ୍‌ଥିରଲାଗି ଇ ଗାଁମାନକର ଜନସାଧାରନ ଅନେକ ସୁବିଧା ସୁଯୋଗରୁ ବଁଚିତ ହେଉଛନ୍। ଇ ବାବ୍‌ଦେ ଥାନୀଅ ସିଡିପିଓ ପାର୍ବତୀ ସାହୁକୁଁ ପଚରାଲାରୁ ଅଙ୍ଗନୱାଡି କେନ୍ଦ୍ରର ଘର ତିଆରି କାମ ଶେଷ ନାଇଁପାରବାର। ସେଥିରଲାଗି କେତେ ଜାଗାରେ ପାସର ସ୍କୁଲମାନକେ ଅଙ୍ଗୱାଡି କେନ୍ଦ୍ର ଚାଲୁଛେ ବଲି ସେ କହିଥିଲେ। ସୂଚନା ହିସାବେ ପଁଚେତ୍ ସମିତି ଜରିଆରେ ଅଙ୍ଗନୱାଡି କେନ୍ଦ୍ର ଘର ତିଆରି କରାଯାଉଛେ। ହେଲେ ଦାଇତିଅରେ ଥିବାର ଯନ୍ତ୍ରୀମାନକର ଆଁତରିକତା ଅଭାବ ସଂଗେ ପିସି କାରବାର ଲାଗି ଅନେକ କେନ୍ଦ୍ରର ତିଆରି କାମ୍ ସରି ନାଇଁ ପାରବାର ବଲି ଝନେ ଠିକାଦାର ନିଜର ନାଁ ଗୁପତ୍ ରଖି କହିଛନ୍। ଇ ବାବ୍‌ଦେ ମତାମତ ଲାଗି ଥାନୀଅ ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧାକୁଁ ମୋବାଇଲ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ବି ଯୋଗାଯୋଗ ସମ୍ଭବ ନାଇଁ ହେଇପାରି।



ବେଇମାନୀ ହେଉଛି ସମସ୍ତ ପାପର ଜନନୀ।
-ଶିରିଡ଼ି ସାଇବାବା



## ସଂକ୍ଷେପରେ

### କୂଅରୁ ପାଣି ନେବାକୁ କେନ୍ଦ୍ରକରି ଗଣ୍ଡଗୋଳ

### ସାନ ଭାଇଙ୍କୁ ଆକ୍ରମଣ କଲେ ବଡ଼ଭାଇ

ନୂଆଗାଁ, ୧୦।୧୧ (ଡି.ଏନ.ଏ)- ଝିମିଟି ଖେଳରୁ ମହାଭାରତ ସଦୃଶ୍ୟ ସାମାନ୍ୟ ସରକାରୀ କୂଅରୁ ପାଣି ନେବାକୁ କେନ୍ଦ୍ରକରି ବଡଭାଇ ନିଜ ସାନଭାଇଙ୍କୁ ମରଣାନ୍ତକ ଆକ୍ରମଣ କରିବା ଓ ଏଥିରେ ବଡଭାଇଙ୍କ ସ୍ତ୍ରୀ ଓ ପୁଅ ମଧ ସାମିଲ ହେବା ଭଳି ଘଟଣା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି । ଏଭଳି ଘଟଣା ଘଟିଛି ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ଅନ୍ତର୍ଗତ ତାଇନ୍ଦା ଗ୍ରାମରେ । ଉକ୍ତ ଗ୍ରାମର କ୍ରିଷ୍ଣା ସାହୁ (୩୮) ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ଘର ପାଇଛନ୍ତି ଏହି ଘରକୁ ନିର୍ମାଣ କରିବାକୁ ସେ ଯୋଜନା କରି ତାଙ୍କ ଘର ସମ୍ମୁଖରେ ଥିବା ଏକ ସରକାରୀ କୂଅରୁ ପାଣି ଆଣୁଥିଲେ। ଏହି ସମୟରେ ଘର ତିଆରି ପାଇଁ ପାଣି ନେବାକୁ କ୍ରିଷ୍ଣାଙ୍କ ବଡଭାଇ ଲଛମନ ସାହୁ ମନା କରିବାରୁ ଉଭୟଙ୍କ ମଧରେ ଗଣ୍ଡଗୋଳ ହୋଇଥିଲା । ଏହି ସମୟରେ ସେଠାକୁ ଲଛମନଙ୍କ ସ୍ତ୍ରୀ ସାବିତ୍ରୀ (୫୦) ଓ ତାଙ୍କ ପୁଅ ଦୁଧେଶ୍ୱର ସାହୁ ଦୌଡି ଆସି କ୍ରିଷ୍ଣାଙ୍କୁ ମାଡ ମାରିଥିଲେ । ଏପରିକି ନିକଟରେ ପଡିଥିବା ଏକ ଇଟା ସାହାର୍ଯ୍ୟରେ କ୍ରିଷ୍ଣାଙ୍କ ମୁଣ୍ଡକୁ ଆଘାତ ଦେଇଥିଲେ। କ୍ରିଷ୍ଣା ତଳେ ଅଚେତ ହୋଇ ପଡିଯାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ହାତୀବାରି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାଉରକେଲା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଯାଇଥିଲା । ଏହି ଘଟଣା ଗତ ୬ ତାରିଖ ଘଟିଥିଲେ ହେଁ ଘଟଣା ପରେ ଅଭିଯୁକ୍ତ ଲଛମନ, ସାବିତ୍ରୀ ଓ ଦୁଧନାଥ ଫେରାର ହୋଇଯାଇଥିଲେ। ନୂଆଗାଁ ଫାଣ୍ଡି ଅଧିକାରୀ କୈଳାଶ ଚନ୍ଦ୍ର ନାଏକ ଏନେଇ ଏକ ମାମଲା ( ନଂ. ୭୩/୧୯) ରୁଜୁ କରି ଘଟଣାର ତଦନ୍ତ କରୁଥିଲେ। ରବିବାର ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

### ସିମେଣ୍ଟ ଉଦ୍ୟୋଗ ପ୍ରତି ଅବଦାନ ପାଇଁ ଡାଲମିଆ ଇଡି ସମ୍ମାନିତ

ରାଜଗାଙ୍ଗପୁର, ୧୦।୧୧ (ଡି.ଏନ.ଏ)- ସିମେଣ୍ଟ ଉଦ୍ୟୋଗରେ ଏକ ଜଣାଶୁଣା ବ୍ୟକ୍ତିତ୍ୱ ତଥା ଡାଲମିଆ ସିମେଣ୍ଟ ଭାରତ ଲିମିଟେଡର ପୂର୍ବ ଭାରତ ପାଇଁ ମାନୁଫାକଚରିଂ ମୁଖ୍ୟ ଭାବେ କାର୍ଯ୍ୟରତ ସୁନୀଲ କୁମାର ଗୁପ୍ତାଙ୍କ ଓଡିଶା ସିଏସଆର ଫୋରମ ତରଫରୁ ସମ୍ମାନିତ କରାଯାଇଛି। ଭୁବନେଶ୍ୱରରେ ଆୟୋଜିତ ଏକ ଭବ୍ୟ ସମାରୋହରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ସିମେଣ୍ଟ ଉଦ୍ୟୋଗ ପ୍ରତି ତାଙ୍କର ରହିଥିବା ଅବଦାନ ପାଇଁ ସମ୍ମାନିତ କରିଥିଲେ । ସିମେଣ୍ଟ ଉଦ୍ୟୋଗରେ ନିଜର ୩୫ ବର୍ଷର ଦୀର୍ଘ କାର୍ଯ୍ୟାବଳୀ ସମୟରେ ଗୁପ୍ତା ଦେଶର ଅନେକ ସିମେଣ୍ଟ କମ୍ପାନୀରେ ତଥା ବିଭିନ୍ନ ରାଜ୍ୟରେ ନିଜର କାର୍ଯ୍ୟ କରିଛନ୍ତି।

■ ଡିୱାଇଏଫ୍ଆଇର କୋଇଡା ବ୍ଲକ ସମ୍ମିଳନୀ

# ସ୍ୱାସ୍ଥ୍ୟସେବା, ଶିକ୍ଷା, ନିଯୁକ୍ତି ଦିଆଯାଉ

ଟେନ୍ସା, ୧୦।୧୧ (ଡି.ଏନ.ଏ)

ଭାରତ ଗଣତାନ୍ତ୍ରିକ ଯୁବ ଫେଡେରେସନ୍ (ଡିୱାଇଏଫ୍ଆଇ) ତରଫରୁ କୋଇଡା ବ୍ଲକ ସମ୍ମିଳନୀ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀକୁ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଉଦ୍‌ଘାଟନ କରିଥିଲେ। ସଙ୍ଗଠନର ରାଜ୍ୟ ସମ୍ପାଦକ ଯତିନ ମହାନ୍ତି ଯୋଗଦେଇଥିଲେ। ଦେଶର ସାମ୍ପ୍ରତିକ ପରିସ୍ଥିତିରେ ଯୁବକମାନଙ୍କର କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୁବ ବିରୋଧି ନୀତିଙ୍କୁ ତୀବ୍ର ସମାଲୋଚନା କରିଥିଲେ। ସେ କହିଥିଲେ ମୋଦିଙ୍କର ବର୍ଷକୁ ୨ କୋଟି ନିଯୁକ୍ତି ପାଣିରଗାର, ନିଯୁକ୍ତି କରଣର ପ୍ରଭାବରେ ଦେଶର ୯୦ ଲକ୍ଷ ଶ୍ରମିକ କାମ ହରାଇଛନ୍ତି। ଦେଶର ରାଷ୍ଟ୍ରାୟତ ଶିଳ୍ପକୁ ବିକ୍ରି କରିବା ପାଇଁ ଯୋଜନା କରୁଛନ୍ତି। ବ୍ୟାଙ୍କ ବୀମା, ରେଳ ସବୁକୁ ପ୍ରାଇଭେଟ କମ୍ପାନୀ ହାତରେ ବିକ୍ରି କରିବାକୁ ଯୋଜନା କରୁଛନ୍ତି। ଆମ ରାଜ୍ୟରେ ନବୀନ ସରକାର ୨୦ ବର୍ଷ ଶାସନ କାଳରେ ରାଜ୍ୟର ସ୍ୱାର୍ଥକୁ ଧ୍ୱଂସ କରିବାକୁ ଯୋଜନା ପରେ ଯୋଜନା ନେଉଛନ୍ତି। ବର୍ଷକୁ ୧ଲକ୍ଷ ନିଯୁକ୍ତି ଦେବା ଘୋଷଣା କେବଳ ଭାଷଣରେ ରହିଯାଇଛି। ନବୀନ ସରକାର ୨୦ ବର୍ଷରେ ୨୦ ହଜାର ନିଯୁକ୍ତି ଦେବାରେ ବିଫଳ। ରାଜ୍ୟରେ ନିଯୁକ୍ତିବିହୀନ ଶିଳ୍ପନୀତିକୁ ଆପଣାଇବା ଫଳରେ ରାଜ୍ୟର ୪୦ ଲକ୍ଷ ଯୁବକ ବେକାରୀର ଜ୍ୱାଳା ସହି ନ ପାରି ଦାଦନ, କୁଲି ହେଉଛନ୍ତି। ରାଜ୍ୟର ଯୁବକଙ୍କୁ ନିଯୁକ୍ତି ନ ଦେଇ ୧୦୦୦ ରୁ ୧୫ ଶହ ଟଙ୍କା ଦେଇ ବିଜୁ ଯୁବ ବାହିନୀରେ ଭର୍ତ୍ତି କରିଛନ୍ତି। ଯେଉଁମାନେ ଯୁବ ବାହିନୀର ଦ୍ୱାହିଦେଇ ଚୋରି, ଡକାୟତି, ଗୁଣ୍ଡାମି କରି ଚାଲିଛନ୍ତି। ରାଜ୍ୟରେ ୧ଲକ୍ଷ ୫୪ ହଜାର ପଦବୀ ଖାଲି ପଡିଛି। ସରକାର ତାକୁ ପୁରଣ କରିବାରେ ବିଫଳ। ସୁନ୍ଦରଗଡ ଜିଲାରେ ଖଣି, ଖାଦାନ, ଶିଳ୍ପ ଭରପୁର ଥିଲେ ସୁଦ୍ଧା ସେଥିରେ ଜିଲାର ଯୁବକଙ୍କୁ ନିଯୁକ୍ତି ନାହିଁ। ତେଣୁ ଏହି ସମ୍ମିଳନୀ ଜିଲାରେ ବନ୍ଦ ହୋଇ ରହିଥିବା ଖଣି, ଖାଦାନରେ ପୁନରୁର୍ଦ୍ଧାର ସହ ଯୁବକମାନଙ୍କୁ ନିଯୁକ୍ତି, ଜିଲାର କୋଇଡା ଅଞ୍ଚଳର ରାସ୍ତାର ଉନ୍ନତି ସହ ଶିକ୍ଷା, ସ୍ୱାସ୍ଥ୍ୟସେବା ଦାବିରେ ଲଗାତାର ଆନ୍ଦୋଳନ ଚଳାଇ ରଖିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଶେଷରେ ସମ୍ମିଳନୀରେ ଆହ୍ୱାନ ଦେଇଥିଲେ ଜିଲା ସଭାପତି ରାଜକିଶୋର ପ୍ରଧାନ। ସଙ୍ଗଠନର ଯୁବନେତା ସନ୍ତୋଷ ସିଂ ସଭାପତିତ୍ୱ କରିଥିଲେ। ଶ୍ରମିକ ନେତା ପ୍ରଭାତ ପଣ୍ଡା, ଜିଲା ପରିଷଦ ସଭ୍ୟ ଗୋପିନାଥ ମହାନ୍ତ ପ୍ରମୁଖ ସମ୍ମିଳନୀର ସଫଳତା କାମନା କରି ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ରବିବାରର ସମ୍ମିଳନୀ ଏକ ୧୯ ଜଣିଆ ବ୍ଲକ କମିଟିକୁ ନିର୍ବାଚତ କରିଥିଲେ। ଏଥିରେ ବ୍ଲକ ସଭାପତି ବାଦଲ ବାରିକ, ବ୍ଲକ ସମ୍ପାଦକ ପ୍ରଭାତ ପାତ୍ର, ଉପସଭାପତି ଡମ୍ବରୁଧର ଦେହୁରୀ, ଦୁଷ୍ମନ୍ତ ନାୟକ, ଯୁଗ୍ମ ସମ୍ପାଦକ ଦିବାକର ନାୟକ, ରଞ୍ଜିତ ରାମ, ମନୋଜ ପୂର୍ତ୍ତି ନିର୍ବାଚିତ ହୋଇଛନ୍ତି।




ଡିୱାଇଏଫ୍ଆଇର କୋଇଡା ବ୍ଲକ ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

### ଟ୍ରକ ଧକ୍କାରେ ପୁଅ ମୃତ, ବାପା ଗୁରୁତର

ଦେବବ୍ୟାସ, ୧୦।୧୧ (ଡି.ଏନ.ଏ)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା ଶିଳ୍ପାଞ୍ଚଳ ସ୍ଥିତ ଏକ କାରକାନା ନିକଟରେ ରବିବାର ସକାଳ ସାଢ଼େ ୮ଟା ବେଳେ ଏକ ଟ୍ରକ ଧକ୍କାରେ ବାଇକ ଆରୋହୀ ପୁଅ ମୃତ ହୋଇଯାଇଥିବା ବେଳେ ବାପା ଗୁରୁତର ହୋଇ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସାଧିନ ଅଛନ୍ତି । ମୃତ ବ୍ୟକ୍ତି ରାଉରକେଲା ଲେବର ଟୁର୍ନାମେଣ୍ଟ ଅଞ୍ଚଳର ସୁମନ ବିଶ୍ୱାଳ (୨୬)ବର୍ଷ ଜଣାପଡିଛି । ପ୍ରାପ୍ତସୂଚନାନୁଯାୟୀ ବାପା ଓ ପୁଅ ଦ୍ୱୟ କଲୁଙ୍ଗା ଶିଳ୍ପାଞ୍ଚଳ ସ୍ଥିତ ଏକ ଘରୋଇ କାରଖାନାରେ କାମ କରନ୍ତି । ରବିବାର କାମ କରିବା ପାଇଁ ଘରୁ ବାହାରି ନିଜ ମୋଟର ସାଇକେଲ ଯୋଗେ କଲୁଙ୍ଗା ଶିଳ୍ପାଞ୍ଚଳ ଆସୁଥିବା ବେଳେ ରିଲାଏବୁଲ କାରଖାନା ନିକଟରେ ଏକ ଟ୍ରକ ନଂ. ଓଡି ୧୪ ଏନ- ୬୬୭୫ ଧକ୍କା ଦେବା ଫଳରେ ବାପା ଓ ପୁଅ ଛିଟିକି ପଡି ଗୁରୁତର ଅବସ୍ଥାରେ ପଡିଥିଲେ। ଖବରପାଇ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଘଟଣାସ୍ଥଳକୁ ଯାଇ ସ୍ଥାନୀୟ ଲୋକଙ୍କ ସହାୟତାରେ ଦୁଇ ବାପା ଓ ପୁଅଙ୍କୁ ଆରଜିଏଚକୁ ନେଇଥିଲେ । ସେଠାରେ ଡାକ୍ତର ପୁଅ ସୁମନକୁ ମୃତ ଘୋଷଣା କଲାପରେ ତାଙ୍କର ମୃତ ଶରୀର ଆରଜିଏଚର ମର୍ଗ ହାଉସରେ ରଖାଯାଇଛି। ଟ୍ରକକୁ ପୋଲିସ ଜବତ କରିଛି । ଘଟଣାଟ୍ରକ ଚାଳକ ଫେରାର ଥିବା ପ୍ରକାଶ।

■ ପଶ୍ଚିମ ଓଡ଼ିଶା ଅଧ୍ୟକ୍ଷଙ୍କ ଦିନିକିଆ ସୁନ୍ଦରଗଡ଼ ଗସ୍ତ

# ବରିଷ୍ଠ ନାଗରିକ ସମାଜର ମାର୍ଗଦର୍ଶକ

ସୁନ୍ଦରଗଡ଼,୧୦।୧୧ (ଡି.ଏନ୍.ଏ)

ବରିଷ୍ଠ ନାଗରିକମାନେ ହେଉଛନ୍ତି ସମାଜର ମାର୍ଗଦର୍ଶକ। ସେମାନଙ୍କର ବଳିଷ୍ଠ, ଅନୁଭୂତି ସମ୍ପନ୍ନ ଚିନ୍ତାଶକ୍ତି ସମାଜର ବିକାଶରେ ସହାୟକ ହେବ ବୋଲି ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାସ ଚୌହାନ କହିଛନ୍ତି। ରବିବାର ଦିନିକିଆ ସୁନ୍ଦରଗଡ ଗସ୍ତରେ ଆସି ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟ ପରିସରରେ ନବନିର୍ମିତ ଗୃହର ଉଦ୍‌ଘାଟନ ଅବସରରେ ଆୟୋଜିତ ସଭାରେ ଚୌହାନ ମତପ୍ରକାଶ କରିଛନ୍ତି। ସେ କହିଥିଲେ ଯେ, ବରିଷ୍ଠ ନାଗରିକ ହେଉଛନ୍ତି ପରିବାରର ମୂଳପିଣ୍ଡ। କିନ୍ତୁ ବର୍ତ୍ତମାନର ପରିବର୍ତ୍ତିତ ସମାଜ ବ୍ୟବସ୍ଥାରେ ଅନେକଙ୍କୁ ନିଃସଙ୍ଗ ଜୀବନ ବିତାଇବାକୁ ପଡୁଛି। ତେଣୁ ସମାଜ ଓ ପରିବାରରେ ସେମାନଙ୍କୁ ଉପଯୁକ୍ତ ସ୍ନେହ, ଶ୍ରଦ୍ଧା ଓ ସମ୍ମାନ ଜଣାଇ ତାଙ୍କର ମାର୍ଗଦର୍ଶନରେ ପରିଚାଳିତ ହେବାର ଆବଶ୍ୟକତା ସମ୍ପର୍କରେ ସେ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ ନାଗରିକ ସଂଘର ସଭାପତି ଡ. ହିମାଂଶୁ ଶେଖର ଗୁରୁ ସଭାରେ ଅଧ୍ୟକ୍ଷତା କରି ସଂଘ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ସଂଘର ସଭ୍ୟମାନଙ୍କ ତରଫରୁ ଅଧ୍ୟକ୍ଷଙ୍କ ଦ୍ୱାରା କମ୍ବଳ ବଣ୍ଟନ କରାଯାଇଥିଲା। ପ୍ରାରମ୍ଭରେ ସଂଘ ତରଫରୁ ଅଧ୍ୟକ୍ଷଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ପରିଶେଷରେ ସଂଘର ସମ୍ପାଦକ ସମୀର କୁମାର କର ଧନ୍ୟବାଦ ଦେଇଥିଲେ।




ବରିଷ୍ଠ ନାଗରିକଙ୍କ ସହ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାସ ଚୌହାନ।

### ବୃଦ୍ଧଙ୍କୁ ହତ୍ୟା ଘଟଣା

### ଅଭିଯୁକ୍ତ ଗିରଫ, କୋର୍ଟ ଚାଲାଣ

ବେଦବ୍ୟାସ, ୧୦।୧୧ (ଡି.ଏନ.ଏ)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଡୁମରନ ନିକଟସ୍ଥ ବିରୁଆଲର ଚୁଙ୍ଗିଟୋଲାରେ ଶନିବାର ଅପରାହ୍ନ ସାଢ଼େ ୭ଟା ବେଳେ ଚୁଙ୍ଗିଟୋଲା ନିବାସୀ ଏତୁଆ କୁମ୍ଭାର (୬୫)ଙ୍କୁ ଧାରୁଆଅସ୍ତ୍ର (ଡାବୁଲି) ଦ୍ୱାରା ନିର୍ମମ ଭାବେ ଗଳାରେ ହାଣି ହତ୍ୟା କରାଯାଇଥିଲା। ଏହି ଘଟଣାରେ ସେହି ଗ୍ରାମର ହତ୍ୟାକାରୀ ଅଭିଯୁକ୍ତ ମୁରଲୁ କୁମ୍ଭାର (୩୦)ଙ୍କୁ ରବିବାର ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂଚନାନୁଯାୟୀ ଏତୁଆ ତାଙ୍କ ବାସଗୃହରେ ଏକୁଟିଆ ଥିବାବେଳେ ଅଭିଯୁକ୍ତ ମୁରଲୁ କୁମ୍ଭାର ଖାଇବା ଓ ପିଇବା ଲୋଭ ଦେଖାଇ ଡାକିଥିଲେ। ଏତୁଆ ବାହାରି ଆସୁଥିବା ବେଳେ ତାଙ୍କର ହାତରେ ଧରିଥିବା ଡାବୁଲି (ଧାରୁଆଅସ୍ତ୍ର) ଦ୍ୱାରା ଏତୁଆଙ୍କ ପଛ ପାର୍ଶ୍ୱ ଗଳାରେ ଚୋଟ ମାରିଥିଲେ। ଖବରପାଇ ବ୍ରାହ୍ମଣୀତରଙ୍ଗ ଥାନା ଅଧିକାରୀ ସଂଗ୍ରାମ ବିଶ୍ୱାଳ, ଏସଆଇ ବିକାଶ କଲେଟ, କଲୁଙ୍ଗା ଫାଣ୍ଡି ଅଧିକାରୀ ସୁବ୍ରତ ପଣ୍ଡା, ଏଏସଆଇ କିଶୋର କୁମାର ମହାକୁଡ ପ୍ରମୁଖ ସଦଳବଳେ ଘଟଣା ସ୍ଥଳକୁ ଯାଇ ଏତୁଆଙ୍କ ମୃତ ଶରୀରକୁ ଜବତ କରି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ । ରବିବାର ଏତୁଆଙ୍କ ଶବ ବ୍ୟବଚ୍ଛେଦ କଲା ପରେ ଘର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

# ଟିଆରବି ମାଇନ୍ସରେ ରକ୍ତଦାନ ଶିବିର




ଟିଆରବି ଖଣି ତରଫରୁ ଟେନ୍ସାଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର।

ଟେନ୍ସା, ୧୦।୧୧ (ଡି.ଏନ.ଏ)

ଜନସାଧାରଣଙ୍କ ମଧ୍ୟରେ ରକ୍ତଦାନ ଭଳି ମହତ କାର୍ଯ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡର ଟିଆରବି ଖଣି ତରଫରୁ ଟେନ୍ସାଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କମ୍ପାନୀର କର୍ମଚାରୀ, ମହିଳା ଏବଂ କାର୍ଯ୍ୟରତ ଶ୍ରମିକମାନେ ରକ୍ତଦାନ କରିଥିଲେ। ସର୍ବମୋଟ ୩୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ ଉଦ୍‌ଘାଟନ କରି ଟିଆରବି ଖଣି ମୁଖ୍ୟ ପ୍ରମୋଦ କୁମାର ପାତ୍ର କହିଲେ, ରକ୍ତଦାନ ହେଉଛି ଜନସମାଜକୁ ସବୁଠାରୁ ବଡ ଦାନ। ଯାହାଦ୍ୱାରା ଏକ ମୂଲ୍ୟବାନ ଜୀବନକୁ ବଞ୍ଚାଯାଇ ପାରେ। ପୃଥିବୀରେ ପ୍ରତ୍ୟେକ ଦିନ ଶହ ଶହ ଲୋକ ରକ୍ତବିନା ମୃତ୍ୟୁବରଣ କରୁଛନ୍ତି। ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଆମେ ସମସ୍ତେ ଆଗେଇ ଆସି ରକ୍ତଦାନ କରିବା ଉଚିତ। ଏହି କାର୍ଯ୍ୟକ୍ରମରେ ଟେନ୍ସା ସରପଞ୍ଚ ଅନିତା ପୂର୍ତ୍ତି ଏବଂ ପୂର୍ବତନ ସରପଞ୍ଚ ପ୍ରମିଳା ନାଏକ ଉପସ୍ଥିତ ଥିଲେ। ରେଡକ୍ରସ ସଂସ୍ଥାର ଡା. ଅନିରୁଦ୍ଧ ବେହେରା ଏହି ଅବସରରେ କହିଲେ, ଖଣି ପ୍ରଭାବିତ ଅଞ୍ଚଳଗୁଡିକର ଶିକ୍ଷାର ଅଭାବ ଯୋଗୁ ରକ୍ତଦାନ ବିଷୟରେ ସଚେତନତା ନାହିଁ। ଏହି ଅଞ୍ଚଳ ଗୁଡିକରେ ରକ୍ତହୀନତାର ଘୋର ଅଭାବ ଦେଖାଯାଉଥିବାରୁ ଆମ ସମସ୍ତଙ୍କୁ ଏଥିପାଇଁ ବଡ ପଦକ୍ଷେପ ନେବାର ସମୟ ଆସିଛି ବୋଲି କହିଥିଲେ ।

# ଲେଫ୍ରିପଡାରେ ମହମ୍ମଦ ଜୟନ୍ତୀ ପାଳିତ



ଲେଫ୍ରିପଡାଠାରେ ମହମ୍ମଦ ଜୟନ୍ତୀରେ ଶୋଭାଯାତ୍ରା।

ବଡଗାଁ/ଲେଫ୍ରିପଡା,୧୦।୧୧ (ଡି.ଏନ.ଏ)

ବଡଗାଁ ଓ ଲେଫ୍ରିପଡାଠାରେ ମୁସଲମାନ ସମ୍ପ୍ରଦାୟର ଜନସାଧାରଣ ପକ୍ଷରୁ ମହମ୍ମଦ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଲେଫ୍ରିପଡ଼ାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁସଲମାନ ସମ୍ପ୍ରଦାୟର ଆବାଳ ବୃଦ୍ଧ ବନିତା ସ୍ଥାନୀୟ ମସଜିଦ୍‌ଠାରୁ ମହମ୍ମଦଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ସଙ୍ଗୀତ ଗାନ କରି ଗ୍ରାମ ପରିକ୍ରମା କରିଥିଲେ। ପରେ ମସଜିଦ୍ ଠାରେ ଏକତ୍ରିତ ହୋଇ ପ୍ରାର୍ଥନା ସଭା କରାଯାଇଥିଲା। ମହମ୍ମଦ ଜୟନ୍ତୀ ଉପଲକ୍ଷେ ମସଜିଦ୍ କମିଟି ପକ୍ଷରୁ ସମସ୍ତ ପଥଚାରୀ ଏବଂ ସ୍ଥାନୀୟ ଜନସାଧାରଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ମଞ୍ଜୁର ଖାନ, ନାଶିମଉଦ୍ଦିନ, ରିଆଜ୍‌ଉଦ୍ଦିନ, ସାହାଜାଦ୍ ଉଦ୍ଦିନ, ନବସାଦ୍ ଖାନ ପ୍ରମୁଖ ମସଜିଦ୍ କମିଟିର କର୍ମକର୍ତ୍ତା ଏବଂ ମୁସଲମାନ ସମ୍ପ୍ରଦାୟର ଜନସାଧାରଣ ଭାଗ ନେଇଥିଲେ। ବଡଗାଁରେ ପୂର୍ବାହ୍ନରେ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଛି। ସକାଳେ ମସଜିଦରେ କୋରାନ ପାଠ ଓ ସଲାମ କଲାପରେ ଜୁଲୁସ (ଶୋଭାଯାତ୍ରା) ଗ୍ରାମ ପରିକ୍ରମା କରାଯାଇଥିଲା । ଜାତୀୟ ପତାକା ସହିତ ଇସଲାମିକ ପତାକା ସହ ଶୋଭାଯାତ୍ରା ମସଜିଦକୁ ଫେରିବା ପରେ ଆଶୀର୍ବାଦ ଭିକ୍ଷା କରିଥିଲେ ଶ୍ରଦ୍ଧାଳୁ । ଏହାପରେ ମହମ୍ମଦଙ୍କ ଉପରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମସଜିଦର ଇମାମ ମହମ୍ମଦ ହୁସେନ, ଆବୁ ମହମ୍ମଦ, ହାଜି ନିସାର ଅହମ୍ମଦ, ମୁମ୍‌ତାଜ, ଅବଦୁଲ ହମିଦ, ମୌଲାନା ମହମ୍ମଦ ଅକ୍ତର, ଜ୍ୟାଭଲ ହକ୍, ହଫିଜ୍ ମହମ୍ମଦ, ଶେର ମହମ୍ମଦ, ଅଜହ୍ମୁଦିନ ପ୍ରମୁଖ ଯୋଗଦେଇଥିଲେ ।

■ ରାଇକେଲା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ଏକତାକୁ ହରାଇ ଡେଙ୍ଗୁଲା ଚାମ୍ପିୟନ

ଟେନ୍ସା, ୧୦।୧୧ (ଡି.ଏନ.ଏ)

କୋଇଡା ବ୍ଲକର ଡେଙ୍ଗୁଲା ଗ୍ରାମ ପଞ୍ଚାୟତରେ ଥିବା ରାଇକେଲା ମିନି ଷ୍ଟାଡିୟମଠାରେ ରାଇକେଲା ସ୍ପୋର୍ଟିଂ କ୍ଲବ ତରଫରୁ ୨ୟ ନକ୍ଆଉଟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ସମାଜସେବୀ ସୁଦର୍ଶନ ପାତ୍ରଙ୍କ ଆୟୋଜିତ ଏହି ଖେଳ ୨ ଦିନ ଧରି ଚାଲିଥିଲା । ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ଗୀତାରାଣୀ ଖଣିର ମୁଖ୍ୟ ପରିଚାଳକ ବିବି ସାହୁ ଯୋଗଦେଇ ପାରମ୍ପାରିକ ଭାବେ ସ୍ପୋର୍ଟିଂ କ୍ଲବର ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏନି ଖଣି ମ୍ୟାନେଜର ଏସ.କେ ପ୍ରଧାନ ଯୋଗଦେଇ ଟୁର୍ନାମେଣ୍ଟକୁ ଶୁଭାରମ୍ଭ କରିଥିଲେ । ଶେଷ ଫାଇନାଲ ମ୍ୟାଚର ମୁଖ୍ୟଅତିଥି ବରସୁଆଁ ଖଣି ମୁଖ୍ୟ ପରିଚାଳକ ଏ.କେ ସିହ୍ନା ଯୋଗଦେଇ ଟୁର୍ନାମେଣ୍ଟକୁ ଆରମ୍ଭ କରିଥିଲେ। ଶେଷ ଫାଇନାଲ ମ୍ୟାଚ ଏକତା କୋଇଡା ଓ ରାକେଶ କୋଚ ଡେଙ୍ଗୁଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପେନାଲିଟି ୯/୭ଗୋଲରେ ଡେ଼ଙ୍ଗୁଲା ଦଳ ଚାମ୍ପିୟନ ହୋଇଥିଲା । ଚାମ୍ପିୟନ ହୋଇଥିବା ରାକେଶ କୋଚ ଡେଙ୍ଗୁଲା ଦଳକୁ ଟ୍ରଫି ସମେତ ୩୦ ହଜାର ଟଙ୍କାର ଚେକ ଓ ରନର୍ସଅପ୍ ଦଳକୁ ୨୫ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା। ଖେଳର ମୁଖ୍ୟ ଆକର୍ଷଣ ଥିଲା ମହିଳା ଫୁଟବଲ ଟୁର୍ନାମେଣ୍ଟ । ମହିଳା ଦଳ ରାଉରକେଲା ସହିତ ତ୍ରିବେଣୀ ଏକାଡେମୀ ମଧ୍ୟରେ ହୋଇଥିଲା । ଏଥିରେ ୧–୦ ଗୋଲରେ ତ୍ରିବେଣୀ ବିଜୟ ହୋଇଥିଲା । ସେହିଭଳି ବେଷ୍ଟ କୋରର ବେଷ୍ଟ ଡିଫେଣ୍ଡର ଓ ବେଷ୍ଟ ଗୋଲକିପରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ମୁଖ୍ୟଅତିଥି ବରସୁଆଁ ଖଣିର ମୁଖ୍ୟ ପରିଚାଳକ ଏ.କେ ସିହ୍ନା, ସମ୍ମାନିତ ଅତିଥି ଭାବେ ଜିନ୍ଦଲ ଖଣିର ଏଭିପି ପ୍ରମୋଦ କୁମାର ପାତ୍ର, ଅନ୍ୟ ଅତିଥି ଭାବେ ବରସୁଆଁ ଖଣି ପ୍ରଶାସନ ବିଭାଗର ଜେ.ପି ମିଶ୍ର, ପୂର୍ବତନ ଡେଙ୍ଗୁଳା ସରପଞ୍ଚ ମଣିକର ନାଏକ, ଜିନ୍ଦଲ ଖଣିର ଏସପି ବିସୁଆଲ, ସୁଦାମ ମହାକୁଡ, କ୍ଲବର ସଭାପତି ଜୟଦେବ ଦେହୁରୀ, ସମ୍ପାଦକ ପ୍ରଦୀପ ନାଏକ, କ୍ୟାଶିୟର ଶୁଶୀଲ ଦେହୁରୀ ଓ ସମାଜସେବୀ ସୁଦର୍ଶନ ପାତ୍ର ଯୋଗଦେଇଥିଲେ।



ରାଇକେଲା ଫୁଟବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ

## ସଂକ୍ଷେପରେ

### ଦେହରେ କିରୋସିନ ଢାଳି ଯୁବକ ଗୁରୁତର

**ରାଉରକେଲା ଅଫିସ, ୧୦।୧୧-** ସେକ୍ଟର ୬ ତାରାତାରିଣୀ ପାଲାର ଜଣେ ଯୁବକ ରବିବାର ଦେହରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ହୋଇଛନ୍ତି। ତାଙ୍କ ନାଁ ବଳରାମ ଗୋଚ୍ଛାୟତ(୩୪)। ଗୁରୁତର ଅବସ୍ଥାରେ ବଳରାମଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ)ରେ ଭର୍ତ୍ତି କରାଯାଇଛି। ସୂଚନାନୁସାରେ କୌଣସି କାରଣରୁ ରବିବାର ଅପରାହ୍ନରେ ବଳରାମ ନିଜ ଘର ଭିତରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ଆର୍‌ଜିଏଚରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଉଛି।

### କ୍ରିୟାଯୋଗ ଧ୍ୟାନ କେନ୍ଦ୍ର ବାର୍ଷିକୋତ୍ସବ ଉଦ୍‌ଯାପିତ

**ରାଉରକେଲା ଅଫିସ,୧୦।୧୧-** ଜଗଦାଠାରେ ଥିବା କ୍ରିୟାଯୋଗ ଧ୍ୟାନ କେନ୍ଦ୍ର ପକ୍ଷରୁ ଏହାର ଦୁଇ ଦିନିଆ ୩୬ତମ ବାର୍ଷିକୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଦୁଇ ଦିନିଆ କାର୍ଯ୍ୟକ୍ରମରେ କ୍ରିୟାଯୋଗର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଥିଲା। ପରମହଂସ ଆତ୍ମାନନ୍ଦଜୀ ଏଥିରେ ଯୋଗଦେଇ ମାର୍ଗଦର୍ଶନ କରାଇଥିଲେ। ପ୍ରଥମ ଦିନ ପ୍ରଭାତରୁ ମଙ୍ଗଳ ଆଳତୀ, ବାଟମଙ୍ଗଳା, ହନୁମାନ, ତ୍ରିଶୂଳ ଓ ଗୁରୁ ପୂଜନ ଆଦି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଭାଗ ନେଇଥିଲେ। ସନ୍ଧ୍ୟାରେ ଦୀପଯଜ୍ଞ କାର୍ଯ୍ୟକ୍ରମ ବିଧି ବିଧାନରେ ସମାପନ କରାଯାଇଥିଲା। ଏହାକୁ ସତ୍ୟବାନ ପୁରୋହିତ ଓ ବିଜୟ ହୋତା ପରିଚାଳନା କରିଥିଲେ। ରବିବାର ସକାଳ ୬ଟାରୁ ଧ୍ୟାନ ଧାରଣାଦି କାର୍ଯ୍ୟକ୍ରମ ଶେଷ ପରେ ବାର୍ଷିକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏହା ପରେ ମାଗଣା ସ୍ୱାସ୍ଥ୍ୟ ଶିବିର ହୋଇଥିଲା। ଆୟୋଜିତ କ୍ରିୟାଯୋଗ ଆଲୋଚନାରେ ପରମହଂସ ଆତ୍ମାନନ୍ଦଜୀ କିପରି ନିରୋଗ ଜୀବନ ଅତିବାହିତ କରାଯାଇ ପାରିବାନେଇ ଆଲୋକପାତ କରିଥିଲେ। ଯୋଗାଚାର୍ଯ୍ୟ ବେଣୁଧର ତ୍ରିପାଠୀ ଉପସ୍ଥିତ ଥିଲେ।

# ୧୪୩ ନଂ ଜାତୀୟ ରାଜପଥ ଦୁର୍ଘଟଣା ପ୍ରବଣ

## ■ ଫ୍ଲାଇ ଓଭର ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ଏମ୍‌ପି ଜୁଏଲଙ୍କ ଜରୁରୀ ଚିଠି

**ରାଉରକେଲା**
- ଜଳଦା ନିକଟ ରଙ୍ଗିଲା ଛକ ଓ 'ସି' ବ୍ଲକ ଛକରେ ଫ୍ଲାଇ ଓଭର ନିର୍ମାଣ ଦାବି
- ଅର୍ଥ ବ୍ୟୟ କରାଇ ଏହାକୁ ସାକାର ରୂପ ଦିଆଯାଇପାରିବ ବୋଲି ଓରାମ ନିଜ ଚିଠିରେ ଉଲ୍ଲେଖ

**ରାଉରକେଲା ଅଫିସ, ୧୦।୧୧**

ଜାତୀୟ ରାଜପଥ ୧୪୩ ନଂ. ଅନ୍ତର୍ଗତ ଜଳଦା ନିକଟ ରଙ୍ଗିଲା ଛକ ଓ 'ସି' ବ୍ଲକ ଛକରେ ଫ୍ଲାଇ ଓଭର ନିର୍ମାଣ ଦାବି କରିଛନ୍ତି ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ। ଏ ନେଇ ସେ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କୁ ଚିଠି ଲେଖି ଏହାର ଆବଶ୍ୟକତା ସମ୍ପର୍କରେ ବୁଝାଇଛନ୍ତି। ମନ୍ତ୍ରୀଙ୍କୁ ପ୍ରଦାନ କରିଥିବା ଚିଠିରେ ଏମ୍‌ପି ଓରାମ କହିଛନ୍ତି ଯେ, ୧୪୩ନଂ. ଜାତୀୟ ରାଜପଥ ଅନ୍ତର୍ଗତ ଏହି ଦୁଇଟି ସ୍ଥାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ଅଞ୍ଚଳଟି ଆଜିକାଲି ଦୁର୍ଘଟଣା ପ୍ରବଣ ଅଞ୍ଚଳ ଭାବେ ଲୋକଙ୍କ ମନରେ ଭୟ ସଞ୍ଚାର କରିଛି। ଏଠାରେ ରାସ୍ତା ଅତିକ୍ରମ ବେଳେ ବିଭିନ୍ନ ସମୟରେ ବାରମ୍ବାର ଦୁର୍ଘଟଣା ଘଟି ଜୀବନ ହାନି ହେବାରେ ଲାଗିଛି। ଗତ କିଛି ଦିନ ମଧ୍ୟରେ ଏଭଳି ଏକାଧିକ ଘଟଣା ଘଟିଯାଇଛି। ସମ୍ପ୍ରତି ୧୪୩ନଂ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି।

ଏହା ଶେଷ ହେବା ବେଳକୁ ଉପରୋକ୍ତ ଦୁଇଟି ଛକ ଅତ୍ୟନ୍ତ ବିପଦସଙ୍କୁଳ ହୋଇପଡିବ। ନିକଟସ୍ଥ ଜଳଦା ପଞ୍ଚାୟତବାସୀ ୧୪୩ନଂ. ରାଜପଥ ଅତିକ୍ରମ କଲେ ଯାଇ ଫର୍ଟିଲାଇଜର ଟାଉନସିପକୁ ଆସି ପାରିବେ। ଏପରି ଅବସ୍ଥାରେ ନୂତନ ୪ ଥାକିଆ ରାସ୍ତା ପାର ହେବା ସମସ୍ୟା ସୃଷ୍ଟି କରିବ। ଏଣୁ ରାସ୍ତା ସମ୍ପ୍ରସାରଣ ସହ ଏହି ଉଭୟ ସ୍ଥାନରେ ଫ୍ଲାଇ ଓଭର ନିର୍ମାଣର ଆବଶ୍ୟକତା ଉପରେ ଓରାମ ଜୋର ଦେଇଛନ୍ତି। ଏହା ଦ୍ୱାରା ଦକ୍ଷିଣ ରାଉରକେଲାବାସୀ ବହୁଳ ଭାବେ ଉପକୃତ ହେବେ ବୋଲି ସେ ଯୁକ୍ତି ଦର୍ଶାଇଛନ୍ତି। ୧୪୩ ନଂ. ଜାତୀୟ ରାଜପଥ ଉପରେ ଭାରିଯାନ ସଂଖ୍ୟା ଦ୍ରୁତ ଗତିରେ ବଢିବାରେ ଲାଗିଛି। ଆଗକୁ ଏହା ଆହୁରି ଅଣାୟତ ପରିସ୍ଥିତି ସୃଷ୍ଟି କରିବ। ଏଣୁ ସ୍ମାର୍ଟ ସିଟି ଯୋଜନାରେ ଏହାକୁ ଅନ୍ତର୍ଭୁକ୍ତ କରି ଫ୍ଲାଇ ଓଭର ନେଇ ତ୍ୱରିତ ପଦକ୍ଷେପ ନେବାକୁ ଓରାମ ନିଜ ପତ୍ରରେ ଦାବି କରିଛନ୍ତି। ଏଥି ନିମନ୍ତେ ଅର୍ଥ ବ୍ୟୟ କରାଇ ଏହାକୁ ସାକାର ରୂପ ଦିଆଯାଇପାରିବ ବୋଲି ଓରାମ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି।



ଗୁଣ୍ଡୁଚି ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଉଛି।

# ଗୁଣ୍ଡୁଚି ପକ୍ଷରୁ ସହାୟତା

**ରାଉରକେଲା ଅଫିସ,୧୦।୧୧**

ଅନ୍ୟତମ ସେବାଧର୍ମୀ ଅନୁଷ୍ଠାନ ଗୁଣ୍ଡୁଚି ପକ୍ଷରୁ ବାସନ୍ତୀ କଲୋନୀ ବାସିନ୍ଦା ପିୟୁଷକାନ୍ତି ପାଲ(୪୨)ଙ୍କୁ ୮ ହଜାରର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ପାଲ ଦୀର୍ଘ ଦିନ ଧରି କୀଡନି ରୋଗରେ ଆକ୍ରାନ୍ତ ହୋଇ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ରହିଛନ୍ତି। ଏଥିରେ ଅର୍ଥ ବାଧକ ସାଜିବାରୁ ସେ ଗୁଣ୍ଡୁଚି ପାଖରେ ଆର୍ଥିକ ସହାୟତା ନିମନ୍ତେ ଆବେଦନ କରିଥିଲେ। ତାଙ୍କ ଅବସ୍ଥାକୁ ହୃଦୟଙ୍ଗମ କରି ଅନୁଷ୍ଠାନ ତାର ସାଧ୍ୟମତେ ଏହି ଅର୍ଥ ରାଶି ପ୍ରଦାନ କରିଛି। ଏହାକୁ ଚେକ ଆକାରରେ ତାଙ୍କ ମା କେତକୀ ପାଲଙ୍କୁ ପ୍ରଦାନ କରାଯାଇଥିବା ସଙ୍ଗଠନ ପକ୍ଷରୁ କୁହାଯାଇଛି। ଏହି ଚେକ ପ୍ରଦାନ ବେଳେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଭଗବାନ ରାଉତ, ଯଯାତୀ ଦାସ, ଯୁଧିଷ୍ଠିର ପଣ୍ଡିତ, ବ୍ରଜକିଶୋର କାନୁନଗୋ, କାଳୀଚରଣ ପରିଡା, ସୁବାଶ ସାମଲ, ରାଧାକୃଷ୍ଣ ମିଶ୍ର, ପୂର୍ଣ୍ଣ ପଲାଇ ଓ କୁଞ୍ଜବିହାରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ମହମ୍ମଦଙ୍କ ଜନ୍ମ ଦିବସ ଧୁମ୍‌ଧାମରେ ପାଳିତ

**ରାଉରକେଲା ଅଫିସ, ୧୦।୧୧**

ଷ୍ଟିଲ ସିଟିରେ ମହାପୁରୁଷ ମହମ୍ମଦଙ୍କ ଜନ୍ମ ଦିବସ ଧୁମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ପାନପୋଷ ମସଜିଦ ଓ ମଦରାସା ଠାରୁ ଏକ ଶୋଭାଯାତ୍ରା ବାହାର କରାଯାଇଥିଲା। ପାନପୋଷ ଛକ ଅଟୋ ଆସୋସିଏଶନ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ଫଳ, ବିସ୍କୁଟ ଓ ଶୁଦ୍ଧ ପାନୀୟ ଜଳ ବଣ୍ଟନ କରାଯାଇଥିଲା। ସଂଘ ପକ୍ଷରୁ ବାବଲୁ ଖାନ, ଏମଡି ସବିରଙ୍କ ସମେତ ସଙ୍ଗଠନ ଉପଦେଷ୍ଟା ଆଇନଜିବୀ ରମେଶ ବଳ, ସମ୍ପାଦକ ସୁଧିର ଜେନା, ଅରୁଣ କୁନ୍ଦ୍ରା ଓ ସରୋଜ ପତିଙ୍କ ସମେତ ରବୀନ୍ଦ୍ର ଗୁପ୍ତା, ବିନୟ ଶୁକ୍ଳ. ବି.କେ ସିଂ, ରାଜେନ୍ଦ୍ର ଜୈସ୍ୱାଲ, ଓମକାର ସିଂ, ନିରୋଜ ପ୍ରଧାନ, ବିଜୟ ସାହୁ, ଜିତେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ମୁସଲିମ ଭାଇମାନଙ୍କୁ ସ୍ୱାଗତ କରି ଅଭିନନ୍ଦନ ଜଣାଇ ଥିଲେ। ଏହି ଅବସରରେ ନାଲା ରୋଡ ଅଞ୍ଚଳରୁ ମଧ୍ୟ ଏକ ଭବ୍ୟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏଥିରେ ବିଭିନ୍ନ ଦଳର ରାଜନେତା ପହଞ୍ଚି ଶୁଭକାମନା, ଅଭିନନ୍ଦନ ଜଣାଇବା ସହ ଭାଇଚାରାର ବାର୍ତ୍ତା ପ୍ରଦାନ କରିଥିଲେ।



ମହମ୍ମଦଙ୍କ ଜନ୍ମ ଦିବସ ଶୋଭାଯାତ୍ରାରେ କଂଗ୍ରେସ ନେତା ସାମିଲ ହୋଇଛନ୍ତି।

## ଫଟୋରେ ଖବର



ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡାରେ ରବିବାର ପୂର୍ବାହ୍ନରେ ମହମ୍ମଦଙ୍କ ଜୟନ୍ତୀ ପାଳିତ ସହ ସକାଳେ ମସଜିଦରେ କୋରାନ ପାଠ ଓ ସଲାମ କଲାପରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା ।

# ସବ୍‌ଡେଗା ଆଞ୍ଚଳିକ କଲେଜର ରୌପ୍ୟଜୟନ୍ତୀ ପାଳିତ

**ସବ୍‌ଡେଗା, ୧୦।୧୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ସବ୍‌ଡେଗା ଆଞ୍ଚଳିକ କଲେଜ ୨୫ ବର୍ଷ ପୂର୍ତ୍ତିରେ ଦୁଇଦିନ ଧରି ରୌପ୍ୟ ଜୟନ୍ତୀ ପାଳନ କରିଛି । ରୌପ୍ୟ ଜୟନ୍ତୀରେ ଏହି କଲେଜରେ ପାଠପଢ଼ି ଦୂର ଦୂରାନ୍ତକୁ ଚାଲିଯାଇଥିବା ପୁରାତନ ଛାତ୍ରୀଛାତ୍ରଙ୍କୁ ଏକତ୍ରିତ କରିପାରିଥିବାରୁ ଏହା କଲେଜ ପ୍ରତି ଅତି ଗର୍ବର ବିଷୟ। ଶନିବାର ସକାଳ ୯ଟାରେ ଉଦ୍‌ଘାଟନ କରାଯାଇଥିଲା । ଏହି ରୌପ୍ୟ ଜୟନ୍ତୀ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସୁନ୍ଦରଗଡ ଜିଲାପାଳ ନିଖିଳ ପଓ୍ୱନ କଲ୍ୟାଣ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ସବ୍‌ଡେଗା ବ୍ଲକ ଅଧ୍ୟକ୍ଷ ମନୋଜ ବାରୁଆ ଏବଂ ଡେପୁଟି ସେକ୍ରେଟାରୀ ଉତ୍ତମ କୁମାର ପ୍ରଧାନ ସିଏଚଏସଇ ଜୋନ ଅଫିସ ସମ୍ବଲପୁର ଯୋଗଦେଇଥିଲେ। ମୁଖ୍ୟଅତିଥି ଦୀପ ପ୍ରଜ୍ଜଳନ କରି ରୌପ୍ୟ ଜୟନ୍ତୀ ସମାରୋହକୁ ଉଦ୍‌ଘାଟନ କରିଥିଲେ। କଲେଜର ସଭାପତି ଦୁଷ୍ମନ୍ତ କୁମାର ନାଏକ ସବୁ ସମୟରେ ଉପସ୍ଥିତ ଥିଲେ। ତାଙ୍କ ସାଙ୍ଗରେ ରଣଜିତ ଭିତ୍ରିଆ କଲେଜର ସେକ୍ରେଟାରୀ ଓ ଗ୍ରାମର ଅନେକ ଯୁବକ ତାଙ୍କୁ ସହଯୋଗ କରୁଥିଲେ। ଜିଲାପାଳ ତାଙ୍କ ବକ୍ତବ୍ୟରେ ଶିକ୍ଷା ବିଷୟରେ ମାର୍ଗ ଦର୍ଶନ କରିଥିଲେ। ଅପରାହ୍ନ ୩ଟାରେ କଲେଜର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ଏବଂ ନାଟକ ମଧ୍ୟ ପରିବେଷଣ କରିଥିଲେ । ଯେଉଁଥିରେ ମୋବାଇଲ ଦ୍ୱାରା କଥାକହି ଗାଡ଼ି ଚଳାନ୍ତୁ ନାହିଁ । କାରଣ କେତେବେଳେ ବି ଦୁର୍ଘଟଣା ଘଟିବାରେ ବୋଲି ବାର୍ତ୍ତା ଦେଇଥିଲେ। ସନ୍ଧ୍ୟା ୬ଟାରୁ ୯ଟା ପର୍ଯ୍ୟନ୍ତ ମେଲୋଡି ପ୍ରୋଗ୍ରାମ ଅନୁଷ୍ଠିତ ହୋଇଥିଲା । ରବିବାର ଉଦଯାପନି ଉତ୍ସବରେ ମୁଖ୍ୟଅତିଥି ଭାବେ ହେମାନନ୍ଦ ବିଶ୍ୱାଳ, ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଶାନ, ସୁବାଶ ଚୌହାନ ଡବ୍ଲୁଓଡିସି ଅଧ୍ୟକ୍ଷ, ଏସଡିସି ଅଧ୍ୟକ୍ଷ ବିନୟ ଟପ୍ପୋ, ତଳସରା ବିଧାୟକ ଭବାନୀଶଙ୍କର ଭୋଇ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଅପରାହ୍ନ ୩ଟାରେ ସୁନ୍ଦରଗଡ ପୋଲିସ ତରଫରୁ ସବଡେଗା ତଳସରା ପୋଲିସ ମିଳିତ ଚେଷ୍ଟାରେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ସଡକ ସୁରକ୍ଷା ଉପରେ ଏକ ନାଟକ ପରିବେଷଣ କରିଥିଲେ । ଯେଉଁଥିରେ ବାଇକ ଚଳାଇଲା ବେଳେ ହେଲମେଟ ଓ କାର ଚଳାଇଲା ବେଳେ ସିଟ ବେଲ୍ଟ ବ୍ୟବହାର ପାଇଁ ଲୋକଙ୍କୁ ସଚେତନ କରାଇଥିଲେ । ପୁଣି କଲେଜ ଛାତ୍ରୀଛାତ୍ରଙ୍କର ନୃତ୍ୟ, ନାଟକ ପରିବେଷଣ କରାଯାଇଥିଲା । ଶେଷରେ ସମ୍ବଲପୁରୀ ମେଲୋଡି ଆୟୋଜନ କରାଯାଇଥିଲା । ମନୋଜ ପଟେଲ, ସୁଶିଲ ଶତପଥି, ଅନନ୍ତ ପଟେଲ ସହ ଅନେକ ଗ୍ରାମବାସୀ ଯୁବକଙ୍କର ସହଯୋଗଥିଲା ।

### ବରଗାଁ ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

**ନୂଆପଡ଼ା ଅଫିସ,୧୦।୧୧**

ନୂଆପଡ଼ା ଜିଲା ସିନାପାଲି ବ୍ଲକ ବରଗାଁ ଗ୍ରାମପଞ୍ଚାୟତ ସଦର ଗାଁରେ ୨୨ତମ ଗଜଲକ୍ଷ୍ମୀ ପୂଜା ପାଇଁ ସଜବାଜ ଚାଲିଛି। ଏହିକ୍ରମରେ ଧର୍ମୁ ସୁନାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଗ୍ରାମର ସମସ୍ତ ବ୍ୟକ୍ତି ଯୋଗଦେଇ ପୂଜାକୁ କିପରି ଆଡମ୍ବର ସହ ପାଳନ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା । ପୂଜାରେ ଶୃଙ୍ଖଳିତ କରିବାକୁ ଏକ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସରଜୁ ସୁନାରୀ ସଭାପତି, ଗଜାନନ ମେହେର ଉପସଭାପତି, ଆକାଶ ସୁନାରୀ ସମ୍ପାଦକ, ଅଖିଳ ସୁନାରୀ ସହ ସମ୍ପାଦକ, ବିପିନ ସୁନାରୀ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି ।

# ବ୍ଲକସ୍ତରୀୟ ଦିବ୍ୟାଙ୍ଗ କ୍ରୀଡ଼ା: କୃତୀ ପ୍ରତିଯୋଗୀ ପୁରସ୍କୃତ

**ରାଉରକେଲା ଅଫିସ,୧୦।୧୧**

ଡେଲି ମାର୍କେଟ ହାଇସ୍କୁଲ ଠାରେ ଶନିବାର ବ୍ଲକସ୍ତରୀୟ ଦିବ୍ୟାଙ୍ଗ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାକୁ ସୁନ୍ଦରଗଡ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ ଉଦଘାଟନ କରିଥିଲେ। ଏଥିରେ ବିଶ୍ରା ବ୍ଲକ ବିଆରସିସି ତଥା ଅତିରିକ୍ତ ଶିକ୍ଷାଧିକାରୀ ଶରତ ପତି, କିଶୋର ଦାସ, ପ୍ରଫୁଲ୍ଲ ଜେନା ଓ ସତ୍ୟଭାମା ବେହେରା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ସତ୍ୟାନନ୍ଦ ବେହେରା ଓ ସମ୍ମାନିତ ବକ୍ତାଭାବେ ଆର୍ତ୍ତତ୍ରାଣ ଜେନା ଯୋଗ ଦେଇଥିଲେ। ବିଶ୍ରା ହାଇସ୍କୁଲ କ୍ରୀଡା ଶିକ୍ଷକ ବିଦ୍ୟାଧର ସେଠୀ, ବାସନ୍ତୀ ଉଚ୍ଚ ବିଦ୍ୟାପୀଠ ଶିକ୍ଷକ ଦାମୋଦର ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ରା ଓ ରାଉରକେଲା ମହାନଗର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ସିଆରସିସି ଉପସ୍ଥିତ ଥିଲେ। ପ୍ରତିଯୋଗିତା ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

### ତ୍ରିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

# ମହୁଲପାଲି ଚାମ୍ପିୟନ, ବେଲକିଡିହି ରନର୍ସଅପ୍

**ଲେଫ୍ରିପଡା,୧୦।୧୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ କାଲେବାହାଲ ଜେକେଓ୍ୱାଇଏସ୍ କ୍ଲବ୍ ଆନୁକୂଲ୍ୟରେ ତିନିଦିନ ଧରି ଫୁଟବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ମହୁଲପାଲି ମହାବିଦ୍ୟାଳୟର ସୁଧୀର ପଟେଲ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡସଲାଡିହି ପଞ୍ଚାୟତର ନାଏବ ସରପଞ୍ଚ ବୈକୁଣ୍ଠ କରିଆଲି,ଗଣମାଧ୍ୟମ ପ୍ରତିନିଧି ସଚିଦାନନ୍ଦ ନାଏକ, ସଚିନ ପଟେଲ, କ୍ଷେତ୍ରମୋହନ ପଟେଲ ପ୍ରମୁଖ ଉପସ୍ଥିତ ରହିଥିଲେ। ଫାଇନାଲ ଖେଳ ମହୁଲପାଲି ଫୁଟ୍‌ବଲ ଦଳ ଏବଂ ବେଲକିଡିହି ଫୁଟ୍‌ବଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମହୁଲପାଲି ଦଳ ଚାମ୍ପିୟନ ହୋଇଥିବା ବେଳେ ବେଲକିଡିହି ଫୁଟ୍‌ବଲ ଦଳ ରନର୍ସଅପ୍ ହୋଇଥିଲେ। ଚାମ୍ପିୟନ ଦଳକୁ ୬ହଜାର ଏବଂ ରନର୍ସଅପ୍ ଦଳକୁ ୪ହଜାର ଟଙ୍କା ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟରେ ୫୪ଟି ଦଳ ଅଂଶଗ୍ରହଣ କରିଥିଲେ। ରେଫରୀ ଭାବେ ପ୍ରଶ୍ନ ମାଝି, କ୍ଷେତ୍ରମୋହନ ଦେହୁରୀ, ପ୍ରଦୀପ ନାଏକ ଖେଳ ପରିଚାଳନା କରିଥିଲେ। ଜେକେଓ୍ୱାଇଏସ୍ କ୍ଲବର ବାବୁଲୀ ବେହେରା, ହରିଦର୍ଶନ ନାଏକ,ସୁଦର୍ଶନ ଦଣ୍ଡସନା, ଜୟନ୍ତ ମାଝୀ, ରବି କିଷାନ, ସଞ୍ଜିବ ପ୍ରଧାନ, ଲକ୍ଷ୍ମଣ ବାଗ୍ ଏବଂ ରବିନ ପ୍ରଧାନ ପ୍ରମୁଖ ଆୟୋଜନ କରିଥିଲେ।



ଖେଳାଳିଙ୍କ ସହ ଅତିଥି ପରିଚିତ ହେଉଛନ୍ତି।

# ବ୍ଲକସ୍ତରୀୟ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ କ୍ରୀଡ଼ା

**ବଡ଼ଗାଁ, ୧୦।୧୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳ ପଡିଆରେ ଶନିବାର ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏକ ଦିବସୀୟ ଏହି କ୍ରୀଡା ପ୍ରତିଯୋଗିତାରେ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ସାରଙ୍ଗଧର ବରିହା, ଏବିଇଓ ବେଣୁମାଧବ ବିଶି, ବଡଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କାଥରିନା ଖାଲଖୋ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅମ୍ବିକା ନାଏକ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ଶହେ ମିଟର ବାଳକରେ ଆଶିଷ ସୁନ୍ୟାନୀ, ଅଜୟ ମିଞ୍ଜ, ଶିବ ଟପ୍ପୋ, ବାଳିକା ଶହେ ମିଟରରେ କରୁଣା କଜୁରୁ, ପ୍ରିତିରେଖା ନାଏକ, ସଫ୍ଟବଲରେ (ବାଳିକା) ପୂଜାପ୍ରଧାନ, ପ୍ରିତିରେଖା, କରୁଣା, ସଫ୍ଟ ବଲ (ବାଳକ)ରେ ଆଶିଷ, ହେରେନ ବିଲୁଙ୍ଗ, ଜିତେନ କୁଜୁର, ଜିଲାବି ଡିଆଁରେ ଆଶିଷ, ଓମକାର ସୁନ୍ୟାନୀ, ଶିବ, ଡ୍ରଇଂ ଓ ପେଣ୍ଟିଂରେ ଲକ୍ଷ୍ମୀ କିସାନ, ମୋନାଲିସା ମାଝୀ, ଛୋଟୁ ବଡାଇକ, ସଟଫୁଟ (ବାଳକ)ରେ ଛୋଟୁ, ଅଜୟ ମିଞ୍ଜ, ସୁଧାଂଶୁ ସେଠୀ, ସଟଫୁଟ (ବାଳିକା)ରେ ଲକ୍ଷ୍ମୀ, ଲୁସି ନାଏକ, ଶ୍ରବାଣୀ ନାଏକ, ଡିସକସ ଥ୍ରୋରେ ଛୋଟୁ, ଅଜୟ, ସୋନୁ, ଡିସକସ ଥ୍ରୋ (ବାଳିକା)ରେ ଲକ୍ଷ୍ମୀ, ଲୁସି, ଶ୍ରବଣୀ, ମାନସିକ ଅନଗ୍ରସରଙ୍କ ମ୍ୟୁଜିକ ଚେୟାରରେ ଶିବ, ହେରେନ, ନକୁଳ ନାଏକ, ଗୀତରେ ପ୍ରେମଶିଳା ତିର୍କି, ଦିପା କର୍ସେଲ, ମ୍ୟୁଜିକ ଚେୟାର ପ୍ରେମଶିଳା, ସସ୍ମିତା, ସଟଫୁଟରେ ପ୍ରେମଶିଳା, ଲୁସି, ସସ୍ମିତା, ସଟଫୁଟରେ ଶଙ୍କର ନାଗ, ଦେବ କିସାନ, ନକୁଳ, ବାଳିକା ସଟଫୁଟରେ ପାୟଲ ଭୋଇ, ଦୀପାଞ୍ଜଳି ଟପ୍ପୋ, ମିତା ଗରଡିଆ, ସଟଫୁଠ ବାଳକରେ ଚୁଳେଶ୍ୱର ଜଗତ, ଦେବ, ଶଙ୍କର, ବକେଟ ବଲରେ ଶଙ୍କର, ଦେବ, ଓମପ୍ରକାଶ, ବାଳିକା ବକେଟ ବଲରେ ମିତା, ପାୟଲ, ଦୀପାଞ୍ଜଳି, ୨ଶହ ମିଟର ଦୌଡରେ ଛୋଟୁ, ଅଜୟ, ସୁଧାଂଶୁ, ବାଳିକା ୨ଶହ ମିଟର ଦୌଡରେ ଲୁସି, ଲକ୍ଷ୍ମୀ, ଶ୍ରବଣୀ ଯଥାକ୍ରମେ ପ୍ରଥମରୁ ତୃତୀୟ ସ୍ଥାନ ପାଇ ପୁରସ୍କୃତ ହୋଇଥିଲେ । କାର୍ଯ୍ୟକ୍ରମରେ ହେମେନ୍ଦ୍ର ପ୍ରତାପ ପାଉଲେ ମଞ୍ଚ ପରିଚାଳନା କରିଥିଲା ବେଳେ ପିଇଟି ପ୍ରଭାତ କୁମାର ଦ୍ୱାରୀ ଖେଳ ପରିଚାଳନା କରିଥିଲେ । ବ୍ଲକ ରିସୋର୍ସ ଟିଚର ଜଗତପାଲ ସିଂ ନିନା, ସିଆରସିସି ଦିଲୀପ ପୃଷେଟ, ବାବୁଲାଲ ସାହୁ, ସତ୍ୟବ୍ରତ ନାଏକ, ମାନସରଞ୍ଜନ ପାଣ୍ଡେ, ବୀରେନ୍ଦ୍ର କରିଆଲି, ଜୟତରାମ ପ୍ରଧାନ ବିଭିନ୍ନ କାର୍ଯ୍ୟକ୍ରମ ତୁଲାଇଥିଲେ ।




ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ।



ମୋ ପ୍ରଥମ ସ୍ତ୍ରୀ ଅମ୍ରିତା ମୋତେ କାମ କରିବାର ଶୈଳୀ ଶିଖାଇଛନ୍ତି।
-ସୈଫ୍ ଅଲି ଖାନ୍, ବଲିଉଡ୍ ଅଭିନେତା

## ସଂକ୍ଷେପରେ

### ମନ୍ଦିର ତାଲା ଭାଙ୍ଗି ଚୋରି

ବରପାଲି, ୧୦।୧୧ (ଡି.ଏନ.ଏ)
ବରପାଲି ସହରର ହଟୁଆବନ୍ଧ ସ୍ଥିତ ରାମେଶ୍ୱର ମନ୍ଦିର ଭୋଗ ମଣ୍ଡପ ତାଲାଭାଙ୍ଗି ଶନିବାର ରାତିରେ ଚୋରି ହୋଇଛି। କେହି ଦୁର୍ବୃତ୍ତ ସେଠାରେ ଥିବା ଘଣ୍ଟ ଓ ବିଭିନ୍ନ ସରଞ୍ଜାମ ସହ ରୋଷେଇ ସାମଗ୍ରୀ ଚୋରି କରି ନେଇଥିବା ପୂଜକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ କିଛି ସୁରାକ ମିଳିନାହିଁ।



### ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ

ବରପାଲି, ୧୦।୧୧ (ଡି.ଏନ.ଏ)
ବରପାଲି ଗଣେଶ ନଗରରେ ରବିବାର ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଏହି ଅବସରରେ ଯଜ୍ଞକର୍ତ୍ତାଙ୍କ ସମେତ ମହିଳାମାନେ ଏକ ଶୋଭାଯାତ୍ରାରେ ବାହାରି ନିକଟସ୍ଥ କେନାଲରେ ପହଞ୍ଚିଥିଲେ। ସେଠାରୁ ଜଳପୂର୍ଣ୍ଣ କଳସ ଆଣି ମଣ୍ଡପରେ ସ୍ଥାପନ କରିବା ପରେ ଅଧିବାସ ସହ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଏଥିରେ ବନ୍ତ ସେଠ ଓ ଶିବରାତ୍ରି ସେଠ କର୍ତ୍ତା ଏବଂ ସାହେବ ଦାଶ ଓ ଗୋପାଳ ମିଶ୍ର ପୂଜକ ଦାୟିତ୍ୱ ତୁଲାଉଛନ୍ତି। ସୋମବାର ନାମଯଜ୍ଞ ସମ୍ପନ୍ନ ହେବ।

### ଛିନ୍ଦେଇକେଲାରେ ଭାଗବତ ଚର୍ଚ୍ଚା

ପାଇକମାଳ,୧୦।୧୧(ଡି.ଏନ.ଏ)
ପାଇକମାଳ ବ୍ଲକ ଛିନ୍ଦେଇକେଲା ଗ୍ରାମରେ ଲକ୍ଷ୍ମୀନାରାୟଣ ଭାଗବତ ଟୁଙ୍ଗୀ ଆନୁକୂଲ୍ୟରେ ଭାଗବତ ଚର୍ଚ୍ଚା ଅନୁଷ୍ଠିତ ହୋଇଛି। ସନ୍ଧ୍ୟା ୭ଟାରୁ ଆରମ୍ଭ ହୋଇ ୯ଟା ପର୍ଯ୍ୟନ୍ତ ଭାଗବତ ଚର୍ଚ୍ଚା ଓ ଭଜନ କୀର୍ତ୍ତନ ଅନୁଷ୍ଠିତ ହେଉଛି। ଏଥିରେ ସୁବାଷ ଚନ୍ଦ୍ର ପାଢ଼ୀ ଓ ନନ୍ଦିକିଶୋର ନନ୍ଦ ପୂଜାର୍ଚ୍ଚନା ସହ ଭାଗବତ ପଠନ କରିଛନ୍ତି। ସଭାପତି କୈଳାସ ଚନ୍ଦ୍ର ସାହୁ, ସମ୍ପାଦକ ଖାଡିଆ ସାହୁ, ସୁଧାଂଶୁ ଶେଖର ସେଠ, ନବକିଶୋର ଭୋଇ, ରଜନକାନ୍ତ ସାହୁ, କମଳନୀ ଧରୁଆ, ଚନ୍ଦ୍ରାବତୀ ଭୋଇ, ପଙ୍କଜିନୀ ଧରୁଆ ପ୍ରମୁଖ ସହଯୋଗ କରିଥିଲେ।

### ଯାଦବ ସମାଜର ବୈଠକ

ଜାମଟିକ୍ରା, ୧୦।୧୧ (ଡି.ଏନ.ଏ)
ଅତାବିରା ବ୍ଲକ ଯାଦବ ସମାଜର ଏକ ବୈଠକ ବ୍ଲକ ସଭାପତି ଅର୍ଜୁନ ଦୀପଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଛି। ବୈଠକରେ ବ୍ଲକର ୨୪ଟି ପଞ୍ଚାୟତର ଯାଦବ ଭାଇମାନେ ଯୋଗ ଦେଇଥିଲେ। ଅତାବିରାରେ ଏକ ରାଧାକୃଷ୍ଣ ମନ୍ଦିର ନିର୍ମାଣ ପାଇଁ ପାଣ୍ଠି ସଂଗ୍ରହ ଉପରେ ଆଲୋଚନା ହୋଇଥିଲା। ଆନନ୍ଦ ପୋଢ଼, ଦୁଃଖବନ୍ଧୁ ରାଉତ, ରବୀନ୍ଦ୍ର ବାଗ, ମୋହନ କଠାର, ଦଶରଥ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

### କୁଶନପୁରୀରେ ବ୍ରାହ୍ମଣ ମହାସଭା

ଭେଡ଼େନ, ୧୦।୧୧(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ବକଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ କୁଶନପୁରୀ ଶିବମନ୍ଦିର ପରିସରରେ ରବିବାର ବ୍ଲକସ୍ତରୀୟ ବ୍ରାହ୍ମଣ ମହାସଭା ଅନୁଷ୍ଠିତ ହୋଇଛି। ବ୍ରହ୍ମସମାଜ ସଭାପତି ପ୍ରୀୟବ୍ରତ କରଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ଏହି ସଭାରେ ବ୍ଲକର ସମସ୍ତ ୨୧ଟି ଗ୍ରାମପଞ୍ଚାୟତରୁ ସଦସ୍ୟମାନେ ଯୋଗ ଦେଇଥିଲେ। ଶେଷରେ ଅରବିନ୍ଦ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ସଚ୍ଚିଦାନନ୍ଦ ପଣ୍ଡା, ଅଜିତ ଦାଶ, ମାଧବ ମହାପାତ୍ରଙ୍କ ସମେତ ବକଟି ଗ୍ରାମପଞ୍ଚାୟତର ବ୍ରାହ୍ମଣ ପରିବାରର ସଦସ୍ୟମାନେ ସହଯୋଗ କରିଥିଲେ।

## ■ ଏଯାଏ ମଣ୍ଡି ଖୋଲିନି ପ୍ରଶାସନ

# ମିଲର୍ସଙ୍କୁ ମିଳିଛି ସୁଯୋଗ

ବରଗଡ଼ ଅଫିସ୍/ସରଣ୍ଡା /ଅତାବିରା, ୧୦।୧୧



ଅତାବିରା ଅଞ୍ଚଳର ଏକ ରାଇସ୍ ମିଲ ସମ୍ମୁଖରେ ଧାନ ବୋଝେଇ ଟ୍ରାକ୍ଟର।

ବରଗଡ଼ ଜିଲାରେ ଖରିଫ ଧାନ ଅମଳ ଆରମ୍ଭ ହୋଇଛି। ପ୍ରାୟ ୨ ସପ୍ତାହ ତଳୁ ଜିଲାର ଉଭୟ ଜଳସେଚିତ, ଅଣଜଳସେଚିତ ଅଞ୍ଚଳରେ ଏହି ପ୍ରକ୍ରିୟା ଜୋର୍ ଧରିଛି। ହେଲେ ଏପର୍ଯ୍ୟନ୍ତ ଧାନ ସଂଗ୍ରହ ପାଇଁ ଜିଲାରେ ମଣ୍ଡି ଖୋଲି ନାହିଁ। ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ନିଷ୍ପତ୍ତି ବଦଳାଇ ପ୍ରଶାସନ ଧାନ ସଂଗ୍ରହ ପ୍ରକ୍ରିୟାକୁ ଆସନ୍ତା ୧୫ତାରିଖକୁ ବଢ଼ାଇ ଦେଇଛି। ତେବେ ମଣ୍ଡି ଖୋଲିବାରେ ଏଭଳି ବିଳମ୍ବ ସିଧାସଳଖ ନ ହେଲେ ମଧ୍ୟ ପରୋକ୍ଷରେ ଅଭାବୀ ବିକ୍ରି ପରିସ୍ଥିତି ସୃଷ୍ଟି ପାଇଁ ମିଲର୍ସମାନଙ୍କୁ ସୁଯୋଗ ଦେଉଥିବା ଅଭିଯୋଗ ହୋଇଛି। ଏପରିକି ଜିଲାରେ ଧାନ ସଂଗ୍ରହ ଆରମ୍ଭ ନ ହେଉଣୁ ଜିଲାର କେତେକ ରାଇସ୍ ମିଲକୁ ଟ୍ରାକ୍ଟର, ଟ୍ରକ୍ ଯୋଗେ ଚାଷୀଙ୍କ ଧାନ ଯାଉଥିବା ପରିଲକ୍ଷିତ ହେଉଛି। ଏହା ଜିଲାର ଧାନ କିଣାବିକା ସ୍ୱଚ୍ଛତାକୁ ପଦାରେ ପକାଇ ଦେଇଛି।

ବରଗଡ଼ ଜିଲାରେ ଚଳିତବର୍ଷ ଖରିଫ ଧାନ ସଂଗ୍ରହ ପାଇଁ ରବିବାର (ନଭେମ୍ବର ୧୦ତାରିଖ) ମଣ୍ଡି ଖୋଲିବ ବୋଲି ଗତ ମାସ ୩୧ତାରିଖରେ ଅନୁଷ୍ଠିତ ଜିଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଧାନ ଅମଳ ଆରମ୍ଭ ହୋଇଯାଇଥିବାରୁ ସେତେବେଳେ ବୈଠକରେ ଆଗତୁରା ମଣ୍ଡି ଖୋଲିବା ପାଇଁ ଚାଷୀ ପ୍ରତିନିଧିମାନେ ଦାବି କରିଥିଲେ। ମାତ୍ର ୧୦ ତାରିଖକୁ ହିଁ ଚୂଡ଼ାନ୍ତ ନିଷ୍ପତ୍ତି ଭାବେ ଘୋଷଣା କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ବାତ୍ୟା ବୁଲ୍‌ବୁଲ୍‌କୁ ଆଳ କରି ଏହାକୁ ୫ଦିନ ଆଗକୁ ବଢ଼ାଇ ଦିଆଯାଇଥିଲା। ଏହା ଜାଣିବା ପରେ ଗତ ୮ତାରିଖରେ ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ, ଅତାବିରା ଶାଖା ନେତୃତ୍ୱରେ ଜିଲାପାଳ ଅଫିସ ଆଗରେ ୧୦ତାରିଖ ଧାନକିଣା ଆରମ୍ଭକୁ ସୁନିଶ୍ଚିତ କରିବା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

କିନ୍ତୁ ରବିବାର ସୁଦ୍ଧା ଜିଲାର ମଣ୍ଡି ଖୋଲିନାହିଁ। ଜିଲା ପ୍ରଶାସନ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ନିଷ୍ପତ୍ତିକୁ ବଦଳାଇ ଆସନ୍ତା ୧୫ତାରିଖରୁ ଜିଲାରେ ମଣ୍ଡି ଖୋଲିବା ପାଇଁ ନିଷ୍ପତ୍ତି ନେଇଛି। ଅନ୍ୟପଟେ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ମଣ୍ଡି ଖୋଲିବାରେ ଏଭଳି ବିଳମ୍ବକୁ ଏକ ସୁଯୋଗ ମନେ କରି ମଧ୍ୟସ୍ଥି ଏବଂ କିଛି ତଥାକଥିତ ମିଲର୍ସ ଅଣ୍ଡରରେଟ୍‌ରେ ଧାନ କିଣାବିକା ଆରମ୍ଭ କରି ଦେଇଥିବା ଦେଖିବାକୁ ମିଳିଛି। ହୀରାକୁଦ ଜଳସେଚିତ ଅତାବିରା, ଭେଡ଼େନ ବ୍ଲକର ବିଭିନ୍ନ ଅଞ୍ଚଳରେ ଏଥିପାଇଁ ବେପାରୀମାନେ ସକ୍ରିୟ ହୋଇ ପଡ଼ିଛନ୍ତି। ନିୟମିତ ଟ୍ରାକ୍ଟର, ଟ୍ରକ୍‌ରେ ଧାନ ବୋଝେଇ ହୋଇ ବିଭିନ୍ନ ରାଇସ୍ ମିଲକୁ ଯାଉଛି। ମଣ୍ଡି ଖୋଲିବା ପୂର୍ବରୁ ଜିଲାରେ ସମ୍ପୃକ୍ତ ମିଲର୍ସ, ବେପାରୀଙ୍କ ଏଭଳି କାର୍‌ନାମା ପ୍ରଶାସନ ପାଇଁ ଯେତିକି ଚ୍ୟାଲେଞ୍ଜ ହୋଇ ପଡ଼ିଛି, ଜିଲାର ଧାନ କିଣାବିକା ସ୍ୱଚ୍ଛତା ପ୍ରତି ସେତିକି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବରଗଡ଼ ଜିଲାରେ ଏଭଳି ଅନିୟମିତତା ନୂଆ ନୁହେଁ। ପ୍ରତିବର୍ଷ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ଏହା ଚିରାଚରିତ ଢ଼ଙ୍ଗରେ ଚାଲିଥାଏ। ପୂର୍ବରୁ ଭିଜିଲାନ୍ସ, ପ୍ରଶାସନିକ ଟିମ୍ ଯାଞ୍ଚବେଳେ ମଧ୍ୟ ଏହା ପଦାକୁ ଆସି ସାରିଛି। ଯାଞ୍ଚବେଳେ କେତେକ ରାଇସ ମିଲ୍‌ରେ ଆବଶ୍ୟକ ପରିମାଣରୁ ଅଧିକ ଧାନ ଗଚ୍ଛିତ ରହିଥିବା ତଥ୍ୟ ସାମ୍ନାକୁ ଆସିଛି। ହେଲେ ଏଥର ଏଭଳି ଅନିୟମିତତା ଉପରେ ପ୍ରଶାସନ ଏବଂ ଭିଜିଲାନ୍ସର କିଭଳି ଭୂମିକା ରହିବ, ତାହା ଆଗାମୀ ଦିନରେ ଜଣାପଡ଼ିବ। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝୀଙ୍କ ମୋବାଇଲ ନମ୍ବର ୯୪୩୮୨୦୦୦୩୩ରେ ଯୋଗାଯୋଗ କରାଯାଇଥିଲା। କିନ୍ତୁ ମୋବାଇଲ ବନ୍ଦ ଥିବାରୁ ମତାମତ ମିଳିପାରିନାହିଁ। ସେହିପରି ଭିଜିଲାନ୍ସ ଡିଏସପି ବିରେନ୍ଦ୍ର କୁମାର ନାୟକଙ୍କୁ ପଚାରିବାରୁ ଦୁର୍ନୀତି, ଅନିୟମିତତା ଉପରେ ଭିଜିଲାନ୍ସ ସବୁବେଳେ ନଜର ରଖିଛି ଏବଂ ଠିକଣା ସମୟରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଥିଲେ।

### ବରଗଡ଼ ଜିଲା

- ନିଷ୍ପତ୍ତି ବଦଳାଇ ମଣ୍ଡି ଖୋଲିବା ବିଳମ୍ବ କଲା ପ୍ରଶାସନ
- ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ନ ହେଉଣୁ ରାଇସ୍ ମିଲ୍ ଫୁଲ୍
- ଅଭାବୀ ବିକ୍ରିରେ ଚାଲିଛି ଧାନକିଣା, ମିଲ୍‌କୁ ଯାଉଛି ଧାନ
- ଜିଲା ଯୋଗାଣ, ଭିଜିଲାନ୍ସ ବିଭାଗ ସାଜିଛି ନୀରବ ଦର୍ଶକ

## ଟି.ଏନ୍. ଶେଷାନଙ୍କ ପରଲୋକ

ନୂଆଦିଲ୍ଲୀ, ୧୦।୧୧(ପି.ଟି.)



ଦେଶର ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ଆଣି ଚର୍ଚ୍ଚିତ ହୋଇଥିବା ଭାରତର ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ତିରୁନେଲାଇ ନାରାୟଣ ଆୟର ଶେଷାନ (ଟି.ଏନ୍. ଶେଷାନ)ଙ୍କ ରବିବାର ଚେନ୍ନାଇଠାରେ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୮୭ ବର୍ଷ ହୋଇଥିଲା। ୧୦ମ ମୁଖ୍ୟ ନିର୍ବାଚନ କମିଶନର ଭାବେ ସେ ୧୯୯୦ ଡିସେମ୍ବର ୧୨ରୁ ୧୯୯୬ ଡିସେମ୍ବର ୧୧ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ତାଙ୍କ ସମୟରେ ପ୍ରଥମଥର ପାଇଁ ଭୋଟର ପରିଚୟପତ୍ର କାର୍ଯ୍ୟକାରୀ ହୋଇଥିଲା। ନିର୍ବାଚନ ଆଚରଣ ବିଧିକୁ କଡ଼ାକଡ଼ି ଲାଗୁ କରି ସେ ବେଶ୍ ଲୋକପ୍ରିୟତା ହାସଲ କରିଥିଲେ। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିବା ରାଜନେତାମାନଙ୍କ ପ୍ରବୃତ୍ତିରେ ପରିଣତ ହୋଇଥିଲା। ହେଲେ ଶେଷାନଙ୍କ କଠୋର କାର୍ଯ୍ୟାନୁଷ୍ଠାନ ରାଜନେତାଙ୍କୁ ଆଇନ ମାନିବାକୁ ବାଧ୍ୟ କରିଥିଲା। ଜଣେ ରାଜ୍ୟପାଳ ତାଙ୍କ ପୁଅ ପାଇଁ ପ୍ରଚାର କରିବାରୁ ମଧ୍ୟପ୍ରଦେଶର ଏକ ଆସନରେ ନିର୍ବାଚନକୁ ସ୍ଥଗିତ କରିଥିଲେ ଶେଷାନ। ଫଳରେ ଉକ୍ତ ରାଜ୍ୟପାଳ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିଲେ। ୧୯୫୫ ବ୍ୟାଚ୍‌ର ତାମିଲନାଡୁ କ୍ୟାଡର ଆଇଏଏସ୍ ଅଫିସର ଶେଷାନ ନିର୍ବାଚନ କମିଶନ ହେବା ପୂର୍ବରୁ କ୍ୟାବିନେଟ ସଚିବ ଭାବେ କାର୍ଯ୍ୟ କରିଥିଲେ। ୧୯୯୬ରେ ତାଙ୍କୁ ରମନ ମାଗାସେସେ ପୁରସ୍କାର ମିଳିଥିଲା।

କେରଳର ପାଲାକ୍କଡ ଜିଲା ତିରୁନେଲାଇରେ ୧୯୩୨ରେ ଜନ୍ମିତ ଶେଷାନ ପଦାର୍ଥ ବିଜ୍ଞାନରେ ସ୍ନାତକ କରିବା ପରେ ମାଡ୍ରାସ ଖ୍ରୀଷ୍ଟିଆନ୍ କଲେଜରେ ଡେମୋନ୍‌ଷ୍ଟ୍ରେଟର ଭାବେ ୩ ବର୍ଷ କାମ କରିଥିଲେ। ଏହି ସମୟରେ ସେ ଆଇଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏଡ଼ୱାର୍ଡ ଏସ୍. ମାସନ ଛାତ୍ରବୃତ୍ତିରେ ସେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ପଢ଼ି ସାଧାରଣ ପ୍ରଶାସନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ।

## ରାସଯାତ୍ରା ପାଇଁ ଜାରିଂ ଉତ୍ସବମୁଖର

ବିଜେପୁର, ୧୦।୧୧ (ଡି.ଏନ.ଏ)
ବିଜେପୁର ବ୍ଲକ ଜାରିଂ ଗ୍ରାମ ରାସଯାତ୍ରା ମହୋତ୍ସବ ପାଇଁ ଉତ୍ସବ ମୁଖରିତ ହୋଇଛି। ସୁଦୃଶ୍ୟ ତୋରଣ ଓ ଆଲୋକମାଳାରେ ଗ୍ରାମ ଝଲସି ଉଠୁଛି। ଗ୍ରାମର ଜଗନ୍ନାଥ ମନ୍ଦିର ଓ ରାଞ୍ଜି ନଦୀ କୂଳର ବିରାଟ ମଠରେ ପୂଜାର୍ଚ୍ଚନା ହେଉଛି। ଜଗନ୍ନାଥ ମନ୍ଦିର ନିକଟସ୍ଥ ମଣ୍ଡପରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ରୀତିନୀତି ସହକାରେ ପୂଜାର୍ଚ୍ଚନା କରାଯାଉଛି। ସନତ କୁମାର ଗଡତିୟା କର୍ତ୍ତା, ଅଚ୍ୟୁତାନନ୍ଦ ପୂଜାରୀ, ସନାନନ୍ଦ ପୂଜାରୀ ପୁରୋହିତ ଦାୟିତ୍ୱ ନିର୍ବାହ କରିଥିଲେ। ରାତିରେ ଲୋକ ଲୋକଗୀତ ସମ୍ପ୍ରଦା ପରିବେଷିତ ହେଉଛି। ମଙ୍ଗଳବାର ଓ ବୁଧବାର ରାଞ୍ଜି ନଦୀ କୂଳରେ ବାଲିଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ। ମୀନାବଜାର, ଉଠାଦୋକାନ ସହ ଲୋକନୃତ୍ୟ, ଲୋକଗୀତ ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଥିବା ମହୋତ୍ସବ ପରିଚାଳନା କମିଟି ସୂତ୍ରରୁ ପ୍ରକାଶ।

## କଳାକାରଙ୍କୁ ସମ୍ବର୍ଦ୍ଧନା



କଳାକାର କ୍ଷିତିଭୂଷଣ ପଧାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଗାଇସିଲେଟ,୧୦।୧୧(ଡି.ଏନ.ଏ)
ଗାଇସିଲେଟ ବ୍ଲକ ବୁରୋମୁଣ୍ଡା ପଞ୍ଚାୟତ ପରିସରରେ କଳାକାର କ୍ଷିତିଭୂଷଣ ପଧାନଙ୍କୁ ରବିବାର ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବ୍ଲକ ଉପାଧ୍ୟକ୍ଷ ପ୍ରଣୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜେପୁର ବିଧାୟିକା ରୀତା ସାହୁ ମୁଖ୍ୟଅତିଥି, ପ୍ରମୋଦ ଦେବତା, ରବି ଠାକୁର, ମନୋଜ ପଣ୍ଡା ସୁରେଶ୍ୱର ଭୋଇ ପ୍ରମୁଖ ମଞ୍ଚାସୀନ ରହି କଳାକାର ପଧାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶରତ କୁମାର ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଗତ ଅକ୍ଟୋବର ୨୦ତାରିଖରେ ଦିଲ୍ଲୀ ଦରବାରରେ ଭାରତବର୍ଷର ୫୨ ଜଣ କଳାକାର ବୈଷ୍ଣବ ଜନ ତୋ ମ୍ୟୁଜିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ଓଡିଶାର ଜଣେ ମାତ୍ର ମାଦଳ ବାଦକ ଭାବେ କ୍ଷିତିଭୂଷଣ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଜମଲା ଡିଗ୍ରୀ କଲେଜରେ ସାମୂହିକ ସମ୍ମାନ

ପଦ୍ମପୁର, ୧୦।୧୧ (ଡି.ଏନ.ଏ)
ବରଗଡ଼ ଜିଲା ପଦ୍ମପୁର ଜମଲା ଡିଗ୍ରୀ କଲେଜର ଇଂଲିଶ, ଓଡିଆ, ଇତିହାସ, ରାଜନୀତି ବିଜ୍ଞାନ ଓ ଶିକ୍ଷା ସମ୍ମାନ ବିଭାଗର ସମ୍ମାନ ଶନିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ମାନଭଞ୍ଜନ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ଅଧ୍ୟାପିକା ମିନତି ଦେବତା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ଡ. ସ୍ୱାଧୀନ ଚନ୍ଦ୍ର ପଧାନ ଅତିଥି ପରିଚୟ ଓ ଅଧ୍ୟାପକ ଆଶିଷ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଭାଗୀୟ ସମ୍ମାନଗୁଡିକ ଭିନ୍ନ କୋଠରୀରେ ଅନୁଷ୍ଠିତ ହୋଇଥିଲା। ଶୁକେଶ୍ୱର ବାରିକ, ପ୍ରତାପ ବଡ଼େଇ, ସତ୍ୟମ ବିଶ୍ୱାଳ, ଥବୀର ବାରିକ, ନିରଞ୍ଜନ ପାଣ୍ଡେ, ରାଜେଶ ସ୍ୱାଇଁ, ନାରାୟଣ ବେହେରା, ପ୍ରଶାନ୍ତ ପଧାନ, ଲାଇବ୍ରେରୀଆନ ସୁମନ୍ତ ବାଜପେୟୀ ସହଯୋଗ କରିଥିଲେ।

## ଡୁମାଲ ପରିଷଦର ଜିଲାସ୍ତରୀୟ ସାଙ୍ଗଠନିକ ସଭା

ଭେଡ଼େନ, ୧୦।୧୧(ଡ଼ି.ଏନ.ଏ)





ବରଗାଁ ଠାରେ ଡୁମାଲ ସାଙ୍ଗଠନିକ ସଭାରେ ଅତିଥିଗଣ।

ଭେଡ଼େନ ବ୍ଲକ ଅଏଁଲାପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ବରଗାଁର ମାଁ ମାହେଶ୍ୱରୀ ମନ୍ଦିର ପରିସରରେ ରବିବାର ବରଗଡ଼ ଜିଲାସ୍ତରୀୟ ଡୁମାଲ ପରିଷଦର ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ମାଁ ମାହେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ସମସ୍ତ ଅତିଥି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ହରିଶଙ୍କର ବେହେରାଙ୍କ ପରିଚାଳନାରେ ହୋଇଥିବା ସଭାରେ ରାଜ୍ୟ ପରିଷଦର ପୂର୍ବତନ ସଭାପତି ତଥା ଉପଦେଷ୍ଟା ଦେବାର୍ଚ୍ଚନ ଚାଉଲିଆ ମୁଖ୍ୟଅତିଥି, ରାଜ୍ୟ ଉପସଭାପତି କୃତିବାସ ପଲିଆ ମୁଖ୍ୟବକ୍ତା, ସୋନପୁର ଜିଲା ଉପସଭାପତି କିଶୋର କର୍ମି, କୋଷାଧ୍ୟକ୍ଷ ଲକ୍ଷ୍ମଣ ବସ୍ତିଆ, ରାଜ୍ୟ କୋଷାଧ୍ୟକ୍ଷ ଜିତେନ ବେହେରା, ବରଗାଁ କେନ୍ଦ୍ର ସଭାପତି ବିଜୟ ମହାକୁର, ସମ୍ପାଦକ ରଘୁନାଥ ଦେହେରୀ, ବରିଷ୍ଠ ସଙ୍ଗଠକ ଦିଲୀପ ଦେହେରୀ, ଫକୀର କର୍ଣ୍ଣ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସାଙ୍ଗଠନିକ ସମସ୍ୟା ତଥା ନିରାକରଣ ଶୀର୍ଷକ ଆଲୋଚନାରେ ପବିତ୍ର ପଧାନ, ଫକୀର କର୍ଣ୍ଣ, ଧନଞ୍ଜୟ ମହାକୁର, ସୁରେନ୍ଦ୍ର କର୍ମି, କୃଷ୍ଣଚନ୍ଦ୍ର ମେଣ୍ଡଲୀ, ମଦନ ସୁନ୍ଦର ଖେତି, ସମ୍ବିତ ମହାକୁର, ଲକ୍ଷ୍ମଣ ଛନ୍ଦ, ହିରା ମହାକୁର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ସଭାରେ ଡୁମାଲ ଜାତିର କୀର୍ତ୍ତନ ଗାୟକ ଦୁର୍ଯ୍ୟୋଧନ ଛନ୍ଦ, ବେଜି ସେବକ ଠାକୁର ଦନ୍ତା, ହାଡୁ ଦନ୍ତା, ବରିଷ୍ଠ ନାଗରିକ ନୃପରାଜ ମେଲ୍ଲୀ, ଗାୟକ କୃଷ୍ଣଚନ୍ଦ୍ର ମେଲ୍ଲୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ରାଜ୍ୟସ୍ତରୀୟ ମୁଖପତ୍ର 'ଆମେ ଡୁମାଲ' ପ୍ରକାଶନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଜିଲା ସଙ୍ଗଠନ ପାଇଁ ସଦସ୍ୟ ମନୋନାୟନ କରାଯିବା ସହ ବରଗାଁ କେନ୍ଦ୍ର ପାଇଁ ସଙ୍ଗଠନର ନୂତନ କର୍ମକର୍ତ୍ତା ମନୋନାୟନ କରି ତାଙ୍କୁ ଶପଥ ପାଠ କରାଯାଇଥିଲା। ପ୍ରେମାନନ୍ଦ ଦନ୍ତା ଉଦ୍ଦେଶ୍ୟ ଜ୍ଞାପନ, ଚୈତନ୍ୟ କର୍ମି ଅତିଥି ପରିଚୟ ପ୍ରଦାନ ଏବଂ ହିରା ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ। ସୁରେନ୍ଦ୍ର କର୍ମି, ପ୍ରମୋଦ କର୍ମିଙ୍କ ସମେତ ବରଗାଁ କେନ୍ଦ୍ର ତଥା ଭେଡ଼େନ ବ୍ଲକର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ପଲସଦାରେ କୃଷକ ସଙ୍ଗଠନ ବୈଠକ

ପାଇକମାଳ,୧୦।୧୧(ଡି.ଏନ.ଏ)
ପାଇକମାଳ ବ୍ଲକର ଚାଷୀମାନଙ୍କୁ ନେଇ ରବିବାର ପଲସଦା ସ୍ଥିତ ପ୍ରାଥମିକ କୃଷି ସେବା ସମବାୟ ସମିତି ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ଆଲୋଚନା କରାଯାଇ ଟୋକନ ବ୍ୟବସ୍ଥାକୁ ବିରୋଧ କରାଯାଇଥିଲା। ଏହା ବନ୍ଦ ନ ହେଲେ ଆନ୍ଦୋଳନ କରାଯିବ ବୋଲି ସ୍ଥିର ହୋଇଛି। ସେହିପରି ମଣ୍ଡିଗୁଡିକରେ କ୍ରମ ଅନୁସାରେ ଧାନ କିଣିବା ପାଇଁ ବାଧ୍ୟତାମୂଳକ କରିବାକୁ ଦାବି ହୋଇଥିଲା। ଏହି ସଭାରେ ବିଶ୍ୱନାଥ ରଣା, ପିତାମ୍ବର ସାହୁ, ଉମାକାନ୍ତ ଶତପଥୀ, ଦିଲୀପ ପ୍ରଧାନ, ସଫେତ ବାରିକ, ଝସକେତନ ବରିହା, ରାଜବୋଡାସମ୍ବର କୃଷକ ସଙ୍ଗଠନର ଆଲୋକ ସାହୁ, କୈଳାସ ସାହୁ ପ୍ରମୁଖ ଚାଷୀମାନେ ଉପସ୍ଥିତ ଥିଲେ। ଗତ ୨୦୧୭ ମସିହାର ବକେୟା ରହିଥିବା ବୀମା ଟଙ୍କା ପାଇଁ ସରକାରଙ୍କ ହସ୍ତକ୍ଷେପ ଲୋଡିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା।



ବରଗଡ଼ ଜିଲା ଅତାବିରା ବ୍ଲକ ପାଲିବୁଗବୁଗା ବାଲିଯାତ୍ରା ଅବସରରେ ଗାନ୍ଧିଜୀ ଖେଳ ପଡିଆରେ ମେଣ୍ଢା ଲଢ଼େଇ ଚାଲିଛି।

## ଅତାବିରାରୁ ଗଡିଲା ଚାଷୀ ସଚେତନତା ରଥ

ଅତାବିରା, ୧୦।୧୧ (ଡି.ଏନ.ଏ)
ବରଗଡ ଜିଲା ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆରଏମସି) ଅଧିନ ମଣ୍ଡି ଏବଂ ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଗୁଡିକରେ ଚଳିତ ଖରିଫ ଋତୁ ଧାନ ସଂଗ୍ରହ ଆସନ୍ତା ୧୫ ତାରିଖରୁ ଆରମ୍ଭ କରାଯିବ। ଏହି ପରିପ୍ରେକ୍ଷୀରେ ରବିବାର ଅତାବିରା ଆରଏମସି ଅଫିସରୁ ଏକ ଚାଷୀ ସଚେତନତା ରଥକୁ ସମ୍ପାଦକ ବିଶ୍ୱଜିତ ବାରିକ ଉଦଘାଟନ କରିଛନ୍ତି। ଏହି ରଥ ଆରଏମସି ଅଧୀନ ପ୍ରତ୍ୟେକ ଅଞ୍ଚଳକୁ ଯାଇ ଚାଷୀମାନଙ୍କୁ ସଚେତନ କରିବ। ଚାଷୀମାନେ ଧାନ କ୍ରୟକାରୀ ସଂସ୍ଥାରୁ ଟୋକନ ବାର୍ତ୍ତା ପାଇବା ପରେ ଧାନ ଆଣି ବିକ୍ରି କରିବେ। ବିନା ଟୋକନରେ ବଜାର ପ୍ରାଙ୍ଗଣକୁ ଧାନ ନ ଆଣିବା ପାଇଁ ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି। ଜଣେ ଚାଷୀ ଗୋଟିଏ ଦିନରେ ସର୍ବାଧିକ ୧୦୦ ବସ୍ତା (ବସ୍ତା ପ୍ରତି ୭୫ କେଜି) ପର୍ଯ୍ୟନ୍ତ ଧାନ ବିକ୍ରି କରିପାରିବେ। ଚାଷୀଙ୍କୁ ଧାନର ମୂଲ୍ୟ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ୪୮ ଘଣ୍ଟା ମଧ୍ୟରେ ପ୍ରଦାନ କରାଯିବ। ଯଦି କୌଣସି ବ୍ୟକ୍ତି, ଅନୁଷ୍ଠାନ ଚାଷୀଙ୍କଠାରୁ ସର୍ବନିମ୍ନ ସହାୟକ ମୂଲ୍ୟରୁ କମ୍ ଦରରେ ଧାନ କ୍ରୟ କରୁଛନ୍ତି ତେବେ ସ୍ଥାନୀୟ ବିଡିଓ, ତହସିଲଦାର, ଯୋଗାଣ ନିରୀକ୍ଷକଙ୍କୁ ସୂଚନା ଦେବା ସହିତ ଜିଲା ଯୋଗାଣ ଅଧିକାରୀ, ଉପଜିଲାପାଳ, ଅତିରିକ୍ତ ଜିଲାପାଳ, ଜିଲାପାଳଙ୍କୁ ଜଣାଇବା ପାଇଁ ଚାଷୀମାନଙ୍କୁ କୁହାଯାଇଛି।



ଅତାବିରା ଆରଏମସି ପ୍ରାଙ୍ଗଣରେ ଚାଷୀ ସଚେତନତା ରଥକୁ ଉଦ୍‌ଘାଟନ କରାଯାଉଛି।

- ଦିନକୁ ଜଣେ ଚାଷୀ ଶହେ ବସ୍ତା ଧାନ ବିକିବେ
- ଟୋକନ ପାଇ ନ ଥିବା ଚାଷୀ ମଣ୍ଡିକୁ ଧାନ ଆଣିପାରିବେ ନାହିଁ